

ଜାନୁଆରୀରେ
'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍
▶ପୃଷ୍ଠା 9 ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in


ସକାଳ
THE SAKALA
PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

•VOLUME- 43 •ISSUE-184 •TUESDAY •30 DECEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୮୪ •ମଙ୍ଗଳବାର •୩୦ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଆରାବଳୀକୁ ସାମୟିକ ଆଶ୍ୱସ୍ତି

## ଜାନୁଆରୀ ୨୧ ପର୍ଯ୍ୟନ୍ତ ଖଣି ଖନନ ବନ୍ଦ

### ନିଜ ଆଦେଶ ଉପରେ ରୋକ ଲଗାଇଲେ ସୁପ୍ରିମ୍‌କୋର୍ଟ



■ ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ଆରାବଳୀ ପର୍ବତମାଳାର ସୁରକ୍ଷାକୁ ନେଇ ସାରା ଦେଶରେ ଉଦ୍‌ବେଗ ପ୍ରକାଶ ପାଇଛି। ଜନତାଙ୍କଠାରୁ ନେଇ ପରିବେଶକର୍ମୀ ପର୍ଯ୍ୟନ୍ତ ସମସ୍ତେ ସୁପ୍ରିମକୋର୍ଟ ଦେଇଥିବା 'ଶହେ ମିଟର' ରାୟକୁ ବିରୋଧ କରୁଛନ୍ତି। ଏପରି ସମୟରେ ନଭେମ୍ବର ୨୦ରେ ଦେଇଥିବା ନିଜର ପୂର୍ବ ରାୟ ଉପରେ ସୁପ୍ରିମକୋର୍ଟ ଆଜି ରୋକ୍ ଲଗାଇ ଦେଇଛନ୍ତି। ଆସନ୍ତାବର୍ଷ ଜାନୁଆରୀ ୨୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେ ପର୍ଯ୍ୟନ୍ତ ଆରାବଳୀରେ ସମସ୍ତ ଖଣି ଖନନକୁ ବନ୍ଦ କରି ଦେଇଛନ୍ତି। ଏହି ମାମଲାର ତଦନ୍ତ ପାଇଁ ଏକ ବିଶେଷଜ୍ଞ

**ରାଜସ୍ଥାନ ସମେତ ୪ ରାଜ୍ୟକୁ ଜବାବ ତଲବ**

କମିଟି ଗଠନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ଏବେକାର ବିଶେଷଜ୍ଞ କମିଟିର ରିପୋର୍ଟକୁ ବିଶ୍ଳେଷଣ କରିବ। ପରେ ଏହି ଘଟଣା ସହିତ ସମ୍ପୃକ୍ତ ପ୍ରସଙ୍ଗ ଉପରେ କୋର୍ଟଙ୍କୁ ପରାମର୍ଶ ଦେବ। ଏହି ମାମଲାରେ ସୁପ୍ରିମକୋର୍ଟ ଆରବଳୀ ପର୍ବତମାଳା ପରିବ୍ୟାପ୍ତ ହୋଇଥିବା ୪ଟି ରାଜ୍ୟ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଓ ରାଜସ୍ଥାନ ସମେତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଜବାବ ଦାଖଲ କରିବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜେକେ ମାହେଶ୍ୱରୀ ଓ ବିଚାରପତି ଏଜି ମସିହଙ୍କ ଅବକାଶକାଳୀନ ▶ପୃଷ୍ଠା-୭

# ଚାଷୀ-ସରକାର ମୁହାଁମୁହିଁ

## 'ମିଥ୍ୟା ସତ୍ୟପାଠ' ଦେଇଥିବା ଚାଷୀଙ୍କ ନାମରେ ପଞ୍ଚାୟତ କାନ୍ଥରେ ଝୁଲିବ ନୋଟିସ୍

■ ଭୁବନେଶ୍ୱର, ୨୯।୧୨ (ସମିସ): ମଣ୍ଡି ଅବ୍ୟବସ୍ଥା, ଧାନ କିଣାରେ ବିଚ୍ୟୁତିକୁ ନେଇ ଚାଷୀ ସରକାରଙ୍କ ଉପରେ ଖଡ୍‌ଗହସ୍ତ। ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତା ଅବରୋଧ କରିବା ସହ ଆନ୍ଦୋଳନ ଚଳାଇଛନ୍ତି । ଏହି ସମୟରେ ଚାଷୀଙ୍କୁ ଦମନ କରିବାକୁ ସରକାର ଆରମ୍ଭ କରିଛନ୍ତି ପାଲଟା ଯୋଜନା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧାନ କିଣାରେ ଅବ୍ୟବସ୍ଥା ଯୋଗୁଁ ସରକାରଙ୍କ ଅଡୁଆ ବଢ଼ାଇଥିବା ଚାଷୀଙ୍କ ଏହି ଆକ୍ରମଣାତ୍ମକ ପନ୍ଥାକୁ ପ୍ରତିହତ କରିବା ପାଇଁ ସରକାର ଛାଡ଼ିଛନ୍ତି 'ନୋଟିସ' ଅସ୍ତ୍ର। ଧାନ ବିକ୍ରି ନିମନ୍ତେ ଚାଷୀମାନେ ଯେଉଁ ଚାଷ ଜମିକୁ ପଞ୍ଜୀକରଣ କରିଛନ୍ତି, ତାହାକୁ ଜାଲ ବା ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ସରକାର ଚାଷୀଙ୍କ ଉପରେ ଦାଉ ସାଧିବାକୁ ଯୋଜନା କରିଛନ୍ତି। ରାଜ୍ୟ ସାଧାରଣ ବଣ୍ଟନ ନିଗମ ପକ୍ଷରୁ ସମବାୟ ସଂସ୍ଥାର ରେଜିଷ୍ଟ୍ରାର୍‌ଙ୍କୁ ଏ ସମ୍ପର୍କରେ ଚିଠି ଲେଖାଯାଇଛି। ମୁଖ୍ୟତଃ ଅଣଚାଷ ଜମିକୁ

**ଅଣଚାଷ ଜମି ପଞ୍ଜିକୃତ କରିବା ଚାଷୀଙ୍କ ଅପରାଧ: ମନ୍ତ୍ରୀ**

**ଚାଷୀଙ୍କୁ ଦମନ ପାଇଁ ସରକାରଙ୍କ ବାହାନା: ବିରୋଧୀ**




ଯେଉଁ ଚାଷୀମାନେ ଚାଷ ଜମି ଭାବେ ଦର୍ଶାଇଛନ୍ତି, ସେମାନଙ୍କୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଧାନ କିଣା ପ୍ରକ୍ରିୟାରେ ମିଥ୍ୟା ତଥ୍ୟ ଦେଇଥିବା ଚାଷୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ସେମାନଙ୍କ ନାମ ଗ୍ରାମପଞ୍ଚାୟତ ଓ ପ୍ୟାକ୍ସର ନୋଟିସ୍ ବୋର୍ଡରେ ଉପଲବ୍ଧ ହେବ। ଏହାସହିତ ଜିଲ୍ଲାସ୍ତରରେ ୱେବ୍‌ସାଇଟ୍‌ରେ ମଧ୍ୟ ସେମାନଙ୍କ ନାମ ଉଲ୍ଲେଖ ରହିବ। ଯୋଗାଣ ବିଭାଗ ପକ୍ଷରୁ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଏହି ନୋଟିସ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ତଃମନ୍ତ୍ରୀ ସ୍ତରୀୟ ବୈଠକରେ ଅନୁମୋଦନ କ୍ରମେ ଏହି ନିଷ୍ପତ୍ତି ହୋଇଛି ବୋଲି ସରକାର କହିଛନ୍ତି।

ସରକାରୀ ସୂଚନା ଅନୁସାରେ ଧାନ ବିକ୍ରି ପାଇଁ ଅନେକ ଚାଷୀ ଭୁଲ୍ ତଥ୍ୟ ଦେଇଛନ୍ତି। ସାଟେଲାଇଟ୍ ସର୍ଭେ ମାଧ୍ୟମରେ ସରକାର ଏହି ଭୁଲକୁ ଧରିଛନ୍ତି। ଏବେ ଏହାକୁ ଆଧାର କରି ଚାଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ଅଣ୍ଟା ଭିଡ଼ିଛି। ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ମୁଖ୍ୟତଃ ଚାଷୀଙ୍କୁ ଅକଳରେ ପକାଇବାକୁ ଏହା ଏକ ଯୋଜନା ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଖରିଫ ଧାନ ▶ପୃଷ୍ଠା-୭

# ଦେଶରୁ ହଟିବେ ଅନୁପ୍ରବେଶକାରୀ

■ ଗୌହାଟୀ, ୨୯।୧୨ (ଏଜେନ୍ସି): ଅନୁପ୍ରବେଶକାରୀଙ୍କୁ ସାରା ଦେଶରୁ ହଟାଯିବ ବୋଲି ଘୋଷଣା କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା। ସେ ଆସାମ ସରକାରଙ୍କୁ ପ୍ରଶଂସା କରି କହିଛନ୍ତି ଯେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ



କବ୍‌ଜାରେ ଥିବା ଲକ୍ଷେ ବିଘା ଜମିକୁ ହିମନ୍ତ ବିଶ୍ୱଶର୍ମା ମୁକ୍ତ କରିଛନ୍ତି। ଏହିଭଳି ସାରା ଦେଶରୁ ଅନୁପ୍ରବେଶକାରୀଙ୍କୁ ତଡ଼ିବୁ। ଶ୍ରୀମନ୍ତ ଶଙ୍କରଦେବ ଜୀଙ୍କ ସ୍ମୃତି ସ୍ଥଳକୁ ବାଂଲାଦେଶ ଅନୁପ୍ରବେଶକାରୀ କବ୍‌ଜା କରିବା ଉଚିତ ନ ଥିଲା। ଆଜି ଏହି ସ୍ଥାନରୁ ଅନୁପ୍ରବେଶକାରୀଙ୍କୁ ହଟାଇ ପୁନଃ ନାମଘର ପ୍ରତିଷ୍ଠା ▶ପୃଷ୍ଠା-୭

# ପୁଟିନଙ୍କ ଘରକୁ ଡ୍ରୋନ୍ ମାଡ଼

◆ ୟୁକ୍ରେନର ୯୧ ଡ୍ରୋନ୍‌କୁ ଆକାଶ ମାର୍ଗରେ ଖସାଇଛୁ: ରୁଷ

◆ ଆମକୁ ଆକ୍ରମଣ ପାଇଁ ରୁଷ ମିଛ କାହାଣୀ ଗଢ଼ିଛି: ଜେଲେଁସ୍କି

■ ମସ୍କୋ/କିଭ, ୨୯।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନୋଭଗାରୋଡସ୍ଥିତ ସରକାରୀ ବାସଭବନ ଉପରେ ୟୁକ୍ରେନ୍ ରବିବାର ବିଳମ୍ବିତ ରାତିରେ ୯୧ ଡ୍ରୋନ ଆକ୍ରମଣ କରିଛି। ଏହି ଡ୍ରୋନ ମାଡ଼ ସମୟରେ ରାଷ୍ଟ୍ରପତି ପୁଟିନ ବାସଭବନରେ ଥିଲେ କି ନାହିଁ ତାହା ଜଣାପଡ଼ି ନାହିଁ। ତେବେ ରୁଷ ପ୍ରତିରକ୍ଷା ବ୍ୟବସ୍ଥା ଏହି ସବୁ ଡ୍ରୋନକୁ ଆକାଶ ମାର୍ଗରେ ଖସାଇ ଦେଇଛି। ରୁଷ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏହି ଆକ୍ରମଣ ସମ୍ପର୍କରେ ଦାବି କରିବା ସହ ଏହାର ଦୃଢ଼ ଜବାବ ଦିଆଯିବ ବୋଲି କହିଛନ୍ତି। ରୁଷ ବିଦେଶ ମନ୍ତ୍ରୀ ଏହି ଆକ୍ରମଣକୁ ଆତଙ୍କବାଦ ଘଟଣା ଦର୍ଶାଇ କହିଛନ୍ତି ଯେ ୟୁକ୍ରେନ ଉପରେ ପ୍ରତିଆକ୍ରମଣ ପାଇଁ ସମୟ ଏବଂ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ସାରିଛି। ଏହା ମଧ୍ୟରେ ଆମେରିକା ରାଷ୍ଟ୍ରପତିଙ୍କୁ ଫୋନ କରି ପୁଟିନ ଏହି ସୂଚନା ଦେଇଛନ୍ତି। ଏହା ଶୁଣି ଟ୍ରମ୍ପ ସ୍ତବ୍ଧ ହୋଇ ଯାଇଥିଲେ ବୋଲି ରୁଷ ବିଦେଶ ନୀତି ପରାମର୍ଶଦାତା ୟୁରି ଉସାକୋଭ କହିଛନ୍ତି।

ଅନ୍ୟପକ୍ଷରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କି ଏହି ଅଭିଯୋଗକୁ ମିଥ୍ୟା ଏବଂ ମନଗଢ଼ା କହି ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ୟୁକ୍ରେନ ଉପରେ ଆକ୍ରମଣ ପାଇଁ ରୁଷ ବାହାନା ଖୋଜୁଛି। ଏଠାକାର ସରକାରୀ କୋଠାରେ ଆକ୍ରମଣ କରି ତାହାକୁ ଉଚିତ ଦର୍ଶାଇବା ପାଇଁ କାହାଣୀ ଗଢୁଛି। ଯୁଦ୍ଧ ବନ୍ଦ କରିବା ପାଇଁ ଜରୁରୀ ପଦକ୍ଷେପ ନେବାକୁ ▶ପୃଷ୍ଠା-୭






## ଉନ୍ନାଓ ଗଣଦୁଷ୍କର୍ମ ମାମଲା

# କୁଲଦୀପଙ୍କୁ 'ସୁପ୍ରିମ୍' ସକ୍

■ ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ୨୦୧୭ ଉନ୍ନାଓ ଗଣଦୁଷ୍କର୍ମ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ମାମଲାରେ ପୂର୍ବତନ ବିଜେପି ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଜାମିନ ଉପରେ ସୁପ୍ରିମକୋର୍ଟ ଆଜି ରୋକ୍ ଲଗାଇ ଦେଇଛନ୍ତି। ଏହା ଏକ ଗୁରୁତର ମାମଲା ଏବଂ ଏହା ଉପରେ ଆଇନର ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ସେହିଦୃଷ୍ଟିରୁ କୁଲଦୀପଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇପାରିବ ନାହିଁ ବାଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୪ ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ। ସେଙ୍ଗରଙ୍କୁ ଡିସେମ୍ବର ୨୩ରେ ଦିଲ୍ଲୀ ହାଇକୋର୍ଟ ଜାମିନ ▶ପୃଷ୍ଠା-୭

**ହାଇକୋର୍ଟଙ୍କ ଜାମିନ ଆଦେଶରେ ରୋକ୍**

**ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏହା ଉପରେ ତର୍ଜମା କରାଯିବ**

**ପୋକ୍‌ସୋ ନିୟମ ପରିସରରୁ ନିର୍ବାଚିତ ପ୍ରତିନିଧି ବାଦ୍ କାହିଁକି ?**



## ଏସ୍‌ଆଇ ଚାକିରି ବିକ୍ରି

# ସିବିଆଇର ପ୍ରଥମ ଚାର୍ଜସିଟ୍‌ରେ ୧୬ ଅଭିଯୁକ୍ତ

■ ଭୁବନେଶ୍ୱର, ୨୯।୧୨ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି ସିବିଆଇ। ଚାର୍ଜସିଟ୍‌ରେ ମୋଟ୍ ୧୬ଜଣଙ୍କ ନାମ ରହିଛି। ଏହି ୧୬ଜଣଙ୍କ ମଧ୍ୟରେ ୯ଜଣଙ୍କୁ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା ବେଳେ ଅବଶିଷ୍ଟ ୭ଜଣଙ୍କୁ ସିବିଆଇ ଗିରଫ କରିଛି। ଚାର୍ଜସିଟ୍‌ରେ ଉଲ୍ଲେଖଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ସିଲିକନ୍ ସିଇଓ ସୁରେଶ ନାୟକ, ଦଲାଲ ନେଟ୍‌ୱାର୍କର ମୁଖ୍ୟ ତଥା ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି, ଅରବିନ୍ଦ ▶ପୃଷ୍ଠା-୭

**ଶଙ୍କର, ମୁନ୍ନା, ସୁରେଶ ଓ ଅରବିନ୍ଦ ମୁଖ୍ୟ କାର୍ପଟଦାର**

## ସବୁ ସରକାରୀ କର୍ମଚାରୀଙ୍କୁ ସାଧାରଣ ପ୍ରଶାସନର ଚିଠି

# ଜାନୁଆରୀ ୩୧ ସୁଦ୍ଧା ସମ୍ପତ୍ତି ତାଲିକା

■ ଭୁବନେଶ୍ୱର, ୨୯।୧୨ (ସମିସ): ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ନିଜ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି ସାଧାରଣ ପ୍ରଶାସନ ବିଭାଗ। ଆସନ୍ତା ଜାନୁଆରୀ ୩୧ ତାରିଖ ମଧ୍ୟରେ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ତାଲିକା ଦାଖଲ କରିବାକୁ କୁହାଯାଇଛି। ବିଭାଗ ପକ୍ଷରୁ ସବୁ ବିଭାଗର ବିଭାଗୀୟ ମୁଖ୍ୟ, ସମସ୍ତ ଆରଡିସି, ଜିଲ୍ଲାପାଳଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଚିଠିରେ କୁହାଯାଇଛି ଯେ ଓଡ଼ିଶା ସରକାର କର୍ମଚାରୀ ଆଚରଣ (ସଂଶୋଧନ) ନିୟମ, ୨୦୨୧ ଅନୁଯାୟୀ ରାଜ୍ୟ ସରକାରଙ୍କ ଗ୍ରୁପ୍-ଏରୁ ଗ୍ରୁପ୍-ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ନିଜନିଜର ସମ୍ପତ୍ତି ବିବରଣୀ (ଉଭୟ ସ୍ଥାବର ଏବଂ ଅସ୍ଥାବର) ପ୍ରତିବର୍ଷ ଜାନୁଆରୀ ୧ତାରିଖରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାର ପ୍ରାବଧାନ ରହିଛି। ୨୦୨୫ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ ପାଇଁ ▶ପୃଷ୍ଠା-୭

# ଘନଉଛି ଓମ୍‌ସା-ସରକାର ବିବାଦ

▶ ରାଜ୍ୟବ୍ୟାପୀ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ ପ୍ରତିବାଦ ଜାରି

▶ ଆଜି ବସିବ ସଂଘର ବୈଠକ; ନିଆଯାଇପାରେ ଚରମ ନିଷ୍ପତ୍ତି

▶ ଓମ୍‌ସାର ଦାବିକୁ କନିଷ୍ଠ ଡାକ୍ତର ସଂଘ(ଜେଡିଏ) ର ସମର୍ଥନ

■ ଭୁବନେଶ୍ୱର, ୨୯।୧୨ (ସମିସ): ନିଜ ଦାବିକୁ ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଅଟଳ ଥିବାବେଳେ ରାଜ୍ୟବ୍ୟାପୀ ନିଜର ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ ଜାରି ରଖିଛି। ସେମାନଙ୍କର ଦାବି ପୂରଣ ପାଇଁ ରାଜ୍ୟ ସରକାର ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିଥିଲେ ହେଁ ଏହାକୁ ସଂଘ ଗ୍ରହଣ କରିନାହିଁ। ଫଳରେ ସରକାର ଏବଂ ସଂଘ ମଧ୍ୟରେ ବିବାଦ ତେଜୁଥିବା ବେଳେ ଆସନ୍ତାକାଲି (ମଙ୍ଗଳବାର) ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏଥିରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ କହିଛନ୍ତି। ଅପରପକ୍ଷେ ଦାବି ପୂରଣ ନ ହେଲେ ଓମ୍‌ସା ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇପାରେ ବୋଲି ସଂଘ ପକ୍ଷରୁ ପରୋକ୍ଷରେ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମ୍‌ସା କ୍ୟାଡର୍ କଳା ପୋଷାକ ▶ପୃଷ୍ଠା-୭

## ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍ ଲାଇନ୍‌କୁ ଅବମାନନା

# କଇଁଛ ସୁରକ୍ଷା ଅଭିଯାନ ଦିଗହରା

ଅସ୍ତରଙ୍ଗ,୨୯।୧୨(ସମିସ)

ବର୍ତ୍ତମାନ ରାଜ୍ୟରେ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷିତ ଅଣ୍ଡାଦାନ ପ୍ରକ୍ରିୟା ପାଇଁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ଗାଇଡ୍ ଲାଇନ୍ ରହିଛି। ଏଥିପାଇଁ ସମୁଦ୍ର କୂଳରେ କୌଣସି ଲାଇଟ୍ ପୋଷ୍ଟ ରହିବନି। ଏପରିକି କଇଁଛଙ୍କ ସୁରକ୍ଷା ପାଇଁ ଲାଇଟ୍ ବନ୍ଦ ରଖିବାକୁ ନିୟମ କରାଯାଇଛି। ପ୍ରଶାନ୍ତ ମହାସାଗର ଓ ଶ୍ରୀଲଙ୍କାରୁ ଆସୁଥିବା ଏହି ବିରଳ କଇଁଛ ଓଡ଼ିଶାରେ ଗହୀରମଥା, ଋଷିକୂଲ୍ୟା ଓ ଅସ୍ତରଙ୍ଗ ଦେବୀ ମୁହାଣରେ ଆସି ମେଲ୍ କଇଁଛଙ୍କ ସହ ମିଳନ ପ୍ରକ୍ରିୟା ଶେଷ କରିବା ପରେ ମେଲ୍ କଇଁଛମାନେ ଫେରିଯା'ନ୍ତି, ଆଉ ଫିମେଲ୍ କଇଁଛ କୂଳକୁ ଆସି ସୁରକ୍ଷିତ ଭାବେ ଅଣ୍ଡା ଦିଅନ୍ତି। କିନ୍ତୁ ଏହି କାର୍ଯ୍ୟକୁ ତଦାରଖ କରିବାକୁ ନିଷିଦ୍ଧାଞ୍ଚଳରେ ମେରାଇନ୍ ପୁଲିସ, ମତ୍ସ୍ୟସମ୍ପଦ ଓ ବନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥିବାବେଳେ ଆମେ ଅନେକ ସମୟରେ ଦେଖୁଛୁ ବେଆଇନ ମାଛଧରା ପାଇଁ ଟ୍ରଲର, ଜାଲରେ କଇଁଛ ଫସି ପ୍ରାଣ ହରାଉଛନ୍ତି। ଏ ବାବଦରେ ଅନେକ ପରିବେଶବିତ୍ ଅଭିଯୋଗ କରିଆସୁଥିଲେ ବି ଫଳ ଶୂନ୍। ଏବେ ସହଜରେ ଶୀତରତୁ



ବଣଭୋଜି ସମୟ। ଅସ୍ତରଙ୍ଗ ପୀର୍‌ଜାହାନିଆ ଉପକୂଳକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ଭୋଜିଭାତ, ଆମୋଦପ୍ରମୋଦ କରିବା ସହ ବେଳାଭୂମିରେ ବୁଲି ଗାଧୋଉଛନ୍ତି। ମାତ୍ର ଏଠି କଇଁଛଙ୍କ ସୁରକ୍ଷା କିପରି କରାଯିବ ବନ ବିଭାଗର ଆଦୌ ପାଟ୍ରୋଲିଂ ବ୍ୟବସ୍ଥା ନାହିଁ। ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ଜଣେ ପର୍ଯ୍ୟଟକ ଗୋଟେ କଇଁଛକୁ ଦୁଇ ହାତରେ ଧରି ଫଟୋ ଉତ୍ତୋଳନ କରୁଛନ୍ତି। ଯାହା ମୃତ କି ଜୀବିତ ବର୍ତ୍ତମାନ ଅସ୍ପଷ୍ଟ। ଆମ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଅନୁସାରେ ବିରଳ ଅଲିଭ୍‌ରିଡ୍‌ଲେ କଇଁଛକୁ ସିଡ୍ୟୁଲ୍-୧ର ବନ୍ୟପ୍ରାଣୀ ରୂପେ ନିଆଯାଇଛି। ଯାହା ଫଳରେ କୌଣସି ବ୍ୟକ୍ତି ଧରିବା, ଛୁଇଁବା କି ଏହାକୁ କେଉଁ ସ୍ଥାନରେ ରହିଛନ୍ତି ତାକୁ ପ୍ରସାରିତ କରିବା ଗୋଟେ ଆଇନଗତ ଅପରାଧ। ଯଦିଓ ଏହା ମୃତ, ତେବେ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଠୁ ଅନୁମତି ନେଇ ବ୍ୟବଚ୍ଛେଦ କରାଯିବା କଥା ମାତ୍ର ଏହା ହେଉନାହିଁ। ବିଭାଗୀୟ ଅଧିକାରୀ ଏହି ଘଟଣା ଉପରେ ଦୃଷ୍ଟି ଆକର୍ଷଣ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

## ଲକ୍ଷ୍ମୀନାରାୟଣ ସୁରକ୍ଷା କମିଟି ବୈଠକ ଓ ନୂତନ କର୍ମକର୍ତ୍ତା

ସାକ୍ଷୀଗୋପାଳ,୨୯।୧୨(ସମିସ): ସ୍ଥାନୀୟ ପାଞ୍ଚ ଗାଁ କୋଠ ଲକ୍ଷ୍ମୀନାରାୟଣ ସୁରକ୍ଷା କମିଟି ପକ୍ଷରୁ ବାର୍ଷିକ ସାଧାରଣ ଅଧିବେଶନ ସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ସମ୍ପାଦକ ନଟବର ଆଚାର୍ଯ୍ୟ ବିବରଣୀ ପ୍ରଦାନ କରିବା ସହ ଆୟବ୍ୟୟ ଏବଂ ଆଗାମୀ କାର୍ଯ୍ୟପନ୍ଥା ଉପସ୍ଥାପିତ କରିଥିଲେ। ୮ଟି ଗ୍ରାମର ଶତାଧିକ ସଭ୍ୟ ଯୋଗଦେଇଥିଲେ। ପ୍ରସନ୍ନ କୁମାର ଶତପଥି ନିର୍ବାଚନ ଅଧିକାରୀ ଭାବରେ ଆଗାମୀ ୨ ବର୍ଷ ପାଇଁ ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ କର୍ମକର୍ତ୍ତା ଘୋଷଣା କରିଥିଲେ। ବୀରେନ୍ଦ୍ର ଭୂଷଣ ହୋତା ସଭାପତି, ନଟବର ଆଚାର୍ଯ୍ୟ ସାଧାରଣ ସମ୍ପାଦକ, ନବ କିଶୋର ହୋତା ଉପସଭାପତି, ରମାରଞ୍ଜନ ଶତପଥୀ କୋଷାଧ୍ୟକ୍ଷ ଏବଂ ସନାତନ ଦାସ, ଚନ୍ଦ୍ର ପାଣି, କାବୁ ଆଚାର୍ଯ୍ୟ, ନନ୍ଦୁ ପାଣି, ମହେଶ୍ୱର ଦାସ, ବାବୁ ଦାସ, ପୁନିଆ ଦାସ, ସୁରେନ୍ଦ୍ର ହୋତା, ମାଧବ ପାଣି, ରବି ନାରାୟଣ ଦାସ ପ୍ରମୁଖ କାର୍ଯ୍ୟନିର୍ବାହୀ ଭାବେ ପୁନଃଚୟନ ହୋଇଥିଲେ। ଅନିଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳାଚଳ କୃଷକ ମହାସଂଘ ପକ୍ଷରୁ କଳା ଦିବସ

● ଜାନୁଆରୀ ୨୧ରେ ରାଜପଥରେ ଧାରଣା ଦେବେ ଚାଷୀ

ଡେଲାଙ୍ଗ,୨୯।୧୨(ସମିସ): ଚାଷ କ୍ଷେତକୁ ଜଳ ଯୋଗାଣ, ବର୍ଷା ଓ ବନ୍ୟା ସମୟରେ କ୍ଷେତରୁ ଜଳ ନିଷ୍କାସନ, ପ୍ରତ୍ୟକ ବ୍ଲକ୍‌ରେ ଶୀତଳ ଭଣ୍ଡାର ନିର୍ମାଣ, ଶସ୍ୟ ସଂରକ୍ଷଣ ସହିତ ଚାଷୀମାନଙ୍କ ସୁରକ୍ଷା ଦିଗରେ ନୀଳାଚଳ କୃଷକ ମହାସଂଘ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛି। ୨୦୧୬ ଡିସେମ୍ବର ୨୮ରେ ମହାସଂଘର ସଦସ୍ୟମାନେ ସାକ୍ଷୀଗୋପାଳଠାରେ ଆନ୍ଦୋଳନ କରୁଥିବା ସମୟରେ ସେମାନଙ୍କ ଉପରେ ଲାଠିମାଡ଼ ଓ ଅତ୍ୟାଚାର କରାଯାଇଥିଲା। ଏନେଇ ମହାସଂଘ ପ୍ରତ୍ୟେକ ବର୍ଷ ଏହି ଦିନକୁ କଳାଦିବସ ଭାବେ ପାଳନ କରିଆସୁଛି। ଡେଲାଙ୍ଗ ହାଟ ବଜାରସ୍ଥିତ ମା' ଗେଲବାଇଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ମହାସଂଘ ପକ୍ଷରୁ ୯ମ କଳାଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର ଡେଲାଙ୍ଗ ବ୍ଲକ୍ ସଭାପତି ଶରତଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିବାବେଳେ ସଂଘର ଉପସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସମନ୍ୱୟ



କମିଟି ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ, ଶରତ ଚନ୍ଦ୍ର ବରାଳ, କେଦାରେଶ୍ୱର ପରିଡ଼ା, ଉଲ୍ଲାସ ନାୟକ ପ୍ରମୁଖଙ୍କ ସମେତ ସମସ୍ତ ବ୍ଲକ୍‌ର ସଭାପତି, ସମ୍ପାଦକ ଓ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ରାଜ୍ୟରେ ନୂତନ ସରକାର ଆସିବା ପରଠାରୁ ଚାଷୀମାନଙ୍କ ହିତ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ଦିନକୁ ଦିନ ଚାଷୀମାନଙ୍କ ଆର୍ଥିକ ଦୁରବସ୍ଥା ବଢ଼ିବାରେ ଲାଗିଥିବା ମହାସଂଘର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ମତପ୍ରକାଶ କରିଥିଲେ। ନିଜର ହକ୍ ପାଇଁ ଚାଷୀମାନେ ଏକତ୍ରିତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହିତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥକୁ ଅବରୋଧ କରିବାକୁ ନିର୍ଣ୍ଣୟ ନେଇଥିବା ଜଣାପଡ଼ିଛି। ଆସନ୍ତା ଜାନୁଆରୀ ୨୧ ତାରିଖରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଚନ୍ଦନପୁରଠାରେ ହଜାର ହଜାର ଚାଷୀ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଅହୋରାତ୍ର ଧାରଣା ଦେବେ ବୋଲି ମହାସଂଘର ଉପସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ଯାତ୍ରୀବାହୀ ବସ୍ ଚାଳକଙ୍କ ଅକାଳ ମୃତ୍ୟୁ

କୋଣାର୍କ,୨୯।୧୨(ସମିସ): ସୋମବାର ସନ୍ଧ୍ୟାରେ କୋଣାର୍କ-ଚନ୍ଦ୍ରଭାଗା ରାସ୍ତାର ସାଇ ମନ୍ଦିର ନିକଟରେ ଗୋଟିଏ ଯାତ୍ରୀବାହୀ ବସ୍ ଚାଳକଙ୍କ ଅକାଳ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବାବୁଲି ନାୟକ। କୋଣାର୍କ ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମହାରାଷ୍ଟ୍ରର ୱାସିମ୍ ଜିଲ୍ଲାର ୨୪ ଜଣ ପର୍ଯ୍ୟଟକ ପୁରୀର ଗୋଟିଏ ଘରୋଇ ବସ୍‌ରେ କୋଣାର୍କ ବୁଲି ଆସିଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ସାଇ ମନ୍ଦିର ନିକଟରେ ବସ୍ ପାର୍କ କରିବା ପରେ ପର୍ଯ୍ୟଟକମାନେ ସୂର୍ଯ୍ୟମନ୍ଦିର ବୁଲି ଯାଇଥିଲେ। ଏହି ସମୟରେ ବସ୍ ଚାଳକ ବାବୁଲି ଶୌଚ ହେବା ପାଇଁ ନିକଟସ୍ଥ ଅଭୟାରଣ୍ୟକୁ ଯାଇଥିଲେ। ଶୌଚ ହୋଇ ଫେରି ବସ୍‌କୁ ଉଠିବା ସମୟରେ ହଠାତ୍ ତଳେ ପଡ଼ିଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ। କୋଣାର୍କ ପୁଲିସ ବାବୁଲିଙ୍କୁ ଗୋପ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କାଗଜରେ ପକ୍କାଘର; ବାସ୍ତବରେ ଭଙ୍ଗା ଚାଳ

କାକଟପୁର,୨୯।୧୨(ସମିସ): ସରକାର ସମସ୍ତଙ୍କୁ ପକ୍କାଘର ଯୋଗାଇଦେବାକୁ ଡିଣ୍ଡିମ ପିଟୁଥିବାବେଳେ, କାକଟପୁର ପଞ୍ଚାୟତର ସଦର ମହକୁମାରେ ଥିବା ବାଉରୀ ପୋଖରୀ ସାହିର ସ୍ଥିତି ସରକାରୀ ଯୋଜନାର ଅସଲ ମୁଖା ଖୋଲିଦେଇଛି। ଏହି ସାହିରେ ବସବାସ କରୁଥିବା ଶତାଧିକ ତଫସିଲଭୁକ୍ତ ଜାତିର ପରିବାର ଆଜି ବି ବିପଦସଙ୍କୁଳ ଅବସ୍ଥାରେ ଚାଳ ଘରେ ଦିନ କାଟୁଛନ୍ତି। ଆଶ୍ଚର୍ଯ୍ୟର କଥା ଯେ, ୧୯୯୯ ମସିହା ମହାବାତ୍ୟା ପରେ ଏହି ସାହିର ଲୋକଙ୍କୁ ମାତ୍ର ୨୨ ହଜାର ଟଙ୍କାର ଏକ ଆବାସ ସହାୟତା ମିଳିଥିଲା, ଯାହା ସେମାନଙ୍କ ପାଇଁ ଆଜି ଅଭିଶାପ ପାଲଟିଛି। ସେମାନଙ୍କୁ ଆବାସ ଯୋଜନାରେ ସହାୟତା ମିଳିଥିବା କାଗଜକଲମରେ ଲିଖିତ ଥିବାବେଳେ ପ୍ରକୃତରେ କିନ୍ତୁ ସେମାନଙ୍କ ମୁଣ୍ଡ ଉପରେ ଛାତ ନାହିଁ। ଅଭିଯୋଗ ଅନୁଯାୟୀ, ୨୪ ବର୍ଷ ତଳେ ମିଳିଥିବା ସେହି ସ୍ୱଳ୍ପ ସହାୟତାରେ ପରିବାରଗୁଡ଼ିକ ଘର ସମ୍ପୂର୍ଣ୍ଣ କରିପାରି ନ ଥିଲେ। କିନ୍ତୁ ସରକାରୀ ତଥ୍ୟରେ ସେମାନଙ୍କ ନାମ "ପୂର୍ବତନ ହିତାଧିକାରୀ' ଭାବେ ଲିପିବଦ୍ଧ ହୋଇ ରହିଯାଇଛି। ଫଳସ୍ୱରୂପ, ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର କିମ୍ବା ଅନ୍ତ୍ୟୋଦୟ ଯୋଜନାରେ ସେମାନଙ୍କୁ ନୂତନ ଘର ଖଣ୍ଡେ ମିଳିପାରୁନାହିଁ। ଅଫିସକୁ ଗଲେ ଅଧିକାରୀମାନେ "ତୁମେ ପୂର୍ବରୁ ୨୨ ହଜାର ପାଇଛ' କହି ସେମାନଙ୍କୁ ଫେରାଇ ଦେଉଛନ୍ତି। ବାଉରୀ ପୋଖରୀ ସାହିର ଦୃଶ୍ୟ ଅତ୍ୟନ୍ତ ଶୋଚନୀୟ। ଭଙ୍ଗା ଦାଢ଼ିଆ କାନ୍ଥ ଓ ପୁରୁଣା ନଡ଼ା ଛପର ଘରେ ଏହି ଅବହେଳିତ ଶ୍ରେଣୀର ଲୋକେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ବର୍ଷା ଦିନେ ଚାଳ କିମ୍ବା ଭଙ୍ଗା ଆଜ୍‌ବେଷ୍ଟସ୍ ଘରୁ ପାଣି ଗଳୁଥିବାବେଳେ ଶୀତ କାକରରେ ସେମାନଙ୍କ ଅବସ୍ଥା ଅସମ୍ଭାଳ ହେଉଛି। ପ୍ରଶାସନର ମୁଖ୍ୟ ଦପ୍ତର ନିକଟରେ ଥାଇ ମଧ୍ୟ ଏହି ସାହିକୁ କେହି ପରିଦର୍ଶନ କରୁ ନ ଥିବା ନେଇ ସ୍ଥାନୀୟ ଲୋକେ କ୍ଷୋଭପ୍ରକାଶ କରିଛନ୍ତି। ବାତ୍ୟା ଆସିଲେ ପ୍ରଶାସନ ସେମାନଙ୍କୁ ସ୍କୁଲ ଘରକୁ ନେଇଥାଏ। କିନ୍ତୁ ପ୍ରଶାସନ ସ୍ଥାୟୀ ସମାଧାନ ସ୍ୱରୂପ ପ୍ରତ୍ୟେକ ପରିବାରକୁ ପକ୍କା ଘର ଖଣ୍ଡିଏ ଯୋଗାଇଦେଲେ ପ୍ରଶାସନକୁ ରାତି ଅଧରେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଡ଼ନ୍ତାନି। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଗ୍ରାମବାସୀ କାକଟପୁର ବିଡିଓଙ୍କୁ ଅନୁରୋଧ କରିଛନ୍ତି। ସେମାନଙ୍କ କହିବା କଥା, ବିଡିଓ ନିଜେ ସାହିକୁ ଆସି ଘରକୁ ଘର ବୁଲି ସ୍ଥିତି ପରଖନ୍ତୁ। କେବଳ କାଗଜପତ୍ରକୁ ଭରସା ନ କରି ବାସ୍ତବ ସ୍ଥିତି ପରଖିଲେ ସେମାନଙ୍କୁ ନ୍ୟାୟ ମିଳିପାରନ୍ତା। ଯଦି ବ୍ଲକ୍ ମୁଖ୍ୟାଳୟ ପଞ୍ଚାୟତର ଏଭଳି ଦୁରବସ୍ଥା, ତେବେ ଆଭ୍ୟନ୍ତରୀଣ ଅଞ୍ଚଳର ଚିତ୍ର କେତେ ଭୟଙ୍କର ହୋଇଥିବ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**କ୍ଷେତ୍ର ପରିଦର୍ଶନ ପାଇଁ ବିଡିଓଙ୍କୁ ଗ୍ରାମବାସୀଙ୍କ ନିବେଦନ**

## ପୀର୍‌ଜାହାନିଆରେ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ପୁଲିସ ମୁତୟନ




ଅସ୍ତରଙ୍ଗ,୨୯।୧୨(ସମିସ): ଚାଲିଛି ପର୍ଯ୍ୟଟନ ଋତୁ। ଜମୁଛି ବଣଭୋଜିର ଆସର। ରାଜ୍ୟର କୋଣ ଅନୁକୋଣରୁ ଆସୁଛନ୍ତି ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଅସ୍ତରଙ୍ଗର ପୀର୍‌ଜାହାନିଆ ବେଳାଭୂମିରେ ବଣଭୋଜି କରିବାକୁ। ସାଙ୍ଗସାଥି, ବନ୍ଧୁ ପରିଜନ, ପରିବାର ସମେତ ଅନେକ ସଂଗଠନ ଦୂରଦୂରାନ୍ତରୁ ଆସି ଅସ୍ତରଙ୍ଗ ବେଳାଭୂମି, କେଳୁଣୀ ମୁହାଁଣ ଓ ଗଙ୍ଗାଦେବୀ ପୀଠରେ ବଣଭୋଜି କରିବା ସହ ପୀର ବାବାଙ୍କ ଦର୍ଶନ ସହିତ ସମୁଦ୍ର ଉପକୂଳରେ କରୁଛନ୍ତି ଭରପୂର ମନୋରଞ୍ଜନ। କିନ୍ତୁ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବଢୁଥିବାବେଳେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଅସ୍ତରଙ୍ଗ ବେଳାଭୂମି ବା ପୀର୍‌ଜାହାନିଆ ପୀଠରେ ଅସ୍ତରଙ୍ଗ ପୁଲିସ ତରଫରୁ ଚାଲିଛି କଡ଼ା ପାଟ୍ରୋଲିଂ। ଗଣ୍ଡଗୋଳ, ଚୋରି, ଦୁର୍ଘଟଣା, ଟ୍ରାଫିକ୍ ସମସ୍ୟାକୁ ରୋକିବା ସହିତ ବିଭିନ୍ନ ସ୍ଥାନରେ କଡ଼ା ନଜର ରଖି ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବାପାଇଁ ତତ୍ପର ହୋଇଛି ଅସ୍ତରଙ୍ଗ ପୁଲିସ। ଲାଇଫ୍‌ଗାର୍ଡ ଏବଂ ସିକ୍ୟୁରିଟିଙ୍କୁ ନେଇ ଉପକୂଳ ସମୁଦ୍ରରେ ସ୍ନାନ କରୁଥିବା ପର୍ଯ୍ୟଟକଙ୍କୁ ସତର୍କ କରାଇବା ସହ ମଦ୍ୟପ ଓ ଅମାନିଆଙ୍କୁ ତାଗିଦ୍ କରୁଛନ୍ତି ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର। ପର୍ଯ୍ୟଟକଙ୍କ ମତରେ ଆଗରୁ ଆମେ ଯେତିକି ଅସୁରକ୍ଷିତ ଥିଲୁ ବର୍ତ୍ତମାନ ଅସ୍ତରଙ୍ଗ ଉପକୂଳରେ ପୁଲିସର ପାଟ୍ରୋଲିଂ ଆମକୁ ସୁରକ୍ଷା ଦେଉଛି।

## ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିରୁ ବେଆଇନ ନିର୍ମାଣ ଉଚ୍ଛେଦ

କୋଣାର୍କ,୨୯।୧୨(ସମିସ): କୋଣାର୍କ ଥାନା ଅଧୀନସ୍ଥ ସିମିଳି ଗ୍ରାମପଞ୍ଚାୟତର ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ ଗାଦିବ୍ରହ୍ମ ପୀଠ ପାଶ୍ୱର୍ରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତିରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଏକ ଗୃହକୁ ଗୋପ ରାଜସ୍ୱ ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଇଛି। ନୂଆଗାଁ ଗ୍ରାମର ଆର୍ତ୍ତତ୍ରାଣ ଗାଦିବ୍ରହ୍ମ ପୀଠରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ଖାତା ନଂ-୨୪୯/୧୨, ପ୍ଲଟ୍ ନଂ-୭୯୭ରେ ସେହି ଗ୍ରାମର ଜନୈକ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ବେଆଇନ ନିର୍ମାଣ ଉଚ୍ଛେଦ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିର ସୁରକ୍ଷା ପାଇଁ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ରାଜସ୍ୱ ବିଭାଗ ମନ୍ତ୍ରୀ ଓ ପୁରୀ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ନିର୍ଦ୍ଦେଶ


ନାଲି ପତାକା ମାରିଲା ରାଜସ୍ୱ ବିଭାଗ

କ୍ରମେ ପୁରୀ ଉପଜିଲ୍ଲାପାଳ ରାଜ କିଶୋର ଜେନା ଏହି ବେଆଇନ ନିର୍ମାଣ ଉଚ୍ଛେଦ କରିବା ପାଇଁ ଗୋପ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଅପରାହ୍ଣରେ ଗୋପ ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାଶଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗ ସୁପରଭାଇଜର ସୁଶାନ୍ତ କୁମାର ଧଳ, ଜୁଣେଇ ରାଜସ୍ୱ ନିରୀକ୍ଷକ କଳ୍ପନା ସ୍ୱାଇଁ ଓ କୋଣାର୍କ ଥାନା ସବ୍‌ଇନ୍ସପେକ୍ଟର କେଦାରନାଥ ଦୋରା ଘଟଣାସ୍ଥଳରେ ପହଞ୍ଚି ଡ୍ରୋଜର ସାହାଯ୍ୟରେ ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ପରେ ଉକ୍ତ ଜାଗାକୁ ରାଜସ୍ୱ ବିଭାଗ ନିଜ ଅଧୀନକୁ ଆଣି ନାଲି ପତାକା ମାରିଥିବା ଦେଖିବାକୁ ମିଳିଛି।

● ଲିଟିଲ୍ ଷ୍ଟାର୍ ଗ୍ରୁପ୍‌ର ଶିଶୁ ପ୍ରତିଭା ଉତ୍ସବ

## 'ଆମ ପ୍ରତିଭା ହିଁ ଆମ ଭବିଷ୍ୟତ ଗଢ଼େ'

ନିମାପଡ଼ା,୨୯।୧୨(ସମିସ): ନିମାପଡ଼ାସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର୍ ଗ୍ରୁପ୍ ତରଫରୁ ପିଲାମାନଙ୍କ ସୃଜନ କଳାର ପରିପ୍ରକାଶ ଓ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ ନିମନ୍ତେ ୨୫ତମ ଶିଶୁ ପ୍ରତିଭା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ଦିନ ହେବ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଗ୍ରୁପ୍ ପକ୍ଷରୁ ପ୍ରକାଶ ପାଉଥିବା 'ମୋ ଆଶା' ପତ୍ରିକାକୁ ନେଇ ଗଳ୍ପ ପଠନ, କବିତା ଆବୃତ୍ତି, ଚିତ୍ରାଙ୍କନ ଓ ସୃଜନ ରଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ନିମାପଡ଼ାଠାରେ ଉଦ୍‌ଯାପନୀ ସମାରୋହରେ ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ଶିକ୍ଷାବିତ୍ ଡ. ପ୍ରଣବ ସ୍ୱାଇଁ, ଡ. ରବୀନ୍ଦ୍ର ନାଥ ପାଢ଼ୀ, କଳା ଶିକ୍ଷକ ସାରଦା ପ୍ରସନ୍ନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ପ୍ରତିଭାକୁ ବେଶ୍ ପ୍ରଶଂସା




କରିଥିଲେ। ନିଜ ନିଜର ପ୍ରତିଭା ବଳରେ ନିଜକୁ ଗଢ଼ିବା ପାଇଁ ପରାମର୍ଶ ଦେବା ସହ ଆମ ଅନ୍ତର୍ନିହିତ ପ୍ରତିଭା ହିଁ ଆମ ଭବିଷ୍ୟତ ଗଢ଼େ ବୋଲି ମତପ୍ରକାଶ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟର ବହୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯାଇଥିବା ଗ୍ରୁପ୍‌ର ସମ୍ପାଦକ ଶ୍ରୀ ମହାରଣା ସୂଚନା ଦେଇଛନ୍ତି।

## ମା' ଲଙ୍କେଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲ୍‌ରେ ଜଟଣୀ

ବଲଙ୍ଗା,୨୯।୧୨(ସମିସ): ରାଜ୍ୟସ୍ତରୀୟ ୨୪ତମ ଲଙ୍କେଶ୍ୱରୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ବଲଙ୍ଗା ମିନି ଷ୍ଟାଡିୟମ୍‌ରେ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଓ ଫ୍ରେଣ୍ଡସ ପାରାଡାଇଜ୍ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜଗା ୟୁନାଇଟେଡ୍ ଭୁବନେଶ୍ୱରକୁ ୩-୧ ଗୋଲ୍‌ରେ ହରାଇ ଫ୍ରେଣ୍ଡସ ପାରାଡାଇଜ୍ ଜଟଣୀ ଫାଇନାଲରେ ପହଞ୍ଚିଛି। ଖେଳକୁ ପରିଚାଳନା କରିଥିଲେ ଜ୍ୟୋତିରଞ୍ଜନ ସ୍ୱାଇଁ, ସୁନିଲ ହେମ୍ବ୍ରମ୍, ସମର ବରାଳ, ସୁଶାନ୍ତ ରାଉତ ଓ ସୁଦିପ୍ତ ଦାସ। କ୍ଲବ୍‌ର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥିତପ୍ରଜ୍ଞା ରାୟ ମହାପାତ୍ର, ଚନ୍ଦ୍ରକାନ୍ତ ବରାଳ, ଦହିଜଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା, ପୂର୍ବତନ



ସରପଞ୍ଚ ଅଜିତ୍ ଦଳାଇ ଯୋଗଦେଇଥିଲେ। ମଙ୍ଗଳବାର ଫାଇନାଲ୍ ମ୍ୟାଚ୍ ସିଜି ନାଇଜେରିଆ ଓ ଫ୍ରେଣ୍ଡସ ପାରାଡାଇଜ୍ ଜଟଣୀ ମଧ୍ୟରେ ଅନୁଷ୍ଠିତ ହେବ।

## ଅସ୍ତରଙ୍ଗ ସାମ୍ବାଦିକ ସଂଘର ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା



ଅସ୍ତରଙ୍ଗ,୨୯।୧୨(ସମିସ): ଅସ୍ତରଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଏକ ପାରିବାରିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅସ୍ତରଙ୍ଗ ନିକଟ ମା' ଲକ୍ଷ୍ମୀ କଲ୍ୟାଣମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାଙ୍କ ପରିବାର ଏକାଠି ହୋଇଥିଲେ। ଏହି ପାରିବାରିକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସଂଘର ସଭାପତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅସ୍ତରଙ୍ଗ ସାମ୍ବାଦିକ ସଂଘର ମୁଖ୍ୟ ପରାମର୍ଶଦାତା ପ୍ରତାପ ଚନ୍ଦ୍ର ପରିଡ଼ା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାମ୍ବାଦିକମାନେ ସମାଜର ଆଇନା ଏବଂ ସମାଜକୁ ଏକ ଶୃଙ୍ଖଳିତ ମାର୍ଗଦର୍ଶନ କରିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ଦୈନିକ ବିଶ୍ୱବାଣୀର ମୁଖ୍ୟ ସମ୍ପାଦକ ଅର୍ଜୁନ ମୁଦୁଲି ଯୋଗଦେଇ ସାମ୍ବାଦିକମାନଙ୍କ ଦାବି ହାସଲ ପାଇଁ ସମସ୍ତ ସାମ୍ବାଦିକ ଏକ୍ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘର ଆଇନ୍ ପରାମର୍ଶଦାତା ଦିବ୍ୟଦର୍ଶୀ ବିଶ୍ୱାଳ ଯୋଗଦେଇ ଅସ୍ତରଙ୍ଗ ସାମ୍ବାଦିକ ସଂଘର ଉଦ୍ୟମ ଫଳରେ କିପରି ଦେଉଳିମଠକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକ ଆସିଲା ତାହା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘରେ ଯୋଗଦେଇଥିବା ନୂତନ ସଦସ୍ୟମାନଙ୍କୁ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ସାମ୍ବାଦିକ ସଂଘ ସାଧାରଣ ଓ ଗରିବ ଲୋକଙ୍କ ମୌଳିକ ଅଧିକାର ପାଇଁ ସେମାନଙ୍କ ସ୍ୱର ହେବ ବୋଲି ସମସ୍ତ ସଦସ୍ୟ ଆଗକୁ ବଢ଼ିବାକୁ ଶପଥ ନେଇଥିଲେ।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

# ରକ୍ଷଣାବେକ୍ଷଣ ହେଲାନି; ମରିଗଲା ୪ ହଜାର ନଡ଼ିଆ ଗଛ

ଗୋପ,୨୯।୧୨(ସମିସ)

ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଉଥିବାବେଳେ ପୁରୀ ଜିଲ୍ଲା ଗୋପ ବ୍ଲକ୍‌ରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଏପରିକି ଏହି ବ୍ଲକ୍‌ରେ ୬ ହଜାରରୁ ଅଧିକ ନଡ଼ିଆ ଗଛ 'ମନରେଗା' ଯୋଜନାରେ ଲଗାଯାଇଥିବା ବେଳେ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀଙ୍କ ମନମାନୀ ଯୋଗୁଁ ପ୍ରାୟ ୪ହଜାର ବୃକ୍ଷ ମରିଯାଇଥିବା ଭଳି ଅଭିଯୋଗ ହୋଇଛି। ସୋମବାର ଗୋପ ବ୍ଲକ୍ ବୈଠକ ଗୃହରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିରରେ ଏପରି ଅଭିଯୋଗ ଆସିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ଗୋପ ବ୍ଲକ୍‌ର କୁଆଁପଡ଼ା, ବୀରତୁଙ୍ଗ, ପୟରା, ବନ୍ତଳିଗ୍ରାମ, ଡଭାର, ଅଚ୍ୟୁତପୁର, ବନାଖଣ୍ଡି ସହିତ ଅନ୍ୟାନ୍ୟ



ପଞ୍ଚାୟତରେ 'ମନରେଗା' ଯୋଜନା ପକ୍ଷରୁ ନଡ଼ିଆ ଗଛ ଲଗାଯାଇଥିଲା। ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଏହାର ରକ୍ଷଣାବେକ୍ଷଣା ପାଇଁ ଆବଶ୍ୟକ ପଦକ୍ଷେପ ନ ନେବାରୁ ଏଗୁଡ଼ିକ ମରିଯାଉଥିବା ଜଣାପଡ଼ିଛି। ନଡ଼ିଆ ଗଛ ବଞ୍ଚାଇବା ଓ ଗଛର ଯତ୍ନ ନେବା ପାଇଁ ପଞ୍ଚାୟତର ଲୋକ ପ୍ରତିନିଧିମାନେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀମାନେ ଶୁଣି ନ ଥିବା ମଧ୍ୟ ଅଭିଯୋଗ ରହିଛି। ପ୍ରତ୍ୟେକ ବର୍ଷ ଗୋପ ବ୍ଲକ୍‌ରେ ମନରେଗା ଯୋଜନାରେ କେବଳ କାଗଜକଲମରେ ବୃକ୍ଷରୋପଣ ଓ ତା'ର ରକ୍ଷଣାବେକ୍ଷଣ ଲାଗି ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହେଉଥିବା ଜଣାପଡ଼ିଛି। ମାନବ ଜାତିର ସୁରକ୍ଷା ପରିବେଶ ଲାଗି ସରକାରଙ୍କ ଉଦ୍ୟମ ଏବେ ଏହି ବ୍ଲକ୍‌ରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଏପରିକି ଗୋପ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଗଡ଼ିଆ ଖୋଳା ସହିତ ପୁରୁଣା ପୋଖରୀରେ ମନରେଗା ଯୋଜନାରେ ଲକ୍ଷାଧିକ ଟଙ୍କା ମିଥ୍ୟା ବିଲ୍ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି।

ଏହି ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୫୮ଟି ଅଭିଯୋଗ ମିଳିଥିଲା। ସେଥିରୁ ୪୮ଟି ବ୍ୟକ୍ତିଗତ, ୯ଟି ସାମୂହିକ ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍କ୍ଷଣାତ ୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ବିଡିଓ ଛବିରାଣୀ ସାହୁ, ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାଶ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ସମାଜ କଲ୍ୟାଣ ବିକାଶ ପରିଷଦର ନୂତନ କାର୍ଯ୍ୟକର୍ତ୍ତା

ଜଳେଶ୍ୱର, ୨୯।୧୨ (ସମିସ): ଜଳେଶ୍ୱରର ଅଗ୍ରଣୀ ସାମାଜିକ ସଂସ୍ଥା ସମାଜ କଲ୍ୟାଣ ବିକାଶ ପରିଷଦର ନୂତନ କାର୍ଯ୍ୟକର୍ତ୍ତା ମନୋନୟନ ହୋଇ ଯାଇଛି। ଜଳଶ୍ରୀ କଲ୍ୟାଣ ମଣ୍ଡପରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ରମାକାନ୍ତ ଜଳ ପୌରହିତ୍ୟ କରି ସୂଚନା ପ୍ରଦାନ କରିଥିଲେ। ପରେ ସର୍ବସମ୍ମତିକ୍ରମେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଚେୟାରମ୍ୟାନ ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, କାର୍ଯ୍ୟକାରୀ ସଭାପତି ଭାବେ ଡ. ରମାକାନ୍ତ ଜଳ, ଉପସଭାପତିଭାବେ ଡ. ଅଜିତ୍ କୁମାର ମହାନ୍ତି, ସୁଧୀର କୁମାର ମହାନ୍ତି, ଅଭୟ କୁମାର ପରିଡା, ସାଧାରଣ ସମ୍ପାଦକଭାବେ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜିବୀ ରାମଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ଭାବେ ବନମାଳୀ ଧଳ, ସହ ସଂପାଦକ ଅବନୀ କୁମାର ଚାନ୍ଦ, ସତ୍ୟନାରାୟଣ ଦାସ, ସଂଗ୍ରାମ କେଶରୀ ଦାସ, ମୁରଲୀ ମୋହନ ପରିଡା, ଅାଦିତ୍ୟ ନାରାୟଣ ପାତ୍ର, ମିଡିଆ ସେଲର ସଂପାଦକ ରବିନାରାୟଣ ପାତ୍ର, ସାଂସ୍କୃତିକ ସମ୍ପାଦକ ଭାବେ ସୁଶାନ୍ତ କୁମାର ଦାସ, ମହିଳା ସଶକ୍ତିକରଣ ସଂପାଦକ ମଧୁଛନ୍ଦା ମହାନ୍ତି, ଉପଦେଷ୍ଟାଭାବେ ବିପିନ ବିହାରୀ ବିଶାଳ, ବିଷ୍ଣୁପଦ ମହାନ୍ତି, ସିଦ୍ଧେଶ୍ୱର ପଣ୍ଡା, କପିଳେଶ୍ୱର ମହାନ୍ତି ପ୍ରମୁଖ ମନୋନିତ ହୋଇଥିବା ବେଳେ କମଳ ଚକ୍ରବର୍ତ୍ତୀ, ଶରତଚନ୍ଦ୍ର ପରିଡା, ଅଂଶୁମୋହନ ଘୋଷ, ରମେଶଚନ୍ଦ୍ର ଗିରି, ଗୌରଗୋପାଳ ସେନ୍, ସତ୍ୟରଂଜନ ପ୍ରଧାନ, ଜଗନ୍ନାଥ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ଚାଉଳ ଟ୍ରକ

ସୋର,୨୯।୧୨(ସମିସ): ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ଚାଉଳ ବୋଝେଇ ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଥିବା ବେଳେ ଏହାର ଚାଳକ ସୁରକ୍ଷିତ ଥିବା ଜଣାପଡିଛି। ଆଜି ସକାଳେ ଡବ୍ଲୁବି ୩୩ ଇ ୯୮୭୪ ନମ୍ବର ବିଶିଷ୍ଟ ୧୪ ଚକିଆ ଟ୍ରକଟି ଚାଉଳ ବୋଝେଇ କରି କଲିକତାରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିଲା। ଏହି ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଚଳନଗର ନିକଟ ରେଳ ଓଭରବ୍ରିଜ ଉପରେ କୁହୁଡି କାରଣରୁ ଭାରସାମ୍ୟ ହରାଇ ଓଲଟିପଡିଥିଲା। ସୌଭାଗ୍ୟବଶତଃ ଏହାର ଚାଳକ ସୁରକ୍ଷିତ ଥିବା ବେଳେ ଗାଡିରେ ଥିବା ଚାଉଳ ବସ୍ତା ରାସ୍ତା ଉପରେ ପଡିରହିଥିଲା। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଗାଡି ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଜାମ ହଟାଇବା ସହିତ କ୍ରେନ ସାହାଯ୍ୟରେ ଗାଡିଟିକୁ ଉଠାଇଥିବା ଜଣାପଡିଛି।

# ସଡ଼କ ଦୁର୍ଘଟଣାରେ ଡାକ କର୍ମଚାରୀ ଗୁରୁତର

ନୀଳଗିରି, ୨୯।୧୨ (ସମିସ): ଡାକ ବିଭାଗର ଜଣେ କର୍ମଚାରୀ କାର୍ଯ୍ୟ ସାରି ଫେରିବା ରାସ୍ତାରେ ଦୁର୍ଘଟଣା ହେବାରୁ ଗୁରୁତର ହୋଇଥିବା ଜଣା ପଡ଼ିଛି। ଦୁର୍ଘଟଣା ଟି ଘଟିଛି ମିତ୍ରପୁର -କଂଶ ପୁର୍ବ ବିଭାଗ ରାସ୍ତାର କରଞ୍ଜିଆ ଛକ ନିକଟରେ। ମିତ୍ରପୁର ସବ୍‌ପୋଷ୍ଟ ଅଫିସରେ କୋଶାଗାର ଅଞ୍ଚଳର ଶିବ ଶଙ୍କର ସାହୁ ଡାକ ବିତରକ ଭାବେ କାର୍ଯ୍ୟରତ ଅଛନ୍ତି। ଆଜି କଂଶ ଅଞ୍ଚଳରୁ ଡାକ ସେବା ସାରି ମିତ୍ରପୁର ଅଫିସକୁ ବାଇକ ଯୋଗେ ଫେରୁଥିବା ବେଳେ ବିପରୀତ ଦିଗରୁ ଆସିଥିବା ଜେନିକ ବାଇକ ସହିତ ଧକ୍କା ହେବାରୁ ଦୁର୍ଘଟଣା ଘଟିଥିଲା। ଏଥିରେ ଶିବଙ୍କର ମୁଣ୍ଡ, କାନରେ ଶକ୍ତ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକ ଉଦ୍ଧାର କରି [illegible] ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ।

# ନୀଳଗିରି ରାଡାର ରାସ୍ତାକଡ଼ରୁ ଜବରଦଖଲ ଉଚ୍ଛେଦ



ନୀଳଗିରି, ୨୯।୧୨ (ସମିସ): ତହସିଲଦାର ଓ ପୁଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ। ନୀଳଗିରିରେ ବହୁ ବର୍ଷ ପୂର୍ବରୁ ରାଡାର୍ ସ୍ଥାପନ କରାଯାଇଥିବା ବେଳେ ମୁଖ୍ୟ ରାସ୍ତା ପାଶ୍ୱର୍ରେ କିଛି ଓଡ଼ିଆ ଓ ଅଣ ଓଡ଼ିଆ, ବେଆଇନ ଭାବେ ମାଡ଼ି ବସି ଥିବାବେଳେ ଏବେ ସେଠାରେ ଏବେ ସରକାରୀ ଆଇ.ଟି.ଆଇ. ହେବାକୁ ଜାଉଛି। ତେଣୁ ସେଠାରେ ମାଡ଼ି ବସି ଥିବା ପାଞ୍ଚ ଓଡ଼ିଆ ଓ ଅଣ ଓଡ଼ିଆ ପରିବାର ତଥା ବିରାଜ ଦାସ, ରଖୱାଲ ଦାସ, ବଜରଙ୍ଗୀ ଦାସ, ଅଜୁ ଦାସ, ପ୍ରଶାନ୍ତ ଦାସ, ବାସିନ ଦାସଙ୍କୁ ସୋମବାର ନୀଳଗିରି ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଏହି ପରିବାର ମାନଙ୍କ ପକ୍ଷରୁ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଏହି ଜବରଦଖଲ ଉଚ୍ଛେଦରେ ନୀଳଗିରି ତହସିଲଦାର ସୋନମ୍ ଦାସ, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଛି।

# ଉଦୟପୁର ବେଳାଭୂମି | ଜୀବିକା ହରାଇ ମତ୍ସ୍ୟଜୀବୀ ଡହକବିକଳ

ଭୋଗରାଇ, ୨୯।୧୨(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଓଡ଼ିଶାର ଉପାନ୍ତ ଅଞ୍ଚଳ ଉଦୟପୁର ବେଳାଭୂମି ଏବେ ବଙ୍ଗୀୟ ଦେହଜୀବୀ ଓ ନିଶା ବେପାରୀଙ୍କ ସାମ୍ରାଜ୍ୟ ପାଲଟିଛି। ଏହି ବେଳାଭୂମିରେ ମତ୍ସ୍ୟଜୀବୀମାନେ ଡଙ୍ଗା ସାହାଯ୍ୟରେ ସମୁଦ୍ରରୁ ମାଛ ଧରି କୂଳକୁ ଆଣି ତାହାକୁ ବିକ୍ରୀ କରି ପରିବାର ପ୍ରତିପୋଷଣ କରନ୍ତି। ତେବେ ନିଶାରେ କବଳିତ ବେଳାଭୂମି ଏବେ ସେମାନଙ୍କ ଜୀବିକାକୁ ଉଜାଡି ଦେଇଛି। ଫଳରେ ମତ୍ସ୍ୟଜୀବୀଙ୍କ ପରିବାର ଏବେ ଡହକବିକଳ ହେଉଛି।

ଉଦୟପୁର ବେଳାଭୂମିରେ ମାଛ, କଙ୍କଡ଼ା, ମଦ, ଗଞ୍ଜେଇ, ବ୍ରାଉନ ସୁଗାର ଆଦି ବ୍ୟବସାୟ କରୁଥିବା ଦୋକାନୀ ମାନଙ୍କ ପାଇଁ ସମୂହ ମତ୍ସ୍ୟଜୀବୀ ନିଜର ଜୀବିକା ହରାଇବା ସହିତ ସମୁଦ୍ରରେ ମାଛ ଧରିବାକୁ ଗଲାବେଳେ କିମ୍ବା ଫେରିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଦୋକାନୀମାନେ ଦିନରାତି ସମୁଦ୍ର ବେଳାଭୂମି ଏବଂ ସମୁଦ୍ର ଗର୍ଭରେ ଲୁହା ଶାବଳ ପୋତି ପାଲ ଦଉଡ଼ି ଟାଣି ଚେୟାର ଟେବୁଲ୍ ପକାଇ ପର୍ଯ୍ୟଟକଙ୍କୁ ବସାଇ ବିଭିନ୍ନ ନିଶା ସାମଗ୍ରୀ ଓ ମାଛ, କଙ୍କଡ଼ା ତରକାରୀ ଖାଇବାକୁ ଦେଉଛନ୍ତି। ଫଳରେ ମତ୍ସ୍ୟଜୀବୀମାନେ କୂଳକୁ ଡଙ୍ଗା ଆଣିପାରୁ ନାହାନ୍ତି। କୂଳରେ ଲଗାଇଲା ବେଳେ ଡଙ୍ଗାଟି ଦୋକାନୀ ମାନଙ୍କ ପୋତାଯାଇଥିବା ଲୁହା ଶାବଳ ଆଘାତରେ କ୍ଷତିଗ୍ରସ୍ତ ହେବା ସହିତ ମତ୍ସ୍ୟଜୀବୀମାନେ ସେହି ଦଉଡ଼ି ଓ ଶାବଳ ଆଘାତରେ ଲହୁଲୁହାଣ ହେଉଥିବା ଅଭିଯୋଗ ହେଉଛି। ପ୍ରତିବାଦ କଲେ ଦୋକାନୀମାନେ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରୁଛନ୍ତି। କେବଳ ଏତିକି ନୁହେଁ, ବେଳାଭୂମିରେ ବାଂଲାଦେଶୀ ଦେହଜୀବୀଙ୍କୁ ଆଣି ଖୋଲାଖୋଲି ଦେହ ବ୍ୟବସାୟ କାର୍ଯ୍ୟରେ ଲଗେଇବା, ମଦ ବୋତଲ ଭାଙ୍ଗି ଭଙ୍ଗାକାଚ ଖଣ୍ଡ ସମୁଦ୍ର ବେଳାଭୂମିରେ ପକାଇ ପର୍ଯ୍ୟଟକଙ୍କୁ ଖଣ୍ଡିଆ ଖାବରା କରିବା ସହିତ ବିଭିନ୍ନ ସମୟରେ ମରଣାନ୍ତକ ଆକ୍ରମଣ କରୁଥିବା ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ସମସ୍ୟାର କୌଣସି ସମାଧାନ ହେଉନାହିଁ। ବେଳାଭୂମିକୁ ସ୍ୱଚ୍ଛ, ନିର୍ମଳ ଓ ମତ୍ସ୍ୟଜୀବୀ ମାନଙ୍କ ସୁରକ୍ଷା ପ୍ରତି ଗୁରୁତର ସହ ଧ୍ୟାନ ଦେବାକୁ ମତ୍ସ୍ୟଜୀବୀ ମାନଙ୍କ ପକ୍ଷରୁ ପୂର୍ବରୁ ରାଜ୍ୟପାଳ, ମତ୍ସ୍ୟ ବିଭାଗ କମିଶନର, କେନ୍ଦ୍ରୀୟ ମତ୍ସ୍ୟ ସମ୍ପଦ ବିଭାଗ,

## ମତ୍ସ୍ୟଜୀବୀଙ୍କ ଜୀବନ ଓ ଡଙ୍ଗା ସୁରକ୍ଷା ଦାବି

ଓଡ଼ିଶା ମୁଖ୍ୟମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ,ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ, ରାଜ୍ୟ ପର୍ଯ୍ୟଟନ ବିଭାଗ, ପର୍ଯ୍ୟଟନ ମନ୍ତ୍ରୀ, ଜିଲ୍ଲା ପର୍ଯ୍ୟଟନ ବିଭାଗ, ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ,ତାଳସାରି ସାମୁଦ୍ରିକ ଥାନା ପୁଲିସ, ଭୋଗରାଇ ତହସିଲଦାର, ଜିଲ୍ଲା ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଓ ଚନ୍ଦନେଶ୍ୱର ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀଙ୍କଠାରେ ଦାବି କରିଥିଲେ ସୁଦ୍ଧା ମତ୍ସ୍ୟଜୀବୀଙ୍କ ସୁରକ୍ଷା ଓ ସମସ୍ୟାର ସମାଧାନ ଲାଗି ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଅପରପକ୍ଷରେ ଏବେ ପର୍ଯ୍ୟଟନ ଋତୁରେ ବେଳାଭୂମିକୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଭ୍ରମଣରେ ଆସୁଥିବା ବେଳେ ଉକ୍ତ ବ୍ୟବସାୟୀମାନେ ପୂର୍ବାପେକ୍ଷା ଅଧିକ ମାତ୍ରାରେ ବେଳାଭୂମିରେ ଲୁହା ଶାବଳ ପୋତି ପାଲ ଟାଣି ପର୍ଯ୍ୟଟକଙ୍କୁ ମାଛ, କଙ୍କଡ଼ା ତରକାରୀ ସହିତ ମଦ, ହୁକା, ଗଞ୍ଜେଇ, ବ୍ରାଉନ ସୁଗାର ଆଦି ଯୋଗାଇ ଦେଉଥିବା ଦେଖିବାକୁ ମିଳିଛି। ଫଳରେ ମତ୍ସ୍ୟଜୀବୀ ମାନେ ଡଙ୍ଗା ନେଇ ସମୁଦ୍ରକୁ ମାଛ ମାରିବାକୁ ଗଲାବେଳେ ଲୁହାଶାବଳ ଗୋଡ଼ରେ ବାଜି ଖଣ୍ଡିଆ ଖାବରା ହେବା ସହିତ ଲହୁ ଲୁହାଣ ହେଉଛନ୍ତି ଏବଂ ଡଙ୍ଗା ନେଇ କୂଳକୁ ଫେରିଲା ବେଳେ ପୋତାଯାଇଥିବା ଲୁହା ଶାବଳ ବାଜି ଡଙ୍ଗା ଭାଙ୍ଗି କ୍ଷତିଗ୍ରସ୍ତ ହେଉଛି। ଏ ନେଇ ସ୍ଥାନୀୟ ମତ୍ସ୍ୟଜୀବୀ ଦର୍ଶନ ବେହେରା, ରଞ୍ଜିତ ବେହେରା, ବିଶ୍ୱଜିତ ବେହେରା, ଉତ୍ତମ ବେହେରା, ବେହେରା, ଶ୍ରୀକାନ୍ତ ବେହେରା, ଭାକୁ ବେହେରା, ଅବନୀ ପଟ୍ଟାୟତ, ଗୌରହରି ପଟ୍ଟାୟତ, ଅମୂଲ୍ୟ ବେହେରା ପ୍ରମୁଖ ଶତାଧିକ ମତ୍ସ୍ୟଜୀବୀ ଅସନ୍ତୋଷ ପ୍ରକାଶ କରିବା ସହିତ ରାଜ୍ୟ ସରକାର ଓ ପ୍ରଶାସନ ବେଳାଭୂମିରେ ମତ୍ସ୍ୟଜୀବୀଙ୍କ ଜୀବନ ଓ ଡଙ୍ଗା ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି।

# ରାଜ୍ୟ ଓଷ୍ଟା ଶିଶୁ ଉତ୍ସବ / ଏକକ ଅଭିନୟରେ ସ୍ମୃତିଶିଖା ପ୍ରଥମ

ଭୋଗରାଇ,୨୯।୧୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବର ଏକକ ଅଭିନୟରେ ଭୋଗରାଇ ବ୍ଲକର ଶିଶୁ ପ୍ରତିଭା ରାଜ୍ୟସ୍ତରରେ ପ୍ରଥମ ହୋଇଛନ୍ତି। ଜିଲ୍ଲାରେ ଥିବା ୧୨ବ୍ଲକର ସଂପୃକ୍ତ ବିଭାଗରୁ ୩୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରଦ୍ଧାପୁର ଉଚ୍ଚ ବିଦ୍ୟାଳୟର ସ୍ମୃତିଶିଖା ଚାନ୍ଦ ଏକକ ଅଭିନୟରେ ପ୍ରଥମ ହୋଇ ରାଜ୍ୟ ସ୍ତରକୁ ଉନ୍ନିତ ହୋଇଥିଲେ। କଟକର ନୟାସଡ଼କ ସ୍ଥିତ ଓଷ୍ଟା କାର୍ଯ୍ୟାଳୟରେ ଗତ ୨୬ରୁ ୨୮ ତାରିଖରେ ଅନୁଷ୍ଠିତ ଶିଶୁମହୋତ୍ସବରେ ବାଲେଶ୍ୱର ଜିଲ୍ଲାର ପ୍ରତିନିଧିତ୍ୱ କରି ସେ ପ୍ରଥମ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର



ସୁଅ ଛୁଟିଛି। ତାଙ୍କର ସଫଳତା ପାଇଁ ଅଜା ତଥା ଭୋଗରାଇ କଳାକାର ସଂଘର ମୁଖ୍ୟ ଉପଦେଷ୍ଟା ଭୁବନ ଚନ୍ଦ୍ର ପାତ୍ର, ବାପା ଭଗୀରଥ ଚାନ୍ଦ, ମାଁ କବିତା ଚାନ୍ଦ, ଶ୍ରଦ୍ଧାପୁର ଉଚ୍ଚ ବିଦ୍ୟାଳୟ ତଥା ରଘୁନାଥ ସଂଗୀତ ଓ ନୃତ୍ୟ ମହାବିଦ୍ୟାଳୟ ରଣସିଂହପୁରର ସମସ୍ତ ଗୁରୁଙ୍କୁ ସେ ଶ୍ରେୟ ଦେଇଛନ୍ତି। ଭୋଗରାଇ ଓଷ୍ଟା ସଭାପତି ମହେଶ୍ୱର ଗିରି, ସମ୍ପାଦକ ଶାଶ୍ୱତ କୁମାର ଜେନା, ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ନଟରଞ୍ଜନ ଘରାଇ ସମେତ ଭୋଗରାଇ ଓଷ୍ଟାର ସମସ୍ତ ସଦସ୍ୟ/ସଦସ୍ୟା ଏବଂ ସ୍ଥାନୀୟ ଅଧିବାସୀ ମାନେ ତାଙ୍କର ଏ ସଫଳତା ପାଇଁ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଭକ୍ତି କୁଟୀର ମଠର ନୂତନ ଟ୍ରଷ୍ଟବୋର୍ଡ଼ ଗଠିତ

ବସ୍ତା ବ୍ଲକ, ୨୯।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମାଛିଆସ୍ଥିତ ଭକ୍ତି କୁଟୀର ମଠ ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ସମସ୍ତ ଭକ୍ତଙ୍କ ସମ୍ମତି କ୍ରମେ ଏକ ନୂତନ ଟ୍ରଷ୍ଟ ଗଠିତ ହୋଇଛି। ଏହି ଟ୍ରଷ୍ଟ ସୋମବାର ଭକ୍ତ କୁଟୀର ମଠରେ ଲୋକାର୍ପିତ ହୋଇଛି। ଏହି କ୍ରମରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ବିଧିବଦ୍ଧ ସୂଚନା ଦିଆ ଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅବସରପ୍ରାପ୍ତ ଡିଏସପି ଅସିତ୍ କୁମାର ମହାନ୍ତି, ମଠର ଗୁରୁ ମାତା ମିନତି ସାହୁ , ନାରାୟଣ ଚନ୍ଦ୍ର ଦଳାଇ, ରାଜ କିଶୋର ପରିଡ଼ା, ହରିଶ ଚନ୍ଦ୍ର ଦଳାଇ, ବିଶ୍ୱରୂପ ପରିଡ଼ା, ବିଷ୍ଣୁ ପଦ ବେହେରାଙ୍କ ସମେତ ବହୁ ଭକ୍ତ ଯୋଗ ଦାନ କରିଥିଲେ।



୧୯୪୦ ମସିହାରେ ଏହି ମଠ ସ୍ଥାପିତ ହୋଇଥିବା ବେଳେ ଏହାର କିମ୍ବଦନ୍ତୀ ରହିଛି। ଶ୍ରୀ ଶ୍ରୀ ଚୈତନ୍ୟ ଦେବ ପୁରୀ ଯିବା ସମୟରେ ଏହି ମଠରେ ଗୋଟିଏ ରାତ୍ରି ଯାପନ କରିଥିଲେ। ଦୀର୍ଘ ୮୫ ବର୍ଷ ପରେ ମଠ ସୁପରିଚାଳନା ଓ ତାତ୍ୱା ବଧାନ ପାଇଁ ଏହି ଟ୍ରଷ୍ଟ କାର୍ଯ୍ୟ କରିବା ନେଇ ସୂଚନା ଦିଆ ଯାଇଥିଲା। ଏହି ଟ୍ରଷ୍ଟ ବୋର୍ଡରେ ସଭାପତି ଗୋବର୍ଦ୍ଧନ ଦଳାଇ, ସନ୍ୟାସୀ ଜେନା, ବିଶ୍ୱମ୍ବର ଗିରି, ଚୈତନ୍ୟ ବେହେରା, ରବୀନ୍ଦ୍ର ପଡ଼ିଆରି, କାର୍ତ୍ତିକ ଚନ୍ଦ୍ର ସାହୁ, ଦାମୋଦର ନନ୍ଦୀ, ନିଆସି ରଣଜୀତ ଓ କାର୍ତ୍ତିକ ପ୍ରସାଦ ଜେନା ରହିଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି।

# ● ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା
# ପ୍ରଥମ ସ୍ଥାନ ଅଧିକାର କଲେ ଅଙ୍କିତ କୁମାର



ରେମୁଣା, ୨୯।୧୨ (ସମିସ): ଭୁବନେଶ୍ୱରଠାରେ ସୁନ୍ଦର ମୋ ଭାଷା ସାହିତ୍ୟ ଓ ଜମ୍ବରା କେନ୍ଦୁଝର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବାଲେଶ୍ୱର ବାଲିଆ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ର ଅଙ୍କିତ କୁମାର ଦାସ। ଅତିଥି ଭାବେ ଯୋଗ ଦେଇଥିବା ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଏବଂ ଗୁରୁମା ତନଶ୍ରୀ ପାଣିଗ୍ରାହୀ ଶ୍ରୀମାନ ଅଙ୍କିତ କୁମାରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାଲିଆ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ବିଦ୍ୟାଳୟ ପକ୍ଷରୁ ଶ୍ରୀମାନ ଅଙ୍କିତ କୁମାରଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଛନ୍ତି ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମା ମାନେ।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନମେଳା

ଜଳେଶ୍ୱର, ୨୯।୧୨ (ସମିସ): ନାମ୍ପୋସ୍ଥିତ ମାତୃବିହାରଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଗବେଷଣା କେନ୍ଦ୍ରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଦେବପ୍ରସାଦ ଜେନା ମାତୃପତାକା ଉତ୍ତୋଳନ ପରେ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଦ୍ୱାରା ୮୫ଟି ପକଳ୍ପ ପ୍ରଦର୍ଶୀତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ରଜନୀକାନ୍ତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦେବାଶିଷ ଦାସ ଓ ମୁଖ୍ୟବକ୍ତା ଭାବେ ଶୀତଳା ଠାକୁରାଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଦୁର୍ଗେଶ ନାୟକ, ସାମ୍ବାଦିକ ସୁକୁମାର ରଣା, ବିଦ୍ୟାଳୟର ସଂପାଦକ ଗୋପାଳ ଦତ୍ତ ଯୋଗଦେଇ କୁନି ବୈଜ୍ଞାନୀକ ମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ବ୍ରଜକିଶୋର ଦତ୍ତ ମଂଚ ପରିଚାଳନା କରିଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସୟଦ ବୁଖାରୀ ବାବାଙ୍କ ବାର୍ଷିକ ଉତ୍ସବ

କାଳିପଦା, ୨୯।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଗଞ୍ଜା ସ୍ଥିତ ସୟଦ ବୁଖାରୀ ସାହା ପୀର ବାବାଙ୍କ ପୀଠରେ ପୀର ବାବାଙ୍କ ୭୨ତମ ବାର୍ଷିକ ଉତ୍ସବ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମୁସଲିମ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇ ଲଙ୍ଗଳେଶ୍ୱର ବଜାର ନିକଟରୁ ଗଞ୍ଜା ପର୍ଯ୍ୟନ୍ତ ଚାଦର



ଶୋଭାଯାତ୍ରା କରିବା ପରେ ସଂଧ୍ୟାରେ ଗଞ୍ଜାସ୍ଥିତ ସୟଦ ବୁଖାରୀ ବାବାଙ୍କ ପୀଠରେ ଜଲସା କାର୍ଯ୍ୟକ୍ରମ ଏବଂ ଧାର୍ମିକ ସଭା ଅନୁଷ୍ଠିତ ହୋଇ ଥିଲା। ଅଞ୍ଚଳର ହଜାର ହଜାର ମୁସଲିମ ସମ୍ପ୍ରଦାୟର ଲୋକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୀର ବାବାଙ୍କ ଦର୍ଶନ କରି ଥିଲେ। ଅନୁଷ୍ଠାନର ସଭାପତି ରଜାକ ଶାହା, ଗନିରୁଦ୍ଦିନ ଶାହା, ମୟିରୁଦ୍ଦିନ ଶାହା, ଇନୁସୁଦ୍ଦିନ ଶାହା, ରସିଦ୍ ଶାହା, ରୟିସୁଦ୍ଦିନ ଶାହା, ଶେଖ୍ କାଲା, ଶେଖ୍ ଓକିଲ ପ୍ରମୁଖ ପରିଚାଳନା କରିଥିବା ବେଳେ ମହାରାଷ୍ଟ୍ରରୁ ଅବଦୁଲ ମୁସ୍ତାଫା ନୁରୀ ଏବଂ ଉତ୍ତର ପ୍ରଦେଶରୁ ଅହମ୍ମଦ ରେଜାନୁରୀ ଯୋଗଦେଇ ଧାର୍ମିକ ପ୍ରବଚନ ଦେଇଥିଲେ।

# ବ୍ୟାରିକେଡ୍‌କୁ ପିଟିଲା କାର; ଜଣେ ମୃତ, ଜଣେ ଗୁରୁତର

ବସ୍ତା ବ୍ଲକ, ୨୯।୧୨ (ସମିସ): ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥ ରେ ରବିବାର ବିଳମ୍ବିତ ରାତିରେ ଏକ କାର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣା ପଡ଼ିଛି। କୁହୁଡି ପାଇଁ ଏହି ଦୁର୍ଘଟଣା ଘଟିଥିବା କୁହା ଯାଉଛି। ରବିବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗ ଅଞ୍ଚଳର ଶୁକଦେବ ମିଶ୍ରାଙ୍କ ପୁଅ ସୁଭମ ମିଶ୍ରା (୨୮) ଏବଂ ଆଜିଜୁଲ



ଖାଁ ନାମକ ଦୁଇଜଣ ବ୍ୟକ୍ତି ଏକ କାର ଯୋଗେ ବାଲେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ଫେରୁଥିବା ବେଳେ ଜାତୀୟ ରାଜପଥ କୁଣ୍ଡୁପୁର ଛକ ନିକଟରେ କାରଟି ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ରେ ଥିବା ବ୍ୟାରିକେଡ଼କୁ ଧକ୍କା ଦେଇଥିଲା। ଫଳରେ କାରଟିଏ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇ ଯାଇଥିଲା ବେଳେ କାରରେ ଥିବା ଦୁଇଜଣ ଗୁରୁତର ହୋଇଥିଲେ। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର, ସେଠାରେ ଶୁଭମ୍ ମିଶ୍ରାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣକ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ବସ୍ତା ପୁଲିସ ଏକ ମାମଲା ରୁଜୁ କରି ମୃତକଙ୍କ ଶବ ବ୍ୟବଚ୍ଛେଦ କରି ଅଧିକ ତଦନ୍ତ ଜାରି ରଖିଛି।

# ରତାଇ ସେବା ସମବାୟ ସମିତିର ସାଧାରଣ ସଭା

କାଳିପଦା, ୨୯।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ରତାଇ ସେବା ସମବାୟ ସମିତିର ୫୬ ତମ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଭାପତି ଧର୍ମପଦ ଗିରି ସଭା କାର୍ଯ୍ୟକୁ ପରିଚାଳନା କରିବା ସହିତ ନିଜର ଅଭିଭାଷଣରେ ସେବା ସମବାୟ ସମିତିର ଶୃଙ୍ଖଳିତ ବିଭିନ୍ନ କାର୍ଯ୍ୟକୁ ଆଲୋଚନା କରିଥିଲେ। ଉପ ସଭାପତି ସାରଦା ଗିରି, ସମ୍ପାଦକ ନଳିନୀ କାନ୍ତ ଜେନା ପ୍ରମୁଖ ସମବାୟ ସମିତିର ସମସ୍ତ ହିସାବକୁ ଆଲୋଚନା କରିଥିଲେ। ପରେ ଆମନ୍ତ୍ରିତ ଅତିଥି ବାଲିଆପାଳ ସମବାୟ ଶାଖା ପରିଚାଳକ ଅରୁଣ ମାଇତି ପ୍ରମୁଖ ସମିତିର ଆଦାନ ପ୍ରଦାନ, ଜମାରାଶି, ନୂତନ ହିତାଧିକାରୀ ମାନଙ୍କ ଖାତା ଖୋଲିବା, ଋଣ ପ୍ରଦାନ କ୍ଷେତ୍ରରେ ରତାଇ ଶାଖା ଏକ ନମ୍ବର ମାନ୍ୟତା ହାସଲ କରିବା ସମ୍ବନ୍ଧରେ ନିଜର ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ମନ୍ମଥ ଚକ୍ରବର୍ତ୍ତୀ, କାର୍ତ୍ତିକ ପତ୍ର, ହୃଦାନନ୍ଦ ରାଉତ, ବିଜୟ କୁମାର ବେହେରା ,ପଞ୍ଚାନନ କୁହ୍ଲାରୀ ,ବେଣୁଧର ସାହୁ, ଦେବିଲତା ସାହୁ ,ସଞ୍ଜୟ ବାରିକ, ସତ୍ୟଜିତ ଗିରି, ସାର୍ଥକ ରାଉତ, ଚକ୍ରଧର କୁଅଁର, ଭୁବନ ଗଙ୍ଗାଇ, ନରେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ନଳିନୀ କାନ୍ତ ଜେନା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଘର ତାଲା ଭାଙ୍ଗି ଲୁଟିନେଲେ
# ୫ ଲକ୍ଷ ଟଙ୍କା ସହ ୨୦ ଲକ୍ଷର ସୁନାଗହଣା

ଜଳେଶ୍ୱର,୨୯।୧୨(ସମିସ)

ରବିବାର ବିଳମ୍ବିତ ରାତିରେ ଜଳେଶ୍ୱର ଥାନା ଅଧୀନରେ ଥିବା ଆରୁହା ଗ୍ରାମ ପଞ୍ଚାୟତ ଚକର୍ଜୁନି ଗ୍ରାମର ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ରଙ୍କ ଘର ସହ ତିନି ଜଣ ଭଡ଼ାରେ ରହୁଥିବା ସମସ୍ତ ଘରର ତାଲା ଭାଙ୍ଗି ୫ ଲକ୍ଷରୁ ଅଧିକ ଟଙ୍କା ୨୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ଚୋରି ହୋଇ ଯାଇଛି।

ସୂଚନାରୁ ପ୍ରକାଶ ଯେ ଶାଳିକୋଠା ବାଗିଶ୍ୱରି ସଂସ୍କୃତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ତଥା ଚକର୍ଜୁନି ଗ୍ରାମର ଗ୍ରାମ ମୁଖ୍ୟ କାର୍ତ୍ତିକେଶ୍ୱର ପାତ୍ର ଆଜକୁ ୧୦ ବର୍ଷରୁ ଉର୍ଦ୍ଧ ହେବ ଜଳେଶ୍ୱର ପଞ୍ଚିମବାଡର୍ କପାଶିଆ ସଂଲଗ୍ନ ରାସ୍ତାରେ ଘର କରି ପରିବାର ସହ ବସବାସ କରି ଆସୁଛନ୍ତି। ଗତ ୨୭ ତାରିଖ ଶନିବାର ସକାଳୁ କୌଣସି କାର୍ଯ୍ୟ ପାଇଁ ଶ୍ରୀ ପାତ୍ର ପରିବାର ସହ ଭୁବନେଶ୍ୱର ଯାଇଥିଲେ। ଭଡା ସୁତ୍ରରେ ରହୁଥିବା କମର୍ଦ୍ଦା ଥାନା ଚିରକୁଲା ଗ୍ରାମର ରମାକାନ୍ତ ପାତ୍ରଙ୍କ ସହ ପରିବାର, ଭୋଗରାଇ ବ୍ଲକ ଶଙ୍ଖାରି ଗ୍ରାମର ସବିତା ସାମଲ ଓ ବାଣୀଦା ଗ୍ରାମର ବନଶ୍ରୀ ମହାପାତ୍ର ଖ୍ରୀଷ୍ଟମାସ ଛୁଟି ପାଇଁ ସମସ୍ତେ ନିଜ ନିଜ ଘରକୁ ଚାଲି ଯାଇଥିଲେ। ରବିବାର ରାତି ୧୨ ଟା ସମୟରେ ଶ୍ରୀ ପାତ୍ର ନିଜ ମୋବାଇଲ ଫୋନରେ ସିସି କ୍ୟାମେରା ଯାଞ୍ଚ କରିଥିଲେ ସବୁ ଠିକ ଠାକ୍ ଥିଲା। ରାତି ପ୍ରାୟ ୩ ଟା ସମୟରେ ମୋବାଇଲ ଚେକ୍ କରିବାରୁ ସିସି କ୍ୟାମେରା ବନ୍ଦ ଥିବା ଜାଣି ସଙ୍ଗେ ସଙ୍ଗେ ପାଖ ଘର ଦିଲ୍ଲୀପ କୁମାର ସିଂହଙ୍କୁ ଫୋନ କରି ଜଣେଇ ଥିଲେ। ଶ୍ରୀ ସିଂହ ସଙ୍ଗେ ସଙ୍ଗେ ଆସି ଗ୍ରିଲ ଦେଖିଲା ବେଳକୁ ଗ୍ରିଲ୍ ଠିକ ଠାକ୍ ଅଛି। ଘରର ପଛ ବାଡ଼ୁ ଭାଙ୍ଗି ସମସ୍ତ ଘରର ତାଲା ଭାଙ୍ଗିବା ସହ ସମସ୍ତ ଘରର ଗଡରେଜ ଭାଙ୍ଗି ଅଧ୍ୟାପକ କାର୍ତ୍ତିକ ବାବୁଙ୍କ ନଗଦ ୩ ଲକ୍ଷ ୬୦ ହଜାର ଟଙ୍କା, ୬୦ ଗ୍ରାମ ସୁନା ଓ ୪ ସହ ଗ୍ରାମର ରୂପା ସହିତ ଅନ୍ୟାନ୍ୟ କାଗଜ ପତ୍ର ନେବା ସହ ଭଡ଼ାରେ ରମାକାନ୍ତ ବାବୁଙ୍କ ରୁମ୍‌ରୁ ନଗଦ ୨୫ ହଜାର ଟଙ୍କା ୫୦ ଗ୍ରାମ ସୁନା ଗହଣା ସହିତ ଅନ୍ୟାନ୍ୟ କାଗଜ ପତ୍ର ଚୋରି ହୋଇ ଯାଇଛି। ଚୋରି ହୋଇ ଯାଇ ଥିବା ୫ ଲକ୍ଷ ରୁ ଉର୍ଦ୍ଧ ଟଙ୍କା ଓ ଗହଣାର ଆନୁମାନିକ ମୂଲ୍ୟ ୨୦ଲକ୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଏ ସଂପର୍କରେ ଜଳେଶ୍ୱର ଥାନାରେ ଅଭିଯୋଗ ପରେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ, ଏଏସଆଇ ଧୀରେନ୍ଦ୍ର ସାମଲଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛନ୍ତି।

# ‘ପୋଷଣ ଭି ପଢ଼ାଇ ଭି’ ସମ୍ପର୍କିତ କର୍ମଶାଳା

ବସ୍ତା ବ୍ଲକ, ୨୯।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମହିଳା ଶିଶୁ ସମ୍ପନିତ ବିଭାଗ ପକ୍ଷରୁ ଅଙ୍ଗନବାଡ଼ି କର୍ମୀଙ୍କୁ ନେଇ ‘ପୋଷଣ ଭି ପଢାଇ ଭି’ ଉପରେ ଏକ କର୍ମଶାଳା ସୋମବାର ବ୍ଲକ ପରିସରରେ ଥିବା ସଭାଗୃହରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା ଯୋଗଦେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସିଡିପିଓ ସ୍ନେହଲତା ଦାସଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କର୍ମଶାଳାରେ ମାଷ୍ଟର ଟ୍ରେନର ଭାବେ ସୁପରଭାଇଜର ସ୍ୱୟଙ୍ଗ ପ୍ରଭା ପ୍ରାମାଣିକ, ଜବାମଣି ମୁର୍ମୁ, ବୈଜୟନ୍ତୀ ମୁଦୁଲି, ଲକ୍ଷ୍ମୀମଣି ସାହୁ, ସୂର୍ଯ୍ୟମଣି ଦାସଙ୍କ ସମେତ ଅତିଥି ଟ୍ରେନର ଯୋଗ ଦେଇ ଅଙ୍ଗନବାଡ଼ି କର୍ମୀଙ୍କୁ ଟ୍ରେନିଂ ଦେଇ ଥିଲେ। ଶୂନ୍ୟରୁ ତିନି ବର୍ଷ ଓ



ତିନିରୁ ଛଅ ବର୍ଷ ପିଲାଙ୍କ ପାଇଁ ସୁଷମ ଖାଦ୍ୟ ଯେତିକି ଜରୁରୀ ଶିକ୍ଷା ମଧ ସେତିକି ଜରୁରୀ ରହିଛି। ଏହି କ୍ରମାନ୍ୱୟରେ ନବ ଚେତନା ଓ ଆଧାର ଶିଳା ପାଠ୍ୟ ଖସଡ଼ା ମୁତାବକ ଟ୍ରେନିଂ ଦିଆ ଯାଇଛି। ୩ ଦିନ ବ୍ୟାପୀ ଏହି କର୍ମଶାଳା ଅନୁଷ୍ଠିତ ହୋଇ ଆସନ୍ତା ୩୧ ତାରିଖରେ ସରିବ। ଅନ୍ୟପକ୍ଷେ ପ୍ରତ୍ୟେକ ଶନିବାର ପଞ୍ଚାୟତରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ କିଶୋରୀ ସହିତ ମାଆ ମାନଙ୍କୁ ନେଇ କରାଯାଉଥିବା ପ୍ରଭାତ ଫେରି କାର୍ଯ୍ୟକ୍ରମ ବସ୍ତା ଆଇସିଡିଏସ ର ପ୍ରମୁଖ ଭୂମିକା ନେଇ ପ୍ରଶଂସା ସାଉଁଟିଛି। ଏହି କର୍ମଶାଳା ପୂର୍ବରୁ ବ୍ଲକ ପରିସର ରେ ଅଙ୍ଗନବାଡ଼ି କର୍ମୀଙ୍କୁ ନେଇ ବାଲ୍ୟ ବିବାହ ମୁକ୍ତ ବ୍ଲକ ଗଠନ ପାଇଁ ଏକ ସମୂହ ଶପଥ ପାଠ କରା ଯାଇଥିଲା। ଏଥିରେ ବସ୍ତା ବ୍ଲକରୁ ୨୨୦ ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ।

## ୪୮ ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀ

# ପାଲା ପାଇଁ ଓଡ଼ିଆ ଲୋକସାହିତ୍ୟ ଜୀବନ୍ତ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୨୯।୧୨(ସମିସ): ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ 'ପାଲା'ର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଓଡ଼ିଆ ଲୋକ ସାହିତ୍ୟ ଜୀବନ୍ତ ହୋଇଛି। ତେଣୁ, ଏଭଳି ଏକ ସମୃଦ୍ଧ ଲୋକକଳା ବଞ୍ଚାଇ ରଖି ଏହାର ଅଭିବୃଦ୍ଧି ଦିଗରେ ଚେଷ୍ଟା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଆଜି ଓଡ଼ିଶାର ଅନ୍ୟତମ ଆଧ୍ୟାତ୍ମିକ ଓ ବିଦଗ୍ଧ ଲୋକକଳା 'ପାଲା'ର ୪୮ତମ ରାଜ୍ୟସ୍ତରୀୟ ମହାସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଓଡ଼ିଆ ଅସ୍ମିତା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଫକୀର ମୋହନ ନାଏକ, ବିଧାୟକ ଅଖିଳଚନ୍ଦ୍ର ନାଏକ, ନିକୁ ସାହୁ, ସୁକଦେବ ମହାନ୍ତ, ଡ଼ା. ଧରଣୀଧର ନାଥ, ପ୍ରଫେସର ନିରଦ ଦାଶ, ଅମିୟ ପଟ୍ଟନାୟକ, ପ୍ରତାପଚନ୍ଦ୍ର ପ୍ରଧାନ, ବସନ୍ତ ରାଉତ, ରମାକାନ୍ତ ପାତ୍ର, ଡ଼ା. ମଦନ ମୋହନ ଜେନା, ପଣ୍ଡିତ ଜିତୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ରମା' ତାରିଣୀ ପାଲା କଳାକାର ସଂଘ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାର ପାଲା ଗାୟକ ଓ ବାୟକ ମଣ୍ଡଳୀ ଉପସ୍ଥିତ ଥିଲେ।



## ମାନସୀ ମଡେଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

କେନ୍ଦୁଝର, ୨୯।୧୨(ସମିସ): ମାନସୀ ମଡେଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ରବିନାରାୟଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଡିଇଓ ଶ୍ରୀକାନ୍ତ ବେହେରା ମୁଖ୍ୟଅତିଥି, ଧରଣୀଧର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ସୁଧାକର ଦାଶ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସଦର ବ୍ଲକର ଏବିଇଓ ମାନସ ରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ଏଆର. ଖାନ୍ ଯୋଗ ଦେଇଥିଲେ। ବିଦ୍ୟାଳୟର ଉପଦେଷ୍ଟା ତପନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଆଜୀବନ ସେବା ପାଇଁ ଉତ୍ସବରେ 'ମାନସୀ ପ୍ରତିଭା ସମ୍ମାନ' ଭାବରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ ମଦନ ମୋହନ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ ତଥା ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ପଦ୍ମିନୀ ସୁରଙ୍କୁ ଶିକ୍ଷାକ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ ଓ ଡ ଏମଡି ଫାୟାଜ ଆନସାରିଙ୍କୁ ମାନସୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ବିଗତ ଶିକ୍ଷାବର୍ଷରେ ସର୍ବାଧିକ ନମ୍ବର ରଖିଥିବା ୫ ଜଣ ଛାତ୍ରଙ୍କୁ ସମ୍ମାନିତ କରିବା ସହ ଚେକ୍ ପ୍ରଦାନ କରାଯାଇଥିଲା। ଆଦର୍ଶ ଅଭିଭାବକ ସମ୍ମାନ ପ୍ରଦାନ କରାଯିବା ସହ ଚାମ୍ପିୟନ୍ସମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। ଏହାସହ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ପାଇଁ ମାନସୀ ଟ୍ରଷ୍ଟ ଫଣ୍ଡ ଗଠନ କରାଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଭଞ୍ଜନ ସାହୁଙ୍କ ରଚିତ ଏକ ସୁନ୍ଦର ନାଟକ 'ନିଶା ନିବାରଣ' ପ୍ରଦର୍ଶନ କରାଯାଇଥିଲା।



## ରାଜ୍ୟ ଛାତ୍ର ବିଜେଡିର ଉପସଭାପତି ଅମରେନ୍ଦ୍ର



ହାଟଡ଼ିହୀ,୨୯।୧୨(ସମିସ): ବିଜେଡିର ସାଙ୍ଗଠନିକ କମିଟି ଗଠନ ପ୍ରକ୍ରିୟା ଜାରି ରହିଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟ ଛାତ୍ର ବିଜେଡିର ଉପସଭାପତି ଭାବେ କେନ୍ଦୁଝର ଜିଲ୍ଲା ହାଟଡ଼ିହୀର ଅମରେନ୍ଦ୍ର ଧଳଙ୍କୁ ନିଯୁକ୍ତି ଦେଇଛନ୍ତି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସେ ପୂର୍ବରୁ ରାଜ୍ୟ ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଏବେ କେନ୍ଦୁଝର ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ରହିଛନ୍ତି। ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଥିବା ବେଳେ ଏଥିପାଇଁ ଶ୍ରୀ ଧଳ ବିଜେଡି ଉଚ୍ଚ କର୍ତ୍ତୃପକ୍ଷ ଏବଂ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବୀରେନ୍ଦ୍ର ହେଲେ ଜିଲ୍ଲା ବିଜେଡି ସମ୍ପାଦକ



ହାଟଡ଼ିହୀ,୨୯।୧୨(ସମିସ): ବରିଷ୍ଠ ବିଜେଡ଼ି କର୍ମୀ ବୀରେନ୍ଦ୍ର ବିଶ୍ୱାଳ ଜିଲ୍ଲା ବିଜେଡି ସମ୍ପାଦକ ଭାବେ ନବନିଯୁକ୍ତ ହୋଇଛନ୍ତି। ଏନେଇ ଦଳର ପୂର୍ବତନ ଜିଲ୍ଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ଅମରେନ୍ଦ୍ର ଧଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଆନନ୍ଦପୁର ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର ପଲେଇ, ହାଟଡିହୀ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ଜେନାଙ୍କ ସମେତ ବିଶ୍ୱନାଥ ନାୟକ, ଗୌରାଙ୍ଗ ରଣା, ତ୍ରୈଲୋକ୍ୟ ସାହୁ, ବିମଳ କିଶୋର ଜେନା, ଧୁଶାସନ ସାହୁ, ଗୋପାଳ ନାୟକ, କାମପାଳ ନାୟକ, ରୁଦ୍ରପ୍ରସାଦ ଜେନା, ଉଦୟନାଥ ସା, କୁଳମଣି ରାଉତ, ବୈଦ୍ୟନାଥ ସାମଲ, ଶ୍ରୀକାନ୍ତ ନାୟକ, ଅମୀୟ ରଞ୍ଜନ ପହି, ପ୍ରଶାନ୍ତ ନାୟକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଅମରଜ୍ୟୋତି ଯୁବକ ସଙ୍ଘର ସମାବେଶ



ବାଲିବନ୍ଧ, ୨୯।୧୨ (ସମିସ): ଝୁମ୍ପୁରାସ୍ଥିତ ଅମରଜ୍ୟୋତି ଯୁବକ ସଙ୍ଘର ଏକ ସ୍ୱତନ୍ତ୍ର ସମାବେଶ ତଥା ତୃତୀୟ ବାର୍ଷିକ ପରିବାରିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ମୋଟ ୮୦ ଜଣ ସଦସ୍ୟଙ୍କୁ ନେଇ ତୃପ୍ତି ସଫାରୀଠାରେ ଏହି କାର୍ଯ୍ୟକ୍ରମରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ସହ ଭାବ ବିନିମୟ ହୋଇଥିଲା। ଏହାପରେ ମା'ମାନଙ୍କ ମଧ୍ୟରେ ଜିଲାପି ଖେଳ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିତ ଆସୋସିଏଟର ମାଲିକ ଜୟନ୍ତ ବେହେରା ପୁରସ୍କୃତ କରିଥିଲେ। ସଦସ୍ୟ ତିରୁପତି ବେହେରା, ରଞ୍ଜନ ବେହେରା, ତ୍ରୈଲୋଚନ ନାଏକ, କୁଞ୍ଜବିହାରୀ ନାଏକ, ପ୍ରଦୀପକୁମାର ସେଠୀ, ତପନ ସାହୁ, ଆଦିତ୍ୟ ପ୍ରଧାନ, ଜୟନ୍ତ ବେହେରା, ସଞ୍ଜୀବ ସାହୁ, ତପନ ପ୍ରଧାନ, ପରେଶନାଥ ପ୍ରଧାନ, ସଞ୍ଜୟ ସାହୁ, ବିବୁନ ବେହେରା, ନଳିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ବାର୍ଷିକ ସମାବେଶ ଖୁବ ଉତ୍ସାହ ଓ ଆନନ୍ଦର ସହ ଉଦ୍‌ଯାପିତ ହୋଇଥିବା ବରିଷ୍ଠ ସଦସ୍ୟ ସୁଶାନ୍ତ ବେହେରା ପ୍ରକାଶ କରିଛନ୍ତି।

## ପ୍ରତିଦିନ ଗଣତନ୍ତ୍ରକୁ ହତ୍ୟା କରୁଛି ବିଜେପି: କଂଗ୍ରେସ

ଆନନ୍ଦପୁର, ୨୯।୧୨ (ସମିସ): କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ପ୍ରତିଦିନ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି ବୋଲି କଂଗ୍ରେସ ପ୍ରତିଷ୍ଠା ଦିବସ ଅବସରରେ ଆନନ୍ଦପୁରରେ ବରିଷ୍ଠ ନେତୃବୃନ୍ଦ ସମାଲୋଚନା କରିଛନ୍ତି। ମନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାଁକୁ ବାଦଦେବା, ଗୁରୁଦିବସ ଶିଶୁଦିବସ ପାଳିତ ନହେବା ଭଳି ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ ବୋଲି କହି କଂଗ୍ରେସ ନେତା ଜୟଦେବ ଜେନା ବିଷୋଦଗାର କରିଥିଲେ। ଆନନ୍ଦପୁର ଷ୍ଟାଡିୟମରେ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ବିଜେପି ସରକାର ସାମ୍ପ୍ରଦାୟିକତା ଭାବ ସୃଷ୍ଟି କରି ବିଶୃଙ୍ଖଳା ସୃଷ୍ଟି କରୁଛି ବୋଲି ମତାବ୍ୟକ୍ତ କରିଥିଲେ। ନଗର ସଭାପତି ହାଡିବନ୍ଧୁ ଖୁଣ୍ଟିଆଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀ ଜେନା, ମହିଳା ନେତ୍ରୀ ସସ୍ମିତା ଜେନାଙ୍କ ସହ ବହୁ ସଂଖ୍ୟାରେ କର୍ମୀ ଓ ବରିଷ୍ଠ ନେତା ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘର ବାର୍ଷିକ ସମ୍ମିଳନୀ



ତୁରୁମୁଙ୍ଗା, ୨୯।୧୨(ସମିସ): ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଙ୍ଘ ପାଟଣା ସାହାରପଡ଼ା ତରଫରୁ ବାର୍ଷିକ ସମ୍ମିଳନୀ ପାଟଣା ବୈତରଣୀ ତୀର୍ଥଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କ୍ୟାପଟେନ ଉପେନ୍ଦ୍ର ମହାନ୍ତ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ, ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ ଯୋଗ ଦେଇଥିଲେ। ରମାକାନ୍ତ ମହାନ୍ତ, ଏସଏମ ପ୍ରେମାନନ୍ଦ ମହାନ୍ତ, ଏସଏମ ଡମ୍ବରୁଧର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ହେମନ୍ତ ମହାନ୍ତ, ମଧୁସୂଦନ ମହାନ୍ତ, ମହେଶ୍ୱର ମହାନ୍ତ, ଶରତଚନ୍ଦ୍ର ମହାନ୍ତ, ଏସଏମ ଲାଲମୋହନ ମୁଣ୍ଡା, ନାଏକ ଶଙ୍କର୍ଷଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାପଟେନ ଉପେନ୍ଦ୍ର ମହାନ୍ତ ଓ ସୁବେଦାର ନାରାୟଣ ବାରିକ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖେଳ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ଝୁମୋର ନୃତ୍ୟ ଓ ସଙ୍ଗୀତରେ ପରିବେଶ ବେଶ୍ ରୋମାଞ୍ଚକର ହୋଇଥିଲା। ଦିବଙ୍ଗତ ସୈନିକଙ୍କ ପତ୍ନୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଇଞ୍ଜୋଳରେ ବିଜେଡିର ସାଙ୍ଗଠନିକ ସଭା



ହାଟଡ଼ିହୀ,୨୯ । ୧୨(ସମିସ): ହାଟଡ଼ିହୀ ବ୍ଲକର ଇଞ୍ଜୋଳରେ ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ଅମରେନ୍ଦ୍ର ଧଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ଜେନା, ସରପଞ୍ଚ ସସ୍ମିତା ମହାପାତ୍ର ପ୍ରମୁଖ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ କର୍ମୀ ସମ୍ମିଳନୀ କରାଯାଇ ଦଳକୁ ପୁନର୍ବାର ତୃଣମୂଳ ସ୍ତରରୁ ସୁଦୃଢ଼ କରାଯିବା ଉପରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ବିକ୍ରମ କେଶରୀ ବିଶ୍ୱାଳ, କିଶୋର ଜେନା, ସାଧାରଣ ସମ୍ପାଦକ ସୁଶୀଲ ହୋତା, ଶତ୍ରୁଘ୍ନ ପାତ୍ର ଓ ସମ୍ପାଦକ ବୀରେନ୍ଦ୍ର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବିଜୟ ମହାପାତ୍ର, ପ୍ରକାଶ ସୁଆର, ପ୍ରମୋଦ ନାୟକ, ରଙ୍ଗାଧର ମଲ୍ଲିକ, ଚିତ୍ତରଞ୍ଜନ ନାୟକ, ସୁବାସ ମହାପାତ୍ର, ଅନନ୍ତ ଗୋପାଳ ପଣ୍ଡା, ଈଶ୍ୱରଚନ୍ଦ୍ର ରାଉତ, ଅକ୍ଷୟ ସ୍ୱାଇଁ, ହରେକୃଷ୍ଣ ନାୟକ, ପ୍ରଫୁଲ୍ଲ ଜେନା ପରିଚାଳନା କରିଥିବା ବେଳେ ୫ଶହରୁ ଉର୍ଦ୍ଧ୍ୱ ପୁରୁଷ ମହିଳା ଯୋଗ ଦେଇଥିଲେ।

## ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼ ଦାବି



କେନ୍ଦୁଝର, ୨୯।୧୨(ସମିସ): ଅହେତୁକ ଶୁଳ୍କ ଅତିରିକ୍ତ ସୁରକ୍ଷା ଜମା ଦାଖଲ ନ କରିବା, ୩୦୦ ୟୁନିଟ ବିଦ୍ୟୁତ ଛାଡ଼ ଓ ଚାଷୀ ମାଗଣା ବିଦ୍ୟୁତ ଦେବା ବ୍ୟବସ୍ଥା ଦାବିରେ କେନ୍ଦୁଝର ଜ଼ିଲ୍ଲା କଂଗ୍ରେସ କମିଟି ତରଫରୁ କେନ୍ଦୁଝର ବିଦ୍ୟୁତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଜରିଆରେ ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ୧୦ ଦଫା ଦାବିନେଇ ଜ଼ିଲ୍ଲା କଂଗ୍ରେସ କମିଟି ପକ୍ଷରୁ କର୍ମୀମାନେ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଫାଟକ ବନ୍ଦକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ପୂର୍ବତନ ଜ଼ିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ବରିଷ୍ଠ କଂଗ୍ରେସ ନେତା ଲଳିତ ମୋହନ ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ଜିଲ୍ଲା ବିଏଫ୍‌ଟି ସଂଘର ବୈଠକ

ଆନନ୍ଦପୁର, ୨୯।୧୨ (ସମିସ): ଆନନ୍ଦପୁର ଉପଖଣ୍ଡ ଦରଗୁଡ଼ିଶିଳାଠାରେ କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକର ବିଏଫଟି ସଙ୍ଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଙ୍ଘ ସଭାପତି ରମେଶଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ବିଏଫଟିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମାସିକ ଦରମାକୁ ପରିବର୍ତ୍ତନ, ୮ରୁ ୧୦ ମାସରେ ଦୈନିକ ମଜୁରି ମିଳିଥିବା ହେତୁ ବିଏଫଟିମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟା ସମାଧାନ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି।



ଗୋନାସିକା ମହୋତ୍ସବର ସାଂସ୍କୃତିକ ମଞ୍ଚରେ ବୀଣାପାଣି କଳାନିକେତନ, ଶାଳପଡ଼ା ନୃତ୍ୟାନୁଷ୍ଠାନର ନୃତ୍ୟାଭିନୟ "ମୋ ମାଟି ମୋ ପାଇଁ ମହାନ'

## ଜବରଦଖଲ ବିରୋଧରେ ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଦାବିପତ୍ର




ତୁରୁମୁଙ୍ଗା, ୨୯।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଭାଲୁଘର ଗ୍ରାମର ସର୍ବସାଧାରଣ ବ୍ୟବହୃତ ସରକାରୀ ଜାଗା ସହ ହୁଡ଼ିକୁ ବେଆଇନ ଭାବରେ ଘରୋଇ ଶିକ୍ଷାନୁଷ୍ଠାନ ଦଖଲ କରିଥିବା ନେଇ ପାଟଣା ଥାନା ଓ ପାଟଣା ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିବେକାନନ୍ଦ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଉକ୍ତ ଜାଗାକୁ ଦଖଲ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିବାରୁ ଗ୍ରାମବାସୀଙ୍କୁ ଧମକ ଦେଉଥିବା ନେଇ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଗ୍ରାମର ୱାର୍ଡମେମ୍ବର ସୁବାସିନି ମହାନ୍ତ,ଗୋଲାପ ମହାନ୍ତଙ୍କ ସମେତ ଚନ୍ଦ୍ରଭାନୁ ମହାନ୍ତ, ବସନ୍ତ ମହାନ୍ତ ଏବଂ ଶତାଧିକ ପୁରୁଷ ମହିଳା ପାଟଣା ଥାନାରେ ଅଭିଯୋଗ କରିବା ସହ ପାଟଣା ତହସିଲଦାର ଅଶ୍ୱିନୀ ନାୟକଙ୍କୁ ଭେଟି ବିବେକାନନ୍ଦ ଶିକ୍ଷାକେନ୍ଦ୍ର କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବିପତ୍ର ଦେଇଛନ୍ତି। ଖୁବଶୀଘ୍ର ଉକ୍ତ ଜାଗାକୁ ମାପ କାରାଯାଇ ବେଆଇନ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର କହିଛନ୍ତି।

## ଭୀମକୁଣ୍ଡରେ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା




ତୁରୁମୁଙ୍ଗା, ୨୯।୧୨(ସମିସ): ପାଟଣା ବ୍ଲକ ଅନ୍ତର୍ଗତ ବୈତରଣୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡଠାରେ ଆଜି ପାଖାପାଖି ୧୦ ହଜାର ପର୍ଯ୍ୟଟକଙ୍କ ବଣଭୋଜି ପାଇଁ ଭିଡ଼ ଦେଖାଯାଇଥିଲା। ଏହି ପର୍ଯ୍ୟଟନସ୍ଥଳୀରେ ଅନେକ ପ୍ଲାଷ୍ଟିକ ଓ ପଲିଥିନ ଛାଡ଼ି ଯାଉଥିବାରୁ ପରିବେଶ ଅନେକ ଅପରିଷ୍କାର ହେଉଛି। ଏହି ସ୍ଥାନକୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ପରିବେଶ କରିବା ପାଇଁ ଆଜି ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଭୀମକୁଣ୍ଡରେ ୱାଚଟାୱାର ନିର୍ମାଣ କରିଥିବା ରୁଙ୍ଗଟା ସଂସ୍ଥାର କର୍ମଚାରୀଙ୍କ ସହ ପାଟଣା ବନପାଳ ନିରଞ୍ଜନ ସେଠୀ, ବନରକ୍ଷୀ ଦୀପକ ସ୍ୱାଇଁ, ହୃଦାନନ୍ଦ ମହାନ୍ତି, ରାଜେଶ ଜେନା, ରୂପଶ୍ରୀ ଖୁଣ୍ଟିଆ ଓ ପାରା କର୍ମଚାରୀ ସଞ୍ଜୟ ମହାନ୍ତ, କୈଳାସ ମହାନ୍ତ, ରମାକାନ୍ତ ମହାନ୍ତଙ୍କ ସହ ବନ ସୁରକ୍ଷା ସମିତି ସଦସ୍ୟସଦସ୍ୟା ଓ ଏସଏଚଜି ସଦସ୍ୟାମାନେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ଭୀମକୁଣ୍ଡ ପରିକ୍ରମା କରିବା ସହ ପ୍ଲାଷ୍ଟିକ ଓ ପଲିଥିନ ସଫେଇ କରିଥିଲେ। ପର୍ଯ୍ୟଟକଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବଣଭୋଜିରେ ଏଣେତେଣେ ନପକାଇବା ପାଇଁ ପରାମର୍ଶ ଥିଲେ।

## ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

# 'ଛାତ୍ରଛାତ୍ରୀମାନେ ବିସ୍ମୟ ସୃଷ୍ଟି କରିବାରେ ସମର୍ଥ'

କେନ୍ଦୁଝର, ୨୯।୧୨(ସମିସ):

ଛାତ୍ରଛାତ୍ରୀମାନେ ଛୋଟିଆ ଛୋଟିଆ ନମୁନା ଜରିଆରେ ବିସ୍ମୟ ସୃଷ୍ଟି କରିବାରେ ସମର୍ଥ। ସେଥିପାଇଁ ଅନୁସନ୍ଧିତ୍ସା ମନୋଭାବ ରହିବା ଆବଶ୍ୟକ। ଛୋଟ ବେଳେ ଯଦି ବିଜ୍ଞାନରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ହେବ, ତେବେ ଆଗାମୀ ଦିନରେ ତାହାର ସୁଫଳ ମିଳିବ ବୋଲି ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୫୨ତମ ବାଲ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଯାପନୀ ସଭାରେ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଛନ୍ତି। ଡିଏନ ହାଇସ୍କୁଲରେ ସମାରୋହର ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଲେଇପଜିଗ ବିଶ୍ୱବିଦ୍ୟାଳୟ ଜର୍ମାନୀରେ କାର୍ଯ୍ୟରତ ଓଡ଼ିଆ ବୈଜ୍ଞାନିକ ଡ ଶିବାଶିଷ ଗିରି, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଏନ୍‌ସିଇଆର୍‌ଟି ଆସୋସିଏଟ୍ ପ୍ରଫେସର ଡ ଅରୁଣ ପ୍ରତାପ ସିକରୱାର, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ସହନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲ୍ଲା ବିଜ୍ଞାନ ଶିକ୍ଷା ପରିଦର୍ଶକ ପରମେଶ୍ୱର ମହାନ୍ତ, ଡି.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି ଯୋଗ ଦେଇଥିଲେ। ୭ଟି ବିଭାଗରୁ ୪ ଜଣ ଲେଖାଏଁ ମୋଟ ୨୮ ଜଣ ବାଲ ବୈଜ୍ଞାନିକଙ୍କୁ ଜୋନାଲ ସ୍ତର କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ନିଜ ନିଜର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିବା ପାଇଁ ମନୋନୀତ କରାଯାଇଛି। ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ, ସମସ୍ତ କମିଟିର ସଦସ୍ୟ ସହଯୋଗ କରିଥିଲେ। ସମୟଶ୍ରୀ ଚାଟାର୍ଜୀ ମଞ୍ଚ ସଞ୍ଚାଳନ କରିଥିଲେ।



# ଯାତ୍ରୀଙ୍କୁ ଯନ୍ତ୍ରଣା ଦେଉଛି ନୁଣିଆଯୋଡ଼ି ପୋଲ

ବାଲେଶ୍ୱର, ୨୯ ।୧୨(ସମିସ)



ସହରକୁ ପ୍ରବେଶ କରିବା ପାଇଁ ନୁଣିଆଯୋଡି ପୋଲ ହେଉଛି ମୁଖ୍ୟ ପଥ। ଏହା ଉତ୍ତର ଓଡ଼ିଶା ସମେତ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ରାସ୍ତାକୁ ମଧ୍ୟ ସଂଯୋଗ କରୁଛି। ଏବେ ଏହି ପୋଲଟି ଅବହେଳିତ ହୋଇପଡିଥିବା ବେଳେ ପୋଲ ମଧ୍ୟରେ ବଡ ବଡ ଗର୍ତ୍ତମାନ ସୃଷ୍ଟି ହୋଇଛି। ଯାହାର କୌଣସି ମରାମତି ମଧ୍ୟ କରାଯାଉ ନାହିଁ। ଅନ୍ୟପଟେ ଏହି ପୋଲଟି ଅଣ ଓସାରିଆ ହୋଇଥିବା ବେଳେ ଏକ ସାଙ୍ଗରେ ଦୁଇଟି ବଡ ଗାଡି ଆସୁଥିଲେ ପୋଲଟି ଦୀର୍ଘ ସମୟ ପର୍ଯ୍ୟନ୍ତ ଜାମ ରହୁଛି। ଫଳରେ ସାଧାରଣ ଲୋକେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଆଜି ଠିକ ଏଭଳି ଘଟଣା ଦେଖିବାକୁ ମିଳିଛି ନୁଣିଆଯୋଡି ପୋଲରେ। ପୋଲଟି ଦୀର୍ଘ ସମୟ ଧରି ଜାମ ରହିଥିବାରୁ ଏକ ଆମ୍ବୁଲାନ୍ସ ଫସିଯାଇଥିଲା। ବାଲେଶ୍ୱର ସହରରୁ ୬୦ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିଛି ନୁଣିଆଯୋଡି ପୋଲ। ଏହି ପୋଲ ନିକଟରେ ଏବେ ନୂଆକରି ଅନ୍ୟ ଏକ ପୋଲ ନିର୍ମାଣ କରାଯାଉଛି। ଦୀର୍ଘ ବର୍ଷର ପୋଲଟି ଏବେ ଅବହେଳିତ ହୋଇପଡ଼ିଥିବା ବେଳେ ଏହାର ମରାମତି ମଧ୍ୟ ହେଉନାହିଁ। ଅନ୍ୟପଟେ ପୋଲଟି ଅଣ ଓସାରିଆ ଥିବାରୁ ଗୋଟିଏ ବସ କିମ୍ବା ଅନ୍ୟ ବଡ ଗାଡି ଗଲେ ଅନ୍ୟ ଗାଡି ଯିବା ଆସିବା କରିବା କଷ୍ଟକର ହୋଇପଡେ। ଏପରି ସ୍ଥଳରେ ଦୁଇଟି ବଡ ଗାଡି ଏକାସାଙ୍ଗରେ ପଶିଲେ ଘଂଟା ଘଂଟା ଧରି ଏହି ପୋଲ ଜାମ ହୋଇଥାଏ। ଆଜି ସକାଳ ପ୍ରାୟ ୧୦ଟା ସମୟରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ପୋଲ ଉପରେ ଏକ ବସ୍ ସାଙ୍ଗକୁ ଅନ୍ୟ ଏକ ବଡ ଗାଡି ଫସିଯିବାରୁ ପୋଲଟି ଜାମ ହୋଇଯାଇଥିଲା। ଏହି ପୋଲର ମଝିରେ ଫସି ରହିଯାଇଥିଲା ଆମ୍ବୁଲାନ୍ସ। ଏହି ଆମ୍ବୁଲାନସ ଦୀର୍ଘ ସମୟ ଧରି ସେଠାରେ ଫସିରହିଥିବା ବେଳେ ଶହ ଶହ ସଂଖ୍ୟାରେ ବାଇକ ସମେତ କାର ମଧ୍ୟ ଫସିରହିଥିଲା। ଏଣୁ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

**ବଡ଼ ଗାଡ଼ି ପଶିଲେ ରାସ୍ତା ଜାମ୍, ଫସୁଛି ଆମ୍ବୁଲାନ୍ସ**

## ଫୁଲାଡି ଛକରୁ ବ୍ରାଉନସୁଗର ଜବତ, ଜଣେ ଗିରଫ

ବାଲେଶ୍ୱର,୨୯ ।୧୨(ସମିସ): ଅବକାରୀ ବିଭାଗ ଆଜି ଫୁଲାଡି ଛକରୁ ୭୦ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଜଣେ ବେପାରୀକୁ ମଧ୍ୟ ଗିରଫ କରିଛି। ଗିରଫ ବେପାରୀ ଜଣକ ହେଉଛନ୍ତି ବିଶ୍ୱଜିତ ନାୟକ(୩୦)। ବାଲେଶ୍ୱର ସହର ସମେତ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବ୍ରାଉନସୁଗର କାରବାର ହେଉଛି। କିଛି ଦିନ ତଳେ ସହରର ଅରଡବଜାରସ୍ଥିତ ମସଜିଦ ଗଳିରୁ ବ୍ରାଉନସୁଗର ଜବତ ହୋଇଥିବା ବେଳେ ଆଜି ପୁଣି ଫୁଲାଡି ଛକ ଠାରୁ ବ୍ରାଉନସୁଗର ଜବତ ହୋଇଛି। ବିଶ୍ୱଜିତ ବାଲେଶ୍ୱର ସହରରୁ ବ୍ରାଉନସୁଗର ନେଇ ଫୁଲାଡିରେ ବ୍ରିକି କରିବାକୁ ଉଦ୍ୟମ କରୁଥିବା ଖବର ପାଇ ସଦର ଅବକାରୀ ବିଭାଗ ଫୁଲାଡି ଛକରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ତା ନିକଟରୁ ୭୦ଗ୍ରାମର ବ୍ରାଉନସୁଗର ମିଳିଥିଲା। ଯାହାର ମୂଲ୍ୟ ୭ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ବିଶ୍ୱଜିତକୁ କୋର୍ଟ ଚାଲାଣ କରିଛି।




## ଓଡ଼ିଶା କୃଷକ ସଭା ବାଲେଶ୍ୱର ଜିଲ୍ଲା କମିଟିର ବୈଠକ



ବାଲେଶ୍ୱର,୨୯।୧୨(ସମିସ): ଓଡ଼ିଶା କୃଷକ ସଭାର ବାଲେଶ୍ୱର ଜିଲ୍ଲା କମିଟିର ବୈଠକ ସୀତାଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ଜିଲ୍ଲା ଅଫିସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଜି ପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲା ଯାଇ ନ ଥିବାରୁ ଉଦବେଗ ପ୍ରକାଶ ପାଇଛି। ଏପରିକି କିଛି କିଛି ସମବାୟ ସମିତିରେ ଆଦୌ ଟୋକନ ମିଳିନଥିବା ବେଳେ କେତେକ ସମବାୟ ସମିତିରେ ନାମକୁ ମାତ୍ର ଟୋକନ ମିଳିଛି। ସରକାରଙ୍କ ବହୁ ପ୍ରଚାରିତ ଧାନ ମଣ୍ଡି ଖୋଲିବା କେବେଳ ପ୍ରଚାରରେ ସୀମିତ ରହିଛି। ଖଟି ବାଲା ଏବଂ ବଙ୍ଗ ବେପାରୀ ମାଲେ ମାଲ୍ ହେଉଛନ୍ତି। ତୁରନ୍ତ ସରକାର ବ୍ୟବସ୍ଥା ନିଅନ୍ତୁ, ଅଣାୟତ୍ତ ପରିସ୍ଥିତି ହେଲେ ସରକାର ଦାଇ ରହିବେ। ସେହିପରି ଶ୍ରମ କୋଡ଼ ପରିବର୍ତନ କରିବା, ମନରେଗାକୁ ବଦଳାଇ ଗ୍ରାମର ସାଧାରଣ ଖଟିଖିଆଙ୍କୁ ରୋଜଗାରରୁ ବଂଚିତ କରିବାର ଯୋଜନାକୁ ବୈଠକରେ ନିନ୍ଦା କରାଯାଇଛି। ସାରା ଦେଶ ସହିତ ଆମ ରାଜ୍ୟ ତଥା ଆମ ଜିଲ୍ଲାରେ ଯେଉଁ ଭଳି ଭାବରେ ସାମ୍ପ୍ରଦାୟିକ ଉସକାଣୀ ଦିଆଯାଉଛି ତାହା ବୈଠକରେ ଉଦବେଗ ପ୍ରକାଶ କରାଯାଇଛି। ବିଶେଷ କରି ବାଲେଶ୍ୱର ଷ୍ଟେସନରେ ସାଧାରଣ ଲୋକ ଓ ଯାତ୍ରୀଙ୍କୁ ତାଙ୍କ ପରିଚୟ ପତ୍ର ଦେଖାଇବା ପାଇଁ ଧମକାଇବା ଘଟଣା ସାମ୍ପ୍ରଦାୟିକ ଭେଦଭାବର ପରିପ୍ରକାଶ। ଏହି ସମସ୍ତ ଘଟଣା ଉପରେ ଆଗାମୀ ଜାନୁଆରୀ ୧୯ ତାରିଖରେ କୃଷକସଭା, କ୍ଷେତ ମଜଦୁର ୟୁନିୟନ ଓ ସି.ଆଇ.ଟି.ୟୁ. ତରଫରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମୁଖରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ଜିଲ୍ଲା ସମ୍ପାଦକ ଦିଲ୍ଲୀପ ଗିରି, ପ୍ରେମ ରଞ୍ଜନ ପାତ୍ର, ଗୋବିନ୍ଦ ବାରିକ, ପ୍ରଭାକର ବେହେରା, ପ୍ରସନ୍ନ ଷଡଙ୍ଗୀ, ଜୀବନ ପରିଡା, ସତ୍ୟଜିତ ଦାସ, ନାରାୟଣ ଧାମୁଡିଆ, ପ୍ରଶାନ୍ତ ରାୟ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ବାସନ୍ତୀ ଦାସଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ



ବାଲେଶ୍ୱର,୨୯।୧୨(ସମିସ): କବିତୀର୍ଥ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ଓ ରେମୁଣା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବାସନ୍ତୀ ଦାସଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇଯାଇଛି। ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଦୁଇଟି ପୁସ୍ତକର ଉନ୍ମୋଚକ ଭାବରେ ପ୍ରାକ୍ତନ ନୀଳଗିରି ବିଧାୟକ କମ୍ରେଡ଼ ପ୍ରଦୀପ୍ତ ପଣ୍ଡା ଯୋଗ ଦେଇଥିଲେ। ଉପନ୍ୟାସ ସୃଷ୍ଟି ସମ୍ପର୍କରେ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ମତବ୍ୟକ୍ତ କରିଥିଲେ। ଯଶସ୍ୱୀ ସମାଲୋଚକ ପଣ୍ଡିତ ନିରଞ୍ଜନ ସାହୁ କବିତା ସଙ୍କଳନ 'ମାଟିର ସ୍ୱର'କୁ ମାଟି ମାଆ ସହିତ ତୁଳନା କରି କବୀ ବାସନ୍ତୀ ଦାସ ଅନୁରୂପ ଭାବରେ ପ୍ରତ୍ୟେକ କବିତାକୁ ମର୍ଯ୍ୟାଦାବନ୍ତ କରି ପରିବେଷଣ କରିଛନ୍ତି ବୋଲି ସମୀକ୍ଷାରେ ଉଲ୍ଲେଖ କରିଥିଲେ। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକକଥନ ରଖିବା ସଙ୍ଗେସଙ୍ଗେ 'ଘାସଫୁଲ' ଉପନ୍ୟାସ ଟିକୁ ସମୀକ୍ଷା କରିଥିଲେ। ଦୁଇଟି ପୁସ୍ତକର 'ସ୍ୱାତୀ' ପ୍ରକାଶନର ପ୍ରକାଶକ ପ୍ରକାଶକୀୟ ଅନୁଭୂତି ବାଣ୍ଟିଥିବା ବେଳେ ଲେଖିକା ବାସନ୍ତୀ ଦାସ ଲେଖକୀୟ ଅନୁଭୂତି ବଖାଣି ଥିଲେ। ଯୁଗ୍ମ ସମ୍ପାଦକ ରାଜେଶ ଗିରି ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ। ଏଥିରେ ବାସନ୍ତୀ ଦାସଙ୍କ ସ୍ୱାମୀ ଗୋବିନ୍ଦ ଦାସ ସମେତ ପରିବାରର ସଦସ୍ୟ ସଦସ୍ୟା ମାନଙ୍କ ସମେତ ପ୍ରଶାନ୍ତ ବରାଳ, ନରୋତ୍ତମ ପରିଡା, ବିଜୟ ମହାକୁଡ଼, ପ୍ରଦୀପ ମିଶ୍ର, ଚକ୍ରଧର ଦାସ, ପ୍ରଭାକର ସାହୁ, ଅରୁଣା ରାୟ, ଅଞ୍ଜଳି ପଣ୍ଡା, ବାସନ୍ତୀ ଦେ, ଜ୍ୟୋତ୍ସ୍ନା ରାୟ, ଜୟଶ୍ରୀ ମିଶ୍ର, ଦୀନବନ୍ଧୁ ଲେଙ୍କା, ତପନ ରାୟ, ଶରତ ଚନ୍ଦ୍ର ମହାପାତ୍ର, ଶିରୀଶ ଚନ୍ଦ୍ର ଜେନା, କାଳିକିଙ୍କର ଦାସ, ବିଦ୍ୟାଧର ସାହୁ, ପଦ୍ମଲୋଚନ ପ୍ରଧାନ, ମଧୁସୂଦନ ମାଝୀ, ହରେକୃଷ୍ଣ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ହେଲେ ତାପସ ପାଣିଗ୍ରାହୀ

ବାଲେଶ୍ୱର,୨୯।୧୨(ସମିସ): ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରେ ସୁଦୃଢ କରିବା ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଯୁବ ଜନତା ଦଳ ଏବଂ ଛାତ୍ର ଜନତା ଦଳର ଏକ ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ସେଥିରେ ବାଲେଶ୍ୱର ଜିଲ୍ଲାର ଜଣେ ଦକ୍ଷ ଯୁବନେତା ତଥା କୁରୁଡା ସରପଞ୍ଚ ତାପସ ପାଣିଗ୍ରାହୀଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଭାବେ ଘୋଷଣା କରିଛନ୍ତି। ତାପସ ପାଣିଗ୍ରାହୀ ୧୫ ବର୍ଷ ହେଲା ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ବିଭିନ୍ନ ପଦ ପଦବୀରେ ରହି ଆସିଛନ୍ତି। ୨୦୧୧ ମସିହାରୁ ୨୦୧୫ ମସିହା ଯାଏଁ ବାଲେଶ୍ୱର ଜିଲ୍ଲା ଛାତ୍ର ବିଜେଡି ଉପସଭାପତି, ୨୦୧୫ ରୁ ୨୦୧୭ ଯାଏଁ ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ, ୨୦୧୭ ରୁ ୨୦୨୦ ପର୍ଯ୍ୟନ୍ତ ଛାତ୍ର ବିଜେଡିର ଉତ୍ତର ଓଡ଼ିଶା ଜୋନ୍ ସଭାପତି ଏବଂ ୨୦୨୦ରୁ ୨୦୨୫ ଯାଏଁ ରାଜ୍ୟ ଯୁବ ବିଜେଡ଼ିର ସାଧାରଣ ସମ୍ପାଦକ ଭାବେ ବିଭିନ୍ନ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏବେ ସେ ରାଜ୍ୟ ଉପସଭାପତି ଭାବେ ଘୋଷଣା ହେବା ପରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ଯୁବ ପ୍ରତିଭା ଚୟନ ପାଇଁ ଗ୍ରାମୀଣ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା



ବାଲେଶ୍ୱର,୨୯।୧୨(ସମିସ): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ପଳାସପୁର ଗ୍ରାମରେ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅନୁମୋଦନ କ୍ରମେ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସହଯୋଗରେ ଅଭ୍ୟୁଦୟମ କମ୍ପ୍ୟୁଟର ଟ୍ରେନିଂ ଇନଷ୍ଟିଚ୍ୟୁସନ ଦ୍ୱାରା ପଞ୍ଚାୟତ ସ୍ତରରେ ଯୁବ ପ୍ରତିଭା ଚୟନ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭ୍ୟୁଦୟମ ଅଧ୍ୟକ୍ଷ ସବ୍ୟସାଚୀ ପ୍ରଧାନଙ୍କ ସଭାପତିତ୍ୱରେ ଉଦଘାଟନୀ ସଭାରେ ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ ମହାପାତ୍ର, ବରଣ୍ୟ ଅତିଥି ଭାବରେ ବାଲେଶ୍ୱର ବ୍ୟାଡ଼ମିଣ୍ଟନ ଆସୋସିଏସନ ସଭାପତି ଚିନ୍ମୟ କାନ୍ତି ବିଶ୍ୱାଳ, ସମାଜସେବୀ ପୀତବାସ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଭିନ୍ନକ୍ଷମ ଜାତୀୟ କ୍ରୀଡ଼ାବିତ ସୁଧାକର ସେଠୀ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦୁଇ ବାଲେଶ୍ୱର ପ୍ରତିଭାବାନ ରେଫେରୀ ସତ୍ୟଜିତ ପରିଡା, ଆଜିତାଭ ନାୟକ ପରିଚାଳନା କରିଥିଲେ। ମୋଟ ଆଠଟି ଟିମ ଭାଗ ନେଇଥିଲେ ଡି ବ୍ରଦର୍ସ, ରାଉତ ବୟଜ, ସାନ ସାଉଁ ସିଜିଲ୍ଲାର୍ସ, ରାକେଶ ହଣ୍ଟରର୍ସ, ଦା ମାବ୍ରିକ, ଆଚାର୍ଯ୍ୟ ସ୍ୱାରସ,ଫ୍ରେଣ୍ଡସ କ୍ଲବ, ବିନ୍ଦାସ କ୍ଲବ ପ୍ରମୁଖ ଭାଗ ନେଇ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରଜିତ ମହାନ୍ତି, ରାହୁଲ ବାରିକ, ଶକ୍ତି ପ୍ରସାଦ ରାଉତ, ଜୟଶ୍ରୀ ରାଉତ, ଅଭିଜିତ ଆଚାର୍ଯ୍ୟ, ସାଇ ସାହୁ, ମନ୍ମଥ ବାରିକ, ଦିବ୍ୟଜ୍ୟୋତି ରାଉତ, ଭାଷ୍ୟକାର ଯତୀନ ମହାନ୍ତି, ହେମେନ୍ଦ୍ର ବୁଗୁଡେଇ, ନବକୁମାର ନାୟକ, ମନୋଜ ରାଉତ ଧାରାବିବରିଣୀ ପ୍ରଦାନ କରିଥିଲେ।

## ଧିରେନ ନାୟକ ହେଲେ ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ

ବାଲେଶ୍ୱର,୨୯।୧୨(ସମିସ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ବିଜୁ ଯୁବ ଜନତା ଦଳର ରାଜ୍ୟ କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ପୁଣିଥରେ ବାଲେଶ୍ୱରର ଜଣାଶୁଣା ଯୁବ ନେତା ଧିରେନ ନାୟକଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଶ୍ରୀ ନାୟକଙ୍କ ନାମ ଘୋଷଣା ହେବା ପରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ କର୍ମୀ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀ ନାୟକ ପୂର୍ବରୁ ମଧ୍ୟ ବିଜୁ ଛାତ୍ର ଜନତା, ଯୁବ ଜନତା, ଦଳର ଆଇ.ଟି, ସୋସିଆଲ ମିଡିଆ ଏବଂ ମିଡ଼ିଆ ସେଲର ବିଭିନ୍ନ ଦାୟିତ୍ୱରେ ରହି ସଫଳତା ସହ କାର୍ଯ୍ୟ କରିଛନ୍ତି। ଏହି ନିଯୁକ୍ତି ପରେ ଶ୍ରୀ ନାୟକ ଦଳର ସଭାପତି ନବୀନ ପଟ୍ଟନାୟକ, ବିଜୁ ଯୁବ ଜନତା ଜଳର ରାଜ୍ୟ ସଭାପତି ଚିନ୍ମୟ ସାହୁ, ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଜେଡି ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡା, ପୂର୍ବତନ ନିଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ଏଡିଏମ୍ ଛକରେ ଖଣ୍ଡା ବୁଲାଇ ଯୁବକ ଗିରଫ

**ଅଶାନ୍ତ ବାଲେଶ୍ୱର**



ବାଲେଶ୍ୱର,୨୯ ।୧୨(ସମିସ): ଦିନକୁ ଦିନ ବାଲେଶ୍ୱର ସହର ଅଶାନ୍ତ ହେବାରେ ଲାଗିଛି। ପ୍ରତିଦିନ ଚୋରି ଛିନ୍ତାଇ ହେଉଥିବା ବେଳେ ଏବେ କିନ୍ତୁ ବିଚ ରାସ୍ତାରେ ଖଣ୍ଡା ବୁଲିବାରେ ଲାଗିଛି। ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଏଡିଏମ ଛକରେ ନିଶାଶକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ। ନିଶାସକ୍ତ ହୋଇ ଜଣେ ଯୁବକ ହାତରେ ଖଣ୍ଡା ଧରି ବିଚ ରାସ୍ତାରେ ବୁଲାଇବା ସହ ଅନ୍ୟମାନଙ୍କୁ ଧମକାଇବା ତାଙ୍କୁ ମହଙ୍ଗା ପଡିଛି। ଭିଡିଓ ଭାଇରାଲ ହେବା ପରେ ପୁଲିସ ୫୦୭/୨୫ନମ୍ବରରେ ଏକ ମାମଲା ରୁଜୁ କରି ଆଜି ଯୁବକକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ଯଜ୍ଞରାମ ପଣ୍ଡା। ପୂର୍ବ ଶତ୍ରୁତାକୁ ନେଇ କିଛି ଯୁବକଙ୍କ ସହ ଯଜ୍ଞରାମର ବଚସା ହୋଇଥିଲା। ନିଶାସକ୍ତ ଅବସ୍ଥାରେ ଯଜ୍ଞରାମ ଖରାପ ଭାଷାରେ ଗାଳିଗୁଲଜ କରିବା ସହ କିଛି ଯୁବକଙ୍କୁ ଧମକାଉଥିଲେ। ପରେ ସେ ନିକଟରେ ରଖିଥିବା ଏକ ଖଣ୍ଡାକୁ ଧରି ବିଚ ରାସ୍ତାରେ ବୁଲାଇଥିଲେ। ଯାହାଫଳରେ ସେଠାରେ ଯାତାୟାତ କରୁଥିବା ଯାତ୍ରୀ ତଥା ନିକଟରେ ବିଭିନ୍ନ ଫାଷ୍ଟ ଫୁଡ ଖାଉଥିବା ଲୋକମାନେ ଭୟଭୀତ ହୋଇପଡିଥିଲେ। ଏହି ଖଣ୍ଡା ବୁଲାଇବାର ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ଖବର ପୁଲିସ ନିକଟରେ ପହଁଚିଥିଲା। ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଖଣ୍ଡା ବୁଲାଉଥିବା ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ସହଦେବଖୁଣ୍ଟା ଥାନା ଅଧିକାରୀ ବିଂଚି ସାହୁ ସୂଚନା ଦେଇଛନ୍ତି।

## ରକ୍ତଦାନ ଶିବିର, ୩୦୧ ୟୁନିଟ୍ ସଂଗୃହୀତ

ବାଲେଶ୍ୱର,୨୯।୧୨(ସମିସ): ରସାଲପୁର ହାଇସ୍କୁଲ ପରିସରରେ ବିଶିଷ୍ଟ ଶିକ୍ଷାବିତ, ରାଜନେତା ଜଗନ୍ନାଥ ଜୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ସର୍ବମୋଟ ୩୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି କାର୍ଯ୍ୟକ୍ରମରେ ନାରୀନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଏବଂ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ରଂଜନ ବାଗ ସଂଚାଳନ କରିଥିଲେ। ସ୍ଥାନୀୟ ଯଦୁନାଥ କଲେଜର ଅଧ୍ୟକ୍ଷ ତୃପ୍ତିରାଣୀ ଦାସ, ଗୋଦ୍ରାମେରାଇନ ଏମ୍‌ଡି ଯୋଗେଶ କେର, ମାନସ ରଂଜନ ଦାସ, ସମିତି ସଭ୍ୟ ସୂର୍ଯ୍ୟ ମିଶ୍ର, ରଞ୍ଜିତା ନାୟକ, ସ୍ଥାନୀୟ ବରିଷ୍ଠ ନେତା ଅର୍ଜୁନ ଦାସ, ଚିତ୍ତ ରଂଜନ ପାଣିଗ୍ରାହୀ, ଅଧ୍ୟାପକ ସଂଜୟ ସାହୁ, ଅଜୟ ଦାସ, ଶ୍ରମିକ ନେତା ଅଭିଜିତ ଦାସ, ସାଇରୁଲ ହକ୍, ବିଭୁଦତ୍ତ ପରିଡ଼ା, ସୌଭାଗ୍ୟ ଖୁଣ୍ଟିଆ, ଲକ୍ଷ୍ମୀଧର ସ୍ୱାଇଁ, ସୁଶାନ୍ତ ଦାଶ, ରାଜେନ୍ଦ୍ର ଦାସ, ସତ୍ୟେନ୍ଦ୍ର ଦାସ, ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ୱର୍ଗତଃ ଜଗନ୍ନାଥ ଜୀଙ୍କ ପୁତ୍ର ରାଜେ ସର୍ବଶ୍ରୀ ଅଶୋକ ଜୀ, ମନୋଜ ଜୀ, ବିନୋଦ ଜୀ, ଆଲୋକ ଜୀ ଏବଂ କନ୍ୟା ସରୋଜିନୀ, ମନ୍ଦାକିନୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଘରେ ଘରେ ପାଳିଲେ ଶାମ୍ବ ଦଶମୀ



ବାଲେଶ୍ୱର,୨୯।୧୨(ସମିସ): ଓଡ଼ିଆ ପରମ୍ପରା ତଥା ପରିବାରର ଏକ ବିଶେଷ ପର୍ବ ହେଉଛି ଶାମ୍ବ ଦଶମୀ। ରୀତିନୀତି ପରମ୍ପରା ସହ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ସୂର୍ଯ୍ୟଙ୍କୁ ଅର୍ପଣ କରାଯାଏ। ସନ୍ତାନ ସନ୍ତତିଙ୍କ ମଙ୍ଗଳ କାମନା କରି ଘରର ମହିଳାମାନେ ଏହି ପୂଜା କରିଥାନ୍ତି। ଏହି ପର୍ବର ମୁଖ୍ୟ ହେଉଛି ଘାଣ୍ଟ ତରକାରୀ ବା ଘଡାଘଡା ତିଅଣ। ଘରର ନାରୀ ତଥା ମହିଳାମାନେ ନିଜ ପିଲାଙ୍କ ମଙ୍ଗଳ ତଥା ନିରୋଗ କାମନା କରି ପୂଜା କରିଥାନ୍ତି। ସୋମବାର ଦିନ ପାଳିତ ହୋଇଛି ଶାମ୍ବ ଦଶମୀ ପୂଜା। ବାଲେଶ୍ୱର ସହରରେ ମଧ୍ୟ ଘରେ ଘରେ ଶାମ୍ବ ଦଶମୀ ପୂଜା ହୋଇଥିବା ଦେଖିବାକୁ ମିଳିଛି।

**ଦ୍ୱିତୀୟ ଗୋପନାରାୟଣ ଦାସ ମେମୋରିଆଲ ଅଲ୍‌ଇଣ୍ଡିଆ କ୍ରିକେଟ**

# ଏନ୍‌ସିସି ରେମୁଣା ଓ ମର୍ଣ୍ଣିଂଷ୍ଟାର ବିଜୟୀ

ବାଲେଶ୍ୱର,୨୯।୧୨(ସମିସ)



ଆଦର୍ଶ କ୍ଲବ ଆନୁକୂଲ୍ୟରେ ରୋଟାରୀ କ୍ଲବ ସହଯୋଗରେ ପୂର୍ବତନ ବିଧାୟକ ସ୍ୱର୍ଗତ ଗୋପନାରାୟଣ ଦାସଙ୍କ ସ୍ମୃତିରେ ଚାଲିଛି ୨ୟ ଗୋପନାରାୟଣ ଦାସ ମେମୋରିଆଲ ଅଲ ଇଣ୍ଡିଆ କ୍ରିକେଟ ଟୁର୍ଣ୍ଣାମେଂଟର ଦ୍ୱିତୀୟ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଆଦର୍ଶ ଏକାଡେମୀ ଓ ଏନସିସି ରେମୁଣା ମଧ୍ୟରେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦର୍ଶ ଏକାଡେମୀ ପ୍ରଥମେ ଟସ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ୨୦ ଓଭର ଖେଳରେ ଏନସିସି ରେମୁଣା ବ୍ୟାଟିଂ ଆରମ୍ଭ କରି ୮ ୱିକେଟ ବିନିମୟରେ ୨୦୭ ରନ କରିଥିଲା। ଦଳର ବ୍ୟାଟସମ୍ୟାନ୍ ଦିବ୍ୟ ଶଙ୍କର ଜେନା ସର୍ବାଧିକ ୭୨ ରନ କରିଥିଲେ। ଆଦର୍ଶ ଏକାଡେମୀର ବୋଲର ଲୋସନାଥ ମୁର୍ମୁ ୨୪ ରନ ଦେଇ ୩ ୱିକେଟ ନେଇଥିଲେ। ୨୦୮ ରନର ବିଜୟ ଲକ୍ଷ୍ୟ ନେଇ ଆଦର୍ଶ ଏକାଡେମୀ ୧୩୧ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଏନସିସି ରେମୁଣାର ବ୍ୟାଟସମ୍ୟାନ୍ ଦିବ୍ୟ ଶଙ୍କର ଜେନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଜଗତ କ୍ରିକେଟ ଏକାଡେମୀ ବାଲେଶ୍ୱର ଓ ମର୍ଣ୍ଣିଂଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜଗତ କ୍ରିକେଟ ଏକାଡେମୀ ବାଲେଶ୍ୱର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମର୍ଣ୍ଣିଂଷ୍ଟାର ୧୮ ଓଭର ବିଶିଷ୍ଟ ମ୍ୟାଚରେ ୪ ୱିକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟସମ୍ୟାନ୍ ଅଜୟ କୁମାର ପ୍ରଧାନ ସର୍ବାଧିକ ୧୯ ବଲରେ ୪୪ରନ, ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୧୩ ବଲରେ ୩୦ ରନ ଓ ପ୍ରୀତପାଲ ସିଂ ୨୧ ବଲରେ ୨୫ ରନ କରିଥିଲେ। ଜଗତ କ୍ରିକେଟ ଏକାଡେମୀ ବାଲେଶ୍ୱର ବୋଲର ଶୁଭମ୍ ପଲେଇ ଓ ଜଗଦୀଶ ସା ଉଭୟ ୨ ଟି ଲେଖାଏଁ ୱିକେଟ ହାସଲ କରିଥିଲା। ୧୬୯ ରନର ପିଛା କରି ଜଗତ କ୍ରିକେଟ ଏକାଡେମୀ ୧୩୭ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଦଳର ବ୍ୟାଟ୍ସମ୍ୟାନ୍ ଶୁଭମ୍ ପଲେଇ ସର୍ବାଧିକ ୬୨ ରନ କରିଥିଲେ। ମର୍ଣ୍ଣିଂଷ୍ଟାରର ବୋଲର ପ୍ରୀତପାଲ ସିଂ ୪ ଓଭର ବୋଲିଂ କରି ୧୨ ରନ ଦେଇ ୩ ଟି ୱିକେଟ ହାସଲ କରିବା ସହ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଦର୍ଶ କ୍ଲବର ସମ୍ପାଦକ ଇଂ ବିଭୁପଦ ଦାସ ଉପସ୍ଥିତ ରହି ଟୁର୍ଣ୍ଣାମେଂଟ ଆୟୋଜନର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ପୁରସ୍କାର ବିତରଣ ଉତ୍ସବରେ ଦୁଇ ଦଳର ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚକୁ ମିନାଜ୍ ଚାନ୍ଦ ଓ ପ୍ରତାପ ପାଣି ପରିଚାଳନା କରିଥିଲେ। ରୋଟାରିଆନ ମାତୃଦତ୍ତ ଦାସ, ଆଦର୍ଶ କ୍ଲବର ସଦସ୍ୟ ସେକ ମିନାଜ, ଜ୍ଞାନେନ୍ଦ୍ର କୁମାର ପରିଡ଼ା, ତପନ ମୁର୍ମୁ, କୁଲଦୀପ, ସୁଜିତ୍, ନାଜୁଲ ଖାନ୍, ପ୍ରଭାତ ବେହେରା, ଦିପ୍ତେଶୁ ଦେ, ଲୋସନାଥ ମୁର୍ମୁ, ଅଭିଜିତ ପଣ୍ଡା ପ୍ରଭାତ ବେହେରା, ଗୌତମ ସାମଲ, ବିରୁପକ୍ଷ ଜେନା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।

## କଳାକାର ଭତ୍ତା ସମୁଦ୍ରକୁ ଶଙ୍ଖେ: ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ

ବ୍ରହ୍ମପୁର,୨୯ ।୧୨(ସମିସ): 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ କଳାକାର ଭତ୍ତା ବୃଦ୍ଧି ନେଇ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ମହାସଂଘ କାର୍ଯ୍ୟକାରୀ ସଭାପତି ଡ. ବିଜୟ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁଙ୍କ ବାଲାଜୀପେଣ୍ଠ ସାହି ସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ବୈଠକରେ ଲୋକନୃତ୍ୟବିତ୍ ଦୀନବନ୍ଧୁ ପାତ୍ର, ଗାହଣ ନିର୍ଦ୍ଦେଶକ କେ. କାମରାଜୁ ପାତ୍ର, ସାରସ୍ୱତ ସାଧକ ନରେନ୍ଦ୍ର ପ୍ରସାଦ ବେହେରା, ନୟାଗଡ଼ ପ୍ରତିନିଧି ଆନନ୍ଦ ମହାରଣା ଏବଂ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ପ୍ରମୁଖ କଳାକାର ଭତ୍ତା ବୃଦ୍ଧି ଘେନି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସଭାପତି ସୀମାନ୍ତ ନଟରାଜ ଡା. ତିରୁପତି ସାହୁ ଭିଡିଓ କନ୍ଫରେନସିଂ ଯୋଗେ ସରକାରଙ୍କୁ କୃତଜ୍ଞତା ଜ୍ଞାପନ ସହ କଳାକାର ସମାଜ ପ୍ରତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ତେବେ ରାଜ୍ୟ ସରକାରଙ୍କ କଳାକାର ଭତ୍ତା ବୃଦ୍ଧି ସମୁଦ୍ରକୁ ଶଙ୍ଖେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି । ପୁଣିଥରେ ରାଜ୍ୟ ସରକାର କଳାକାର ଭତ୍ତା ଅନ୍ୟୁନ ପାଞ୍ଚ ହଜାର କରିବା ସହ କେନ୍ଦ୍ର ସରକାର ମାସିକ ଦଶ ହଜାର ଟଙ୍କା ଭତ୍ତା ଆକାରରେ ବରିଷ୍ଠ କଳାକାର ମାନଙ୍କୁ ପ୍ରଦାନ କରିବା ନିମନ୍ତେ ଦାବି ଉପସ୍ଥାପନ କରାଯାଇଥିଲା । ମହାସଚିବ ରୋଶନ୍ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ଦୋକାନରୁ ୩.୭୫ଲକ୍ଷ ଟଙ୍କା ଓ ଦାମୀ ମଦ ଚୋରି

ବ୍ରହ୍ମପୁର,୨୯ ।୧୨(ସମିସ): ହରିଡ଼ାଖଣ୍ଡି ଛକ ଠାରେ ଥିବା ଏକ ଠିପିବନ୍ଦ ମଦ ଦୋକାନରୁ ନଗଦ ୩ଲକ୍ଷ ୭୫ହଜାର ଟଙ୍କା ଓ କିଛି ଦାମୀ ମଦ ବୋତଲ ଚୋରି ହୋଇଛି । କୌଣସି ଦୁର୍ବୃତ୍ତ ଏହି ଦୋକାନର ଛାତ ଉପରକୁ ଯାଇ ଭେଣ୍ଟିଲେସନ ଫ୍ୟାନ୍ ତାଡ଼ି ଭିତରକୁ ପଶିବା ପରେ ଟଙ୍କା ଓ ମଦ ବୋତଲ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଗତକାଲି ଦୋକାନର ମ୍ୟାନେଜର ସନ୍ତୋଷ ପାତ୍ର ଦୋକାନ ବନ୍ଦ କରିବା ପରେ ଘରକୁ ଫେରିଥିଲେ । ଆଜି ସକାଳୁ ଦୋକାନ ଭିତରକୁ ଯାଇ ଦେଖିବା ବେଳେ କ୍ୟାସ୍ ଡ୍ରୟାରରେ ଥିବା ନଗଦ ୩ ଲକ୍ଷ ୭୫ ହଜାର ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ । ସେହିପରି ଦୋକାନର ବିଭିନ୍ନ ଥାକରେ ରଖାଯାଇଥିବା ଏକାଧିକ ଦାମୀ ମଦ ବୋତଲ ଗାଏବ ଥିବା ଦେଖିଥିଲେ । ଏ ନେଇ ସନ୍ତୋଷ ମଦ ଦୋକାନ ମାଲିକ ମିଟୁ ସାହୁଙ୍କୁ ଜଣାଇଥିଲେ । ଦୋକାନରୁ ଚୋରି ହୋଇଥିବା ସମ୍ପର୍କରେ ସନ୍ତୋଷ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି ।

# ଖୁବ୍ ଶୀଘ୍ର ଆରମ୍ଭ ହେବ ପ୍ରସ୍ତାବିତ ଜୁଡିସିଆଲ୍ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ

- ମାଟିରେ ମିଶିଲା ଚକବନ୍ଦୀ ଓ ବନ୍ଦୋବସ୍ତ ସହିତ ରାଜସ୍ୱ ବିଭାଗ ଅଧୀନରେ ଥିବା ଦୁଇଟି ପୁରାତନ କୋଠା
- ୦.୫ ଏକର ଜମିରେ ହେବ ଜୁଡିସିଆଲ କଲୋନୀ, ୫୦ ଡେସିମିଲ ଜମିରେ ଗୋଇଲୁଣ୍ଡି ଆରଆଇ କାର୍ଯ୍ୟାଳୟ ନିର୍ମାଣ



ବ୍ରହ୍ମପୁର,୩ ।୧୧(ସମିସ): ବ୍ରହ୍ମପୁର କୋର୍ଟ ପରିସରରେ ପ୍ରସ୍ତାବିତ ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ପ୍ରକଳ୍ପ କାର୍ଯ୍ୟ ପାଇଁ ବାଟ ଫିଟିଛି । ଏଥିପାଇଁ ରହିଥିବା ଜମି ସମସ୍ୟା ଦୂର ହୋଇଛି । ଚକବନ୍ଦୀ ଓ ବନ୍ଦୋବସ୍ତ ସମେତ ରାଜସ୍ୱ ବିଭାଗ ଅଧିନରେ ଥିବା ଦୁଇଟି ପୁରାତନ କୋଠାକୁ ଇତି ମଧ୍ୟରେ ଭାଙ୍ଗି ଦିଆଯାଇଛି । ଫଳରେ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଆବଶ୍ୟକ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏଣିକି ଆଉ କୌଣସି ସମସ୍ୟା ରହିବ ନାହିଁ । ନିକଟରେ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ଗଞ୍ଜାମର ପ୍ରୋଟକଲ ଜଜ୍ ତଥା ହାଇକୋର୍ଟର ବିଲ୍ଡିଂ କମିଟି ଅଧ୍ୟକ୍ଷ ବିଚାରପତି ମାନସ ରଞ୍ଜନ ପାଠକ । ଜୁଡିସିଆଲ କମ୍ପ୍ଲେକ୍ସ ପାଇଁ ବାଧକ ସାଜିଥିବା ଜମିକୁ ତୁରନ୍ତ ଅଧିଗ୍ରହଣ କରିବା ପାଇଁ ସେ ଗଞ୍ଜାମ ଜିଲ୍ଲାଦୌରା ଜଜ୍ ଅଶାନ୍ତ କୁମାର ଦାସ ଓ ରେଜିଷ୍ଟ୍ରାର ସୌଦାମିନି ସିଂଙ୍କୁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବାକୁ କହିଥିଲେ । ରାଜସ୍ୱ ବିଭାଗ ଅଧିନରୁ କିଭଳି ଜମି ଶୀଘ୍ର ଆସିବ ଓ ଅବଶିଷ୍ଟ ପୁରୁଣା କୋଠାକୁ ତୁରନ୍ତ ଉଚ୍ଛେଦ କରାଯାଇ ମୋଟ ଜମିକୁ ଚିହ୍ନଟ କରି ଏକ ପ୍ରାଚୀର ମଧ୍ୟରେ ଆବଦ୍ଧ କରିବାକୁ ବିଚାରପତି ପାଠକ ପରାମର୍ଶ ଦେଇଥିଲେ । କୋଠା ନିର୍ମାଣ ସମୟରେ ଡ୍ରେନ ଓ ସ୍ୱେରେଜ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ପରିସ୍ଥିତିରେ ପ୍ରସ୍ତାବିତ କମ୍ପ୍ଲେକ୍ସରେ ନିର୍ମାଣ ହେବାକୁ ଥିବା ବେସମେଣ୍ଟ ପାର୍କିଂ, ଗ୍ରାଉଣ୍ଡ ଫ୍ଲୋର ସହିତ ୩ମହଲା ବିଶିଷ୍ଟ କୋର୍ଟ ବିଲ୍ଡିଂ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୫୬.୩କୋଟି, ୩ମହଲା ବିଶିଷ୍ଟ ମାଲଖାନା ବିଲ୍ଡିଂ ପାଇଁ ୧୧.୨କୋଟି ଓ ଗଞ୍ଜାମ ଓକିଲ ସଂଘ କୋଠା ପାଇଁ ଯାହା ବେସମେଣ୍ଟ ପାର୍କିଂ ଓ ଗ୍ରାଉଣ୍ଡ ଫ୍ଲୋର ସହିତ ୩ମହଲା ବିଶିଷ୍ଟ ହେବ ସେଥିପାଇଁ ୧୪.୯କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ପୂର୍ତ୍ତବିଭାଗ ପକ୍ଷରୁ ପ୍ରସ୍ତୁତ ଏଷ୍ଟିମେଟ ସରକାରୀ ଅନୁମୋଦନ ଲାଭ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି । ପୂର୍ବରୁ ସହର ବାହାରେ ପ୍ରାୟ ୨୫କିଲୋମିଟର ଦୂରରେ ଅବସ୍ଥିତ ଆଇଜର ନିକଟସ୍ଥ ପ୍ରାୟ ୨୦ଏକର ଜମିରେ ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଯୋଜନା ରହିଥିଲା । ସେଠାରେ ଜୁଡିସିଆଲ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ନିର୍ମାଣ ହେବାର ଥିଲା । ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ବ୍ରହ୍ମପୁର ସହର ମଧ୍ୟରେ ଏହି ଜୁଡିସିଆଲ କମ୍ପେଲକ୍ସ ନିର୍ମାଣ କରିବାକୁ ନିଷ୍ପତ୍ତି ହେବାପରେ ସହର ଉପକଣ୍ଠରେ ଜୁଡିସିଆଲ କଲୋନୀ ପାଇଁ ଜମି ଖୋଜା ଚାଲିଥିବା ଜଣାପଡିଛି । ଏଥିପାଇଁ ପ୍ରାୟ ଅଧା ଏକର ବା ୫ଶହ ଡେସିମିଲ ସରକାରୀ ଜମିର ଆବଶ୍ୟକତା ରହିଛି । ଏନେଇ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଆଜି ବ୍ରହ୍ମପୁର ତହସିଲ ଅଧିକାରୀଙ୍କ ସହିତ ଆଲୋଚନା କରିଥିବା ବେଳେ ଆମ୍ବପୁଆ ଠାରେ ଅଧା ଏକର ସରକାରୀ ଜମି ନଥିବା ଜଣାପଡିଛି । ସେଠାରେ ଥିବା ଜମିକୁ ପୂର୍ବରୁ ଇଡକୋ ନେଇ ସାରିଥିବା ବେଳେ ଅନ୍ୟ ଜମି 'ହାଇ ଟେନ୍ସନ' ବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ତଳେ ରହିଥିବାରୁ ଉକ୍ତ ଜମି ବ୍ୟବହାର ଯୋଗ୍ୟ ହେବନାହିଁ । ଏଣୁ ଜୁଡିସିଆଲ କଲୋନୀ ପାଇଁ କନିଷ୍ଠ ତହସିଲଦାରଙ୍କୁ ଜମି ଚିହ୍ନଟ କରିବାକୁ କୁହାଯାଇଥିବା ଜଣାପଡିଛି । ସେପଟେ ଜୁଡିସିଆଲ କମ୍ପ୍ଲେକ୍ସ ପାଇଁ କୋର୍ଟ ପରିସରରେ ଥିବା ଗୋଇଲୁଣ୍ଡି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଉଚ୍ଛେଦ କରାଯାଇଥିଲା । ଯାହା ପରବର୍ତ୍ତି ସମୟରେ ବ୍ରହ୍ମପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛି । ତେବେ ବର୍ତ୍ତମାନ ଗୋଇଲୁଣ୍ଡି ଆରଆଇଙ୍କ କାର୍ଯ୍ୟାଳୟ ପାଇଁ ଟାଟାବେଞ୍ଜ ଛକ ନିକଟରେ ୫୦ଡେସିମିଲ ସରକାରୀ ଜମି ଚିହ୍ନଟ କରାଯାଇଥିବା ବେଳେ ସେଠାରେ ଆରଆଇ କାର୍ଯ୍ୟାଳୟ ନିର୍ମାଣ ହେବ ବୋଲି ଜଣାପଡିଛି । ବିଳମ୍ବରେ ହେଲେ ମଧ୍ୟ ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ହେବାକୁ ଯାଉଥିବାରୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଆଶ୍ୱସ୍ତି ପ୍ରକାଶ ପାଇଛି ।

# ଅଲୋଡ଼ା ହୋଇଛି ରାଧାକୃଷ୍ଣ ସାହି ଶୌଚାଳୟ

- ୨୫ବର୍ଷ ପରେ ବି ଖୋଲୁନି ତାଲା
- ବ୍ୟବହାର ଉପଯୋଗୀ କରିବାକୁ ଦାବି



ବ୍ରହ୍ମପୁର,୨୯ ।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମ(ବିଇଏମ୍ସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇଛି । ସହରରେ ଖୋଲା ଶୌଚକୁ ରୋକିବା ସହ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ପରିବେଶ ସ୍ୱଚ୍ଛ ରଖିବା ଲକ୍ଷ୍ୟରେ ଶୌଚାଳୟ ନିର୍ମାଣ କରାଯାଇଛି । ସେହିପରି ନାରୀ ଓ ଶିଶୁଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ରକ୍ଷା ସମେତ ସ୍ୱଚ୍ଛ ଓ ସୁସ୍ଥ ସମାଜ ଗଢ଼ିବା ନେଇ ବିଇଏମସି ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏଭଳି ଭାବେ ଶୌଚାଳୟ ନିର୍ମାଣ ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି । ସେହିପରି ବିଇଏମସି ୨୧ନମ୍ବର ୱାର୍ଡର ରାଧାକୃଷ୍ଣ ସାହିରେ ୨୦୦୦ମସିହାରେ ଜନସାଧାରଣଙ୍କ ବ୍ୟବହାର ପାଇଁ ଶୌଚାଳୟ ନିର୍ମାଣ ହୋଇଥିଲା । ଶୌଚାଳୟ ମଧ୍ୟରେ ପୁରୁଷ ଓ ମହିଳାଙ୍କ ବ୍ୟବହାର ପାଇଁ ପୃଥକ୍ ୬ଟି ଟୟଲେଟ୍ ଓ ଗାଧୁଆ ଘର ରହିଥିଲା । କେନାଲ ସାହି, ବଙ୍ଗାଳୀ ସାହି, ରାଧାକୃଷ୍ଣ ସାହି ଓ ମୁକ୍ତେଶ୍ୱର ସାହିର ଲୋକଙ୍କ ବ୍ୟବହାର ପାଇଁ ତାହା ନିର୍ମାଣ ହୋଇଥିଲା । ୧୯ଜୁନ୍ ୨୦୦୦ମସିହାରେ ତତ୍କାଳୀନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଏହାର ଉଦ୍ଘାଟନ କରିଥିଲେ । ଇତିମଧ୍ୟରେ ୨୫ବର୍ଷ ବିତିଯାଇଥିବା ବେଳେ ବର୍ତ୍ତମାନ ମଧ୍ୟ ଏହି ଶୌଚାଳୟ ଲୋକଙ୍କ କାର୍ଯ୍ୟରେ ଲାଗୁନି । ନିର୍ମାଣ ପରଠୁ ଦିନଟିଏ ବି ବ୍ୟବହାର ହୋଇନି । ବର୍ତ୍ତମାନ ପୂରା କୋଠରି ଅଳନ୍ଧୁ ଭର୍ତ୍ତି ହେବା ସହ ଗ୍ରିଲ ଭଙ୍ଗା, ଆଉ କେହି ସେଠାରେ ନିର୍ମାଣ ସାମଗ୍ରୀ ରଖିଥିବା ସାହି ଲୋକେ କହିଛନ୍ତି ।

ଶୌଚାଳୟ ଉଦ୍ଘାଟନ ହେବା ପରେ କୌଣସି କାରଣରୁ କିଛି ଦିନ ତାଲା ପଡ଼ି ରହିଥିଲା । ମଝିରେ ମଝିରେ ବିଇଏମ୍ସି କର୍ମଚାରୀ ଓ ଅଧିକାରୀ ଆସି ବୁଲି ଯାଉଥିଲେ । ଗତ ୧୦ବର୍ଷ ହେଲା ଏହି ଶୌଚାଳୟ ବିଷୟରେ କେହି ପଚାରୁନଥିବା ବେଳେ ତାହା ଭାଙ୍ଗି ପଡ଼ିରହିଛି । ଶୌଚାଳୟ ଆଗରେ ଏବେ ବିଇଏମ୍ସି ପକ୍ଷରୁ ୱାର୍ଡ ଅଫିସ୍ ନିର୍ମାଣ ହୋଇଛି । ଫଳରେ ସେଠାକୁ ଯିବା ନିମନ୍ତେ ସଠିକ ରାସ୍ତା ନଥିବା ଲୋକେ କହିଛନ୍ତି । ଅନ୍ୟପକ୍ଷରେ ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ଶୌଚାଳୟକୁ ବ୍ୟବହାର ଉପଯୁକ୍ତ କରିବାକୁ ବିଇଏମ୍ସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

### ଟାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ବ୍ରହ୍ମପୁରର ସଫଳତା

## ଓପନ୍ ରାଜ୍ୟ ଚମ୍ପିଅନସିପ୍‌ରେ ମିଳିଲା ୧୮ ସ୍ୱର୍ଣ୍ଣ



ବ୍ରହ୍ମପୁର,୨୯ ।୧୨(ସମିସ): ଭଦ୍ରକ ସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟି ପର୍ପୋଜ୍ ଇନଡୋର୍ ହଲ୍‌ରେ ଚାଲିଥିବା ଓପନ୍ ରାଜ୍ୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ଟାଏକ୍ୱଣ୍ଡୋ ଆସୋସିଏସନ୍ ଅଫ୍ ବ୍ରହ୍ମପୁରର ଖେଳାଳିମାନେ ସଫଳତା ହାସଲ କରିଛନ୍ତି । ଚଳିତମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ଖେଳାଳିମାନେ ମୋଟ ୨୬ଟି ପଦକ ହାସଲ କରିଛନ୍ତି । ସେଥିମଧ୍ୟରୁ ସର୍ବାଧିକ ୧୮ଟି ସ୍ୱର୍ଣ୍ଣ ପଦକ ରହିଥିବା ବେଳେ ୪ଟି ଲେଖାଏଁ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରି ଜିଲ୍ଲାର ଗୌରବ ଆଣିଛନ୍ତି । ଏ ଅବସରରେ ଟାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ବ୍ରହ୍ମପୁର ପକ୍ଷରୁ ଖେଳାଳି ମାନଙ୍କୁ ଟାଟା ବେଞ୍ଜସ୍ଥିତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମୁନିଙ୍କ ଅଧ୍ୟକ୍ଷତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାସ ମହାରଣା, ସୁରଥ କୁମାର ପାଣ୍ଡା ଓ ବ୍ରହ୍ମପୁର ଖାଦ୍ୟ ବ୍ୟବସାୟୀ ସଂଘର ସମ୍ପାଦକ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆସୋସିଏସନ୍ ସଚିବ ଇଂ. ସତ୍ୟନାରାୟଣ ତ୍ରିପାଠୀ ଓ ଉପ ସଭାପତି ଇପାରି ତିରୁପତି ସଫଳତାର କୋଚମାନଙ୍କ ଅକ୍ଲାନ୍ତ ପରିଶ୍ରମର ଫଳ ବୋଲି କହିଥିଲେ । ଏ ନେଇ କୋଚ୍ ସୋନୁ ମହାରଣା, ଶୁଭମ୍ କୁମାର ସାହୁ ଏବଂ ଏମ୍. ଜୟନ୍ତୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଶୀତ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର, ୨୯ ।୧୨ (ସମିସ): ହରିହର ନଗରସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନରେ ଶୀତଦିନରେ ବରିଷ୍ଠଙ୍କ ସ୍ୱାସ୍ଥ୍ୟ ରକ୍ଷା ସଚେତନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆରୋଗ୍ୟ ଭାରତୀର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଛନ୍ତି ଯେ, ଶୀତରତୁରେ ବରିଷ୍ଠଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ସ୍ୱତନ୍ତ୍ର ସତର୍କତାର ଆବଶ୍ୟକ ଅଛି । ବହୁମୂତ୍ର, ରକ୍ତଚାପ, ଆଣ୍ଠୁ ଗଣ୍ଠି ବ୍ୟଥା, ହୃଦଘାତ ଓ ପକ୍ଷାଘାତର ଭୟ ଅଛି । ଶୀତ ଲୁଗା, ଗରମ ଜଳ ସ୍ନାନ ପାନ, ସୂର୍ଯ୍ୟ କିରଣ ସେବା କରିବେ । ବହୁମୂତ୍ର ପାଇଁ ଘୃତକୁମାରୀ ରସ, ଜାମୁକୋଳି ମଞ୍ଜି ଚୂର୍ଣ୍ଣ ଖାଇବେ । ରକ୍ତଚାପ ପାଇଁ ଆଠଘଣ୍ଟା ଶୋଇବେ, ଯୋଗ ଆସନ କରିବେ, ସର୍ପଗନ୍ଧା ଚେର ରକ୍ତଚାପ ମାପ ଅନୁସାରେ ଘୋରି ଖାଇବେ । ଆଣ୍ଠୁ ବ୍ୟଥା ପାଇଁ କ୍ଷୀର, ବାଦାମ, ଡ଼ାଲି ଜାତୀୟ ଓ ଲଘୁ ଭୋଜନ କରିବେ, ଶୁଣ୍ଠି ବା ଅଦା ଖାଇବେ, ଉଷ୍ମ ସୋରିଷ ତେଲ ଲଗାଇବେ । ହୃଦ୍‌ଘାତରେ ଗରମ ବ୍ୟବହାର ସହ ଅର୍ଜୁନ ଛାଲି କ୍ୱାଥ, ପଦ୍ମ ମଞ୍ଜି ଖାଇବେ । ପକ୍ଷାଘାତ ପାଇଁ ଶୀତ ଦିନିଆ ସତର୍କ ସହ ଶୁଦ୍ଧବାଇଡୁଙ୍କ ମଞ୍ଜି ଚୂର୍ଣ୍ଣ ଖାଇବେ । ଯଥାସମ୍ଭବ ଚାଲିବେ, ଲଘୁ ଭୋଜନ ଖାଇବେ, ପେଟ ସଫା ରଖିବେ, ଆମିଷ, ଚର୍ବି ଜାତୀୟ ଖାଦ୍ୟ ଖାଇବେ ବୋଲି ଡାକ୍ତର ସାହୁ ଏଠାରେ କହିଥିଲେ । ଏ ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ଡି.ଶ୍ରୀନିବାସ ରାଓ ସହଯୋଗ କରିଥିଲେ ।

## ଗଜାନନ ବିହାର ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୨୯ ।୧୨(ସମିସ): ୪୨ନମ୍ବର ୱାର୍ଡ ଅନ୍ତର୍ଗତ ଆମ୍ବପୁଆ ଗଜାନନ ବିହାର ଉନ୍ନୟନ ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ସଭାପତି ଉପେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ରୂପେ ସ୍ଥାନୀୟ କର୍ପୋରେଟର ତଥା ନିଗମର ଡେପୁଟି ମେୟର ଇ.ବିବେକ ରେଡ଼ି, ସହରର ସୁନାମଧନ୍ୟ ବିଲ୍ଡର ଗୋପୀନାଥ ମହାରଣା ପ୍ରମୁଖ ଯୋଗଦେଇ ଗଜାନନ ବିହାର ଉନ୍ନୟନରେ ସେମାନଙ୍କର ଅବଦାନ ରହିଛି ଓ ଆଗାମୀ ଦିନରେ ଏହି ଅଞ୍ଚଳର ବିକାଶ ପାଇଁ ଯାହା ଆବଶ୍ୟକ ତାହା ପୂରଣ କରାଯିବା ପାଇଁ ଉଭୟ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁଦର୍ଶନ ପ୍ରଧାନ, କୋଷାଧ୍ୟକ୍ଷ ଏମ୍. ନାଗଭୂଷଣ ଆଚାର୍ଯ୍ୟ, ସହ ସମ୍ପାଦକ ନିଳାଞ୍ଚଳ ଜେନା, ପ୍ରତାପ ଚନ୍ଦ୍ର ପଣ୍ଡା, କେଦାରନାଥ ପାତ୍ର, ଜି.ଭାସ୍କର ରେଡ଼ି, ପ୍ରଭାତ ଚନ୍ଦ୍ର କର, ପ୍ରଦୀପ କୁମାର ସାହୁ, କବିରାଜ ମହାରଣା, ବିଜୟ କୁମାର ପରିଡ଼ା, ସନ୍ତୋଷ ନାୟକ, ସନ୍ତୋଷ ପଣ୍ଡାଙ୍କ ସମେତ ଗଜାନନ ବିହାରର ସମସ୍ତ ସାହିବାସିନ୍ଦା ଏଥିରେ ସାମିଲ ହୋଇଥିଲେ ।

# ଶ୍ରୀଜଗନ୍ନାଥଙ୍କ ଜମିରୁ ଦେଢ଼ବର୍ଷ ହେଲା ଆଦାୟ ହୋଇନି ଖଜଣା

- ଉଭୟ ଗଞ୍ଜାମ ଓ ଗଜପତିର ସବୁ ତହସିଲରେ ରହିଛି ଶ୍ରୀମନ୍ଦିରର ଜମି
- ୨୦୨୩-୨୪ରେ ଆଦାୟ ହୋଇଥିଲା ୨୬ଲକ୍ଷ ଟଙ୍କାର ରାଜସ୍ୱ
- ନାହାନ୍ତି ଅଧିକାରୀ କିମ୍ବା କର୍ମଚାରୀ; ପିଅନ ହାତରେ କାର୍ଯ୍ୟାଳୟ ଭାର




ବ୍ରହ୍ମପୁର,୨୯ ।୧୨(ସମିସ): ଦେଶବ୍ୟାପୀ ସବୁଠି ରହିଛି ଶ୍ରୀମନ୍ଦିର ତଥା ଶ୍ରୀଜଗନ୍ନାଥଙ୍କ ହଜାର ହଜାର ଏକର ଜମି । ସେହିଭଳି ଅବିଭକ୍ତ ଗଞ୍ଜାମ ଜିଲ୍ଲାରେ ଅର୍ଥାତ୍ ଉଭୟ ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରାୟ ସମସ୍ତ ତହସିଲରେ ମୋଟ ୧୮ ଶହ ଏକରରୁ ଅଧିକ ଜମି ରହିଥିବା ଜଣାପଡ଼ିଛି । ଏହି ଜମିରୁ ଖଜଣା ମଧ୍ୟ ଆଦାୟ କରାଯାଉଛି । ପୂର୍ବରୁ ଖଜଣା ଆଦାୟରେ ସମସ୍ୟା ଉପୁଜିବାରୁ ଏଥିପାଇଁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପୁରୀର ଏକ ଶାଖା କାର୍ଯ୍ୟାଳୟ ଖୋଲାଯାଇଥିଲା । ଯେଉଁଥିରେ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ସମନ୍ୱୟ ଅଧିକାରୀ ଭାବେ, ଜଣେ ରାଜସ୍ୱ ନିରୀକ୍ଷକ ଓ ଜଣେ ପିଅନଙ୍କୁ ନିଯୁକ୍ତି ଦିଆଯାଇଥିଲା । ତେବେ ଏହି କାର୍ଯ୍ୟାଳୟରେ ଗତ ଦେଢ଼ବର୍ଷ ଧରି ସମନ୍ୱୟ ଅଧିକାରୀ ଓ ରାଜସ୍ୱ ନିରୀକ୍ଷକ ନଥିବା ବେଳେ ଶାଖା କାର୍ଯ୍ୟାଳୟର ସବୁ ଦାୟିତ୍ୱ ପିଅନ ହାତରେ ରହିଛି । ଗତ ୨୦୨୨ମସିହାରେ ସମନ୍ୱୟ ଅଧିକାର ରଞ୍ଜନ ବିଶ୍ୱାଳଙ୍କ ଉଦ୍ୟମ କ୍ରମେ ୭ଲକ୍ଷ ଟଙ୍କାର ଖଜଣା ଆଦାୟ ହୋଇଥିବା ବେଳେ ୨୦୨୩-୨୪ଆର୍ଥିକ ବର୍ଷରେ ସମସ୍ତଙ୍କ ଉଦ୍ୟମକ୍ରମେ ୨୬ଲକ୍ଷ ଟଙ୍କା ଖଜଣା ଆଦାୟ ହୋଇଥିଲା । ତେବେ ସରକାର ବଦଳିବା ସହିତ ଗତ ୨୦୨୪ମସିହା ଅଗଷ୍ଟ ମାସରେ ଶ୍ରୀମନ୍ଦିର ପ୍ରଶାସନର ଆର୍ଥିକ ବଜେଟ ବୈଠକ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଏଭଳି ଶାଖା କାର୍ଯ୍ୟାଳୟ ଗୁଡ଼ିକରେ ନିୟୋଜିତ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା । ଏହିଦିନ ଠାରୁ ସବୁ ଶାଖା କାର୍ଯ୍ୟାଳୟରେ କେବଳ ଜଣେ ପିଅନ ଥିବାବେଳେ ଖଜଣା ରସିଦ କାଟିବା କ୍ଷମତା କାହା ପାଖରେ ନ୍ୟସ୍ତ ହୋଇନାହିଁ । ଏଣୁ ଗତ ୨୦୨୪ମସିହା ଅଗଷ୍ଟ ଠାରୁ ଆଜି ପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ଖଜଣା ଆଦାୟ ହୋଇପାରୁନଥିବା ଜଣାପଡ଼ିଛି । ଫଳରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଶହଶହ ଏକର ଜମିରୁ ଶ୍ରୀମନ୍ଦିରକୁ ଆସିବାକୁ ଥିବା ରାଜସ୍ୱ ହରାଇବାକୁ ପଡୁଛି । ଏ ନେଇ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପୁର୍ନବିଚାର କରି ରାଜସ୍ୱ ଆଦାୟ ସହିତ ଶ୍ରୀଜଗନ୍ନାଥଙ୍କ ଜମିର ସୁରକ୍ଷା ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

### ଏପିକେ ଫାଇଲ ଡାଉନଲୋଡ଼ ମହଙ୍ଗା ପଡ଼ିଲା

## ଆକାଉଣ୍ଟରୁ କଟିଗଲା ୫ଲକ୍ଷ ୭୦ହଜାର

ବ୍ରହ୍ମପୁର,୨୯ ।୧୨(ସମିସ): ଏକ ଅଜଣା ନମ୍ବରରୁ ମୋବାଇଲକୁ ଆସିଥିବା ଏପିକେ ଫାଇଲ ଡାଉନଲୋଡ କରିବା ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡିଛି । ଆଖି ପିଛୁଳାକେ ସାଇବର ଠକମାନେ ତାଙ୍କ ମୋବାଇଲରୁ ୫ଲକ୍ଷ ୭୦ହଜାର ଟଙ୍କା ଠକି ନେଇଛନ୍ତି । ସୂଚନାପ୍ରକାରେ, ବ୍ରହ୍ମପୁର ପ୍ରେନ ନଗରରେ ରହୁଥିବା ଏହି ୪୫ବର୍ଷୀୟ ବ୍ୟକ୍ତିଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ଏକ ଲିଙ୍କ ଆସିଥିଲା । ୱାଟସଆପରେ ଆସିଥିବା ସେହି ଲିଙ୍କ କ୍ଲିକ କରିବା ପରେ ଏକ ଏପିକେ ଫାଇଲ ଡାଉନଲୋଡ କରିବାକୁ କୁହଯାଇଥିଲା । ସେହି ଫାଇଲଟି କଣ ବୋଲି ଜାଣିବାକୁ ଅଭିଯୋଗକାରୀ ଜଣଙ୍କ ତାହାକୁ ଡାଉନଲୋଡ କରିବା ପରେ ତାଙ୍କ ମୋବାଇଲକୁ ଏକ ଓଟିପି ଆସିଥିଲା । ଏହାର କିଛି ସମୟ ପରେ ଅଭିଯୋଗକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୫ଲକ୍ଷ ୭୦ହଜାର ଟଙ୍କା କଟି ଯାଇଥିଲା । ତେବେ ଟଙ୍କା କିପରି କଟିଲା ତାହା ଜାଣିନପାରି ଅଭିଯୋଗକାରୀ ଜଣଙ୍କ ଚିନ୍ତାରେ ପଡି ଯାଇଥିଲେ । ବିଭିନ୍ନ ଆଡୁ ପଚରାଉଚରା ସେ ସାଇବର ଠକେଇର ଶିକାର ହେଉଥିବା ଜାଣିବାକୁ ପାଇଥିଲେ । ଏହାପରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାକୁ ଯାଇ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ଅତିରିକ୍ତ ସୁରକ୍ଷା ଜମାରାଶି ପ୍ରତ୍ୟାହାର ଦାବି

# କଂଗ୍ରେସର ଟାଟା ପାୱାର କାର୍ଯ୍ୟାଳୟ ଘେରାଉ

ଜଗତସିଂହପୁର,୨୯।୧୨(ସମିସ)



ଅତିରିକ୍ତ ସୁରକ୍ଷା ଜମା ରାଶି ପ୍ରତ୍ୟାହାର ଦାବିରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଟାଟାପାୱାର କାର୍ଯ୍ୟାଳୟକୁ ଘେରାଉ କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଟାଉନହଲ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ସ୍ଥିତ ଟାଟାପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆମେ ଟାଟା କମ୍ପାନୀକୁ ଅତିରିକ୍ତ ସୁରକ୍ଷା ଜମାରାଶି ଦେବୁ ନାହିଁ, ସ୍ମାର୍ଟ ମିଟର ବିକିବା ବନ୍ଦ କର, ହାରାହାରି ୭୨୦୦ କୋଟି ଟଙ୍କା ଉପୋଭକ୍ତାଙ୍କୁ ଫେରସ୍ତ କର, ଚାଷୀଙ୍କୁ ଚାଷ କାର୍ଯ୍ୟ ପାଇଁ ମାଗଣା ବିଜୁଳି ପ୍ରଦାନ କର, ଗ୍ରାହକ ଶୋଷଣ ବନ୍ଦ କର, ଟାଟା ପାୱାରକୁ ବିଦା କର, ଆଦି ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଘେରାଉ କରାଯାଇଥିଲା। କର୍ମୀମାନେ ଟାଟାପାୱାର ଅଫିସକୁ ତାଲା ପକାଇବା ପାଇଁ ଯିବା ବେଳେ କଂଗ୍ରେସ କର୍ମୀ ଓ ପୁଲିସ ମଧ୍ୟରେ ବେଶ କିଛି ସମୟ ଧସ୍ତାଧସ୍ତି ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଓପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ଓପିସିସି କିଷାନ କଂଗ୍ରେସ ସଭାପତି ଅଭୟ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦ୍ୱିଜବର ଦାସ, ପ୍ରଶାନ୍ତ ମହାପାତ୍ର, ଶ୍ରୀଚରଣ ରାଉତ, ବିଦ୍ୟାଧର ବାରିକ, ସୁବୋଧ ସ୍ୱାଇଁ, ରମାକାନ୍ତ ମହାନ୍ତି, କାହ୍ନୁଚରଣ ରାଉତ, ବଲ୍ଲଭାନନ୍ଦ ସ୍ୱାଇଁ, ସର୍ବେଶ୍ୱର ପଣ୍ଡା, ବିଚିତ୍ରାନନ୍ଦ ଲେଙ୍କା, ମହନି ଚରଣ ରାଉତ, ଆର୍ତ୍ତତ୍ରାଣ ପଣ୍ଡା, ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ନିହାର ଦାସ, ସତ୍ୟବ୍ରତ ଦାସ, ସୃଜନିକା ରାଉତ, ସମିତି ସଭ୍ୟ ସ୍ନିଗ୍ଧାରାଣୀ ଦାଶ, ରୂପଶ୍ରୀ ରାଗିଣୀ ଦାସ, ମନୋରମା ଖଟୁଆ, ମୌସୁମୀ ମହାପାତ୍ର, ବୈଶାଖୀ ପ୍ରିୟଦର୍ଶିନି, ପୁଷ୍ପାଞ୍ଜଳି ସ୍ୱାଇଁ, ଗୀତାଞ୍ଜଳି ଦାସ, ବାଲିକୁଦା ସରପଂଚ ରାଜକିଶୋର ସାହୁ , ଅଳାବର ସରପଞ୍ଚ ବିଭୂତି ସ୍ୱାଇଁ, ନାଗପୁର ସରପଞ୍ଚ ସୁକୁନା ପରିଡା, ଅଡଙ୍ଗା ସରପଞ୍ଚ ସୁବ୍ରତ ମହାନ୍ତି, ନାଗପୁର ସମିତିସଭ୍ୟ ଅଶୋକ କୁମାର ନାୟକ, ମାଛଗାଁ ସମିତିସଭ୍ୟ ନିରଞ୍ଜନ ଦାସ, ମୂଳିସିଂ ସରପଞ୍ଚ ସଫି ଆଜାମ, ପିତେଇପୁର ସମିତି ସଭ୍ୟ ହିମାଂଶୁ ପରିଡା, ଦିପ୍ତିରଞ୍ଜନ ସାହୁ ଏବଂ ପ୍ରିତମ ପରିଜା ପ୍ରମୁଖ ସାମିଲ ହୋଇଥିଲେ।

## କଂଗ୍ରେସର ପ୍ରତିଷ୍ଠା ଦିବସ

ର ଘୁ ନା ଥ ପୁ ର / ପା ରା ଦୀ ପ, ୨ ୯ । ୧ ୨ ( ସ ମି ସ ) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ଶ୍ରୀମଦନ ମୋହନ ମଠ ପ୍ରାଙ୍ଗଣ ନିକଟରେ ବ୍ଲକ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ତରଫରୁ ପ୍ରତିଷ୍ଠା ଦିବସ ଅବସରରେ କଂଗ୍ରେସ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ରଘୁନାଥପୁର ସ୍ୱାସ୍ଥ୍ୟଗୋଷ୍ଠୀ କେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରେ ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ପ୍ରଶାନ୍ତ ଦାସଙ୍କ ସମେତ ବସନ୍ତ ଦାଶ, ବସନ୍ତ ସ୍ୱାଇଁ, ପ୍ରଭାତ ରାଉତ, ସୁବାସ ରାଟସିଂହ, ତ୍ରିଲୋଚନ ରାଉତ, ହରେକୃଷ୍ଣ ଖଟୁଆ, ବିଜୟ କୁମାର ଦାଶ, ଅଜିତ କୁମାର ଓଝା, ପ୍ରଦୀପ ନାୟକ, ଟୁନ ଭୋଇ, ମୁକ୍ତାର ଅଲ୍ଲୀ, ପରୀକ୍ଷିତ ନାୟକ, ପ୍ରଶାନ୍ତ ବେହେରା, ଭାଗୀରଥି ସାହୁ, ତ୍ରିଲୋଚନ ମହାରଣାଙ୍କ ସହିତ ବହୁ ବରିଷ୍ଠ କର୍ମୀଙ୍କ ସହିତ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ।

ସେହିପରି ପାରାଦୀପ ନଗର କଂଗ୍ରେସ୍ ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ନଗର କଂଗ୍ରେସ କାର୍ଯ୍ୟାଳୟରେ ଏହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ଧ୍ରୁବଚରଣ ମହାପାତ୍ର, ତ୍ରିନାଥ ମହାନ୍ତି, ସରୋଜ ପ୍ରଧାନ, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ବରିଷ୍ଠ ମହିଳା କଂଗ୍ରେସ୍ ନେତ୍ରୀ ବିନତୀ ପଡିହାରୀ, ଧରିତ୍ରୀ ସାମଲ, ପୁଷ୍ପଲତା ଦାସ, ପ୍ରତିମା ବାରିକ, ନଳିନୀ ରଣସିଂହ, ଜୋଛନା ବାହାଦୁର୍ ପ୍ରମୁଖ ଯୋଗ ଦେଇଥିଲେ।

## ପୋକଲିନ ଅପରେଟରକୁ ନିସ୍ତୁକ ମାଡ଼ ଅଭିଯୋଗ

ପାରାଦୀପ,୨୯।୧୨(ସମିସ): ପାରାଦୀପ ଆଦର୍ଶ ଥାନା ଅଧୀନ ବନ୍ଦର ୫ନଂ ଗେଟ ସମ୍ମୁଖରେ ଗତକାଲି ସନ୍ଧ୍ୟାରେ ବନ୍ଦରରେ କାର୍ଯ୍ୟରତ ପୋକଲିନ ଅପରେଟରଙ୍କୁ ମାଡ଼ ଘଟଣାରେ ଅପରେଟର ଆଦର୍ଶ ଥାନା ଅଧିକାରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ପୋକଲିନ ଅପରେଟରଙ୍କ ଉପରେ ମାଲିକ ପୁଅର ଏଭଳି ଦାଦାଗିରିକୁ ସାଥି ଅପରେଟର ନାପସନ୍ଦ କରିଛନ୍ତି। ଉକ୍ତ ଅପରେଟରଙ୍କୁ ତଳେ ପକାଇ ନିସ୍ତୁକ ମାଡ଼ ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିଦେବାକୁ ଧମକ ଦେଇଛନ୍ତି। ମାଡ଼ ଯନ୍ତ୍ରଣାରେ ଅପରେଟର ଜଣକ ଛଟପଟ ହେଉଛନ୍ତି। ଶରୀରରେ ଆଘାତ ଲାଗିବା ସହ ଖଣ୍ଡିଆ ଖାବରା ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ସେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି। ସୂଚନା ମୁତାବକ, ପାରାଦୀପ ବନ୍ଦରର ପାଞ୍ଚ ନମ୍ବର ଗେଟ ମଧ୍ୟରୁ ଲୁଣି ବାଲି ପାରାଦୀପ ବନ୍ଦରାଞ୍ଚଳର ବିଭିନ୍ନ ସ୍ଥାନକୁ କେଏମଏନ କନଷ୍ଟ୍ରକସନର ମାଲିକ କୁଳମଣି ନାୟକ ଯୋଗାଇଥା'ନ୍ତି। ଏହି ଲୁଣି ବାଲି ସମୁଦ୍ରରୁ ଉଠାଇବାରେ କୁଳମଣି ନାୟକଙ୍କ ପୋକଲିନ ବ୍ୟବହାର କରାଯାଏ। ଉକ୍ତ ମେସିନ ଗତ ୪ ଦିନ ହେବ ଖରାପ ହୋଇପଡିଥିବାରୁ ତାକୁ ମରାମତି କରିବା ପାଇଁ ଅପରେଟରଙ୍କୁ କୁହାଯାଇଥିଲା। ମରାମତିରେ ଦୁଇଜଣ ଲେବରଙ୍କ ସହଯୋଗ ଦରକାର ନେଇ ପୋକଲିନ ଡ୍ରାଇଭର ଲକପଡାର ମାଲିକଙ୍କ ପୁଅଙ୍କୁ ଜଣାଇଥିଲେ। ତେବେ ତିନିଦିନ ବିତିଯାଇଥିଲେ ମଧ୍ୟ କୌଣସି ଲେବର ଅପରେଟରଙ୍କୁ ସହଯୋଗ କରି ନ ଥିଲେ। ଫଳରେ ପୋକଲିନ ସଜଡା ହୋଇପାରି ନ ଥିଲା। ଫଳରେ ଗତକାଲି ସନ୍ଧ୍ୟାରେ କୁଳଦୀପ ନାୟକ ଉକ୍ତ ଅପରେଟରଙ୍କୁ ଘରୁ ଡାକିଥିଲେ। ବନ୍ଦର ୫ ନମ୍ବର ଗେଟ ସମ୍ମୁଖରେ ତାଙ୍କ ପୁଅ ନିସ୍ତୁକ ମାଡ଼ ମାରିବା ସହ ଗାଳି ଗୁଲଜ କରିଥିଲେ। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ମିଛ ମାମଲାରେ ଫସାଇ ଜେଲ ପଠାଇବା ଧମକ ମଧ୍ୟ ଦେଇଥିଲେ। ଏ ନେଇ ଡ୍ରାଇଭର ଜଣକ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି। ଜୀବନ ପ୍ରତି ଭୟ ଥିବାରୁ ଡ୍ରାଇଭର ଜଣକ ପୁଲିସର ସହାୟତା ଲୋଡିଛନ୍ତି। ପୁଲିସ ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ଡ୍ରାଇଭର ସମୂହ ଆନ୍ଦୋଳନକୁ ଓହ୍ଲାଇବାକୁ ସେ ଚେତାବନୀ ଦେଇଛନ୍ତି।

### ● ପାରାଦୀପରେ କୃଷକ ଦିବସ

## 'ସୁସ୍ଥ ବାଛୁରି ରାଲି' ଆୟୋଜିତ



ପାରାଦୀପ,୨୯।୧୨(ସମିସ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ପାରାଦୀପ ଉପକଣ୍ଠ ନୂଆଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ "ଜାତୀୟ କୃଷକ ଦିବସ' ପାଳନ କରାଯିବା ସହ ବାଲିଡିଆ ଗ୍ରାମରେ ଏକ ସୁସ୍ଥ ବାଛୁରି ରାଲିର ଆୟୋଜନ କରାଯାଇଥିଲା। ଏହି ଜାତୀୟ କୃଷକ ଦିବସ ପାଳନ ଅବସରରେ ୨୦୦ରୁ ଅଧିକ କୃଷକ ହିତାଧିକାରୀ ଏକତ୍ରିତ ହୋଇଥିଲେ। ଅତିଥି ଭାବେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅର୍ପିତା ମିଶ୍ର, କୃଷି ବୈଷୟିକ ପରିଚାଳନା ସଂସ୍ଥାର ବ୍ଲକ ଟେକ୍ନୋଲୋଜି ମ୍ୟାନେଜର ତୁଳସୀ ମହାନ୍ତା, ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ରର ଫାର୍ମ ମ୍ୟାନେଜର ରବୀନ୍ଦ୍ର ପ୍ରଧାନ ଏବଂ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ସମେତ ଏଏମ୍/ ଏନ୍ଏସ୍ ଇଣ୍ଡିଆର ଅଧିକାରୀ ଓ ଭାରତୀୟ ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ ଫାଉଣ୍ଡେସନର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ସମୟରେ, 'ସଫଳ' ଅଭିଯାନର ଏକ ଅଂଶ ଭାବରେ 'ସୁସ୍ଥ ବାଛୁରୀ ର୍‌ୟାଲି' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ ଜୟପ୍ରକାଶ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତଙ୍କ ସମେତ ଏଏମ୍/ ଏନଏସ୍ ଇଣ୍ଡିଆ ଏବଂ ବିଏଆଇଏଫର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ର୍‌ୟାଲିରେ ୫୦ଟି ସୁସ୍ଥ ବାଛୁରି ପ୍ରଦର୍ଶିତ ହେବା ସହ ୪୦ରୁ ଅଧିକ ପ୍ରକଳ୍ପ ହିତାଧିକାରୀ ଅଂଶଗ୍ରହଣ କରିଥିଲେ।

### ■ ଦାମୋଦରପାଟଣା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ତୁଳଙ୍ଗକୁ ହରାଇ ସାଇଲୋ ଚାମ୍ପିଅନ




ତିର୍ତ୍ତୋଲ, ୨୯।୧୨(ସମିସ): ତିର୍ତ୍ତୋଲ ବ୍ଲକ୍ ଅର୍ନ୍ତଗତ ଦାଇଁଲୋ ପଞ୍ଚାୟତ ଦାମୋଦରପାଟଣା ଗ୍ରାମ ପଡ଼ିଆରେ ଏସଏସ ବ୍ରଦର୍ସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ସାଇଲୋର ବିବିସି ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ଫାଇନାଲ ମ୍ୟାଚରେ ସାଇଲୋ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ ତୁଳଙ୍ଗର ଜୟ ହନୁମାନ କ୍ରିକେଟ ଟିମ୍ ୧୪.୫ ଓଭରରେ ୧୪୮ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା। ସାଇଲୋ ଟିମ୍‌ର ସୌମ୍ୟରଞ୍ଜନ ଶ୍ରେଷ୍ଠ ଖେଳାଳି ଓ ଦିବ୍ୟସ୍ମୃତି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ବାରିକ, ପୂର୍ବତନ ସରପଞ୍ଚ ଶରତ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ପ୍ରଭାତ ମହାପାତ୍ର, ନିହାର ରଞ୍ଜନ ସାହୁ, ବିଜିନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ। ପ୍ରଶାନ୍ତ ମହାପାତ୍ର, ଦୀପ୍ତିରଞ୍ଜନ ମହାପାତ୍ର ଓ ପ୍ରଶାନ୍ତ ଜେନା ଖେଳ ପରିଚାଳନା କରିଥିବାବେଳେ ଏସଏସ ବ୍ରଦର୍ସ କ୍ଲବ୍ ସଭାପତି ସୁଧୀର ମଲ୍ଲିକ, ସମ୍ପାଦକ ପ୍ରୀତିରଞ୍ଜନ ଦଳାଇ, ଆଶୁତୋଷ, ଦୀପକ, ବିକାଶ, ଦେବାଶିଷ, ସୋମୁ, ଧନୀ ଓ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ଶିକ୍ଷକଙ୍କ ପରଲୋକ

କୁଜଙ୍ଗ,୨୯।୧୨(ସମିସ): କୁଜଙ୍ଗ ବ୍ଲକ ବାଲିଆ ଗ୍ରାମର କୃତୀ ପ୍ରାଥମିକ ଶିକ୍ଷକ ଶିବ ଚରଣ ସ୍ୱାଇଁ(୯୨)ଙ୍କ ପରଲୋକ ହୋଇଯାଇଛି। ସେ ପାନପୁଲି, ବାଲିଆ ପାରିଅଙ୍ଗ ଆଦି ଗ୍ରାମରେ ଶିକ୍ଷକତା କରିଥିଲେ। ତାଙ୍କ ପରଲୋକରେ



ସମାଜସେବୀ ସୁଧାଂଶୁ ଶତପଥୀ, ତାଙ୍କ ଛାତ୍ର ଡ. ଲକ୍ଷ୍ମୀଧର ପ୍ରଧାନ, ଡା. ସଞ୍ଜୟ କୁମାର ସ୍ୱାଇଁ, ଶ୍ରମିକ ନେତା ଇଂ. ସୁଧାକର ମନ୍ତ୍ରୀ, ମୋହନ ରାଉତ୍ ଓ ସଞ୍ଜୟ ପରିଡ଼ା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ବାଲିଆ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ କରାଯାଇଛି। ପୁତ୍ର ମୁରଲୀ ମୁଖାଗ୍ନି ଦେଇଛନ୍ତି।

### ଯୁଗଜ୍ୟୋତି କ୍ରିକେଟ ଉଦ୍‌ଯାପିତ

## ହିନ୍ଦୁସ୍ଥାନ ସ୍ପୋର୍ଟିଂକୁ ହରାଇ ପାରାମାଉଣ୍ଟ ଚାମ୍ପିଅନ



ଜଗତସିଂହପୁର,୨୯।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ନବାପାଟଣା ସ୍ଥିତ ନନ୍ଦାବ୍ରତ ଷ୍ଟାଡିୟମରେ ଆୟୋଜିତ ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଏବଂ ପାରାମାଉଣ୍ଟ କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ପ୍ରଥମେ ଟସ୍ ଜିତି ହିନ୍ଦୁସ୍ଥାନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୩.୪ ଓଭରରେ ୧୦ ୱିକେଟ୍ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୌଭାଗ୍ୟ ମିଶ୍ର ସର୍ବାଧିକ ୯୪ ରନ ଏବଂ କିଶନ ରଥ ୪୪ ରନ ସଂଗ୍ରହ କରିଥିଲେ। ପାରାମାଉଣ୍ଟ କ୍ରିକେଟ୍ କ୍ଲବ ତରଫରୁ ବିଦ୍ୟାଧର ବେହେରା ୪ଟି ୱିକେଟ ଏବଂ ମିନଲ ପରିଡ଼ା ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୬୪ ରନର ପିଛା କରି ପାରାମାଉଣ୍ଟ କ୍ରିକେଟ୍ କ୍ଲବ ୨୨.୩ ଓଭରରେ ୬ ୱିକେଟ ହରାଇ ୧୬୫ ରନ ସହିତ ବିଜୟ ହାସଲ କରିଥିଲା। ଦଳ ତରଫରୁ ଅଂଶୁମାନ ସାହୁ ୫୪ ରନ ଏବଂ ଦେବାଶିଷ ସାମନ୍ତରାୟ ୪୪ ରନ ସଂଗ୍ରହ କରିଥିଲେ। ହିନ୍ଦୁସ୍ଥାନ କ୍ରିକେଟ୍ କ୍ଲବ ତରଫରୁ ଜ୍ୟୋତିରଞ୍ଜନ ରାଉତରାୟ ଏବଂ ସୁପ୍ରଭାତ ପଟ୍ଟନାୟକ ୨ଟି ଲେଖାଏଁ ୱିକେଟ ହାସଲ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଯୁଗଜ୍ୟୋତି କ୍ଲବର ସଭାପତି ରାଜକିଶୋର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା କ୍ରିକେଟ ଆସୋସିଏନର ସମ୍ପାଦକ ଅନିଲ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। କ୍ଲବ ତରଫରୁ ପୂର୍ବତନ ମେମ୍ବର ଡ. ସୁଶିଲ ବେହେରା, ନିରଞ୍ଜନ ସେନ, ପରମାନନ୍ଦ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୌଭାଗ୍ୟ ମିଶ୍ର, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରୁଷୋତ୍ତମ ପ୍ରଧାନ, ବେଷ୍ଟ ବୋଲର ଭାବେ ମିନାଲ ପରିଡ଼ା, ବେଷ୍ଟ ବ୍ୟାଟସମ୍ୟାନ ଭାବେ ଅଂଶୁମାନ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

## କୁଜଙ୍ଗକୁ ଏନ୍ଏସି ଦାବିରେ ସର୍ବଦଳୀୟ ବୈଠକ

କୁଜଙ୍ଗ,୨୯।୧୨(ସମିସ): କୁଜଙ୍ଗକୁ ଏନ୍ଏସି ଦାବିକରି ସ୍ଥାନୀୟ ଲୋକନାଥ ଭବନ ଠାରେ କୁଜଙ୍ଗ ସଚେତନ ନାଗରିକ ମଞ୍ଚର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ବୁଧବାର ସର୍ବଦଳୀୟ ସଭା ପାଇଁ ଆହ୍ୱାନ ଦିଆଯାଇଛି। ମଞ୍ଚ ଆବାହକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ପାରାଦୀପ ବିଧାୟକ ତଥା ମନ୍ତ୍ରୀ କୁଜଙ୍ଗକୁ ଏନ୍ଏସି ଘୋଷଣା କରିବାକୁ ଦେଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ କାର୍ଯ୍ୟକାରି ହୋଇ ନଥିବା ଆଲୋଚନା ହୋଇଥିଲା। ପୂର୍ବ ବିଜେଡି ସରକାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଜଙ୍ଗକୁ ଏନ୍ଏସି କରିଥିଲେ। ପରେ ବିଜେପି ସରକାର ଆସିବା ପରେ ପୁନଃ ଘୋଷଣାରେ କୁଜଙ୍ଗ ବାଦ ପଡିଥିଲା। କୁଜଙ୍ଗ ଜନସାଧାରଣ ସରକାରଙ୍କୁ ଦାବିପତ୍ର ଦେଇଥିଲେ ଓ ପ୍ରତିବାଦରେ କୁଜଙ୍ଗ ବନ୍ଦ ଡାକରା ଦେଇଥିଲେ। ତେବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆନ୍ଦୋଳନକାରୀଙ୍କ ସହିତ ପାରାଦୀପ ସର୍କିଟ ହାଉସରେ ଆଲୋଚନା କରି ଖୁବଶୀଘ୍ର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଏନ୍ଏସି ଘୋଷଣା ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତି ମଧ୍ୟରେ ତିନି ମାସ ଟପି ଯାଇଥିବାରୁ ଏନ୍ଏସି ଘୋଷଣା ନହେବାରୁ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିନେଇ ବୁଧବାର ପୁନଃ ଆନ୍ଦୋଳନ ପାଇଁ ସର୍ବଦଳୀୟ ଆଲୋଚନା କରାଯାଇ କଠୋର ନିଷ୍ପତି ନିଆଯିବ। ଆଜି ବୈଠକରେ ମଞ୍ଚର ନେତୃତ୍ୱ ଜିନମୟୀ ସାହାଣୀ, ବାବୁରାମ ଚୌଧୁରୀ, କୈଳାସ ଷଡ଼ଙ୍ଗୀ, ମନିନ୍ଦ୍ର ଗୁରୁ, ଓକିଲ ପ୍ରିୟମ୍ବଦା ପାଣି, ସୌଭାଗ୍ୟ ବିଶ୍ୱାଳ, ଦୁଷ୍ମନ୍ତ ମାଝୀ, ରଶ୍ମି ମଲିକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଧାନ ସଂଗ୍ରହ ପ୍ରଶିକ୍ଷଣ ଶିବିର



ରଘୁନାଥପୁର,୨୯।୧୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଗ୍ରାମପଞ୍ଚାୟତରେ ଧାନ ସଂଗ୍ରହ କରିବା ପାଇଁ ଶିବଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାରପୁର ଗ୍ରାମପଞ୍ଚାୟତର ସବୁ ଚାଷୀ ଯୋଗ ଦେଇଥିଲେ। ଖରିଫ ଋତୁ ପାଇଁ ଯୋଗ୍ୟ ବିବେଚିତ ପଞ୍ଜିକୃତ ଚାଷୀମାନଙ୍କ ପ୍ରଶିକ୍ଷଣ ତାଲିମ ଶିବିର ତାରପୁର ଗ୍ରାମପଞ୍ଚାୟତର ସରପଞ୍ଚ ସୁଷମା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିସଭ୍ୟା ପୂଜାଲତା ଦାସ, ନାୟବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ଦୀପକ ବିଶ୍ୱାରି, ସରୋଜ କୁମାର ସ୍ୱାଇଁ, କୃଷି ଅଧିକାରୀ ନାରାୟଣ ମହାରଣା, ଶିବଶକ୍ତି ସ୍ୱୟଂସହାୟକ ଗୋଷ୍ଠୀର ସଭାପତି କାଦମ୍ବିନୀ ସ୍ୱାଇଁ, ସମ୍ପାଦିକା ଅନ୍ନପୂର୍ଣ୍ଣା ସ୍ୱାଇଁ, ଚିନ୍ମୟୀ ମହାପାତ୍ର, ବିଦ୍ୟାଭୂଷଣ ସ୍ୱାଇଁ ଉପସ୍ଥିତ ରହି ତାରପୁର ଗ୍ରାମପଞ୍ଚାୟତର ଚାଷୀ ଭାଇମାନଙ୍କୁ କିଭଳି ଭାବରେ ଧାନ ଦେଇପାରିବେ ତାହା ବୁଝାଇଥିଲେ। ଏହି ସଭାରେ ତାରପୁର ମା' ନାରାୟଣୀ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ରାଉତ, ଚନ୍ଦ୍ରଶେଖର ସିଂହ, ଧୀରେନ ସିଂହ, ଟନା ପଣ୍ଡା ଆଦି ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ।

# ରଘୁନାଥପୁରରେ ଜନଅଭିଯୋଗ ଶୁଣାଣି ଶିବିର

ରଘୁନାଥପୁର/ଜଗତସିଂପୁର,୨୯।୧୨(ସମିସ)

ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୧ଟି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୭ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି , ଜମିଜମା ସମସ୍ୟା ସମ୍ପର୍କୀୟ ୧୨ଟି, ପୁଲିସ୍ ସହାୟତା ପାଇବା ପାଇଁ ୫ ଟି, ପେନସନ ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ଆବାସ ଗୃହ, ରାସନକାର୍ଡ ଭତ୍ତା, ଜମିଜମା, ରାସ୍ତାଘାଟ, ସ୍କୁଲ ଓ କେତେକ ପଞ୍ଚାୟତରେ ଦୁର୍ନୀତି ସମ୍ପର୍କରେ ଅଭିଯୋଗ ହୋଇଥିଲା। ସେହିପରି ଦୀର୍ଘ ଦୁଇବର୍ଷ ତଳୁ ତାରପୁର ପଞ୍ଚାୟତରେ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ବିଭିନ୍ନ ଗ୍ରାମରେ କଂକ୍ରିଟ ରାସ୍ତା ଖୋଳି ପାଇପ୍ ଲାଇନ ପକା ଯାଇଥିଲେ ସୁଧା ଅଦ୍ୟାବଧି ସେଗୁଡିକ ମରାମତି କରା ନ ଯିବା ନେଇ ଅଭିଯୋଗ ହୋଇଥିଲା। ଆସନ୍ତା ଜାନୁଆରୀ ୧୦ ତାରିଖ ମଧ୍ୟରେ ଏହାର କାର୍ଯ୍ୟ ଆରମ୍ଭ କରାଯିବା ନେଇ ଆରଡବ୍ଲୁ ଅଧିକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ରଖିଥିଲେ।



ସେହିପରି ଜଣେ ବୟସ୍କା ବୃଦ୍ଧା ଓ ଦୁଇ ଜଣ ଭିନ୍ନକ୍ଷମଙ୍କୁ ତତ୍କାଳୀନ ବ୍ଲକ ପ୍ରଶାସନ ପକ୍ଷରୁ ୩ଟି ଟ୍ରାଇ ସାଇକଲ ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ସମାଜସେବୀ ସରିତ ମହାପାତ୍ର ଅଭିଯୋଗ କରିଥିଲେ ଯେ ଶିବିରରେ ଜିଲ୍ଲା ଅଧିକାରୀମାନେ ଏଠାରେ ଯେତିକି ଅଭିଯୋଗ ଫଇସଲା କରୁଛନ୍ତି ସେତିକିରେ ସୀମିତ ରହୁଛି। ବ୍ଲକସ୍ତରୀୟ ଅଧିକାରୀମାନେ ଶିବିରରେ ହେଉଥିବା କୌଣସି ଅଭିଯୋଗର ଫଇସଲା କରୁନାହାନ୍ତି। ଏଥିରେ ଜଗତସିଂହପୁର ଜିଲ୍ଲାପାଳ ସୋନାଲଙ୍କ ସହ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ, ରଘୁନାଥପୁର ବିଡିଓ ବିରେଞ୍ଚି ନାରାୟଣ ବେହେରା ଓ ତହସିଲଦାର ରାଜଲକ୍ଷ୍ମୀ ନାୟକ ପ୍ରମୁଖ ଅଭିଯୋଗ ଗୁଡ଼ିକର ଶୁଣାଣୀ କରିଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ଓ କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା; ଅଭିଯୁକ୍ତକୁ ଗିରଫ ଦାବି

ରଘୁନାଥପୁର,୨୯।୧୨(ସମିସ): ତିର୍ତ୍ତୋଲ ବ୍ଲକ କାର୍ଯ୍ୟରତ ମହିଳା ସାମ୍ବାଦିକା ସୋନାଲି ପଣ୍ଡା ଓ ସାମ୍ବାଦିକ ପ୍ରିୟଦର୍ଶନ ଦାସ ତିର୍ତ୍ତୋଲ କୋଟକଣା ଠାରେ ସମ୍ବାଦ ସଂଗ୍ରହ କରୁଥିବା ସମୟରେ ସ୍ଥାନୀୟ ଯୁବକ ପ୍ରଶନ୍ନ ଓ ତାଙ୍କ ସହଯୋଗୀ ସୋନାଲିଙ୍କ ଉପରେ ମରାଣାତ୍ମକ ଆକ୍ରମଣ କରି ତାଙ୍କ ମୋବାଇଲ ଛଡ଼ାଇବା ସହ ତାଙ୍କ ସ୍କୁଟିକୁ ଭାଙ୍ଗି ଦେଇଥିଲେ। ଏହି ଘଟଣାରେରେ ସୋନାଲି ଗତ ଡିସେମ୍ବର ୨୪ ତାରିଖରେ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସେମାନେ ଖୋଲା ଆକାଶତଳେ ବୁଲୁଥିଲେ ବି ଘଟଣା ଘଟିବାର ୫ଦିନ ବିତିଯାଇଥିଲେ ମଧ୍ୟ ତିର୍ତ୍ତୋଲ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ବିଫଳହୋଇଛି। ଏହାକୁ ନେଇ ରାଜ୍ୟ ଏସୟୁଜେ ସାମ୍ବାଦିକ ସଙ୍ଘ ସୋମବାର ଜିଲ୍ଲାପାଳଙ୍କ ଜନଅଭିଯୋଗ ଶିବିରରେ ଅଭିଯୋଗ କରାଯାଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସଙ୍ଘର ଜଗତସିଂହପୁର ଶାଖା ପକ୍ଷରୁ ଦାବି କରାଯାଇଛି।

**● ଗଞ୍ଜେଇ, କାର୍ ଓ ଦୁଇ ବାଇକ୍ ଜବତ**

## ୩ ଗିରଫ, ଜଣେ ଫେରାର

ବୌଦ୍ଧ,୨୯ ।୧୨(ସମିସ): ଘଣ୍ଟାପଡ଼ା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଥିବାବେଳେ ଏକ କାର୍ ଓ ଦୁଇଟି ବାଇକ୍ ସହ ୩ ଆନ୍ତରାଜ୍ୟ ମାଫିଆକୁ ଗିରଫ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଣ୍ଟାପଡା ପୁଲିସ ସିଲେଟ ପଡା ଖେମୁଣ୍ଡି ଗଡ଼ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ହୋଣ୍ଡାଇ କାର୍ ଓ ପୁଲସର ବାଇକ, ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ବାଇକ୍‌କୁ ସନ୍ଦେହରେ ଅଟକାଇ ଥିଲେ। ତଲାସି କଲା ପରେ କାର୍ ଓ ବାଇକରୁ ୧୦୫ କେଜି ୫୫୦ ଗ୍ରାମ ଗଞ୍ଜେଇ ଜବତ କରିଥିବାବେଳେ ୩ ଗାଡି ସହ ୩ ମାଫିଆକୁ ଗିରଫ କରିଛି। ଗିରଫ ମାଫିଆ ହେଲେ ମଧ୍ୟପ୍ରଦେଶର ଅନୁପୁର ଜିଲ୍ଲା କୋଟାମା ଥାନା ଖୋଦ୍ରୀ ଗ୍ରାମର ରାଜ କୁମାର ଜୈଶ୍ୱାଳ (୩୦), ଛତିଶଗଡ଼ ରାଜ୍ୟ ଏମ୍‌ସିବି ଜିଲ୍ଲା ମହେନ୍ଦ୍ର ଗଡ଼ ଥାନାର ବିନୟ ସିଂ(୨୬), ବିଳାସପୁର ଜିଲ୍ଲା ସିପାଟଥାନା ବଶାଗ୍ରାମର ଅମିତ କୁମାର କଶ୍ୟପ (୨୩) କୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅଭିଯୁକ୍ତ ଘଣ୍ଟାପଡା ଥାନା ସିଲେଟପଡା ଗ୍ରାମର ବିନୋଦ ରଣା (୩୨) ଫେରାର ଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଘଣ୍ଟାପଡା ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଏସ୍‌ଆଇ ସୌମ୍ୟ ରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।



# ଜିଲ୍ଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ବୀରମହାରାଜପୁର/ତରଭା,୨୯।୧୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ପଞ୍ଚାୟତ ସମିତି ଅଧୀନ ଲୁତୁରପଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ ଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୯ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୬ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବାବେଳେ ୧୩ଟି ସାମୂହିକ ଦରଖାସ୍ତ ଓ ୨ଟି ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଁସଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କ ସମେତ ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ଲୁତୁରପଙ୍କ ଗ୍ରାମ ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

**ଅଭିଯୋଗ ଶୁଣାଣି**

## ୪୯ଟି ମାମଲା ପଞ୍ଜିକୃତ, ୧୮ଟି ସମାଧାନ



ବୌଦ୍ଧ/କଣ୍ଟାମାଳ: ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଉପାନ୍ତ ଅଞ୍ଚଳ ଲମ୍ବସରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ, ଏସପି ରାହୁଲ ଗୋୟଲ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୪୯ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ମାମଲା ରହିଥିଲା। ୧୮ଟି ମାମଲାର ତ୍ୱରିତ ସମାଧାନ କରାଯାଇଥିବାବେଳେ ଜଣକୁ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା, ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସିଡିପିଓ ପଙ୍କଜିନୀ ମିଶ୍ର, ଥାନା ଅଧିକାରୀ ରଞ୍ଜିତ ମୁନିଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରିଥିଲେ।

## ଲୋକମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି



ବୀରମହାରାଜପୁର,୨୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଆଜି ବୀରମହାରାଜପୁର ଲୋକମହୋତ୍ସବ ମାଲେଶ୍ରୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଏ ବର୍ଷ ଲୋକମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ମତ ରଖିଥିଲେ। ବିଭିନ୍ନ ଆଲୋଚନାଚକ୍ର, ଫୁଟବଲ୍ ମ୍ୟାଚ୍, ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରତିଯୋଗିତା, ସ୍ୱାସ୍ଥ୍ୟ, କୃଷି ଉପକରଣ, ହ୍ୟାଣ୍ଡଲୁମ୍ ବସ୍ତ୍ର, ବୁକ୍ ଫେୟାର ସହିତ ବିଭିନ୍ନ ନୂତନ କାର୍ଯ୍ୟକ୍ରମ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ଆସନ୍ତା ମାର୍ଚ୍ଚ ଦ୍ୱିତୀୟସପ୍ତାହରେ ବୀରମହାରାଜପୁର ଲୋକମହୋତ୍ସବ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଥିପାଇଁ ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଆସନ୍ତା ଜାନୁଆରୀ ୬ ତାରିଖ ଅପରାହ୍ନ ୩ ଘଣ୍ଟା ସମୟରେ ସ୍ଥାନୀୟ ମୈତ୍ରୀ ସଦନ ଠାରେ ହେବ ବୋଲି ଏଥିରେ ସୂଚାଯାଇଥିଲା। ଉକ୍ତ ବୈଠକରେ ମହୋତ୍ସବକୁ ଆକର୍ଷଣୀୟ ଓ ସରସ ସୁନ୍ଦର କରିବା ପାଇଁ ଏକ ନୂତନ କମିଟି ସହିତ ସହ କମିଟି ଗୁଡିକ ଗଠନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ବୈଠକରେ ବରିଷ୍ଠ ନାଗରିକ ସଂଗଠନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ, ବିଜେପି ଜିଲ୍ଲା ସଭାପତି ବେଣୁଧର ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଜିଲ୍ଲା ପରିଷଦ ଜୋନ୧ ସଭ୍ୟ ଲବ କୁମାର ସାହୁ, ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ଖଣ୍ଡଗିରୀ, ବିଡିଓ ରାଜୀବ କୁମାର ହାଁସଦା ପ୍ରମୁଖ ମଞ୍ଚାସିନ ଥିଲେ।

ସଭା ପ୍ରାରମ୍ଭରେ ଯୁଗଳକିଶୋର ମିଶ୍ର ବୀରମହାରାଜପୁର ଲୋକମହୋତ୍ସବ ମାଲେଶ୍ରୀ କିଭଳି ଭାବରେ ଆୟୋଜନ ହେଉଥିଲା ଓ ତାର ରୂପରେଖ ଉପରେ ସୂଚନା ପ୍ରଦାନ କରିଥିଲେ। ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ବରିଷ୍ଠ ସାମ୍ବାଦିକ କିଶୋର ହୋତା, ଚମ୍ପାମଲ୍ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ସରକାରୀ ଓକିଲ ସତ୍ୟବ୍ରତ ମିଶ୍ର, ଜିଲ୍ଲା ବିଜେପି ଉପସଭାପତି ଶରତକୁମାର ମିଶ୍ର, ସୁମନ୍ତ ଜଗଦଳା, ଏକଲବ୍ୟ ବେହେରା, ବିପିନ ପଣ୍ଡା, ବିବସ୍ୱତି ପଣ୍ଡା, ରାଧାଚରଣ ମେହେର, କଳାକାର ପୀତବାସ ଶତପଥୀ, ପ୍ରଭାସ ଦାସ, ନୃତ୍ୟଗୁରୁ ଦଶରଥ ମେହେର, ରୋହିତ ହୋତାଙ୍କ ସମେତ ଶତାଧିକ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ମାତ୍ର ଏତେ ବଡ ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଲୋକମହୋତ୍ସବର ପ୍ରସ୍ତୁତି ବୈଠକରେ ପ୍ରଚାର ପ୍ରସାର ପାଇଁ କିଛି କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସୂଚନା ଦିଆଯାଇ ନଥିଲା, ତେଣୁ ଆଗାମୀ ବୈଠକରେ ସାମ୍ବାଦିକ ମାନଙ୍କୁ ସୂଚନା ଦେବାସହ ଅନେକ ସାମାଜିକ ଅନୁଷ୍ଠାନକୁ ଏହି ମହୋତ୍ସବରେ ସାମିଲ କରିବାକୁ ବୁଦ୍ଧିଜୀବୀ ତଥା ଜନସାଧାରଣରେ ଦାବି ହୋଇଥିଲା। ଶେଷରେ ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ଧନ୍ୟବାଦ୍ ଅର୍ପଣ କରିଥିଲେ।

**● ଜଙ୍ଗଲ ଜମି ପଟ୍ଟାରୁ ବଞ୍ଚିତ ଆଦିବାସୀ**

## ଆବେଦନର ପୁନର୍ବିଚାର କରିବାକୁ ଜିଲ୍ଲାପାଳଙ୍କୁ ଗୁହାରି

ଶଗଡ଼ା ,୨୯ ।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ତହସିଲ ଅଧୀନ ଲମ୍ବସରି ପଞ୍ଚାୟତର ସମସ୍ତ ଆଦିବାସୀ ଜଙ୍ଗଲଜମି ପଟ୍ଟାରୁ ବଞ୍ଚିତ ହୋଇଥିବା ବେଳେ ଏହାର ପୁନଃବିଚାର କରିବାକୁ ଆଜି ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ସୂଚନା ଅନୁସାରେ କଣ୍ଟାମାଳ ତହସିଲ ଅଧୀନ ଉପାନ୍ତ ଆଦିବାସୀ ଅଞ୍ଚଳ ଭାବେ ପରିଗଣିତ ଲମ୍ବସରୀ ପଞ୍ଚାୟତର ସମସ୍ତ ଆଦିବାସୀ ଜଙ୍ଗଲ ଜମି ଉପରେ ନିର୍ଭରକରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ଦୀର୍ଘ ବର୍ଷ ହେବ ଜଙ୍ଗଲ ଜମି ଉପରେ ଚାଷ କରି ଆସୁଥିଲେ ସୁଦ୍ଧା ତାଙ୍କୁ ଉକ୍ତ ଜମିର କୌଣସି ପଟ୍ଟା ମିଳିନାହିଁ। ପଟ୍ଟା ପାଇଁ ଆଦିବାସୀମାନେ ୨୦୨୩ରେ ଆବଶ୍ୟକୀୟ କାଗଜପତ୍ର ସହ କଣ୍ଟାମାଳ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ଇତିମଧ୍ୟରେ ଅନେକ ଥର ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ତାଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇନାହିଁ। ଯାହାକୁ ନେଇ ଆଦିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏନେଇ ଆଦିବାସୀମାନେ ଗତ ନଭେମ୍ବର ମାସ ୨୬ ତାରିଖରେ ବୌଦ୍ଧ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜକୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇ ପାରିନାହିଁ। ଏନେଇ ଆରିମୂଳ ପ୍ରଗଣା ଆଦିବାସୀ କନ୍ଧ ସମାଜ ସଭାପତି ନରୋତ୍ତମ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ଆଜି ଲମ୍ବସରୀ ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ଜିଲ୍ଲପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗୁହାରି କରିବା ସହିତ ଏହାର ତ୍ୱରିତ ସମାଧାନ କରିବାକୁ ନିବେଦନ କରିଛନ୍ତି।

## ଜିଲ୍ଲା ବିଜେଡି କମିଟି ସଦସ୍ୟ ଚୟନରେ ବୀରମହାରାଜପୁରକୁ ଗୁରୁତ୍ୱ

ବୀରମହାରାଜପୁର,୨୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ନୂତନ ବିଜେଡ଼ି କମିଟିର ସଦସ୍ୟମାନଙ୍କ ପ୍ରକାଶ ପାଇଥିବା ଜଣାପଡିଛି। ଏହି କମିଟି ଚୟନରେ ବୀରମହାରାଜପୁର ବ୍ଲକ୍‌କୁ ଗୁରୁତ୍ୱ ଦିଆଯାଇଛି। ବୀରମହାରାଜପୁରର ବରିଷ୍ଠ ବିଜେଡ଼ି ନେତା ମୃତ୍ୟୁଞ୍ଜୟ ପଧାନ, ସ୍ୱୟମ୍ଭୁନାଥ ଖଣ୍ଡଗିରୀ, କିଶୋର କୁମାର ହୋତା, ରଞ୍ଜିତକୁମାର ରଥଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ସତ୍ୟାଞ୍ଜିବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ବିନୋବାନନ୍ଦ ପଧାନ, ଓ ମନୋଜ କୁମାର ସାହୁ ନିଯୁକ୍ତି ଦିଆଯାଇଛି। ସମ୍ପାଦକ ଭାବରେ ସଞ୍ଜୀବକୁମାର ଦେହେରି ନିଯୁକ୍ତି ଦିଆଯାଇଛି। ଏହି ଖବର ପ୍ରସାରିତ ହେବା ପରେ ବୀରମହାରାଜପୁର ନେତା ଓ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଆଗାମୀ ଦିନରେ ଦଳ ତୃଣମୂଳସ୍ତରରେ ଅନେକ କାର୍ଯ୍ୟ କରିବା ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ବିଜେଡି ସାଧାରଣ ସମ୍ପାଦକ ସତ୍ୟାଞ୍ଜିବ ମିଶ୍ର କହିଛନ୍ତି।

## ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

ବିନିକା,୨୯ ।୧୨(ସମିସ): ସୋମବାର ମଧ୍ୟାହ୍ନ ସମୟରେ ବିନିକା ପାପକ୍ଷୟ ରାସ୍ତା ପାର୍ଶ୍ୱର୍ରେ ଥିବା ବିଦ୍ୟୁତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟକୁ ତାଲା ମାରି କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ୍ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ କିଷାନ ସେଲ ସାଧାରଣ ସମ୍ପାଦକ ସପନେଶ୍ୱର ପୃଷ୍ଟି, ଯୁବ ନେତା ବିଜୟ ଭୋଇ, ଶ୍ରୀନିବାସ ଖମାରୀ, ସୁରଥ ପ୍ରଧାନ, ନରସିଂ ମିଶ୍ର, ବିଶ୍ୱମିତ୍ର ପଣ୍ଡା, ରବୀନ୍ଦ୍ର ଭୁଇଁଆ, ପାଣ୍ଡବ ଭୋଇ ପ୍ରମୁଖ ଉପସ୍ଥିତ ରହି ଟାଟା ପାୱାର ବିରୋଧରେ ଗର୍ଜି ଥିଲେ। ଗ୍ରାହକ ଶୋଷଣ ବନ୍ଦ କରି ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ପ୍ରଦାନ, କୃଷି ପାଇଁ ସମ୍ପୂର୍ଣ୍ଣ ଭାବେ ବିଜୁଳି ଛାଡ କରାଯିବା, ସ୍ମାର୍ଟ ମିଟର ବିଶ୍ୱସନୀୟତା ପ୍ରମାଣିତ ନହେବା ଯାଏ କାର୍ଯ୍ୟକାରୀ କରାନଯିବା, ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍‌କୁ ତୁରନ୍ତ ପ୍ରତ୍ୟାହାର କରାଯିବା ଆଦି ଦାବି କରି କଂଗ୍ରେସ କର୍ମୀମାନେ କାର୍ଯ୍ୟାଳୟକୁ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ନୂତନ ବ୍ରିଜର ଶୁଭ ଦେଲେ ବିଧାୟକ



ବିନିକା,୨୯ ।୧୨(ସମିସ): ବିନିକା ବ୍ଲକ୍ ବାଉଁଶୁଣି-କୈନ୍ତରା ରାସ୍ତା ମଝିରେ ଥିବା ବାଉଁସୁନୀ ମାଇନରରେ ନୂତନ ବ୍ରିଜ ନିର୍ମାଣ ପାଇଁ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଶୁଭ ଦେଇଛନ୍ତି। ସୂଚନାଯୋଗ୍ୟ, ବ୍ରିଜ ନଥିବାରୁ ଯିବା ଆସିବା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷ କରି ବର୍ଷା ୨ ମାସ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିଲେ। ବ୍ରିଜ ନିର୍ମାଣ ହେଲେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସର୍ବ ସାଧାରଣ ଲୋକେ ଉପକୃତ ହେବେ।କାର୍ଯ୍ୟକ୍ରମରେ ବିଜେପିର ବହୁ ସଦସ୍ୟଙ୍କ ଆଖପାଖ ଗ୍ରାମର ଲୋକେ ସାମିଲ ହୋଇଥିଲେ।

## ମା' ମାହେଶ୍ୱରୀ ସେନାର ବାର୍ଷିକ ବୈଠକ



ଶଗଡ଼ା,୨୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ମା' ମାହେଶ୍ୱରୀ ସେନାର ସଭାପତି ଅନିଲ ପଲିଆଙ୍କ ଅଧ୍ୟକ୍ଷତାରେ ଡମରୁଗଡ଼ଠାରେ ସଂଗଠନର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଶ୍ରୀପଲିଆ ସଂଗଠନର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ମହେନ୍ଦ୍ର ମହାକୁଳ ସଂଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଜିଲ୍ଲା ଆବାହକ ଅକ୍ରୁର ଗାଇଗୌରିଆ ଆଗାମି ଦିନରେ ସଂଗଠନ କିପରି ସୁଦୃଢ଼ ହେବାସହ ପ୍ରତ୍ୟେକ ପଞ୍ଚାୟତସ୍ତରରେ ସେବା ଯୋଗେଇବ ସେ ବିଷୟରେ ଆଲୋଚନା କରିଥିଲେ। ସହସ୍ରାଂଶୁ ମହାକୁଳ ଧନ୍ୟବାଦ ଅର୍ପଣ କରିଥଲେ। ନରେନ୍ଦ୍ର କର୍ମୀ, ଜିଲ୍ଲା ଉପସଭାପତି ସ୍ୱାଧୀନ କର୍ମୀ, ଜିଲ୍ଲା ସହସମ୍ପାଦକ ଲିପୁନ ମହାକୁଳ, କଣ୍ଟାମଲ ବ୍ଲକ ସଭାପତି ଅବିନାଶ କମ୍ପ, ସଂଗଠନର ସକ୍ରିୟ ସଦସ୍ୟ ଦିଲ୍ଲୀପ କର୍ଣ୍ଣ, ରଞ୍ଜିତ ମହାକୁଳ, ରଶ୍ମୀ ଡାଙ୍ଗ, ପରମାନନ୍ଦ ମହାକୁଳ, ନିରଞ୍ଜନ ମେଣ୍ଡିଲି, ଟଙ୍କଧର ଖମାରି, ନିରଞ୍ଜନ ଗେଜ, ଆଦିତ୍ୟ ମହାକୁଳ, ଶଶୀ ମହାକୁଳ, ମକରଧ୍ୱଜ ବାରିକ, ଏକଲବ୍ୟ ଗାଗୌରିଆ, ଶିବାଜୀ ମହାକୁଳ, ପୀତବାସ ଖେତି, ସଲିନ ମହାକୁଡ଼ ସୁନୀଲ ମେଣ୍ଡିଲି ଆଶିଷ ଡ଼ାଙ୍ଗ, ପିଣ୍ଟୁ ମହାକୁଳ, ପ୍ରଶାନ୍ତ ମହାକୁଳ ଏବଂ ହରଭଙ୍ଗା ବ୍ଲକର ବହୁ ସଂଖ୍ୟାରେ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ।

**ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍**

## କ୍ୟୁସିଆଇ ଛତିଶଗଡ଼ ଚାମ୍ପିଅନ୍

ବୀରମହାରାଜପୁର,୨୯।୧୨(ସମିସ)




ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ହେଉଥିବା ୨୯ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ଫାଇନାଲରେ ଏସଡିସିଏ ସୋନପୁର କୁ ହରାଇ କ୍ୟୁସିଆଇ ଛତିଶଗଡ଼ ଚାମ୍ପିଅନ୍ ହୋଇଛି। ଫାଇନାଲ ମ୍ୟାଚ ଟି-୨୦, ଟି -୧୦ ଓ ସୁପର ଓଭର ବିଶିଷ୍ଟ ତିନୋଟି ଫର୍ମାଟରେ ହୋଇଥିଲା।

ଛତିଶଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୨୪୪ ରନ କରିଥିଲା। ଦଳର ଶଶାଙ୍କ ଚାନ୍ଦ୍ରକର ୩୦ ବଲ୍ ଖେଳି ୬୦ ରନ ଓ କ୍ରିତେଶ ସାହୁ ୩୧ ବଲ ଖେଳି ୫୯ ରନ କରିଥିଲେ। ବିପକ୍ଷ ଆବ୍ରାରୁଲ ହକ୍ ୨ ଟି ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୦ ରନ କରିଥିଲେ। ଦଳର ପ୍ରଶାନ୍ତ ବିଶି ୨୦ ବଲ ଖେଳି ୪୨ ରନ ଓ ବରୁଣ ଦାସ ୧୭ ବଲ ଖେଳି ୪୦ ରନ କରିଥିଲେ। ବିପକ୍ଷ ସନ୍ନି ତିୱାରୀ ୪ ଟି ଓ ବିବେକ କୁମାର ୨ ଟି ଲେଖାଏଁ ଉଇକେଟ ନେଇଥିଲେ। ଟି-୧୦ ମ୍ୟାଚ୍‌ରେ ଛତିଶଗଡ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ଉଇକେଟ ହରାଇ ୮୭ ରନ କରିଥିଲେ। ଦଳର କାହ୍ନା ସାହୁ୨୮ ଓ କ୍ରିତେଶ ସାହୁ ୧୯ ରନ୍ କରିଥିଲେ। ବିପକ୍ଷ ଶୁଭମ୍ ବିଷ୍ଟ ଓ ଆବ୍ରାରୁଲ ହକ୍ ପ୍ରତ୍ୟେକ ୩ ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ସୋନପୁର ୭.୫ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକୀୟ ୮୯ ରନ କରିଥିଲା। ଦଳର ବରୁଣ ଦାସ ୩୬ ଓ ଅଭିଳାଷ ନାୟକ ୧୯ ରନ କରିଥିଲେ। ବିପକ୍ଷ ଶଶାଙ୍କ ନେତମ ୩ ଟି ଉଇକେଟ ନେଇଥିଲେ। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର ଓଭର ଖେଳାଯାଇଥିଲା। ଏଥିରେ ସୋନପୁର ପ୍ରଥମେ ୯ ରନ କରିଥିବା ବେଳେ ଛତିଶଗଡ ୧୦ ରନ କରି ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ଲୋକପ୍ରିୟ କଣ୍ଠଶିଳ୍ପୀ ଡ. ଅର୍ଚ୍ଚନା ପାଢ଼ୀ ସ୍ୱତନ୍ତ୍ର ଅତିଥି ଏବଂ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ ଭୋଇ, ଆଇନଜୀବୀ ରାଧାକାନ୍ତ ବାଘ, କଳ୍ପତରୁ ମହାକୁର, ଆୟୋଜକ ସଭାପତି ସୁଶିଲ ପ୍ରଧାନ ଓ ସମ୍ପାଦକ ମାଧବ ମହାକୁର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସିନ ଥିଲେ। ସୋନପୁରର ପୁରୁଷୋତ୍ତମ ପାତ୍ରଙ୍କୁ ଶ୍ରେଷ୍ଠ ବୋଲର, ଛତିଶଗଡ଼ର କ୍ରିତେଶ ସାହୁଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍, ସେଞ୍ଚୁରି ମ୍ୟାନ, ଶ୍ରେଷ୍ଠ ସିକ୍ସର ଓ ମ୍ୟାନ ଅଫ ସିରିଜ ଏବଂ ସନ୍ନି ତିୱାରୀଙ୍କୁ ମ୍ୟାନ ଅଫ ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା।

ଚାମ୍ପିଅନ୍ ଦଳକୁ ନଗଦ ୬୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ନଗଦ ୪୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ୍‌କୁ ଓସିଏ ମାନ୍ୟତାପ୍ରାପ୍ତ ଆମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡା ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବା ବେଳେ ମାନସ ରଞ୍ଜନ ମହାକୁର ସ୍କୋରର, ଚମାରୁ ମହାକୁର ଅନ୍ ଲାଇନ୍ ସ୍କୋରିଙ୍ଗ ଏବଂ ତନୁଜରାଜ ସାହୁ, ମାନସ ମିଶ୍ର, ବନ୍ଧନ ପ୍ରଧାନ, ଆଶିଷ ଦେଓ, ମ୍ୟାକ ମିଲନ ମହାକୁର, ପ୍ରାଣବନ୍ଧୁ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

## ହାଇୱା - ବାଇକ ଧକ୍କା ଜଣେ ମୃତ

ହରଭଙ୍ଗା,୨୯ ।୧୨(ସମିସ): ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ୍ ଚାରିଛକ - ଛତ୍ରଙ୍ଗ ପୂର୍ତ୍ତରାସ୍ତାର ଏକତାଳ ନିକଟରେ ସୋମବାର ସକାଳେ ଏକ ମର୍ମନ୍ତୁଦ ସକ ଦୁର୍ଘଟଣା ଘଟିଛି। ହାଇୱା ଓ ବାଇକ୍ ମଧ୍ୟରେ ଧକ୍କାରେ ହେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ବାଇକ୍ ଚାଳକ ଜଣଙ୍କ ହେଉଛନ୍ତି ପୁରୁଣାକଟକ ଥାନା ଅଧୀନ ବାହାଲି ଗ୍ରାମର ସୁନୀଲ ପାତ୍ର (୨୭)। ସୂଚନା ଅନୁସାରେ ସୋମବାର ସକାଳେ ଛତ୍ରଙ୍ଗ ପାର୍ଶ୍ୱରୁ ଏକ ବାଇର୍ରେ ସୁନୀଲ ଘରକୁ ଫେରୁଥିଲେ। ଏହି ସମୟରେ ଚାରିଛକ ପଟୁ ଆସୁଥିବା ଏକ ହାଇୱା ସୁନୀଲଙ୍କ ବାଇକ୍‌କୁ ଧକ୍କା ଦେବାରୁ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଏକ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ହରଭଙ୍ଗା ତାହସିଲଦାର ବଳଦେବ ବେହେରା ପୁରୁଣା କଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହା ସହିତ ରେଡକ୍ରସ ପାଣ୍ଠିରୁ ଦଶହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏହା ସହିତ ହରିଶ୍ଚନ୍ଦ୍ର ସହାୟତା ତୁରନ୍ତ ମୃତକଙ୍କ ପରିବାରଙ୍କୁ ପ୍ରଦାନ ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ରାସ୍ତାରୋକ ହଟିଥିଲା। ଅନ୍ୟପଟେ ଘଟଣାପରେ ହାଇୱା ଡ୍ରାଇଭର ପୁରୁଣାକଟକ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।

## ବୌଦ୍ଧ ପାକ୍ସ ପକ୍ଷରୁ ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ



ବୌଦ୍ଧ,୨୯ ।୧୨(ସମିସ): ବୌଦ୍ଧ ପାକ୍ସ ପକ୍ଷରୁ ଭୈରବୀ ପଡ଼ିଆଠାରେ ସରକାରୀ ଖରିଫ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ କୃଷି ଅଧିକାରୀ ରାଜେଶ ଚୌଧୁରୀ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜାନକୀଭୂଷଣ ହାବଡ଼ା ସିଂ, ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ପାକ୍ସ ସଭାପତି ସତ୍ୟଜିତ କୁମାର ପଣ୍ଡା, ସମବାୟ ନିରିକ୍ଷକ ସ୍ୱର୍ଣ୍ଣଲତା ପ୍ରଧାନ, ନୋଡାଲ ଅଫିସର ଶୁଭାଶିଷ ଶତପଥୀ, ପାକ୍ସ ସମ୍ପାଦକ ସତ୍ୟଜିତ କର ଓ ଚାଷୀମାନେ ଉପସ୍ଥିତ ଥିଲେ। ଗୋପୀନାଥ ଓ ଶ୍ରୀକ୍ରିଷ୍ଣା ରାଇସ୍ ମିଲ ପକ୍ଷରୁ ଟୋକନ୍ ପାଇଥିବା ଚାଷୀମାନଙ୍କ ଠାରୁ ସମିତି ଜରିଆରେ ଧାନକୁ ନେଇଥିଲେ।

### ଚାଷ ଜମିକୁ ପ୍ଲଟିଂ କରି ଚାଲିଛି ବିକ୍ରି

# ଚାଷ ଜମି ଓ ପଞ୍ଜିକୃତ ଚାଷୀ ବୃଦ୍ଧି ତଥ୍ୟକୁ ନେଇ ପ୍ରଶ୍ନବାଚୀ

ବାଲୁଗାଁ, ୨୯।୧୨(ସମିସ)

ବାଣପୁର ବାଲୁଗାଁ ଅଞ୍ଚଳରେ ଜମି ଦଲାଲ ମାତିଛନ୍ତି। ଚାଷ ଜମିକୁ ପ୍ଲଟିଂ କରି ବିକ୍ରି କରି ଚାଲିଥିବାବେଳେ କୃଷି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଅଞ୍ଚଳରେ ଚାଷ ଜମି ଓ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ବର୍ତ୍ତମାନ ବୃଦ୍ଧି ପାଇଥିବା ତଥ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



କୃଷି ତଥା କୃଷକମାନଙ୍କର ଉନ୍ନତି ନିମନ୍ତେ ରାଜ୍ୟ ସରକାର ପ୍ରାଥମିକତା ଦେଉଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ପ୍ରଶାସନଠାରୁ ଆରମ୍ଭ କରି ନେତା ଓ ମନ୍ତ୍ରୀ ବୈଠକ ପରେ ବୈଠକ କରିବା ସହିତ ପ୍ରଚାର ପ୍ରସାର ଜୋରସୋର ଚଳାଇଛନ୍ତି। କିନ୍ତୁ ପ୍ରକୃତ ଚାଷୀଙ୍କ ନିକଟରେ କେହି ପହଞ୍ଚୁ ନଥିବା ବେଳେ ସବୁ ଜିଲ୍ଲା କାର୍ଯ୍ୟାଳୟରେ ବୈଠକ କରି କୃଷିର ଉନ୍ନତି ବାର୍ତ୍ତା ବାଣ୍ଟୁ ଥିବାକୁ ନେଇ ବାଲୁଗାଁ ବାଣପୁର ଅଞ୍ଚଳରେ ଚର୍ଚ୍ଚା ହେଉଛି।

କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସମସ୍ତେ କୃଷି ତଥା କୃଷକର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା ମାନ କରିଥିବା ବେଳେ ଏହା କେବଳ କାଗଜ କଲମରେ ସୀମିତ ରହିଯାଉଛି। କୃଷି ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାଳୟରେ ବସି କେବଳ କାଗଜ କଲମରେ ତଥ୍ୟ ଉପସ୍ଥାପନ କରୁଥିବା ବେଳେ କୃଷକ ସହ କୃଷି ବିଭାଗର ଦୂରତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି। କୃଷକ ମାନଙ୍କ ସହିତ ସମନ୍ୱୟ ରକ୍ଷା କରିବା ନିମନ୍ତେ ଗ୍ରାମୀଣ କୃଷି କର୍ମଚାରୀ ରହିଥିବା ବେଳେ କୃଷକମାନେ ଅନେକ କ୍ଷେତ୍ରରେ ଗ୍ରାମୀଣ କୃଷି କର୍ମଚାରୀଙ୍କୁ ଚିହ୍ନି ନ ଥିବା ଜଣାଯାଇଛି। ବାଲୁଗାଁ ଓ ବାଣପୁର ଦୁଇଟି ଏନଏସି ଏବଂ ବାଣପୁର ଓ ଚିଲିକା ଦୁଇ ବ୍ଲକ ଅନ୍ତର୍ଗତ ୩୩ଟି ପଞ୍ଚାୟତ ରହିଥିବା ବେଳେ ପ୍ରତି ପଞ୍ଚାୟତ ଓ ଏନଏସି ନିମନ୍ତେ ଜଣେ ଗ୍ରାମୀଣ କୃଷି କର୍ମଚାରୀଙ୍କ ସମେତ ୨ଜଣ କୃଷକ ସାଥି ନିଯୁକ୍ତି ପାଇବା ନିୟମ ରହିଛି। ହେଲେ ଏଠାରେ ନିୟମ କେବଳ ନିୟମ ମଧ୍ୟରେ ସୀମିତ ହୋଇ ରହିଯାଇଛି। ବାଣପୁର ଓ ଚିଲିକା ବ୍ଲକରେ କେତେ ଗ୍ରାମୀଣ କୃଷି କର୍ମଚାରୀ କାର୍ଯ୍ୟ କରୁଛନ୍ତି ଓ କେତେ କୃଷକ ସାଥି ପଞ୍ଚାୟତ ମାନଙ୍କରେ କାର୍ଯ୍ୟ କରୁଛନ୍ତି ତାହାର ସଠିକ୍ ତଥ୍ୟ ବାଣପୁର ଓ ଚିଲିକା ବ୍ଲକ କୃଷି ଅଧିକାରୀଙ୍କ ନିକଟରେ ନଥିବା ମନେ ହେଉଛି।

କୃଷି ବିଭାଗର ତଥ୍ୟ ଅନୁଯାୟୀ ବାଣପୁର ଓ ଚିଲିକା ବ୍ଲକରେ ବିଗତ ବର୍ଷ ତଥା ୨୦୨୪ମସିହାରେ ପ୍ରାୟ ୮ହଜାର ଚାଷୀଙ୍କୁ ଖରିଫ ଫସଲ ନିମନ୍ତେ ସମବାୟ ବ୍ୟାଙ୍କ ଜରିଆରେ ଚାଷୀ ମାନଙ୍କୁ ଋଣ ପ୍ରଦାନ କରାଯାଇଥିଲା। ସେହିପରି ଚଳିତ ବର୍ଷ ୨୦୨୫ ମସିହାରେ ପ୍ରାୟ ୯ହଜାର ଚାଷୀଙ୍କୁ ସମବାୟ ବ୍ୟାଙ୍କ କୃଷି ଋଣ ପ୍ରଦାନ କରିଥିବା ଜଣାଯାଇଛି। କୃଷି ବିଭାଗ ତଥ୍ୟ ଅନୁଯାୟୀ ବର୍ତ୍ତମାନ ଚାଷ ଜମି ବୃଦ୍ଧି ହେଉଥିବା ବେଳେ କୃଷକ ସଂଖ୍ୟା ମଧ୍ୟ ବୃଦ୍ଧି ଘଟିଛି। ମାତ୍ର ବାସ୍ତବରେ ଏହା ସମ୍ପୂର୍ଣ୍ଣ ଓଲଟା ହୋଇଥିବା ଜଣା ଯାଇଛି। ବାସ୍ତବରେ ଅଞ୍ଚଳର ଶହ ଶହ ଏକର ଚାଷ ଜମିକୁ ଜମି ଦଲାଲ ମାନେ ପ୍ଲଟିଂ କରି ବିକ୍ରି କରି ପ୍ରଚୁର ଲାଭବାନ ହେଉଥିବା ବେଳେ ଉକ୍ତ ଚାଷ ଜମିରେ ଏବେ ବଡ ବଡ ଅଟ୍ଟାଳିକା ମାନ ଦଣ୍ଡାୟମାନ ହୋଇଥିବା ଦେଖିବାକୁ ମିଳୁଛି। ଏପରିକି ଠାକୁରଙ୍କ ଜମି ପ୍ରଶାସନିକ ଅଧିକାରୀଙ୍କୁ ହାତ କରି କିସମ ପରିବର୍ତ୍ତନ କରି ପ୍ଲଟିଂ କରିବାକୁ ପଛାଇ ନାହାଁନ୍ତି ଜମି ଦଲାଲ।

ହେଲେ ବାସ୍ତବରେ ବିଗତ ବର୍ଷ ତୁଳନାରେ ବର୍ତ୍ତମାନ ବାଲୁଗାଁ ବାଣପୁର ଅଞ୍ଚଳର ଚାଷ ଜମି ହ୍ରାସ ପାଇଚାଲିଛି। ତେବେ ବିଭାଗର ଚାଷୀ ଓ ଚାଷ ଜମି ବୃଦ୍ଧି ତଥ୍ୟ କେତେ ସଠିକ ତା'ର ତଦନ୍ତ କଲେ ସବୁ କିଛି ଜଣା ପଡିବ। ଏପରିସ୍ଥଳେ ପ୍ରକୃତରେ କୃଷକ ସଂଖ୍ୟା ସଠିକ ରହିଛି ନା ପଞ୍ଜିକୃତ ଚାଷୀମାନଙ୍କ ବଦଳରେ ବହୁ ଅଣ କୃଷକ କୃଷି ବାବଦରେ ବ୍ୟାଙ୍କରୁ ଋଣ ନେଉଛନ୍ତି, ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୃଷି ବିଭାଗର ପ୍ରକୃତ କୃଷକଙ୍କ ସଂଖ୍ୟା ଗଣନାରେ ସ୍ୱଚ୍ଛତା ନଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏପରିସ୍ଥଳରେ କୃଷି ବିଭାଗର ଚାଷ ଜମି ଓ ପଞ୍ଜିକୃତ କୃଷକଙ୍କ ସଂଖ୍ୟା ବୃଦ୍ଧି ତଥ୍ୟ, ଯାହା ତଦନ୍ତ ସାପେକ୍ଷ।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା

ଚିଲିକା,୨୯ ।୧୨(ସମିସ): ହରିପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଠାଣୀ ବଳବନ୍ତରାୟଙ୍କ ବିୟୋଗରେ ଚିଲିକା ପୂଜ୍ୟପୂଜା ସଂସଦ ଓ ବରିଷ୍ଠ ନାଗରିକ ସଂଘ, ନାଚୁଣୀର ମିଳିତ ଆନୁକୂଲ୍ୟରେ ଭବାନୀପୁରସ୍ଥିତ ବିଶ୍ୱନାଥ କଲ୍ୟାଣ ମଣ୍ଡପ ଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀଙ୍କ ସଭାପତିତ୍ୱ ଓ ବରିଷ୍ଠ ନାଗରିକ ସଂଘର ସଂଗଠକ ତଥା ପ୍ରାକ୍ତନ ବ୍ୟାଙ୍କ ମ୍ୟାନେଜର ହରିହର ମିଶ୍ରଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସଭାରେ ବରିଷ୍ଠ ନାଗରିକ ସଂଘର ଉପସଭାପତି ଭାରତ ଚନ୍ଦ୍ର ସାହୁ, ସଂପାଦକ ଦେବେନ୍ଦ୍ରନାଥ ମହାରଥୀ, ଯୁଗ୍ମ- ସଂପାଦକ ମକରଧ୍ୱଜ ପଲେଇ, ନାଚୁଣୀ କଲେଜର ପ୍ରାକ୍ତନ ଲାଇବ୍ରେରୀଆନ୍ ରାମଚନ୍ଦ୍ର ମାର୍ଥା, ଚିଲିକା ଆଞ୍ଚଳିକ ବିକାଶ ପରିଷଦର ପୂର୍ବତନ ସଂପାଦକ ଗୋଦାବରୀଶ ବିଶ୍ୱାଳ, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ ପତି, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପଟ୍ଟନାୟକ,ଗାଦିବ୍ରହ୍ମ ଡିଗ୍ରି କଲେଜର ଲାଇବ୍ରେରୀଆନ୍ ଦାଶରଥୀ ବଳବନ୍ତରାୟ, ରମେଶ ଚନ୍ଦ୍ର ଭୋଳ, ପ୍ରଭାକର ଦାଶ, ଅଶୋକ କୁମାର ଦାଶ ଓ ଫକୀର ମୋହନ ନନ୍ଦ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବଳବନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ।

## ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ବାଲୁଗାଁ,୨୯।୧୨(ସମିସ) : ବାଲୁଗାଁ ଥାନା ଅନ୍ତର୍ଗତ ଅଞ୍ଚଳରେ ଏକ କାର ସହ ବାଇକର ଦୁର୍ଘଟଣା ଘଟି ଦୁଇ ଜଣ ବାଇକ ଆରେହୀ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ମାନେ ହେଲେ ବାଲୁଗାଁ ବିଶ୍ୱାଳ ସାହିର ଗୁଲୁ ବେହେରା (୧୯) ଏବଂ ଅନ୍ୟ ଯୁବକ ହେଲେ ଅଶୋକନଗରର କ୍ରିଷ୍ଣା ବାରିକ (୧୮) ବୋଲି ଜଣା ପଡିଛି। ଗୁଲୁ ଓ କ୍ରିଷ୍ଣା ରବିବାର ସନ୍ଧ୍ୟାରେ ସାଙ୍ଗ ହୋଇ ଏକ ବାଇକ ଯୋଗେ କୌଣସି କାମରେ ବଡ଼କୁଳ ପାନ୍ଥନିବାସ ଯାଇ କାମସାରି ସେଠାରୁ ଫେରୁଥିବା ସମୟରେ ଛେଡ଼ାପଦର ଓ ଅଠରବାଟିଆ ଗ୍ରାମ ଛକ ମଧ୍ୟସ୍ଥ ୫ନଂ ଜାତୀୟ ରାଜପଥରେ ବାଇକ ଭାରସାମ୍ୟ ହରାଇ ରାସ୍ତାରେ ବାଲୁଗାଁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କାରକୁ ଶକ୍ତ ଧକ୍କା ଦେଇ ଦୁଇ ବାଇକ ଆରୋହୀ ଗୁଲୁ ଓ କ୍ରିଷ୍ଣା ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଂଚି ଗୁରୁତର ଅବସ୍ଥାରେ ଆହତ ମାନଙ୍କୁ ଉଦ୍ଧାର କରି ସଂଗେ ସଂଗେ ଚିକିତ୍ସା ପାଇଁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଦୁଇ ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ କାରର ସମ୍ମୁଖ ଭାଗ ଏବଂ ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ନାଭାଲ ଫାଣ୍ଡି ପୁଲିସ କାର ଓ ବାଇକକୁ ଜବତ କରି ତଦନ୍ତ ଚଳାଇଛି।

## ହାତୀପଲକୁ ବଞ୍ଚାଇ ଲୋକୋ ପାଇଲଟ ସମ୍ବର୍ଦ୍ଧିତ

ଜଟଣୀ, ୨୯।୧୨(ସମିସ): ଖୋର୍ଦ୍ଧାରୋଡ ରେଳମଣ୍ଡଳ କାର୍ଯ୍ୟରତ ଲୋକୋ ପାଇଲଟ ଆଶୁତୋଷ ମହାନ୍ତି ଗତ ୧୫ ତାରିଖରେ ୦୨୮୩୨ ଗରିବରଥ ଏକ୍ସପ୍ରେସ କେନ୍ଦୁଝର ପର୍ଯ୍ୟନ୍ତ ଚାଳନା କରି ଯାଉଥିଲେ। ହରିଶଙ୍କର ପରେ ପରେ ଦେଖିଲେ ହାତୀପଲ ଲାଇନ ପାର ହେଉଛନ୍ତି। ଶ୍ରୀ ମହାନ୍ତି ତତ୍କାଳ ଜରୁରୀକାଳୀନ ବ୍ରେକ କସି ୩୦ ମିଟର ଆଗରୁ ଗାଡିଟି ଅଟକାଇ ରଖିବାକୁ ସଫଳ ହୋଇଥିଲେ ।



ଏହି ଖବର ପ୍ରସାରିତ ହେବାପରେ ପ୍ରଶାସନିକ ଅଧିକାରୀଙ୍କ ମହଲରେ ଖୁସିର ବାତାବରଣ ସୃଷ୍ଟି ହୋଇଥିଲା। ଆଜି ଏଡିଆରଏମ. ପ୍ରଦୀପ କୁମାର ବେହେରା ଶ୍ରୀ ମହାନ୍ତିଙ୍କୁ ନିଜ ପ୍ରକୋଷ୍ଠରେ ମାନପତ୍ର ସହିତ ୫୦୦୦ ଟଙ୍କା ଅର୍ଥରାଶି ପୁରସ୍କାର ଦେଇଥିଲେ । ମଣ୍ଡଳ ବରିଷ୍ଠ ବାଣିଜ୍ୟ ଅଧିକାରୀ ଅନିଲ କୁମାର ଏସ, ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋ ନାରାୟଣ ମିନା ଉପସ୍ଥିତ ଥିଲେ । ଲୋକୋପାଇଲଟ ଶ୍ରୀ ମହାନ୍ତି ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଜୋନାଲ କୋଷାଧ୍ୟକ୍ଷ ଭାବେ ଅବସ୍ଥାପିତ । ଏହି ମହାନ କାର୍ଯ୍ୟ ପାଇଁ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର ଓ ଶାଖା ସମ୍ପାଦକ ଏଲ ଡି ମହାନ୍ତି ଉତ୍ତରୀୟ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

ଖୋର୍ଦ୍ଧା,୨୯।୧୨(ସମିସ): ଟାଟା କମ୍ପାନୀର ଉପଭୋକ୍ତାଙ୍କୁ ବେଆଇନ୍ ସୁରକ୍ଷା ରାଶି ଜମା କରିବା ତଥା ଘରୋଇ ଓ କୃଷିକ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ କରିବାକୁ ନେଇ ଟିଏଲସି ଛକ ନିକଟସ୍ଥ ଟାଟା ପାୱାର ଅଫିସ ଆଗରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ତଥା କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ସ୍ଥାନୀୟ ନୂଆବସ ଷ୍ଟାଣ୍ଡ ଛକ ଠାରୁ ଏକ ବିରାଟ ପଦଯାତ୍ରାରେ ଟାଟା ପାୱାର ଅଫିସକୁ ଯାଇ ଅଫିସ ଗେଟ୍ ରେ ତାଲା ପକାଇଥିଲେ। ବିକ୍ଷୋଭ ପ୍ରଦର୍ଶନ ସଭାରେ ପୃଥ୍ୱିବଲ୍ଲଭ ପଟ୍ଟନାୟକ ସାଧାରଣ ଜନତାଙ୍କୁ ନିବେଦନ କରି କହିଥିଲେ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ମୁହଁ ଖୋଲନ୍ତୁ, ପ୍ରତିବାଦ କରନ୍ତୁ। ଓଇଆରସି ଓ ଟାଟା ପାୱାର ମଧ୍ୟରେ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଜନତାଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। କଂଗ୍ରେସର ଦାବୀ ଜନତା ଏବଂ କୃଷକଙ୍କୁ ଅନ୍ୟ ରାଜ୍ୟ ଭଳି ମାଗଣା ବିଜୁଳି ଯୋଗାଣ। ଏହି ବିକ୍ଷୋଭ ପ୍ରଦର୍ଶନରେ ଅନ୍ୟମାନଙ୍କ ମଧ୍ୟରେ ତପନ ଚକ୍ରବର୍ତ୍ତୀ, ସ୍ୱାଗତିକା ପଟ୍ଟନାୟକ, ରଣଜିତ ମହାପାତ୍ର, ଗୋପନ ମାର୍ଥା, ସାଇଲେନ୍ଦ୍ର ଦାସ,ବଟକୃଷ୍ଣ ରାଉତରାୟ, ଅଶୋକ ମଙ୍ଗରାଜ, ତାପସ ମିଶ୍ର, ଜୟନ୍ତ ଭୋଇ, ପ୍ରଦୀପ ପଟ୍ଟନାୟକ, ପ୍ରଦୋଷ ହରିଚନ୍ଦନ, ଶିବୁ ନାୟକ, ସୌମ୍ୟ ପଟ୍ଟନାୟକ, ସୌମ୍ୟ ବରାଳ, ମନୱର ହୁସେନ, ଜିତେନ୍ଦ୍ର ଚମ୍ପତି, କାଳେନ୍ଦି ମହାପାତ୍ର, ସଞ୍ଜୟ ସୁବୁଦ୍ଧି, ସୁକାନ୍ତ ରାଉତ, ରିଚାର୍ଡସନ ଦାସ, ଦେବୀପ୍ରସାଦ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

## ଟାଙ୍ଗୀ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

ଟାଙ୍ଗୀ,୨୯।୧୨(ସମିସ) : ଟାଙ୍ଗୀ ପଞ୍ଚାୟତରେ ସରକାରଙ୍କ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୮୩ ଟି ବିଭିନ୍ନ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ଏଥି ମଧ୍ୟରୁ ୧୫୫ ଅଭିଯୋଗ ଫଇସଲା କରାଯାଇଥିବା ଜଣାପଡିଛି। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ମେଳାରେ ୨୧୮ ଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବିଡିଓ ରୁମାନା ଜାଫ୍ରୀ, ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର, ଟାଙ୍ଗୀ ସରପଞ୍ଚ କିଶୋର ବେହେରା, ସିଡିପିଓ ଜୋସ୍ନାମୟୀ ମଙ୍ଗରାଜ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡଃ ସତ୍ୟରଂଜନ ନନ୍ଦ, ଗ୍ରାମପଞ୍ଚାୟତ ଅଫିସର ସଙ୍କଳ୍ପ ସାହୁ, ଟାଙ୍ଗୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଦନମୋହନ ସାହୁ, ଟାଙ୍ଗୀ ସିଡିପିଓ ଜୌସ୍ନାମୟୀ ପଣ୍ଡା ପ୍ରମୁଖ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ଦୟାନନ୍ଦ ଆଦର୍ଶ ଗୁରୁକୁଳର ବାର୍ଷିକ ଉତ୍ସବ

ବେଗୁନିଆ,୨୯।୧୨(ସମିସ): ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳର ଷଷ୍ଠ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ କ୍ରୀଡା ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାତଃ କାଳରେ ସ୍ୱାମୀ ଶାନ୍ତାନନ୍ଦଜୀ ପ୍ରକରଣ, ସ୍ୱାମୀ ମୁକ୍ତାନନ୍ଦଜୀ ଯଜ୍ଞର ଉପକାରିତା ଓ ଆଶ୍ରମର ପ୍ରତିଷ୍ଠାତା ପଣ୍ଡିତ ବିରେନ୍ଦ୍ର ପଣ୍ଡା ଜୀବନ ନିର୍ବାଣ ସଂପର୍କରେ ଆଲୋକପାତ କରି ସରଳ ନିରାଡମ୍ବର ଜୀବନ ଯାପନ ଦ୍ୱାରା ଈଶ୍ୱରଙ୍କ ସାନିଧ୍ୟ ଲାଭ କରି ପାରିବ ବୋଲି ମତ ପ୍ରକାଶ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟର ଗୁରୁକୁଳର ଅଧ୍ୟକ୍ଷ ପ୍ରତାପ ପଟ୍ଟନାୟକଙ୍କ ପୌରୋହିତ୍ୟ ଓ ନିରଦ ବରଣ ଖୁଣ୍ଟିଆଙ୍କ ସଂଯୋଜନାରେ ଖୋର୍ଦ୍ଧା ଜିଲ୍ଲା ଡେପୁଟି କଲେକ୍ଟର ପଙ୍କଜ ବାସିନୀ ମୁଖ୍ୟ ଅତିଥି, ଅନୁଷ୍ଠାନର ନୂତନ ଅଧ୍ୟକ୍ଷ ଜଗଦୀଶ ରେଡ୍ଡୀ ଅତିଥି ଭାବେ ଯୋଗ ଦେଇ ବିଦ୍ୟା ଅନ୍ଧକାରକୁ ଦୂର କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ, ଗୁରୁ ଗୋପାଳ କୃଷ୍ଣ ସାଧକ, ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ଚିଲିକା କୂଳ ଜେଟିରେ ପୁଲିସ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ବାଲୁଗାଁ,୨୯।୧୨(ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ସୁପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଚିଲିକା କୂଳ ଜେଟିରେ ସୋମବାର ଏକ ପୁଲିସ ସହାୟତା କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ମରାଳ ମାଳିନୀ ନୀଳାମ୍ବୁ ପକ୍ଷୀତୀର୍ଥ ଚିଲିକାକୁ ଦୈନନ୍ଦିନ ହଜାର ହଜାର ଯାତ୍ରୀ ଓ ପର୍ଯ୍ୟଟକଙ୍କ ଆଗମନ ହେଉଥିବା ବେଳେ ବାଲୁଗାଁ ଚିଲିକା କୂଳ ଜେଟି ନିଶାଡି ତଥା ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳ ପାଲଟିଥିବା ସହ ନିଶାଡି ତଥା ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟରେ ବହୁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ଚିଲିକାକୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକ ହଇରାଣ ହରକତ ହୋଇ ଆସୁଥିଲେ। ଚିଲିକା କୂଳରୁ ବାଲୁଗାଁ ଥାନା ପ୍ରାୟ ୨ କିମି ଦୂର ହୋଇଥିବାରୁ ଏଠାରେ ଏକ ପୁଲିସ ସହାୟତା କେନ୍ଦ୍ର ସ୍ଥାପନ କରିବା ପାଇଁ ସ୍ଥାନୀୟ ଲୋକେ, ମୋଟର ବୋଟ ଆସୋସିଏସନ ଓ ପର୍ଯ୍ୟଟକ ବାରମ୍ବାର ଦାବି କରି ଆସୁଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ସୋମବାର ବାଲୁଗାଁ ଚିଲିକା କୂଳ ଜେଟି ଠାରେ ଏକ ପୁଲିସ ସହାୟତା କେନ୍ଦ୍ର ଶୁଭାରମ୍ଭ ହୋଇଯାଇଛି। ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ବାଲୁଗାଁ ଏସଡିପିଓ ସଂଜୟ ପଟ୍ଟନାୟକ, ଥାନା ଅଧିକାରୀ ଜୟପ୍ରକାଶ ପରିଡା ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ସମେତ ମୋଟରବୋଟ ଆସୋସିଏସର ବହୁ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



### ସର୍ବଭାରତୀୟ ସଖା ସଂଘ ଫୁଟବଲ

## ଧାନବାଦ ଫୁଟବଲ କ୍ଲବ ଝାଡ଼ଖଣ୍ଡ ଚାମ୍ପିଅନ

ନିରାକାରପୁର,୨୯।୧୨ (ସମିସ): ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚାଲିଥିବା ୩୨ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଫାଇନାଲ ମ୍ୟାଚରେ ଟାଇବ୍ରେକର ଜରିଆରେ ଭୁବନେଶ୍ୱର ଶବର ସ୍ପୋର୍ଟିଂ କ୍ଲବକୁ ଧାନବାଦ ଫୁଟବଲ କ୍ଲବ , ଝାଡ଼ଖଣ୍ଡ ୫-୩ ଗୋଲରେ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳ ଶେଷ ସୁଦ୍ଧା ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ରେଫରି ଟାଇବ୍ରେକର ନିଷ୍ପତ୍ତି ନେଇଥିଲେ। ଆଜିର ଖେଳକୁ ଅଭିନାଶ ପଟ୍ଟନାୟକ, ରମେଶ ଚନ୍ଦ୍ର ପାଇକରାୟ,ସାଇରାମ କିସ୍କୋ, ପ୍ରିୟବ୍ରତ ବାହିନୀପତି, ଅକ୍ଷୟ ପଟ୍ଟନାୟକ, ହୃଦାନନ୍ଦ ମହତରାୟ, ଭୀମସେନ ବିଶ୍ୱାଳ, ଓମ ପ୍ରକାଶ ମିଶ୍ର, ଗୋଲି ଜଜ ଭାବେ ଶିକ୍ଷକ ରମାକାନ୍ତ ପୁରୋହିତ ଓ ଗଙ୍ଗାଧର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଆଜି ସଂଘ ସଭାପତି ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ ପ୍ରଧାନ ବିବରଣୀ ପାଠ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଓଡ଼ିଶା ପାଇକ ସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସଞ୍ଜୟ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ଜାତୀୟସ୍ତରର ଖେଳାଳି ଦେବାଶିଷ ନାଏକ, ପ୍ରତାପ ସ୍ୱାଇଁ, ଭରତ କୁମାର ପ୍ରଧାନ ଓ ସ୍ୱପ୍ନେଶ୍ୱର୍ ଜୟସିଂହ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ଷ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ଅନୀୟ କୁମାର ଛୋଟରାୟ, ଶ୍ରୀପତି ହେମ୍ବ୍ରମ, ମେଘନା ବଳିୟାର ସିଂହ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ଉପସଭାପତି ପ୍ରକାଶ ବଳିଆରସିଂହ, ପ୍ରଦୀପ୍ତ ଷଡଙ୍ଗୀ, ମାନସ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଭାଗିରଥି ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ପ୍ରଧାନ, ସହ କୋଷାଧ୍ୟକ୍ଷ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର, ହିମାଂଶୁ ଭୂଷଣ ଚମ୍ପତିରାୟ, ଲଛମନ ନାୟକ, ଚିତ୍ତରଞ୍ଜନ ବେହେରା, କାର୍ତ୍ତିକ ସାମନ୍ତରାୟ, ଚିତ୍ତରଞ୍ଜନ ମହାରଣା, ଅଜୟ ହରିଚନ୍ଦନ, ଈଶ୍ୱର ଚନ୍ଦ୍ର ଜେନା ଓ ବିଭୂତି ଭୂଷଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।




## ଶରଧାପୁର କପ୍ ଫୁଟବଲ: କେରଙ୍ଗ ଏକାଦଶ ଚାମ୍ପିଅନ

ଖୋର୍ଦ୍ଧା,୨୯।୧୨(ସମିସ): ଶରଧାପୁର ସ୍ପୋର୍ଟସ ଆସୋସିଏଶନ(ଏସ୍ଏସ୍ଏ) ଆନୁକୂଲ୍ୟରେ ଚାଲିଥିବା ୧୬ତମ ଶରଧାପୁର କପ୍ ଫୁଟବଲ ଟୁର୍ଣ୍ଣାମେଟ ଆଜି ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଖେଳପଡିଆରେ ଆୟୋଜକ ଟିମ ଏସ୍ଏସ୍ଏ ଏବଂ କେରଙ୍ଗ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥଲା। ଖେଳର ପ୍ରଥମାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା ଦ୍ୱିତୀୟାର୍ଦ୍ଧର ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଫଳରେ ମ୍ୟାଚ୍ ରେଫେରି ଟ୍ରାଇବେକର ସହାୟତା ନେଇଥିଲେ। ଟାଇବ୍ରେକରରେ କେରଙ୍ଗ ଏକାଦଶ ୧୦-୯ ଗୋଲ ଦେଇ ଶରଧାପୁର କପ୍ ବିଜୟୀ ହୋଇ ଚାମ୍ପିଅନ ହୋଇଛି ।

ଆଜିର ମ୍ୟାଚ୍‌କୁ ରେଫେରୀ ଗିରିଶ ଚନ୍ଦ୍ର ଜାନି ପରିଚାଳନା କରିଥିବାବେଳେ ସଗିର ଅହେମ୍ମଦ ଓ ଅମଜାତ ଖାଁ ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ମକବଲ୍ ଅହମ୍ମଦ କାର୍ଯ୍ୟ ତୁଲାଇଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡିଜି ଏସ ଏ ହୁଦା ଯୋଗଦେଇ ଚମ୍ପିୟାନ କେରଙ୍ଗ ଏକାଦଶ ଦଳକୁ ଟ୍ରଫି ସହ ୮ହଜାର ଓ ଉପବିଜେତା ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ ପ୍ରଦାନ କରିଥିଲେ। ସେହିପରି ଟୁର୍ଣ୍ଣାମେଂଟର ଓ ଆଜିର ଶ୍ରେଷ୍ଠ ଖେଳାଳି ଭାବେ ଏସ୍ଏସ୍ଏ ର ସୋନୁ ଓ ଲାଲାକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନୁରୂପ ଭାବେ କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୁନି କୁନି ପିଲମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ସେକ ଇନାଦୁଲା, ଏସ୍ଏସ୍ଏର ସଭାପତି ମହମ୍ମଦ ଜମିଲୁର ରେହମାନ, ମହମ୍ମଦ ଫକିରୁଦ୍ଦିନ, ଲକ୍ଷ୍ମୀଧର ବଡଜେନା, ମୀନକେତନ ବଡ଼ଜେନା, ଜାପାନି ନାୟକ, ଦେବରାଜ ବାରିକ, ମୁସରତ ଅଲ୍ଲୀ, ସମସୁଦ୍ଦିନ ଜୁହା, ଏମ୍ ଡି କେଫତୁଲାଙ୍କ ସମେତ ଆସୋସିଏଶନର ସଦସ୍ୟ ଉପସ୍ଥିତ ଥିଲେ।



## କନ୍ତାଇଲୋ ଅନଙ୍ଗ ନରେନ୍ଦ୍ର ପ୍ରିମିୟର ଲିଗ୍ କ୍ରିକେଟ: ନରେନ୍ଦ୍ରପୁର ଚାମ୍ପିଅନ

ବୋଲଗଡ଼, ୨୯।୧୨ (ସମିସ): ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ କନ୍ତାଇଲୋ ଖେଳ ପଡିଆରେ ଚାଲିଥିବା ଅନଙ୍ଗ ନରେନ୍ଦ୍ର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଗଡଡ଼ିଆପଡ଼ା କ୍ରିକେଟ ଟିମ୍‌କୁ ହରାଇ ନରେନ୍ଦ୍ରପୁର କ୍ରିକେଟ ଟିମ ଚାମ୍ପିଅନ ହୋଇଛି । ନରେନ୍ଦ୍ରପୁର ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ୧୯.୨ ଓଭର ରେ ୧୨୩ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲେ । ଜବାବରେ ଗଡଡ଼ିଆପଡ଼ା ଟିମ ନିର୍ଦ୍ଧାରିତ ୨୦ ଓଭର ରେ ୭ଉଇକେଟ ହରାଇ ୧୨୩ ରନ କରିବା ଫଳରେ ମ୍ୟାଚ ବରାବର ସ୍ଥିତିରେ ରହିଥିଲା । ଫଳରେ ସୁପର ଓଭରରେ ନରେନ୍ଦ୍ରପୁର ଟିମ୍ ବିଜୟୀ ଘୋଷିତ ହୋଇଥିଲା । ମ୍ୟାନ ଅଫ ଦି ମ୍ୟାଚ ଭାବେ ଚାମ୍ପିଅନ ଟିମର ଖେଳଳି ଲିଟୁଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଭାବେ ରନର୍ସ ଅପ ଗଡଡ଼ିଆପଡ଼ା ଟିମ୍‌ର ଖେଳାଳି ପପୁଙ୍କୁ ପୁରସ୍କୃତ କରାଯାଇଥିଲା । ସୁଶାନ୍ତ ନିଶଙ୍କ ଏବଂ ଲିଟୁ ନାୟକ ଖେଳ ପରିଚାଳନା କରିଥିଲେ । ଏହି ମ୍ୟାଚରେ ଅତିଥି ଭାବେ ବିଜେଡି ନେତା ଜୟକୃଷ୍ଣ ଫତେସିଂହ, ବିଜେପିର ପୂର୍ବତନ ପଞ୍ଚାଗଡ଼ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର ଏବଂ ସମାଜସେବୀ ସତ୍ୟବାଦୀ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକଙ୍କ ପକ୍ଷରୁ ସାଗର ନାୟକ ଓ ଶିଶିର ସୁନ୍ଦରାୟଙ୍କ ସମେତ ଅନ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।



## ରାଜ୍ୟସ୍ତରୀୟ କ୍ରିକେଟ: ଭାଲିଆବାଡ଼ି ଫାଇନାଲରେ

ବେଗୁନିଆ,୨୯।୧୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ଅନ୍ତିମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ସୋମବାର ପୂର୍ବାହ୍ନରେ ଭାଲିଆବାଡି ଦଳ ଓ କୁମାରବସ୍ତ ଦଳ ମଧ୍ୟରେ କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭାଲିଆବାଡି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୫୪ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ୯ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ପରାଜୟ ବରଣ କରିଛି। ପରେ ଡ଼ାକ୍ତର ବିଷ୍ଣୁ ପ୍ରସାଦ ଦାଶ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବ୍ୟାଟିଂ ଓ ବୋଲିଂରେ କୃତିତ୍ୱ ଅର୍ଜନ କରିଥିବା ଭାଲିଆବାଡି ଦଳର ଅମିତ୍ ଜେନାଙ୍କୁ କୃଷ୍ଣଚନ୍ଦ୍ର ଦାଶ ମ୍ୟାନ ଅଫ ଦି ମ୍ୟାଚ ମେମୋରିଆଲ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ ରେଫରି ଶ୍ରୀକାନ୍ତ ବାହିନୀପତିଙ୍କ ନେତୃତ୍ୱରେ ଅମ୍ପାୟର ରମାକାନ୍ତ ପାତ୍ର ଓ ବିନୟ ପାଇକରାୟ ପରିଚାଳନା କରିଥିବା ବେଳେ ସିଦ୍ଧେଶ୍ୱର ବେହେରା, ସଞ୍ଜୟ ପାଣିଗ୍ରାହୀ ଓ ମିଥୁନ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ଚିନ୍ମୟ ପଣ୍ଡା ଓ ଶରତ ପାଇକରାୟ ଖେଳର ଧାରା ବିବରଣୀ କରିଥିଲେ। ଆସନ୍ତା ବୁଧବାର ଦିନ ଭାଲିଆବାଡି କ୍ରିକେଟ ଦଳ ଓ ମେଣ୍ଟାଶାଳ କ୍ରିକେଟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ରାୟଗଡ଼ାର 'ଚଇତି' ଓ ପଲ୍ଲିଶ୍ରୀ ମେଳା

# 'ପ୍ରକୃତିର ସମ୍ଭାରକୁ ସାଇତିଛି ଚଇତି'









ରାୟଗଡ଼ା, ୨୯।୧୨(ସମିସ)

ନାଗାବଳୀ, ବଂଶଧାରା, ଝଞ୍ଜାବତି ନଦୀ ଓ ଦେବଗିରି, ନିୟମଗିରି, ପାଇକପଡ଼ା, ଚାଟିକଣା, ଖୀନଖୀନା ପାହାଡ଼ର ମହାଦେବଙ୍କ ସମେତ ଶ୍ରଦ୍ଧା ଶ୍ରୀକ୍ଷେତ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥ, ମା' ମଝିଘରିଆଣି ଓ ରାୟଗଡ଼ ମଧ୍ୟଭାଗରେ ଥିବା ମା' ଦକ୍ଷିଣକାଳୀଙ୍କ ଅପାର କୃପା ଯୋଗୁଁ ଚଇତି ଜିଲ୍ଲାବାସୀଙ୍କୁ ଏକକ ମନ୍ତ୍ରରେ ଯୋଡିହୋଇ ବଞ୍ଚିବାର ପଥ ପ୍ରଦର୍ଶନ କରୁଛି। ଆଜି ଚତୁର୍ଥ ରଜନୀରେ ଜିଲ୍ଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ତାଙ୍କ ସଭାପତିତ୍ୱରେ ଚଇତି ଚତୁର୍ଥୀ ପାଳନ ହୋଇଥିଲା। ଗୁଣପୁରର ସେବା ସମାଜ ଅନ୍ତେବାସୀ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରି ଚଇତି ସନ୍ଧ୍ୟାକୁ ପ୍ରେରିତ କରିଥିଲେ। ଓଡ଼ିଶା ସୂଚନା ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହୋଲ, କଂସାରିଗୁଡା ଆଦିତ୍ୟ ଆଲୁମିନା ପ୍ରକଳ୍ପ ମୁଖ୍ୟ ଓ ସଭାପତି ମଜହର ବେଗ, ଦୋରାଗୁଡା ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ପ୍ରକଳ୍ପ ମୁଖ୍ୟ ଓ ସଭାପତି ରବି ନାରାୟଣ ମିଶ୍ର, ଥେରୁବାଲି ଇମ୍ଫା ଉପସଭାପତି ଏମ ଶ୍ରୀନିବାସ, ମୈତ୍ରୀ ଇନ୍‌ରାର ମୁଖ୍ୟ ଏସ ସତ୍ୟନାରାୟଣ, ପିଏ ଆଇଟିଡିଏ ରାୟଗଡ଼ା ଚନ୍ଦ୍ରକାନ୍ତ ମାଝି ଓ ଗୁଣପୁର ଅଜୟ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିଲେ। ସେହିଭଳି ଜିଲ୍ଲାର ପିଙ୍କି ହୁଇକା, ଦୋରା କଣ୍ଡାଗିରି, ମିଣିଆକା ଦିଲୀପ ଓ ଅଭିପ୍ସା ନାୟକଙ୍କୁ କ୍ରୀଡା କ୍ଷେତ୍ରରେ ଏବଂ ରବୀନାଥ ଶବରଙ୍କୁ ଇଡିତାଲ କଳା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଚଇତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ଚଳିତ ଚଇତି କ୍ରୀଡ଼ାରେ କବାଡି ପୁରୁଷ ବର୍ଗରେ ଆମ୍ବଗୁଡ଼ା ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ନେତାଜୀ ଯୁବକ ସଂଘ, ମହିଳା ବର୍ଗରେ ପାହାଡିଆନ ଗାର୍ଲସ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ କବାଡି ବାସ୍କେଟ ବଲ ଟିମ, ଶକ୍ତି ଉତ୍ତୋଳନ ମହିଳା ବର୍ଗରେ ଦେବଯାନୀ କୌଶଲ୍ୟା, ପୁରୁଷ ବର୍ଗରେ ରାଗମାଣ୍ଡି ପାୱନ, ଭାରୋତଳନ ମହଳା ବର୍ଗରେ ଅଭିପ୍ସା ନାୟକ ବିଜୟୀ ହୋଇଥିବା ବେଳେ ପୁରୁଷ ବର୍ଗରେ ମୁନା ମାଂଡାଙ୍ଗି, ଟେନିସ ପୁରୁଷ ବର୍ଗରେ ଅମନ ଅଗ୍ରୱାଲ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଥଲେ ଏସ. ଶ୍ରବଣ କୁମାର, ସେହିଭଳି ଟେନିସ ଯୋଡି ପୁରୁଷ ବର୍ଗରେ ଅମନ ଅଗ୍ରୱାଲ ଓ ଇ.ଈଶ୍ୱର ବିଜୟୀ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଏସ ଶ୍ରବଣ କୁମାର ଓ ମନୋଜ ଚୌଧରୀ, ଦୌଡ଼ି ଟଣାରେ ଜିଲା ପ୍ରଶାସନ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଓକିଲ ସଙ୍ଘ, ଟ୍ରାଇ ସାଇକଲ ପ୍ରତିଯୋଗିତାରେ ନୀଳକଣ୍ଠ ପ୍ରଥମ ଓ ଦ୍ୱିତୀୟରେ ଅଭିରାମ କାରକରିଆ ରହିଛନ୍ତି। ସମସ୍ତ କ୍ରୀଡାବିତ୍‌ଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଚତୁର୍ଥ ସନ୍ଧ୍ୟାକୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗରର ପ୍ରଜ୍ଞା ସଙ୍ଗୀତ ଓ ନୃତ୍ୟ କେନ୍ଦ୍ରର ନର୍ତକୀଙ୍କ ଓଡିଶୀ, ଗୁଡାରି ମଙ୍ଗଳା ନୃତ୍ୟ କେନ୍ଦ୍ରର ସମ୍ବଲପୁରୀ, ଚାନ୍ଦିଲି ଆଦିବାସୀ ସଂଘର ଦେଶିଆ ନୃତ୍ୟ, ଟନିସ୍କା ଆଣ୍ଡ ଗ୍ରୁପର ଭାରତ ନାଟ୍ୟମ, ମଝିଘରିଆଣି ଡ୍ୟାନ୍ସ ଗ୍ରୁପର ସମ୍ବଲପୁରୀ ନୃତ୍ୟ, ବିକେଏସଏସର ରାୟଗଡ଼ାର ଲୋକ ନୃତ୍ୟ, ସିସିଆଇ ୧୨ର ଶିବ ତାଣ୍ଡବ, ଜେଏଏସ ଗ୍ରୁପର ନୃତ୍ୟ, ପଦ୍ମପୁର ତ୍ରିବେଣୀ କଲେଜର ରାୟଗଡ଼ା ପିଲା ନୃତ୍ୟ, ସିଟି କଲେଜ ରାୟଗଡ଼ର ଆଦିବାସୀ ନୃତ୍ୟ ମୋହିତ କରିଥିଲା। କମଲ ବୁରୁଡିଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ୩ ଦିନରେ ୩ କୋଟିରୁ ଅଧିକ ବ୍ୟବସାୟ

ରାୟଗଡ଼ା, ୨୯।୧୨ (ସମିସ): ରାୟଗଡ଼ା ଜିଲ୍ଲା ଲୋକ ମହୋତ୍ସବ 'ଚଇତି' ଓ ପଲ୍ଲୀଶ୍ରୀ ମେଳା-୨୦୨୫ ବ୍ୟବସାୟୀଙ୍କ ମୁହଁରେ ହସ ଫୁଟାଇଛି। ଗତ ତିନି ଦିନରେ ମେଳାରେ ରେକର୍ଡ ପରିମାଣର ସମସ୍ତ ସାମଗ୍ରୀ ବିକ୍ରି ହୋଇ ୩ କୋଟି ଟଙ୍କାରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ଯାହାକି ଗତ ବର୍ଷ ତୁଳନାରେ ଅଧିକ ହୋଇଥିବା ଓରମାସ ପକ୍ଷରୁ କୁହାଯାଇଛି। ଚଇତି ଓ ପଲ୍ଲିଶ୍ରୀ ମେଳାର ପ୍ରଥମ ଦିନରେ ୭୨ ଲକ୍ଷ ୫୬ ହଜାର ୯୮୦ ଟଙ୍କା, ଦ୍ୱିତୀୟ ଦିନ ୯୮ ଲକ୍ଷ ୭୬ ହଜାର ୮୫୦ ଟଙ୍କା, ତୃତୀୟ ଦିନ ୨୮ ଡିସେମ୍ବରରେ ରେକର୍ଡ ପରିମାଣର ୧ କୋଟି ୬୧ ଲକ୍ଷ ୭୨ ହଜାର ୪୫୦ ଟଙ୍କାର ବ୍ୟବସାୟ ହୋଇଛି। ଯାହାକୁ ନେଇ ବ୍ୟବସାୟୀ ମାନେ ଖୁସି ଥିବା ବେଳେ ବାକି ଥିବା ଦୁଇ ଦିନରେ ମଧ୍ୟ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଆଶାବାଦୀ ଅଛନ୍ତି। ଚଇତି ଓ ପଲ୍ଲୀଶ୍ରୀ ମେଳାରେ ୧୫୦ରୁ ଅଧିକ ଷ୍ଟଲ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଖୋଲିଥିବା ବେଳେ ବାହାର ରାଜ୍ୟରୁ ୨୫ରୁ ଅଧିକ ବ୍ୟବସାୟୀ ମାନେ ନିଜ ନିଜ ରାଜ୍ୟର ପ୍ରସିଦ୍ଧ ସାମଗ୍ରୀ ଗୁଡିକୁ ଏଠାରେ ବିକ୍ରୀ କରୁଛନ୍ତି। ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଦିଲ୍ଲୀ, ମଣିପୁର, ଆସାମ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗନା ରାଜ୍ୟରୁ ବେପାରି ଆସିଛନ୍ତି। ଚଇତି ଓ ପଲ୍ଲୀଶ୍ରୀ ମେଳାରେ କାଶ୍ମୀର ଚାଦର, ସାଲା ସହ କାଠ ତିଆରି ସାମଗ୍ରୀ ଗୁଡିକର ବେଶ୍ ଚାହିଦା ରହିଛି।

## ଡାବୁଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ସୁଶାସନ ଦିବସ



କୋଷାଗୁମୁଡା, ୨୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଶିବମନ୍ଦିର ପ୍ରାଙ୍ଗଣରେ ସୋମବାର ଡ଼ାବୁଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପ ସଭାପତି ରମେଶ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବିଧାୟକ ପ୍ରାର୍ଥୀ ସୋମନାଥ ପୂଜାରୀ, ସାଂସଦ ପ୍ରତିନିଧି ସୁରେଶ ପାତ୍ର, ଦେବଦାସ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଫୋଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ମଞ୍ଚାସୀନ ଅତିଥି ମାନେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ଏହା ସହ ସାମ୍ପ୍ରତିକ ପରିସ୍ଥିତିରେ ସୁଶାସନର ମହତ୍ତ୍ୱ ଓ ଦଳୀୟ ସାଂଗଠନିକ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ସୀମାଞ୍ଚଳ ବିଷୋୟୀ, ବିରେନ୍ଦ୍ର ପୂଜାରୀ, ବାବୁଲା ଦାସ, ଦୁର୍ଜନ ମିର୍ଗାନ୍, ମୁରଲୀ ହଲବା, ସୁଧାଂଶୁ ପ୍ରଧାନ, ରଞ୍ଜିତ ପାଢ଼ୀ, ଦୁଲାର ନାୟକ, ହରିବନ୍ଧୁ ବିଷୋୟୀ, ପିଣ୍ଟୁ ସିଂଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଦିଲ୍ଲୀପ ଓ କପିଳେଶ୍ୱର ନୂତନ ସରକାରୀ ଓକିଲ ନିଯୁକ୍ତ



ଲକ୍ଷ୍ମୀପୁର, ୨୯।୧୨(ସମିସ): ଲକ୍ଷ୍ମୀପୁର ସଦମହକୁମାର ଦିଲ୍ଲୀପ ବିଡିକା ଓ କାକିରିଗୁମାର କପିଳେଶ୍ୱର ବିଷୋଇଙ୍କୁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର କୋର୍ଟ ରେ ସରକାରୀ ଓକିଲ ରୂପେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ଦୀର୍ଘ ବର୍ଷ ଧରି ଏହି ଦୁଇ ଆଇନଜୀବୀ ଲକ୍ଷ୍ମୀପୁର କୋର୍ଟରେ ଲୋକଙ୍କ ପାଇଁ କାର୍ଯ୍ୟ କରି ଆସୁ ଥିଲେ। ଏମାନଙ୍କ କାର୍ଯ୍ୟ ଅଞ୍ଚଳରେ ବେଶ୍ ପ୍ରଶଂସିତ ଥିବା ହେତୁ ସାଧାରଣରେ ତାଙ୍କ ସପକ୍ଷରେ ସମର୍ଥନ ମିଳିଥିଲା। ଏହା ଛଡା ସ୍ଥାନୀୟ ଅଞ୍ଚଳର ଦଳୀୟ ନେତା ମାନେ ମଧ୍ୟ ବିଡିକା ଓ ବିଶୋଇଙ୍କୁ ନିଜ ନିଜର ସମର୍ଥନ ଦେଇ ଥିଲେ। ଲକ୍ଷ୍ମୀପୁର ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠିକାର ଗରିବ ଲୋକେ କିପରି ଉଚିତ ନ୍ୟାୟ ପାଇଁ ପାରିବେ ସେ ଦିଗରେ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ସରକାର ନିଯୁକ୍ତି ଦେଇଛନ୍ତି। ଦିଲୀପ ବିଡିକା ୨୦୦୫ ମସିହାରୁ ନିଜର ଲାଇସେନ୍ସ ଆଣି ୨୦୦୯ ଠାରୁ ଓକିଲାତି ଅଭ୍ୟାସ ଜାରି ରଖିଛନ୍ତି। ଚଳିତ ବର୍ଷ ସରକାରଙ୍କ ଏହି ଦାୟିତ୍ୱ ମିଳିବା ପରେ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବାକୁ କହିଛନ୍ତି। ଉଭୟେ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବାଇକ୍ ଧକ୍କାରେ ଜଣେ ଗୁରୁତର

ଜୟପୁର, ୨୯ ।୧୨(ସମିସ): ଜୟପୁର ସଦରଥାନା ଅଞ୍ଚଳର ତେଲିଗୁଡା ୨୬ ନମ୍ବର ଜାତୀୟ ରାଜପଥ ଠାରେ ଏକ ବ୍ୟାଙ୍କ ସମ୍ମୁଖରେ ନିଜ ସ୍କୁଟିରେ ରାସ୍ତା ପାର କରୁଥିବା ବେଳେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଏକ ବାଇକ୍ ଧକ୍କା ଦେବା ଯୋଗୁଁ ସେ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଜୟପୁର ସହର ଶ୍ରୀରାମ ନଗର ଅଞ୍ଚଳର ରାଜେଶ୍ୱର ଆଚାରୀ (୬୩) ନିଜ ସ୍କୁଟିରେ ତେଲିଗୁଡା ବ୍ୟାଙ୍କ ଠାରେ ରାସ୍ତା ପାର ହେଉଥିବା ସମୟରେ ଜୟପୁର ଠାରୁ ବୋରିଗୁମ୍ମା ରାସ୍ତାରେ ଦ୍ରୁତଗତିରେ ଯାଉଥିବା ଏକ ବାଇକ୍ ଓଡି୨୪-କେ-୧୮୭୬ ଧକ୍କା ଦେଇଥିଲା। ଫଳରେ ଶ୍ରୀ ଆଚାରୀଙ୍କ ଗୋଡ଼, ମୁଣ୍ଡ ଓ ହାତରେ ଗୁରୁତର ଆଘାତ ଲାଗିଛି। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏନେଇ ରାଜେଶ୍ୱରଙ୍କ ଝିଅ ଶୃତି ଆଚାରୀ ସଦର ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ରେଳଷ୍ଟେସନରୁ ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା, ୨୯ ।୧୨(ସମିସ): ଆଜି ରାତିରେ ରାୟଗଡ଼ା ରେଳ ଷ୍ଟେସନରୁ ୧୨.୫ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି ସରକାରୀ ରେଳବାଇ ପୁଲିସ।



ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଜିଆରପି ଓ ଆରପିଏଫ ପକ୍ଷରୁ ମିଳିତ ଭାବେ ଷ୍ଟେସନରେ ଯାଞ୍ଚ ଚାଲିଥିବା ବେଳେ ପ୍ଲାଟଫର୍ମ ନମ୍ବର ୫ରେ ଜଣେ ଯୁବକକୁ ସନ୍ଦେହ କରି ତାଙ୍କର ସୁଟକସ୍ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରୁ ୧୨.୫ କିଲୋଗ୍ରାମ ଗଞ୍ଜେଇ ବାହାରିଥିଲା। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗୋବିନ୍ଦ ଆର(୨୨)କୁ ଗିରଫ କରାଯାଇଛି। ସେ ଏହି ଗଞ୍ଜେଇକୁ ଗୁଣପୁର ଅଞ୍ଚଳରୁ ଆଣି କୋଲକାତା ଯିବାକୁ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଜିଆରପି ହାତରେ ଧରାପଡ଼ିଥିଲେ। ଏହି ଚଢଉରେ ଥାନା ଅଧିକାରୀ ବିନୟ ପ୍ରକାଶ ମିଞ୍ଜ, ଆଲୋକ ନାୟକ, ଆରପିଏଫ ସବଇନିସପେକ୍ଟର ଜାଗା ରାଓ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼, ଏଏସଆଇ ଶୁଭେନ୍ଦୁ ପଣ୍ଡା, ଅନୁଜ ବୈଦ୍ୟଭୂଷଣଙ୍କ ସମେତ ସନ୍ଧାନୀ କୁକୁର ମଧ୍ୟ ସାମିଲ ଥିଲା। ଆସନ୍ତାକାଲି ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯିବ।

In loving Memory



KONA MOHAN RAO
15.06.1955 - 28.12.2025
You are gone but thank you
for all these soft, sweet things you have
left behind in our Heart.
With deep Condolence
Family, Friends & Relatives

### ଦୈନିକ ଘଣ୍ଟାଏ ସରକାରୀ ଡାକ୍ତରଙ୍କ ଆନ୍ଦୋଳନ

## ଓପିଡି ବଦଳରେ କାଜୁଆଲଟିରେ ରୋଗୀସେବା




ଜୟପୁର, ୨୯ ।୧୨(ସମିସ): ସାରାରାଜ୍ୟରେ ବିଭିନ୍ନ ଦାବି ନେଇ ଡାକ୍ତରୀ ସଂଘ ଓମ୍‌ସାର ଡାକରାରେ ଗତ ଦୁଇଦିନ ହେଲା ସରକାରୀ ଚିକିତ୍ସାଳୟର ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଅବସରରେ ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ଡାକ୍ତରମାନେ ଶନ୍ତିପୂର୍ଣ୍ଣ ଭାବେ ଦୈନିକ ଏକ ଘଣ୍ଟା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ବହିଃଚିକିତ୍ସା ବିଭାଗ ( ଓପିଡି) ବଦଳରେ କାଜୁଏଲଟିରେ ଏହି ସେବା ଜାରି ରଖାଯାଇଛି। ଏହିପରି ରୋଗୀଙ୍କ ସେବା ଜାରି ରହିଥିବା ଯୋଗୁଁ କୌଣସି ସମସ୍ୟା ସୃଷ୍ଟି ହେଉନାହିଁ ବୋଲି ଆନ୍ଦୋଳନରତ ଡାକ୍ତର ସବ୍ୟସାଚୀ ମହାପାତ୍ର ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ରୋଗୀ ସେବା ଓପିଡିରେ ବନ୍ଦ ରହିବ ବୋଲି ଅନ୍ୟାନ୍ୟ ଆନ୍ଦୋଳନରତ ଡାକ୍ତର ମାନେ ପ୍ରକାଶ କରିଛନ୍ତି।

**ପଳାସମୁଣ୍ଡଳୀ ଲ୍ୟାମ୍ପ୍ସରେ ଧାନମଣ୍ଡି ଉଦ୍‌ଘାଟିତ**

## ୪ ଜଣ ଚାଷୀଙ୍କ ୯୪ କ୍ୱିଣ୍ଟାଲ ଧାନ କ୍ରୟ



**ମୋରଡା, ୨୯।୧୨(ସମିସ):** ମୋରଡା ବ୍ଲକ ଅଧୀନ ଖୁରୁଣ୍ଟିଆସ୍ଥ ପଳାସମୁଣ୍ଡୁଳି ଲ୍ୟାମ୍ପ ପରିସରରେ ସୋମବାର ଧାନମଣ୍ଡି ଉଦଘାଟିତ ହୋଇଛି। ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବିଧାୟକ କାହ୍ନା ସୋରେନ, ପ୍ରଦୀପ ମହାନ୍ତି, ସୁକୁଲ ମୁର୍ମୁଙ୍କ ସହିତ ଆରଏମସି ସେକ୍ରେଟାରୀ ଶ୍ୟାମସୁନ୍ଦର ଟୁଡୁ, ଲ୍ୟାମ୍ପ୍ସ ସଭାପତି ବଳରାମ ସିଂ, ଏମଡି ପୁରେଶ ବେହେରାଙ୍କ ସହିତ ଲ୍ୟାମ୍ପ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ରାସଗୋବିନ୍ଦପୁର ବ୍ଲକରେ ଥିବା ଆଦିବାସୀ ବହୁମୁଖୀ ସମବାୟ ସମିତି ପରିସରରେ ମଧ୍ୟ ଆଜି ଧାନମଣ୍ଡି ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ରନାଥ ଦାସ ଯୋଗ ଦେଇଥିବାବେଳେ ଲ୍ୟାମ୍ପ୍ କର୍ମଚାରୀ ଉପସ୍ଥିତ ଥିଲେ। ଆଜି ଚାଷୀ ଦୁଃଶାସନ ତରେଇ, ବୀରେନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ଦାସ, ସନାତନ ସେଠି ୯୩ କ୍ୱିଣ୍ଟାଲ ୬୯ କେଜି ଧାନ ବିକ୍ରି କରିଥିବା ଜଣାପଡ଼ିଛି।

## ୭ରେ ମାଣତ୍ରୀ ଶିବରାତ୍ରି ମେଳା ପଡ଼ିଆ ନିଲାମ

**ବଡ଼ସାହି, ୨୯।୧୨(ସମିସ):** ବଡସାହି ବ୍ଲକ ଅଧୀନ ମାଣତ୍ରୀସ୍ଥ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବ କ୍ଷେତ୍ର ବାବା କଖାରୁଆ ବୈଦ୍ୟନାଥ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହାଶିବରାତ୍ରି ଓ ମେଳା ପାଇଁ ମେଳା ପଡ଼ିଆ ନିଲାମ ହୋଇପାରିନାହିଁ। ଗତ ଡିସେମ୍ବର ୭, ୧୨ ଓ ୧୯ ତିନୋଟି ତାରିଖ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ହୋଇଥିଲା। ମାତ୍ର ତାହା ଫେଲ ମାରିଛି। ନିଲାମର ପ୍ରାରମ୍ଭିକ ମୂଲ୍ୟ ୨୧ ଲକ୍ଷ ୧୧ ହଜାର ଥିବାରୁ କୌଣସି ବ୍ୟକ୍ତି, ଅନୁଷ୍ଠାନ ବା ସଂଗଠନ ଏତେ ଟଙ୍କାରେ ନିଲାମ ନେବା ପାଇଁ ରାଜି ହୋଇ ନ ଥିଲେ। କାରଣ ଏତେ ଟଙ୍କାର ନିଲାମ ନେଇ ଦୋକାନୀଙ୍କ ଉପରେ ବୋଝ ଲଦି ଦେଲେ ଦୋକାନ ସଂଖ୍ୟା କମିବାର ସମ୍ଭାବନା ସୃଷ୍ଟି ହୋଇଥିଲା। ଏତଦବ୍ୟତୀତ ଚଳିତ ବର୍ଷ ଯାତ୍ରା ପାର୍ଟି ସମ୍ପର୍କରେ ସଠିକ୍ ସୂଚନା ମିଳୁ ନ ଥିବାରୁ ଏହା ନିଲାମଧାରୀଙ୍କୁ ପ୍ରଭାବିତ କରିଥିଲା। ଯାହା ଫଳରେ ଗତ ୩ବର୍ଷର ହୋଇଥିବା ନିଲାମକୁ ଦୃଷ୍ଟିରେ ରଖି ଏହାର ସଂଶୋଧନ କରିବା ପାଇଁ ପଞ୍ଚାୟତ ପକ୍ଷରୁ ଏକ ରିଜ୍ୟୁଲେସନ ସଦର ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ାଙ୍କୁ ପ୍ରଦାନ କରାଯାଇଥିଲା। ଉପଜିଲ୍ଲାପାଳ ଏହାର ତର୍ଜମା କରି ପ୍ରାରମ୍ଭିକ ମୂଲ୍ୟ ୧୪ ଲକ୍ଷ ୯୬ ହଜାରକୁ କମିଥିବା ଜଣାଯାଇଛି। ଏଥିପାଇଁ ପୁଣିଥରେ ଡାକ ପାଇଁ ଜାନୁଆରୀ ୭ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏହି ନିଲାମରେ ବିଡିଓ ବନଜା ଦାସ, ପରିଛା ପ୍ରଦୀପ ପଣ୍ଡା, ଜିପିଓ ଅବିନାଶ ପଣ୍ଡା, ପିଇଓ ପ୍ରମୁଖ ଉପସ୍ଥିତ ରହିବେ। ଶିବରାତ୍ରି ଆସନ୍ତା ଫେବୃୟାରୀ ୧୫ ତାରିଖ ପଡୁଥିବାବେଳେ ସେହିଦିନଠାରୁ ୧୦ ଦିନ ଧରି ମେଳା ଧୂମଧାମରେ ଚାଲିବ ବୋଲି ଜଣାଯାଇଛି। ସେଥିପାଇଁ ମେଳା ପଡ଼ିଆ ନିଲାମ ପରେ ନିଲାମଧାରୀଙ୍କ ପକ୍ଷରୁ ମେଳା ପଡ଼ିଆ ପାଇଁ ଦୋକାନୀଙ୍କ ଉଦ୍ଦେଶ୍ୟରେ ଜଗା ବଣ୍ଟନ ଆରମ୍ଭ ହେବ। ଶହ ଶହ ଦୋକାନୀ ଏହି ମେଳାରେ ନିଜ ନିଜର ପସରା ମେଲାଉଥିବାରୁ ଚଳିତ ବର୍ଷ ମେଳା ପଡ଼ିଆ ନିଲାମ ଓ ଧାର୍ଯ୍ୟ ଦର ମଧ୍ୟ ଠିକ୍ ଠାକ୍ ହେବ ବୋଲି ଦୋକାନୀ ଆଶା ପ୍ରକାଶ କରିଛନ୍ତି।

## ଡନ୍ ବୋସ୍କୋ ଟେକ୍‌ରେ ଭିଡିଓ ପ୍ରତିଯୋଗିତା




**ମହୁଲଡିହା, ୨୯।୧୨(ସମିସ):** ଡନ୍ ବୋସ୍କୋ ଟେକ୍ ସୋସାଇଟିର ୨୦ ବର୍ଷ ପୂର୍ତ୍ତି ଅବସରରେ ଠାକୁରମୁଣ୍ଡା କେନ୍ଦ୍ରର ପୁରାତନ ଶିକ୍ଷାର୍ଥୀଙ୍କ ପକ୍ଷରୁ ଭିଡିଓ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛତୁ ଚାଷୀ, ଜୈବିକ ଚାଷୀ, ହାଉସକିପିଂ ଆସିଷ୍ଟାଣ୍ଟ ଓ ଇଲେକ୍ଟ୍ରିସିଆନ (ଡୋମେଷ୍ଟିକ୍ ସୋଲୁସନ୍ସ) ବିଭାଗରେ ପ୍ରଶିକ୍ଷଣ ପାଇଥିବା ୪ ଜଣ ପୁରାତନ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସେମାନେ ଡନ୍ ବୋସ୍କୋ ଟେକ୍‌ରେ ପାଇଥିବା ପ୍ରଶିକ୍ଷଣ ଅନୁଭବ ଓ ଦକ୍ଷତା କିପରି ତାଙ୍କୁ ରୋଜଗାରକ୍ଷମ ଓ ସ୍ୱାବଲମ୍ବୀ କରିଛି ବର୍ଣ୍ଣନା କରିଥିଲେ। ପୁରାତନ ଶିକ୍ଷାର୍ଥୀ ପ୍ରଶିକ୍ଷକ ଓ ଡନ୍ ବୋସ୍କୋ ଟେକ୍ ଟିମ୍‌ଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ବର୍ତ୍ତମାନର ଶିକ୍ଷାର୍ଥୀଙ୍କୁ ନିୟମିତ ଅଭ୍ୟାସ, ଏକାଗ୍ରତା ଓ ଡିବି ଟେକ୍‌ର ଯାତ୍ରା ଉପରେ ଭରସା ରଖିବାକୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଅଞ୍ଚଳରେ ଯୁବକଙ୍କୁ ଦକ୍ଷତା ବିକାଶ ଓ ଜୀବିକା ସୃଷ୍ଟିରେ ଡନ୍ ବୋସ୍କୋ ଟେକ୍‌ର ଅବଦାନକୁ ସ୍ମରଣ କରିଥିଲା।

**ଟେଣ୍ଡରର ୬ ମାସରୁ ଊର୍ଦ୍ଧ୍ୱ ସମୟ ପରେ ବି ହେଉନି ମରାମତି**

# ଅଙ୍ଗାରୀ-ଦେଉଳିଆ ରାସ୍ତା ପାଲଟିଛି ମରଣଯନ୍ତା

**ବଡସାହି, ୨୯।୧୨(ସମିସ)**



ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତ ଗ୍ରାମବାସୀଙ୍କ ବହୁ ଦିନର ଦାବିକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟଟି ଅନୁମୋଦନ ହୋଇଥିଲା। ଫଳରେ ଅଙ୍ଗାରୀପୋଖରୀଠାରୁ ଦେଉଳିଆ ଦୀର୍ଘ ୩.୬୦ କିମି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ କାମ ୧ କୋଟି ୧୯ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହୋଇଛି। ଏହା ୨୦୧୬ ଡିସେମ୍ବର ୨ରେ ଆରମ୍ଭ ହୋଇ ୨୦୧୭ ସେପ୍ଟେମ୍ବର ୧ ତାରିଖରେ କାର୍ଯ୍ୟ ଶେଷ ହେବାର ଥିବାବେଳେ ୨୦୧୮ରେ ଏହା ସରିଥିଲା। ମାତ୍ର ଆବଶ୍ୟକ ସମୟରେ ରାସ୍ତା ମରାମତି କରାଯାଉ ନ ଥିବାରୁ ରାସ୍ତା ମରଣଯନ୍ତା ପାଲଟୁଛି। ସ୍ଥାନୀୟ ଲୋକେ ଏହାର କୁପରିଣାମ ଭୋଗିବା ସହିତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେଉଳିଆ ସହିତ ପଟିସାରୀ ଓ ଭୀମଦା ପଞ୍ଚାୟତର ଜନସାଧାରଣ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପ୍ରତିଦିନ ଶହଶହ ଗାଡି ମଟର ଏହି ରାସ୍ତା ଦେଇ ଚଳପ୍ରଚଳ କରିଥାଏ। ଫଳରେ ଦେଉଳିଆ ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ରାସ୍ତାର ତୁରନ୍ତ ମରାମତି ଦାବି କରଥିଲେ। ମାତ୍ର ପ୍ରସ୍ତାବ ଅନୁମୋଦନ ହୋଇ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି ରାସ୍ତାର ମରାମତି କାମ ହୋଇପାରୁନାହିଁ।

ବାରମ୍ବାର ଯନ୍ତ୍ରୀ ଅଶୋକ ସେଠୀଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ଏହା ଆରମ୍ଭ ନ ହେବା ପ୍ରଶାସନିକ ଅବହେଳାକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଫଳରେ ଅସନ୍ତୋଷ ମୁଣ୍ଡ ଟେକୁଛି। ଏଗ୍ରିମେଣ୍ଟ ଅନୁସାରେ ଯଦି ଠିକାଦାର କାମ କରିବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି, ତେବେ ଟେଣ୍ଡର ବାତିଲ କରି ନୂତନ ଟେଣ୍ଡର କରିବାକୁ ଦାବି ଉଠିଛି। ମରାମତି ବିଳମ୍ବ ପାଇଁ ରାସ୍ତା ଅତ୍ୟଧିକ ଖରାପ ହେବା ସହିତ ମରଣଯନ୍ତା ପାଲଟିଛି। ଏତଦବ୍ୟତୀତ ଦେଉଳିଆ-ପଟିସାରୀ ରାସ୍ତାର ଥିବା ଏକ ନାଳ ଉପରେ ଉଚ୍ଚ ପୋଲ ନିର୍ମାଣ ସହିତ ରାସ୍ତାର ମରାମତି ମଧ୍ୟ ଆବଶ୍ୟକ ଥିବାବେଳେ ତାହା ପ୍ରସ୍ତାବରେ ସ୍ଥାନ ପାଇଥିବା ଯନ୍ତ୍ରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି। ତତ୍କାଳୀନ ସମୟରେ ଅଙ୍ଗାରୀ-ଦେଉଳିଆ ରାସ୍ତା କାମରେ ବ୍ୟାପକ ଅନିୟମିତତା କରାଯାଇ ଅଟକଳକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଥିଲେ। ଏପରିକି ଗ୍ରାମ୍ୟ ଉନ୍ନୟନ ବିଭାଗର ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ମଧ୍ୟ ତଦନ୍ତରେ ଆସି ଠିକାଦାରଙ୍କୁ ତାଗିଦ କରିଥିଲେ। ଏହାସତ୍ତ୍ୱେ ମଧ୍ୟ ୧ ବର୍ଷ ଭିତରେ ପିଚୁ ଉଠିଥିଲା। ଏହି ରାସ୍ତା ନିର୍ମାଣର ଚୁକ୍ତି ଅବଧି ମଧ୍ୟ ୫ ବର୍ଷ ବିଭାଗ ପକ୍ଷରୁ ରଖାଯାଇଥିଲା। କାମ ସରିବାର ଏକ ବର୍ଷ ପରେ ରାସ୍ତାରୁ ପିଚୁ ଉଠିଯିବାରୁ ବାରମ୍ବାର ଅଭିଯୋଗ ପରେ ୫ ଶହ ମିଟର ପାଖାପାଖି ରାସ୍ତା ମରାମତି ହୋଇଥିଲା। କିଛିମାସ ପରେ ପୁଣି ସେହି ରାସ୍ତାରେ ପିଚୁ ଓ ଚିପ୍ସ ଉଠି ଯିବା ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଠିକାଦାର ରାସ୍ତା ମରାମତି କରି ନ ଥିଲେ। ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ ରାଜେଶ ପ୍ରଧାନ ଠିକାଦାରଙ୍କୁ ତାଗିଦ କରିବା ସହିତ ଚିଠି କରିବା ପରେ ରାସ୍ତା ମରାମତି ହୋଇଥିଲା। ବର୍ତ୍ତମାନ ଏହି ରାସ୍ତା ମରଣଯନ୍ତା ସଦୃଶ ହୋଇଛି। ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଥିବାବେଳେ ରାସ୍ତାରୁ ପିଚୁ ଓ ଚିପ୍ସ ଉଠି ଗଡ଼ଗଡ଼ ହେଉଛି। ଟିକେ ଅସାବଧାନତା ହେଲେ ବହୁ ଲୋକ ପଡ଼ି ଖଣ୍ଡିଆ ଖାବରା ହେବା ଓ ଦୁର୍ଘଟଣା ଘଟିବା ମଧ୍ୟ ନଜିର ମଧ୍ୟ ରହିଛି। ଅଗାଶୋଳ, ଭାଲୁବସା ଛକ ଓ ଦେଉଳିଆ ନିକଟରେ ରାସ୍ତା ବହୁତ ଖରାପ ହୋଇଥିବା ଦେଖାଯାଇଛି। ବିଭାଗ ପକ୍ଷରୁ ଯଦି ଏହାର ମରାମତି ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଛନ୍ତି।

## ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ




**ରାଇରଙ୍ଗପୁର, ୨୯।୧୨(ସମିସ):** ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ସରକାର ଦେଇଥିବା ୩୦୦ ୟୁନିଟ ପର୍ଯ୍ୟନ୍ତ ପ୍ରତିଘରକୁ ବିଜୁଳି ଛାଡ଼ ପ୍ରତିଶ୍ରୁତି ପାଣିର ଗାର ସାଜିଛି। ରାଜ୍ୟ ସରକାର ବିଦ୍ୟୁତ୍ ବିତରଣ ସଂସ୍ଥା ଜରିଆରେ ଉପଭୋକ୍ତାଙ୍କୁ ଆହୁରି ଶୋଷଣ କରୁଛନ୍ତି। ରାଜ୍ୟ ସରକାରଙ୍କ ଏପରି ମନମୁଖୀ କାର୍ଯ୍ୟ ବିରୁଦ୍ଧରେ କଂଗ୍ରେସ ପକ୍ଷରୁ ବ୍ୟାପକ ଜନଜାଗରଣ ସୃଷ୍ଟି କରିବା ଲକ୍ଷ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୟୂରଭଞ୍ଜ (ପଶ୍ଚିମ) ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ରାଇରଙ୍ଗପୁର ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳର ବରିଷ୍ଠ ନେତା, କର୍ମକର୍ତ୍ତା ଓ ବିଦ୍ୟୁତ୍ ଉପଭୋକ୍ତା ରାଇରଙ୍ଗପୁରର ଏନଏସି ମାର୍କେଟ ନିକଟସ୍ଥ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଓ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଟାଟା ପାୱାର ଓ ରାଜ୍ୟ ସରକାର ବିରୋଧରେ ନାରାବାଜି କରି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୩୦୦ ୟୁନିଟ ମାଗଣା ବିଦ୍ୟୁତ ପ୍ରଦାନ, କୃଷକଙ୍କୁ ମାଗଣା ବିଜୁଳି ପ୍ରଦାନ, ୟୁନିଟ ପିଛା ବିଦ୍ୟୁତ୍ ବିଲ୍ ହ୍ରାସ, ସ୍ମାର୍ଟ ମିଟର ଉଚ୍ଛେଦ ନେଇ ଦାବି କରିଛନ୍ତି। ଅତିରିକ୍ତ ସୁରକ୍ଷା ଜମା ରାଶି ନେଇ ଗ୍ରାହକଙ୍କୁ ଶୋଷଣ ନୀତି ବନ୍ଦ କରିବାକୁ ଦାବି କରିଛନ୍ତି। ୩୦୦ ୟୁନିଟ ମାଗଣା ବିଜୁଳି ପ୍ରଦାନ ନେଇ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ତୁରନ୍ତ ଲାଗୁ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ପ୍ରତି ବ୍ଲକରେ ଆନ୍ଦୋଳନ କରିବା ନେଇ ଚେତାବନୀ ଦିଆଯାଇଛି। ବିଜେପି ସରକାର ମିଥ୍ୟା ପ୍ରତିଶ୍ରୁତିକୁ କଡ଼ା ସମାଲୋଚନା କରିଥିଲେ। ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ଶୋଷଣ ବନ୍ଦ କରିବାକୁ ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଆଦିବାସୀ କଂଗ୍ରେସ ଉପସଭାପତି ଲକ୍ଷ୍ମଣ ମାଝୀ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଜବାମଣି ଟୁଡୁ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ଆଦିବାସି କଂଗ୍ରେସ ପଶ୍ଚିମ ମୟୂରଭଞ୍ଜ ଅଧ୍ୟକ୍ଷ ବେରେଲ ସିଂ, ବସନ୍ତ ପଟ୍ଟନାୟକ, ଅଶୋକ ଅଗ୍ରୱାଲ, ଭାଗୀରଥି ପାତ୍ର, ଏମଡି ଇନ୍ତେକାବ, ସନ୍ତୋଷ ନନ୍ଦ, ତରୁଣ ଗିରି, ରୂପକ ମହାନ୍ତି, ନିଶାକର ପାତ୍ର, ଅଞ୍ଜଳି ବେଶ୍ରା, ଉଷାରଣୀ ଦେଓ, ପୂଜା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ଷ୍ଟାର୍ଟ ଅପ୍ ଇଣ୍ଡିଆ କର୍ମଶାଳା

**କରଞ୍ଜିଆ, ୨୯।୧୨(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ଷ୍ଟାର୍ଟ ଅପ୍ ଇଣ୍ଡିଆ ତିନିଦିନିଆ କର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଇଂଜିନିୟର ତ୍ରିଲୋଚନ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କାଦଡିହା ଶାଖା ପରିଚାଳକ ସଞ୍ଜୟ ମହାନ୍ତ ଯୋଗଦେଇ ସଞ୍ଚୟ ଯୋଜନା ଉପରେ ଆଲୋକପାତ କରିଥିବାବେଳେ ପିଲାମାନେ ପାଠ ପଢ଼ିବା ପରେ କେମିତି ଆତ୍ମନିର୍ଭରଶୀଳ ହୋଇପାରିବେ, ସେଥିପାଇଁ ବିଭିନ୍ନ ବିଭାଗ ଉପରେ ବିଶେଷଜ୍ଞମାନେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ନିର୍ମାଣ କାର୍ଯ୍ୟ କ୍ଷେତ୍ରରେ ଇଂଜିନିୟର ତ୍ରିଲୋଚନ ସେଠୀ, କଦଳୀ ଚାଷ କ୍ଷେତ୍ରରେ ଅଧ୍ୟାପକ ବନମାଳୀ ମହାନ୍ତ, ଛତୁଚାଷ କ୍ଷେତ୍ରରେ ବିଭୀଷଣ ବେହେରା, ସଞ୍ଚୟ ଯୋଜନା କ୍ଷେତ୍ରରେ ସଞ୍ଜୟ ମହାନ୍ତ, ସାମ୍ବାଦିକ ଓ ସମ୍ବାଦପତ୍ର ପରିଚାଳନା କ୍ଷେତ୍ରରେ ଉମାଶଙ୍କର ଦାସ, ନଡ଼ିଆ ଚାଷ କ୍ଷେତ୍ରରେ ଅଧ୍ୟାପକ ଧରଣୀଧର ତ୍ରିପାଠୀ, କୁକୁଡ଼ା, ଛେଳି, ଘୁଷୁରୀ, ବତକ, ଚାଷ କ୍ଷେତ୍ରରେ ଅକ୍ଷୟ ମହାନ୍ତ ଓ ଅଧ୍ୟାପକ ପଦ୍ମଲୋଚନ ମହାନ୍ତ ପ୍ରମୁଖ ପିଲାଙ୍କୁ ବିଭିନ୍ନ ଦିଗରୁ ଅବଗତ କରାଇଥିଲେ। ସଶକ୍ତିକରଣ ହେଉଛି ଏକ ଦୃଢ଼ ଆତ୍ମନିର୍ଭରଶୀଳ ମାନସିକତା। ନିଷ୍ଠା ଓ ଆତ୍ମବିଶ୍ୱାସ ଭାବନାରେ କାର୍ଯ୍ୟ କଲେ ଜୀବନରେ ସଫଳତା ନିଶ୍ଚିତ ମିଳିଥାଏ ବୋଲି ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ପ୍ରକାଶ କରିଥିଲେ। ଏହି ତିନିଦିନିଆ କର୍ମଶାଳାକୁ ବିଦ୍ୟାଧର ମହାନ୍ତ, ଅଧ୍ୟାପିକା ଦେବସ୍ମିତା ପାତ୍ର, ମଧୁସ୍ମିତା ରାଉତ, ପ୍ରତୀମା ମାଞ୍ଜିରି ମହାନ୍ତ, ଶୁଭମ ସତ୍ୟପ୍ରକାଶ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ବିଭାଗ ଅଧ୍ୟାପିକା ଶୁଭଶ୍ରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ମୁଖ୍ୟମନ୍ତ୍ରୀଙ୍କୁ ସାଂସଦ ମମତା ମହାନ୍ତଙ୍କ ଚିଠି**

## କାଠପାଳ ଫାର୍ମର ପୁନରୁଦ୍ଧାର, ପ୍ରାଣୀ ଚିକିତ୍ସା ଓ ପଶୁପାଳନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ

**ବାରିପଦା, ୨୯।୧୨(ସମିସ):** ବାରିପଦା ସହରଠାରୁ ଅଳ୍ପ ଦୂରରେ କାଠପାଳଠାରେ ପୂର୍ବର ଡାଏରୀ ଫାର୍ମ ପୁନରୁଦ୍ଧାର ସହିତ ପ୍ରାଣୀ ଚିକିତ୍ସା ଓ ପଶୁପାଳନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଛନ୍ତି। ପୂର୍ବରୁ ଏଠାରେ ଫାର୍ମଟି କାର୍ଯ୍ୟକ୍ଷମ ଥିବାବେଳେ ଗୋ-ପ୍ରଜନନ କେନ୍ଦ୍ର ରହିଥିଲା। ବହୁ ଦୁଗ୍ଧ ଚାଷୀ ଉପକୃତ ହେଉଥିଲେ। ଏହି ଡାଏରୀ ଫାର୍ମଟି ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁପାଳନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିଲା। ତାହା ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ହୋଇଯାଇଛି। ଏବେ ସୁଦ୍ଧା ଏହି ଅଞ୍ଚଳରେ ରାଜ୍ୟ ସରକାରଙ୍କ ଅଧୀନରେ ବ୍ୟାପକ ଜମି, କାର୍ଯ୍ୟାଳୟ ଗୃହ, ପୋଖରୀ ଆଦି ରହିଛି। ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଅଧିକରୁ ଅଧିକ ଲୋକ କୃଷି ଓ ବନ୍ୟଜାତ ପଦାର୍ଥ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବାରୁ ଏଠାରେ ଡାଏରୀ ଫାର୍ମ ହେଲେ ଏ ଅଞ୍ଚଳର ବହୁ ଚାଷୀ ଦୁଗ୍ଧ ଉତ୍ପାଦନ ପ୍ରକ୍ରିୟାରେ ନିଜକୁ ସାମିଲ କରି ନିଜର ଗୁଜୁରାଣ ମେଣ୍ଟାଇପାରିବେ ବୋଲି ସାଂସଦ ଶ୍ରୀମତୀ ମହାନ୍ତ ପ୍ରସ୍ତାବ ଦେଇପାରିଛନ୍ତି।

ସେହିଭଳି କୃଷି ଓ ପଶୁପାଳନ ବିଭାଗ ଅଧୀନରେ ଥିବା ସରକାରୀ ସମ୍ପତ୍ତିର ସଦୁପଯୋଗ କରିବା ସହ ଏକ ପ୍ରାଣୀ ଚିକିତ୍ସା ଓ ପଶୁପାଳନ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ଏକ ଡିପିଆର ପ୍ରସ୍ତୁତ କରି ପାଣ୍ଠି ବରାଦ କରିବାକୁ ସେ ପ୍ରସ୍ତାବ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଏହାଦ୍ୱାରା ମୟୂରଭଞ୍ଜ ଜିଲ୍ଲାର କୃଷିର ଉନ୍ନତି, ପ୍ରାଣୀ ସମ୍ପଦର ସୁରକ୍ଷା ଓ ନିଶ୍ଚିତ ରୋଜଗାର ଯୋଗାଇବାରେ ବିଶେଷ ସାହାଯ୍ୟ କରିବ ବୋଲି ସାଂସଦ ମମତା ମହାନ୍ତ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ସାଂସଦଙ୍କ ଏଭଳି ଜନହିତକର ପ୍ରସ୍ତାବକୁ ବହୁ ବୁଦ୍ଧିଜୀବୀ, ପୂର୍ବତନ ବିଧାୟକ ଓ ଶିକ୍ଷାବିତ ସମର୍ଥନ କରିବା ସହ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଏଥିପ୍ରତି ସମ୍ବେଦନଶୀଳ ହୋଇ ସଂସଦ ଶ୍ରୀମତୀ ମହାନ୍ତଙ୍କ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି।

## ରାସଗୋବିନ୍ଦପୁର ମଣ୍ଡିରେ ଧାନକିଣା ଆରମ୍ଭ



**ରାସଗୋବିନ୍ଦପୁର, ୨୯।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସ ଓ ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ ନାଏକ ଯୋଗଦେଇ ଧାନମଣ୍ଡିର ଶୁଭାରମ୍ଭ କରିଛନ୍ତି। ବେତନଟୀ ଆରଏମସି ଆନୁକୂଲ୍ୟରେ ରାସଗୋବିନ୍ଦପୁର ସମବାୟ ସମିତି କର୍ମକର୍ତ୍ତା ଉପସ୍ଥିତ ରହି ଧାନକିଣା ଆରମ୍ଭ କରିଥିଲେ। ସରକାରଙ୍କ ନିୟମ ଅନୁସାରେ କୌଣସି କଟ୍‌ନୀ ଛଟନୀ କରା ନ ଯାଇ ଏଫଏକ୍ୟୁ ମାନର ଧାନ ସଂଗ୍ରହ କରାଯିବ ବୋଲି ମତ ରଖିଛନ୍ତି। ଯେଉଁ ଚାଷୀ ପଞ୍ଜୀକରଣ କରି ମୋବାଇଲ ଦ୍ୱାରା ଏସଏମଏସ ପାଇଥିବେ, ସେମାନେ ଧାର୍ଯ୍ୟ ତାରିଖରେ ଧାନମଣ୍ଡିକୁ ନେଇ ମାନ ନିର୍ଦ୍ଧାରଣ କରାଇ ଉଚିତ୍ ମୂଲ୍ୟ ପାଇପାରିବେ ବୋଲି କୁହାଯାଇଛି। ଆଜି ପ୍ରଥମ ଦିନରେ ୯୩ କ୍ୱିଣ୍ଟାଲ ୮୪ କିଲୋ ଧାନ କ୍ରୟ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩୦୦ କ୍ୱିଣ୍ଟାଲ ଧାନ କ୍ରୟ କରାଯିବାକୁ ସ୍ଥିର କରାଯାଇଛି। ଧାନ ବିକ୍ରୟ ନିମନ୍ତେ ୧୭୦୦ ଚାଷୀ ପଞ୍ଜିକୃତ କରିଥିବା ଜଣାପଡ଼ିଛି। ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଘରୁ ବୁଲେଟ ଚୋରି

**ରାଇରଙ୍ଗପୁର, ୨୯।୧୨(ସମିସ):** ଘର ସମ୍ମୁଖରେ ପାର୍କିଂ ହୋଇଥିବା ବୁଲେଟ ରାତିରେ ଚୋରି ହୋଇଛି। ଏ ନେଇ ହାଟବାଦଡ଼ା ଗ୍ରାମର ବିକାଶ କୁମାର ସାହୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେ ପ୍ରତିଦିନ ଭଳି ଘର ସମ୍ମୁଖ ବାରଣ୍ଡାରେ ବୁଲେଟ ପାର୍କିଂ କରିଥିଲେ। ସକାଳୁ ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବୁଲେଟ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ଏ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

**ନୂଆବର୍ଷରେ ଲୋକାର୍ପଣ ହେବ ରାଇରଙ୍ଗପୁର ଇଗ୍ନୁ**

# ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି

**ରାଇରଙ୍ଗପୁର, ୨୯।୧୨(ସମିସ)**

ଆଦିବାସି ବହୁଳ ମୟୂରଭଞ୍ଜ ଜିଲ୍ଲାର ଶିକ୍ଷା ମାପଦଣ୍ଡକୁ ସୁଦୃଢ଼ କରିବା ପାଇଁ ବର୍ଷ ଆରମ୍ଭରୁ ପ୍ରୟାସ ଆରମ୍ଭ ହେଉଛି। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗନୁ)ର ଆଞ୍ଚଳିକ ଓ ଦକ୍ଷତା କେନ୍ଦ୍ର ଜାନୁଆରୀ ୧ ତାରିଖରୁ ରାଇରଙ୍ଗପୁରରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଯାହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭର୍ଚୁଆଲ ମୋଡ଼ରେ ସକାଳ ୧୦:୪୫ରେ ଲୋକର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଇଗନୁ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡଃ ମନୋଜ ଦାସ ସୂଚନା ପ୍ରଦାନ କରିଛନ୍ତି। ଭର୍ଚୁଆଲ ମୋଡ଼ରେ ଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଓ ଦକ୍ଷତା ବିକାଶ ବିଭାଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିବେ।

ସେହିପରି ରାଇରଙ୍ଗପୁରସ୍ଥ ପୌର କଲ୍ୟାଣ ମଣ୍ଡପରେ ଆୟୋଜିତ ମଞ୍ଚ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସାରସକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ଉପସ୍ଥିତ ରହିବେ। ଇଗନୋ ଜରିଆରେ ଅନେକ ଡିସଟାନ୍ସ କୋର୍ସର ଶିକ୍ଷା ଗ୍ରହଣ କରାଯାଇଥାଏ। ପୂର୍ବରୁ ଭୁବନେଶ୍ୱରଠାରେ ଆଞ୍ଚଳିକ କେନ୍ଦ୍ର ଥିବାବେଳେ ବାରିପଦାସ୍ଥ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା। କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗନୁ ପକ୍ଷରୁ ଓଡ଼ିଶାର ୪ଟି ଜୋନରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ କେନ୍ଦ୍ର ସ୍ଥାପନ କରାଯିବ। ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିପତି ଆନନ୍ଦ ସୋନି ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ରହିବ। ଉକ୍ତ ଜିଲ୍ଲାର ସମସ୍ତ ଇଗନୁ ପରୀକ୍ଷା କେନ୍ଦ୍ର ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ରହିବ। ଏ ନେଇ ପୂର୍ବରୁ ପ୍ରତିନିଧି ଦଳ ପରିଦର୍ଶନ କରି ସ୍ଥାନ କରିଛନ୍ତି। ବର୍ତ୍ତମାନ ଅସ୍ଥାୟୀ ଭାବେ ବଡବଜାରସ୍ଥ ମଣ୍ଡପ ପରିସରରେ ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟକ୍ଷମ ହେବ।

**ଅସ୍ଥାୟୀ କ୍ୟାମ୍ପସରେ ଆରମ୍ଭ ହେବ ଶିକ୍ଷାଦାନ**

ଆଗକୁ ସ୍ଥାୟୀ କ୍ୟାମ୍ପସ ହେବାକୁ ରାଇରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ୧.୨୫ ଏକର ଜମି ଚିହ୍ନଟ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହେବା ପରେ ନିର୍ମାଣ କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଆଞ୍ଚଳିକ କେନ୍ଦ୍ର ସହିତ ଦକ୍ଷତା ବିକାଶ କେନ୍ଦ୍ର ଆରମ୍ଭ ହେବ। ଯାହାକି ଯୁବକ/ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ। ସିଭିଲ ଓ ଆସବାବପତ୍ର ନିମନ୍ତେ ୫୩, ୨୪, ୦୦୦ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୦, ୦୦, ୦୦୦ ଟଙ୍କା ପ୍ରଦାନ କରାଯାଇଛି। ଇଗନୁରେ ଶିକ୍ଷାବର୍ଷରୁ ଡିସଟାନ୍ସ କୋର୍ସର ଶିକ୍ଷାଦାନ ଆରମ୍ଭ ହେବ। ତେବେ ରାଇରଙ୍ଗପୁରରେ ଏହା ସ୍ଥାପନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉନ୍ନତି ସହ ଶିକ୍ଷା ମାନ ବୃଦ୍ଧି କରିବା ନିମନ୍ତେ ଅନେକ ସହାୟକ ହେବ ବୋଲି ବୁଦ୍ଧିଜୀବୀ ଆଶା ପ୍ରକଟ କରିଛନ୍ତି। ରାଇରଙ୍ଗପୁରରେ ଆଗକୁ ବିଭିନ୍ନ ଆନ୍ତର୍ଜାତିକ ଓ ଜାତୀୟ ସ୍ତର ଶିକ୍ଷାନୁଷ୍ଠାନର ଶାଖା କେନ୍ଦ୍ର ଖୋଲିବା ନେଇ ପ୍ରସ୍ତାବ ରହିଛି। ସେନେଇ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗକୁ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ଥିବାର ସମ୍ଭାବନା ଥିବାବେଳେ ଏହାର ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ହେବ। ରାଇରଙ୍ଗପୁରରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତର ଶିକ୍ଷାନୁଷ୍ଠାନ ସ୍ଥାପନ ଦ୍ୱାରା ଶିକ୍ଷାକ୍ଷେତ୍ରରେ ଆହୁରି ଉନ୍ନତି ଆଣିବାରେ ବେଶ ସହାୟକ ହେବ ବୋଲି ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରିଛନ୍ତି।

# ଆର୍‌ଏସ୍‌ପିରେ 'ଚେତନା' ସଚେତନତା ଅଧିବେଶନ



**ରାଉରକେଲା, ୨୯।୧୨(ସମିସ):** ଦୈନନ୍ଦିନ କାର୍ଯ୍ୟରେ ସ୍ୱଚ୍ଛତା, ଅଖଣ୍ଡତା ଏବଂ ପ୍ରତିରୋଧକ ସତର୍କତାର ଗୁରୁତ୍ୱ ଉପରେ ଅଧିକାରୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ 'ଚେତନା' ଶୀର୍ଷକ ଏକ ସଚେତନତା ଅଧିବେଶନ ଆୟୋଜିତ ହୋଇଯାଇଛି। ଏହି ଅଧିବେଶନରେ କାର୍ଯ୍ୟ ବିଭାଗରେ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧ୍ୟକ୍ଷତା କରି ସତର୍କତା ଏକ ସାମୂହିକ ଦାୟିତ୍ୱ ଏବଂ ଆରଏସପିରେ ସ୍ୱଚ୍ଛ ଏବଂ ଦକ୍ଷ କାର୍ଯ୍ୟକୁ ସମର୍ଥନ କରିବା ପାଇଁ କାର୍ଯ୍ୟ ନିର୍ବାହୀମାନଙ୍କୁ ସତର୍କ, ସକ୍ରିୟ ଏବଂ ପ୍ରତିଷ୍ଠିତ ପ୍ରକ୍ରିୟା ସହିତ ଅନୁପାଳନ କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତର୍କତା ବିଭାଗ ଜିଏମ୍ ତଥା ଏସ୍‌ଇଭିଓ ରଞ୍ଜନ ଭାରତୀ ଯୋଗ ଦେଇ ସାଂଗଠନିକ କାର୍ଯ୍ୟରେ ପ୍ରତିରୋଧକ ସତର୍କତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡିଜିଏମ୍ (ଭିଜିଲାନ୍ସ) ସନ୍ଦୀପ ବଂଶଲ 'ପେନାଲ୍ଟି' ଶୀର୍ଷକ ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ, ଯେଉଁଥିରେ ପ୍ରାସଙ୍ଗିକ ବ୍ୟବସ୍ଥା ଏବଂ ଏହାର ପ୍ରଭାବ ବର୍ଣ୍ଣନା କରାଯାଇଥିଲା। ଏହାପରେ ସତର୍କତା ବିଭାଗର ଏଜିଏମ ଅବନୀ କୁମାର ବିଶ୍ୱାଳ ବିଭିନ୍ନ ଭିଜିଲାନ୍ସ କେସ୍ ଷ୍ଟଡି ଉପରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି ଅଧିବେଶନଟି ପାରସ୍ପରିକ କ୍ରିୟାଶୀଳ ଥିଲା, ଯେଉଁଥିରେ ଉପସ୍ଥିତ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ଆଲୋଚନା ହୋଇଥିଲା। ଏହି ଅବସରରେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏସ୍‌ଏସ୍ ରାୟଚୌଧୁରୀ ମଞ୍ଚାସୀନ ଥିଲେ। ଏହି ଅଧିବେଶନରେ ବିଭିନ୍ନ ବିଭାଗର ବହୁ ସଂଖ୍ୟକ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ଆର୍‌ଏମ୍‌ସି ଅଞ୍ଚଳରେ ଏବେ ବି ଅପହଞ୍ଚ ବିଜୁଳି

# ଅନ୍ଧାରରେ ଦିନ କାଟୁଛନ୍ତି ସୁଇପର ବସ୍ତିର ୬୦ ପରିବାର

**ରାଉରକେଲା, ୨୯।୧୨(ସମିସ)**



ସ୍ୱାଧୀନତାର ୭୯ ବର୍ଷପରେବି ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ଅଧୀନରେ ଥିବା ରେଲୱେ କଲୋନୀ ସ୍ଥିତ ସ୍ୱିପର ବସ୍ତିକୁ ଆଜିବି ବିଜୁଳି ଅପହଞ୍ଚ ରହିଛି। ୫୦ ରୁ ୬୦ ପରିବାରର ପ୍ରାୟ ୩୦୦ ରୁ ୪୦୦ ଲୋକ ବର୍ଷ ବର୍ଷ ଧରି ଅନ୍ଧାରରେ ଦିନ କାଟୁଛନ୍ତି। ଏହି ସମସ୍ୟା ବିଷୟରେ ସମ୍ପୃକ୍ତ ବିଭାଗ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଠୋସ୍ ସମାଧାନ ମିଳି ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗତକିଛି ବର୍ଷ ଧରି କେବଳ ପ୍ରତିଶ୍ରୁତି ମିଳି ଆସୁଛି। ନିର୍ବାଚନ ସମୟରେ ନେତାମାନେ ବସ୍ତିକୁ ଆସନ୍ତି, ପ୍ରତିଶ୍ରୁତି ଦିଅନ୍ତି ଏବଂ ଭୋଟ ନିଅନ୍ତି। କିନ୍ତୁ ଜିତିବା ପରେ ବସ୍ତିର ସମସ୍ୟାକୁ ଭୁଲିଯାଆନ୍ତି ବୋଲି ବସ୍ତିବାସୀନ୍ଦା କହିଛନ୍ତି। ବର୍ତ୍ତମାନ ବିଜୁଳି ସମସ୍ୟା ବାସିନ୍ଦାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରିଛି। ବର୍ଷା ଋତୁରେ ଅନ୍ଧାର ଯୋଗୁଁ ଖସିବା ଓ ପଡ଼ିବା ସାଧାରଣ କଥା। ବର୍ଷାରେ ସରୀସୃପ ଭଳି ବିଷାକ୍ତ ପ୍ରାଣୀଙ୍କ ବିପଦ ସର୍ବଦା ରହିଥାଏ। ଗ୍ରୀଷ୍ମ ଋତୁରେ ପରିସ୍ଥିତି ଆହୁରି ଖରାପ ହୋଇଯାଏ। ପ୍ରବଳ ଗରମ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେବେ ଗଛ ଛାଇ ତଳେ ସେମାନେ ସମୟ ବିତାଇବାକୁ ବାଧ୍ୟ ହୋଇଥାନ୍ତି। ପ୍ରଚଣ୍ଡ ଗରମ ଯୋଗୁଁ ବସ୍ତି ବାସିନ୍ଦା ପ୍ରାୟତଃ ଅସୁସ୍ଥ ହୋଇପଡ଼ନ୍ତି। ବିଜୁଳି ଅଭାବରୁ ସ୍କୁଲ ଯାଉଥିବା ପିଲାମାନଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ରାତିରେ ଅନ୍ଧାର ହେତୁ କଲୋନୀରେ ଚୋରି ଏବଂ ଛିନତାଇ ଘଟଣା ଘଟୁଛି। ମହିଳାଙ୍କ ସହିତ ଦୁଷ୍କର୍ମ ଏବଂ ଅସଦାଚରଣର ଅଭିଯୋଗ ମଧ୍ୟ ଆସୁଛି। ସ୍ୱିପର ବସ୍ତିରୁ କିଛି ଶହ ମିଟର ଦୂରରେ ଅବସ୍ଥିତ ରାଜୀବ ବସ୍ତି, ରିମଝିମ ବସ୍ତି ଏବଂ ଅନ୍ୟାନ୍ୟ ନିକଟବର୍ତ୍ତୀ ଅଞ୍ଚଳରେ ବିଜୁଳି ସୁବିଧା ଉପଲବ୍ଧ ରହିଛି। କିନ୍ତୁ ସ୍ୱିପର ବସ୍ତି ଏବେ ବି ଅବହେଳାର ଶିକାର ହୋଇ ରହିଛି। ସମସ୍ୟାକୁ ନେଇ ସମାଜସେବୀମାନେ ଗତ ଦିନରେ ଅନଲାଇନ୍ ଜନଶୁଣାଣି ମାଧ୍ୟମରେ ବିଭାଗକୁ ଅବଗତ କରାଇଛନ୍ତି। ଯଥାଶୀଘ୍ର ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କରି ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରାଯାଇଛି। ଦୀର୍ଘକାଳୀନ ସମସ୍ୟାର ସମାଧାନ କେବେ ହେବ ତାହାକୁ ବସ୍ତି ବାସିନ୍ଦା ଚାହିଁ ବସିଛନ୍ତି।

# ସୋଲ ଆରୋଗ୍ୟ କେନ୍ଦ୍ର ଛାତରୁ ଖସୁଛି ପଲସ୍ତରା





**ବଣାଇ, ୨୯।୧୨ (ସମିସ):** ବଣାଇ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ସୋଲ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଛାତରୁ ପଲସ୍ତରା ଖସୁଥିବା ଦେଖିବାକୁ ମିଳିଛି। ଫଳରେ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେବା ଦେଉଥିବା ଡାକ୍ତର, କର୍ମଚାରୀମାନେ ପ୍ରତିଦିନ ଭୟ ଓ ଆଶଙ୍କାର ମଧ୍ୟରେ ସମୟ କାଟୁଛନ୍ତି। ଡାକ୍ତରଖାନା ଛାତ କୋଠାରୁ ପ୍ରତିଦିନ ସିମେଣ୍ଟର ପଲସ୍ତରା ଖସୁଥିବା ବେଳେ ଅନେକ ସ୍ଥାନରେ ଲୁହା ରଡ ସ୍ପଷ୍ଟ ଭାବେ ବାହାରି ଆସିଛି। ଯେକୌଣସି ସମୟରେ କୋଠାର କୌଣସି ଅଂଶ ଭାଙ୍ଗି ପଡ଼ି ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏହି ପରିସ୍ଥିତି ସମ୍ପର୍କରେ ବାରମ୍ବାର ସ୍ୱାସ୍ଥ୍ୟ ବିଭାଗକୁ ଅଭିଯୋଗ କରାଯିବା ସହ ଜିଲ୍ଲାପାଳଙ୍କ ଜନଶୁଣାଣିରେ ମଧ୍ୟ ଲିଖିତ ଅଭିଯୋଗ ଦାଖଲ ହୋଇଛି। କିନ୍ତୁ ଦୀର୍ଘ ସମୟ ଧରି ପ୍ରଶାସନୀୟ ନିରବତା ଓ ଅବହେଳା ଯୋଗୁଁ ପରିସ୍ଥିତି ଦିନକୁ ଦିନ ଅଧିକ ଭୟାବହ ହୋଇଯାଉଥିବା ରୋଗୀମାନେ କହିଛନ୍ତି। ସ୍ୱାସ୍ଥ୍ୟ ସେବା ଦେବାକୁ ଥିବା ଏକ ସରକାରୀ ଆରୋଗ୍ୟ କେନ୍ଦ୍ରର ଏଭଳି ଅବସ୍ଥା ପ୍ରଶାସନର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠାଇଛି। ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଆର୍‌ଏସ୍‌ପିର 'ପ୍ରୟୋଗ'କୁ ପାର୍ ଏକ୍ସଲେନ୍ସ ସ୍ୱର୍ଣ୍ଣ ପୁରସ୍କାର



**ରାଉରକେଲା, ୨୯।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କୋଲ କେମିକାଲ ବିଭାଗ (ସିସିଡି) ବିଭାଗର 'ପ୍ରୟୋଗ' ସୁରକ୍ଷା ମଣ୍ଡଳୀ ଦଳ ଡିସେମ୍ବର ୧୯ ରୁ ୨୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ନ୍ୟାସନାଲ୍ କନଭେନସନ୍ ଅନ୍ କ୍ୱାଲିଟି କନସେପ୍ଟସ୍ (ଏନସିକ୍ୟୁସି) ୨୦୨୫ ରେ ପାର୍ ଏକ୍ସଲେନ୍ସ ସ୍ୱର୍ଣ୍ଣ ପୁରସ୍କାର ପାଇ କାରଖାନା ପାଇଁ ଗୌରବ ଆଣି ଦେଇଛି। ଆମୋନିୟମ୍ ସଲଫେଟ୍ ପ୍ଲାଣ୍ଟ ଅଞ୍ଚଳରେ କୋକ୍ ଓଭେନ୍ ଗ୍ୟାସ୍ ସିଲ୍ ପଟରେ ଅଭିନବ ଏବଂ ପ୍ରଭାବଶାଳୀ ସୁରକ୍ଷା ଉନ୍ନତିର ଏକ ଶୃଙ୍ଖଳା କାର୍ଯ୍ୟକାରୀ କରିବା ପାଇଁ ଦଳ ଏହି ସ୍ୱୀକୃତି ପାଇଛି। ଏହି ପ୍ରକଳ୍ପର ସଫଳତା ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍ବନ ମନୋକ୍ସାଇଡ୍ (ସିଓ) ମନିଟର ସ୍ଥାପନ କରାଯାଇଥିଲା। ନିୟନ୍ତ୍ରଣ କକ୍ଷ ସହ ସମାନ୍ତରାଳ ଭାବରେ ସଂଯୁକ୍ତ କରାଯାଇଥିଲା ଯାହା ଗ୍ୟାସ୍ ଲିକେଜ୍ ଚିହ୍ନଟ କରିଥିଲା। ଅସ୍ୱାଭାବିକ ଗ୍ୟାସ୍ ସ୍ତର କ୍ଷେତ୍ରରେ ଅପରେଟରମାନଙ୍କୁ ସତର୍କ କରିବା ନିମନ୍ତେ ନିୟନ୍ତ୍ରଣ କକ୍ଷରେ ଏକ ବଜର ଏବଂ ଫ୍ଲାସର୍ ସିଷ୍ଟମ୍‌ର ପ୍ରଚଳନ ମଧ୍ୟ କରାଯାଇଥିଲା। ଏହି ଦଳ ଡିଭିଜନ ୧ ଶ୍ରେଣୀଭୁକ୍ତ ଅଗ୍ନି ଜୋନରେ ଅବସ୍ଥିତ ବେଞ୍ଜୋଲ ସ୍କ୍ରବରର ଏକ ବ୍ୟାପକ ମରାମତି ମଧ୍ୟ କରିଥିଲେ। ଆରଏସପିର ନିରନ୍ତର ଉନ୍ନତି ପାଇଁ ଦୃଢ଼ ପ୍ରତିବଦ୍ଧତା ସହିତ ଏହା କର୍ମଚାରୀମାନଙ୍କଠାରୁ ନୂତନ ଚିନ୍ତାଧାରା ପ୍ରୋତ୍ସାହିତ କରିବା ଓ କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ସର୍ବାଗ୍ରେ ରଖିବାର ଦାୟିତ୍ୱ ବୋଧତାକୁ ପ୍ରତିଫଳିତ କରେ। ପୂର୍ବରୁ ମଧ୍ୟ, ଏହି ସୁରକ୍ଷା ମଣ୍ଡଳୀ ଦଳ 'ପ୍ରୟୋଗ' ସିସିକ୍ୟୁସି ଭିଲାଇ ଚାପ୍ଟରରେ ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଥିଲା। ଯାହା ସେମାନଙ୍କୁ ଜାତୀୟ ସମ୍ମିଳନୀ ପାଇଁ ଯୋଗ୍ୟ ବିବେଚିତ କରିଥିଲା। ଏହି କୋଲ ପଦକ୍ଷେପ ସିସିଡି ବିଭାଗର ଜିଏମ ଇନ-ଚାର୍ଜ ବିନୋଦ ତିୱାରୀ ଏବଂ ସୁରକ୍ଷା ବିଭାଗର ଜିଏମ୍ ତଥା ସୁରକ୍ଷା ମଣ୍ଡଳୀ ସଂଯୋଜକ ଅବାକାଶ ବେହେରାଙ୍କ ମାର୍ଗଦର୍ଶନରେ ନିଆଯାଇଥିଲା। ପୁରସ୍କାର ବିଜେତା ଦଳରେ ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ ଶାଶ୍ୱତ କୁମାର ସାହୁ, ଇଞ୍ଜିନିୟରିଂ ଆସୋସିଏଟ ସତ୍ୟଜିତ ହେମ୍ବ୍ରମ, ଇଞ୍ଜିନିୟରିଂ ଆସୋସିଏଟ ଶ୍ୟାମ ସୁନ୍ଦର ହାଂସଦା ଏବଂ ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ ଅଭିଜିତ ପ୍ରଜାପତିଙ୍କ ସହ ମେସର୍ସ ଏସକେ ସିଂହ, କନଷ୍ଟ୍ରକ୍ସନର ସୁପରଭାଇଜର ମନୋଜ ମହାନ୍ତି ରହିଥିଲେ। ସୂଚନାଯୋଗ୍ୟ ଯେ, ସିସିଡ଼ି (ଅପରେସନ) ବିଭାଗର ସିନିୟର ମ୍ୟାନେଜର ଅନିରୁଦ୍ଧ ହିକୋକା ଏହି ଦଳର ଫେସିଲିଟେଟର ଥିଲେ।

# ଗୁରୁ ଗୋବିନ୍ଦ ସିଂଙ୍କ ପ୍ରକାଶ ପର୍ବ ଉପଲକ୍ଷେ ନଗର କୀର୍ତ୍ତନ

**ରାଉରକେଲା, ୨୯।୧୨(ସମିସ):** ଶିଖ ଧର୍ମର ନବମ ଗୁରୁ ଗୋବିନ୍ଦ ସିଂଙ୍କ ପବିତ୍ର ପ୍ରକାଶ ପର୍ବ ଅବସରରେ ସେକ୍ଟର ୧୮ ସ୍ଥିତ ଇସ୍ପାତ ଗୁରୁଦ୍ୱାରରୁ ଏକ ଭବ୍ୟ ନଗର କୀର୍ତ୍ତନ ଶୋଭାଯାତ୍ରା ଆରମ୍ଭ ହୋଇ ଆଇଜିଏଚ, ଆମ୍ବାଗାନ ଛକ, ରିଙ୍ଗ୍‌ରୋଡ଼, ସେକ୍ଟର୭/୧୭ ଛକ ହୋଇ ପୁଣି ଗୁରୁଦ୍ୱାରାରେ ଶେଷ ହୋଇଥିଲା। ବିଭିନ୍ନ ସାହିବ ଓ ଖଡ଼ଗ ଧାରଣ କରି ଚାଲୁଥିଲେ। ଗୁରୁଗ୍ରନ୍ଥ ସାହିବଙ୍କୁ ଅରଦାସ ସହିତ ମହିଳା ସତସଙ୍ଗ ଦଳ ଦ୍ୱାରା ଅଖଣ୍ଡ ପାଠ ମଧ୍ୟ ହୋଇଥିଲା। ଏହି ନଗର କୀର୍ତ୍ତନରେ ଶିଖ ସମାଜର ମହିଳା, ପୁରୁଷ, ଶିଶୁ ଓ ଯୁବକ ଯୁବତୀମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଇସ୍ପାତ ଗୁରୁଦ୍ୱାର ପରିଚାଳନା କମିଟିର ଗୁରବିନ୍ଦର ସିଂହ, ତେଜିନ୍ଦ୍ର ସିଂହ



ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟଜଳ ଓ ଅଳ୍ପ ଆହାର ସେବା ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ୍ ଛାତ୍ରଛାତ୍ରୀ ମଧ୍ୟ ସାମିଲ୍ ହୋଇଥିଲେ। ନଗର କୀର୍ତ୍ତନର ଆଗରେ ସେବାଦାରମାନଙ୍କ ଝାଡ଼ୁଦଳ ରାସ୍ତା ପରିଷ୍କାର କରିଥିଲେ। ତାଙ୍କ ପଛରେ ନିଶାନ ଉପ୍ପଲ, ଜର୍ନେଲ ସିଂହ ସମେତ ବିଭିନ୍ନ ଗୁରୁଦ୍ୱାରାର ପ୍ରତିନିଧି ଓ ପଦାଧିକାରୀମାନେ ସାମିଲ ହୋଇଥିଲେ। ଗୁରୁ ଗୋବିନ୍ଦ ସିଂଙ୍କ ସାହସ, ତ୍ୟାଗ ଓ ଧାର୍ମିକ ସ୍ୱାଧୀନତାର ସୁରକ୍ଷା ପାଇଁ ତାଙ୍କ ବଳିଦାନକୁ ସ୍ମରଣ କରି ଏହି ପ୍ରକାଶ ପର୍ବ ଶ୍ରଦ୍ଧା, ସାଂସ୍କୃତିକ ଗରିମା ଓ ମାନବତାର ସନ୍ଦେଶ ପ୍ରସାର କରିଥିଲା।

# କଳାକେନ୍ଦ୍ର ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ

**ରାଉରକେଲା, ୨୯।୧୨(ସମିସ):** ସହରର ସୁପରିଚିତ ଫାଇନ ଆର୍ଟ 'ଚିତ୍ରକଳା କେନ୍ଦ୍ର'ର ଚିତ୍ରକଳା ପ୍ରଦର୍ଶନୀ ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ପୂର୍ବତନ ସ୍କୁଲ ଡିଆଇ ରଶ୍ମିବାଳା ରାଉତରାୟ ମୁଖ୍ୟଅତିଥି, ବିବେକାନନ୍ଦ ଦାସ ସମ୍ମାନିତ ଅତିଥି ଓ ସ୍ୱତନ୍ତ୍ର ଅତିଥି ଭାବେ ଅବତାର ଫିଲ୍ମର ଲିଡ଼ ଆନିମେଟର ମନ୍ଦୀପ ସିଂହ ଯୋଗଦେଇ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। କଳାକେନ୍ଦ୍ରର ଅଧ୍ୟକ୍ଷ ଦେବେନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇ ସେମାନଙ୍କ ସୃଜନଶୀଳ ଚିତ୍ରମାନ ପ୍ରଦର୍ଶିତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ସ୍ୱର୍ଗତ ଅଭିଳାଷ ନାୟକଙ୍କ ସ୍ମୃତିରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବାସନ୍ତୀ ମହାରଣା, ଉଷା ରାଣୀ ଶତପଥୀ, ଦେବିଶ୍ମିତା ବେହେରା, ଲଭଲି ଘୋଷ, ରଶ୍ମିରେଖା ବିଶ୍ୱାଳ, ମାଧୁରୀ ପ୍ରଧାନ, ସବିତା ବସା, କେ. ବିଜୟ ଭାସ୍କର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦେବେନ୍ଦ୍ର ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# କୁତ୍ରା ବ୍ଲକ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ରାଉରକେଲା/କୁତ୍ରା, ୨୯।୧୨(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ କୁତ୍ରା ବ୍ଲକ ପରିସରରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଯୋଗ ଦେଇ ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୪୨ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୧୬ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହିସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୫ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୪ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



### ପର୍ଯ୍ୟଟନ ସ୍ଥଳରେ ନାହିଁ ଆନୁଷଙ୍ଗିକ ସୁବିଧା

# ରୁକୁଡା ଡ୍ୟାମକୁ ବଣଭୋଜି ପାଇଁ ଆସି ହନ୍ତସନ୍ତ ପର୍ଯ୍ୟଟକ



**ବଣାଇଁ, ୨୯।୧୨(ସମିସ)**

ଆରମ୍ଭ ହୋଇଛି ପର୍ଯ୍ୟଟନ ଋତୁ। ଏବେ ପ୍ରତ୍ୟେକ ଦିନ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ହେଲେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ଲୋକଙ୍କ ପାଇଁ ମୌଳିକ ସୁବିଧା ନଥିବାରୁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଏକ ଦୃଶ୍ୟ ରବିବାର ବଣାଇଁ ଉପଖଣ୍ଡ ନରେନ୍ଦ୍ର ପଞ୍ଚାୟତ ଅଧୀନସ୍ଥ ରୁକୁଡା ଡ୍ୟାମରେ ଦେଖିବାକୁ ମିଳିଛି। ଏଠାକୁ ରବିବାର ଭୋଜି କରିବା ସହିତ ବୁଲିବା ପାଇଁ ଅନେକ ଦୂର ଦୂରାନ୍ତରରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଯାନବାହାନ ଯୋଗେ ଏହି ସ୍ଥାନକୁ ଆସିଥିଲେ। କିନ୍ତୁ ଭୋଜି ଭାତ ରୋଷେଇ କରିବା ପାଇଁ ସ୍ୱଚ୍ଛ ଜଳ ଟିକେ ନ ପାଇ ବାଧ୍ୟ ହୋଇ ସେହି ଡ୍ୟାମ ପାଣିରେ ରୋଷେଇ କରିଥିଲେ। ପାନୀୟ ଜଳ ପାଇଁ ଆଣିଥିବା କିଛି ବୋତଲ ପାଣି ଶେଷ ହୋଇଯାଇଥିବା ବେଳେ ଶୋଷରେ ଆଉଟୁ ପାଉଟୁ ହୋଇ ସେହି ଡ୍ୟାମ ପାଣି ପିଇବାକୁ ବାଧ୍ୟ ହୋଇଥିଲେ। ଯାହାକୁ ନେଇ ପର୍ଯ୍ୟଟକଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଡ୍ୟାମ ତଳେ ଥିବା ଏକ ମାତ୍ର ନଳକୂପ ଦୀର୍ଘ ଦିନ ହେବ ଅଚଳ ଅବସ୍ଥାରେ ପଡ଼ିରହିଥିଲେ ମଧ୍ୟ ସେଥିପ୍ରତି ସ୍ଥାନୀୟ ପଞ୍ଚାୟତ କିମ୍ବା ଡ୍ୟାମ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନାହାନ୍ତି। ଯାହା ଫଳରେ ଲୋକେ ଆଜି ଅନେକ ହନ୍ତସନ୍ତ ହୋଇଛନ୍ତି। ଗାଧୋଇ ଥିବା ସ୍ଥାନରୁ ହିଁ ଜଳ ନେଇ ରୋଷେଇ କରିଛନ୍ତି। ଆଉ କେତେକ ପର୍ଯ୍ୟଟକ ସ୍ୱଚ୍ଛ ଜଳ ଟିକେ ଆଣିବା ପାଇଁ ବାଧ୍ୟ ହୋଇ ଦୁଇଶହ ମିଟର ଦୂରରେ ଥିବା ଅନ୍ୟ ଏକ ନଳକୂପକୁ ଯାଇ ପାଣି ଆଣିଛନ୍ତି। ଆଗକୁ ପର୍ଯ୍ୟଟକଙ୍କ ଆହୁରି ଭିଡ଼ ପରିଲକ୍ଷିତ ହେବ। ତେଣୁ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ବିଭାଗୀୟ ଅଧିକାରୀ ତୁରନ୍ତ ନଳକୂପ ମରାମତି କରିବା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରାମକୃଷ୍ଣ ମିଶନରେ ଭକ୍ତ ସମ୍ମିଳନୀ



**ରାଉରକେଲା, ୨୯।୧୨(ସମିସ):** ଭାରତର ପୂର୍ବାଞ୍ଚଳରେ ଥିବା ସମସ୍ତ ରାମକୃଷ୍ଣ ମିଶନକୁ ନେଇ ଏକ ଭକ୍ତ ସମ୍ମିଳନୀ ସ୍ଥାନୀୟ ରାମକୃଷ୍ଣ ବିହାର ସ୍ଥିତ ରାମକୃଷ୍ଣ ମିଶନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଶାଖା ସଚିବ ଦିବ୍ୟ ସ୍ୱରୂପାନନ୍ଦ ଶାନ୍ତି ମନ୍ତ୍ର ଉଚ୍ଚାରଣ ଏବଂ ଗୀତାର ପଞ୍ଚଦଶ ଅଧ୍ୟାୟ ପାଠ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ରାଉରକେଲା ମିଶନର ପୂର୍ବତନ ସଚିବ ବୁଦ୍ଧ ଦେବାନନ୍ଦଙ୍କ ଦ୍ୱାରା ରାମକୃଷ୍ଣ ଭଜନ ଗାନ ପରେ ସାମୂହିକ ଧ୍ୟାନ ଏବଂ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। କଟକ ମିଶନରୁ ଆସିଥିବା ସ୍ୱାମୀ ଜୀବନାଥାନନ୍ଦ ଭକ୍ତ ସମ୍ମିଳନୀର ତାତ୍ପର୍ଯ୍ୟ ଉପରେ କହିଥିଲେ। ଭାଗବତରେ ଭକ୍ତମାନଙ୍କ ସମାଗମରେ ସେ ନିଜେ ଉପସ୍ଥିତ ରହିଥାନ୍ତି ବୋଲି ଭଗବାନ କହିଥିବା କହିଥିଲେ। ମୁଖ୍ୟ ଅତିଥି ଭୁବନେଶ୍ୱର ମିଶନର ଅଧ୍ୟକ୍ଷ ସ୍ୱାମୀ ଆବପ୍ରଭା ନନ୍ଦ ରାମକୃଷ୍ଣଙ୍କ ଜୀବନୀ ଓ କଥାମୃତ ଆଧାରରେ ମୁଖ୍ୟ ପ୍ରବଚନ ନିବେଦନ କରିଥିଲେ। ସୁସ୍ମିତା ନସ୍କର ଏବଂ ତାଙ୍କ ଶିଷ୍ୟ ରିଷଭ ଗୁରୁୱାରା ଭକ୍ତି ସଙ୍ଗୀତ ପରିବେଷଣ କରିଥିବା ବେଳେ କୁମାରୀ ସାରିନୀ ଗୁରୁ ଓଡ଼ିଶୀ ମଙ୍ଗଳାଚରଣ ନୃତ୍ୟ ସହ ଦେବୀ ବନ୍ଦନା ପରିବେଷଣ କରିଥିଲେ। ତିତଲି ଫାଉଣ୍ଡେସନର ପଲ୍ଲବ ଚାଟାର୍ଜୀ ଏବଂ ସାଥୀ ମାନେ ଶ୍ରୀଜଗନ୍ନାଥ କଥା ଆଧାରିତ ଏକାଙ୍କିକା ପଠନ କରିଥିଲେ। ଏହି ଅବସରରେ ମିଶନ ଶାଖା ପରିସର ଏବଂ ଷ୍ଟେସନ ନିକଟସ୍ଥ ଗୋପବନ୍ଧୁପାଲିଠାରେ ଦୁଇଟି ବସ୍ତିର ପ୍ରାୟ ଶହେରୁ ଉର୍ଦ୍ଧ୍ୱ ପିଲାମାନଙ୍କ ପାଇଁ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ମାଧ୍ୟମରେ ନିଃଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ କଟକ ଶାଖାର ଉପସଚିବ ମହେଶ ଆହାନନ୍ଦ ପରିଚାଳନା କରିଥିବାବେଳେ ରାଉରକେଲା ଶାଖା ସଭାପତି ଭାରତ ଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ଗୋରାଚାନ୍ଦ ଘୋଷ, ବରିଷ୍ଠ ସଦସ୍ୟ ଗନେନ ରାୟ ପ୍ରମୁଖ ସହାୟତା କରିଥିଲେ। ଏହି ସମ୍ମିଳନୀରେ ଭୁବନେଶ୍ୱର, କଟକ, ଘାଟଶିଳା, କଲିକତା, ଜାମସେଦପୁର, ଚେରାପୁଞ୍ଜି, ରାଞ୍ଚି, ସମ୍ବଲପୁର ଓ ରାଉରକେଲାର ୩୦ ଜଣ ମହାରାଜଙ୍କ ସହ ଦେଢ଼ ଶହରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ଶେଷରେ ରାଉରକେଲା ଶାଖା ସଚିବ ଦିବ୍ୟ ସ୍ୱରୂପାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ଯୁବନେତା କୈଳାଶ ମହାରଣାଙ୍କ ଦେହାନ୍ତ



ବରପାଲି, ୨୯।୧୨(ସମିସ): ବରପାଲିର ବିଶିଷ୍ଟ ସଙ୍ଗଠକ ବିଜେଡି ଯୁବନେତା କୈଳାଶ ମହାରଣା କର୍କଟ ପୀଡିତ ଭାବେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ବିୟୋଗ ହୋଇଯାଇଛି। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳ ତଥା ବିଜେଡି ଦଳରେ ଶୋକ ଖେଳିଯାଇଛି। ସୋମବାର ପୂର୍ବାହ୍ନରେ ତାଙ୍କର କପିଳେଶ୍ୱର ନଗର ବାସଭବନରେ ମୃତଶରୀର ପହଞ୍ଚିଲା ପରେ ଆଖପାଖ ବନ୍ଧୁବାନ୍ଧବ ପଡୋଶୀ ମାନଙ୍କ ସମେତ ବିଜେଡିର ବରିଷ୍ଠ ତୁଙ୍ଗ ନେତା ମାନଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଏନଏସି ଅଧ୍ୟକ୍ଷ ଦିନେଶ ଗହିରଙ୍କ ସହ ବହୁ କାଉନସିଲର, ବ୍ଲକର ବହୁ ସରପଞ୍ଚ, ସମିତିସଭ୍ୟ, କ୍ରୀଡାବିତ୍, କଳାକାର, ବୁଣାକାର ଏବଂ ହିତୈଷି ମାନେ ଶେଷ ଦର୍ଶନ ପାଇଁ ସାମିଲ ହୋଇଥିଲେ। ପରେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ବାରଖଣ୍ଡିଆ ଶ୍ମଶାନ ଘାଟରେ ପହଞ୍ଚିଲା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଚାଷୀଙ୍କ ସମସ୍ୟା ସମାଧାନ ଦାବି କଲା ବିଜେଡି

ବରଗଡ଼, ୨୯।୧୨(ସମିସ)



ଡିସେମ୍ବର ଶେଷ ହେବାକୁ ବସିଥିବା ବେଳେ ଚଳିତ ବର୍ଷ ଧାନ ବିକ୍ରି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ବରଗଡ଼ ଜିଲ୍ଲାର ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉ ଥିବାରୁ ଜିଲ୍ଲା ବିଜେଡି ତରଫରୁ ଗଭୀର କ୍ଷୋଭ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ରାଜ୍ୟ ସରକାର ଚାଷୀଙ୍କ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରନ୍ତୁ ଅନ୍ୟଥା ବିଜେଡି ଚାଷୀଙ୍କ ପାଇଁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ବିଜେଡି ଚେତାବନୀ ଦେଇଛି। ଧାନବିକ୍ରିରେ ଟୋକନ ପ୍ରଦାନରେ ଅନିୟମିତତା, ଅବ୍ୟବସ୍ଥା, ଧାନ ସଂଗ୍ରହ ପ୍ରକ୍ରିୟାକୁ ଜାଣି ଶୁଣି ବିଳମ୍ବ କରାଯିବା, ମିଲର୍ସ ଓ ଯୋଗାଣ ବିଭାଗ ଅପାରଗତା, କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଅତ୍ୟଧିକ କ୍ଷତିଗ୍ରସ୍ତ ହେବା, ଧାନର ଅଭାବୀ ବିକ୍ରି, ମଣ୍ଡିରୁ ମିଲକୁ ଧାନ ନେବା ପାଇଁ ଚାଷୀଙ୍କୁ ବାଧ୍ୟ କରାଯିବା, ଚାଷୀଙ୍କୁ ଅଖା ନ ଯୋଗାଇବା, ଧାନବିକ୍ରି ହେବାର ୧୫ ଦିନ ପର୍ଯ୍ୟନ୍ତ ଟଙ୍କା ନ ମିଳିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଏମଏସପି ୬୯ ଟଙ୍କା ପ୍ରଦାନ କରା ନ ଯିବା ଭଳି ସମସ୍ୟା ଗୁଡିକୁ ଦଳ ପକ୍ଷରୁ ଉତ୍ଥାପିତ କରାଯାଇଥିଲା। ଏସବୁର ତୁରନ୍ତ ସମାଧାନ ଦାବି ଜଣାଇ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝୀ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସୁଶାନ୍ତ ମିଶ୍ର, ଅନୁପ ଶତପଥୀ, ଗଣତନ୍ତ୍ର ପ୍ରଧାନ, କିଶୋର ଦେବତା, ହରିଶଙ୍କର ବେହେରା, ରାଜୁ ଘିବେଲା, ପଦ୍ମିନୀ ଗଡ଼ତିଆ, ରାଜ୍ୟ ଯୁବ ବିଜେଡିର ବରିଷ୍ଠ ଉପସଭାପତି ଜିତୁ ଭୋଇ,

**ସମାଧାନ ନ କଲେ ଆନ୍ଦୋଳନ ଚେତାବନୀ**

ସୁଶାନ୍ତ ସାହୁ, ସୁବ୍ରତ ଚାନ୍ଦ ଆନନ୍ଦ ଖମାରୀ, କୀର୍ତ୍ତି ଚନ୍ଦ୍ର ଦୁଆନ ନରେନ୍ଦ୍ର ପଣ୍ଡା, କମଳ ତାଣ୍ଡି, ଅବିନାଶ ମଲ୍ଲିକ, ଜ୍ୟୋତ୍ସ୍ନା ପାଇକ, କବିତା ବେହେରା, ନୀତୁ ମାହାଣା, ଅକ୍ରୁର ବାରିକ, ଉମାଚରଣ ରାଉତ, ରବୀନ୍ଦ୍ର ସାହୁ, ସୁନନ୍ଦା ପଣ୍ଡା, ସାରଳା ବଗର୍ତ୍ତି, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଚନ୍ଦନ ଗୁପ୍ତା, ପ୍ରକାଶ ଭୋଇ, ଭରତ ମହାନ୍ତି ପଦ୍ମଲୋଚନ ପଧାନ ପ୍ରମୁଖ ବିଜେଡି ନେତୃ ମଣ୍ଡଳୀ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ଜଣାଇଥିଲେ। ସମସ୍ତ ଚାଷୀଙ୍କୁ ଜାନୁଆରୀ ୧୦ ସୁଦ୍ଧା ଟୋକନ ପ୍ରଦାନ, ଟୋକନ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପ୍ରକୋଷ୍ଠ ଖୋଲା କରିବ. ଧାନକ୍ରୟ କେନ୍ଦ୍ରର ଦୈନିକ ଧାର୍ଯ୍ୟ ଦୁଇଗୁଣ କରିବା, ମଣ୍ଡି ଗୁଡିକୁ ଦଲାଲ ମୁକ୍ତ ଓ କଟନି ଛଟନି ବନ୍ଦ କରି ଏମଏସପି ୩୧୬୯ ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଯେହେତୁ ୩୦ ତାରିଖ ମୁଖ୍ୟମନ୍ତ୍ରୀ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ ଅତିଥି ଭାବେ ଯୋଗଦେବେ, ତାଙ୍କର ଗସ୍ତ ସମୟରେ ଧାନ କିଣାବିକାର ଅଗ୍ରଗତି ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକ କରି ଚାଷୀ ସମସ୍ୟାର ତ୍ୱରିତ ସମାଧାନ ସକାଶେ ବିଜୁ ଜନତା ଦଳ ବରଗଡ଼ ତରଫରୁ ଦୃଢ଼ ଦାବି କରାଯାଇଥିଲା।

# ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ବିରୋଧରେ ଶୋଭାଯାତ୍ରା

ପଦ୍ମପୁର, ୨୯।୧୨(ସମିସ): ବାଂଲାଦେଶୀଙ୍କ ହିନ୍ଦୁ ସମାଜ ପ୍ରତି ଅତ୍ୟାଚାର ବିରୋଧରେ ମଙ୍ଗଳବାର ପଦ୍ମପୁରରେ ବିଶାଳ ଶୋଭାଯାତ୍ରା ସହିତ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ବଙ୍ଗଳାଦେଶରେ ମହମ୍ମଦ ୟୁନୁସ ସରକାର ଆସିବା ପରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଦିନକୁ ଦିନ ବଢ଼ି ଚାଲିଥିବା ଅତ୍ୟାଚାର ବର୍ତ୍ତମାନ ସମସ୍ତଙ୍କ ପାଇଁ ବିଶେଷତଃ ଭାରତ ପାଇଁ ଏକ ଚିନ୍ତାର ବିଷୟ ହୋଇଛି। ଏଥିପାଇଁ ପଦ୍ମପୁରର ରାଜାଜି ଟାଉନ ହଲ ଠାରୁ ସକାଳ ୧୦ରେ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବ। ପରେ ଭେଡ଼ଁରିଆ ଛକ ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ପଦ୍ମପୁର ସହର ତଥା ଆଖପାଖ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଏଥିର ଯୋଗ ଦେବା ପାଇଁ ଆହ୍ୱାନ କରାଯାଇଛି। ପଦ୍ମପୁରର ସମସ୍ତ ଜାତି, ସମାଜ, ସାମାଜିକ ସଂଗଠନ ତଥା ଅନୁଷ୍ଠାନଗୁଡିକୁ ଏଥିରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯାଇଛି। ବିଶେଷ ଭାବେ ସମସ୍ତ ହିନ୍ଦୁ ଭାଇ ଭଉଣୀଙ୍କୁ ନିଜର ଧର୍ମରକ୍ଷା ତଥା ଭବିଷ୍ୟତ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ଆହ୍ୱାନ କରାଯାଇଛି।

# ଜୁହ୍ନାବ୍ରାହ୍ମଣୀ ଗାଁରେ ସତ୍ୟସାଇ ଭକ୍ତ ସମ୍ମିଳନୀ

ବରପାଲି, ୨୯।୧୨(ସମିସ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଜୁହ୍ନାବ୍ରାହ୍ମଣୀ ଗାଁରେ ଶ୍ରୀସତ୍ୟସାଇ ସେବା ସଂଗଠନ, ଓଡ଼ିଶା ପକ୍ଷରୁ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓମ୍ କାରମ୍, ସୁପ୍ରଭାତମ, ସହ ନଗର୍ ସଙ୍କୀର୍ତ୍ତନ କରି ଗାଁ ପରିକ୍ରମା ହୋଇଥିଲା। ଜୁହ୍ନାବ୍ରାହ୍ମଣୀ ଭଜନ ମଣ୍ଡଳୀର ଆବାହକ ସୁଶାନ୍ତ ଦିଶ୍ରୀ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନର ବରଗଡ଼ ଜିଲ୍ଲା ସଭାପତି ଭୁବନେଶ୍ୱର ସାହୁ, ଭାରତୀ ପାତ୍ରୀ, ଏବଂ ଡ.ରସରାଜ ଠାକୁର ଶ୍ରୀସତ୍ୟସାଇ ବାବାଙ୍କ ଅଲୌକିକ ବିଷୟବସ୍ତୁ ଉପରେ ସବିଶେଷ ବିବରଣୀ ଆଲୋଚନା କରିଥିଲେ। ସମ୍ମିଳନୀରେ ଗାଁର ଚୂଡାମଣି ବୁଡେକ ଏବଂ ଗିରିଜା ବୁଡେକ ବାବାଙ୍କ ଆଧ୍ୟାତ୍ମିକତାରେ ଲୀନ ହୋଇ ମନୋସ୍କାମନା ପୂର୍ଣ୍ଣ କରିଥିଲେ। ଭୀଷ୍ମଦେବ ପାଣ୍ଡେଙ୍କ ସଂଯୋଜନା ଏବଂ ବାଳ ବିକାଶ ଗୁରୁ ମନୋରଞ୍ଜନ ପାଣ୍ଡେ ଓ ଅହଲ୍ୟା ଦିଶ୍ରୀଙ୍କ ନିର୍ଦ୍ଦେଶନାରେ ବାଳ ବିକାଶ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗଙ୍ଗାଧର ବୁଡେକ ନିଜର ଅନୁଭୂତି ଓ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ଏବଂ ଶେଷରେ ସୁମନ୍ତ ଦିଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସହଁରା ସମାଜର ଦିନିକିଆ ତାଲିମ ଶିବିର

ପାଇକମାଲ, ୨୯।୧୨(ସମିସ): ପାଇକମାଲ ବ୍ଲକ ଗୋଇବାହାଲି ଶ୍ରୀଶ୍ରୀ ନୀଳମାଧବ ମନ୍ଦିର ପରିସରରେ ପଲସଦା ଆଞ୍ଚଳିକ କେନ୍ଦ୍ରର କର୍ମକର୍ତ୍ତା ନୃସିଂହନାଥ କେନ୍ଦ୍ର କମିଟି ଏବଂ ଜିଲ୍ଲା ସହଁରା ସମାଜର କର୍ମକର୍ତ୍ତାମାନଙ୍କର ମିଳିତ ସହଯୋଗରେ ଏକ ଦିବସୀୟ ସହଁରା ସମାଜ ଗନିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରରେ ସହଁରା (ଶବର) ଜନଜାତିର ବିବାହର ସମସ୍ତ ପୂଜାବିଧି, ରୀତିନୀତି ତଥା ପରମ୍ପରା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରାଯାଇଥିଲା। ତାଲିମ ଶିବିରରେ ବରଗଡ଼ ଜିଲ୍ଲା ପୂଜାବିଧି କର୍ମଶାଳା, ଗବେଷଣା କମିଟିର କୈଳାସ ଚନ୍ଦ୍ର ଭୁଏ, ବେଣୁଧର ଭୋଇ ଓ ରୋଶନ ଭୋଇ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ବରଗଡ଼ ସହଁରା ସମାଜ ସଭାପତି ଚତୁର୍ଭୁଜ ଭୋଇ, ନୃସିଂହନାଥ କେନ୍ଦ୍ର କମିଟି ସଭାପତି ଶଶୀଭୂଷଣ ରାଉତ, ଗୋଇବାହାଲି ପଲସଦା ଆଞ୍ଚଳିକ କେନ୍ଦ୍ରର ସଭାପତି ସୁଦାମ ବୁଡେକ ସମସ୍ତେ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ପଦ୍ମପୁର, ପାଇକମାଲ, ଝାରବନ୍ଧ ବ୍ଲକର ସମାଜପ୍ରେମୀ, ଜାତି ଭାଇମାନେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ତିନି ମାସର ଗୋଟିଏ ଗୋଟିଏ ସମାଜ ସଂସ୍କାର ସମ୍ବନ୍ଧୀୟ ପାଠଚକ୍ର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ କୃଷ୍ଣ ବାଗ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସାଧାରଣସଭା

ବରଗଡ଼, ୨୯।୧୨(ସମିସ): ସଂଘର ବାର୍ଷିକ ସାଧାରଣ ସଭା ଅଫିସ ପ୍ରାଙ୍ଗଣରେ ଜିଲ୍ଲା ଓ ବ୍ଲକ ସଂଘର ବହୁ ସଭ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଓ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସଭାପତି ପ୍ରୋ ଟହଲୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପ ସଭାପତି ନିର୍ମଳ କର ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ସ୍ୱାଗତ କରିଥିଲେ। ସଂଘର ସଭାପତି ପ୍ରମୋଦ ଝାଙ୍କର ସ୍ୱାଗତ ଭାଷଣରେ ବିଭିନ୍ନ ସେବା ଓ ସଚେତନତା କ୍ଷେତ୍ରରେ ସଂଘର ପ୍ରଶଂସନୀୟ କାର୍ଯ୍ୟ ଗୁଡ଼ିକୁ ଉପସ୍ଥାପିତ କରିଠିତଲେ। ମଞ୍ଚାସୀନ ମହାସଂଘ ମହାସଚିବ ପ୍ରହ୍ଲାଦ ମହାପାତ୍ର ସଂଘ ଭୂମିକା ବିଷୟରେ ସୂଚନା ଦେଇଥିଲେ। ସମ୍ପାଦକ ନାରାୟଣ ନାୟକ ଆଗାମୀ ପରିବାରିକ ମହାମିଳନରେ ଯୋଗଦେବାକୁ ନିବେଦନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଷଡଙ୍ଗୀ ଜିଲ୍ଲା ପାଇଁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ସହ ବରଗଡ଼ର ପ୍ରଗତି ରୂପରେଖ ଦର୍ଶାଇ ସଂଘକୁ ତାଙ୍କୁ ନୂତନ ପ୍ରସ୍ତାବର ପରାମର୍ଶ ଦେଇଥିଲେ। ଆସନ୍ତା ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ ବେଳେ ସଂଘ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାର ପାଇଁ ପ୍ରସ୍ତାବ ଦେଇଥିଲା। ସଂଘର ସମ୍ପାଦକ ଗୋବିନ୍ଦ ଦାଶ ସମ୍ପାଦକୀୟ ବିବରଣୀ ଦେଇଥିଲେ। କୋଷାଧ୍ୟକ୍ଷ ପ୍ରସନ୍ନ ପ୍ରଧାନ ଆୟ ବ୍ୟୟର ହିସାବ ପଠନ କରିଥିଲେ। ବରିଷ୍ଠ ସଭ୍ୟ ସର୍ଦାର ପ୍ରୀତମ ସିଂଙ୍କୁ ତାଙ୍କର ସମାଜିକ ଉପଲବ୍ଧି ପାଇଁ ସମ୍ମାନିତ କରାଯାଇଥିଲା। ଉପସଭାପତି ଗୌନ୍ତିଆ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପାରବର୍ତ୍ତୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ସଂଘର ଉପଦେଷ୍ଟା ମଣ୍ଡଳୀ ଘୋଷଣା କରିଥିଲେ।




ନୂତନ ସଭାପତି କେଦାର ମିଶ୍ର, ଉପସଭାପତି ଗୌନ୍ତିଆ ସାହୁ ଓ ନିର୍ମଳ କର, ସମ୍ପାଦକ ଗୋବିନ୍ଦ ଦାଶ, ସହ ସମ୍ପାଦକ ଆନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ପ୍ରସନ୍ନ ପ୍ରଧାନ ଓ ସଂଗଠନ ସମ୍ପାଦକ ଯୋଗେଶ ଚନ୍ଦ୍ର ଦାଶ ଓ ଉପଦେଷ୍ଟା ମଣ୍ଡଳୀଙ୍କ ନାମ ଓ କାର୍ଯ୍ୟ ବରିଷ୍ଠ ଉପଦେଷ୍ଟା ଅମରେନ୍ଦ୍ର ନାରାୟଣ ଯାଦବ ଘୋଷଣା କଲେ। ଏହାସହ ସଭ୍ୟଙ୍କୁ ଧନ୍ୟବାଦ ଓ ଶାନ୍ତିପାଠ ପରେ ସଭା ସମାପ୍ତ ହୋଇଥିଲା।

● ଛିନ୍ଦେଇକେଲା କ୍ରିକେଟ କପ୍

# ଝାରସୁଗୁଡ଼ା ପ୍ରୋଗେସିଭ୍‌କୁ ହରାଇ ଫାଇନାଲରେ ରାଞ୍ଚି ମେକନ

ପାଇକମାଲ, ୨୯।୧୨(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ୨୯ ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଝାରସୁଗୁଡ଼ା ପ୍ରୋଗେସିଭକୁ ହରାଇ ରାଞ୍ଚି ମେକନ ଫାଇନାଲକୁ ପ୍ରବେଶ କରିଛି। ଉଦ୍‌ଘାଟନୀ ଉତ୍ସବରେ ଛିନ୍ଦେଇକେଲା ହାଇସ୍କୁଲ ପ୍ରଧାନଶିକ୍ଷକ କାହ୍ନୁଚରଣ ମେହେର ଓ ସମ୍ମାନିତ ଅତିଥି ଭାବେ ଗୋପିନାଥ ଗ୍ରୁପ୍ ଅଫ୍ ଇଣ୍ଡିଚ୍ୟୁଟ ପ୍ରୋପାଇଟର ହେମସିଂ ମାଝୀ, ସମାଜସେବୀ ବିକ୍ରାନ୍ତ ଶେଖର ବିଶି ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ଝାରସୁଗୁଡ଼ା ପ୍ରୋଗେସିଭ ଦଳ ପ୍ରଥମ ବ୍ୟାଟିଂ କରି ୧୭.୪ ଓଭରରେ ସମସ୍ତ ୱିକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା। ରାଞ୍ଚି ଦଳରୁ ଅନୁଜ ସିଂ ୪, ଅନିବନ ଚାଟାର୍ଜୀ ୨, କ୍ୱାଇଜ ମହମ୍ମଦ ୨ ଓ ସୁମିତ ସୌରଭ, ଅକସତ ଝା ୧ ୱିକେଟ ଲେଖାଏଁ ନେଇଥିଲେ। ୮୯ ବିଜୟ ଲକ୍ଷ୍ୟ ନେଇ ରାଞ୍ଚି ମେକନ ଦଳ ୧୪.୧ ଓଭରରେ ୬ ୱିକେଟ ହରାଇଥିଲା ଏବଂ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଭିସ୍ତଲ ତିୱାରୀ ସର୍ବାଧିକ ୨୫ ରନ ସଂଗ୍ରହ କରିଥିଲେ। ଝାରସୁଗୁଡ଼ା ଦଳରୁ ଭୈରବ ରାଏ ସର୍ବାଧିକ ୩ ୱିକେଟ ନେଇଥିଲେ। ଓସିଏ ଅମ୍ପାୟାର ଅମୀୟ ଭୂଷଣ ସାହୁ ଓ ଅକ୍ଷୟ ସାହାଣୀ ଖେଳ ପରିଚାଳନା କରିଥିଲେ। ବୁନିଲ ସାହୁ, ରିଷଭ ସାହୁ ଓ ଧିରେଶ ସାହୁ ସ୍କୋରର ଥିବା ବେଳେ ରମେଶ ଚନ୍ଦ୍ର ସାହୁ, ନରେନ୍ଦ୍ର ନାଏକ, ଜୟେକ୍ରିଷ୍ଟା ସୁନାନୀ ଓ ପ୍ରହ୍ଲାଦ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ନୂଆପଡ଼ା ଜିଲ୍ଲା ବିଜେପି ଯୁବାମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ସୁଶାନ୍ତ ପତି, ଶିବ ପ୍ରସାଦ ରଥ, ହେମ ସିଂ ମାଝୀ, ବିକ୍ରାନ୍ତ ଶେଖର ବିଶି, କାହ୍ନୁଚରଣ ମେହେର, ମନୋଜ ସାହୁ, ସଦାନନ୍ଦ ବିଶି ହେମ ସାହୁ, ନନ୍ଦି କିଶୋର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଞ୍ଚି ଦଳର ଅନୁଜ ସିଂଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଏହି ଅବସରରେ ହେମ ସାଗର ସାହୁ, ରୋହିତ ସାହୁ, ପ୍ରଶାନ୍ତ ସାହୁ, ସ୍ୱତନ୍ତ୍ର ସାହୁ, ବିନନ୍ଦ ସାହୁ, ଆନନ୍ଦ ସାହୁ, ମଣ୍ଟୁ ସାହୁ, ନରେଶ ସାହୁ, ଜତୀନ ସାହୁ, କାହ୍ନୁଚରଣ ସାହୁ ଉପସ୍ଥିତ ଥିବା ବେଳେ ଆକାଶ ସାହୁ, ଆଦର୍ଶ ସାହୁ, ଜୟକିଶୋର ସୁନା, ରୂପକ ସେଠ, ସୁପିନ ସାହୁ, ସତ୍ୟ ସାହୁ, ଦୀପକ ସାହୁ, ବିଲାସ ବେହେରା, ବିକାଶ ବେହେରା, ପୁସ୍ତମ ବଗର୍ତ୍ତି, ପ୍ରକାଶ ସେଠ, ସଞ୍ଜୀବରଣା, ସୁରଜ୍ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ମଙ୍ଗଳବାର ରାଞ୍ଚି ମେକନ (ଝାଡଖଣ୍ଡ) ଓ ପ୍ରୟାଗରାଜ (ୟୁପି) ମଧ୍ୟରେ ଫାଇନାଲ ମ୍ୟାଚ୍ ମୁକାବିଲା ହେବ ବୋଲି ଆୟୋଜକ ସଭାପତି ଯତୀନ ସାହୁ ସୂଚନା ଦେଇଛନ୍ତି।




# ବଗେଇବିରାରେ ମହିଳା ଫୁଟବଲ ପ୍ରତିଯୋଗିତା : ସମ୍ବଲପୁର ମହିଳା ଏକାଦଶ ଚାମ୍ପିଅନ

ବରଗଡ଼, ୨୯।୧୨(ସମିସ): ବରଗଡ଼ ବ୍ଲକ ବଗେଇବିରା ଠାରେ ସ୍ଥାନୀୟ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଏକ ଦିବସୀୟ ମହିଳା ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର, ଝାରସୁଗୁଡ଼ା, ଟିଟିଲାଗଡ଼ ଓ ବରପାଲି ସମେତ ୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ ସମ୍ବଲପୁର ଓ ଝାରସୁଗୁଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ୫-୪ ପେନାଲ୍ଟି ସୁଟଆଉଟ୍ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ବରପାଲି ବ୍ଲକ ଓ ବରଗଡ଼ ବ୍ଲକ ମଧ୍ୟରେ ଏକ ଭେଟରାନ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଏହି ଭେଟରାନ୍ ମ୍ୟାଚ୍‌ରେ ବରପାଲି ଏକାଦଶ ପେନାଲ୍ଟି ସୁଟଆଉଟ ୩-୧ ଗୋଲରେ ବିଜେତା ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ତଥା ଗୋବିନ୍ଦପୁର କୃଷି ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ତଥା ଗୋବିନ୍ଦପୁର କୃଷି ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ନାଏକ, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ସମିତି ସଭ୍ୟ ଜ୍ଞାନ ଚନ୍ଦ୍ର ବିଶ୍ୱାଳ, ସଦର ଥାନା ଏସ୍‌ଆଇ ମନିଷା ବିଗ୍, ବିଏସଏଫ ଜବାନ ଅର୍ଜୁନ ଷଣ୍ଢ, ଉସଦ ସା, ଗୋବିନ୍ଦପୁର ଯୁବକ ସଂଘର ରଞ୍ଜନ ଦାଶ, ମନୋଜ ବାରିକ, ଉତ୍ତର ସାହୁ, ପୂର୍ବତନ ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନ, ସଚ୍ଚିଦାନନ୍ଦ ପଣ୍ଡା, ସୁବାସିନୀ ତାଣ୍ଡି, ପୁଷ୍ପାଞ୍ଜଳୀ ବନଛୋର, ମୌଥିଲି ହିଆଲ, ସୁରେଶ୍ୱରୀ ଭୁଏ, ସନ୍ତୋଷିନୀ କୁଅଁର, ଶିବାଜୀ ପ୍ରଧାନ, ରାଜୀବ କୁଅଁର ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ପ୍ରତିଯୋଗିତାରେ ବିଜେତା, ଉପବିଜେତା ଦଳ ସହ କୃତୀ ଖେଳାଳିଙ୍କୁ ଟ୍ରଫି ଓ ପୁରସ୍କାର ରାଶି ଦେଇ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମ୍ୟାନ୍ ଅଫ୍ ଦ ସିରିଜ୍ ଜ୍ୟୋତ୍ସ୍ନା ଲାକ୍ରା, ବେଷ୍ଟ ଡିଫେନ୍ସ ସୁବାସିନୀ ମିଞ୍ଜ, ମ୍ୟାନ୍ ଅଫ୍ ଦ ଫାଇନାଲ ମ୍ୟାଚ୍ ନିରୁଙ୍କୁ ପ୍ରଦାନ କରାଯାଇଥିଲା। ଏହା ସହିତ ଭେଟରାନ୍ ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବରପାଲି ବ୍ଲକ ଦଳର ଟିମନଙ୍କୁ ପ୍ରଦାନ କରାଯାଇଥିଲା। ଅଞ୍ଚଳରେ ପ୍ରଥମଥର ପାଇଁ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ହୋଇଥିବାରୁ ଶତାଧିକ ମହିଳାଙ୍କ ସମେତ ବହୁସଂଖ୍ୟାରେ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା। ଟୁର୍ଣ୍ଣାମେଣ୍ଟର ପରିଚାଳନାରେ ଆଥଲେଟିକ ଆସୋସିଏସନ୍‌ର ଅକ୍ଷୟ ବିଶି, ମନୋଜ ପୁରୋହିତ, ସାହିଲ ମାଝୀ, ଅରୁଣ ବିଶି, ସମୀର ଭୁଏ, ଚିଣ୍ଟୁ ଭୁଏ, ସମୀର ନାଏକ, ରିତିଶ ସାହୁ, ଟୁନାରାମ ପ୍ରଧାନ, ସୁନନ୍ଦ ଭୁଏ, ଭାବେନ୍ଦ୍ର ବିଭାର, ମନୁ ବିଶି, ସୌମ୍ୟରଞ୍ଜନ ଷଣ୍ଢ, ମନବୋଧ ଭୋସାଗର, ଅମିତ ଷଣ୍ଢ, ରାହୁଲକୁଅଁର, ଅଲିସ ପ୍ରଧାନ, ସମୀର ତାଣ୍ଡି, ସନି ବିଭାର, ଶୁସାନ୍ତ ବିଭାର, ବାବୁସାନ ନାଗ୍, ସୌରଭ ସିରିଏଲ, ଶମ୍ଭୁ ସେଠ୍, ତିଲକ ଦରଦ ମେଘ, ଆଦିତ୍ୟ ବରିହା, ବିରେନ୍ଦ୍ର ବିଭାର, ଓମ୍ ଚାନ୍ଦ, ଖଗେଶ୍ୱର ଭୋସାଗର, ଅମିଲ ଷଣ୍ଢ, ମନୋଜ ବିଶି, ଯୁବରାଜ ଭୁଏ, ଅଙ୍କିତ ଷଣ୍ଢ, ଔରସ ସେଠ୍, ଶୁକେଶ ଷଣ୍ଢ, ଯୀଶୁ ବାଘ, ଗୋଲୁ ଷଣ୍ଢ, ଦିନେଶ ଭୁଏ, ସୁମନ୍ ସେଠ୍, ବିକାଶ ଷଣ୍ଢ, ରାଜା ଷଣ୍ଢ, କ୍ରିଷ୍ଣା ବାଘ ସମେତ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଗାଁର ପୂର୍ବତନ ବରିଷ୍ଠ ଖେଳାଳି ଗଜେନ୍ଦ୍ର ପ୍ରଧାନ, ଭୀମସେନ୍ ବାଘ, ଦୁଷ୍ମନ୍ତ ପ୍ରଧାନ, ନଟ ଗଡ଼ତିଆ, ବିଏସଏଫ ଜବାନ ଅର୍ଜୁନ ଷଣ୍ଢ, ବିଜୟ ଷଣ୍ଢ ସମେତ ସମସ୍ତ ପୂର୍ବତନ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା। ଆଥଲେଟିକ୍ ଆସୋସିଏସନ୍‌ର ସଦସ୍ୟ ତଥା ବଗେଇବିରା ଇଣ୍ଡିଆନ ମିଲିଟାରୀ ଏକାଡେମୀର ପ୍ରତିଷ୍ଠାତା ପୁରନ୍ଦର ଭୋସାଗର ମଞ୍ଚ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।



# ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍ ଉପରେ ସରକାରଙ୍କ ଦୃଷ୍ଟିପଡୁ

ପାଇକମାଲ, ୨୯।୧୨(ସମିସ)



ବରଗଡ଼ ଜିଲ୍ଲାର ଦୁଇଟି ବେଶ୍ ଲୋକପ୍ରିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରହିଛି। ପ୍ରଥମଟି ହେଲା ବୋଡାସମ୍ବର କପ୍ ଓ ଅନ୍ୟାନ୍ୟ ହେଉଛି ଛିନ୍ଦେଇକେଲା କ୍ରିକେଟ କପ୍। ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ ଗାଁ ଠୁ ସହର ତଥା ରାଜ୍ୟବ୍ୟାପୀ ନିଜର ପରିଚୟ ସୃଷ୍ଟି କରିପାରିଛି। ପ୍ରତ୍ୟେକ ବର୍ଷ ଡିସେମ୍ବର ୨୪ରୁ ୩୦ ତାରିଖ ଯାଏଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥାଏ। ପ୍ରତ୍ୟେକ ବର୍ଷ ଶୀତ ଛୁଟି ବା ଧାନକଟା ଛୁଟିରେ ଏହି ଟୁର୍ଣ୍ଣାମେଣ୍ଟ ହେଉଥିବା ବେଳେ ଚଳିତ ବର୍ଷ ଏହାର ୨୯ ତମ ସଂସ୍କରଣ ଆୟୋଜିତ ହେଉଛି।

ଛିନ୍ଦେଇକେଲା ଗାଁ ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ତଥା ଜିଲ୍ଲାର ସୀମାନ୍ତ ଅଞ୍ଚଳ। ଗାଁକୁ ଲାଗିକି ନୂଆପଡ଼ା ଜିଲ୍ଲା, ବଲାଙ୍ଗିର ଜିଲ୍ଲା ତଥା ପାଖ ରାଜ୍ୟ ଛତିଶଗଡ଼ ରହିଛି। ଗାଁ ଯୁବକମାନେ ଅଞ୍ଚଳର କ୍ରୀଡାପ୍ରେମୀଙ୍କ ଅନୁରୋଧ କ୍ରମେ ପ୍ରତ୍ୟେକ ବର୍ଷ ଲୋକଙ୍କ ଠାରୁ କିଛି ଆର୍ଥିକ ସହାୟତା ମାଗି ଏହି ଟୁର୍ଣ୍ଣାମେଣ୍ଟ କରିଥାନ୍ତି। ଟୁର୍ଣ୍ଣାମେଣ୍ଟକୁ ଆଗେଇ ନେଇଥାନ୍ତି ବିଭିନ୍ନ ସ୍ୱନସର ଯେପରି କି ମହାମାୟା ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସ ଏମଡି ଟଙ୍କଧର ସାହୁ, ଓମ୍ ଷ୍ଟୋନ୍ କ୍ରସର ଏମଡି ଶତ୍ରୁଘ୍ନ ସାହୁ, ପାଇକମାଲ ଜିନ୍ଦଲ ସପିଂ ମଲ ପ୍ରୋପାଇଟର ଅଶୋକ ଜିନ୍ଦଲ, ମାଣ୍ଡୋସିଲ ଶ୍ରୀଟିଭିଏସ ପ୍ରୋପାଇଟର ବିଜୟ ସାହୁ, ଛିନ୍ଦେଇକେଲା ମଧୁଶ୍ରୀ ଏମଡି ପଙ୍କଜ ଭୋଇ, ଓୟୁଏମ ଡୋରସ ପ୍ରୋପାଇଟର ସୌଦାଗର ସାହୁ, ବିନନ୍ଦ ଷ୍ଟିଲ ଓ ସିମେଣ୍ଟ ପ୍ରୋପାଇଟର ବିନନ୍ଦ ସାହୁ, ମାନସ ମେଡିକାଲ ଷ୍ଟୋର ପ୍ରୋପାଇଟର ପ୍ରଦୀପ୍ତ ସାହୁ, ଲିପିକା ଟେଣ୍ଟ ହାଉସ ପ୍ରୋପାଇଟର ସନ୍ତୋଷ ସାହୁ, ସତ୍ୟ କୋଲଡ୍ରିଙ୍କ୍ ଓ କିରାନା ଷ୍ଟୋର ପ୍ରୋପାଇଟର ଶୁଶାନ୍ତ ସାହୁ, ଏମଏମ ଷ୍ଟୁଡିଓ ପ୍ରୋପାଇଟର ଧିରେଶ ସାହୁ ତଥା ସୋସିଆଲ ମିଡିଆ ପାର୍ଟନର ଭାବେ ହେପି ପାଇକମାଲ ପ୍ରତିଷ୍ଠାତା ଯୋଗେଶ ଅଗ୍ରୱାଲ ପ୍ରମୁଖ। ନିମନ୍ତ୍ରିତ ଅତିଥି ଭାବେ ରାଜନେତା, ସରକାରୀ କର୍ମଚାରୀ, ସମାଜସେବୀ, ସାମ୍ବାଦିକ ତଥା ବିଶିଷ୍ଟ ବ୍ୟକ୍ତିମାନେ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥାନ୍ତି। ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଗଣମାଧ୍ୟମ, ବ୍ଲଗର ତଥା ୟୁଟୁବରମାନେ ସହାୟତା ଯୋଗାଇ ଦେଇଥାନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଦେଖିବାକୁ ପଡୋଶୀ ଜିଲ୍ଲାରୁ ହଜାର ହଜାର ଦର୍ଶକମାନେ ଆସିଥାନ୍ତି। ଏକ ଛୋଟିଆ ଗ୍ରାମାଞ୍ଚଳରେ ଏତେ ବଡ ଟୁର୍ଣ୍ଣାମେଣ୍ଟ ବର୍ଷ ବର୍ଷ ଧରି ହେଉଛି। ଏଥିରେ ସରକାର ଯଦି କିଛି ଆର୍ଥିକ ସହଯୋଗ କରନ୍ତେ ଆଗକୁ ଟୁର୍ଣ୍ଣାମେଣ୍ଟ ଆହୁରି ବଡ଼ ହେବା ସହ ସର୍ବ ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟକୁ ଉପସ୍ଥାପିତ କରି ପାରନ୍ତା ବୋଲି ବୋଲି ଅଞ୍ଚଳର କ୍ରୀଡ଼ାପ୍ରେମୀ ମତ ପ୍ରକାଶ କରିଛନ୍ତି।

# ଘେଁସରେ ରାଜ୍ୟସ୍ତରୀୟ ବୀରତା ଦିବସ ପାଇଁ ପ୍ରସ୍ତୁତି

ମେଲଛାମୁଣ୍ଡା, ୨୯।୧୨(ସମିସ): ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର, ବରଗଡ଼ ଜିଲ୍ଲା ପ୍ରଶାସନ ଓ ସହିଦ କୁଞ୍ଜଲ ସିଂ କ୍ଲବ୍ ଘେଁସର ମିଳିତ ଆନୁକୂଲ୍ୟରେ ୩୦ ଡିସେମ୍ବର ମଙ୍ଗଳବାର ଘେଁସ ରାଜବାଟୀ ଠାରେ ରାଜ୍ୟସ୍ତରୀୟ ବୀରତା ଦିବସ ପାଳନ ହେବ। ସହିଦ ଜାତୀୟ ବୀର ଘେଁସ ଜମିଦାର ମାଧୋ ସିଂ ଓ ତାଙ୍କ ଚାରିପୁତ୍ର ସହିଦ କୁଞ୍ଜଲ ସିଂ, ସହିଦ ହଟେ ସିଂ, ସହିଦ ବୈରୀ ସିଂ ଓ ସହିଦ ଐରୀ ସିଂଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ରହିଛି। ଏନେଇ ଘେଁସ ଡାକ ବଙ୍ଗଳାରେ ଏକ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ୩୧ ଡିସେମ୍ବରରେ ବୀରତା ଦିବସ ପାଳନ ହୋଇଥାଏ। ଚଳିତବର୍ଷ ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ୩୧ ଡିସେମ୍ବରରେ ପାଳନ ହେବାକୁ ଥିବା ବୀରତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଣୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ, ବରଗଡ଼ ଜିଲ୍ଲା ପ୍ରଶାସନ ଓ ସହିଦ କୁଞ୍ଜଲ ସିଂ କ୍ଲବ୍ ଘେଁସ ଦ୍ୱାରା ଆୟୋଜିତ ବୀରତା ଦିବସ କାର୍ଯ୍ୟକ୍ରମ ଡିସେମ୍ବର ୩୦ ତାରିଖରେ ପାଳନ କରାଯିବାର ସ୍ଥିରୀକୃତ ହୋଇଛି। ସହିଦ ମାଧୋ ସିଂଙ୍କ ଦାୟାଦ୍ ଲୋକେଶ୍ୱର ସିଂ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସହିଦ କୁଞ୍ଜଲ ସିଂ କ୍ଲବ୍‌ର ସଭାପତି ଅଶୋକ ପୂଝାରୀ, ସମ୍ପାଦକ ସୁଦାମା ବାରିକ, କୋଷାଧ୍ୟକ୍ଷ ଡୋଲାମଣି ପଟେଲ, ମୁରଲିଧର ଭୋଇ, ଘେଁସ ଗ୍ରାମ୍ୟ କମିଟି ସମେତ ଘେଁସ ଓ ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ କ୍ଲବ୍ ମାନଙ୍କର ସଦସ୍ୟ ଉପସ୍ଥିତ ଥିଲେ। ୩୦ ଡିସେମ୍ବର ସନ୍ଧ୍ୟା ୫ରେ ସ୍ଥାନୀୟ ସହିଦ ସ୍ମୃତିସ୍ତମ୍ଭ ଠାରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ରହିଥିବା ବେଳେ ସଂଧ୍ୟା ୬ରେ ସାଧାରଣ ସଭା ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡ.ହଲଧର ନାଗ, ସ୍ୱତନ୍ତ୍ର ଅତିଥି ଭାବେ ଡ.ପ୍ରଭାସ ସିଂହ (ପୂର୍ବତନ ସାଂସଦ, ବରଗଡ଼) ଓ ପୂର୍ବତନ ସାଂସଦ ମହାସମୁନ୍ଦ, ଛତିଶଗଡ଼ ରାଜ୍ୟର ଚୁନ୍ନିଲାଲ ସାହୁ ଯୋଗ ଦେବେ। ବିଶିଷ୍ଟ ଅତିଥି ଭାବେ ଗୋବର୍ଦ୍ଧନ ଭୁଏ( ପ୍ରତିଷ୍ଠାତା, ପଶ୍ଚିମ ଓଡ଼ିଶା ଆଦିବାସୀ ସଂଘ), ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ.ଜଗଦୀଶ ମିଶ୍ର (ଟିଏଫ ଜୁନିଅର କଲେଜ ବରଗଡ଼), ସମ୍ମାନିତ ଅତିଥି ଭାବେ ଲୋକେଶ୍ୱର ସିଂହ ବରିହା ଓ ଜମିଦାର ରଣଜିତ ସିଂ ବରିହା (ଦାୟାଦ, ସହିଦ ମାଧୋ ସିଂ ପରିବାର) ଯୋଗଦାନ କରିବା ସୂଚନା ରହିଛି।

# ଭାରତୀୟ ଜାତୀୟ କଂଗ୍ରେସ ଦଳର ପ୍ରତିଷ୍ଠା ଦିବସ

ନବରଙ୍ଗପୁର, ୨୯।୧୨(ସମିସ): ଭାରତୀୟ ଜାତୀୟ କଂଗ୍ରେସ ଦଳର ୧୪୦ ତମ ପ୍ରତିଷ୍ଠା ଦିବସ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପାଳନ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସୁଶ୍ରୀ ଲିପିକା ମାଝୀ ଦଳୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ ଏକ ଆଲୋଚନା ଚକ୍ର କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ପ୍ରଦେଶ କଂଗ୍ରେସ ଉପ ସଭାପତି ତଥା ନବରଙ୍ଗପୁର ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଏ ଶିବରାମ ରାଜୁ, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦା ତ୍ରିପାଠୀ ଏହି ଆଲୋଚନାରେ ଭାଗନେଇ କଂଗ୍ରେସ ସଂଗଠନ ଉପରେ ଆଲୋକପାତ କରିଥିଲେ। ସଭା ଆରମ୍ଭରୁ ସ୍ଥାନୀୟ ଗାନ୍ଧୀ ଛକଠାରେ ଉପସ୍ଥିତ ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କ ଦ୍ୱାରା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉପସ୍ଥିତ ବରିଷ୍ଠ ନେତା ମୁନା ତ୍ରିପାଠୀ ବିସ୍ତୃତ ଦଳ ନେଇ ଭାବେ ଆଲୋଚନା କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଡ.ଲିପିକା ମାଝୀ ଉଦ୍‌ବୋଧନ ଦେଇ ବିଗତ ଦିନରେ ଦଳ ଓ କର୍ମୀଙ୍କ ମଧ୍ୟରେ ହୋଇଥିବା ମନାନ୍ତର ମତାନ୍ତର ହେତୁ ଦଳର କ୍ଷତି ହୋଇଥିବା କହିଥିଲେ। ଆଗାମୀ ଦିନରେ ସେସବୁକୁ ଭୁଲି ସଂଗଠନକୁ ଆଗକୁ ନେବାପାଇଁ ଜିଲ୍ଲାର ସମସ୍ତ ଦଳୀୟ କର୍ମୀଙ୍କ ସହଯୋଗ କାମନା କରିଥିଲେ। ଏ.ଶିବରାମ ରାଜୁ ଦଳକୁ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାରେ ଥିବା ୧୦ ଗୋଟି ବ୍ଲକ ଓ ୨ ଗୋଟି ପୌର ପରିଷଦ ର କର୍ମୀଙ୍କୁ ଏକଜୁଟ କରି କାମ କଲେ ସଂଗଠନ ସୁଦୃଢ ହୋଇ ପାରିବ ବୋଲି ପ୍ରକାଶ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପିସିସି ସଭ୍ୟ ଦିଲ୍ଲୀପ କୁମାର ବେହେରା, ଏଆଇସିସି ଆଦିବାସୀ କଂଗ୍ରେସ ସଂଯୋଜିକା




ହାରାବତୀ ଗଣ୍ଡ, କୋରାପୁଟ ଆଦିବାସୀ କଂଗ୍ରେସ ସଭାପତି ଅନାମୁ ଦିଆନ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ, ନବରଙ୍ଗପୁର ଟାଉନ କଂଗ୍ରେସ ସଭାପତି ପ୍ରଦିପ ସାହୁ, ପାପଡ଼ାହାଣ୍ଡି କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ର, ଆଜିର ହୁସେନ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତୁଫାନ ଷଡଙ୍ଗୀ, ଗଣେଶ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସମ୍ପାଦକ ହୁଶୁନା ବାନ, ହାଇଶା ବାନ, କମଳା ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବନମାଳୀ ଭତରା, ବରିଷ୍ଠ ନେତା ବାସୁଦେବ ପଟ୍ଟନାୟକ, ନରହରି ମାଝୀ, ବାମଦେବ ନାୟକ, ମୁକେଶ ଗୁପ୍ତା, ଅଜୟ କୁଲଦୀପ, ଚକ୍ରଧର ଦିସାରୀ, ଉମା ଶଙ୍କର ଷଡଙ୍ଗୀ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନକଲି ମଦ ପ୍ରସ୍ତୁତ କେନ୍ଦ୍ର ଉପରେ ଚଢ଼ଉ

# ବିପୁଳ ନକଲି ବିଦେଶୀ ମଦ ଜବତ

ଜୟପୁର/କୋଟପାଡ, ୨୯ ।୧୨(ସମିସ)

କୋରାପୁଟ ଜିଲା କୋଟପାଡ ଥାନା ବଣ୍ଡାଗୁଡାରେ ଭଡ଼ାଗୃହରେ ଚାଲିଥିବା ଏକ ନକଲି ବିଦେଶୀ ମଦ ପ୍ରସ୍ତୁତ କେନ୍ଦ୍ର ଉପରେ ଜୟପୁର ଅବକାରୀ ବିଭାଗର ଚଢ଼ଉ କରାଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜୟପୁର ଉପ ଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଅବକାରୀ ସର୍କଲ ଇନସପେକ୍ଟର ଶଶିକାନ୍ତ ଦତ୍ତଙ୍କ ନେତୃତ୍ୱରେ ୩ଟି ଦଳ ଗଠନ କରାଯାଇ ଚଢ଼ଉ କରାଯାଇଥିଲା। ଉକ୍ତ ବିଭିନ୍ନ କମ୍ପାନୀର ଲେବଲ ଲାଗିଥିବା ପ୍ରସ୍ତୁତ ନକଲି ବିଦେଶୀ ହୁସ୍କି ମଦ ୧୬୭ କାର୍ଟୁନ ପେଟିରୁ ୮୪୬୪ ବୋତଲରେ ୧୫୪୫ ଲିଟର ୩୬ ମିଲି ଲିଟର ଜବତ କରାଯାଇଛି।



୧୮୦ ଏବଂ ୩୭୫ ମିଲିଲିଟର ବୋତଲରେ ଏହି ନକଲି ମଦ ଭର୍ତ୍ତି କରାଯାଇ କାର୍ଟୁନରେ ରଖାଯାଇଥିଲା ସେହିପରି କମ୍ପାନୀ ଲେବଲ ଷ୍ଟିକର ୧୫୮୪୭, କର୍କ ୭୧୭୫ କାରାମେଲ ୬ କେଜି, ଏଚବି ସ୍ପିରିଟ ୭ ଲିଟର, ବ୍ଲେଣ୍ଡଡ ସ୍ପିରିଟ ୧୨୦ ଲିଟର, ପାଣି କଣ୍ଟେନର ୪ଟି, ବୋକେଟ ୨୨ଟି, ଛୁରି ୭ଟି, ସିଲିଙ୍ଗ ମେସିନ ଗୋଟିଏ, ଏସେନ୍ସ ୩ ବୋତଲ ଜବତ କରାଯାଇଛି। କିନ୍ତୁ ଏହି ନକଲି ମଦ ପ୍ରସ୍ତୁତ କେନ୍ଦ୍ର ଦୁଇ ଅଣ ଓଡିଆ ଅଭିଯୁକ୍ତ ମାଲିକ ତଥା ଦୁଇ ଭାଇ ଅମିତ ଗୁପ୍ତା ଏବଂ ପଙ୍କଜ ଗୁପ୍ତା ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଉଭୟ ଅଭିଯୁକ୍ତ କୋଟପାଡ ଥାନା ମୁର୍ତ୍ତାହାଣ୍ଡି ଗ୍ରାମପଞ୍ଚାୟତର ମାଲଚାମାଳ ଗ୍ରାମରେ ରହୁଥିବା ବେଳେ ବଣ୍ଡାଗୁଡା ଠାରେ ଏହି ନକଲି ବିଦେଶୀ ପ୍ରସ୍ତୁତ କେନ୍ଦ୍ର ସ୍ଥାପନ କରିବା ସହ ଏଠାରୁ ପ୍ରସ୍ତୁତ ନକଲି ବିଦେଶି ମଦ ଓଡ଼ିଶା ଏବଂ ଛତିଶଗଡ଼କୁ ଚାଲାଣ କରିବା ସହ ବଜାରରେ ବିକ୍ରି କରାଯାଉଛି। ମଦ ପ୍ରସ୍ତୁତ କାରଖାନାରୁ ଜବତ ନକଲି ମଦର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାର ବୋଲି ଅବକାରୀ ନିରୀକ୍ଷକ ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି। ଏହି ଚଢଉ ଏବଂ ଜବତ ବେଳେ କୋଟପାଡ ତହସିଲଦାର ଟ୍ୱିଙ୍କେଲ ସେଠୀ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ରହିଥିବା ବେଳେ କୋଟାପୁଟ ସ୍କ୍ୱାର୍ଡର ଇନ୍ସପେକ୍ଟର ଚନ୍ଦ୍ରଶେଖର ପଡ଼ିହାରୀ, କୋଟପାଡ ଅବକାରୀ ଥାନା ଅଧିକାରୀ ନିଳାଦ୍ରୀ ବିହାରୀ ମିଶ୍ର, ଜୟପୁର ଥାନା ଅଧିକାରୀ ସୁବ୍ରତ କେଶରୀ ହିରନ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ।

# ଅଧିକାରୀ ରହୁନାହାନ୍ତି, ଜନଶୁଣାଣି ପ୍ରହସନ

ପୋଡ଼ାଗଡ଼, ୨୯।୧୨ (ସମିସ): ଗ୍ରାମସ୍ତରରେ ଥିବା ସମସ୍ୟା ଶୁଣି ସମାଧାନ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତି ସୋମବାର ଦିନ ଜିଲ୍ଲାସ୍ତରରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସଚେତନ ଓ ଅଭିଯୋଗ ଶୁଣାଣି ଶିବିର କରୁଛନ୍ତି। କିନ୍ତୁ ଏହି ଅଭିଯୋଗ ଶୁଣାଣୀ ଶିବିରରେ କେବଳ ଅଙ୍ଗନବାଡି, ଆଶା ଓ ମିଶନ ଶକ୍ତି ମହିଳାଙ୍କୁ ନେଇ କରାଯାଉଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିଲେ ସୁଦ୍ଧା ପ୍ରାୟ ବିଭାଗର ଅଧିକାରୀ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳୁଛି। ସେଥିପାଇଁ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି ଶିବିରରେ ଆସିବା କିମ୍ବା ଅଭିଯୋଗ କରିବା ହାର ଦିନକୁ ଦିନ ହ୍ରାସ ପାଉଥିବା ଦେଖା ଦେଇଛି। ଯେତେ ସମସ୍ୟା ଥିଲେ ବି କୌଣସି ଗ୍ରାମବାସୀ ପଞ୍ଚାୟତ ସ୍ତରରେ ଅଭିଯୋଗ ନକରି କେବଳ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣିରେ ହିଁ ଅଭିଯୋଗ କରୁଥିବା ଦେଖା ଦେଇଛି। ଆଜି ଦିନ ୧୧ ଘଣ୍ଟା ସମୟରେ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆ ଗୁଡା ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଯେହେତୁ ଉକ୍ତ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏହି ଶିବିରରେ କେବଳ ଶିକ୍ଷା ବିଭାଗର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁନାଧର ସାଗର କୃଷି ବିଭାଗର ଜଣେ ଅଙ୍ଗନବାଡ଼ି କର୍ମୀ ତଥା ସମ୍ପନ୍ନିତ ଶିଶୁ ବିକାଶ ବିଭାଗର ଆଶା କର୍ମୀ, ମିଶନ ଶକ୍ତି ମହିଳା ଓ ଏଇଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଓ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିଲେ ସୁଦ୍ଧା ଅଧିକାରୀ ମାନେ ଆସୁନଥିବା ସ୍ଥାନୀୟ ସରପଞ୍ଚ କହିଛନ୍ତି। ଏହି ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୭ଟି ଅଭିଯୋଗ ଆସିଥିବା ଏଡିଓ କହିଛନ୍ତି। ସ୍ଥାନୀୟ ପଞ୍ଚାୟତରେ ଅନେକ ସମସ୍ୟା ଥିଲେ ସୁଦ୍ଧା ଅଧିକାରୀ ମାନେ ଆସୁ ନ ଥିବାରୁ କାହାକୁ ଅଭିଯୋଗ କରିବୁ ବୋଲି ଲୋକେ କହୁଥିବା ଦେଖା ଦେଇଛି।

# ଆକ୍ରମଣ କରି ମୋବାଇଲ ଫୋନ୍ ଲୁଟ୍

## ଜଣେ ଗୁରୁତର




ନନ୍ଦପୁର, ୨୯।୧୨ (ସମିସ): ଦୀର୍ଘ ଦିନ ପରେ ପୁଣି ଡକାୟତ ସକ୍ରିୟ ହୋଇଛନ୍ତି। ପୁଣି ନନ୍ଦପୁରରେ ଡକାୟତ ସକ୍ରିୟ ହେବା ଘଟଣା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ସାଧାରଣ ଜନତା ଆତଙ୍କିତ ହୋଇଛନ୍ତି। ଏହି ଘଟଣା ଘଟିଛି ଜନଗହଳିପୂର୍ଣ୍ଣ ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀ ନିକଟ ସରବତୀ ଘାଟିରେ। ଏତଲା ଅନୁସାରେ ଗତ ୨୮ ତାରିଖରେ ଜେସିବି ଅପେରେଟର ଓ ହେଲପର ଏକ ବାଇକ୍ ଯୋଗେ କୌଣସି ଏକ କାମ ପାଇଁ ନନ୍ଦପୁର ସହରକୁ ଆସି ସରବତୀ ଗ୍ରାମକୁ ଫେରୁଥିବା ସମୟରେ ଘାଟି ଉପର ରାସ୍ତା କଡ଼ରେ ଏକ ନମ୍ବର୍ ବିହୀନ ବାଇକ୍ ରଖି ତିନି ଅଜଣା ବ୍ୟକ୍ତି ଛିଡ଼ା ହୋଇ ଥିଲେ। ବଳଭଦ୍ର ହନ୍ତାଳ ଓ ବିଜୟ ଗୁଣ୍ଠା ଦୁହେଁ ଯାଉଥିବା ଦେଖି ହାତ ମାରି ଅଟକାଇ ଥିଲେ। ସେମାନେ ଅଟକିବା କ୍ଷଣି ହଠାତ୍ ଆକ୍ରମଣ କରି ପାଖରେ ଥିବା ଦୁଇ ମୋବାଇଲ ଫୋନ୍ ଲୁଟି ନେଇ ଫେରାର ହୋଇ ଯାଇଥିଲେ। ସେପଟେ ପ୍ରାଣ ବଞ୍ଚାଇ କ୍ଷତାକ୍ତ ଅବସ୍ଥାରେ ନନ୍ଦପୁର ମେଡିକାଲକୁ ଆସିଥିଲେ। ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ବଡ଼ ମେଡିକାଲ ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏତଲା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆଇଆଇସି ମମତା ପଣ୍ଡା ତଦନ୍ତ କରୁଥିବା ଜଣାପଡ଼ିଛି।

# ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ରଙ୍କୁ ରାଜ୍ୟ ଯୁବ ବିଜେଡି ଉପସଭାପତି ଦାୟିତ୍ୱ



ନବରଙ୍ଗପୁର/ନନ୍ଦାହାଣ୍ଡି, ୨୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ରଙ୍କୁ ରାଜ୍ୟ ଯୁବ ବିଜେଡି ଉପସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଶ୍ରୀ ମିଶ୍ରଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ଯାହାକୁ ନେଇ ନନ୍ଦାହାଣ୍ଡି ବ୍ଲକ ଏବଂ ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ କର୍ମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଜିଲ୍ଲା ପରିଷଦ ସଭ୍ୟ ତଥା ବିଜୁ ଜନତା ଦଳ ଛାତ୍ର ରାଜ୍ୟ ଉପସଭାପତି ଶ୍ରୀ ମିଶ୍ରଙ୍କୁ ଏହି ଦାୟିତ୍ୱ ମିଳିବା ପରେ ସେ ଦଳୀ ସୁପ୍ରିମୋ ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବର୍ତ୍ତମାନ ନବରଙ୍ଗପୁର ଜିଲ୍ଲାର ବିଜୁ ଜନତା ଦଳର ଜଣେ ସକ୍ରିୟ ନେତା ଭାବରେ ଶ୍ରୀ ମିଶ୍ର ପରିଚିତ। ଶ୍ରୀ ମିଶ୍ର ଙ୍କ ଦକ୍ଷତା ଓ ପରିଦର୍ଶିତା କୁ ଲକ୍ଷ୍ୟ କରି ରାଜ୍ୟ ଯୁବ ବିଜେଡି ଉପସଭାପତି ଦାୟିତ୍ୱ ଭାର ଦିଆଯାଇଥିବା ଚର୍ଚ୍ଚା ହେଉଛି। ଶ୍ରୀ ମିଶ୍ର ବିଜୁ ଜନତା ଦଳ ରାଜ୍ୟ ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ ନବରଙ୍ଗପୁର ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଏବଂ ବରିଷ୍ଠ ନେତୃ ମଣ୍ଡଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ହେଲେ ସୁମିତ



ନବରଙ୍ଗପୁର, ୨୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା ବିଜେଡି ଛାତ୍ର ନେତା ସୁମିତ ପୂଜାରୀଙ୍କୁ ରାଜ୍ୟ ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ଏହି ଦାୟିତ୍ୱ ମିଳିବା ପରେ ଶ୍ରୀ ସୁମିତଙ୍କୁ ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ସମେତ ପୂର୍ବତନ ସାଂସଦ ରମେଶ ମାଝୀ, ଜିଲ୍ଲା ବିଜେଡି ସଭାପତି ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ତ୍ରିପାଠୀ, ପୂର୍ବତନ କାଉନସିଲର ଭୀମ ହରିଜନ, ମିଟୁ ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବିପୁଳ ମାଓ ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, ୨୯ ।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓ ଅପରେସନ ବେଳେ ସୁରକ୍ଷା କର୍ମୀଙ୍କୁ ମିଳିଲା ବଡ଼ ସଫଳତା। ତଲାସି ଅଭିଯାନ ବେଳେ ବିପୁଳ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁଯାୟୀ ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର କରିପୁ ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ସୁରକ୍ଷା କର୍ମୀଙ୍କୁ ମିଳିଛି ଏହି ବଡ ସଫଳତା। ଅଞ୍ଚଳରୁ ବିପୁଳ ମାଓ ସାମଗ୍ରୀ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି ଯବାନ। ଏହା ମଧ୍ୟରେ ରହିଛି ଗୋଟିଏ ଟିଫିନ ବୋମା ସହ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ। ସୁରକ୍ଷା କର୍ମୀଙ୍କୁ



କ୍ଷତି ପହଞ୍ଚାଇବା ଲାଗି ଜଙ୍ଗଲ ଭିତରେ ମାଓବାଦୀ ମାନେ ଏହି ସବୁ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିଲେ। ହେଲେ ଡିଆରଜି ଓ ସିଆରପିଏଫ ବାହିନୀର ସର୍ଚ୍ଚ ଅପରେସନ ବେଳେ ଟିଫିନ ବୋମା ଉଦ୍ଧାର କରାଯାଇ ତାହାକୁ ନିଷ୍କ୍ରିୟ କରାଯାଇଛି। ଫଳରେ ଏକ ବଡ଼ ଧରଣର ମାଓ ଆକ୍ରମଣ ଯୋଜନାକୁ ଯବାନ ମାନେ ପଣ୍ଡ କରିବା ସହ ଜଙ୍ଗଲ ମଧ୍ୟରେ ବର୍ତ୍ତମାନ ମଧ୍ୟ ସର୍ଚ୍ଚ ଅପରେସନକୁ ଜାରି ରଖିଛନ୍ତି।

# ଅଧ୍ୟାପକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ସମ୍ମାନିତ

ଜୟପୁର, ୨୯ ।୧୨(ସମିସ) : ଜୟପୁର ସହରର ଲିଙ୍ଗରାଜ ନଗର ବାସିନ୍ଦା ଅଧ୍ୟାପକ



ତଥା ସାହିତ୍ୟିକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଠାରେ ୧୪ତମ ଜାତୀୟ ଶିଶୁ ଓ କିଶୋର ଜାତୀୟ ସାହିତ୍ୟ ସମ୍ମିଳନୀ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ନିର୍ଝରଣୀ ସାହିତ୍ୟ ଅନୁଷ୍ଠାନ ଓ ଓଡ଼ିଶା ଶିଶୁ ଓ କିଶୋର ସାହିତ୍ୟ ଏକାଡେମୀ ମିଳିତ ସହଯୋଗରେ ଗତକାଲି ୧୪ ତମ ବାର୍ଷିକ ଜାତୀୟ ସ୍ତରୀୟ ସାରସ୍ୱତ ସମାରୋହ ଏବଂ ଆଲୋଚନା ଚକ୍ରରେ ରାଜ୍ୟର ବିଶିଷ୍ଟ ଶିଶୁ ସାହିତ୍ୟିକ ଯୋଗଦେଇଥିଲେ। ଏହି ଅବସରରେ ବୋରିଗୁମ୍ମା ମହାବିଦ୍ୟାଳୟର ଅଧ୍ୟାପକ ତଥା ସାହିତ୍ୟିକ ଡ. ପଟ୍ଟନାୟକଙ୍କୁ ସାହିତ୍ୟ ସାଧନା ତଥା ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ରାମଚନ୍ଦ୍ର ସାହୁ ଓ ସମ୍ପାଦକ ବିରଞ୍ଚି ନାରାୟଣ ଦାସଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସ କମିଟିର ଦୁଇ ଧାନମଣ୍ଡି ପରିଦର୍ଶନ



ନବରଙ୍ଗପୁର, ୨୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ୨୦୨୫-୨୬ ବର୍ଷରେ ଖରିଫ ଚାଷ ଓ ଚାଷୀ ମଧ୍ୟରେ ଚାଲିଥିବା ଧାନ ମଣ୍ଡି ବ୍ୟବସ୍ଥା ସାଙ୍ଗକୁ ପ୍ରଶାସନିକ କାର୍ଯ୍ୟକ୍ରମ ଓ ମିଲ୍ ମାଲିକଙ୍କ କାର୍ଯ୍ୟକଳାପକୁ ନେଇ ଏକ ପରିଦର୍ଶନ କମିଟି ଗଠନ ହୋଇଛି। ଏହି କମିଟିରେ ଜିଲ୍ଲା କଂଗ୍ରେସ ସଭାପତି ସୁଶ୍ରୀ ଲିପିକା ମାଝୀଙ୍କ ସମେତ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ଜିଲ୍ଲା କୃଷକ ସେଲ୍‌ଫ ସଭାପତି ବୃନ୍ଦାବନ ତ୍ରିପାଠୀ, ବରିଷ୍ଠ ନେତା ଦିଲ୍ଲୀପ କୁମାର ବେହେରା, ଜିଲ୍ଲା କିଶାନ୍ ସେଲ୍‌ଫ ସଭାପତି ସନରାଜ୍ ଗଣ୍ଡ, ସୁଶ୍ରୀ ହାରାବତୀ ଗଣ୍ଡ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଭାଗିରଥି ନାୟକ, ବନମାଳୀ ଭତରା, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗରତ୍ନ, ପୂର୍ବତନ ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବଂଶୀ ମାଝୀ, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ଉମରକୋଟ ନଗର କଂଗ୍ରେସ ସଭାପତି ଟୁଲୁ ସାହୁ, ପୂର୍ବତନ ପିସିସି ସଭ୍ୟ ଖେମରାଜ୍ ବାଘ ଓ ବରିଷ୍ଠ ନେତା ଯୁଗଧର ହରିଜନ ଓ ପୂର୍ବତନ ଜିଲ୍ଲା କଂଗ୍ରେସ ସମ୍ପାଦକ ହୁସୁନା ବାନଙ୍କୁ ନେଇ ଏକ କମିଟି ଗଠନ ହୋଇଛି। କମିଟି ଆଜି ପ୍ରଥମ ଦିନରେ ଜିଲ୍ଲା କଂଗ୍ରେସ ସଭାପତି ସୁଶ୍ରୀ ଲିପିକା ମାଝୀଙ୍କ ନେତୃତ୍ୱରେ ବଳଭଦ୍ର ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ବୃନ୍ଦାବନ ତ୍ରିପାଠୀ, ହୁସୁନା ବାନ ସମେତ ଦଶ ଜଣିଆ ଟିମ୍ ଜିଲ୍ଲାପାଳ ଓ ସିଏସଓଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବା ପରେ ନନ୍ଦାହାଣ୍ଡି ଓ ପାପଡ଼ା ହାଣ୍ଡି ବ୍ଲକ ମଧ୍ୟରେ ଥିବା କିଛି ଧାନ ମଣ୍ଡି ପରିଦର୍ଶନ କରିଥିଲେ। ଆଜିର ଗ୍ରସ୍ତ ସମୟରେ ନନ୍ଦାହାଣ୍ଡି ବ୍ଲକର ସରୁଗୁଡା, ସିନ୍ଧିଗୁଡ଼ା ଓ ଜଗନ୍ନାଥପୁର ଓ ପାପଡ଼ାହାଣ୍ଡି ବ୍ଲକର କିଛି ମଣ୍ଡି ପରିଦର୍ଶନ କରିବା ପରେ ସିନ୍ଧିଗୁଡ଼ା ଓ ସରୁଗୁଡ଼ା ମଣ୍ଡିରୁ ଧାନ ଉଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆସନ୍ତା କାଲି ଜଗନ୍ନାଥପୁର ମଣ୍ଡିରୁ ଧାନ ଉଠାଯିବା ନେଇ ମିଲୋର୍‌ଙ୍କ ଠାରୁ ପ୍ରତିଶ୍ରୁତି ମିଳିଛି। ଅନ୍ୟପଟେ ପାପଡ଼ାହାଣ୍ଡି ମଣ୍ଡି ଠାରୁ ମଧ୍ୟ ୧୨୦ କ୍ୱିଣ୍ଟାଲରୁ ଅଧିକ ଧାନ ଉଠା ଯାଇଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ଓ ସିଏସଓଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଜିଲ୍ଲାରେ ଥିବା ଅନ୍ୟ ସମସ୍ତ ମଣ୍ଡିକୁ ଶୀଘ୍ର କାର୍ଯ୍ୟକ୍ଷମ କରି ତୁରନ୍ତ ଧାନ ଉଠାଇବା ଓ ଚାଷୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ ଦିଗରେ ଗୁରୁତ୍ୱ ଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିବା ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

## କମାର ସମାଜର ବାର୍ଷିକ ଉତ୍ସବ

# କମାର ଜାତିକୁ ଆଦିବାସୀ ମାନ୍ୟତା ଦାବି

କୁନ୍ଦୁରା, ୨୯।୧୨(ସମିସ)

କୁନ୍ଦୁରା ବ୍ଲକ ଉପାନ୍ତ ତଥା ସୀମାନ୍ତ ଆସନା ଗ୍ରାମ ପଞ୍ଚାୟତ ପଖନାଗୁଡା ଠାରେ କମାର ସମାଜର ଜିଲ୍ଲାସ୍ତରୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାରେ ରହିଥିବା ୧୪ଟି ବ୍ଲକର ପ୍ରାୟ ଏକ ହଜାରରୁ ଅଧିକ କମାର ମହିଳା ଏବଂ ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କମାର ସମାଜର ଏହି କାର୍ଯ୍ୟକ୍ରମରେ ମନୋହର କମାର ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଅମ୍ମୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଜିଲ୍ଲା କମାର ସମାଜ ସଭାପତି ଭଗବାନ ଗୋଲରୀ, ଦୁରୁଆ ସମାଜ ସଭାପତି ପୁଷ୍ପୁ ଦୁରୁଆ, ସରପଞ୍ଚ ଜୟନ୍ତୀ କୁଶପାରିଆ ମୁଖ୍ୟ ବକ୍ତା ଭାବେ ପୁଷ୍ପୁ ଦୁରୁଆ ଯୋଗ ଦେଇଥିଲେ। ଏହା ସମେତ କୋରାପୁଟ ଜିଲ୍ଲାର ବିଭିନ୍ନ



ସମାଜର ସଭାପତି ଏବଂ ସମ୍ପାଦକ ମନେ ଏଠାରେ ଉପସ୍ଥିତ ରହିଥିଲେ। ଆଦିବାସୀ ସମାଜ ଭଳି କମାର ସମାଜରେ ମଧ୍ୟ ସମାନ ସଂସ୍କୃତି, ପରମ୍ପରା, ବେଶଭୂଷା, ଖାଦ୍ୟପେୟ, ନିତ୍ୟ ଚଳନୀୟ ସମାନ ରହିଥିବା ବେଳେ ତତ୍କାଳୀନ ସରକାର ମାନ୍ୟତା ଦେବାରେ ଅବହେଳା କରିଥିଲେ। ଦୀର୍ଘ ହଜାର ବର୍ଷ ପୂର୍ବର ଏହି କମାର ସମାଜ ଆଦିବାସୀ ସମାଜରେ ଏକ ପ୍ରମୁଖ ଆଦିବାସୀ ଭାବେ ଚଳି ଆସୁଥିବା ବେଳେ ଏମାନଙ୍କୁ ଏକ ଅବହେଳିତ ସମାଜ ଭାବି ଛାଡି ଦିଆଯାଇଛି। ଏହାକୁ ନେଇ ମୁଖ୍ୟ ବକ୍ତା ପୁଷ୍ପୁ ଦୁରୁଆ କହିଛନ୍ତି ଯେ ରାମ, ରାବଣ, କଂସ, କୃଷ୍ଣଙ୍କ ଭଳି ଦେବତା ଯେଉଁ ଅସ୍ତ୍ର ଶସ୍ତ୍ର ବ୍ୟବହାର କରୁଥିଲେ ସେହି ସବୁ କମାର ମାନଙ୍କ ଦ୍ୱାରା ତିଆରି ହୋଇଥିଲା। କିନ୍ତୁ ୫୦୦୦ ବର୍ଷ ପୂର୍ବେ ଭାରତ ମାଟିରେ ଜନ୍ମ ନେଇଥିବା ଆଦିମ ବନବାସୀ କମାର ସମାଜ ଅବହେଳିତ ହୋଇ ରହିଥିବା ବେଳେ ରାଜ୍ୟ ଏବଂ କେନ୍ଦ୍ର ସରକାର କମାର ସମାଜକୁ ଆଦିବାସୀ ମାନ୍ୟତା ଦେବାକୁ ଅନୁରୋଧ କରିଛନ୍ତି। ଏହାକୁ ନେଇ ବିଧାୟକ ରୂପୁ ଭତ୍ରା କୋରାପୁଟ ଜିଲ୍ଲାରେ ଅବହେଳିତ ହୋଇ ରହିଥିବା କମାର ସମାଜକୁ ମଧ୍ୟ ଅତି ଶୀଘ୍ର ଆଦିବାସୀ ମାନ୍ୟତା ମିଳିବା ନେଇ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲା କମାର ସମାଜ ପକ୍ଷରୁ ବିଧାୟକଙ୍କୁ କମାର ଶାଳରେ ନିର୍ମିତ ଏକ ଟାଙ୍ଗିଆ ଉପହାର ଭାବେ ଦିଆଯାଇଥିଲା। ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ତଥ୍ୟ ପ୍ରକାରେ ୧୮।୬।୧୯୩୧ ମସିହାରୁ ୫।୯।୧୯୫୦ ମସିହା ଯାଏଁ କମାର ମାନେ ଆଦିବାସୀ ମାନ୍ୟତା ପାଇଥିବା ବେଳେ ପରବର୍ତ୍ତୀ ସମୟରେ କେଉଁ କାରଣ ନେଇ କମାର ଜାତିକୁ ଆଦିବାସୀ ହେବାରୁ ବଞ୍ଚିତ ରଖାଯାଇଛି ତାହା ଏଯାବତ୍ ସ୍ପଷ୍ଟ ହୋଇ ପାରୁନାହିଁ। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କୁ ଜିଲ୍ଲା କମାର ସମାଜ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ପ୍ରଫେସର ଜୟନ୍ତ କୁମାର ମହାନ୍ତିଙ୍କ ବିୟୋଗରେ ଶୋକସଭା



କୋରାପୁଟ, ୨୯।୧୨(ସମିସ): ସରକାରୀ ଡିଏଭି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ପ୍ରଫେସର ଡ.ଜୟନ୍ତ କୁମାର ମହାନ୍ତିଙ୍କ ବିୟୋଗରେ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ତରଫରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡ. ମହାନ୍ତି ସରକାରୀ ଡିଏଭି ମହାବିଦ୍ୟାଳୟରେ ୧୯୮୪ ମସିହାରେ ଅଧ୍ୟାପକ ଭାବରେ ଯୋଗଦେଇ ପରବର୍ତ୍ତୀ ସମୟରେ ବାଣିଜ୍ୟ ବିଭାଗର ବିଭାଗ ମୁଖ୍ୟ ଭାବରେ ଦାୟୀତ୍ୱ ନିର୍ବାହ କରିବା ସହ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ୨୦୧୩ ମସିହାରେ ଅବସର ଗ୍ରହଣ କରିଥିଲେ। ଜଣେ ସାହିତ୍ୟ ଓ ସଂସ୍କୃତି ପ୍ରାଣ ମଣିଷ ଭାବରେ କୋରାପୁଟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ଭାଗ ନେଉଥିଲେ। ମହାବିଦ୍ୟାଳୟର ବିକାଶରେ ତାଙ୍କ ଅବଦାନ ଓ ମାର୍ଗଦର୍ଶନ ଉଲ୍ଲେଖନୀୟ ରହିଥିଲା। ଶୋକସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ସଭାପତିତ୍ୱ କରି ଡ. ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ପରେ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀ ତାଙ୍କର ସ୍ମୃତିଚାରଣ କରିଥିଲେ।

ସକାଳ THE SAKALA



# ଧାନର ମାନ ନିର୍ଦ୍ଧାରଣ ପାଇଁ ବିଦ୍ୟୁତଚାଳିତ ଯନ୍ତ୍ରକୁ ଚାଷୀଙ୍କ ବିରୋଧ

କଲ୍ୟାଣସିଂହପୁର/ସିକରପାଇ, ୨୯।୧୨(ସମିସ)




ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ବୁଡ଼ାଗୁଡ଼ା ଆର୍‌ଏମସି ୟାର୍ଡରେ ଆଜି ଚାଷୀମାନଙ୍କ ପକ୍ଷରୁ ସରକାରଙ୍କ ପକ୍ଷରୁ ଧାନର ଗୁଣାତ୍ମକ ମାନ ପରୀକ୍ଷା ପାଇଁ ଆସିଥିବା ଏନାଲାଇଜର ମେସିନକୁ ବିରୋଧ କରି ହୋ ହଲ୍ଲା କରାଯାଇଥିଲା। ବ୍ଲକ କୃଷକ ସଂଘର ସଭାପତି, ଶ୍ରୀନିବାସ ଚୌଧୁରୀ, ଉପସଭାପତି ଯୋଗେନ୍ଦ୍ର ୱାଡକା, ଗୋପୀ ପେରିଶିକା ଓ ଶତାଧିକ ଚାଷୀ ମାନେ ଆସି ଏହି ଏନାଲାଇଯାର୍ ମେସିନକୁ ନେଇ ମଣ୍ଡିରେ ବିରୋଧ ପ୍ରଦର୍ଶନ କରିଥିଲେ। ଲ୍ୟାମ୍ପସ ଏମଡି ତାରିଣୀ ତ୍ରିପାଠୀ ମଣ୍ଡିରେ ସରକାରଙ୍କ ପକ୍ଷରୁ ଆସିଥିବା ଏହି ମେସିନ ଓ ଧାନର ମାନ ପରୀକ୍ଷା କରିବାକୁ ଚାଷୀ ମାନଙ୍କୁ ବୁଝାଇଥିଲେ ମଧ୍ୟ ଚାଷୀ ମାନେ ମେସିନ ଭୁଲ ଦେଖାଉଥିବା କହି ଏହାକୁ ବିରୋଧକରିଥିଲେ।କୃଷକସଂଘରସଭାପତିଓଉପସଭାପତିଆଜିକାଲିଚାଷୀ ଉନ୍ନତ ପ୍ରଣାଳୀରେ ଚାଷ କରି ଅମଳ କରୁଥିବା ସତ୍ତ୍ୱେ ଚାଷୀ ମାନଙ୍କୁ ଲ୍ୟାମ୍ପସ ଓ ଆର୍‌ଏମସି ପକ୍ଷରୁ ହଇରାଣ କରୁଥିବା ନେଇ ଅଭିଯୋଗ କରିଥିଲେ। ଧାନ ବସ୍ତା ପିଛା ୫୦ କେଜି ଦେବାକୁ ନିୟମ ରହିଥିବା ବେଳେ ଏହି ୟାର୍ଡ଼ରେ ମିଲର ମାନେ ୫୧ କେଜି ୨୦୦ ଗ୍ରାମ ଧାନ ଜବରଦସ୍ତ ଭାବେ ନେଉଥିବା ଓ ପ୍ରତି ଚାଷୀଙ୍କର ପ୍ରାୟ୩୦ ଟଙ୍କା ନଷ୍ଟ ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ୟାର୍ଡରେ ୱେ ବିଜ୍ ରହିଥିବା ସତ୍ତ୍ୱେ ଏହାକୁ ମରାମତି ନ କରି ଅଚଳ କରି ରଖିଥିବା ମଧ୍ୟ ଚାଷୀମାନେ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ତହସିଲଦାର ମାନସ ରଞ୍ଜନ ମନ୍ ସେଠ୍ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ଚାଷୀଙ୍କୁ ଶାନ୍ତ କରାଇଥିଲେ।ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ମଧ୍ୟ ସଂଘ ପକ୍ଷରୁ ଚେତବନୀ ଦିଆଯାଇଥିଲା।

ଚଳିତ ଖରିଫ ଋତୁରେ ୨୦୨୫-୨୬ରେ ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି କଲ୍ୟାଣ ସିଂହପୁର ଲ୍ୟାମ୍ପସ ସହାୟତାରେ ଧାନ କିଣିବା ପାଇଁ ଡିସେମ୍ବର ମାସ ୧୭ ତାରିଖରେ ଖୋଲି ଥିଲେ। ଆଜି ପର୍ଯ୍ୟନ୍ତ ବ୍ଲକର କିଛି ଚାଷୀଙ୍କର ଟୋକେନ ଆସିନାହିଁ। ସୋମବାର ଦିନ ମାଝୀଗୁଡା, ପୂଜାରୀଗୁଡା, ସୁନାଖଣ୍ଡି, ପୋଲମା ଓ କନ୍ଦକାଡିପାଡୁ ପଞ୍ଚାୟତର ଯେଉଁ ଚାଷୀଙ୍କ ଟୋକେନ ଆସିଛି ସେହି ଚାଷୀ ମାନଙ୍କ ମଧ୍ୟରୁ ଦୁଇଜଣ ଚାଷୀ ବୁଡ଼ାଗୁଡା ନିୟନ୍ତ୍ରିତ ବଜାର କମିଟିକୁ ଧାନ ଆଣିଥିଲେ। ଏଠାରେ ଚାଷୀ ଆଣିଥିବା ଧାନ ନିୟନ୍ତ୍ରିତ ବଜାର (ଆରଏମ୍‌ସି ) ଦ୍ୱାରା ମାନ ନିରୂପଣ ନୂତନ ବିଦ୍ୟୁତ୍ ଚଳିତ ଯନ୍ତ୍ରରେ କରିବାରୁ ତାହା ଅସାଧାରଣ ମାନର ଧାନ ବାହାରିଥିଲା।

## ଶିକ୍ଷାବିତ୍, ଉଦ୍ୟୋଗୀ ମୋହନ ରାଓଙ୍କ ପରଲୋକ

● ରାୟଗଡ଼ାରେ ଶୋକର ଛାୟା



ରାୟଗଡ଼ା, ୨୯।୧୨(ସମିସ): ରାୟଗଡ଼ା ଅଞ୍ଚଳରେ ସ୍ୱର୍ଗତ କୋନା ମୋହନ ରାଓ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତିତ୍ୱ। ରାୟଗଡ଼ା ଅଞ୍ଚଳକୁ ବିକାଶ କରିବା ତାଙ୍କର ଲକ୍ଷ୍ୟ ଥିଲା। ରାୟଗଡ଼ା ଅଞ୍ଚଳରେ ଶିକ୍ଷାକ୍ଷେତ୍ରରେ ହେଉ କି ବ୍ୟବସାୟିକ କ୍ଷେତ୍ରରେ ସେ ଥିଲେ ଦୂରଦୃଷ୍ଟି ଥିବା ବ୍ୟକ୍ତିତ୍ୱ। ସମୟ ବଢ଼ିବା ସହ ମୋହନ ରାଓଙ୍କ ରାୟଗଡ଼ା ପ୍ରତି ଅବଦାନ ବଢ଼ି ଚାଲିଲା। ରାୟଗଡ଼ା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଭାବରେ ପରିଚୟ ଥିଲେ ମଧ୍ୟ ଏହି ଅଞ୍ଚଳରେ ନିବେଶ କରି ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ କିପରି ଭାବେ ନିଯୁକ୍ତି ଦିଆଯିବ ଏହା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ। ଜଣେ ସାଧାରଣ ଲୋକ ପରି ଥିଲା ତାଙ୍କର ଜୀବନଚର୍ଯ୍ୟା। ରାୟଗଡ଼ା ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ପଛୁଆ ଥିଲା ବେଳେ ସେ ନେଇଥିଲେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଯାହାକି ଶିକ୍ଷାର ବିକାଶ ପାଇଁ ରାୟଗଡ଼ା ଅଞ୍ଚଳକୁ ଭେଟି ଦେଇଛନ୍ତି ଉନ୍ନତମାନର ଶିକ୍ଷା ପ୍ରଦାନ କରୁଥିବା ୨ ଟି ଶିକ୍ଷା ଅନୁଷ୍ଠାନ। ରିତମ୍ ଇଞ୍ଜିନିୟରିଂ କଲେଜ ଓ ଭାମସୀ ଏମବିଏ କଲେଜ। ଉନ୍ନତ ଚିନ୍ତାଧାରା ଦ୍ୱାରା ସେ ରାୟଗଡ଼ାରେ ଆରମ୍ଭ କରିଥିଲେ ଉନ୍ନତମାନର ହୋଟେଲ ଭମ୍ସି କ୍ରିଷ୍ଣା। ଲୋକଙ୍କ ମନୋରଞ୍ଜନ ପାଇଁ ବହୁ ପ୍ରେକ୍ଷାଳୟ ତାଙ୍କର ନିର୍ଦ୍ଦେଶରେ ଗଢ଼ି ଉଠିଥିଲା। କହିବାକୁ ଗଲେ ଜଣେ ବ୍ୟକ୍ତିତ୍ୱ ଭିତରେ ସେ ଥିଲେ ଅନେକ ଗୁଣର ଅଧିକାରୀ। ବହୁ ଲୋକ ମାନଙ୍କର ଆଶାର ଆଲୋକ ପାଲଟିଥିଲେ। ଗତ ୨୮ ତାରିଖରେ ଶ୍ରୀ ରାଓଙ୍କ ପରଲୋକ ଘଟିଛି। ସୂଚନା ଅନୁଯାୟୀ ସେ ଦୀର୍ଘ ଦିନ ଧରି ସେ ଯକୃତଜନିତ ରୋଗରେ ପୀଡିତ ଥିଲେ। ଗତ ୨୭ ତାରିଖ ସକାଳେ ତାଙ୍କ ଦେହ ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କର ଶେଷ ସମୟରେ ତାଙ୍କ ଧର୍ମ ପତ୍ନୀ, ପୁତ୍ର ବଧୂ, ନାତି, ନାତୁଣୀ, ଝିଅ, ବୋହୂ ଓ ରାୟଗଡ଼ା ଅଞ୍ଚଳର ବିଶିଷ୍ଟ ଲୋକ ଉପସ୍ଥିତ ଥିଲେ। ଶେଷ ଯାତ୍ରାରେ ରାୟଗଡ଼ା ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନର ଲୋକମାନେ, ରାଜନୀତି ଦଳର ସଦସ୍ୟ ମାନେ ଓ ନିଜର ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଶେଷ ସମୟରେ ପଥିକ ସାଜିଥିଲେ। ରାୟଗଡ଼ା ସହର ସ୍ଥିତ ସିରିଗୁଡ଼ା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଶ୍ରୀ ରାଓଙ୍କ ବିୟୋଗରେ ରାୟଗଡ଼ାରେ ଶୋକର ଛାୟା ଖେଳିଯାଇଛି।

## ଅଣ୍ଡ୍ରାହାଲରେରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ମାଲକାନଗିରି, ୨୯ ।୧୨(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟି ସ୍ଥିତ ଅଣ୍ଡ୍ରକ୍ଷହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନ ଉପସ୍ଥିତ ରହି ସମୁଦାୟ ୪୮ ଗୋଟି ଅଭିଯୋଗ ର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୨୯ ଟି ବ୍ୟକ୍ତିଗତ ଓ ୧୯ ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ଶିବିରରେ ତୁରନ୍ତ ୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏହି ଶିବିରରେ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟାଳୟ ଭିତ୍ତିଭୂମି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥଲା। ବିଭିନ୍ନ ଯୋଜନାର ହାତ ପାହାନ୍ତା ରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଏହି କ୍ୟାମ୍ପ୍‌ରେ ଶ୍ରମ କାର୍ଡ, ରାସନ୍ କାର୍ଡ, ଜଙ୍ଗଲ ଜମି ପଟ୍ଟା, ଆଧର ଅପ୍‌ଡେଟ ଓ କୃଷକ ପଞ୍ଜୀକରଣ ଇତ୍ୟାଦି ସେବା ଯୋଗାଇ ଦିଆଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ଫାର୍ମାସୀ ସଂଘର ବାର୍ଷିକ ଉତ୍ସବ




ବିଷମ କଟକ, ୨୯।୧୨(ସମିସ): ରାୟଗଡ଼ା ଜିଲ୍ଲାର କର୍ମରତ ଫାର୍ମାସୀ ଅଫିସର ସଂଘର ଦ୍ୱିତୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସହ ସ୍ଥାନୀୟ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ଅଶ୍ୱିନୀ କୁମାର ରାଉତଙ୍କ ସଭାପତିତ୍ୱରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିଲା। ଦୀର୍ଘ ୩୯ ବର୍ଷ ପରେ ପ୍ରଥମ ଥର ଫୋର୍ମାସିଷ୍ଟଙ୍କ ପଦୋନ୍ନତି ହୋଇଥିବାରୁ ସଂଘ ପକ୍ଷରୁ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଚଳିତ ମାସରେ ରାଜ୍ୟରେ ୧୦୭୮ ଜଣ ଫାର୍ମାସୀ ଅଫିସର ପଦୋନ୍ନତି ପାଇଁ ବରିଷ୍ଠ ଫାର୍ମାସୀ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି। ଏଥିରେ ରାୟଗଡ଼ା ଜିଲ୍ଲାର ମୋଟ ୩୨ ଜଣ ପଦୋନ୍ନୀତି ପାଇ ଜିଲ୍ଲା ତଥା ଜିଲ୍ଲା ବାହାରେ ନିଯୁକ୍ତି ପାଇଛନ୍ତି। ପ୍ରଥମ ଗ୍ରେଡ଼ସନ ତାଲିକା ଓ ପରେ ପରେ ପଦୋନ୍ନତି ତାଲିକା ପ୍ରକାଶ ପାଇଥିବାରୁ ସମସ୍ତ ସଦସ୍ୟ ରାଜ୍ୟ ନେତୃତ୍ୱ ବୃନ୍ଦଙ୍କୁ ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଚଳିତ ଅକ୍ଟୋବର ଓ ନଭେମ୍ବର ମାସରେ ନବ ନିଯୁକ୍ତି ପାଇଥିବା ୨୦ ଜଣ ଫାର୍ମାସୀ ଅଫିସର ଙ୍କୁ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହା ସହିତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, କର୍ମଚାରୀ ଅଭାବ. ଦରମାରେ ଅସଂଗତି ବିଷୟରେ ସରକାରଙ୍କୁ ଅବଗତ କରାଯାଇଛି। ସଭା ଶେଷରେ ରାୟଗଡ଼ା ଜିଲ୍ଲାରୁ ବାହାର ଜିଲ୍ଲାକୁ ପଦୋନ୍ନତି ପାଇଁ ଯାଇଥିବା ବରିଷ୍ଠ ଫାର୍ମାସୀ ଅଫିସରଙ୍କୁ ଉପଢୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ କୁମାର ପାତ୍ର, କୋଷାଧ୍ୟକ୍ଷ ଜଗନ୍ନାଥ ନାୟକ, ସମ୍ପାଦକ ପ୍ରମୋଦ କୁମାର ସାହୁ, ସହ ସମ୍ପାଦକ ଲକ୍ଷ୍ମଣ ବାଗ ଓ ସଂଗଠନ ସମ୍ପାଦକ ହରିହର ଭୁଙ୍ଗ ଉପସ୍ଥିତି ଥିଲେ।

## ପାରାଦ୍ୱୀପ ଫସ୍‌ଫେଟ୍ ପକ୍ଷରୁ ଚାଷୀଙ୍କୁ ମାର୍ଗଦର୍ଶନ କାର୍ଯ୍ୟକ୍ରମ

ଉମରକୋଟ, ୨୯।୧୨(ସମିସ): ପାରାଦୀପ ଫସ୍‌ଫେଟ ଲିମିଟେଡ଼ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ଯୁଭି୧୧- ନାୟକଗୁଡା ଠାରେ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ଭାବେ ପରିଗଣିତ। ଏଠାରେ ଶିଳ୍ପର କୌଣସି ଅସ୍ତିତ୍ୱ ନାହିଁ। ଅନ୍ୟପଟେ ଶତକଡା ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଏଠାକାର ମାଟି ଚାଷ ପାଇଁ ବେଶ ଉପଯୋଗୀ ହୋଇଥିବା ବେଳେ ରାସାୟନିକ ସାର ବ୍ୟବହାର କରିବା ଯୋଗୁଁ ମାଟିର ଉର୍ବରତା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପାରାଦୀପ ଫସଫେଟ ଲିମିଟେଡ଼ କମ୍ପାନୀ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ ପାଇଁ ଏକ କାର୍ଯ୍ୟକ୍ରମ ରଖା ଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ହେଲା ଲୋକଙ୍କ ମନରେ ସଚେତନ ସୃଷ୍ଟି କରିବା ଓ ମାଟି ପରୀକ୍ଷା। ସନ୍ତୁଳିତ ସାର ଉପଯୋଗ, କମ୍ପାନୀ ପକ୍ଷରୁ ନାନୋଶକ୍ତି ନାନୋଡିଏପି, ନାଇଟ୍ରୋନିକ୍ ୩୨ ଏବଂ ଟିଏସପି ୪୬କୁ ବ୍ୟବହାର ବିଷୟରେ ଆଲୋଚନା ହୋଇଥିଲା। ଅଣୁ ସାର ନାନୋ ଡିଏପି, ନାନୋ ୟୁରିଆର ଉପକାରିତା ଏବଂ ତାର ବ୍ୟବହାର ଦ୍ୱାରା ଆଗାମୀ ଦିନରେ ମାଟିର ଉର୍ବରତାକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇପାରିବ ବୋଲି କହିଛନ୍ତି। ଲୋକେ ଜମିରେ ପ୍ରଚୁର ପରିମାଣରେ ଦାନା ଜାତୀୟ ରାସାୟନିକ ସାର ବ୍ୟବହାର କରୁଛନ୍ତି। ଯାହାକି ଅନେକ ସମୟରେ ପର୍ଯ୍ୟାପ୍ତ ପରିମାଣରେ ମିଳିପାରୁନାହିଁ। ତେଣୁ ପାରାଦୀପ ଫସଫେଟ ପକ୍ଷରୁ କମ୍ ଦାମରେ ବିଭିନ୍ନ ପ୍ରକାର ସାର ଯୋଗାଇ ଦିଆଯାଉଛି। ଏହାର ବ୍ୟବହାର ଦ୍ୱାରା ଧାନ, ମକା ଓ ପନିପରିବା ଅଧିକ ଅମଳ ହୋଇପାରିବ ଓ ଚାଷୀ ମଧ୍ୟ ଅଧିକ ଲାଭବାନ ହୋଇପାରିବେ ବୋଲି କାର୍ଯ୍ୟକ୍ରମରେ




କମ୍ପାନୀ ପକ୍ଷରୁ ଯୋଗ ଦେଇଥିବା ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ପିପିଏଲ ପକ୍ଷରୁ ଆସୁଥିବା ସାର ବ୍ୟବହାର କରିଥିବା ନିଖିଳ ମିସ୍ତ୍ରୀ, ତ୍ରିଭୁବନ ସାହୁ, ମନିମନ ରାୟ, ଯଗ ସାନ୍ତା, ଅନ୍ତ ସାନ୍ତା, ହେମନ୍ତ ରାଏଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ପିପିଏଲ ପକ୍ଷରୁ ରିଜିଓନାଲ ମ୍ୟାନେଜର ଅତୁଲ ପାଣ୍ଡେ, ମାର୍କେଟିଂ ଅଧିକାରୀ ଜ୍ୟୋତି ରଞ୍ଜନ ସିଂ, ଜୁନିଅର ଏଗ୍ରୋନୋମିଷ୍ଟ ସୁଧୀର କୁମାର ନାୟକ, ନୀଳମାଧାବ ସେଠୀ, ସାଜନ ସରକାର, ଲିଟୁ ପଣ୍ଡା, ସଞ୍ଜିତ ମଣ୍ଡଳଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

● କୁମ୍ଭାରଗୁଡ଼ାରେ ମା' ଗାୟତ୍ରୀ ପଞ୍ଚକୁଣ୍ଡୀୟ ମହାଯଜ୍ଞ

## ଶୁଭୁଛି ଗାୟତ୍ରୀ ମନ୍ତ୍ରଧ୍ୱନୀ, ଭକ୍ତିମୟ ପରିବେଶ

କୋରୁକୋଣ୍ଡା, ୨୯ ।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ଗ୍ରାମପଞ୍ଚାୟତ କୁମ୍ଭାରଗୁଡା ଗ୍ରାରେ ଗତ କାଲିଠାରୁ ମା' ଗାୟତ୍ରୀ ପଞ୍ଚ କୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହୋଇଛି। ଗତକାଲି ଦିବା ୧୧ ଘଟିକା ସମୟରେ ଅଞ୍ଚଳର ଶତାଧିକ ମହିଳା



ପୁରୁଷ ଶୋଭାଯାତ୍ରାରେ ଆସି କୋରୁକୋଣ୍ଡା ନିକଟ ଜଳେଶ୍ୱର ଘାଟରୁ ଜଳ ଉଠାଇ କଳସ ଯାତ୍ରା ମାଧ୍ୟମରେ ଯାଇ ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତଙ୍କ ନିମନ୍ତେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ଆଡ଼ମୁଣ୍ଡାରୁ ଆସିଥିବା ଗାୟତ୍ରୀ ପରିବାର ପ୍ରବଚକ ରୁକଧର କୁମ୍ଭାରାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଆଜି ପ୍ରାତଃ ସମୟରେ ମଣ୍ଡପ ସାଜସଜା କରିବା ସହତ ଯଜ୍ଞ କାର୍ଯ୍ୟ ଆରମ୍ଭ କାରାଯାଇଥିଲା। ଆଜି ମଧ୍ୟ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ପ୍ରବଚନ ସହିତ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହେବାର ଦେଖିବାକୁ ମିଳିଥିଲା। କୁମ୍ଭାରଗୁଡ଼ାର ପ୍ରାୟ ୯ ପରିବାର ଗାୟତ୍ରୀ ଦୀକ୍ଷାରେ ଦୀକ୍ଷିତ ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅଧିକ ପରିବାର ମା' ଗାୟତ୍ରୀଙ୍କ ପରିବାରରେ ଯୋଗ ଦେବେ ବୋଲି ପରିବାରର ସୋମନାଥ କୁମ୍ଭାର, ଦଶରଥ ହାଲବା, ଜୟ ମାଡ଼କାମୀ, ଲକ୍ଷ୍ମଣ ଗୌଡ଼, ମଙ୍ଗଳା କୁମ୍ଭାର, ସମାରୀ କୁମ୍ଭାର, ଶାନ୍ତି ଗୌଡ଼, ତ୍ରିନାଥ ଗୌଡ଼, ମଲି ହାଲବା କହିଥିଲେ। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ମଙ୍ଗୁ ଖିଲ, ଗୋବିନ୍ଦ ପାତ୍ରଙ୍କ ସମେତ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

କୋରାପୁଟ, ୨୯।୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ମୋଟ ୨୮ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରେ ଗୋଷ୍ଠୀଗତ ଭାବେ ୮ ଗୋଟି ଏବଂ ବ୍ୟକ୍ତିଗତ ୨୦ଟକୁ ମିଶାଇ ମୋଟ ୨୮ ଅଭିଯୋଗର ଶୁଣାଣି କରାଯାଇଥିଲା। ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, କୋରାପୁଟ ତହସିଲଦାର ସୟଦ ସବିର ସାହା, କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ପ୍ରମୁଖଙ୍କ ସହ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ



ଥିଲେ। କୋରାପୁଟ ବ୍ଲକର ହିତାଧିକାରୀ ମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। କୋରାପୁଟ ବିଡିଓ ଦେବାଶିଷ ଗୌଡ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂଆବର୍ଷକୁ ସ୍ୱାଗତ ପାଇଁ ପର୍ଯ୍ୟଟନ ସ୍ଥଳୀରେ ଭିଡ଼



ନନ୍ଦପୁର, ୨୯।୧୨ (ସମିସ): ଇଂରେଜୀ ନୂଆ ବର୍ଷ ପାଇଁ ଚଳଚଞ୍ଚଳ ନନ୍ଦପୁର ଅଞ୍ଚଳ। ପୁରୁଣା ବର୍ଷକୁ ବିଦାୟ ଓ ଇଂରାଜୀ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରରେ ଭିଡ଼ ଜମୁଛି। ଲୋକେ ତୀର୍ଥ ସ୍ଥାନକୁ ପରିବାର ସହିତ ଆସି ପରିବାରର ସୁଖ ମନାସୁଛନ୍ତି। ପିକ୍‌ନିକ୍ ପାଇଁ ଲୋକେ ନିଜ ସାମର୍ଥ୍ୟ ଅନୁସାରେ ପରିବାର ମେଳିରେ ହେଉ କି ସାଙ୍ଗ ସାଥୀ, ଆଉ କିଏ ଅଫିସ କମଚାରୀ ମେଳିରେ ପର୍ଯ୍ୟଟନ ସ୍ଥଳୀରେ ଭୋଜିଭାତ ଆସର ଜମାଉଛନ୍ତି। ଆଉ କିଏ ପରିସର ସହିତ ବିଭିନ୍ନ ତୀର୍ଥ ସ୍ଥଳୀକୁ ପରିଦର୍ଶନ ଯାଇ ଆଗାମୀ ବର୍ଷର ପାଇଁ ସୁଖ ସମୃଦ୍ଧି କାମନା କରିଛନ୍ତି। ତେବେ ନନ୍ଦପୁର ବ୍ଲକ ସମସ୍ତ ଛଟ ବଡ଼ ପର୍ଯ୍ୟଟନ ସ୍ଥଳୀରେ ଏଥିପାଇଁ ପ୍ରବଳ ଭିଡ଼ ଦେଖିବା ମିଳିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। କେବଳ ନନ୍ଦପୁର ବ୍ଲକ ନୁହେଁ, କୋରାପୁଟ ଜିଲ୍ଲାରେ ରହିଥିବା ସମସ୍ତ ପର୍ଯ୍ୟଟନ ସ୍ଥଳୀକୁ ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଆଗମନ ହେଉଛି। ଶୀତୁଆ ତାପମାନ ସାଙ୍ଗକୁ ପାହାଡ଼ ପର୍ବତ ଘେରା ଦୃଶ୍ୟ ସହ ଜଳ ପ୍ରପାତର ଓ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ବେଶ ଆନନ୍ଦ ପ୍ରଦାନ କରିଛି। ପର୍ଯ୍ୟଟକ ମାନେ ମଧ୍ୟ କୋରାପୁଟ ଜିଲ୍ଲାର ପ୍ରକୃତି ରାଣୀର ମନଲୋଭା ଦୃଶ୍ୟରେ ମୋହିତ ହେଉଛନ୍ତି। ଏହି ସମୟରେ ବାହାର ଲୋକଙ୍କ ଆଗମନ ଯୋଗୁଁ ସ୍ଥାନୀୟ ବ୍ୟବସାୟୀଙ୍କ ଭଲ ବେପାର ହେଉଥିବା ଜଣାପଡ଼ିଛି।

## ଗୁଡାରି: 'ପଲ୍ୟୁସନ ସାର୍ଟିଫିକେଟ୍' ପାଇଁ ଯିବାକୁ ପଡୁଛି ଗୁଣପୁର

ଗୁଡାରି, ୨୯।୧୨(ସମିସ): ଦିଲ୍ଲୀରେ ଏକ୍ୟୁଆଇ ୪୦୦ ପାର ପରେ ରାଜ୍ୟରେ ପଲ୍ୟୁସନ ନିୟନ୍ତ୍ରଣ କରିବା ପାଇଁ ସରକାର ଗାଡି ଚାଳକ ଉପରେ ନଜର ରଖିବା ସହ ପଲ୍ୟୁସନ ସାର୍ଟିଫିକେଟ୍ ନଥିଲେ ଗାଡିକୁ ପେଟ୍ରୋଲ୍ ଡିଜେଲ ମିଳିବ ନାହିଁ ବୋଲି ରାଜ୍ୟ ପରିବହନ ବିଭାଗ ଆଇନ ଲାଗୁ କରିଛନ୍ତି। ସହରରେ ପଲ୍ୟୁସନ ନିୟନ୍ତ୍ରଣ ଗାଡି ରହିଥିବା ଯୋଗୁଁ ସେଠାକାର ଗାଡି ଚାଳକ ସୁବିଧାରେ ସାର୍ଟିଫିକେଟ ପାଇପାରୁଛନ୍ତି। କିନ୍ତୁ ଗୁଡାରୀ ପରିଷଦରେ ଗୋଟିଏ ପଲ୍ୟୁସନ ସାର୍ଟିଫିକେଟ କରିବା ପାଇଁ କୌଣସି ସୁବିଧା ନାହିଁ। ଏଣୁ ଗାଡି ଚାଳକ ଗୁଣପୁର ଯାଇ ସାର୍ଟିଫିକେଟ କରିବାକୁ ପଡୁଛି। ଅସୁବିଧା ଏହା ଯେ, ସାର୍ଟିଫିକେଟ କରିବା ପାଇଁ ଗୁଡ଼ାରୀ ଠାରୁ ଗୁଣପୁର ଯିବା ସମୟରେ ପ୍ରଦୁ୍ୟଷଣ ବିଭାଗର ଯାଞ୍ଚ ଚାଲିଥିଲେ, ଗାଡ଼ି ଚାଳକ ଜିଲ୍ଲା ପ୍ରଦୁ୍ୟଷଣ ବିଭାଗର ସମସ୍ୟା କହିବାକୁ ପଡୁଛ। ଅନ୍ୟପଟେ ଓଡ଼ିଶା ସରକାର ଗ୍ରାମାଞ୍ଚଳରେ ମଧ୍ୟ ପ୍ରଦୂଷଣ କରିବା ପାଇଁ ସଚେତନ କାର୍ଯ୍ୟକ୍ରମ କରିବା ଆବଶ୍ୟକତା ରହିଛି। ନଚେତ୍ ସମନ୍ୱୟର ଅଭାବରେ ସରକାର ଏବଂ ଚାଳକ ମଧ୍ୟରେ ଆଗାମୀ ଦିନରେ ଏହି ସାର୍ଟିଫିକେଟ ନେଇ ବିଭିନ୍ନ ସମସ୍ୟା ସୃଷ୍ଟି ହେବା ବଡ଼ କଥା ନୁହେଁ। ଏଥିପ୍ରତି ଦୃଷ୍ଟି ଦେବା ସହ ପଲ୍ୟୁସନ ସାର୍ଟିଫିକେଟ ଗାଡିର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଗାଡି ଚାଳକ ଦାବି କରିଛନ୍ତି।



## ଭତ୍ତା ଅପେକ୍ଷାରେ ଦୁଇ ବୃଦ୍ଧା



ନନ୍ଦପୁର, ୨୯।୧୨ (ସମିସ): ବୃଦ୍ଧ ଓ ବୃଦ୍ଧାଙ୍କ ସାମାଜିକ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା ଆଣିଥିଲେ ମଧ୍ୟ ଏହାର ସଠିକ ଲାଭ ଯୋଗ୍ୟ ଲୋକଙ୍କ ପାଖରେ ପହଞ୍ଚିପାରୁନଥିବା ଅଭିଯୋଗ ପୁନର୍ବାର ସାମ୍ନାକୁ ଆସିଛି। କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ନନ୍ଦପୁର ଥାନା ଅଧୀନ ବନମାଳିପୁଟ ପଞ୍ଚାୟତର ଗାଦିଆଖୋଲା ଗ୍ରାମରେ ଦୁଇଜଣ ବୟସ୍କା ମହିଳା ଫୁଲମତି ମାଳି ଓ ଗୋରୀମଣି ନାୟକ ଏହାର ଜ୍ୱଳନ୍ତ ଉଦାହରଣ। ୬୧ ବର୍ଷ ବୟସ ହେଲେ ମଧ୍ୟ ଏହି ଦୁଇଜଣ ବୟସ୍କା ମହିଳାଙ୍କୁ ଆଜି ପର୍ଯ୍ୟନ୍ତ ନା ବାର୍ଦ୍ଧକ୍ୟ ଭତ୍ତା ମିଳିଛି, ନା ଉଦ୍ଦିଷ୍ଟ ଆବାସ ଯୋଜନାର ସୁବିଧା। ସେମାନେ ପେନ୍‌ସନ ପାଇଁ ଅନ୍‌ଲାଇନ ଆବେଦନ କରିଥିଲେ ମଧ୍ୟ କୌଣସି ଫଳାଫଳ ମିଳିନଥିବାରୁ ନିରାଶ ହୋଇପଡ଼ିଛନ୍ତି। ଭତ୍ତା ଓ ଆବାସ ପାଇଁ ବାରମ୍ବାର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଧାଇଁଧାଇଁ ଶେଷରେ ସେମାନେ ଦୁଃଖରେ ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି। ଏହି ବିଷୟରେ ସ୍ଥାନୀୟ ସରପଞ୍ଚ ଓ ପିଇଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଗୋରୀମଣି ନାୟକଙ୍କ ପରିବାର ଅଭିଯୋଗ କରିଛନ୍ତି। ଦୁଃଖର ବିଷୟ ହେଉଛି, ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ୪ କିଲୋମିଟର ଦୂରରେ ବସବାସ କରୁଥିବା ସତ୍ତ୍ୱେ ଏହି ଦୁଇ ପରିବାର ମୌଳିକ ସରକାରୀ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏହା ସରକାରୀ ଯୋଜନାର ରୂପାୟନ ଓ ପ୍ରଶାସନିକ ଅବହେଳା ଉପରେ ପ୍ରଶ୍ନ ଉଠାଉଛି। ବିଡିଓ ଜୟନ୍ତ ମେହେର ଏ ବିଷୟରେ ତୁରନ୍ତ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତବ୍ୟ ଦେଇଛନ୍ତି। ଏଭଳି ଅସହାୟ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଲାଗି ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଶୂଳିଆ ଘାଟି ଅଙ୍କାବଙ୍କା ରାସ୍ତାକୁ ସଳଖ କରିବାକୁ ଦାବି

# ମାତ୍ର ୩୦୦ମିଟର ରାସ୍ତାରେ ରହିଛି ୫ରୁ ଅଧିକ ବୁଲାଣି

କୋରୁକୋଣ୍ଡା, ୨୯ ।୧୨ (ସମିସ)

କୋଟି କୋଟି ଟଙ୍କା ଖର୍ଚ୍ଚ କରି ଭଲ ରାସ୍ତା ଉପରେ ପୁଣି ପିଚୁ ଢାଳି ନୂତନ ରାସ୍ତା ନିର୍ମାଣ ବେଳେ ଦୁର୍ଘଟଣା ଘଟୁଥିବା ସ୍ଥାନକୁ ଗୁଡିକୁ ଚିହ୍ନଟ କରି ବାଙ୍କ ରାସ୍ତାକୁ କାଟି ସିଧା କଲା ନାହିଁ ପ୍ରଶାସନ। ଫଳରେ ସାଧାରଣରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବର୍ଷେରୁ ଅଧିକ ସମୟ ହେବ ମାଲକାନଗିରି ସ୍ଥିତ ଆରଏଣ୍ଡବି ବିଭାଗ ପକ୍ଷରୁ ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାର ସ୍ଥାନେ ସ୍ଥାନେ ନୂଆ କରି ପିଚୁ ଢାଳି, ଘାଟି ଥିବା ରାସ୍ତାକୁ କାଟି ସମତୁଲ କରିବା ଏବଂ ଦୁର୍ଘଟଣା ଘଟୁଥିବା ଘାଟି ଗୁଡ଼ିକ କାଟି ସିଧା କରିବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କୋରୁକୋଣ୍ଡା ନିକଟସ୍ଥ ଶୂଳିଆ



କଲୋନୀ ଶିବ ମନ୍ଦିର ନିକଟରୁ ନାୟକଗୁଡା ଛକ ପର୍ଯ୍ୟନ୍ତ ରହିଥିବା ଶୂଳିଆ ଘାଟିର ଅଙ୍କାବଙ୍କା ହୋଇଥିବା ରାସ୍ତା କାଟିବାକୁ ଭୁଲିଗଲା ବିଭାଗ। ଗତ ୯ ମାସ ତଳେ ଏହି ଶୂଳିଆ ଘାଟିର ମୁଖ୍ୟ ରାସ୍ତା ଉପରେ ଆରଏଣ୍ଡବି ବିଭାଗ ପକ୍ଷରୁ ନୂଆ କରି ପିଚୁ ପଡ଼ିଥିଲା। କିନ୍ତୁ ରାସ୍ତାଟିରୁ ପିଚୁ ନ ଉଠି ରାସ୍ତାଟି ଭଲ ରହିଥିବାବେଳେ ୫ ଦିନ ତଳେ ଉକ୍ତ ଘାଟି ରାସ୍ତା ଉପରେ ବିଭାଗ ପକ୍ଷରୁ ନୂଆ କରି ପିଚୁ ଢଳାଇ ହୋଇ ନୂତନ ରାସ୍ତା ନିର୍ମାଣ କରାଯାଇଥିବା ଦେଖିବାକୁ ମିଳୁଛି। ଘାଟି ରାସ୍ତା ସିଧା ହେଉ ନଥିବାରୁ ବିଭାଗ ଏପରି ନିଜ ମନମୁତାବକ କାର୍ଯ୍ୟ କରୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲ୍ଲା ସଦର ମହକୁମାକୁ ଏହି ଗୋଟିଏ ହିଁ ମୁଖ୍ୟ ରାସ୍ତା ରହିଥିବା ହେତୁ ଶୂଳିଆ ଘାଟି ରାସ୍ତାରେ ଦୈନିକ ଶହ ଶହ ଗାଡି ଯାତାୟତ କରିଥାଏ। ଦୈନିକ ଜିଲ୍ଲା ସ୍ତରୀୟ ବହୁ ଅଧିକାରୀ ମାନେ ମଧ୍ୟ ବାଲିମେଳା,

**ପ୍ରତିବର୍ଷ ଯାଉଛି ଅନେକ ଜୀବନ**

କୁଡୁମୁଲୁଗୁମ୍ମା ତଥା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳ ଗସ୍ତରେ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ତେବେ କୌଣସି ପ୍ରଶାସନିକ ଅଧିକାରୀ ମାନଙ୍କ ନଜର ପଡୁ ନଥିବା ହେତୁ ଏପରି ବହୁ ଦୁର୍ଘଟଣାର ଶିକାର ହେଉଛନ୍ତି ବାଇକ ଚାଳକ ଏବଂ ଅନେକ ମୃତାହତ ଘଟଣା ଘଟିଛି। ଘାଟି ରାସ୍ତାର ଏ କଡ଼କୁ ସେ କଡ ଆଦୌ ଦେଖା ଯାଉ ନଥିବା ହେତୁ ବହୁ ସମୟରେ ବାଇକ୍ ଚାଳକ ମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଆରଆଣ୍ଡବି ବିଭାଗ ପକ୍ଷରୁ ଏହି ଘାଟିର ଅଙ୍କାବଙ୍କା ରାସ୍ତାକୁ କାଟି ସିଧା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଆମେ ବିଭାଗୀୟ ଏସ୍‌ଡିଓ ମକର୍ଷଣ ବେହେରାଙ୍କୁ ପଚାରିବାରୁ ଉକ୍ତ ଘାଟିରେ ଥିବା ଜଙ୍ଗଲ ବନ ବିଭାଗ ଅଧୀନରେ ରହିଛି, ତେଣୁ ତାହା କାଟି ସିଧା ରାସ୍ତା ନିର୍ମାଣ କରିବା ସମ୍ଭବପର ନାହିଁ। ଘାଟି ରାସ୍ତାର ଉଭୟ ପଟ ଦୃଶ୍ୟମାନ ନିମନ୍ତେ ବିଭାଗ ପକ୍ଷରୁ ମିରର ଲଗାଯିବା ସହ ଦୁର୍ଘଟଣା ପ୍ରବଣ ସ୍ଥାନର ଫଳକ ଲଗାଇ ପିଚୁ ରାସ୍ତାର ଦୁଇ କଡରେ ଓସାରିଆ ଭାବେ ପେଭର ବ୍ଲକ ରାସ୍ତା ନିର୍ମାଣ କରାଯିବ ବୋଲି ସେ ସୂଚନା ଦେଇଥିଲେ।

## ଆଠଗଡ଼ରେ ରାଜନୈତିକ ଉଷ୍ମତା

# ଫଳକ ଭଙ୍ଗା ଘଟଣାରେ ବିଜେଡିର ବିକ୍ଷୋଭ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଆଠଗଡ଼,୨୯।୧୨(ସମିସ)

ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ୫୦ ଶଯ୍ୟା ବିଶିଷ୍ଟ କକ୍ଷର ଫଳକ ଭଙ୍ଗାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଗତ ଶନିବାର ବିଜେପି କର୍ମୀମାନଙ୍କ ଦ୍ୱାରା ଏହି ଫଳକ ଭଙ୍ଗା ଯାଇଥିବା ଅଭିଯୋଗ ହେବା ପରେ ଘଟଣା ଏବେ ଥାନା ଓ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚିଛି। ଏହି ମାମଲାରେ ପୁଲିସ, ସାମାଜିକ କର୍ମୀ ଓ ଚିକିତ୍ସାଳୟ ଅଧୀକ୍ଷକଙ୍କ ପକ୍ଷରୁ ମୋଟ ୩ଟି ପୃଥକ ଏତଲା ରୁଜୁ କରାଯାଇଛି। ବିନା ଅନୁମତିରେ ଚିକିତ୍ସାଳୟ ପରିସରରେ ଭଙ୍ଗାରୁଜା ଓ ନାରାବାଜି କରିବା ଅଭିଯୋଗରେ ପୁଲିସ ଛାନଭିନ୍ ଜାରି ରଖିଛି। ଏହି ଘଟଣା ପରେ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ଦଳୀୟ ନେତାମାନେ ଅଭିଯୋଗ କରିଛନ୍ତି ଯେ ଆଠଗଡ଼ରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତରଖାନାରେ ୫୩ଟି ଡାକ୍ତର ପଦ ମଧ୍ୟରୁ ମାତ୍ର ୧୫ ଜଣରେ ଚିକିତ୍ସା ସେବା ଚାଲିଛି।



ଦୀର୍ଘ ୧୦ ମାସ ଧରି ବନ୍ଦ ରହିଥିବା ଏହି ୫୦ ଶଯ୍ୟା ବିଶିଷ୍ଟ କକ୍ଷଟିକୁ ଜନସାଧାରଣଙ୍କ ସୁବିଧା ପାଇଁ ଗତ ଡିସେମ୍ବର ୧୯ରେ ରୋଗୀ କଲ୍ୟାଣ ସମିତି ଦ୍ୱାରା ଲୋକାର୍ପିତ କରାଯାଇଥିଲା। ବିଜେପି କର୍ମୀମାନେ ଅଗଣତାନ୍ତ୍ରିକ ଭାବେ ଏହାକୁ ଭାଙ୍ଗିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଜେଡି କହିଛି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ମଧ୍ୟ ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଠଗଡ଼ ଅଞ୍ଚଳକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଣଦେଖା କରାଯାଉଥିବା ଅଭିଯୋଗ କରି ଚାନ୍ଦବାଲି ଛକଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଶିଶିର ମାନସିଂହ ଓ ପ୍ରଦୀପ୍ତ ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ନବଜୀବନ ସମାଜର ବାର୍ଷିକ ଉତ୍ସବ



ଟାଙ୍ଗୀ,୨୯ ।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ଗ୍ରାମରେ ଜନ୍ମଲାଭ କରିଥିବା ନବଜୀବନ ସମାଜର ୨୯ତମ ବାର୍ଷିକ ଉତ୍ସବ ଗରୁଡ଼ଗାଁ ପଞ୍ଚାୟତ ମା କାକଟପୁରିଆଣୀମନ୍ଦିରପରିସରରେରବିବାରଅନୁଷ୍ଠିତହୋଇଯାଇଛି।ବର୍ଣ୍ଣବୋଧ ଶିକ୍ଷକ ପ୍ରମୋଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ନରେନ୍ଦ୍ର ବଳ ପ୍ରମୁଖ ଯୋଗ ଦେଇ ଥିଲେ। ଅନୁଷ୍ଠାନ ତରଫରୁ ପ୍ରକାଶ ପାଉଥିବା ନବଧାରା ପତ୍ରିକା ୨୯ତମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତଙ୍କୁ ମେଡାଲ ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକାଶ ସାହୁ, ପୁଷ୍ପାସିନୀ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା ଓ ପ୍ରକାଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ରୋଟାରୀ କ୍ଲବ୍‌ର କମ୍ବଳ ବଣ୍ଟନ



ଚୌଦ୍ୱାର,୨୯।୧୨(ସମିସ): ରୋଟାରୀ କ୍ଲବ୍ କଟକ ଅଭିନବ ଏବଂ ଆରସିସି କୁଜିବର ଆନୁକୂଲ୍ୟରେ କୁଜିବର ଗ୍ରାମର ବୟସ୍କ ବ୍ୟକ୍ତି ବିଶେଷଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କ୍ଲବ ସଭାପତି ଜୀବନ ପଟ୍ଟନାୟକ ଓ ସମ୍ପାଦିକା ମନୋରମା ଜେନାଙ୍କ ନେତୃତ୍ୱରେ ଏକ ଦଳ କୁଜିବର ଗ୍ରାମରେ ପହଞ୍ଚି ଗ୍ରାମର ବୟସ୍କ ମହିଳା ଓ ପୁରୁଷଙ୍କୁ ୫୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କରିଥିଲେ। ରୋଟାରିଆନ୍ ପ୍ରଦୀପ୍ତା ନାୟକ, ସୁଧାଂଶୁ ଶେଖର ଜେନା, ସୀମାଞ୍ଚଳ ନାୟକ, ଆରସିସିର ଉମେଶଚନ୍ଦ୍ର ସାହାଣୀ, ଅନ୍ତର୍ଯ୍ୟାମୀ ଦାସ, ସତ୍ୟଭାମା ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବାସୁଦେବ ସାହୁ ଧନ୍ୟବାଦ ଦେଇଥିଲେ।

## ୨୦୦୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ



ମାହାଙ୍ଗା,୨୯।୧୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟାନିକେତନ, ପଶ୍ଚିଲୁଣ୍ଡା ଉଚ୍ଚ ବିଦ୍ୟାଳୟ ୨୦୦୪ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ ଓଳାଶୁଣୀ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଦୀର୍ଘ ୨୧ ବର୍ଷ ତଳର ସ୍ମୃତିକୁ ମନେପକାଇ ବେଶ ଧୂମଧାମରେ ବନ୍ଧୁମିଳନ କାର୍ଯ୍ୟକ୍ରମଟିକୁ ଉପଭୋଗ କରିଥିଲେ। ଏଥିରେ ଆଲୋକ ବାରିକ, ମଧୁସ୍ମିତା ପାଣି, ସୌମ୍ୟରଞ୍ଜନ ବିଶ୍ୱାଳ, ସଞ୍ଜୀବ ବିଶ୍ୱାଳ, ଶିଶିର ନାୟକ, ଧନେଶ୍ୱର ବେହେରା, ଜୟନ୍ତ ଜେନା, ଆଶିଷ ମହାନ୍ତି, ନିହାର ରଞ୍ଜନ ସାହୁ, ଶିଶିର ନାୟକ, ବଲ୍ଲଭ ଚକ୍ରବର୍ତ୍ତୀ, ସନ୍ତୋଷ ଚକ୍ରବର୍ତ୍ତୀ, ସତ୍ୟଜିତ ପ୍ରଧାନ, ଅବିନାଶ ତ୍ରିପାଠୀ, ଜନ୍ମେଜୟ ଦାସ, ବିକାଶ ମହାନ୍ତି, ଯାଜ୍ଞସେନୀ ମହାନ୍ତି, ଅଶ୍ୱିନୀ ସାହୁ, ସନ୍ତୋଷ ପାଣି, ସ୍ମୃତି ରଞ୍ଜନ ବିଶ୍ୱାଳ, ଭରତ ଚନ୍ଦ୍ର ଦାସ, ସୁବାସଚନ୍ଦ୍ର ଖଟୁଆ, ହରପ୍ରିୟା ପାଣି, ବିକ୍ରାନ୍ତ ଦାସଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସର୍ବଶେଷରେ ଛାତ୍ର ସ୍ୱର୍ଗତ ସତ୍ୟଜିତ ରାଉତରାୟ ଏବଂ ପ୍ରଶାନ୍ତ ବାରିକଙ୍କ ସ୍ମୃତି ଉଦ୍ଦେଶ୍ୟ ୨ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା।

## ବୃତ୍ତି ପରୀକ୍ଷାରେ ପ୍ରଜ୍ଞା ପରିଣିତାଙ୍କୁ ସଫଳତା



ଫୁଲନଖରା,୨୯।୧୨(ସମିସ): ତେଲେଙ୍ଗାପେଣ୍ଠସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ରୀ ପ୍ରଜ୍ଞା ପରିଣିତା ଦାସ ରାଜ୍ୟ ସରକାରଙ୍କ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ସରକାରଙ୍କ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୁଶ୍ରୀ ଦାସ ଉକ୍ତ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ଅଧ୍ୟୟନରତ। ତାଙ୍କର ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରତିଭା ମହାପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଞ୍ଚଳବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କଂଗ୍ରେସର ପ୍ରତିଷ୍ଠା ଦିବସରେ ଫଳ ବଣ୍ଟନ



ନିଶ୍ଚିନ୍ତକୋଇଲି,୨୯।୧୨(ସମିସ): ଭାରତୀୟ ଜାତୀୟ କଂଗ୍ରେସ ଦଳର ୧୪୦ତମ ପ୍ରତିଷ୍ଠା ଦିବସ ରବିବାର ପୂର୍ବାହ୍ନରେ ନେମାଳ ଗାନ୍ଧୀ ଭବନ ସମ୍ମୁଖରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ହୋଇଛି। ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭ୍ୟ ନାରାୟଣ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ପ୍ରଦୀପ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବେ କଂଗ୍ରେସ ଅନୁସୂଚୀତ ଜାତି ବିଭାଗର ଜିଲ୍ଲା ଅଧ୍ୟକ୍ଷ ପ୍ରତାପ ମଲିକ, ମାହାଙ୍ଗା ଯୁବ କଂଗ୍ରେସ ସଭାପତି ସେକ ସଦ୍ଦାମ, ସାମ୍ବାଦିକ କ୍ଷମାନିଧି ପୃଷ୍ଟିରୀ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ବୈକୁଣ୍ଠ ମଲିକ, ମହମ୍ମଦ ସମିମ, ସମାଜସେବୀ ପରମାନନ୍ଦ ସେଠୀ, ରମେଶ ବେହେରା, କୃଷକ ନେତା ଶରତ ଦାସ, ସାନ୍ତପୁର ପଞ୍ଚାୟତ ସଭାପତି ହେମନ୍ତ ରାଉତ, ଗୋପାଳ ସେଠୀ, ମନୱାର ଅଲୀ, ରାଜେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଜିଲ୍ଲା ସଭାପତି ଶ୍ରୀ ଦାସ ଫଳ ବଣ୍ଟନ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

## ରାମ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ




ଟାଙ୍ଗୀ,୨୯।୧୨(ସମିସ): ମହାନ ଜନନାୟକ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ କୋଟସାହିସ୍ଥିତ ଶ୍ରୀରାମ ମନ୍ଦିର ଉନ୍ନତିକରଣ କାର୍ଯ୍ୟର ଉଦଘାଟନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଜେପି ସଂଗଠକ ତଥା ସାମାଜିକ କର୍ମୀ ଆକାଶ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସମିତିସଭ୍ୟା ମଧୁସ୍ମିତା ଚାତାର ଯୋଗଦେଇ ୨ ଲକ୍ଷ ଟଙ୍କାର ଉକ୍ତ କାର୍ଯ୍ୟକୁ ଉଦଘାଟନ କରିଥିଲେ।

## ଛାତ୍ରୀଙ୍କୁ ଚାରା ରୋପଣ ପ୍ରଶିକ୍ଷଣ

ଫୁଲନଖରା,୨୯।୧୨(ସମିସ): ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଛାତ୍ରୀମାନଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚାରାଗଛ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗିସ୍ଥିତ ଡାଳିଯୋଡାସ୍ଥିତ ଶ୍ରୀ ଅରବିନ୍ଦ ଶ୍ରୀକ୍ଷେତ୍ର ଆଶ୍ରମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ




ଛାତ୍ରୀଙ୍କୁ ଚାରା ସୃଷ୍ଟି, ରୋପଣଠାରୁ ଆରମ୍ଭ କରି ଗ୍ରାଫ୍ଟିଂ, ଡାଳ କଲମୀ, ଗୋଟି କଲମୀ, ବଡ଼ କଲମୀ, ସିଡ୍ ବଲ୍ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜୈବିକ ଖତର ପ୍ରସ୍ତୁତି ପ୍ରଣାଳୀ ମଧ୍ୟ ଛାତ୍ରୀଙ୍କୁ ଶିକ୍ଷା ଦିଆଯିବା ସହ ଏହାକୁ ଭବିଷ୍ୟତରେ ନିଜର ବୃତ୍ତି ଭାବରେ ଗ୍ରହଣ କରି ପରିବାରର ଆର୍ଥିକ ସମସ୍ୟା ସୁଦୃଢ଼ କରିପାରିବେ ବୋଲି ପ୍ରଶିକ୍ଷକ କରୁଣାକର ବେଙ୍ଗରା ଓ ହରପ୍ରସାଦ ସାହୁ ପ୍ରକାଶ କରିଥିଲେ। ପ୍ରୋଗ୍ରାମିଂ ଅଫିସର ଭରତ ଜେନା ମୁଖ୍ୟଅତିଥି ଭାବରେ ଛାତ୍ରୀଙ୍କୁ ପ୍ରକୃତି ସହିତ ନିଜକୁ ଯୋଡି ପ୍ରକୃତିକୁ ଭଲ ପାଇବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଂପାଦକ ଧରଣୀଧର ପାଲ, ପ୍ରକୃତିମିତ୍ର ଅଭୟ ଜେନା, ବିଶ୍ୱ ନାହାକାଣୀ କଲେଜ୍‌ର ଅଧ୍ୟକ୍ଷ ଡଃ ସଚ୍ଚିଦାନନ୍ଦ ପ୍ରଧାନ ଅତିଥି ଭାବରେ ଯୋଗଦେଇଥିବା ବେଳେ ମହିଳା ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଇନ୍‌ଚାର୍ଜ ଅନସୂୟା ଆଚାର୍ଯ୍ୟ, ରେଣୁପ୍ରିୟା ପଣ୍ଡା ଓ ନିରୂପମା ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନବପ୍ରଭାତରେ ବିଧାନସଭା କାର୍ଯ୍ୟକ୍ରମ

ସାଲେପୁର,୨୯ ।୧୨(ସମିସ): ନବପ୍ରଭାତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ପରିସରରେ ଆଜି ନବପ୍ରଭାତରେ ବିଧାନସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁରସ୍ଥିତ ନବପ୍ରଭାତ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାୟୋଜିତ ଏକ ଅଭିନବ ପ୍ରୟାସରେ ବାଚସ୍ପତି ଭାବେ ହିମାଂଶୁ ମୋହନ ବାରିକ, ମୁଖ୍ୟମନ୍ତ୍ରୀ ଅରୁଣଜିତ୍ ମହାରଣା, ଉପମୁଖ୍ୟମନ୍ତ୍ରୀ ଜିତେନ୍ଦ୍ର ଜେନା, ବିରୋଧୀ ଦଳ ନେତା ଭାବେ ଶଶାଙ୍କ ଏସ୍. ଶାନ୍ତି, ବିଧାୟକ ପ୍ରତ୍ୟୁଷ କର, ନର୍ମଦା ସାମଲ, ନିହାର ରଞ୍ଜନ ଶତପଥୀ, ଅମ୍ରିତା କର, ସତ୍ୟପ୍ରକାଶ ପରିଡ଼ା, ଦେବସ୍ମିତା ସାହୁ, ନୁସରତ୍ ଫାତିମା, ରାଜଶ୍ରୀ ମହାରଣା, ଆଦ୍ୟାଶା ପରିଡ଼ା, ମହମ୍ମଦ ଏଜାଜ୍, ସ୍ମୃତିକାନ୍ତ ବାରିକ, ଅଂଶୁମାନ ପାଣ୍ଡବ, ସଚିବନ୍ତ ମଲ୍ଲିକ, ପଙ୍କଜ ନାୟକ, ମାନସ ଦାସ, ସତ୍ୟମ୍ ଶେଖର ଭୂୟାଁ, ପ୍ରଗତିକା ବେହେରା, ଅର୍ଚ୍ଚିତା ପତି, ସୋନାଲି ମଲିକ, ଅର୍ପିତା ନାୟକ, ସୌମ୍ୟ ପ୍ରକାଶ ମଲିକ, ତନିଶା ତପସ୍ୱିନୀ ନାୟକ ଅଂଶଗ୍ରହଣ କରିଥିବାବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ଭାବେ ଶୁଭମ୍ ନାୟକ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଭାବେ ସ୍ୱର୍ଣ୍ଣଲତା ମିଶ୍ର, ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ଭାବେ ଶୁଭସ୍ମିତା ପଣ୍ଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରିୟଦର୍ଶିନୀ ଦଳାଇ, କ୍ରୀଡ଼ା ମନ୍ତ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ, ପରିବେଶ ମନ୍ତ୍ରୀ ଅର୍ଚ୍ଚନା ଜେନା, ଅର୍ଥମନ୍ତ୍ରୀ ଭାବେ ସରୋଜ ବିଶୋଇ, ପରିବହନ ମନ୍ତ୍ରୀ ତନ୍ମୟ ପଣ୍ଡା, ଆଇନମନ୍ତ୍ରୀ ଦିଲ୍ଲୀପ ବେହେରା ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଶୁଭମ ଭୂୟାଁ ଅଂଶଗ୍ରହଣ କରି ଉକ୍ତ ଶିକ୍ଷାନୁଷ୍ଠାନକୁ ଏକ ରାଜ୍ୟ ଭାବେ ଗ୍ରହଣ କରି ବିଧାନସଭା ମାଧ୍ୟମରେ ଅନୁଷ୍ଠାନର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକମାନେ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସଂପର୍କରେ ପ୍ରଶ୍ନ ପଚାରିବା ସହ ମନ୍ତ୍ରୀମାନେ ଏହାର ଉତ୍ତର ରଖିଥିଲେ। ଏହି କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିବା ଦେଖିବାକୁ ମିଳିଥିଲା।

## ଲେହେଙ୍ଗ ପ୍ରାଥମିକ ବିଦ୍ୟାଳୟର ବନ୍ଧୁମିଳନ

ବଡ଼ମ୍ବା,୨୯।୧୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଲେହେଙ୍ଗ ଗ୍ରାମରେ ଅବସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨୦୦୦ ମସିହା ପଢୁଥିବା ପଞ୍ଚମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଖାପାଖି ବସି ପାଠ ପଢିଥିବା ସାଙ୍ଗସାଥୀ ଦୀର୍ଘ ୨୫ ବର୍ଷ ପରେ ଏକାଠି ହୋଇ



ସ୍କୁଲ ସମୟର ପାଠପଢା ସାଙ୍ଗକୁ ଖେଳକୁଦକୁ ମନେପକାଇ ଭାବ ପ୍ରବଣ ହୋଇପଡ଼ିଥିଲେ। ନିରଞ୍ଜନ ରାଉତ, ଅମରେଶ ବେହେରା ଓ ଦୁଷ୍ମନ୍ତ ବେହେରାଙ୍କ ପ୍ରଚେଷ୍ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ପ୍ରତିହାରୀ, ପ୍ରଜ୍ଞା ପ୍ରସନ ଭୂୟାଁ, ମନୋରଞ୍ଜନ ପ୍ରଧାନ, ପ୍ରଭାସ ପ୍ରଧାନ, ଅନିରୁଦ୍ଧ ବେହେରା, ସରୋଜ ବେହେରା, ସୁଶାନ୍ତ ବେହେରା, ବୈଜୟନ୍ତୀ ଗଡପଲା, କଳ୍ପନା ଗଡପଲା, ଟିକିନା ରାଉତ, ସ୍ୱର୍ଣ୍ଣଲତା ପ୍ରତିହାରୀ, ମାନିନୀ ପ୍ରଧାନ ଯୋଗଦେଇଥିଲେ।

## ଗରୁଡ଼ଗାଁରେ କୃଷକଙ୍କୁ ପମ୍ପ ବଣ୍ଟନ



ଟାଙ୍ଗୀ,୨୯ ।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟପରିସରରେଡାଲମିଆ ଭାରତ ଫାଉଣ୍ଡେସନ ଆନୁକୂଲ୍ୟରେ ଜାତୀୟ କୃଷକ ଦିବସ ପାଳିତ ଅବସରରେ କୃଷକଙ୍କୁ ମାଗଣାରେ ପେଟ୍ରୋଲ ପମ୍ପ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କପିଳାସ ସିମେଣ୍ଟ ମାନୁଫ୍ୟାକଚରିଂ ୱର୍କର ଏଚଆର ହେଡ ସୁଧିରରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା ଓ ପୂର୍ବତନ ସରପଞ୍ଚ ସୁବୋଧ ସାମଲ ପ୍ରମୁଖ ଯୋଗଦେଇ କୃଷି ଓ କୃଷକର ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଠ ଜଣ କୃଷକଙ୍କୁ ଟୁ-ଏଚପି ପେଟ୍ରୋଲ ପମ୍ପ ବଣ୍ଟନ କରାଯାଇଥିଲା। ଏଥିସହ ପାଞ୍ଚ ଜଣ ଆଗୁଆ କୃଷକଙ୍କୁ ସମ୍ମାନିତ କରାଯିବା ସହ ତାରପଲିନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଲୋକସମ୍ପର୍କ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ସିଏସଆର ମୁଖ୍ୟ କବିତା ସାହୁଙ୍କ ସମେତ ପ୍ରକଳ୍ପର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଏମ୍‌ଜିଇଏମ୍ ସ୍କୁଲରେ ପୁରାତନ ବିଦ୍ୟାର୍ଥୀ ସମାବେଶ



ଆଠଗଡ,୨୯।୧୨(ସମିସ): ଆଠଗଡରେ ୩୮ ବର୍ଷ ପୂର୍ବରୁ ପ୍ରତିଷ୍ଠିତ ମହାତ୍ମା ଗାନ୍ଧୀ ଇଂଲିଶ ମିଡିୟମ ସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ସମାବେଶ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ ଓ ମୁଖ୍ୟବକ୍ତା ରୂପେ କିଟ୍ ବିଶ୍ୱବିଦ୍ୟାଳୟର କୂଳସଚିବ ପ୍ରଫେସର ଡ.ଜ୍ଞାନରଞ୍ଜନ ମହାନ୍ତି ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସ୍କୁଲର ଉପସଭାପତି ରମାକାନ୍ତ ପଟ୍ଟନାୟକ, ସମ୍ପାଦକ ଶ୍ରୀଧର ରଥ ଏବଂ ଅଧ୍ୟକ୍ଷା ପୁଲିନ ମିଶ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ଆଲୁମନି ଗ୍ରୁପର ମୁଖ୍ୟ ସଂଯୋଜକ ସଞ୍ଜିତ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ଡ.ଇପ୍ସିତା ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦକ ମନୋରଞ୍ଜନ ସାହୁ ବିବରଣୀ ଉପସ୍ଥାପନ କରିଥିଲେ। ସ୍କୁଲରେ ପୂର୍ବରୁ ଶିକ୍ଷାଦାନ କରିଥିବା ଏବଂ ବର୍ତ୍ତମାନ କାର୍ଯ୍ୟରତ ଥିବା ବହୁ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ପୁରାତନ ବିଦ୍ୟାର୍ଥୀଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରୀ ତଥା ଶିକ୍ଷୟିତ୍ରୀ ଦୀପ୍ତିମା ସାହୁ ଧନ୍ୟବାଦ ଦେଇଥିଲେ। ଶେଷ ପର୍ଯ୍ୟାୟରେ ପୁରାତନ ଛାତ୍ରୀ ତଥା ସୁନାମଧନ୍ୟ କଣ୍ଠଶିଳ୍ପୀ ସୌଜନ୍ୟା ରଥଙ୍କ ସଂଗୀତ ସହିତ ଅନ୍ୟମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଶିଶୁ ପ୍ରତିଭା ଅନ୍ୱେଷଣ



ନରସିଂହପୁର,୨୯।୧୨(ସମିସ): ନରସିଂହପୁର ବ୍ଲକ ବଲିଡିହ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତୈଳିକ ବୈଶ୍ୟ ସମାଜ ସଭାପତି ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବଡମ୍ବା ବିଧାୟକ ବିଜୟ ଦଳବେହେରା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ବୈଶ୍ୟ ସମାଜ ଉପସଭାପତି ବସନ୍ତ ସାହୁ, ସଂପାଦକ ବୈକୁଣ୍ଠନାଥ ସାହୁ, ଉପଦେଷ୍ଟା ଅଲେଖ ପ୍ରସାଦ ସାହୁ, ସହ ସଂପାଦକ ପ୍ରଦୀପ୍ତ ସାହୁ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ଓ ଶିକ୍ଷା ସମ୍ପାଦକ ହରିଶଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

## ସାଲେପୁର ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

# ୧୬୪ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ




ସାଲେପୁର,୨୯।୧୨(ସମିସ): ଆଜି ସାଲେପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବ୍ଲକର ୩୫ଟି ପଞ୍ଚାୟତ ସମେତ ପଡୋଶୀ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ବହୁ ଜନସାଧାରଣ ଆପତ୍ତି ଅଭିଯୋଗ କରିଥିଲେ। ଏଥିରେ ମୋଟ ବିଭିନ୍ନ ସମସ୍ୟା ନେଇ ୧୬୪ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ବ୍ୟକ୍ତିଗତ ୧୨୮ ଓ ସାମୁହିକ ୩୬ଟି ନାମ ପଞ୍ଜିକରଣ କରିଥିଲେ। ଏଥି ମଧ୍ୟରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ ଅଧିକାଂଶ ଆବେଦନ ମଧ୍ୟରୁ ବାର୍ଦ୍ଧକ୍ୟ ଭତ୍ତା ଓ ରାସନ କାର୍ଡ ସମ୍ବନ୍ଧୀୟ ଅଭିଯୋଗ କରାଯାଇଥିଲା। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଆପତ୍ତି ଅଭିଯୋଗ ଗ୍ରହଣ କରି ସମସ୍ତ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ସହ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ବିଶେଷ କରି ସାଲେପୁର ଅଞ୍ଚଳରେ ବହୁ ମାତ୍ରାରେ ସରକାରୀ ଜମି ଜବରଦଖଲକାରୀଙ୍କ କବଜାରେ ରହିଅଛି। ପର୍ଯ୍ୟାୟକ୍ରମେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଥିବା ଶିଶୁଆ-ମାଢ଼ଙ୍ଗା ରାସ୍ତା ଦୁଇ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରକାଶ କରିଥିଲେ। ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ କଟକ ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲ, କଟକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ସାଲେପୁର ତହସିଲଦାର ଜୟନ୍ତ ଜୟସିଂହ, ସିଡିପିଓ ସୌଦାମିନୀ ପଣ୍ଡା କାର୍ଯ୍ୟକାରୀ ନିର୍ବାହୀ ଉପ ଆରକ୍ଷୀ ଅଧୀକ୍ଷକ ଅଜୟ ଦାସ, ସାଲେପୁର ଥାନା ଭାରପ୍ରାପ୍ତ ଅଧିକାରୀ ଅନୀତା ସାହୁଙ୍କ ସମେତ ସାଲେପୁର ଅଞ୍ଚଳର ସମସ୍ତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ଓଡ଼ିଶା ପୁଲିସ ଚାମ୍ପିଅନ



**ଶରଣକୁଳ,୨୯।୧୨(ସମିସ):** ଶରଣକୁଳ ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ୩ୟ ସର୍ବଭାରତୀୟ ମହିଳା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ଓଡ଼ିଶା ପୁଲିସ କଟକ ଓ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ପୁଲିସ ୨-୧ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଗୀନା ତିର୍କୀ ଖେଳ ପରିଚାଳନା କରିଥିବାବେଳେ ବାଳମତୀ ଓରାମ, ସୀତା ମାରାଣ୍ଡି ଓ ଆରତୀ ମହାନ୍ତି ଲାଇନ୍‌ରେ ସହାୟତା କରିଥିଲେ। ରଣପୁର ବିଧାୟିକା ତଥା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିପିନ ବିହାରୀ ପାଢ଼ୀ, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଶରଣକୁଳ ଥାନା ଅଧିକାରୀ ସୁଜିତ୍ ଦାସ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ହରିହରପୁର ସରପଞ୍ଚ ବିଳାସିନୀ ମହାପାତ୍ର, ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇ ବିଜେତା ଓଡ଼ିଶା ପୁଲିସ ଦଳକୁ ୫୦ ହଜାର ଓ ପରାଜିତ ସୁନ୍ଦରଗଡ଼ ଦଳକୁ ୨୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଏଥିସହିତ ଇଣ୍ଡିଆ ମହିଳା ବ୍ଲାଇଣ୍ଡ କ୍ରିକେଟ ଟିମ୍‌ର ୬ ଜଣ ଖେଳାଳି ଅତିଥି ରୂପେ ଯୋଗଦେଇଥିଲେ। ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ସତ୍ୟବତୀ ଖାଡ଼ିଆଙ୍କୁ ଶ୍ରେଷ୍ଠ ଖେଳାଳି ଓ ମାଳତୀ ମୁଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କୃତ କରାଯାଇଥିଲା। ଶେଖ୍ ଅବ୍ଦୁଲ ଖାଲିକ ଓ ଡ. ଆଶୁତୋଷ ମିଶ୍ର ଖେଳ ବିବରଣୀ ପ୍ରଦାନ କରିଥିଲେ।

## ଖୋର୍ଦ୍ଧାକୁ ହରାଇ ମେଣ୍ଢାଶାଳ ଫାଇନାଲରେ

**ଗଣିଆ,୨୯।୧୨(ସମିସ):** ଗଣିଆ ବ୍ଲକ୍ ବେଲପଡ଼ାପାଟଣାରେ ଥିବା ରଘୁନାଥଜୀଉ କ୍ଲବ୍ ଆନୁକୂଲ୍ୟରେ ୪୮ତମ ଦୟାନିଧି ସାହୁ ଏବଂ ସୁଦର୍ଶନ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ମେଣ୍ଢାଶାଳ (ଖୋର୍ଦ୍ଧା) ଏବଂ ଖୋର୍ଦ୍ଧା ୧୧। ଖୋର୍ଦ୍ଧା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୪୩ ରନ୍ ସଂଗ୍ରହ କରିଥିଲା। ଜବାବରେ ମେଣ୍ଢାଶାଳ ୧୦ ଓଭରରେ ଗୋଟିଏ ୱିକେଟ ହରାଇ ୧୪୪ ରନ୍ ସଂଗ୍ରହ କରି ମ୍ୟାଚ୍‌ଟିକୁ ଜିତି ନେଇଥିବାବେଳେ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମେଣ୍ଢାଶାଳର ମିଥୁନ ମଜୁମ୍‌ଦାର ମାତ୍ର ୩୫ ବଲ୍‌ରେ ୯୩ ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍ ପରିଚାଳନା କରିଥିଲେ ସମୀର ମହାପାତ୍ର ଏବଂ ତ୍ରିଲୋଚନ ବସ୍ତି। ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ୍ ଉପାଧ୍ୟକ୍ଷ ରାଜକିଶୋର ସାହୁ ଯୋଗଦେଇ ଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବେ ଡ. ଜିତେନ ଜେନା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଶିକ୍ଷାବିତ୍‌ଙ୍କ ପରଲୋକ

**ଖଣ୍ଡପଡ଼ା,୨୯।୧୨(ସମିସ):** ଖଣ୍ଡପଡ଼ା ବ୍ଲକ୍‌ର ଗଡ଼ିଆସାହି ପଞ୍ଚାୟତ ଅଧୀନ ନଟବରପୁର ଶାସନ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ବେଦଶାସ୍ତ୍ର ପାଠଶାଳା, ବୈଦିକ ସଂସ୍କୃତି ପ୍ରତିଷ୍ଠାନର ପ୍ରଥମ କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ଦାଶଙ୍କ ରବିବାର ଅପରାହ୍ଣରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଥିବାବେଳେ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନଟବରପୁର ଶାସନ ଗ୍ରାମସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାଯାଇଛି। ବେଦ ପାଠଶାଳାର ମୁଖ୍ୟ ଅଧ୍ୟାପକ ସତ୍ୟବାନ ଦାଶ, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ତ୍ରିଲୋଚନ ଆଚାର୍ଯ୍ୟ, ସରପଞ୍ଚ ପ୍ରତିମା ଆଚାର୍ଯ୍ୟ, ନାରାୟଣ ଆଚାର୍ଯ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

### ୧୯୮୫ ଓ ୧୯୮୭ ମ୍ୟାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ

## ବୃକ୍ଷରୋପଣ ଓ ସମାଜସେବାକୁ ଗୁରୁତ୍ୱ



**ଓଡ଼ଗାଁ,୨୯।୧୨(ସମିସ):** ଓଡ଼ଗାଁ ବ୍ଲକ୍ ରଘୁନାଥ ବିଦ୍ୟାପୀଠର ୧୯୮୫ ଓ ୧୯୮୭ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜସେବୀ ଦିବାକର ନାୟକ ଉପସ୍ଥିତ ସମସ୍ତ ସହପାଠୀଙ୍କୁ ସାଧୁବାଦ ଜଣାଇବା ସହିତ ବନ୍ଧୁତାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିବାବେଳେ ଓଡ଼ଗାଁ ଏନ୍‌ଏସିର ସତ୍ୟନାରାୟଣ ସାହୁ ଏବଂ ବରିଷ୍ଠ ସାମ୍ବାଦିକ ସାରସ କୁମାର ମିଶ୍ର ଉପସ୍ଥିତ ଥିଲେ। ରବିବାର ମଧ୍ୟାହ୍ନରେ ରାମ ସାଗର ପାର୍କର ପ୍ରାକୃତିକ ପରିବେଶ ମଧ୍ୟରେ ୧୯୮୭ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ଅଧିକ ସ୍ମରଣୀୟ କରିବା ପାଇଁ ୪ର୍ଥ ବର୍ଷରେ ଓଡ଼ଗାଁ ରାମ ସାଗର କୂଳରେ ବେଲ, ଅଁଳା, ଚମ୍ପା ଓ ବଉଳ ଏପରି ୪ଟି ବୃକ୍ଷରୋପଣ କରାଯାଇଥିଲା। ଏଥି ସହିତ ଚଳିତ ବର୍ଷ ରଘୁନାଥ ବିଦ୍ୟାପୀଠ ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ଅର୍ଥନୈତିକ ଅନଗ୍ରସର ୨ ମେଧାବୀ ଛାତ୍ରୀଙ୍କୁ ୫ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ୧୯୮୫ ବ୍ୟାଚ୍ ଛାତ୍ରମାନେ ଓଡ଼ଗାଁ ସରକାରୀ କଲ୍ୟାଣୀ ମଣ୍ଡପଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପାଳନ କରିଥିଲେ। କ୍ୟାପ୍‌ଟେନ ପୂର୍ଣ୍ଣଚନ୍ଦ୍ର ପାତ୍ର, କୁମାର ଦେବଦତ୍ତ, ସୁକାନ୍ତ କୁମାର ବାରିକ ଓ ସାରସ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

### ଜିଲ୍ଲାସ୍ତରୀୟ ଧାନକିଣା ଶୁଭାରମ୍ଭ

# କଟ୍‌ନୀଛଟ୍‌ନୀକୁ ଚାଷୀଙ୍କ ଜୋର୍‌ଦାର ବିରୋଧ

**ନୟାଗଡ଼,୨୯।୧୨(ସମିସ)**



ନୟାଗଡ଼ ଜିଲ୍ଲାରେ ସୋମବାରଠାରୁ ଧାନକିଣା ଶୁଭାରମ୍ଭ ହୋଇଛି। ବାହାଡ଼ଖୋଲା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଜିଲ୍ଲା ଯୋଗାଣ ବିଭାଗ ଆନୁକୂଲ୍ୟରେ ଧାନକିଣା ଶୁଭାରମ୍ଭ କରାଯାଇଛି। ଧାନକିଣା ଶୁଭାରମ୍ଭବେଳେ ଚାଷୀ ସଂଗଠନ ପକ୍ଷରୁ ଜୋର୍‌ଦାର୍ ବିରୋଧ କରାଯାଇଛି। ଧାନ ମଣ୍ଡିରେ ପ୍ରତ୍ୟେକ ବର୍ଷ କଟ୍‌ନୀଛଟ୍‌ନୀ କରାଯାଉଥିବାରୁ ଅନେକ ଚାଷୀ ବିରୋଧ କରିଛନ୍ତି। ସୋମବାର ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାନକିଣା କାର୍ଯ୍ୟକ୍ରମରେ ଯୋଗାଣ ଅଧିକାରୀ ମୁରଲୀ କ୍ରିଷ୍ଣା, ଜିଲ୍ଲା ସମବାୟ ସମିତି ସମୂହ ଉପନିବନ୍ଧକ ଅନନ୍ତ କୁମାର ନାୟକ, ଆର୍‌ଏମ୍‌ସି ସମ୍ପାଦକ ଅନୀଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀ ନେତା ଗଙ୍ଗାଧର ପଣ୍ଡା, ଯୁବନେତା ସନ୍ତୋଷ ପ୍ରଧାନ, ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କଟ୍‌ନୀଛଟ୍‌ନୀକୁ ନେଇ ଚାଷୀ ସଂଗଠନ ପକ୍ଷରୁ ମହେଶ୍ୱର ନାୟକ ଓ ରଣଜିତ୍ ଦଳବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ମଣ୍ଡି ଉଦ୍‌ଘାଟନକୁ ବିରୋଧ କରିଥିଲେ। ଖଣ୍ଡପଡ଼ା ବିଧାୟକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସେମାନଙ୍କୁ ବୁଝାଶୁଝା କରିଥିଲେ। ଖଣ୍ଡପଡ଼ା ବିଧାୟକ ୧ କେଜି କଟ୍‌ନୀଛଟ୍‌ନୀ ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ ଅନୁଷ୍ଠିତ ସଭାରେ ବାଚସ୍ପତି ଓ ଅନ୍ୟ ଅତିଥିମାନେ ମଣ୍ଡିକୁ ଉତ୍କୃଷ୍ଟମାନର ଧାନ ଆଣିବା ପାଇଁ ସଚେତନ କରିଥିଲେ। ଏଫ୍‌ଏକ୍ୟୁମାନର ଧାନ ଆଣିବା ସହ ସରକାରଙ୍କ ପକ୍ଷରୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବା ପାଇଁ ଆହ୍ୱାନ ଦେଇଥିଲେ। ଯାହାକୁ ଚାଷୀମାନେ ବିରୋଧ କରିଥିଲେ। ମିଲରଙ୍କ ମନମୁଖୀ ନୀତି ପାଇଁ ଚାଷୀ ଶୋଷଣ ହେଉଥିବା ଅଭିଯୋଗ କରି ହୋହଲ୍ଲା କରିଥିଲେ। ଚଳିତ ବର୍ଷ ୧୦ ଲକ୍ଷ ୧୬ ହଜାର କ୍ୱିଣ୍ଟାଲ ଧାନକିଣା ଯିବାକୁ ପ୍ରାଥମିକ ଭାବେ ଜିଲ୍ଲାକୁ ଟାର୍ଗେଟ୍ ମିଳିଛି। ଜିଲ୍ଲାରେ ୫୭ ହଜାର ୯୭୨ ଚାଷୀ ପଞ୍ଜୀକରଣ ହୋଇଛି। ଧାନକିଣାରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯିବା ସହ ଚାଷୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ଆର୍‌ଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ପାକ୍ସଗୁଡ଼ିକରେ ଚାଷୀ ବସିବା ପାଇଁ ସୁବିଧା, ଶୌଚାଳୟ ବ୍ୟବସ୍ଥା, ପିଇବା ପାଣି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### କିଣା ହେଲାନି ପ୍ରଥମ ଚାଷୀ ଧାନ

ନୟାଗଡ଼ ଜିଲ୍ଲାରେ ସୋମବାର ଧାନକିଣା ଶୁଭାରମ୍ଭ କରାଯାଇଛି। ଏହି ଶୁଭାରମ୍ଭ ପାଇଁ ଘଡୁଆଳ ସମବାୟ ସମିତି ଅଧୀନସ୍ଥ ଜଣେ ଚାଷୀ ଧାନ ଆଣି ଆର୍‌ଏମ୍‌ସିକୁ ଆସିଥିଲେ। ଧାନକିଣା ଶୁଭାରମ୍ଭ ହୋଇଥିଲେ ମଧ୍ୟ ଉକ୍ତ ଚାଷୀଙ୍କ ଧାନକିଣା ହୋଇ ନ ଥିବା ଜଣାପଡ଼ିଛି। ଉକ୍ତ ଚାଷୀଙ୍କ ଧାନ ଏଫ୍‌ଏକ୍ୟୁ ମାନର ନ ଥିବା କହି କିଣା ଯାଇ ନ ଥିବା ସୂଚନା ମିଳିଛି।

### ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ତୃତୀୟ ସନ୍ଧ୍ୟା

## ଦର୍ଶକଙ୍କ ମନ ଛୁଇଁଲେ ମଣ୍ଟୁ ଛୁରିଆ




**ଖଣ୍ଡପଡ଼ା,୨୯।୧୨(ସମିସ):** ଖଣ୍ଡପଡ଼ା "କଳା ବିକାଶ ପରିଷଦ" ଆନୁକୂଲ୍ୟରେ ଆୟୋଜିତ ୧୦ମ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ସୋମବାର ତୃତୀୟ ସନ୍ଧ୍ୟାରେ କାକଟପୁର ପ୍ରସିଦ୍ଧ ଘୋଡ଼ାନାଚ, ପଠାଣି ସାମନ୍ତ ମହାବିଦ୍ୟାଳୟର ଛାତ୍ରୀଗଣ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଖୁବ୍ ସୁନ୍ଦର ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଏତଦ୍‌ବ୍ୟତୀତ ଓଁ ସାଇ ଇଣ୍ଟରନ୍ୟାସନାଲ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମହୋତ୍ସବର ମୁଖ୍ୟ ଆକର୍ଷଣ 'ଖଣ୍ଡପଡ଼ା ମହୋତ୍ସବ ବନ୍ଦନା'ରେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଘୋଷକ ପରମେଶ୍ୱର ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ମଞ୍ଚାସିନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଶୋଭନା ଶୁଭ୍ରା ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ

### ଶ୍ରୀନୀଳମାଧବ ଓ ପଠାଣି ସାମନ୍ତଙ୍କ ପାଇଁ ଖଣ୍ଡପଡ଼ା ବିଶ୍ୱବନ୍ଦିତ: ମନ୍ତ୍ରୀ

ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ପ୍ରଭୁ ଶ୍ରୀନୀଳମାଧବ ଓ ପଠାଣି ସାମନ୍ତଙ୍କ ପାଇଁ ଖଣ୍ଡପଡ଼ା ବିଶ୍ୱବନ୍ଦିତ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ମହୋତ୍ସବ ଅଧ୍ୟକ୍ଷ ତଥା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ତହସିଲ୍‌ଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଏସ୍‌ଡିପିଓ ମଦନମୋହନ ପ୍ରଧାନ, ଆବାହକ ଦୀନବନ୍ଧୁ ଦାସ ପ୍ରମୁଖ ମଞ୍ଚାସିନ ରହି ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରିଶେଷରେ କଳାବିକାଶ ପରିଷଦ ବରିଷ୍ଠ ସଦସ୍ୟ ରମେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ସଭାକାର୍ଯ୍ୟ ପରେ ସମ୍ବଲପୁରୀ ଅର୍କେଷ୍ଟା ଗୀତ ବାହାର ଅନୁଷ୍ଠାନର ଓଡ଼ିଶାର ସୁନାମଧନ୍ୟ ଯୁବ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ବୈଦ୍ୟନାଥ ଦାସ ଏବଂ ସାଥୀ କଳାକାରମାନଙ୍କ ମିଠା ମିଠା ଗୀତରେ ହଜାର ହଜାର ଦର୍ଶକମାନେ ଝୁମିଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ମଙ୍ଗଳବାର ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଓଡ଼ିଶାର ଅନ୍ୟତମ ସୁନାମଧନ୍ୟ କଣ୍ଠଶିଳ୍ପୀ ଟି. ସୌରୀ ଦର୍ଶକଙ୍କୁ ମନୋରଞ୍ଜନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଶ୍ରୀରଘୁନାଥଜୀଉଙ୍କ ପୀଠରେ ପ୍ରବଳ ଭିଡ଼

**ଓଡ଼ଗାଁ,୨୯।୧୨(ସମିସ):** ଭାରତର ବିଭିନ୍ନ ରାଜ୍ୟ ତଥା ଓଡ଼ିଶାର ପ୍ରସିଦ୍ଧ ଅନନ୍ୟ ଐତିହ୍ୟସମ୍ପନ୍ନ ବିଷ୍ଣୁ କ୍ଷେତ୍ର ରୂପେ ପରିଚିତ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ପୀଠ ଏବେ ପର୍ଯ୍ୟଟକଙ୍କ କୋଳାହଳରେ କମ୍ପି ଉଠୁଛି। ବର୍ଷସାରା ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବାବେଳେ ବର୍ତ୍ତମାନର ପର୍ଯ୍ୟଟନ ଋତୁରେ ହଜାର ହଜାର ଶ୍ରଦ୍ଧାଳୁ ପବିତ୍ର ସ୍ୱର୍ଣ୍ଣ କଳସ କ୍ଷେତ୍ର ଅଧିଶ୍ୱର ଶ୍ରୀରଘୁନାଥଜୀଉଙ୍କ ପୀଠରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟ ମନ୍ଦିର ମଧ୍ୟରେ ପ୍ରଭୁ ଶ୍ରୀରଘୁନାଥଙ୍କ ସହିତ ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ବନବାସୀ ଦାରୁମୂର୍ତ୍ତିଙ୍କୁ ଦର୍ଶନ କରି ମନ୍ତ୍ରମୁଗ୍ଧ ହୋଇ ଉଠୁଥିଲାବେଳେ ପ୍ରଭୁଙ୍କ ଐତିହ୍ୟ ଓ କିମ୍ବଦନ୍ତୀ ଶୁଣି ଆଶ୍ଚର୍ଯ୍ୟ ଚକିତ ହୋଇ ଉଠୁଥିବା ଦେଖାଯାଇଛି। ମନ୍ଦିର ବେଢ଼ାରେ ପର୍ଯ୍ୟଟକମାନେ ସମସ୍ତ ପାଶ୍ୱର୍ ଦେବଦେବୀଙ୍କ ସହିତ ମନ୍ଦିର ଚୂଡ଼ାରେ ଖଚିତ ସ୍ୱର୍ଣ୍ଣ କଳସ ଏବଂ ପତିତ ଉଧାର ବାନାକୁ ମଧ୍ୟ ଦର୍ଶନ କରିଥାନ୍ତି। ଭ୍ରମଣକୁ ସ୍ମରଣୀୟ ରଖିବା ପାଇଁ ଐତିହ୍ୟସମ୍ପନ୍ନ ସୁବଳୟା ପର୍ବତ ତଥା ମନ୍ଦିରର ସ୍ୱର୍ଣ୍ଣ କଳସ ସାମ୍ନାରେ ରହି ଚିତ୍ର ଉତ୍ତୋଳନ କରି ମଜା ନେଉଛନ୍ତି। ବିଶେଷ କରି ଚଳିତ ବର୍ଷ ମନ୍ଦିର ରାସ୍ତା ଓ ଝୁଲଣ ମଣ୍ଡପ ପାଶ୍ୱର୍ରେ ଶହଶହ ଚାରିଚକିଆ ଯାନ ଓ ବସ୍‌ର ଧାଡ଼ି ଲମ୍ବିଥିବାବେଳେ ସୀମିତ ପାର୍କିଂ ସ୍ଥାନ ଯୋଗୁଁ କେତେକ ଗାଡ଼ି ମନ୍ଦିର ରାସ୍ତାର ବହୁ ଦୂର ପର୍ଯ୍ୟନ୍ତ ଲମ୍ବିରହିଥିବା ଦେଖାଯାଇଛି। ଫଳରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ବୟସ୍କ ଶ୍ରଦ୍ଧାଳୁମାନଙ୍କ ସହିତ ବିଭିନ୍ନ ଅନୁଷ୍ଠାନ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ଆସି ରୁଣ୍ଡ ହେଉଥିବାରୁ ଶାନ୍ତିଶୃଙ୍ଖଳା ସହିତ ସୁରକ୍ଷା ନିମନ୍ତେ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ଅଭୟ



ବେହେରାଙ୍କ ତତ୍ତ୍ୱାବଧାନରେ ପୁଲିସ ମୁତୟନ କରାଯାଇଛି।

ସୂଚନା ଥାଉକି, ଯାତ୍ରୀମାନେ ଶ୍ରୀରଘୁନାଥଜୀଉଙ୍କ ଦର୍ଶନ ସହିତ ନିକଟସ୍ଥ ବାବା ଦୂତୀକେଶ୍ୱର, ବାବା ଲଡୁବାବା ଏବଂ ବୈଷ୍ଣୋଦେବୀଙ୍କୁ ଦର୍ଶନ କରି ବୁଢ଼ାବୁଢ଼ୀଆଣି ଡ୍ୟାମ୍ ଓ ବରକନ୍ୟା ଝରଣାର ମଜା ନେଉଛନ୍ତି। ଓଡ଼ଗାଁ କେନ୍ଦ୍ରସ୍ଥଳରେ ଥିବା ମନ୍ଦିରର ଏକମାତ୍ର ବଡ଼ ଧର୍ମଶାଳା ଭାଙ୍ଗି କେବଳ ଦୈନିକ ବଜାର ହେବା ପରେ ବହୁ ଦୂରଦୂରାନ୍ତରୁ ଏଠାକୁ ଛୁଟି ଆସୁଥିବା ପର୍ଯ୍ୟଟକମାନେ ସକାଳର ନିତ୍ୟକର୍ମ ତଥା ଥକ୍କା ମେଣ୍ଟାଇବା ପାଇଁ କୌଣସି ସୁବ୍ୟବସ୍ଥା ପାଉନଥିବା କହିଛନ୍ତି।

## ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଚାପା ଉତ୍ତେଜନା




**ନୟାଗଡ଼,୨୯।୧୨(ସମିସ):** ନୟାଗଡ଼ ସହର ଫୁଟ୍‌ବଲ୍ ପଡ଼ିଆ ନିକଟରେ ରହିଥିବା ମଦର କେୟାର ହସ୍ପିଟାଲରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଖଣ୍ଡପଡ଼ା ଥାନା ବୋଦସା ଗାଁର ତପନ ନାୟକଙ୍କ ସ୍ତ୍ରୀ ସୁନିଆ ରବିବାର ନୟାଗଡ଼ ସହର ପୁଲିସ ପଡ଼ିଆ ତଥା ଫୁଟ୍‌ବଲ୍ ପଡ଼ିଆ ନିକଟରେ ରହିଥିବା ଘରୋଇ ହସ୍ପିଟାଲରେ ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ। ଅପରାହ୍ଣ ୨ଟାରେ ଅପରେସନ୍ ପରେ ସୁନିଆଙ୍କର ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପରିବାର ଲୋକେ ଖୁସି ହୋଇଥିଲେ। ରାତି ପ୍ରାୟ ୯ଟା ପରେ ସୁନିଆଙ୍କର ସ୍ୱାସ୍ଥ୍ୟ ବିଗିଡ଼ିଥିଲା। ଧୀରେ ଧୀରେ ସ୍ୱାସ୍ଥ୍ୟ ଅଧିକ ଗୁରୁତର ହେବାରୁ ପରିବାର ଲୋକେ ଡାକ୍ତରଙ୍କୁ ଡାକିବା ପାଇଁ କହିଥିଲେ ମଧ୍ୟ ଡାକ୍ତର ଆସି ନ ଥିଲେ। ଭୋର୍‌ରୁ ଡାକ୍ତର ଆସି ରୋଗୀକୁ ଭୁବନେଶ୍ୱର ନେଇଯିବାକୁ କହିଥିଲେ। କିନ୍ତୁ ସେତେବେଳକୁ ସୁନିଆଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ପରିବାର ଲୋକେ କହିଛନ୍ତି। ନର୍ସିଂହୋମ୍ କର୍ତ୍ତୃପକ୍ଷ ଏବଂ ଡାକ୍ତରଙ୍କ ଅବହେଳା ପାଇଁ ସୁନିଆଙ୍କର ମୃତ୍ୟୁ ହେଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୁନିଆଙ୍କର ଦୁଇଟି ଛୁଆ ଥିବାବେଳେ ପିଲାମାନଙ୍କୁ କିଭଳି ଚଳାଇବେ ବୋଲି ସୁନିଆଙ୍କ ଶାଶୂ କହିଛନ୍ତି। କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଛନ୍ତି ପରିବାର ଲୋକ। ସେପଟେ ଚିକିତ୍ସା ଅବହେଳାକୁ ଅସ୍ୱୀକାର କରିଛନ୍ତି ନର୍ସିଂହୋମ୍ ମ୍ୟାନେଜର। ସବୁ ଠିକ୍‌ଠାକ୍ ଥିଲା ପ୍ରସବ ପରେ ମହିଳା ଜଣକ ସୁସ୍ଥ ଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ମହିଳାଙ୍କ ହାଟ୍‌ଷ୍ଟ୍ରୋକ୍ ହେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ବୋଲି ସେ କହିଛନ୍ତି।

### ଅତିରିକ୍ତ ବିଦ୍ୟୁତ୍ ସିକ୍ୟୁରିଟି ପ୍ରତ୍ୟାହାର ଦାବି

## ୩୦୦ ୟୁନିଟ୍ ମାଗଣା ବିଜୁଳି ଦାବିକଲା କଂଗ୍ରେସ



**ନୟାଗଡ଼,୨୯।୧୨(ସମିସ):** ଆମ କୋଇଲା, ଆମ ପାଣି ବ୍ୟବହାର କରି ଅଳ୍ପ ମୂଲ୍ୟରେ ବିଜୁଳି ଉତ୍ପାଦନ ହେଉଛି। ଅଥଚ ସମଗ୍ର ଦେଶରେ ଘରୋଇ ବିଜୁଳି ଉପଭୋକ୍ତାମାନେ ସବୁଠାରୁ ଅଧିକ ଶୋଷିତ ଓ ଅବହେଳିତ। ଓଡ଼ିଶାରୁ କୋଇଲା ନେଇ ପଞ୍ଜାବ ପରି ରାଜ୍ୟ ୨୦/୨୫ ଭାଗ କୃଷି ଉପଭୋକ୍ତାଙ୍କୁ ସମ୍ପୂର୍ଣ୍ଣ ତଥା ମୋଟ୍ ୩୦ରୁ ୩୫ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଲେଖାଏଁ ବିଜୁଳି ଦେୟ ଛାଡ଼ କରିଥିବାବେଳେ ଓଡ଼ିଶାରେ ମାତ୍ର ୨ ପ୍ରତିଶତ କୃଷି ଉପଭୋକ୍ତା ଓ ୭ରୁ ୮ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ଗୋଟିଏ ୟୁନିଟ୍ ମଧ୍ୟ ମାଗଣାରେ ଦିଆଯାଉନାହିଁ। ଓଡ଼ିଶାରେ ବ୍ୟବହୃତ ହେଉଥିବା ମୋଟ୍ ୭୦ ପ୍ରତିଶତ ବିଜୁଳି ଶିଳ୍ପକ୍ଷେତ୍ରକୁ ଦିଆଯାଉଛି। ସେଥିରେ ସାମାନ୍ୟ ଦରବୃଦ୍ଧି କଲେ ଓଡ଼ିଶାର ସମସ୍ତ ଘରୋଇ ଓ କୃଷି ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଇପାରିବ। ଅନ୍ୟାୟ ମୂଳକ ଭାବେ ଘରୋଇ ଉପଭୋକ୍ତାଙ୍କୁ ଅତିରିକ୍ତ ସୁରକ୍ଷା ଜମା ଦାଖଲ କରିବା ପାଇଁ ବାଧ୍ୟ କରିବା ଛାଡ଼ି ସରକାର ସବ୍‌ସିଡି ଜରିଆରେ ଘରୋଇ ଉପଭୋକ୍ତାଙ୍କୁ ୩୦୦ରୁ ୪୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରିବା ସହ ସମ୍ପୂର୍ଣ୍ଣ କୃଷି କ୍ଷେତ୍ରକୁ ବିଜୁଳି ଦେୟମୁକ୍ତ କରାଯାଉ ବୋଲି ଡିସିସି ସଭାପତି ରଣଜିତ୍ ଦାଶ ଦାବି କରିଛନ୍ତି।

ଅନୁଗୁଳ ଦେଶର ଷଷ୍ଠ ପ୍ରଦୂଷିତ ସହର ହୋଇଥିବାବେଳେ ଓଡ଼ିଶାର ଭୁବନେଶ୍ୱର ସମେତ ୩୦ ସହର ପ୍ରଦୂଷିତ। ଏ ସମସ୍ତ ତଥ୍ୟକୁ ବିଚାରକୁ ନେଇ ସରକାର ତୁରନ୍ତ ଏଏସ୍‌ଡି ପ୍ରତ୍ୟାହାର କରିବା ସହିତ ନିର୍ବାଚନୀ ଇସ୍ତାହାର ଅନୁସାରେ ଅନ୍ୟୁନ ୩୦୦ରୁ ୪୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼ କରନ୍ତୁ। ସେହିପରି ନୟାଗଡ଼ ଜିଲ୍ଲାବ୍ୟାପୀ କୃଷି ଉତ୍ପାଦନ ଆଖିଦୃଶିଆ ଭାବେ ବଢ଼ାଇବାକୁ ହେଲେ କୃଷିଭିତ୍ତିକ ଶିଳ୍ପର ପ୍ରୋତ୍ସାହନ କରନ୍ତୁ ବୋଲି ଶ୍ରୀ ଦାଶ ଆହ୍ୱାନ କରିଛନ୍ତି। ଜିଲ୍ଲା କଂଗ୍ରେସ ପକ୍ଷରୁ ନୟାଗଡ଼ ଟିପିସିଓଡିଏଲ୍ ବିଦ୍ୟୁତ୍ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ କରାଯାଇ ଟାଟାପାୱାର ମୁଖ୍ୟ ପରିଚାଳକଙ୍କୁ ଜିଲ୍ଲାର ଲକ୍ଷାଧିକ ବିଦ୍ୟୁତ୍ ଗ୍ରାହକଙ୍କ ସ୍ୱାର୍ଥ ପାଇଁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ୍ କଂଗ୍ରେସ ସଭାପତି ଫକୀର ଚାରଣ ମଲ୍ଲ, ଓଡ଼ଗାଁ ବ୍ଲକ୍ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ବରିଷ୍ଠ ନେତା ମଦନମୋହନ ବିଶୋଇ, ଛାତ୍ର କଂଗ୍ରେସ ନେତା ଅରବିନ୍ଦ ପାଢ଼ୀ, ନିଶିକାନ୍ତ ବେହେରା, ଜୀବନ ଜ୍ୟୋତିପ୍ରକାଶ ରାଉତ, ନିଜାମୁଦ୍ଦିନ ଖାଁଙ୍କ ସମେତ ଯୁବଛାତ୍ର ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

# ଭାପୁର ମହୋତ୍ସବ ଅନୁମତି ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ

**ଭାପୁର,୨୯।୧୨(ସମିସ)**

ନୟାଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଭାପୁରରେ ଆୟୋଜିତ ହୋଇଯାଇଛି। ସୋମବାର ଭାପୁର ବ୍ଲକ୍ ଜନଶୁଣାଣି କକ୍ଷରେ ଆୟୋଜିତ ଏହି ଶିବିରରେ ମୋଟ୍ ୭୨ଟି ଅଭିଯୋଗ ଆସିଥିଲାବେଳେ ସେଥିରୁ ୩୮ଟି ତତ୍କାଳ ସମାଧାନ ହୋଇଛି। ମୋଟ ୭୨ଟି ଅଭିଯୋଗ ମଧ୍ୟରୁ ୬୨ଟି ନିଜସ୍ୱ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ୫ଟି, ଗ୍ରାମ୍ୟ ଓ ସାମୂହିକ ୫ଟି ଅଭିଯୋଗ ଆସିଥିଲା। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ୩ବର୍ଷ ହେଲା ସଫଳ ମହୋତ୍ସବ ଆୟୋଜନ କରି ଆସୁଥିବା 'ମୋ ମାଟି ଭାପୁର ଅନୁଷ୍ଠାନ'କୁ ଏ ବର୍ଷ ମହୋତ୍ସବ ଆୟୋଜନ ପାଇଁ ଅନୁମତି ପ୍ରଦାନ କରିବାକୁ ଶତାଧିକ ଭାପୁରବାସୀ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜନଶୁଣାଣି ଶିବିରରେ ଅନୁରୋଧ କରିଛନ୍ତି।

ପୂର୍ବରୁ ମହୋତ୍ସବ ଆୟୋଜନ କରୁଥିବା 'ମୋ ମାଟି ଭାପୁର' ଅନୁଷ୍ଠାନକୁ ଜିଲ୍ଲା ପ୍ରଶାସନ ଅନୁମତି ନ ଦେଇ ନୂତନ ଭାବେ ମହୋତ୍ସବ ଆୟୋଜନ କରିବାକୁ ଅଣ୍ଟା ଭିଡ଼ିଥିବା 'ଉତ୍କର୍ଷ ଭାପୁର ମହୋତ୍ସବ'କୁ ମହୋତ୍ସବ ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନ ଅନୁମତି ପ୍ରଦାନ କରିଛି। ଗୋଟିଏ ସ୍ଥାନରେ ପୁଣି ସମାନ ତାରିଖରେ ଦୁଇ ଗୋଷ୍ଠୀ ମହୋତ୍ସବ ପାଇଁ ଆଗେଇ ଚାଲିବା ଜିଲ୍ଲା ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଦୁଇ ପରସ୍ପର ବିରୋଧୀ ଗୋଷ୍ଠୀ ଏପରି ମୁହାଁମୁହିଁ ହେବା ଭାପୁର ପରିବେଶକୁ ଦୂଷିତ କରିବା ସହ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଏ ନେଇ 'ମୋ ମାଟି ଅନୁଷ୍ଠାନ' ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ୬ ତାରିଖ ପର୍ଯ୍ୟନ୍ତ ଆୟୋଜନ ଉପରେ ରହିତାଦେଶ ଆଣିଛନ୍ତି। ଭାପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା ଭାପୁର ବଜାରର ବର୍ତ୍ତମାନ ସଭାପତି କାର୍ତ୍ତିକ ଚନ୍ଦ୍ର



ନାୟକଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ଜିଲ୍ଲାପାଳଙ୍କୁ ଏ ନେଇ ଅବଗତ କରାଇଛି। ଅପରପକ୍ଷରେ ହାଇକୋର୍ଟଙ୍କ ରହିତାଦେଶ ସତ୍ତ୍ୱେ ମହୋତ୍ସବ ଆୟୋଜନ କରିବା ପାଇଁ ଶାସକ ଦଳର ଲୋକମାନେ ଉକ୍ତ ବିବାଦୀୟ ସ୍ଥାନରେ ନିର୍ମାଣ କାର୍ଯ୍ୟ କରୁଥିବାର ଅଭିଯୋଗ ଆଣିଥିବା ସନ୍ତୋଷକୁମାର ତ୍ରିପାଠୀ ପ୍ରଶାସନ ଓ ଆୟୋଜକମାନେ କୋର୍ଟ ନିର୍ଦ୍ଦେଶକୁ ଅବମାନନା କରୁଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ ଜିଲ୍ଲାପାଳ, ଏସ୍‌ପି, ଉପଜିଲ୍ଲାପାଳ ଓ ଆଡ୍‌ଭୋକେଟ୍ ଜେନେରାଲଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଜିଲ୍ଲା ମୁଖ୍ୟ ପ୍ରକଳ୍ପ ଅଧିକାରୀ ଲଗ୍ନଜିତ୍ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ତହସିଲ୍‌ଦାର ଲୋପାମୁଦ୍ରା ରଥ, ଡ. ବିଶ୍ୱନାଥ ସାହୁ, ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଂ. ସଞ୍ଜୀବ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଂ. ସସ୍ମିତା ମୁଣ୍ଡରି, ଗ୍ରାମ୍ୟ ଜଳଯୋଗାଣ ସୁପରିଣ୍ଟେଣ୍ଡେଣ୍ଟ ଇଂ. ଆଲୋକ ରଞ୍ଜନ ପଣ୍ଡାଙ୍କ ସହ ଅନେକ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଦୋଳସାହି ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ଦୋଳସାହି, ୨୯।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତର ଦୋଳସାହି ପ୍ରିମିୟମ୍ ଲିଗ୍ ପକ୍ଷରୁ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସୋମବାର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ରାଉଣ୍ଡରେ ଭୁବନେଶ୍ୱର କଳିଙ୍ଗ ଓଆର୍‌ଏସ୍‌କୁ ତିହିଡ଼ି ବ୍ଲକ କୁବେରା ପଞ୍ଚାୟତର ଦେଉଳା କ୍ରିକେଟ୍ ଟିମ୍ ପରାସ୍ତ କରିଥିବାବେଳେ ଦ୍ୱିତୀୟ ରାଉଣ୍ଡରେ ତିହିଡ଼ି ବ୍ଲକର ବାରୋ କ୍ରିକେଟ ଟିମ୍‌କୁ ଭଦ୍ରକ ଫ୍ୟୁରିଅସ୍ କ୍ରିକେଟ ଟିମ୍ ପରାସ୍ତ କରିଥିବା ଜଣାପଡ଼ିଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦୋଳସାହି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସୁଶାନ୍ତ ସେଠୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁକୁମାର ପତି, ଇତିକାନ୍ତ ତ୍ରିପାଠୀ ଓ ବିଶ୍ୱରଞ୍ଜନ ପାଣିଗ୍ରାହୀ ଯୋଗଦେଇଥିଲେ। ସିଦ୍ଧାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତପୁ ବେହେରା, ସନ୍ତୋଷ ଜେନା, ରଜତ ଜେନା, ଖୁଦିରାମ ଜେନା, ଜଗବନ୍ଧୁ ଜେନା, ବିଦ୍ୟାଧର ଜେନା, ଅଜୟ ଜେନା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୪ ତାରିଖରେ ଏହାର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ୧୯୮୩ ମ୍ୟାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ

**ବାରିକପୁର, ୨୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଶୁକଦେବ ଜେନା ହାଇସ୍କୁଲରେ ଅଧ୍ୟୟନ କରିଥିବା ୧୯୮୩ ମ୍ୟାଟ୍ରିକ୍ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀ ତଥା ପ୍ରଶାସନିକ ଅଧିକାରୀ ଅକ୍ଷୟ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ରାଧେଶ୍ୟାମ ମିଶ୍ର ଯୋଗଦେଇଥିଲେ। ଜୀବନର ଶେଷନିଃଶ୍ୱାସ ଯାଏଁ ବିଦ୍ୟାଳୟ ଜୀବନର ସ୍ମୃତି ଅଭୁଲା ବୋଲି ଏହି ଅବସରରେ ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଦେବତା, ପ୍ରଭାସ ମହାନ୍ତି, ଉର୍ମିଳା ମିଶ୍ର, କିଶୋରୀ ମିଶ୍ର, ସୁଦାମ ସାହୁ, ପ୍ରତିଭା ମଞ୍ଜରୀ ଦାଶ, ସେବତୀ ଲତା ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗଦେଇ ସ୍କୁଲ ଜୀବନର ସ୍ମୃତି ଅନୁଭୂତି ବିଷୟରେ ଆଲୋଚନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଭୀମସେନ ବେହେରା, ପ୍ରଭାକର ସେନାପତି, ବିଜୟ ମିଶ୍ର, ନନ୍ଦକିଶୋର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ସତ୍ୟବ୍ରତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବାରିକପୁର, ୨୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁଠାରେ ୨ୟ ବାର୍ଷିକ ସତ୍ୟବ୍ରତ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଇଲେଭେନ୍ ଷ୍ଟାର୍ କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ବଦ୍ରିନାରାୟଣ ଧଳ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପ୍ରାକ୍ତନ ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁ, ଯୁବନେତା ଅଜୟ ରାଉତ, ଦେବ ସେଠୀ, ସୁଶାନ୍ତ ପାତ୍ର, ଦେବୀପ୍ରସନ୍ନ ମହାପାତ୍ର, ନରେନ୍ଦ୍ର ବେହେରା, ସନ୍ଦୀପ ସାମଲ, ବିଶିଆ ବେହେରା, ବଳିଆ ଥାଟୋଇ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଧାମନଗର ଓ କଲ୍ୟାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଲ୍ୟାଣୀ ବିଜୟୀ ହୋଇଛି। ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

## ଗାଁ ଗାଁ ବୁଲିଲା କୃଷି ସଚେତନତା ରଥ

**ବାରିକପୁର, ୨୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟଠାରୁ ସୋମବାର କୃଷି ରଥ ଗାଁମୁହାଁ ହୋଇଛି। ବ୍ଲକ କୃଷି ଅଧିକାରିଣୀ ସୁଦିପ୍ତା ପଣ୍ଡା ପତାକା ଦେଖାଇ କୃଷି ରଥକୁ ଶୁଭାରମ୍ଭ କରିଥିଲେ। ବିଭିନ୍ନ ଚାଷ ପ୍ରଣାଳୀ ଓ କୃଷକ ସଚେତନତା ସମ୍ପର୍କରେ ଏହି ଯାନ ପ୍ରଚାର କରିବ ବୋଲି ସୂଚନା ଦିଆଯାଇଛି। ବିଶେଷ କରି କୃଷକମାନଙ୍କ ପାଇଁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ନୂତନ ଯୋଜନା ବାବଦରେ ଏହି ରଥ ଜନ ସଚେତନତା ସୃଷ୍ଟି କରିବ। ସୋମବାର ପ୍ରଥମ ଦିନରେ ବ୍ଲକର ମଞ୍ଜୁରୀରୋଡ୍ ଅଞ୍ଚଳରେ କୃଷି ରଥ ଗାଁକୁ ଗାଁ ବୁଲି ପ୍ରଚାର ଅଭିଯାନ ଜାରି ରଖିଛି। ଜିଲ୍ଲା କୃଷି କାର୍ଯ୍ୟାଳୟ ଅନୁମୋଦନ କ୍ରମେ ନିର୍ଦ୍ଦିଷ୍ଟ ସଂସ୍ଥା ପ୍ରଚାର ଦାୟିତ୍ୱ ନେଇଥିବାବେଳେ ବିଡିଓ, ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଅନୁପସ୍ଥିତିରେ ଏଭଳି ସରକାରୀ କାର୍ଯ୍ୟକ୍ରମକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।



# 'କଳାଶ୍ରୀ ଭଦ୍ରା' ଉଦ୍‌ଯାପିତ, କଳାକାର ସମ୍ବର୍ଦ୍ଧିତ

ଭଦ୍ରକ, ୨୯।୧୨(ସମିସ)

ଓଡ଼ିଶାର କଳା ସଂସ୍କୃତିକୁ ସମ୍ମାନ ଜଣାଇ ଯେଉଁ ଜିଲ୍ଲାର ସଂଗ୍ରାମ କବି ବାଞ୍ଛାନିଧି ମହାନ୍ତିଙ୍କଠାରୁ ଆରମ୍ଭ କରି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ପର୍ଯ୍ୟନ୍ତ ପ୍ରତିଷ୍ଠା ଲାଭ କରିଛନ୍ତି। ନାଟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କଠାରୁ ଆରମ୍ଭ କରି କେଶବ କବି କୃଷ୍ଣ ଚନ୍ଦ୍ର ବେହେରା ପର୍ଯ୍ୟନ୍ତ ଆଖଡ଼ାଶାଳରେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଭୂମିକା ବହନ କରି ସୃଷ୍ଟି କରିଛନ୍ତି ଶତ ଶତ ସମର୍ଥ ସବ୍ୟସାଚୀ ସେଇ ଜିଲ୍ଲାର ଅଧିବାସୀ ହୋଇ ଓଡ଼ିଶାର ପ୍ରାଚୀନ କଳା ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଗତ ରବିବାର ଭଦ୍ରକ ଟାଉନ ହଲ୍‌ଠାରେ କଳାଶ୍ରୀ ଉଦ୍ରାର ଏକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତଯୋଗିତାରେ ଶାସ୍ତ୍ରୀୟ ନୃତ୍ୟ, ଶାସ୍ତ୍ରୀୟ ସଙ୍ଗୀତ ଓ ତବଲା ବାଦନ ପରିବେଷଣ କରାଯାଇଥିଲା। ସମସ୍ତ ବିଭାଗର କନିଷ୍ଠ ଓ ବରିଷ୍ଠ ବିଭାଗ ରଖାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଆକର୍ଷଣୀୟ ପୁରସ୍କାର ସହ ଅର୍ଥରାଶି ମଧ୍ୟ ପ୍ରଦାନ କରାଯାଇଥିଲା।




ଉକ୍ତ ପ୍ରତିଯୋଗିତା ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ ଗୀତିକାର ଗଙ୍ଗାଧର ଦେହୁରି, ମୁଖ୍ୟ ଅତିଥି ଭାବେ ଖ୍ୟାତିସମ୍ପନ୍ନ ବିଦୁଶ୍ରୀ ସୁଜାତା ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇଂ. ଅଭୟ ସୂତାର ଏବଂ ସମ୍ପାଦକ ଓଡ଼ିଶୀ ନୃତ୍ୟମଣ୍ଡଳର ସମ୍ପାଦକ ଗୁରୁ ଆଶିଷ କୁମାର ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଅଜୟ ବିଶ୍ୱାଳ ଏବଂ ସମ୍ମାନିତ ବକ୍ତା ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଯୋଗଦେଇ ଭଦ୍ରକ ଭଳି ଏକ ସଂସ୍କୃତିସମ୍ପନ୍ନ ଜିଲ୍ଲାରେ ଏଭଳି ଏକ କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମ କରି ଆୟୋଜନ ହେଉଛି ବୋଲି ସେମାନଙ୍କର ମତବ୍ୟକ୍ତ କରିଥିଲେ। ଶିକ୍ଷକ ଗୌତମ ମହାରଣା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲାବେଳେ କଳାଶ୍ରୀ ଭଦ୍ରାର ସମ୍ପାଦକ ଉଜ୍ଜ୍ୱଳ ନାୟକ, ଉପସଭାପତି ହରେକୃଷ୍ଣ ପାଢ଼ୀ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅଧ୍ୟାପକ ଉମାକାନ୍ତ ମହାଳିକ। ନୃତ୍ୟ ଗୁରୁ ପୁଷ୍ପିତା ମହାନ୍ତି, ରିଚସ୍ମିତା ମହାନ୍ତି ଓ ଭଦ୍ରକ ସଙ୍ଗୀତ ମହାବିଦ୍ୟାଳୟ ପ୍ରତିଷ୍ଠାତା ଗୁରୁ ରାମହରି ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ସୁଧାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ। ଭଦ୍ରକ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ବେଦପାଠ କରିଥିଲେ ପ୍ରଦୀପ ବାନାର୍ଜୀ। ଗୁରୁ ଅଭୟ ଦାଶ, ଗୁରୁ ପ୍ରଫୁଲ୍ଲ ନାୟକ, କୃପାସିନ୍ଧୁ ମହାନ୍ତି, ଆଦିଶ୍ରୀ ମହାନ୍ତି, ଛାତ୍ରୀ ଜାଗୃତି ମହାନ୍ତି, ନୀଳାଞ୍ଜନା ପଣ୍ଡା, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସମାଜସେବୀ ସୁଜାତା ନାୟକ, ମିନତୀ ପାଢ଼ୀ, ଅଞ୍ଜନା ମହାନ୍ତି, ଅଲେଖିକା ମହାନ୍ତି, ଭଦ୍ରକ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପିତା ମହାନ୍ତି, ଉତ୍ସବ କ୍ରିଏଟିଭ୍ ଡ୍ୟାନ୍ସ ଏକାଡେମୀର ନୃତ୍ୟଗୁରୁ ରିଚାସ୍ମିତା ମହାନ୍ତି, ବିଜ୍ଞାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କୃପାସିନ୍ଧୁ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖାନ୍‌କା ସରିଫଂର ମତ୍ୱଲ୍ଲୀଙ୍କ (ଇନ୍‌ତେକାଲ) ପରଲୋକ

**ଧାମନଗର, ୨୯।୧୨(ସମିସ):** ପୀରବାବା ହଜରତ ମୁଜାହିଦ୍-ଏ-ମିଲ୍ଲତ ମୌଲାନା ସାହା ମହମ୍ମଦ ହବିବୁର ରହେମାନଙ୍କ ନାତି ତଥା ଧାମନଗର ଖାନକା ଉର୍ସ କମିଟି ସଭାପତି ମତ୍ୱଲ୍ଲୀ ବାବା ଆଲହାଜ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ୬୦ ବର୍ଷ ବୟସରେ ରବିବାର ରାତି ପ୍ରାୟ ୧୧ଟାରେ (ଇନ୍‌ତେକାଲ) ପରଲୋକ ହୋଇଛି। ଏହି ଦୁଃଖଦ ଖବର ପ୍ରସାରଣ ହେବା ପରେ ଧାମନଗର ଅଞ୍ଚଳ ପୂରା ସ୍ତବ୍ଧ ହୋଇପଡ଼ିଛି। ଏଥିସହିତ ଭାରତ ବର୍ଷର ବିଭିନ୍ନ ରାଜ୍ୟରେ ଥିବା ବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ମତ୍ୱଲ୍ଲୀ ବାବାଙ୍କ ଶେଷ ଦର୍ଶନ କରିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ମଙ୍ଗଳବାର ତାଙ୍କର ଜନାଜା ସମୂହ ନମାଜପାଠ ପରେ ଖାନକା ପରିସରରେ କବର ଦିଆଯିବ। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଭକ୍ତ ଯୋଗ ଦେବାର ସମ୍ଭାବନା ରହିଛି ବୋଲି ସୂଚନା ମିଳିଛି। ତେଣୁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପ୍ରକାଶ ଯେ, ପ୍ରଥମ ମତ୍ୱଲ୍ଲୀ ହଜରତ ମୌଲାନା ଅବ୍‌ଦୁଲ ଓହିଦଙ୍କଠାରୁ ୧୯୯୦ରେ ଗୋଲାମ ମହମ୍ମଦ ହବିବି ଦ୍ୱିତୀୟ ମତ୍ୱଲ୍ଲୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦୀର୍ଘ ୩୫ବର୍ଷରୁ ଊର୍ଦ୍ଧ୍ୱ ହେବ ମତ୍ୱଲ୍ଲୀ ବାବାଙ୍କ ବିଭିନ୍ନ ସ୍ଥାନ ଗସ୍ତ ସମୟରେ ଦେଶର ବିଭିନ୍ନ ରାଜ୍ୟରେ ହଜାର ହଜାର ଶିଷ୍ୟ ଦୀକ୍ଷାଗ୍ରହଣ

**ଆଜି ଜନାଜା ନମାଜପାଠ**

କରିଛନ୍ତି। ଏବେ ତାଙ୍କ ନିଜ ପୁଅ ସୟିଦ୍ ହବିବ୍ ରଜା ହବିବିଙ୍କୁ ବାପା ଅଳ୍ପ ଦିନ ତଳେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେ ୧୯୬୬ ଜାନୁଆରୀ ୧୫ରେ ଜନ୍ମ ଗ୍ରହଣ କରିଥିଲେ। ଖବର ନେବାରୁ ଜଣାଯାଏ, ଅସୁସ୍ଥ ହୋଇ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କର (ଇନ୍‌ତେକାଲ) ପରଲୋକ ଘଟିଛି। ବାବା ୧୦ରୁ ଊର୍ଦ୍ଧ୍ୱ ହଜ କରିଥିବାବେଳେ ଉମରା ଓ ବୋଗଦାଦ ସରିଫ୍ ଅନେକ ଥର ଯାଇଛନ୍ତି। ତେବେ ପୁଅ ସୟିଦ ହବିବ୍ ରଜା ଧାମନଗରରେ ପହଞ୍ଚିବା ପରେ ତାଙ୍କର ଜନାଜା ସମୂହ ନମାଜପାଠ ପରେ ଖାନକା ପରିସରରେ କବର ଦିଆଯିବ। ମୃତ୍ୟୁ ବେଳକୁ ଭାଇ ସୟଦ ଫାରୁକ ରଜା ହବିବି, ଭାଇଁ ସୟଦ ହାସନେନ ରଜା ହବିବି, ପୁତୁରା ସୟଦ ମୁସ୍ତାଫା ରଜା ହବିବି, ନାତି ନାତୁଣୀ, ଭଣଜା ଭାଣିଜୀ ସହ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ବନ୍ଧୁବାନ୍ଧବ, ଉର୍ସ କମିଟିର କର୍ମକର୍ତ୍ତାଙ୍କ ସମେତ ରାଜ୍ୟର କୋଣ ଅନୁକୋଣରୁ ବାବାଙ୍କ ଭକ୍ତ ଶ୍ରଦ୍ଧାଳୁ ଏବଂ ବିଭିନ୍ନ ଦଳର ରାଜନେତାମାନେ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମଙ୍ଗଳବାର ସମୂହ ଜନାଜା ନମାଜପାଠ ପଢ଼ାଯିବ। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଭକ୍ତ ଯୋଗ ଦେବାର ସମ୍ଭାବନା ରହିଛି ବୋଲି ସୂଚନା ମିଳିଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ନେଇ ଆଇଆଇସି ରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

## ଟୋଲ୍ ପ୍ଲାଜା ଉଭୟ ପାର୍ଶ୍ୱରେ ବେଆଇନ ପାର୍କିଂ



**ଭଣ୍ଡାରିପୋଖରୀ, ୨୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଭାଗଡ଼ା-ନାରାୟଣପୁର ଟୋଲ୍ ପ୍ଲାଜାର ଉଭୟ ପାର୍ଶ୍ୱରୁ ବେଆଇନ ପାର୍କିଂ ଓ ଜବରଦଖଲ ଉଚ୍ଛେଦ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଭଦ୍ରକ ଏସ୍‌ପିଙ୍କୁ ସୋମବାର ପତ୍ର ଲେଖି ପୁନର୍ବାର ଅନୁରୋଧ କରିଛନ୍ତି। ଟୋଲ୍‌ଗେଟ୍‌ର ଯାତାୟାତ ପଥକୁ ବ୍ୟାପକ ଭାବେ ଅବରୋଧ କରାଯାଇ ଘର, ଦୋକାନ ଓ ଗୁମୁଟି ନିର୍ମାଣ କରି ବ୍ୟବସାୟ କରୁଛନ୍ତି। ଯାନବାହାନଗୁଡ଼ିକ ଦୋକାନ ଓ ଗୁମୁଟି ସମ୍ମୁଖରେ ଦୀର୍ଘ ସମୟ ପାର୍କିଂ କରି ରହୁଛନ୍ତି। ପ୍ରବେଶ ଓ ପ୍ରସ୍ଥାନ ପଥରେ ଜନଗହଳି ବୃଦ୍ଧି ସହ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏହାଦ୍ୱାରା ଅହେତୁକ ଭାବେ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଭଦ୍ରକ ଜିଲ୍ଲା ପ୍ରଶାସନକୁ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପୂର୍ବରୁ ଅବଗତ କରାଯାଇଥିଲା। ଜବରଦଖଲ ଉଚ୍ଛେଦ

**ଜବରଦଖଲ ଉଚ୍ଛେଦ ପାଇଁ ଏସ୍‌ପିଙ୍କୁ ପତ୍ର**

ପାଇଁ ଜିଲ୍ଲା ପ୍ରଶାସନ ଅନୁଧ୍ୟାନ କରି ପ୍ରତିଶ୍ରୁତି ଦେଇଥିଲା। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଦେଖି ଜବରଦଖଲକାରୀଙ୍କ କାର୍ଯ୍ୟକଳାପ ଦିନକୁ ଦିନ ସମସ୍ୟା ବଢ଼ାଇବାରେ ସହାୟକ ହେଉଛି। ଜିଲ୍ଲା ପ୍ରଶାସନ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନେବାକୁ ରାଜପଥ କର୍ତ୍ତୃପକ୍ଷ ଚଣ୍ଡିଖୋଲ ପ୍ରକଳ୍ପ ନିର୍ଦ୍ଦେଶକ ପତ୍ର ସଂଖ୍ୟା ୨୪୨୭ରେ ଅନୁରୋଧ କରିଛନ୍ତି।

## ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଯାପିତ: ଭଦ୍ରକ ଚାମ୍ପିଅନ



**ଭଦ୍ରକ, ୨୯।୧୨(ସମିସ):** ଭଦ୍ରକର ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନରେ ଆୟୋଜିତ ୨୨ତମ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ସୋମବାର ଉଦ୍‌ଯାପିତ ହୋଇଛି। ରବିବାର ଭାରତୀୟ ଟାଏକ୍ୱୋଣ୍ଡୋର ଜନକ ତଥା ଟାଏକ୍ୱୋଣ୍ଡୋ ଫେଡେରେସନ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଡ. ଜିମି ଆର୍ ଜାଗତିଆନି ଉଦ୍‌ଘାଟନ କରିଥିବାବେଳେ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। 'ତାଓ'ର ସମ୍ପାଦକ ରବିନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକର ପୂର୍ବତନ ବିଧାୟକ ନରେନ୍ ପଲାଇ, ସମ୍ମାନିତ ଅତିଥି ଭାବେ ପ୍ରଫେସର ସୁଜାତା ମହାପାତ୍ର, ଭଦ୍ରକ କ୍ରିକେଟ୍ ଆସୋସିଏସନର ପୂର୍ବତନ ସଭାପତି ଉପେନ୍ଦ୍ର ବାରିକ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ସମାଜସେବୀ ଅଶୋକ ମହାନ୍ତି, ସୀତାକାନ୍ତ ଦାସ, ଅଜୟ ଧଳ ଯୋଗଦେଇ ଦଳଗତ ଚାମ୍ପିଅନ ଭଦ୍ରକ ଦଳକୁ ଟ୍ରଫି ଓ ଢେଙ୍କାନାଳ ଦଳକୁ ପ୍ରଥମ ରନର୍ସ ଅପ୍, ବାଲେଶ୍ୱର ଦଳକୁ ଦ୍ୱିତୀୟ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ଏହି ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲା ୧୬ ସ୍ୱର୍ଣ୍ଣ ସହ ଚାମ୍ପିଅନ ହୋଇଥିବାବେଳେ ଢେଙ୍କାନାଳ ୧୫ ଓ ବାଲେଶ୍ୱର ୧୪ ସ୍ୱର୍ଣ୍ଣ ପାଇ ପ୍ରଥମ ଓ ଦ୍ୱିତୀୟ ରନର୍ସ ଅପ୍ ହୋଇଥିବା ଜଣାପଡ଼ିଛି। ୨ଦିନ ଧରି ଚାଲିଥିବା ଏହି ଖେଳକୁ ଉପସଭାପତି ରମେଶ ପ୍ରଧାନ, ଯୁଗ୍ମ ସମ୍ପାଦକ ଯୋଗେଶ୍ୱର ମହନ୍ତ, ପବନ ଶର୍ମା, କୋଷାଧ୍ୟକ୍ଷା ସଂଘମିତ୍ରା ଦାଶ, ପ୍ରଜ୍ଞା ପରିମିତା ପଲାଇ, ଗୌରା ସାମଲ, ବିଦ୍ୟାଧର ବାରିକ, ବିଶାଳ ଲଖାନୀ, ଅଜୟ ଧଳ, ରମେଶ ଜେନା, ଧନେଶ୍ୱର ଜେନା, ସୁରେଶ ନାୟକ, ହରିହର ବାରିକ, ଶଶଧର ଜେନା ପରିଚାଳନା କରିଥିଲେ।

## ପୂର୍ବତନ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୨୯।୧୨(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଚଳିତ ବର୍ଷ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଓଷ୍ଟା ରାଜ୍ୟ ପୂର୍ବତନ ସାଧାରଣ ସହସମ୍ପାଦକ ତଥା ପୂର୍ବତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଟକ ନୟାସଡ଼କରେ ୩ ଧରି ଅନୁଷ୍ଠିତ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଥିଲା। ଏହି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ୟମାନଙ୍କ ସହ ସଂଗଠକ ଶ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ପ୍ରଥମ ସ୍ଥାନ ହାସଲ କରିଥିବା ଭଦ୍ରକ ଜିଲ୍ଲାର ପ୍ରତିଯୋଗୀ ସିନ୍ଦୋଳ ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ଭାଗ୍ୟଜ୍ୟୋତି ନାୟକଙ୍କୁ କବିତା ରଚନା ପାଇଁ, କବିତା ଆବୃତିରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବିଷ୍ଣୁପ୍ରିୟା ରାଉଳଙ୍କୁ ଓ ଏକକ ଅଭିନୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ମୁରଲୀଧର ନୋଡାଲ ହାଇସ୍କୁଲ ଛାତ୍ରୀ ଅର୍ଚ୍ଚିତା ମୁଦୁଲିଙ୍କୁ ପୁରସ୍କୃତ କରିଥିଲେ। ଓଷ୍ଟା ଭଦ୍ରକ ଜିଲ୍ଲା ସଭାପତି ଶଶିଶେଖର କରଶର୍ମା, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଅନିଲ ମିଶ୍ର, ଉପସଭାପତି ପର୍ଶୁରାମ ସାହୁ ଓ ଗାଇଡ୍ ବିକଶି ସାହୁ, ଶିକ୍ଷକ ନେତା ତୁଷାର ସ୍ୱାଇଁ, ରାନୁସ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ଶୂନ୍‌ଶାନ୍ ଅଭିଯୋଗ ପ୍ରକୋଷ୍ଠ

**ବାରିକପୁର, ୨୯।୧୨(ସମିସ):** ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ସୋମବାର ବ୍ଲକ କାର୍ଯ୍ୟାଳୟଠାରେ ଜନସାଧାରଣ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ। ତଦନୁଯାୟୀ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ପ୍ରକୋଷ୍ଠରେ ଅଭିଯୋଗ ଗ୍ରହଣ କରିବା ପାଇଁ ଅଧିକାରୀ ବସି ରହୁଥିବାବେଳେ ଅନେକ ସମୟରେ ଅଭିଯୋଗକାରୀ କେହି ଆସୁ ନ ଥିବା ଜଣାପଡ଼ିଛି। ବାସଗୃହ ଓ ରାସନ କାର୍ଡ ବାବଦରେ ହାତଗଣତି କେତୋଟି ଚିରାଚରିତ ଅଭିଯୋଗ ହସ୍ତଗତ ହେଉଥିବାବେଳେ ଅନ୍ୟ କିଛି ଆପତ୍ତି ଅଭିଯୋଗ ଆସୁନାହିଁ। ଜିଲ୍ଲାପାଳଙ୍କ ମାସିକିଆ ଜନଶୁଣାଣି ଶିବିରରେ ଅନେକ ଅଭିଯୋଗ ହେଉଥିବାବେଳେ ବ୍ଲକ ଅଭିଯୋଗ ପ୍ରକୋଷ୍ଠ କିନ୍ତୁ ସର୍ବଦା ଶୂନ୍‌ଶାନ୍ ରହୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏ ବିଷୟରେ ସରକାରୀ ଭାବେ ଜନସଚେତନତା ସୃଷ୍ଟି କରାଯାଉନାହିଁ। ତେଣୁ ଲୋକମାନଙ୍କ ମଧ୍ୟରେ ଅନେକ ସମସ୍ୟା ରହୁଥିଲେ ମଧ୍ୟ ସେମାନେ ନିର୍ଦ୍ଦିଷ୍ଟ ବାରରେ ଆସି ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରୁନାହାନ୍ତି।

**ଏଏସ୍‌ଡି ପ୍ରତ୍ୟାହାର ଦାବି**

## କଂଗ୍ରେସ ପକ୍ଷରୁ ଟିପିଏନ୍‌ଓଡିଏଲ୍ ସମ୍ମୁଖରେ ବିକ୍ଷୋଭ




ଭଦ୍ରକ, ୨୯।୧୨(ସମିସ)

ସୋମବାର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି, ୩୦୦ ୟୁନିଟ୍ ବିଜୁଳି ଛାଡ଼, କୃଷି ପାଇଁ ଦେୟମୁକ୍ତ ବିଜୁଳି ପ୍ରଦାନ, ନୂତନ ମିଟର ମାନଦଣ୍ଡର ସତ୍ୟତା ଯାଞ୍ଚ ଏବଂ ସ୍ପେଶାଲ ସିକ୍ୟୁରିଟି ବାତିଲ୍ ଦାବିରେ ବାଇପାସ୍‌ସ୍ଥିତ ଟିପିଏନ୍‌ଓଡିଏଲ୍ ଅଫିସ (ପାୱାର ହାଉସ୍) ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପାର୍ଟି କାର୍ଯ୍ୟାଳୟରୁ ଏକ ବିରାଟ ରାଲିରେ ବାହାରି ସହର ପରିକ୍ରମା କରିବା ପରେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଶତାଧିକ ଦଳୀୟ କର୍ମୀ କାର୍ଯ୍ୟାଳୟ ପରିସରକୁ ଧସେଇ ପଶି ବିଦ୍ୟୁତ୍ ବିଭାଗ ଓ ସରକାରଙ୍କ ବିରୋଧରେ ନାରାବାଜି ଦେଇ ଧାରଣାରେ ବସିଥିଲେ। ପରେ ପୂର୍ବତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ରାଜ୍ୟ ସରକାରଙ୍କ ବେନିୟମ କାର୍ଯ୍ୟକୁ ବିରୋଧ କରିବା ସହ ଜନସାଧାରଣଙ୍କଠାରୁ ଅସଦ୍ ଉପାୟରେ କୋଟି କୋଟି ଟଙ୍କା ଲୁଟିନେବା ପାଇଁ ସରକାର ଯେଉଁ ହୀନ ଉଦ୍ୟମ କରିଛନ୍ତି ତାହାକୁ ନେଇ ଆଗାମୀ ଦିନରେ ଦଳ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ ଧମକ ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ରାଜ୍ୟ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ନାରୀନେତ୍ରୀ ସବିତା ଚନ୍ଦ୍, ଶର୍ମିଷ୍ଠା ପଣ୍ଡା, ଟାଉନ୍ ସଭାପତି ଅବ୍‌ଦୁଲ ମୋକିତ୍ ଖାଁ, ଭଦ୍ରକ ବ୍ଲକ ସଭାପତି ପୀତବାସ ଧଳ, ବିଦ୍ୟାଧର ଜେନା, ଧାମନଗର ବ୍ଲକ ସଭାପତି ରମେଶ ବେହେରା ପ୍ରମୁଖ ସରକାରଙ୍କ ମନମୁଖୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବା ସହ ଦଳ ପକ୍ଷରୁ ଦିଆଯାଇଥିବା ୪ଟି ଦାବି ତୁରନ୍ତ କାର୍ଯ୍ୟକାରୀ କରା ନ ଗଲେ ଆଗାମୀ ଦିନରେ ଜିଲ୍ଲା କମିଟି ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ନେତାମାନେ ଧମକ ଦେଇଛନ୍ତି। ରାଜ୍ୟ ଅନୁସୂଚିତ ଜାତି ବିଭାଗର ଜାନକୀ ମଲ୍ଲିକ, ସମ୍ପାଦକ ଶଶିକାନ୍ତ ଜେନା, ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ସମ୍ପାଦକ ରଞ୍ଜନ ଜେନା, ଲାଲୁ ଖାଁ, ଭଦ୍ରକର ଯୁବନେତା ଇଲିଆସ ଅଲି ଖାଁ, କାଉନ୍‌ସିଲର ସାହିଲ୍ କାଦ୍ରୀ, ଗଣେଶ ମଲ୍ଲିକ, ବିପିନ ବିହାରୀ ମିଶ୍ର, ନାରୀ ନେତ୍ରୀ ଶେଖ୍ ହାସିନା, ସେକ୍ ସାଦିକ୍, ବିଜୟ ବାରିକ, ଜ୍ୟୋତ୍ସ୍ନାରାଣୀ ଜେନା, ଧରିତ୍ରୀ ଜେନା, ଯୁବ ନେତା ମନୋଜ ମଲ୍ଲିକ, ଖଗେଶ୍ୱର ଜେନା (ଟୁଟୁନା), ହାଡ଼ିବନ୍ଧୁ ବିଶ୍ୱାଳ ପ୍ରମୁଖ ଏହି ପ୍ରତିବାଦ ସଭାରେ ସାମିଲ୍ ହୋଇ ସରକାରଙ୍କ ଏହି ବେନିୟମ କାର୍ଯ୍ୟକୁ ତୀବ୍ର ଭର୍ତ୍ସନା କରିଥିଲେ। ଏହି ପ୍ରତିବାଦ ସଭାରେ ଜିଲ୍ଲାର ୭ଟି ବ୍ଲକର ୫ଶହରୁ ଊର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ।

## ୧୯୭୮ରୁ ୧୯୯୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



**ଦୋବଲ, ୨୯।୧୨(ସମିସ):** ଦୋବଲ ଜୋନ୍ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗିରସ୍ଥିତ ଜନତା ଉଚ୍ଚ ବିଦ୍ୟାପୀଠରେ ଅଧ୍ୟୟନ କରିଥିବା ୧୯୭୮ରୁ ୧୯୯୦ ମସିହା ମ୍ୟାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କର ଦ୍ୱିତୀୟ ବାର୍ଷିକ ମେଗା ବନ୍ଧୁ ମିଳନ ସ୍ଥାନୀୟ ଫଳପୁର ଗ୍ରାମ୍ୟ ଜଙ୍ଗଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁ ମିଳନରେ ପୁରାତନ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ପରିବାରର ସଦସ୍ୟ ଓ ସେ ସମୟରେ ଶିକ୍ଷା ଦେଇଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇ ଅତୀତର ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ଗୁରୁ-ଶିଷ୍ୟଙ୍କ ସମ୍ପର୍କ ଓ ଶିକ୍ଷାର ମାନ ବିଷୟରେ ବର୍ଣ୍ଣନା କରାଯାଇଥିଲା। ବିଗତ ଦିନର ସ୍ମୃତିକୁ ମନେ ପକେଇ ମୁଖ୍ୟ ଆୟୋଜକ ଚିନ୍ତାମଣି ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସୂଚନା ପ୍ରଦାନ କରିଥିଲେ। ସ୍କୁଲର ସେଦିନର ସମ୍ପାଦକ ଗୋପିନାଥ ବେହୁରିଆ ଯୋଗଦେଇ ସମସ୍ତଙ୍କୁ ଆଶୀର୍ବାଦ ଦେଇଥିଲେ। ଶିକ୍ଷକମାନଙ୍କ ମଧ୍ୟରେ ଖଗେଶ୍ୱର ତ୍ରିପାଠୀ, ବିପିନବିହାରୀ ରାଉତ, ନିତ୍ୟାନନ୍ଦ ଘଡ଼ାଇ, ବିଶ୍ୱନାଥ ମହାପାତ୍ର, ଅଶୋକ କୁମାର ପଲାଇ, ରବୀନ୍ଦ୍ର ବେହୁରିଆ, ପିତାମ୍ବର ଦାସ, ଚକ୍ରଧର ସାହୁ, ଅକ୍ଷୟ ନାୟକ, ମନୋରମା ନାୟକ, ଅଭିରାମ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେମାନଙ୍କୁ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ ଓ ସମ୍ବର୍ଦ୍ଧନା କରାଯାଇଥିଲା। ରାଧାନାଥ ଘଡ଼ାଇ, ନାରାୟଣ ଚନ୍ଦ୍ର ବେହୁରିଆ ଓ ଭରତ ଚନ୍ଦ୍ର ଘଡ଼ାଇ ସଭାପତିତ୍ୱ କରିଥିଲେ। ମନୋରଞ୍ଜନ କାର୍ଯ୍ୟକ୍ରମକୁ ଭରତ ଷଡ଼ଙ୍ଗୀ, ମନୋରଞ୍ଜନ ମିଶ୍ର, ନାଥୁରାମ ଘଡ଼ାଇ, ଅଭିରାମ ମହାନ୍ତି ଓ କିଶୋର ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।



# ଫିକା ପଡ଼ିବ କି ଜିରୋ ନାଇଟ୍ ?

- ୧୨ ପରେ ସବୁ ବନ୍ଦ
- କାହାକୁ ମିଳିଲାନି ସ୍ୱତନ୍ତ୍ର ଅନୁମତି
- ଅସ୍ଥାୟୀ ବାର୍ ଅନୁମତି ବି ନାହିଁ
- ରାତି ୧୨ଟା ପରେ ମ୍ୟୁଜିକ୍ ମନା
- ଅମାନିଆଙ୍କୁ ରୋକିବାକୁ କଡ଼ା ପାଟ୍ରୋଲିଂ



ଫାଇଲ ଫଟୋ

ଭୁବନେଶ୍ୱର, ୨୯।୧୨(ସମିସ): ଫିକା ପଡ଼ିବ ଜିରୋ ନାଇଟ୍ ସେଲିବ୍ରେସନ୍। ଘଣ୍ଟାରେ ୧୨ଟା ବାଜିବା ମାତ୍ରେ, ରାଜଧାନୀରେ ସବୁକିଛି ବନ୍ଦ ହୋଇଯିବ। ମ୍ୟୁଜିକ୍ ବାଜି ପାରିବନି କିମ୍ବା ମଦ ବି ମିଳିବନି। ହୁକା ଉପରେ ପୂର୍ବରୁ କଟକଣା ଲାଗି ସାରିଛି। ଏଭଳି ହେବା ଦ୍ୱାରା ସହରରେ ଶାନ୍ତି ବଜାୟ ରହିବ ବୋଲି ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଆଶା କରାଯାଉଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ପ୍ରତ୍ୟେକ ବର୍ଷ ଅବକାରୀ ବିଭାଗ ପକ୍ଷରୁ ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ବାର୍, ପପ୍, ହୋଟେଲ ଏବଂ ରେସ୍ତୋରାଁ ପାଇଁ ସ୍ୱତନ୍ତ୍ର ଅନୁମତି ଦିଆଯାଏ। ସ୍ୱତନ୍ତ୍ର ଅନୁମତି ଦ୍ୱାରା ନିୟମିତ ଭାବେ ରାତି ୧୨ ବନ୍ଦ ହେଉଥିବା ବାର୍ ରାତି ୧ଟା୩୦ ପର୍ଯ୍ୟନ୍ତ ଚାଲିଥାଏ। ଏହି ଅନୁମତି ବିଭିନ୍ନ ସମୟରେ ସମାଲୋଚନା କରାଯାଏ। ହେଲେ ଚଳିତବର୍ଷ ସତ୍ୟବିହାରରେ ବାର୍ ଜଳି ଗଲା ପରେ ଏହି ଅନୁମତି ମିଳିବ ନାହିଁ ବୋଲି ସ୍ପଷ୍ଟ କରାଯାଏ। ଏଣୁ ସ୍ୱତନ୍ତ୍ର ଅନୁମତି ପାଇଁ କେହି ବି ଆବେଦନ କଲେ ନାହିଁ। ସେହିପରି କିଛି ରେସ୍ତୋରାଁ ଅସ୍ଥାୟୀ ଆବେଦନ କରି ଗ୍ରାହକଙ୍କୁ ଗୋଟିଏ ଦିନ ମଦ ପରସନ୍ତି। ହେଲେ ଚଳିତବର୍ଷ ଅବକାରୀ ବିଭାଗ ପକ୍ଷରୁ ଏହାକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ଅନ୍ୟପକ୍ଷରେ ରାତି ୧୨ଟା ପରେ ମ୍ୟୁଜିକ୍ ବାଜି ପାରିବନି। ଡିଜେକୁ ଅନୁମତି ବି ପ୍ରଦାନ କରାଯାଇ ନାହିଁ। ରାସ୍ତାକଡ଼ରେ ସେଲିବ୍ରେସନ୍ ହୋଇ ପାରିବନି ବୋଲି ପୁଲିସ ସ୍ପଷ୍ଟ କରିଛି।

ତେବେ ଚଳିତବର୍ଷ କଟକଣା ତାଲିକା ଲମ୍ବା। ହେଲେ ଏସବୁ କଟକଣା କେତେଦୂର ପାଳନ ହେବ ତାହା ଦେଖିବାର କଥା। ସ୍ୱତନ୍ତ୍ର ଅନୁମତି ନ ମିଳିଲେ ବାର୍ ମାଲିକ ଅଭିନବ ଉପାୟରେ ୧୨ଟା ପରେ ବାର୍ ଚଲାଇବାକୁ ଯୋଜନା କରିଛନ୍ତି। ବାହାରେ ତାଲା ପଡ଼ିବ ଭିତରେ ବାର୍ ଚାଲିବ। ପୁଲିସ କିମ୍ବା ଅବକାରୀ ବିଭାଗ ପହଞ୍ଚିଲେ କେବଳ ଖାଦ୍ୟ ପରସା ଯାଉଛି ବୋଲି ସଫେଇ ଦିଆଯିବ।

ଅନ୍ୟପକ୍ଷରେ ବାର୍‌ଗୁଡ଼ିକରେ ଏଭଳି ହରକତ୍‌କୁ ରୋକିବାକୁ ଏକ ଅବକାରୀ ବିଭାଗ ପକ୍ଷରୁ ଏକାଧିକ ଟମ୍ ଗଠନ କରାଯାଇଛି। ଏହି ଟିମ୍ ରାତି ୧୨ଟାରେ ଯାଞ୍ଚ ଆରମ୍ଭ କରିବ। ନିୟମ କଡାକଡ଼ି ପାଳନ ହେଉଛି କିମ୍ବା ନାହିଁ ବୁଲି ଦେଖିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ବାର୍ ଉପରେ ନଜର, ବ୍ରାଉନ୍‌ସୁଗର ବ୍ୟବସାୟୀ ସକ୍ରିୟ

ନୂଆବର୍ଷ ଆଉ ମାତ୍ର ଦିନ କେଇଟା ରହିଲା। ଏଥିପାଇଁ ରାଜଧାନୀ ଭୁବନେଶ୍ୱରର ହୋଟେଲ, ରେସ୍ତୋରାଁ ଏବଂ ବାର୍ ମାଲିକ ଭଲ ବ୍ୟବସାୟ କରିବାକୁ ପ୍ରସ୍ତୁତ ହେଉଥିଲା ବେଳେ ପୁଲିସ ଏବଂ ଅବକାରୀ ବିଭାଗ ଏମାନଙ୍କ ଉପରେ କଡ଼ା ନଜର ରଖିଛି ବୋଲି କହୁଛି। ଏମାନେ ଯେପରି କୌଣସି ନିୟମ ଉଲ୍ଲଙ୍ଘନ କରି ନ ପାରିବେ, ତାହାକୁ ଫୋକସ୍ କରିଛି। ମଦ ବ୍ୟବସାୟୀଙ୍କ ଉପରେ ନଜର ରଖିଥିବାବେଳେ ବେଆଇନ୍ ବ୍ରାଉନ୍‌ସୁଗର ବ୍ୟବସାୟୀ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଉଠିଛନ୍ତି। ପୁଲିସ ବାର୍ ଜଗିଥିଲା ବେଳେ ଏମାନେ ରାଜଧାନୀର ଗଞ୍ଜେଇ ପଟା, ଫାର୍ମହାଉସ୍, କିଟି ପାଟି ଏବଂ ବିଭିନ୍ନ ପପ୍‌ରେ କିଭଳି ବ୍ରାଉନ୍‌ସୁଗର ସପ୍ଲାଏ କରିବେ ସେଥିପାଇଁ ସଜବାଜ ହେଉଛନ୍ତି। ରାଜଧାନୀର ଏକାଧିକ ଗଞ୍ଜେଇ ପଟା ଏବେଠାରୁ ସକ୍ରିୟ ହୋଇଉଠିଛି। ଡିସେମ୍ବର ୨୫ ପରଠାରୁ ଏଠାରେ ନିଶାଡ଼ିଙ୍କ ଭିଡ଼ ଦେଖାଯାଉଛି। ବ୍ରାଉନ୍‌ସୁଗର ଖାଉଥିବା ଲୋକେ ଅଧିକ ଟଙ୍କା ଦେଇ ବ୍ରାଉନ୍‌ସୁଗର କିଣୁଛନ୍ତି। ନୂଆ ବର୍ଷରେ ବହୁ କୋଟି ଟଙ୍କା ବ୍ୟବସାୟ କରିବାକୁ ସଜବାଜ ହେଉଛନ୍ତି। ପୁଲିସ ଏବଂ ଅବକାରୀ ବିଭାଗ ପିମ୍ପୁଡ଼ି ଜଗୁଜଗୁ ହାତୀ ଯେପରି ଗଳି ନଯାଏ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

ସୂଚନା ଅନୁଯାୟୀ ବାଲେଶ୍ୱରର ବ୍ରାଉନ୍‌ସୁଗର ବ୍ୟବସାୟୀ ନୂଆବର୍ଷ ପାଇଁ ଭୁବନେଶ୍ୱରକୁ ଟାର୍ଗେଟ କରିଛନ୍ତି। ଭୁବନେଶ୍ୱରରେ ନୂଆବର୍ଷ ପୂର୍ବରୁ ନିଆଁ ଧୂଆଁ ବ୍ୟବସାୟ କରିବେ। ବ୍ରାଉନ୍‌ସୁଗର ବ୍ୟବସାୟୀ ଖୋର୍ଦ୍ଧାକୁ ଟ୍ରାଞ୍ଜିଟ୍ ହବ୍ ଭାବେ ବ୍ୟବହାର କରିବେ। ଛୋଟ ସପ୍ଲାୟର୍ସଙ୍କ ଦ୍ୱାରା ଏଠାରୁ ଭୁବନେଶ୍ୱରକୁ ସପ୍ଲାଏ କରାଯିବ। ଏମାନଙ୍କ ଦ୍ୱାରା ଫାର୍ମ ହାଉସ୍‌ରେ ହେବାକୁ ଥିବା ପାର୍ଟି, ପପ୍ ନିକଟସ୍ଥ ଅଞ୍ଚଳ, ଶିକ୍ଷାନୁଷ୍ଠାନ ପାଖ ଏବଂ ହୋଟେଲକୁ ସିଧାସଳଖ ସପ୍ଲାଏ କରାଯିବ।

ଚଳିତ ଡିସେମ୍ବରେ ଖୋର୍ଦ୍ଧାରେ ୬୫ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ କରାଯାଇଥିଲା। ଏସବୁକୁ ଭୁବନେଶ୍ୱରରେ ସପ୍ଲାୟର୍ସଙ୍କ ଦ୍ୱାରା ବିକ୍ରି କରାଯାଇ ଥାନ୍ତା। ଏହି ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଶ୍ରୀଲିଙ୍ଗରାଜ ଥାନା ପୁଲିସ ଗତ ୧୩ ତାରିଖରେ ଜଣେ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଥିଲା। ଗିରଫ ବ୍ରାଉନସୁଗର ବେପାରୀଙ୍କ ନାମ ନିରଞ୍ଜନ ନାୟକ। ଲିଙ୍ଗରାଜ ଥାନାର ଏକ ପାଟ୍ରୋଲିଂ ଟିମ୍ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ନିରଞ୍ଜନ ନାୟକ କେଦାରଗୌରୀ ବସଷ୍ଟପ ପଛ ପାଖରେ ବେଆଇନ ବ୍ରାଉନସୁଗର ବିକ୍ରୟ ନିମନ୍ତେ ଗ୍ରାହକ ଅପେକ୍ଷା କରିଥିଲା ବେଳେ ପୁଲିସ ମାଡ଼ି ବସିଥିଲା। ବେଆଇନ୍ ମଦ କାରବାର ଉପରେ ଯେତେ ନଜର ରଖାଯାଉଛି ବ୍ରାଉନ୍‌ସୁଗର ବ୍ୟବସାୟକୁ ରୋକିବାକୁ ସେତିକି ଧ୍ୟାନ ଦିଆଯାଉ ବୋଲି ସାଧାରଣରେ ଦାବି କରାଯାଉଛି।

## ନୂଆ ଇନ୍ସପେକ୍ଟରଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୨୯।୧୨ (ସମିସ): କମିସନରେଟ ପୁଲିସର ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ନୂଆ କରି ପଦୋନ୍ନତି ପାଇଥିବା ଇନ୍ସପେକ୍ଟର ମାନଙ୍କୁ ଦାୟିତ୍ୱ ମିଳିଛି। ନିରଞ୍ଜନ ବେହେରା ଓ ଚିନୁଲତା ଦାସଙ୍କୁ କ୍ୟାପିଟାଲ ଥାନା, ନିରଞ୍ଜନ ଓଝାଙ୍କୁ ମଞ୍ଚେଶ୍ୱର ଥାନା, ରାଧିକା ବାଉଣ୍ଡାଙ୍କୁ ଚନ୍ଦ୍ରଶେଖରପୁର ଥାନା ଓ ସ୍ୱର୍ଣ୍ଣପ୍ରଭା ଜେନାଙ୍କୁ ଭରତପୁର ଥାନାରେ ନିଯୁକ୍ତି ଦିଆଯାଇଛି। ସେହିପରି ଶଶିକାନ୍ତ ରାଉତଙ୍କୁ ଡିଆବି ଇନ୍ସପେକ୍ଟର, ପ୍ରଶାନ୍ତ କୁମାର ପାତ୍ରଙ୍କୁ ଇନ୍ସପେକ୍ଟର ଡିପିଓ (ଇନଚାର୍ଜ ଆରଏସ୍‌ଆଇ ସେକ୍ସନ) ଭାବେ ଦାୟିତ୍ୱ ମିଳିଛି। ରୁପେଶ କୁମାର ପ୍ରଧାନଙ୍କୁ ଚନ୍ଦକା ଥାନାର ଅତିରିକ୍ତ ଥାନା ଅଧିକାରୀ, ସ୍ମୃତି ରଞ୍ଜନ ପାଲଟା ସିଂହଙ୍କୁ ବାଲିପାଟଣା ଥାନା ଅତିରିକ୍ତ ଆଇଆଇସି ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ବିକାଶ କୁମାର ପଲେଇଙ୍କୁ ସାଇବର ଥାନାରେ ନିଯୁକ୍ତି ଦିଆଯାଇଛି। ଏନେଇ ସୋମବାର ପୁଲିସ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଦୁଇଟି ଦୁର୍ଘଟଣାରେ ଜଣେ ମୃତ

ଝାଁଳା, ୨୯।୧୨(ସମିସ): ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପେଟ୍ରୋଲ ପମ୍ପ ସର୍ଭିସ ରୋଡ୍‌ରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ ଅଟୋ ପଛକୁ ଧକ୍କା ଦେବାରୁ ଅଟୋଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା ଏବଂ ଅଟୋର ଥିବା ଯାତ୍ରୀମାନେ ଖଣ୍ଡିଆ ଖାବରା ହୋଇ ଯାଇଥିଲେ। ସେହିଭଳି ରବିବାର ରାତିରେ ଏକ ମୋଟର ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲ୍ଲା ବାଣପୁର ନୂଆସାହି ୨୭ ବର୍ଷୀୟ ମୁନା ପ୍ରଧାନ। ରବିବାର ରାତ୍ର ସମୟରେ ମୁନା ନିଜ ମୋଟର ସାଇକଲରେ ଭୁବନେଶ୍ୱରରୁ ଗାଁ ଅଭିମୁଖେ ଫେରୁଥିବା ବେଳେ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲା। ଫଳରେ ମୁନା ମୋଟର ସାଇକଲରୁ ଛିଟିକି ପଡ଼ି ଜାତୀୟ ରାଜପଥ ବାଡ଼ରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ସ୍‌କୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଇନ୍‌ଫୋଭ୍ୟାଲି ଥାନା ପୁଲିସ୍ ମୃତଦେହ ଜବତ କରି ଆଜି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ମୁନାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## କାମ କରୁନି କି 'ଆମ ବସ୍' ସିସିଟିଭି

- ପର୍ସ ଚୋରକୁ ଧରିପାରୁନି ପୁଲିସ

ଭୁବନେଶ୍ୱର, ୨୯।୧୨(ସମିସ): ଦ୍ୱୈତ ନଗରୀରେ ଚଳାଚଳ କରୁଥିବା ଆମ ବସ୍‌ଗୁଡ଼ିକରୁ ନିୟମିତ ଭାବେ ଚୋରି ହେବାରେ ଲାଗିଛି। ଅପରପକ୍ଷେ ଆମ ବସ୍‌ରେ ସିସିଟିଭି ଲାଗିଥିଲେ ମଧ୍ୟ ଚୋରକୁ ଖୋଜି ପାଉନି ପୁଲିସ। ଖବର ନେବାରୁ ଜଣାପଡ଼ିଛି ଯେ, ଗତ ଦୁଇଦିନ ତଳେ ଅର୍ଥାତ୍ ୨୭ ତାରିଖ ଦିନ ପ୍ରାୟ ୨ଟା ବେଳେ ରୁଟ୍‌ର ୧୮ ନମ୍ବର ରୁଟ୍ ବସ୍‌ର ନମ୍ବର - ଓଡ଼ି ୩୩ଭି୨୪୧୪ ଗାଇଡ୍‌ଆଇଡି ରୁଟ ୨୬୫୦ ବସ୍‌ରେ ୭୬ ବର୍ଷୀୟ ବରିଷ୍ଠ ସାମ୍ବାଦିକ ତଥା ବରିଷ୍ଠ ନାଗରିକ ହଳଧର ଧୀର ଓ ତାଙ୍କର ଅସୁସ୍ଥ ପତ୍ନୀ ଭୁବନେଶ୍ୱରରୁ କଟକକୁ ଚିକିତ୍ସା ଲାଗି ଯାଉଥିଲେ। ବସ୍‌ରେ ଭିଡ଼ ନଥିଲେ ବି ସେ ଓ ତାଙ୍କର ପତ୍ନୀ ବାଦାମବାଡ଼ି ଥାନାଠାରୁ କିଛି ଦୂରରେ ଆମ ବସ୍‌ରୁ ତରତର ହୋଇ ଓହ୍ଲାଇବା ବେଳେ ଆଖି ପିଛୁଳାକେ ଚୋର ତାଙ୍କ ପତ୍ନୀଙ୍କ ବ୍ୟାଗରୁ ଚେନ୍ ଖୋଲି ପର୍ସଟିକୁ ନେଇ ଯାଇଥିଲେ। ଉକ୍ତ ପର୍ସରେ ଏସ୍.ବି.ଆଇର ଦୁଇଟି ଏଟିଏମ୍ କାର୍ଡ଼, କାନାରା ବ୍ୟାଙ୍କର ଗୋଟିଏ ଏଟିଏମ୍ କାର୍ଡ଼, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଗୋଟିଏ ଏଟିଏମ୍ କାର୍ଡ଼, ଏଚ୍‌ଡ଼ିଏଫ୍‌ସି. ବ୍ୟାଙ୍କର ଗୋଟିଏ କ୍ରେଡ଼ିଟ୍ କାର୍ଡ, ଗୋଟିଏ ରୁପା କଏନ୍, କମିସନେରେଟ୍ ପୋଲିସ୍‌ର ସିନିୟର ସିଟି ଜେନ୍ କାର୍ଡ଼, ଆଧାର କାର୍ଡ଼ - ଦୁଇ ଜଣଙ୍କର, ଭୋଟର କାର୍ଡ଼ - ଦୁଇ ଜଣଙ୍କର, ଗୋଟିଏ ପ୍ୟାନ୍ କାର୍ଡ଼, ସାମ୍ବାଦିକ ହେଲଥ୍ ଇନସୁରାନ୍ସ କାର୍ଡ଼, ନଗଦ ପ୍ରାୟ ଆଠ ହଜାର ଟଙ୍କା, କେତେକ ଜରୁରି କାଗଜପତ୍ର ରହିଥିଲା। ଏହି 'ଆମ ବସ୍'ରେ ଏହି ସାମ୍ବାଦିକଙ୍କର ଏକ ବର୍ଷ ତଳେ ଏକ ନୂଆ ମୋବାଇଲଟି ଭୁବନେଶ୍ୱର ଜନତା ମଇଦାନ ଠାରେ ଚୋରି ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ମିଳିନାହିଁ।

## ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର, ୨୯।୧୨(ସମିସ): ପୂର୍ବବିବାଦକୁ କେନ୍ଦ୍ର କରି ଖଣ୍ଡା ଦେଖାଇ ଭୟଭୀତ କରାଇବା ସହ ଆକ୍ରମଣ ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବରୁଣ ରାଓ ଓରଫ ସୀମାନ୍ଧୀ। ତାଙ୍କ ଠାରୁ ଖଣ୍ଡା ଜବତ ହୋଇଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଗତ ୨ ରାତି ସମୟରେ ଅଭିଯୋଗକାରୀ ଯେତେବେଳେ ସ୍କୁଟିରେ ତାଙ୍କ ଘରକୁ ଫେରୁଥିଲେ ମାଷ୍ଟର କ୍ୟାଣ୍ଟିନ୍‌ସ୍ଥିତ ଗାନ୍ଧୀ ମାର୍ଗ ନିକଟରେ ଅଭିଯୁକ୍ତ ବରୁଣ ରାଓ ଓରଫ ସୀମାନ୍ଧୀ ତାଙ୍କ ସହଯୋଗୀ ମାନଙ୍କ ସହିତ ଏକ ଖଣ୍ଡା ଧରି ଆସି ହଠାତ୍ ତାଙ୍କ ଗାଡ଼ିକୁ ଅଟକାଇ ତାଙ୍କୁ ଚାପୁଡ଼ା ଏବଂ ଲାତ ମାରିଥିଲେ। ଫଳସ୍ୱରୂପ, ଅଭିଯୋଗକାରୀ ରାସ୍ତାରେ ପଡ଼ି ରକ୍ତାକ୍ତ ଆହତ ହୋଇଥିଲେ। ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ଏକାଠି ହେବା ଦେଖି ଅଭିଯୁକ୍ତ ମାନେ ସେଠାରୁ ଖସି ପଳାଇ ଯାଇଥିଲେ। ପରେ ଅଭିଯୋଗକାରୀଙ୍କୁ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୀମାନ୍ଧୀଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାର ୫ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ରାଜ୍ୟ ପଛୁଆବର୍ଗ କମିସନକୁ ତୁରନ୍ତ ପୁନର୍ଗଠନ ପାଇଁ ଦାବି

ଭୁବନେଶ୍ୱର, ୨୯।୧୨(ସମିସ): ଉତ୍କଳ ବିକାଶ ପରିଷଦର ୨୭ତମ ବୈଠକ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସଭ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଅର୍ଦ୍ଧ ବାର୍ଷିକ ପରିଷଦ ବୈଠକରେ ପରିଷଦର ଅଧ୍ୟକ୍ଷ ନଟବର ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଯଦୁମଣି ମଙ୍ଗରାଜ ଏବଂ କାଶିନାଥ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ସେମାନେ ନାୟକ ପତ୍ରିକା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାବାସୀଙ୍କୁ ଝାସଦେବାକୁ ପ୍ରେରିତ କରିଥିବା ବିଷୟରେ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ ହୋଇଥିଲା। ପରିଷଦର ମୁଖପତ୍ର 'ଦୁନ୍ଦୁଭି'ର ସମ୍ପାଦକ ଡ. ଶରତ ଚନ୍ଦ୍ର ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ଅନିଲ କୁମାର ଦଳାଇ ପରିଷଦର ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ପ୍ରମୋଦ ଧଳ ସାମ୍ବିଧାନିକ ଅଧିକାର ଏବଂ ଖଣ୍ଡାୟତମାନଙ୍କୁ ଓବିସି ବର୍ଗରେ ସାମିଲ କରିବାର ଆବଶ୍ୟକତା ବିଷୟରେ ଅଭିଭାଷଣ ରଖିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରଦୀପ ବିଶ୍ୱାଳ ନିଜର ଭାଷଣରେ ପର୍ଯ୍ୟଟନ ବିକାଶ କରାଯାଇ ସମୃଦ୍ଧ ଓଡ଼ିଶାର ପରିକଳ୍ପନାର ରୂପରେଖ ବର୍ଣ୍ଣନା କରିଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ କମିଶନ ପୁନର୍ଗଠନ କରିବାକୁ ଅନୁରୋଧ କରିବା ସହ ନୂତନ ପର୍ଯ୍ୟଟନ ନୀତି ଆଣିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ନବଘନ ପରିଡ଼ା, ସିମନ୍ତିନୀ ଜେନା, ପବିତ୍ର ମହାରଥୀ, ଡ. ରକ୍ଷକ ନାୟକ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

## ଶ୍ରମିକଙ୍କ ମୁଣ୍ଡକୁ ପଥରରେ ଛେଚି ଦେଲେ



**୭ ଗିରଫ; ମୁଖ୍ୟ ଅଭିଯୁକ୍ତ ଫେରାର**

ଭୁବନେଶ୍ୱର, ୨୯।୧୨ (ସମିସ): କମେଣ୍ଟମରାକୁ କେନ୍ଦ୍ରକରି ସଙ୍ଘବଦ୍ଧ ଆକ୍ରମଣ ହୋଇଛି। ଦୁଇ ଜଣ ଶ୍ରମିକଙ୍କ ମୁଣ୍ଡକୁ ଇଟାରେ ଛେଚି ଆହତ କରିବା ଘଟଣାରେ ୭ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବାଲିଆପଡ଼ାରେ ରହୁଥିବା ଦିବ୍ୟ ଲୋଚନ ସିଂହ (୨୬), ପାତ୍ରପଡ଼ାର ଅଭିଷେକ ନାୟକ (୨୨), ନବକିଶୋର ଭୋଇ (୨୦), ଆଇଗିଣିଆର ଟୁନା ମଲ୍ଲିକ (୨୧), ଫୁଲେଶ୍ୱରୀ ବସ୍ତିର ଲାଲୁ ମୁର୍ମୁ (୨୪), ସାଗର କୁମାର ରାଉତ (୨୧) ଓ ନାରଗୋଦାର ମୁକେଶ କୁମାର ଗୌଡ଼ (୨୮)। ମୁଖ୍ୟ ଅଭିଯୁକ୍ତ ଗଙ୍ଗା ପୁଲିସକୁ ଚକମା ଦେଇ ଖସି ପଳାଇଛି।

ପୁଲିସ ସୂଚନାନୁସାରେ, ଘାଟିକିଆ ସ୍ଥିତ ଏସପିଡି କନଷ୍ଟ୍ରକ୍ସନରେ ଶ୍ରମିକ ଭାବେ କାମ କରୁଥିବା ସିପୁ ରାଉତ ଓ ବ୍ରହ୍ମା ମଲ୍ଲିକ ସ୍ଥାନୀୟ ବଜାରକୁ କିଣାକିଣି କରିବା ପାଇଁ ଯାଇଥିଲେ। ବିନା କୌଣସି କାରଣରେ କାହିଁକି କମେଣ୍ଟ ମାରିଲ ବୋଲି ଗଙ୍ଗା ଓରଫ କାହ୍ନା ଗୌଡ଼ ପଚାରିବା ସହ ଗାଳିଗୁଲଜ କରିଥିଲା। ଏହା ସହିତ ଫୋନ୍ କରି ତାଙ୍କ ସହଯୋଗୀମାନଙ୍କୁ ଘଟଣାସ୍ଥଳକୁ ଡାକିଥିଲା। ଫୋନ୍ ପାଇବା ପରେ ଉପୋରକ୍ତ ଅଭିଯୁକ୍ତମାନେ କନଷ୍ଟ୍ରକ୍ସନ ସାଇଟ୍‌କୁ ଆସି ସିପୁ ଓ ବ୍ରହ୍ମାକୁ ଗାଳି କରିବା ସହ ଧକ୍କା ମାରିଥିଲେ। ଏହାପରେ ସିପୁକୁ ହତ୍ୟା କରିବା ଉଦ୍ଦେଶ୍ୟରେ ସିପୁଙ୍କ ମୁଣ୍ଡକୁ ଇଟାରେ ଛେଚି ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରେ ଅଭିଯୁକ୍ତମାନେ ବ୍ରହ୍ମାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ସାଇଟ୍ ମାଲିକ ଓ ଅନ୍ୟ କର୍ମଚାରୀମାନେ ହସ୍ତକ୍ଷେପ କରିବାରୁ ସେମାନଙ୍କୁ ମଧ୍ୟ ଛାଡ଼ି ନଥିଲେ। ଅପୋଷ ସମାଧାନ କରିବାକୁ ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ୭ ଜଣଙ୍କୁ ଥାନାକୁ ନେଇଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ଗଙ୍ଗା କୌଶଳ କ୍ରମେ ଖସି ପଳାଇ ଯାଇଥିଲା। ମନୋରଞ୍ଜନ ସାମଲଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ହେପାଜତରୁ ୬ ଗୋଟି ମୋଟର ସାଇକେଲ ଜବତ କରିଛି।

## ଖାଦ୍ୟ ମହୋତ୍ସବକୁ ପର୍ଯ୍ୟଟନ କ୍ୟାଲେଣ୍ଡରରେ ସାମିଲ ପାଇଁ ପ୍ରତିଶ୍ରୁତି



ଭୁବେନଶ୍ୱର, ୨୯।୧୨(ସମିସ): ବିଶ୍ୱ ଓଡିଆ ପରିବାର ଦ୍ୱାରା ଆୟୋଜିତ 'ଓଡ଼ିଶା ଖାଦ୍ୟ ମେହାତ୍ସବ-୨୦୨୫ର ସପ୍ତମ ଦିବସର ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇ ଏହି ମହୋତ୍ସବକୁ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନୀତ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ଏବଂ କୋଷାଧ୍ୟକ୍ଷ ଅଶୋକ ଅଗ୍ରୱାଲା ଓ ହୋଟେଲ ପ୍ରେସିଡେନ୍ସିର ପରିଚାଳନା ନିର୍ଦ୍ଦେଶକ ପିୟୁଷ୍ ମହାନ୍ତି ଯୋଗ ଦେଇଥିବା ବେଳେ ସମାଜସେବୀ ଜଗନ୍ନାଥ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। କବି ଡଃ ପ୍ରୀତି ପ୍ରତିଭା ଭୋଳ କାର୍ଯ୍ୟକ୍ରମର ଧନ୍ୟବାଦ ଅର୍ପଣ କରିଥିଲେ।

# ମାଡ଼ି ଚାଲିଛି ସହର; ଅସୁରକ୍ଷିତ ଜଙ୍ଗଲୀ ଜୀବ

- ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ଛାଡ଼ି ଜନବସତିରେ ବୁଲୁଛନ୍ତି ହାତୀ
- ଗାଁ ଗାଁରେ ଆତଙ୍କ ସୃଷ୍ଟି କରୁଛନ୍ତି ବାର୍‌ହାପଲ
- ବଢୁଛି ହରିଣ ଶିକାର, ଗଧିଆଙ୍କ ଉପରେ ଆକ୍ରମଣ



ଭୁବନେଶ୍ୱର, ୨୯।୧୨ (ସମିସ): ଦିନକୁ ଦିନ ରାଜଧାନୀର ପରିସୀମା ବୃଦ୍ଧି ପାଇବାରେ ଉପକଣ୍ଠବର୍ତ୍ତୀ ଅଞ୍ଚଳରୁ ହାତୀ, ବାର୍‌ହା, ବିଲୁଆ ଭଳି ଜଙ୍ଗଲୀ ଜୀବଜନ୍ତୁ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଫଳରେ କେବେ ଜଙ୍ଗଲୀ ଜୀବ ସହର ଭିତରକୁ ମାଡ଼ି ଆସୁଛନ୍ତି ତ କେବେ ଲୋକଙ୍କ ଆକ୍ରମଣରେ ବନ୍ୟଜନ୍ତୁ ଆହତ ହେଉଛନ୍ତି।

ରାଜଧାନୀର ପୁରୁଣା ସ୍ଥିତିକୁ ଦେଖିଲେ ପ୍ରାୟ ୪୦ ବର୍ଷ ତଳେ ଭୁବନେଶ୍ୱର ସହରର ପ୍ରମୁଖ ଅଞ୍ଚଳର ତଥା ବରମୁଣ୍ଡାଠାରୁ ଆରମ୍ଭ କରି ଖଣ୍ଡଗିରି, ଭରତପୁର, ଅନ୍ଧାରୁଆ ଅଞ୍ଚଳରେ ବିପୁଳ ପରିମାଣର ଜଙ୍ଗଲ ରହିଥିଲା। କିନ୍ତୁ ସହର ଅଭିବୃଦ୍ଧି ଫଳରେ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଜଙ୍ଗଲ ବୃଦ୍ଧି ଘଟିଲା। ବିଶେଷକରି ନବେ ଦଶକରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ସ୍ଥାପନ ପରେ ଭୁବନେଶ୍ୱରର ପଶ୍ଚିମାଞ୍ଚଳ ବୃଦ୍ଧି ହୋଇଛି। ଏହାର ନିକଟବର୍ତ୍ତୀ ଅଞ୍ଚଳରେ କଳିଙ୍ଗ ବିହାରର ଏକ ବିରାଟ ହାଉସିଂ ପ୍ରକଳ୍ପ ସ୍ଥାପନ କରାଗଲା। ଫଳରେ ଘାଟିକିଆ, ଖଣ୍ଡଗିରି, ପାତ୍ରପଡ଼ା, ଆଇଗିଣିଆ, ନାରଗୋଦା ଆଦି ଅଞ୍ଚଳରେ ଥିବା ବୁଦୁବୁଦିକିଆ ଜଙ୍ଗଲ ଅହେତୁକ ଭାବେ ହ୍ରାସ ଘଟିଲା। ଏପରିସ୍ଥଳେ ଉପଣ୍ଠବର୍ତ୍ତୀ ଅନ୍ଧାରୁଆ, ଦାଶପୁର, ଭରତପୁର ଅଞ୍ଚଳରେ ଜନବସତି ବୃଦ୍ଧି ଯୋଗୁଁ ଜଙ୍ଗଲ ହ୍ରାସ ପାଇଲା। ରାଜଧାନୀରୁ ୨୦ କିଲୋମିଟର ଦୂର କଣ୍ଟାବାଡ଼, କାଟେଣି, ଚନ୍ଦକା, ଛତାବର, ଗିରିଙ୍ଗାପୁଟ, ମେଣ୍ଢାଶାଳ ଆଦି ୩୦ଟି ଗ୍ରାମର ୧୦ ହଜାର ଏକରରୁ ଅଧିକ ଅଞ୍ଚଳରୁ ବୁଦୁବୁଦିକିଆ ଜଙ୍ଗଲ ବଦଳରେ ଜନବସତି ବୃଦ୍ଧି ପାଇଛି। ଫଳରେ ଏସବୁ ଅଞ୍ଚଳରେ ବସବାସ କରୁଥିବା ଜଙ୍ଗଲୀ ଜୀବଜନ୍ତୁ ଗାଁଗହଳିକୁ ପଶି ଆସୁଛନ୍ତି। ରାଜଧାନୀ ଉପକଣ୍ଠସ୍ଥ ବିଭିନ୍ନ ଗାଁରେ ବାର୍‌ହାଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ଯାହା ଦୁର୍ଘଟଣାର କାରଣ ପାଲଟିଛି। ସେହିଭଳି ଚାଷଜମି ସମେତ ବାଡ଼ିରେ ଲଗାଯାଇଥିବା ଗଛର ମୂଳକୁ ବାର୍‌ହାମାନେ ତାଡ଼ି ନଷ୍ଟ କରି ଦେଉଛନ୍ତି। ସେହିଭଳି ଚନ୍ଦକା ଜଙ୍ଗଲରୁ ମାଳମାଳ ହରିଣ ମଧ୍ୟ ଗ୍ରାମାଞ୍ଚଳକୁ ପ୍ରବେଶ କରୁଛନ୍ତି। ଫଳରେ ସଡ଼କ ଦୁର୍ଘଟଣାରେ ବିଭିନ୍ନ ସମୟରେ ହରିଣଙ୍କ ମୃତ୍ୟୁ ହେଉଥିବା ଜଣାପଡ଼ିଛି ଏବଂ ଅନେକ କ୍ଷେତ୍ରରେ ହରିଣ ଆହତ ହେଉଥିବା ନଜିର୍ ମଧ୍ୟ ରହିଛି। ଗତ ସପ୍ତାହରେ ନନ୍ଦନକାନନ ଅଞ୍ଚଳରୁ ଏକ ଆହତ ଗଧିଆରୁ ଲୋକେ ଉଦ୍ଧାର କରିଥିଲେ। ଏହା କେବଳ ଗୋଟିଏ କି ଦୁଇଟି ନୁହେଁ ପ୍ରତ୍ୟେକ ବର୍ଷ ଶତାଧିକ ଗଧିଆ ହରିଣ ଆଦି ଜଙ୍ଗଲୀ ଜୀବ ଆହତ ହେଉଥିବା ବେଳେ ସେମାନଙ୍କ ମଧ୍ୟରେ କ୍ୱଚିତ୍ ସୂଚନା ବନ ବିଭାଗ ନିକଟରେ ପହଞ୍ଚୁଛି। ସେହିଭଳି ସହରୀକରଣ ଫଳରେ ଚନ୍ଦକା ଜଙ୍ଗଲରୁ ହାତୀ ପଲ ଭୁବନେଶ୍ୱର ଉପକଣ୍ଠବର୍ତ୍ତୀ ଅଞ୍ଚଳର ବିଭିନ୍ନ ଚାଷ ଜମି ନଷ୍ଟ କରିବାର ନଜିର୍ ରହିଛି। ଏମିତି କି ମଣିଷ ଓ ହାତୀ ମଧ୍ୟରେ ଏକ ପ୍ରକାର ସଂଘର୍ଷରେ ଅନେକ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅଧିକାଂଶ ସମୟରେ ମଣିଷଙ୍କ ମୃତ୍ୟୁ ଘଟିଛି। ୪୦ ବର୍ଷର ରେକର୍ଡକୁ ଦେଖିଲେ ହାତୀ ଆକ୍ରମଣରେ ପ୍ରାୟ ୮୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ବିଗତ ଦିନରେ ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓ ଏବଂ ବରମୁଣ୍ଡା ବସଷ୍ଟାଣ୍ଡ ସମେତ ପଟିଆ ଡମଣା ଅଞ୍ଚଳକୁ ହାତୀ ପଶିଆସିବାର ବହୁ ନଜିର୍ ରହିଛି। ଗତ ଦୁଇବର୍ଷ ତଳେ ପୂରା ଭୁବନେଶ୍ୱର ଅତିକ୍ରମ କରି ଲିଙ୍ଗରାଜ ମନ୍ଦିର ନିକଟକୁ ମଧ୍ୟ ହାତୀ ଆସିଯାଇଥିଲା। ଯାହା ସହରବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା।

# ଆଠମଲ୍ଲିକ ଉପଖଣ୍ଡକୁ ୧୫୦ କୋଟିର ଭେଟି



କିଶୋରନଗର,୨୯ ।୧୨(ସମିସ): ରବିବାର ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବରପଡ଼ିଆରେ ୫ ଦିନ ଧରି ହେବାକୁ ଥିବା ଅନୁଗୋଳ ଜିଲ୍ଲା ଓ ଆଠମଲ୍ଲିକ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଛି । ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି ମେଳାକୁ ଉଦଘାଟନ

**● ୩୬ ପ୍ରକଳ୍ପର ଶିଳାନ୍ୟାସ, ୨୨ ପ୍ରକଳ୍ପ ଲୋକାର୍ପଣ**

**● ଜିଲ୍ଲା ଓ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ**

କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ପ୍ରଧାନ ଆଠମଲ୍ଲିକ ଉପଖଣ୍ଡର ବିକାଶ ନିମନ୍ତେ ୧୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୩୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ୨୨ ପ୍ରକଳ୍ପ ଲୋକାର୍ପଣ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନରେ ସହାୟକ ହେବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ । ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର କୃଷି କ୍ଷେତ୍ରର ବିକାଶ ଓ କୃଷକଙ୍କ ଆୟ ଦୁଇଗୁଣ କରିବା ପାଇଁ ସଂକଳ୍ପବଦ୍ଧ ବୋଲି କହିଥିଲେ ।

ଶିକ୍ଷାମନ୍ତ୍ରୀ ପ୍ରଧାନ କୃଷି ଯନ୍ତ୍ରପାତି ମେଳାରେ ଯୋଗଦେଇ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ଉପଖଣ୍ଡରେ ୫୫ ନମ୍ବର ଜାତୀୟ ରାଜପଥ, ସମ୍ବଲପୁର-ଭୁବନେଶ୍ୱର ରେଳପଥ ଓ ମହାନଦୀ, ପଞ୍ଚଧାର ପର୍ବତ ପରି ପ୍ରାକୃତିକ ସଂସାଧନକୁ ଆଧାର କରି ଏ ଅଞ୍ଚଳରେ କୃଷି, ପର୍ଯ୍ୟଟନର ବିକାଶ କରାଯାଇ ଏକ ବିକଶିତ ଅଞ୍ଚଳରେ ଗଢ଼ିବା ଦାୟିତ୍ୱ ଆମର ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଜଳସେଚନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯାଇ ଉଦ୍ୟାନ କୃଷି, ପଶୁ ପାଳନ, ମତ୍ସ୍ୟ ଚାଷ ସହ ସାମଗ୍ରିକ ଭାବେ କୃଷକଙ୍କ ସଶକ୍ତୀକରଣ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଆଠମଲ୍ଲିକ ଉପଖଣ୍ଡରେ ଗୁଣାତ୍ମକ ଶିକ୍ଷା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଇଛି । ରାସ୍ତାଘାଟର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ୨ଟି ବଡ଼ କଲ୍ୟାଣ ମଣ୍ଡପ ଓ ପ୍ରେକ୍ଷାଳୟ ନିର୍ମାଣର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ପ୍ରଧାନ ସୂଚନା ଦେଇଥିଲେ । ଏହି ଅବସରରେ ସେ ୩୧.୨୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୨ ପ୍ରକଳ୍ପର ଲୋକାର୍ପଣ ଓ ୧୧୮.୩୫ କୋଟି ମୂଲ୍ୟରେ ୩୬ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏଥି ମଧ୍ୟରେ ୧୭.୯୦ କୋଟି ଟଙ୍କା ବ୍ୟୟରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୧୧.୬୭ କୋଟି ବ୍ୟୟରେ ବଇଣ୍ଡା-ଇଚ୍ଛାପୁର ରାସ୍ତା ପ୍ରଶସ୍ତୀକରଣ, ୧୨ କୋଟି ଟଙ୍କା ବ୍ୟୟରେ ଗୋଳସୋର୍-ବାଲିପଟା ରାସ୍ତା ଉନ୍ନତୀକରଣ, ୯.୭୧ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ରାସ୍ତାଠାରୁ ଟାଇଁସର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପ୍ରଭୃତି ପ୍ରକଳ୍ପ ଶିଳାନ୍ୟାସ କରିଥିଲେ । ପୂର୍ତ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କରିଥିଲେ । ୨୨୯ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସୁବିଧା ବିତରଣ କରିଥିଲେ । କୃଷି ଯନ୍ତ୍ରପାତି ମେଳାରେ ଜିଲ୍ଲାପାଳ ଅବଦଲ ମହମ୍ମଦ ଅଖତର ସଭାପତିତ୍ୱ କରିଥିବା ବେଳେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର୍ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ ସ୍ୱାଗତ ଭାଷଣ ଓ ମେଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ।

## ୩୧ ରାତିରେ ଜିଲ୍ଲା ସାରା କଡ଼ା ଯାଞ୍ଚ

ଅନୁଗୋଳ,୨୯ ।୧୨(ସମିସ): ଜନସାଧାରଣଙ୍କ ସୁରକ୍ଷା, ଆଇନଶୃଙ୍ଖଳା ଏବଂ ଶାନ୍ତିପୂର୍ଣ୍ଣ ଉତ୍ସବକୁ ଦୃଷ୍ଟିରେ ରଖି ଅନୁଗୋଳ ପୁଲିସ ଡିସେମ୍ବର ୩୧ (ଜିରୋ ନାଇଟ୍) ପାଳନ ପାଇଁ ନାଗରିକଙ୍କ ସମେତ ଆୟୋଜକ, ହୋଟେଲ, ରିସୋର୍ଟ, କ୍ଲବ ଏବଂ ଇଭେଣ୍ଟ ପରିଚାଳକଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି । ଅନୁମୋଦିତ ଡେସିବଲ ସୀମା ଏବଂ ନିର୍ଦ୍ଧାରିତ ସମୟଠାରୁ ଅଧିକ ଡିଜେ ସିଷ୍ଟମ, ଲାଉଡସ୍ପିକର ଏବଂ ଶବ୍ଦ ଆମ୍ପ୍ଲିଫାୟର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଅନୁମତିପ୍ରାପ୍ତ ସମୟ ପରେ ଉଚ୍ଚ ସ୍ୱରରେ ସଙ୍ଗୀତ ବଜାଇ ପାରିବେ ନାହିଁ । ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ମଦ୍ୟପାନ କରି ଗାଡ଼ି ଚାଳନା ଭଳି ଦଣ୍ଡନୀୟ ଅପରାଧ ପ୍ରତି କଠୋର ହୋଇଛି ପୁଲିସ । ଜିଲ୍ଲା ସାରା ସ୍ୱତନ୍ତ୍ର ଭାବେ ଉକ୍ତଦିନ ଯାଞ୍ଚ କରାଯିବ । ସେହିଭଳି ମଦ ବିକ୍ରି ଏବଂ ବ୍ୟବହାର ଉପରେ ଅବକାରୀ ଆଇନ କଡ଼ାକଡ଼ି ପାଳନ କରାଯିବ । ଉତ୍ସବ ପାଳନ ଅବସରରେ ଯେମିତି ନାବାଳକମାନେ ମଦ୍ୟପାନ ଓ ପରିବେଷଣ କାର୍ଯ୍ୟଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଦ୍ରୁତ ଗତିରେ ଗାଡ଼ି ଚାଳନା, ଟ୍ରିପଲ ରାଇଡିଂ, ଷ୍ଟଣ୍ଟ ରାଇଡିଂ ଏବଂ ହେଲମେଟ/ସିଟବେଲ୍ଟ ବିନା ଗାଡ଼ି ଚାଳନା କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି । ମହିଳା ଏବଂ ଶିଶୁ ସୁରକ୍ଷା ପ୍ରତି ଗୁରତ୍ୱ ଦିଆଯିବ । ଜିରୋ ନାଇଟ ଉତ୍ସବ ଆୟୋଜକ ହୋଟେଲ, କ୍ଲବ, ରିସୋର୍ଟଗୁଡ଼ିକ ବୈଧ ଅନୁମତିକୁ ସୁନିଶ୍ଚିତ କରିବେ । ପର୍ଯ୍ୟାପ୍ତ ଆଲୋକୀକରଣ, ସିସିଟିଭି କଭରେଜ୍ ଏବଂ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ସଠିକ୍ ପାର୍କିଂ ବ୍ୟବସ୍ଥା ସୁନିଶ୍ଚିତ କରିବେ ବୋଲି ଜିଲ୍ଲା ପୁଲିସ ନିର୍ଦ୍ଦେଶାବଳୀ ଜାରି କରିଛି । ଅନୁଗୋଳ ପୁଲିସ ରାତିସାରା ପର୍ଯ୍ୟାପ୍ତ ଫୋର୍ସ ମୁତୟନ କରିବ । ମୋବାଇଲ ପାଟ୍ରୋଲିଂ, ଚେକ୍-ପୋଷ୍ଟ ଏବଂ ମଦୁଆଧରା ପରୀକ୍ଷା କରିବ । ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଦ୍ୱାରା ନଜର ରଖାଯିବ । ଜରୁରୀକାଳୀନ ସହାୟତା ପାଇଁ ପୁଲିସ ନିୟନ୍ତ୍ରଣ କକ୍ଷ-୧୧୨କୁ ଫୋନ ଜରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

## କେନାଲ ନିର୍ମାଣ ନିମ୍ନମାନର
# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଅନୁଗୋଳ,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତ ଗୁରୁଜାଙ୍ଗ ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା କେନାଲ କାମ ଅତି ନିମ୍ନମାନର କରାଯାଉଛି । ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର କରାଯାଉଥିବା ବେଳେ କେନାଲର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ଚିନ୍ତିତ ହୋଇ ପଡ଼ିଛନ୍ତି । ଏ ନେଇ ଗୁରୁଜାଙ୍ଗ ଅଞ୍ଚଳବାସୀ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଗୁରୁଜାଙ୍ଗ ନିକଟରୁ ବହି ଆସିଥିବା ନାଳ ପାଣିକୁ ଚାଷଜମିକୁ ମଡ଼ାଇବା ପାଇଁ କ୍ଷୁଦ୍ର ଜଳସେଚନ



ବିଭାଗ ପକ୍ଷରୁ କେନାଲ ନିର୍ମାଣ କରାଯାଉଛି । ୧୨ ଲକ୍ଷ ଟଙ୍କା ବ୍ୟୟରେ ଏହି କାମ କରାଯାଉଥିବା ବେଳେ ଅତି ନିମ୍ନମାନର କାମ କରାଯାଉଛି । କେନାଲ କାମରେ ଆବଶ୍ୟକ ପରିମାଣର ରଡ଼ ଦିଆଯାଉ ନ ଥିବା ବେଳେ ସିମେଣ୍ଟ ଭାଗ ମଧ୍ୟ ଠିକ ଭାବେ ଦିଆଯାଉ ନାହିଁ । କାମ ସମୟରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାସଂସ୍ଥା କର୍ମଚାରୀମାନେ ମନଇଚ୍ଛା କାମ କରୁଛନ୍ତି । ଏ ନେଇ ଅଞ୍ଚଳବାସୀ ବାମୁର କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ତୁରନ୍ତ ଏହି କାମର ତଦନ୍ତ କରି ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏ ନେଇ ବାମୁର କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ସୌମ୍ୟ ବେହେରା କୁହନ୍ତି ଏଷ୍ଟିମେଟ ଅନୁଯାୟୀ କାମ ହେଉଛି । ନିମ୍ନମାନର କାମ ହେଉନାହିଁ ବୋଲି ସେ କହିଛନ୍ତି ।

## ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଦାବି

**● କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

କିଶୋରନଗର,୨୯ ।୧୨(ସମିସ): କୃଷିବହୁଳ କିଶୋରନଗର ଅଞ୍ଚଳର ଚାଷଜମିକୁ ଜଳସେଚନ ପାଇଁ ଜଳଭଣ୍ଡାର ନିର୍ମାଣ କରି ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦାବିରେ ରବିବାର ଅଞ୍ଚଳର କୃଷିଜୀବୀ ଜନସାଧାରଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବମ୍ପୁର, ଓସ୍କପଲି, ଧଉରପଲି, କଦଳୀମୁଣ୍ଡ, ରଣିଆକଟା ଆଦି ପଞ୍ଚାୟତର ୧୦ ହଜାର ଏକରରୁ ଅଧିକ ଚାଷଜମି ଜଳସେଚିତ ହୋଇପାରିବ । ଅଞ୍ଚଳବାସୀ ଦୀର୍ଘଦିନ ଧରି ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଆସୁଥିଲେ ମଧ୍ୟ ସରକାର ଏହାକୁ ଅଣଦେଖା କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଗତ ବର୍ଷ ଡିସେମ୍ବର ୧୬ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ମାତ୍ର ଏକ ବର୍ଷ ପରେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ସ୍ଥାନୀୟ ସାଂସଦ ତଥା କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଭାବେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଅଞ୍ଚଳବାସୀ ବହୁ ଆଶା କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନଙ୍କ ବାମୁର ଗସ୍ତ ସମୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଅଞ୍ଚଳର ବରିଷ୍ଠ ଚାଷୀ ପୀତାମ୍ବର ପ୍ରଧାନ, ବାବାଜୀ ଚରଣ ପ୍ରଧାନ, ବସନ୍ତ ପ୍ରଧାନ, ବିନୟ ପ୍ରଧାନ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ଟାଟା ପାୱାର ଅଫିସ ଘେରାଉ




ଅନୁଗୋଳ,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନଙ୍କ ନେତୃତ୍ୱରେ ଯୁବ, ଛାତ୍ର, ମହିଳା, କୃଷକ ଓ ଶହ ଶହ କଂଗ୍ରେସ କର୍ମୀ ଓ ନେତା ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ କଂଗ୍ରେସ ଭବନରୁ ବାହାରି ବଜାର ଛକ ଓ ରାଜା ଛକ ଦେଇ ଟାଟା ପାୱାର ଅଫିସ ଘେରାଉ କରିଥିଲେ । ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ବୋଝ ଉପରେ ନଳିତାବିଡ଼ା । ଏହା ଦାଖଲ କରନ୍ତୁ ନାହିଁ । ଆଗ ନିର୍ଦ୍ଧାରିତ ଫର୍ମରେ କୈଫିୟତ ମାଗନ୍ତୁ । ଘରୋଇ ଉପଭୋକ୍ତାଙ୍କୁ ବିଜେପି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରୁ । ୩୦୦-୪୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ପ୍ରଦାନ କରୁ । କୃଷିକ୍ଷେତ୍ରରେ ମଧ୍ୟ ସବ୍‌ସିଡି ବ୍ୟବସ୍ଥା ହେଉ । ମାଗଣା ବିଜୁଳି ପାଇଲେ ଚାଷୀ ହସିବ, ରାଜ୍ୟରେ କୃଷି ଉତ୍ପାଦନ ବଢ଼ିବ । ଏସବୁ ଦାବି ଉପରେ ମନ୍ତବ୍ୟ ଦେବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଜଗଦାନନ୍ଦ ପ୍ରଧାନ, ଉମେଶ ସାହୁ, ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁ, ତପନ ପଧାନ, ସୁଦୀପ ମିଶ୍ର, ଚିତ୍ତରଞ୍ଜନ ନାଏକ, ଗୋବିନ୍ଦ ନାଏକ, ବଲବୀର ସିଂହ, ସଞ୍ଜୀବ ମଣ୍ଡୋଠିଆ, ବିନୋଦ ମାଝୀ, ପଦ୍ମିନୀ ଗଡ଼ନାୟକ, ଅଳକା ମହାନ୍ତି, ଅଳକା ମହାପାତ୍ର, କସିଦା ଖାନ, ସଂଗ୍ରାମ କୁଅଁର, ସଂଗ୍ରାମ ବେହେରା, ଅରୁଣ କୁମାର ଦାସ, ମାନିନୀ ପ୍ରଧାନ, ବାସୁଦେବ ସାମଲ, କୁଞ୍ଜବିହାରୀ ନାଏକ, ଅଶୋକ ନାଏକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

**● ଏଆଇଡିଏସ୍‌ଓର ୭୨ତମ ପ୍ରତିଷ୍ଠା ଦିବସ**

## ଶିକ୍ଷା ସମସ୍ୟା ବିରୋଧରେ ଛାତ୍ର ଆନ୍ଦୋଳନ କରିବାକୁ ଆହ୍ୱାନ




ଅନୁଗୋଳ,୨୯ ।୧୨(ସମିସ): ଅଲ୍ ଇଣ୍ଡିଆ ଡିଏସ୍‌ଓର ୭୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶିକ୍ଷକପଡ଼ାର ଅଫିସ୍ ପ୍ରାଙ୍ଗଣରେ ସଂଗଠନର ରକ୍ତପତାକା ଉତ୍ତୋଳନ କରାଯିବା ସହ ଶିକ୍ଷା ଆନ୍ଦୋଳନର ସହିଦମାନଙ୍କ ଉଦ୍ଦେଶ୍ୟରେ ସହିଦ ସ୍ତମ୍ଭରେ ପୁଷ୍ପ ଅର୍ପଣ କରାଯାଇଛି । ଡିଏସ୍‌ଓ ଜିଲ୍ଲା ଉପସଭାନେତ୍ରୀ ସରୋଜିନୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସଂଗଠନର ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଡିଏସ୍‌ଓର ପୂର୍ବତନ ରାଜ୍ୟ ସଭାପତି ରାଜେନ୍ଦ୍ର ବର୍ମା ବକ୍ତବ୍ୟ ରଖି ସଂଗଠନର ୭ ଦଶନ୍ଧି ଧରି ଗୌରବମୟ ଛାତ୍ର ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିବା ସହ ଉଚ୍ଚ ନୀତିନୈତିକତା ଭିତ୍ତିରେ ସଂଗଠନକୁ ସୁସଂହତ କରି ଶିକ୍ଷା ଧ୍ୱଂସକାରୀ ଏନ୍‌ଇପି-୨୦୨୦ ବାତିଲ୍, ସମସ୍ତ ସ୍କୁଲ, କଲେଜରେ ସ୍ଥାୟୀ ଭିତ୍ତିରେ ଶିକ୍ଷକ, ଅଧ୍ୟାପକ ନିଯୁକ୍ତି, ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟ ଖୋଲିବା, ଶିକ୍ଷା କ୍ଷେତ୍ରର ବ୍ୟବସାୟୀକରଣ ବନ୍ଦ କରିବା ଏବଂ ଅନ୍ୟାନ୍ୟ ଶିକ୍ଷାଗତ ଦାବିରେ ଦୁର୍ବାର ଗଣତାନ୍ତ୍ରିକ ଛାତ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ । ସଂଗଠିକା ନିରୁପମା ନାୟକ, ବିଶ୍ୱରଞ୍ଜନ ପ୍ରକାଶ, ଅନୁପମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## କଦଳୀ ବଗିଚା ନଷ୍ଟକଲେ ହାତୀପଲ



ବଇଣ୍ଡା,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ମାଧପୁର ରେଞ୍ଜ କନ୍ଧପଡ଼ା ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି । ନିକଟସ୍ଥ ଜଙ୍ଗଲରୁ ୫/୬ଟି ହାତୀ ଗ୍ରାମାଭିମୁଖୀ ହୋଇ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି । ରବିବାର ରାତିରେ ହାତୀପଲ ଗ୍ରାମର ଅନନ୍ତ ମହାକୁଡ଼ଙ୍କ କଦଳୀ ବଗିଚାରେ ପଶି ୫୦ରୁ ଅଧିକ କଦଳୀ ଗଛ ଭାଙ୍ଗି ନଷ୍ଟ କରିଛନ୍ତି । ବନ ବିଭାଗ ହାତୀଙ୍କୁ ଘଉଡ଼ାଇବା ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଚାଷୀମାନେ ବାରମ୍ବାର ଏପରି କ୍ଷତିଗ୍ରସ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି ।

## ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ବୈଠକ

କିଶୋରନଗର,୨୯ ।୧୨(ସମିସ): ବଲାସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ବଣିନାଳି ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅତିଥି ଭାବେ ଆନୁଗୋଳସ୍ଥିତ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଉପନିର୍ଦ୍ଦେଶକ ଡ. ବିଜୟକୁମାର ସାହୁ, ବିଶ୍ୱ ଯୁବକେନ୍ଦ୍ର ସଭାପତି ବସନ୍ତ କୁମାର ପ୍ରଧାନ, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଆଇସିଡିଏସ ସୁପରଭାଇଜର କାଞ୍ଚନ ନାଏକ, ବଲାସିଂହା ପଞ୍ଚାୟତ ନିର୍ବାହୀ ଅଧିକାରୀ ଭଗବାନ ଷଣ୍ଢ, ସରପଞ୍ଚ ମମତା ପ୍ରଧାନ, ସାରଥି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଆକ୍ସେସ ଟୁ ଜଷ୍ଟିସର ପ୍ରକଳ୍ପ ସଂଯୋଜିକ ପୂଜା ସ୍ୱାଇଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ବାଲ୍ୟ ବିବାହର କୁପରିଣାମ, ଆଇନ ଅନୁଯାୟୀ ଦଣ୍ଡବିଧାନ, ଶିଶୁ ଶ୍ରମିକ ନିରାକରଣ, ଶିଶୁ ଯୌନ ନିର୍ଯାତନା ନିରୋଧ ସମ୍ବନ୍ଧୀୟ ସରକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ପାଇଁ ଥିବା ବିଭିନ୍ନ ଯୋଜନା, ବିବାହ ପଞ୍ଜୀକରଣ, ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ




ଆବାସ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ସୁପରଭାଇଜର ମମତା ଯୋଜନା, ପୋଷଣ କାର୍ଯ୍ୟକ୍ରମ, ମହିଳା ଓ ଶିଶୁ ସୁରକ୍ଷା ବିଷୟରେ ଅବଗତ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ନଥିପତ୍ର ବିଶେଷଜ୍ଞ ମହିଳାମାନଙ୍କୁ ଦିଆ ଯାଉଥିବା ଋଣ ଓ ପିଲାମାନଙ୍କୁ ଦିଆଯାଉଥିବା ବୈଷୟିକ ତାଲିମ ବିଷୟରେ ଅବଗତ କରାଇଥିଲେ । ଡ. ସାହୁ ଶିକ୍ଷାର ଭୂମିକା ଓ ବୈଷୟିକ ଶିକ୍ଷା, ବିଷୟରେ ଜଣାଇଥିଲେ । ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ବଲାସିଂହା ପଞ୍ଚାୟତକୁ କିପରି ବାଲ୍ୟ ବିବାହମୁକ୍ତ କରାଯିବ ସେ ସମ୍ବନ୍ଧରେ ସରପଞ୍ଚଙ୍କୁ ପ୍ରସ୍ତାବ ଦେଇଥିଲେ । କାର୍ଯ୍ୟକ୍ରମରେ କିଶୋରୀ ବାଳିକା, ସିଆରପି, ଅଙ୍ଗନବାଡ଼ି କର୍ମୀ, କୃଷିମିତ୍ର, ପ୍ରାଣୀମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ଥିଲେ । ଶେଷରେ ବାଲ୍ୟ ବିବାହ ରୋକିବା ପାଇଁ ଶପଥପାଠ କରାଯାଇଥିଲା । ସୋନାଲିସା ଶବର, ଲକ୍ଷ୍ମୀ ବେହେରା ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ




ବଣ୍ଟରପାଳ,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ବଣ୍ଟରପାଳ ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିବିରରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ । ମୋଟ ୨୮ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା । ୨ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ବଣ୍ଟରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ବିଡିଓ ଲୋଚନ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଜିଲ୍ଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ହିମାଂଶୁ ଶେଖର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ ।

## କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ



ଅନୁଗୋଳ,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନଙ୍କ ନେତୃତ୍ୱରେ ରବିବାର କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ଅବସରରେ ସକାଳ ସାଢ଼େ ୮ଟାରେ ଅନୁଗୋଳ କଲେଜ ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ କଂଗ୍ରେସ ଭବନରେ ସଭାପତି ପ୍ରଧାନ ଦଳୀୟ ପତାକା ଉତ୍ତୋଳନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ୧୮୮୫ରେ ସ୍ଥାପିତ କଂଗ୍ରେସ କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ଏହା ଥିଲା ଦେଶ ସ୍ୱାଧୀନତା ସଂଗ୍ରାମର ମୂଳଶକ୍ତି । ମହାତ୍ମା ଗାନ୍ଧୀ, ଜବାହରଲାଲ୍ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ. ବିଆର୍ ଆମ୍ବେଦକରଙ୍କ ଭଳି ମହାନ୍ ନେତାଙ୍କ ନେତୃତ୍ୱରେ କଂଗ୍ରେସ ଦେଶକୁ ସ୍ୱାଧୀନତା ଦେଇଛି ଏବଂ ପରେ ଗଣତନ୍ତ୍ର, ସମ୍ବିଧାନ ଓ ଲୋକତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ମଜବୁତ୍ କରିଛି । କଂଗ୍ରେସ ସର୍ବଦା ସାଧାରଣ ଲୋକ, ଗରିବ, କୃଷକ, ଶ୍ରମିକ, ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ବଞ୍ଚିତଙ୍କ ସହ ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଜଗଦାନନ୍ଦ ପ୍ରଧାନ, ସନ୍ତୋଷ କୁମାର ପଟ୍ଟନାୟକ, ନିରଞ୍ଜନ ଦାସ, ତପନ ପଧାନ, ଚିତ୍ତରଞ୍ଜନ ନାଏକ, ଗୋବିନ୍ଦ ନାଏକ, ଅମୂଲ୍ୟ ବେହେରା, ରାକେଶ ମିଶ୍ର, ସଞ୍ଜୀବ ମଣ୍ଡୋଠିଆ, ବିନୋଦ ମାଝୀ, ସୁଦୀପ ମିଶ୍ର, ଅଳକା ମହାନ୍ତି, ଅରୂପ ସାମଲ, ଅଳକା ମହାପାତ୍ର, କସିଦା ଖାନ, ସଂଗ୍ରାମ କୁଅଁର, ସଂଗ୍ରାମ ବେହେରା, ଅରୁଣ କୁମାର ଦାସ, ମାନିନୀ ପ୍ରଧାନ, ବାସୁଦେବ ସାମଲ, କୁଞ୍ଜବିହାରୀ ନାଏକ, ଅଶୋକ ନାଏକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ତାଳଚେର,୨୯ ।୧୨(ସମିସ): ରାତିଅଧରେ ଘରେ ପଶି ଟଙ୍କା ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ । ରବିବାର ରାତିରେ ତାଳଚେର କଙ୍କିଳୀ ପଞ୍ଚାୟତ କଙ୍କିଳୀ ନୂଆସାହି ଗ୍ରାମର ବିଜୟ ସାହୁଙ୍କ ଘରେ କେହି ନ ଥିବା ବେଳେ ତାଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତ ଟଙ୍କା ସୁନା ଏବଂ ଅନେକ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି । ବିଜୟଙ୍କ କହିବା ଅନୁସାରେ ଅନେକ ଦିନ ଧରି ସେ ବ୍ୟବସାୟ କାରଣରୁ ଗୁରୁଜାଙ୍ଗ ଗ୍ରାମରେ ରହି ଆସୁଥିଲେ । ଘରକୁ ମଝିରେ ମଝିରେ ବୁଲି ଆସନ୍ତି । ଗଲାବେଳେ ଘର ତାଲା ପକାଇ ପୁଣି ଗୁରୁଜାଙ୍ଗ ଗ୍ରାମରେ ରହନ୍ତି । ରବିବାର ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଗଡରେଜରେ ଥିବା ଟଙ୍କା ସୁନା ଲୁଟି ନେଇଛନ୍ତି । ସକାଳେ ଲୋକମାନଙ୍କଠାରୁ ଖବର ପାଇ ଆସି ଦେଖିବା ପରେ ସେ ଚୋରି ସମ୍ପର୍କରେ ଜାଣି ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି ।

**ମେଡିକାଲ୍ କଲେଜରେ ରୋଗୀସେବା ଦାବି**

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯିବ ଗଣଧାରଣା

ଅନୁଗୋଳ,୨୯ ।୧୨(ସମିସ): ତାଳଚେର ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟିର ଜରୁରୀ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି । ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜରେ ରୋଗୀସେବା ଆରମ୍ଭ କରିବା ପାଇଁ ଉପସ୍ଥିତ ବୁଦ୍ଧିଜୀବୀ ଓ ସଭ୍ୟମାନେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ । ମେଡିକାଲ୍ କଲେଜରେ ଚଳିତ ବର୍ଷଠାରୁ ଶିକ୍ଷାଦାନ ଆରମ୍ଭ କରାଯାଇଥିଲେ ମଧ୍ୟ ଏଯାବତ୍



ରୋଗୀସେବା ଆରମ୍ଭ କରାଯାଇ ନାହିଁ । ଏଥିପାଇଁ ଉପଖଣ୍ଡବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଉଛି । ଅବିଳମ୍ବେ ରୋଗୀସେବା ଆରମ୍ଭ କରିବା ଦାବିରେ ଆସନ୍ତା ଜାନୁଆରୀ ୮ ତାରିଖ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହାର ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଢେଙ୍କାନାଳ ସାଂସଦ, ତାଳଚେର ବିଧାୟକଙ୍କୁ ମଧ୍ୟ ପ୍ରଦାନ କରାଯିବ । ଏହି ଆନ୍ଦୋଳନରେ ଜନସାଧାରଣ ସାମିଲ ହୋଇ ସହଯୋଗ କରିବାକୁ ସାଧାରଣ ସମ୍ପାଦକ ପ୍ରଧାନ ନିବେଦନ କରିଛନ୍ତି । ବୈଠକରେ କମିଟି ସଭାପତି ପଦ୍ମଚରଣ ସାମଲ, ଅଭୟ ପାଣି, ସୁରେଶ ଚନ୍ଦ୍ର ପଟ୍ଟନାୟକ, ପ୍ରହ୍ଲାଦ ସାହୁ, ବଳରାମ ପତି, ଚିନ୍ତାମଣି ମହାପାତ୍ର, ବିଜୟ କୁମାର ମିଶ୍ର, ପ୍ରେମାନନ୍ଦ ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ସୁକାନ୍ତ କୁମାର ଦାସ, ଗଗନ ବିହାରୀ ଦାସ, ବିନୋଦ ଲାଲ୍, ବିଚ୍ଛନ୍ଦ ପ୍ରଧାନ, ପ୍ରଫୁଲ୍ଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜନୀତିବିଜ୍ଞାନ ବିଭାଗ ବାର୍ଷିକ ଆଲୋଚନାଚକ୍ର




ଚୌଦ୍ୱାର,୨୯।୧୨(ସମିସ): ଚୌଦ୍ୱାର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରହିତ୍ୟରେ ଆୟୋଜିତ ‘ପଡ଼ୋଶୀରାଷ୍ଟ୍ର ମାନଙ୍କ ପାଇଁ ଭାରତର ବୈଦେଶିକ ନୀତି’ ଶୀର୍ଷକ ଆଲୋଚନାଚକ୍ରରେ ନୂଆଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମହେଶ ରଞ୍ଜନ ଦେବତା ଓ ଜଗତସିଂପୁର ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟର ଡ. ଆଇଜାକ୍ ମହାନ୍ତି ବିଷୟ ବିଶାରଦ ଭାବେ ଯୋଗଦେଇ ଏକବିଂଶ ଶତାବ୍ଦିରେ ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହିତ ଭାରତର କୁଟନୈତିକ ସମ୍ପର୍କର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଟାଙ୍ଗୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ଖୁଣ୍ଟିଆ, ବିଶ୍ୱନାହାକାଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପ୍ରଧାନ, ଶଙ୍କରପୁର କଲେଜର ଅଧ୍ୟାପକ ବ୍ରହ୍ମାନନ୍ଦ ମହାରଣା, ବାଲି କଲେଜର ଅଧ୍ୟାପକ ଦୀପକ ସ୍ୱାଇଁ, ଚୌଦ୍ୱାର ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ପ୍ରିୟଙ୍କା ମଙ୍ଗରାଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚୌଦ୍ୱାର କଲେଜ ରାଜନୀତି ବିଜ୍ଞାନ ମୁଖ୍ୟ ଯୁକ୍ତେଶ୍ୱର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅଧ୍ୟାପକ ଡ. ସଂଗ୍ରାମ ବିହାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁମନ୍ତ କୁମାର ସାହୁ ସମ୍ମାନର ବିଷୟବସ୍ତୁ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ସରିତା ମିଶ୍ର ଧନ୍ୟବାଦ ଦେଇଥିଲେ। କଲେଜର ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ନିଶ୍ଚିନ୍ତକୋଇଲି ଉପଖଣ୍ଡ ବିଦ୍ୟୁତ ଉପଭୋକ୍ତା ସଂଘର ବୈଠକ




ନିଶ୍ଚିନ୍ତକୋଇଲି,୨୯।୧୨(ସମିସ): ନିଶ୍ଚିନ୍ତକୋଇଲି ଉପଖଣ୍ଡ ବିଦ୍ୟୁତ ଉପଭୋକ୍ତା ସଂଘର ଏକ ବୈଠକ ଯୁବ ସଂଗଠକ ରମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କମ୍ପାନୀର ଅତିରିକ୍ତ ଜିଜିଆ କରକୁ ଦୃଢ ପ୍ରତିବାଦ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ସାଲେପୁର ଡିଭିଜନ ଉପଭୋକ୍ତା ସଂଘର ସଭାପତି ନନ୍ଦକିଶୋର ଭୂୟାଁ, ସାଧାରଣ ସଂପାଦକ ଗଗନବିହାରୀ ମିଶ୍ର, କର୍ମକର୍ତ୍ତା ବିଶ୍ୱଜିତ ଷଡ଼ଙ୍ଗୀ, ସୁରେନ୍ଦ୍ର ମହାରଣା, ଯୁବ ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ପଣ୍ଡା, ସହ ସଂପାଦକ ଗଗନ ବିହାରୀ ବରାଳ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସରପଞ୍ଚ ଜୟଦେବ ରାଉତ, କଂଗ୍ରେସ ସଂଗଠକ ସୁଧାଂଶୁ ଶେଖର ସାମନ୍ତରାୟ, ସାମ୍ବାଦିକ ଆଶିଷ ପଣ୍ଡା, ଅରୁଣ ଜେନା, ରମେଶ ବେହେରା, ପ୍ରଶାନ୍ତ ସାମଲ, ଅଜୟ ସେଠୀ, ସୁଶାନ୍ତ ସାମଲ, ଦିଲ୍ଲୀପ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରମୋଦ ପଣ୍ଡାଙ୍କ ପ୍ରସ୍ତାବ କ୍ରମେ ନିଶ୍ଚିନ୍ତକୋଇଲି ଉପଖଣ୍ଡ ବିଦ୍ୟୁତ ଉପଭୋକ୍ତା ସଂଘର ଆବାହକ ଭାବେ ରମାକାନ୍ତ ବେହେରା, ନିଶ୍ଚିନ୍ତକୋଇଲି ସେକ୍ସନ ନିମନ୍ତେ ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ଜୟଦେବ ରାଉତ, ଅସୁରେଶ୍ୱର ସେକ୍ସନ ନିମନ୍ତେ ସମୀର ସାହୁ ଓ ଗୌରାଙ୍ଗ ଜେନା ଏବଂ ଓରିକଣ୍ଡା ସେକ୍ସନ ନିମନ୍ତେ ବିଭୁ ପ୍ରସାଦ ଦ୍ୱିବେଦୀ ଓ କ୍ଷମାନିଧି ପୂଝାରୀଙ୍କୁ ସାମୟିକ ଦାୟିତ୍ୱ ପ୍ରଦାନ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ରାମଚନ୍ଦ୍ର ମଲିକ ଧନ୍ୟବାଦ ଦେଇଥିଲେ।

# ଯୁବକଙ୍କ ଉପରକୁ ଗୁଳିମାଡ଼ ଅଭିଯୋଗ

କଟକ,୨୯।୧୨(ସମିସ): ବାଇକରେ ଯାଉଥିବା ବେଳେ ୪୨ମୌଜା ବ୍ରିଜ ଉପରେ ଯୁବକଙ୍କ ଉପରକୁ ଗୁଳି ମାଡ ହୋଇଛି। ଯୁବକ ସତ୍ୟନାରାୟଣ ସେନାପତି ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ସତ୍ୟନାରାୟଣଙ୍କ ଦେହରେ ଗୁଳି ବାଜିନାହିଁ। ସେ ଅଳ୍ପକେ ବର୍ତ୍ତି ଯାଇଥିବା ଥାନାରେ ଜଣାଇଛନ୍ତି। ତେବେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିବା ବେଳେ ଗୁଳିକାଣ୍ଡର କୌଣସି ସୁରାକ ମିଳିନାହିଁ। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳି ଚଳାଇଥିବା ସତ୍ୟ ନାରାୟଣ ପୁଲିସ ନିକଟରେ କହିଛନ୍ତି।

## ଅଧପନ୍ତରିଆ ରାସ୍ତାକୁ ନେଇ ଜନ ଅସନ୍ତୋଷ

# ବିଷ୍ଣୁପୁରରେ ଗ୍ରାମବାସୀଙ୍କ ରାସ୍ତାରୋକ

ତିଗିରିଆ,୨୯।୧୨(ସମିସ):



ତିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତ ଅଧୀନ କଣ୍ଡିପୁର ଗ୍ରାମରୁ ବଡ଼ନାଉପୁଟକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ ବିଷ୍ଣୁପୁର ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଧାର୍ଯ୍ୟ ସମୟ ସୀମାଠାରୁ ପ୍ରାୟ ଦୁଇ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅଧା କାମ ମଧ୍ୟ ସରିନାହିଁ। ଏହାର ପ୍ରତିବାଦରେ ସୋମବାର ବିଷ୍ଣୁପୁର ଗ୍ରାମବାସୀ ରାସ୍ତାରୋକ କରି ପ୍ରଶାସନ ଓ ଠିକା ସଂସ୍ଥା ବିରୋଧରେ ଗର୍ଜିଛନ୍ତି। ସୂଚନାଯୋଗ୍ୟ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ୩.୧୬ କିଲୋମିଟର ଲମ୍ବ ରାସ୍ତା ପାଇଁ ୨ କୋଟି ୨୬ ଲକ୍ଷ ୭୧ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସାଇ ପ୍ରାଚ୍ୟ କନଷ୍ଟ୍ରକସନ୍ ନାମକ ଠିକା ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଥିବା ବେଳେ ୨୦୨୩ ଅଗଷ୍ଟ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିରହିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଠିକାଦାର ସଂସ୍ଥା ଲୋକଙ୍କ ଆବଶ୍ୟକତାକୁ ଉପେକ୍ଷା କରି ନିମ୍ନମାନର ପିଚୁ କାର୍ଯ୍ୟ କରୁଛି, ଯାହା ଅସରାଏ ବର୍ଷାରେ ଧୋଇଯିବା ଆଶଙ୍କା ରହିଛି। ବିଶେଷ କରି ମଠ ପୋଖରୀଠାରୁ ବନ୍ଧକୁଳ ଗହୀର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ କଣ୍ଡିପୁର, ବିଷ୍ଣୁପୁର ଓ ରଘୁରାମପୁର ଗ୍ରାମର ଶତାଧିକ ପରିବାର ନିର୍ଭର କରନ୍ତି। କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ ଚାଷୀମାନେ ନିଜ ଜମିକୁ ଯିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରୋକ ସମୟରେ ଠିକା ସଂସ୍ଥାର ଜଣେ କର୍ମଚାରୀ ପହଞ୍ଚି ଲୋକଙ୍କୁ ଅଧିକ ସମୟ ମାଗିଥିଲେ ମଧ୍ୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଗ୍ରାମବାସୀ ଏହି ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସହ ଯଥାଶୀଘ୍ର ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି। ଏହି ପ୍ରତିବାଦରେ ସତ୍ୟବାଦୀ ବଳ, ରଘୁ ବଳ, ଆରତ ସ୍ୱାଇଁ ଓ ବିକଳ ଗଣ୍ଡିଆଙ୍କ ସମେତ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ।

## ଓଡ଼ିଶା ଯୁବ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

# ‘ସାମାଜିକ ବିକାଶରେ ଗଣମାଧ୍ୟମ ମେରୁଦଣ୍ଡ’

କଟକ,୨୯।୧୨(ସମିସ): ପରିବର୍ତ୍ତନଶୀଳ ସମାଜରେ ଗଣମାଧ୍ୟମ ପ୍ରମୁଖ ଭୂମିକା ବହନ କରୁଛି। ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ବିକାଶରେ ଗଣମାଧ୍ୟମ ମେରୁଦଣ୍ଡ ପାଲଟିଛି ବୋଲି ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନିଷ୍ଟିଚ୍ୟୁଟରେ ଆୟୋଜିତ ଓଡ଼ିଶା ଯୁବ ସାମ୍ବାଦିକ ସଂଘର ୧୬ତମ ବାର୍ଷିକୋତ୍ସବରେ ଅତିଥିମାନେ ମତ ଦେଇଛନ୍ତି। ଶିଳ୍ପୋଦ୍ୟୋଗୀ ସୁନୀଲ ମୁରାରକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ରାଜ୍ୟ ସୂଚନା କମିଶନର ସୁଶାନ୍ତ ମହାନ୍ତି ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ସଂଘର ସମ୍ପାଦକ ଦୀପେଶ ମହାପାତ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେୟର ସୁବାସ ସିଂହ, ‘ସମାଜ’ର ପ୍ରକାଶକ ଏବଂ ମୁଦ୍ରାକର ରାଜେନ୍ଦ୍ର ନାରାୟଣ ଜେନା, ‘ପ୍ରମେୟ’ ଡିଜିଏମ ମାନସ ପଣ୍ଡା, ଏସ୍‌ସିବି ୟୁରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡଃ ସମୀର ସ୍ୱାଇଁ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡଃ ସୁରେନ୍ଦ୍ର କୁମାର ମହାନ୍ତି, କାର୍ଡିଓଲୋଜିଷ୍ଟ ଡଃ ପ୍ରିୟଦର୍ଶୀ ତ୍ରିପାଠୀ, ଦନ୍ତରୋଗ ବିଶେଷଜ୍ଞ ଡଃ ଜ୍ଞାନ ରଞ୍ଜନ ସାହୁ ଏବଂ ଶିକ୍ଷାବିତ ତ୍ରିଦେବ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡଃ ଅଶ୍ୱିନୀ ସାହୁ, ଡଃ ସୁଚିସ୍ମିତା ଭୂୟାଁ, ଡଃ ବିଶ୍ୱଜିତ କର, ଡଃ ବିକ୍ରମ ସାମଲ, ଡଃ ସଦାବ ଅଲ୍ଲୀ ବେଗ, ଡଃ ଦୀପ୍ତିକାନ୍ତ ସାହୁ, ଡଃ ଜିତେନ୍ଦ୍ର ଷଡ଼ଙ୍ଗୀ, ଡଃ ଲକ୍ଷ୍ମୀଧର ଷଣ୍ଢ, ଡଃ ସୌମ୍ୟଦୀପ୍ତ ମିଶ୍ର, ଡଃ ଜ୍ଞାନରଞ୍ଜନ ପରିଡାଙ୍କୁ ଓଡ଼ିଶା ସେବା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ପ୍ରଭୁ ପ୍ରସନ୍ନ ବେହେରା, ଲଳିତ ମହାରଣା ଏବଂ ରବୀନ୍ଦ୍ର ମିଶ୍ରଙ୍କୁ ଓଡ଼ିଶା ଆଇନ ପ୍ରତିଭା ସମ୍ମାନ, ଡଃ ରଞ୍ଜନ ବିଶ୍ୱାଳ, ପପୁ ପାତ୍ର, ସୌମିତ୍ର ଲେଙ୍କା, ଟେଟ୍ରାହେଡ୍ରନ ଗ୍ରୁପକୁ ଓଡ଼ିଶା ରକ୍ତଦାତା ଜୀବନଦାତା ସମ୍ମାନ ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଗ୍ନିକାଣ୍ଡରେ ଜଳିଗଲା ଗୁହାଳ

ନିଶ୍ଚିନ୍ତକୋଇଲି,୨୯।୧୨(ସମିସ): ବାବୁଜଙ୍ଗ ପଞ୍ଚାୟତ ବାରିମୂଳ ଗ୍ରାମର ଅମୂଲ୍ୟ ପରିଡାଙ୍କ ଗୁହାଳରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଭସ୍ମୀଭୂତ ହୋଇଛି। ଗୁହାଳରେ ବନ୍ଧା ଯାଇଥିବା ମୋଟ ୬ଟି ଗୋରୁ ଗାଈଙ୍କ ମଧ୍ୟରୁ ଗୋଟିଏ ବାଛୁରି ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଦୁଇଟି ଗାଈ ପୋଡିଯାଇ ଗୁରୁତର ହୋଇଥିବା ବେଳେ ଅନ୍ୟ ତିନୋଟି ଆହତ ହୋଇଥିବା ଜଣାଯାଇଛି। ଏହାଛଡା ଗୁହାଳ ଘରେ ଥିବା ବିଭିନ୍ନ ଆସବାପତ୍ର ମଧ୍ୟ ପୋଡି ନଷ୍ଟ ହୋଇଛି। ଦମକଳ କେନ୍ଦ୍ର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶ୍ରୀ ପରିଡାଙ୍କ ଘରଠାରୁ ୨୫୦ ମିଟର ଦୂରରେ ଗୁହାଳଟି ଥିବାରୁ କେହି ଦୁର୍ବୃତ୍ତ ଅଗ୍ନିକାଣ୍ଡ ଘଟାଇଥିବା ସେ ପ୍ରକାଶ କରିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ସରପଞ୍ଚ ସ୍ୱାଧୀନ ଭୂୟାଁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ଆହତ ଗାଈଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିବା ବେଳେ ତହସିଲ ପକ୍ଷରୁ କୌଣସି ସହାୟତା ମିଳିପାରି ନାହିଁ।

# ଅରିଲୋ ଧାନ ମଣ୍ଡି ସ୍ଥାନାନ୍ତରକୁ ନେଇ ବିବାଦ

କିଶନନଗର,୨୯।୧୨(ସମିସ): କଟକ ସଦର ଅନ୍ତର୍ଗତ ଅରିଲୋ, ସୋମପୁର ଓ ଧରିଣା ତିନୋଟି ପଞ୍ଚାୟତକୁ ନେଇ ଅରିଲୋ କୃଷକ ସେବା ସମବାୟ ସମିତି କାର୍ଯ୍ୟ କରୁଛି। ପୂର୍ବରୁ ଏବଂ ବର୍ତ୍ତମାନ ସରକାରଙ୍କ ସମସ୍ତ ମାର୍ଗଦର୍ଶିକାକୁ ଅନୁପାଳନ କରି ଆଜକୁ ତେର ବର୍ଷ ହେଲା ଚାଷୀମାନଙ୍କ ସୁବିଧା ଦୃଷ୍ଟିରୁ କଟକ-ପାରାଦୀପ ରାସ୍ତାକଡ଼ ସୋମପୁରଠାରେ ଧାନ ମଣ୍ଡି ସୂଚାରୁରୂପେ କାର୍ଯ୍ୟ କରୁଛି। ହେଲେ ଚଳିତବର୍ଷ ଏଥିରେ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବ୍ୟତିକ୍ରମ ସୃଷ୍ଟି କରି ମଣ୍ଡିକୁ ଅନ୍ୟତ୍ର ଉଠାଇନେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସମିତିର ସଭାପତି କୈଳାଶଚନ୍ଦ୍ର ଦାସ, ଚାଷୀ ନେତା କୈଳାସଚନ୍ଦ୍ର ପରିଡା, ରମେଶଚନ୍ଦ୍ର ଶତପଥୀ, ରାମଚନ୍ଦ୍ର ରାଉତ, ପିତାମ୍ବର ଦାଶ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ସୋମପୁରଠାରେ ପୂର୍ବପରି ମଣ୍ଡି ଖୋଲାଯିବାକୁ ଅନୁମତି ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନଠାରେ ଚାଷୀ ଦାବି କରିଛନ୍ତି।

# ମା’ ମହାଶ୍ୟାମଳା କ୍ରିକେଟ: ସେମିରେ ମାନପୁର

ତିଗିରିଆ,୨୯।୧୨(ସମିସ): ତିଗିରିଆ ବ୍ଲକ ଅଚଳକୋଟ ଗ୍ରାମ ବଢେଇ ଚବକା ଖେଳପଡିଆରେ ମା ମହାଶ୍ୟାମଳା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୪୨ତମ ମହାଶ୍ୟାମଳା କ୍ରିକେଟ ପ୍ରତିଯୋଗିତାର ଆଜି ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ମାନପୁର କ୍ରିକେଟ କ୍ଲବ ଭାପୁର କ୍ରିକେଟ କ୍ଲବକୁ ପରାସ୍ତ କରି ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମାନପୁର ଦଳ ତରଫରୁ ବୁନୁ ୧୮ ବଲରେ ୩୪ ରନ୍ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ମ୍ୟାଚରେ ମୁଖ୍ୟଅତିଥି ଭାବେ ଅଚଳକୋଟ ଗ୍ରାମ ସଭାପତି ପ୍ରଫୁଲ୍ଲ କୁମାର ଛତାର ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରାକେଶ ପ୍ରଧାନ ଓ ସତ୍ୟବାନ୍ ନାୟକ ପରିଚାଳନା କରିଥିଲେ। ହେମନ୍ତ ପ୍ରଧାନ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ

# ରାସ୍ତା ମରାମତି କଲେ ଲୋକେ

କଣ୍ଟାପଡ଼ା,୨୯।୧୨(ସମିସ): ପ୍ରଶାସନ ଶୁଣିଲା ନାହିଁ, କିନ୍ତୁ ଲୋକମାନେ କରି ଦେଖାଇଲେ। ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ସୁନ୍ଦରଗ୍ରାମଠାରେ ସୃଷ୍ଟି ଖାଲରେ ଦୈନିକ ଛୋଟବଡ଼ ଦୁର୍ଘଟଣା ହେଉଥିଲା। ଏପରିକି ଗତ ୨୬ ତାରିଖରେ ପୁରୀ ବାଲିସାହି ଅଞ୍ଚଳର କାଳୀଚରଣ ମହାନ୍ତି ନାମକ ଜଣେ ଯୁବ ବାଇକ ଆରୋହୀ ଉକ୍ତ ଖାଲରେ ପଡ଼ି ପ୍ରାଣ ହରାଇଥିଲେ। ଏନେଇ କଟକ ଆରଆଣ୍ଡବି ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ବାରମ୍ବାର ଅବଗତ କଲାପରେ ବି ରାସ୍ତା ମରାମତି ଦିଗରେ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ସ୍ଥାନୀୟ ବଡ଼ଝରିଲୋ ଅଞ୍ଚଳର ସମାଜସେବୀ ପ୍ରଦୀପଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମରେ ଉକ୍ତ ଖାଲଖମା ମରାମତି ହୋଇଥିଲା। ଏଥିରେ ଜ୍ଞାନରଞ୍ଜନ ଦାସ, ସୁଦର୍ଶନ ଭୋଇ, ପ୍ରାଣକୃଷ୍ଣ ବେହେରା, ସନ୍ତୋଷ, କୁନା ଓ ହରେକୃଷ୍ଣ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବାଦାମବାଡ଼ି ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ



କଟକ,୨୯।୧୨(ସମିସ): ଟାଟା ପାୱାରର ଉପଭୋକ୍ତା ବିରୋଧୀ ନୀତି ଓ ଅଯୌକ୍ତିକ ବିଦ୍ୟୁତ ଶୁଳ୍କ ଆଦାୟ ବିରୁଦ୍ଧରେ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ସୋମବାର ଏକ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲ୍ଲା ସଭାପତି ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବାଦାମବାଡ଼ିସ୍ଥିତ ଟିପିସିଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ବିଶେଷ କରି ସ୍ମାର୍ଟ ମିଟର ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ଏବଂ ଅତିରିକ୍ତ ସୁରକ୍ଷା ଜମା ଦାବି ନିଷ୍ପତ୍ତିକୁ ରଦ୍ଦ କରିବା ପାଇଁ ଦଳ ଦାବି କରିଛି। ୩୦ ଦିନ ମଧ୍ୟରେ ଜମା ନ କଲେ ୧୫ ପ୍ରତିଶତ ସୁଧ ସହ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ କମ୍ପାନୀ ଯେଉଁ ତାଗିଦ୍ କରିଛି, ତାହାକୁ ଅତ୍ୟନ୍ତ ନିନ୍ଦନୀୟ ଓ ଜନବିରୋଧୀ ବୋଲି କଂଗ୍ରେସ ନେତାମାନେ ଅଭିହିତ କରିଛନ୍ତି। ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ଗୋଚ୍ଛାୟତ, ସୁଦର୍ଶନ ସାହୁ, ମାନସ ପରିଡ଼ା ଓ ହରିଶଙ୍କର ରାଉତଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ଟାଟା ପାୱାରର ଏହି ଶୋଷଣ ନୀତିକୁ କଡ଼ା ସମାଲୋଚନା କରିବା ସହ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଅଧୀକ୍ଷଣ ଯନ୍ତ୍ରୀ ଅମରଜିତ୍ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା।



# ଗୋ-ମାଫିଆ ତାଜୁଦ୍ଦିନ ଗିରଫ

ତିଗିରିଆ/ବଡମ୍ବା,୨୯।୧୨(ସମିସ): କଟକ ଜିଲ୍ଲା ଅଧୀନ ବଡମ୍ବା, ନରସିଂହପୁର ଓ ତିଗିରିଆ ଆଦି ଅଞ୍ଚଳରୁ ବେଆଇନ ଭାବେ ରାଜ୍ୟ ତଥା ରାଜ୍ୟ ବାହାରକୁ ଗୋ-ମାଂସ ରପ୍ତାନୀ କରୁଥିବା ବଡମ୍ବା ଥାନା ଅଧୀନ କାଞ୍ଜିଆପାଳ ଗାଁର ତାଜୁଦ୍ଦିନ ଖାନ (୨୬)କୁ ବଡମ୍ବା ପୁଲିସ ରବିବାର ଭଟାରିକା ପଞ୍ଚାୟତ ଅଧୀନ ଶସାଙ୍ଗ ଗ୍ରାମ ନିକଟରୁ ଗିରଫ କରିଛି। ଅଭିଯୁକ୍ତ ତାଜୁଦ୍ଦିନ ଭଟାରିକା ଶସାଙ୍ଗ ନିକଟରେ ନିଜ ସାଙ୍ଗସାଥୀଙ୍କ ସହ ବଣଭୋଜି କରୁଥିବା ଖବର ପାଇ ବଡମ୍ବା ପୁଲିସ ଚଢଉ କରି ତାକୁ ଗିରଫ କରିଥିଲା। ଗିରଫ ତାଜୁଦ୍ଦିନ ନାମରେ ତିଗିରିଆ ଥାନାରେ ୩ଟି, ଆଠଗଡ଼ ଥାନାରେ ୨ଟି ଓ ବଡମ୍ବା ଥାନାରେ ୨ଟି ମୋକଦ୍ଦମା ରହିଥିବା ବେଳେ ୩ଟି ଏନବିଡବ୍ଲ୍ୟୁ ମାମଲା ବିଚାରାଧୀନ ଅଛି। ବଡମ୍ବା ଥାନାଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଚଢ଼ଉ କରାଯାଇ ଏହି ତାଜୁଦ୍ଦିନ ଖାନକୁ କୋର୍ଟ ଚାଲାଣ କରାଯାଇଛି।

# ଓମ୍ସାର ଆନ୍ଦୋଳନକୁ ଏସ୍‌ସିବି ଜେଡିଏର ସମର୍ଥନ



କଟକ,୨୯।୧୨(ସମିସ): ଓଡ଼ିଶା ମେଡିକାଲ ସେବା ସଂଘ(ଓମ୍ସା)ର ଆନ୍ଦୋଳନକୁ ସମର୍ଥନ ଜଣାଇଛି ଏସ୍‌ସିବି ମେଡିକାଲ କନିଷ୍ଠ ଡାକ୍ତର ସଂଘ(ଜେଡିଏ)। ପ୍ରାୟ ଏକହଜାର କନିଷ୍ଠ ଡାକ୍ତର ମଙ୍ଗଳବାରଠାରୁ କଳାବ୍ୟାଜ୍ ପିନ୍ଧି ଆଉଟଡୋର ଏବଂ ଜରୁରିକାଳୀନ ବିଭାଗରେ ଡ୍ୟୁଟି କରିବେ ବୋଲି ଘୋଷଣା ହୋଇଛି। ଜେଡିଏ ସଭାପତି ଚିନ୍ମୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ ଲୁସି ଦାସଙ୍କୁ ଭେଟି ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଗତ ଏକବର୍ଷ ହେବ ଓମ୍ସା ବିଭିନ୍ନ ଦାବି ଉପସ୍ଥାପନ କରି ଆସୁଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ। କିଛି ଦିନ ପୂର୍ବେ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଦାବି ପୂରଣ ପୂର୍ବରୁ ଏକ କମିଟି ଗଠନ ହେବ ବୋଲି ଗଣମାଧ୍ୟମରେ ଘୋଷଣା କରିଥିଲେ। ଏହି ଘୋଷଣା ପାଣିରଗାର ବୋଲି ସଭାପତି ଚିନ୍ମୟ କହିଛନ୍ତି। ତେବେ ଓମ୍ସା ଭଳି ଜେଡିଏ ସଦସ୍ୟମାନେ ଏକ ଘଣ୍ଟା ଆଉଟଡୋରରେ ଡ୍ୟୁଟି ବନ୍ଦ କରିବେ ନାହିଁ ବୋଲି ଚିନ୍ମୟ ସ୍ପଷ୍ଟ କରିଛନ୍ତି। ପ୍ରକାଶଯୋଗ୍ୟ, ଓମ୍ସା ପକ୍ଷରୁ ସରକାରୀ ହସ୍ପିଟାଲ ଗୁଡିକରେ ଏକ ଘଣ୍ଟାର କାର୍ଯ୍ୟବନ୍ଦ ଡକରା ଦିଆଯାଇଛି। ଗତ ଶୁକ୍ରବାରଠାରୁ ଆନ୍ଦୋଳନ ଜାରି ରହିଛି। ଏବେ ଏହି ଆନ୍ଦୋଳନରେ ଏସ୍‌ସିବି ମେଡିକାଲ କଲେଜର ଜେଡିଏ ସାମିଲ ହୋଇଛି। ଜେଡିଏ ପକ୍ଷରୁ ମଧ୍ୟ ୧୦ଦଫା ଦାବି ରହିଛି।

**ଆଜିଠୁ କଳା ବ୍ୟାଜ୍ ପିନ୍ଧି ଡ୍ୟୁଟି କରିବେ କନିଷ୍ଠ ଡାକ୍ତର**

## ନନ୍ଦନକାନନର ୬୬ତମ ପ୍ରତିଷ୍ଠା ଦିବସ

# ୭ ନୂତନ ପ୍ରକଳ୍ପ ଲୋକାର୍ପିତ, ଶାବକଙ୍କ ନାମକରଣ

ବାରଙ୍ଗ,୨୯।୧୨(ସମିସ):



ବିଶ୍ୱପ୍ରସିଦ୍ଧ ନନ୍ଦନକାନନ ପ୍ରାଣୀଉଦ୍ୟାନ ସୋମବାର ୬୬ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ମୁଖ୍ୟଅତିଥିଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ନନ୍ଦନକାନନକୁ ଏକ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ କରିବା ପାଇଁ ସରକାରଙ୍କ ସଙ୍କଳ୍ପ ବିଷୟରେ ସୂଚନା ଦେଇଥିଲେ। ଜଙ୍ଗଲ ବିଭାଗ ପକ୍ଷରୁ ପ୍ରଦତ୍ତ ୧୨୦ କୋଟି ଟଙ୍କାର ବ୍ୟୟବରାଦରେ ଏହାର ରୂପରେଖ ବଦଳାଯିବା ସହ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ନୂତନ ଜ୍ଞାନକୌଶଳରେ ଖୁଆଡ଼ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ସେ ପ୍ରକାଶ କରିଥିଲେ। ଏହି ଉତ୍ସବରେ ପିସିସିଏଫ୍ ସୁରେଶ ପାନ୍ଥ, ପିସିସିଏଫ୍ (ବନ୍ୟପ୍ରାଣୀ) ପ୍ରେମକୁମାର ଝା ଏବଂ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗଦେଇ ନନ୍ଦନକାନନର ବିକାଶ ଧାରାକୁ ପ୍ରଶଂସା କରିଥିଲେ। ପ୍ରତିଷ୍ଠା ଦିବସର ସ୍ମୃତିକୁ ସ୍ମରଣୀୟ କରିବା ପାଇଁ ମନ୍ତ୍ରୀ ୭ଟି ନୂତନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏଥିମଧ୍ୟରେ ୨.୭ ଏକର ପରିମିତ ଜାଗାରେ ନିର୍ମିତ ଉତ୍ତର-ପୂର୍ବ ରାଜ୍ୟ ଦୃଶ୍ୟପଟ୍ଟ ଖୁଆଡ଼, ତୃଣଭୋଜି ସଂଗରୋଧ କକ୍ଷ, ସରୀସୃପ ସଂଗରୋଧ କକ୍ଷ, ଛୋଟ ବିରାଡ଼ିଙ୍କ ଖୁଆଡ଼ ଏବଂ ଜଳଫୁଆର ଛକର ସୌନ୍ଦର୍ଯ୍ୟକରଣ ଆଦି ଅନ୍ତର୍ଭୁକ୍ତ। ଏଥିସହ ଓଧ, ଭାଲୁ ଓ ଶାଳିଆ ପତାନିଙ୍କ ପାଇଁ ନୂତନ ଖୁଆଡ଼ ସହ ଉଦ୍ୟାନ କୃଷି ଫାର୍ମକୁ ମଧ୍ୟ ଲୋକାର୍ପିତ କରାଯାଇଥିଲା। ଏହି ସମାରୋହରେ ପ୍ରାଣୀଉଦ୍ୟାନରେ ନବଜନ୍ମିତ ଶାବକମାନଙ୍କର ଆକର୍ଷଣୀୟ ନାମକରଣ କରାଯାଇଥିଲା। ଧଳା ବାଘୁଣୀ ରୂପାର ଦୁଇଟି ଶାବକଙ୍କ ନାମ ‘ଅରୁଣ’ ଓ ‘ଅର୍ଜୁନ’ ରଖାଯାଇଥିବା ବେଳେ ବାଘୁଣୀ ମୌସୁମୀର ଛୁଆର ନାମ ‘ଅନନ୍ୟା’ ଏବଂ ଅଙ୍କିତାର ଛୁଆର ନାମ ‘କାହ୍ନା’ ରଖାଯାଇଛି। ସେହିପରି ସିଂହୀ ରେୱାର ଦୁଇ ଶାବକଙ୍କ ନାମ ‘ରକି’ ଓ ‘ଲକି’, ସିଂହୀ ବିଜିଳିର ଛୁଆଙ୍କ ନାମ ‘ହର୍ଷ’, ‘ଧ୍ରୁବ’ ଓ ‘ଶ୍ରେୟା’ ଦିଆଯାଇଛି। ସିମ୍ପାଞ୍ଜି ଦୁର୍ଗା ଓ ରାକ୍ଷୀଙ୍କ ଶାବକଙ୍କ ନାମ ଯଥାକ୍ରମେ ‘ସୁରଜ’ ଓ ‘ଇଶାନ’ ରଖାଯାଇଥିବା ବେଳେ ହିମାଳୟ କଳା ଭାଲୁ ମୁନିର ଛୁଆର ନାମ ‘ସୁଭଦ୍ରା’ ରଖାଯାଇଛି।

● ଆଗରପଡା ଯୁବ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ଏକତ୍ୱବାଦର ଜୟଯାତ୍ରା ଯୁବଶକ୍ତି ପାଇଁ ଆହ୍ୱାନ



ବନ୍ତ/ଆଗରପଡ଼ା,୨୯।୧୨(ସମିସ):ସାମ୍ପ୍ରତିକ ସ୍ଥିତିରେ ଅବକ୍ଷୟମୁଖୀ ସମାଜରେ ବିଭେଦାୟନ ଓ ଗୋଷ୍ଠୀବାଦର ବିଲୋପ ସାଧନ ପୂର୍ବକ ଏକତ୍ୱବାଦର ମହାମନ୍ତ୍ର ପ୍ରଚାର ଆଜିର ଯୁବଶକ୍ତି ପାଇଁ ଆହ୍ୱାନ। ପୂର୍ବସୂରୀଙ୍କ ମାନବବାଦର ସ୍ୱପ୍ନିଳ ଚିନ୍ତା ଚେତନାର ପରିବୃଦ୍ଧି ହିଁ ଆଗାମୀ ପିଢିଙ୍କ କର୍ମମୟ ଜୀବନ ପଥର ନବଦିଗନ୍ତର ବାର୍ତ୍ତା ସୃଷ୍ଟି କରୁ ବୋଲି ଚତୁର୍ଥ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲାର ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ଶିକ୍ଷକ ହରିହର ପାଣିଗ୍ରାହୀ କହିଥିଲେ। କମିଟି ସଭାପତି ଇଂ ଅମୀୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଚିତ୍ତରଞ୍ଜନ ସାମନ୍ତରାୟ, ପ୍ରଣୟ କୁମାର ସିଂହ, ନିରୋଜ ଆଇଚ ପ୍ରମୁଖ ଯୋଗଦେଇ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଯୁବ ମହୋତ୍ସବ କମିଟିର ଏତାଦୃଶ୍ୟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। କମିଟିର ସମ୍ପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣ ସମ୍ପାଦକୀୟ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସଂଗଠନ ସମ୍ପାଦକ ଚିନ୍ମୟ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କେନ୍ଦୁଝରରୁ ଆସିଥିବା ମହାକାଳ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅମୂଲ୍ୟରତ୍ନ ନନ୍ଦ, ଜିତେନ୍ଦ୍ର ଶତପଥୀ, ସୋନୁ ମହାନ୍ତି, ତପନ ପୃଷ୍ଟି, ନୃସିଂହ ଖୁଣ୍ଟିଆ, ବାବୁରାମ ବେହେରା, ହାପି ରାୟ, ଦିବ୍ୟଆକାଶ ପୁହାଣ ଓ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ବାଂଲାଦେଶରେ ମୃତ ହିନ୍ଦୁ ଯୁବକଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ମଶାଲ ଶୋଭାଯାତ୍ରା




ବନ୍ତ/ଆଗରପଡ଼ା,୨୯।୧୨(ସମିସ):ବାଂଲାଦେଶ ହିଂସାରେ ବର୍ବୋରଚିତ ଭାବେ ହତ୍ୟା କରାଯାଇଥିବା ହିନ୍ଦୁ ଯୁବକଙ୍କ ଉଦ୍ଦେଶ୍ୟରେ ବନ୍ତ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବନ୍ତ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସଭାପତି ଫାଲଗୁନି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରାନ୍ତ ପ୍ରମୁଖ ତଥା ବିଶ୍ୱହିନ୍ଦୁ ପରିଷଦ ସଂଗଠନ ମହାମନ୍ତ୍ରୀ ବିପିନ ବିହାରୀ ପଣ୍ଡା ଯୋଗ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦ ଉପସଭାପତି ଅଶୋକ ବେହେରା, ସଂଯୋଜକ ସୁବାସ ଚନ୍ଦ୍ର ସ୍ୱାଇଁ, ହେମନ୍ତ କୁମାର ସାହୁ , ସୁରଜ୍ କୁମାର ଗୋସ୍ୱାମୀ, ମାନସ କୁମାର ଜେନା, ଶିଶିର କୁମାର ଜେନା, ଜୟଦେବ ମହାରାଜ, କ୍ଷୀରୋଦ କୁମାର ନାୟକ, ବିବେକାନନ୍ଦ ଜେନା, ଶ୍ରୀକାନ୍ତ କୁମାର ଦାସ, ଅଶୋକ କୁମାର ଜେନା, ପ୍ରଣବ କିଶୋର ଲେଙ୍କା, ମୃତ୍ୟୁଞ୍ଜୟ ସୂତାରଙ୍କ ସମେତ ଶତାଧିକ କର୍ମକର୍ତ୍ତା ବନ୍ତସ୍ଥ ଦୁର୍ଗା ମଣ୍ଡପ ନିକଟରୁ ଶୋଭାଯାତ୍ରାରେ ବାହାରି ବାଂଲାଦେଶୀ ବିରୋଧୀ ସ୍ଲୋଗାନ ଦେଇ ବନ୍ତ ବଜାର ପରିକ୍ରମା କରିଥିଲେ। ପରେ ଶୋଭାଯାତ୍ରା ବନ୍ତ ଥାନାରେ ପହଞ୍ଚିବା ପରେ ଥାନାଧିକାରିଣୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବାଂଲାଦେଶୀଙ୍କୁ ତୁରନ୍ତ ଠାବ କରାଯାଇ ସେମାନଙ୍କୁ ଏଠାରୁ ବିତାଡ଼ିତ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳବାସୀ ସମର୍ଥନ ଜଣାଇଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ




ଭଦ୍ରକ,୨୯।୧୨(ସମିସ): ଆସନ୍ତା ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହକୁ ସୁସଂଗଠିତ ଓ ସଫଳ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ସଂସ୍କୃତି ଭବନରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲ୍ଲା ସ୍ତରର ବିଭିନ୍ନ ବିଭାଗର ଅଧିକାରୀ, ପୁଲିସ୍ ପ୍ରଶାସନ, ପୌରପରିଷଦ, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି, ଅଗ୍ନିଶମ, ସୂଚନା ଓ ଲୋକସମ୍ପର୍କ ବିଭାଗ, ସାମ୍ବାଦିକଙ୍କ ସମେତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସହିତ ସଂପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ, ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ସୁରକ୍ଷା ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ, ସ୍ୱଚ୍ଛତା, ବିଦ୍ୟୁତ୍, ପାନୀୟ ଜଳ, ଚିକିତ୍ସା ସୁବିଧା ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ଗଣତନ୍ତ୍ର ଦିବସକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳାବଦ୍ଧ ଓ ଉତ୍ସବମୁଖର ପରିବେଶରେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପ୍ରାଥମିକ ଶିକ୍ଷାର ଦୟନୀୟ ଚିତ୍ର

# ମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟରେ ୬ ଶ୍ରେଣୀରେ ୯ ଛାତ୍ରଛାତ୍ରୀ

ବନ୍ତ/ଆଗରପଡ଼ା,୨୯।୧୨(ସମିସ):

ମାତ୍ର ୯ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଚାଲିଛି ସରକାରୀ ପ୍ରାଥମିକ ବିଦ୍ୟାଳୟ। ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ୯ ଜଣ ଛାତ୍ରଛାତ୍ରୀଙ୍କୁ ପଢାଉଛନ୍ତି ୨ ଜଣ ଶିକ୍ଷକ। ତେଣୁ ପ୍ରତ୍ୟେକ ଶ୍ରେଣୀ ପାଇଁ ୨ ଜଣ ପିଲା। ପ୍ରାଥମିକ ଶିକ୍ଷାର ଏଭଳି ଏକ ଦୟନୀୟ ଚିତ୍ର ବନ୍ତ ବ୍ଲକ୍ ତୋଫାବିବି କ୍ଲଷ୍ଟର ଅଧୀନସ୍ଥ ପୁରୁଷଣ୍ଡ ପଞ୍ଚାୟତ ଅର୍ନ୍ତଗତ ମୁଣ୍ଡଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି।

୨୦୦୪ରେ ପ୍ରତିଷ୍ଠିତ ଏହି ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ତିଷ୍ଠି ରହିବାକୁ ସଂଗ୍ରାମ କରୁଛି। ସରକାରୀ ନିୟମ ଅନୁସାରେ ଏହା ବନ୍ଦ ହୋଇଯିବା ଅବସ୍ଥାକୁ ମଧ ଆସିଯାଇଛି। ୨୦ ଜଣରୁ କମ୍ ପିଲା ହେଲେ ସ୍କୁଲ ଉଠିଯିବା କଥା। ସେଭଳି ସ୍ଥଳେ ଏହାର ପିଲା ସଂଖ୍ୟା ମାତ୍ର ୯। ଏହି ୯ ଜଣଙ୍କୁ ପଠାଉଛନ୍ତି ଦୁଇଜଣ ଶିକ୍ଷକ। ଖବରରୁ ଜଣାପଡ଼ିଛି ଯେ, ଚଳିତ ଶିକ୍ଷାବର୍ଷରେ ଶିଶୁବାଟିକାରୁ ଦ୍ୱିତୀୟଶ୍ରେଣୀ ପର୍ଯ୍ୟନ୍ତ ପିଲା ସଂଖ୍ୟା ଶୂନ ହୋଇଥିବାବେଳେ ତୃତୀୟରେ ୧, ଚତୁର୍ଥରେ ୫ ଓ ପଞ୍ଚମ ଶ୍ରେଣୀରେ ପିଲା ସଂଖ୍ୟା ୩। ଏହିପରି ଶିଶୁବାଟିକାରୁ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ୬ଟି ଶ୍ରେଣୀରେ ସମୁଦାୟ ୯ ଜଣ ପିଲା ଅଧ୍ୟୟନ କରୁଛନ୍ତି। ପ୍ରାଥମିକ ଶିକ୍ଷାକୁ ଉନ୍ନତମାନର କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନାମାନ ପ୍ରଣୟନ କରିବା ସହ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ମାଗଣା ବହି, ପୋଷାକ ଓ ଖାଦ୍ୟ ଯୋଗାଇ ଦେଉଥିବା ସ୍ଥଳେ ପିଲାଙ୍କ ସଂଖ୍ୟା ହ୍ରାସ ପାଇବା ସରକାରଙ୍କ ଦୂରଦୃଷ୍ଟିର ଅଭାବକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ସରକାରୀ ଶିକ୍ଷା ବ୍ୟବସ୍ଥାର ଦୟନୀୟ ଅବସ୍ଥାକୁ ଦେଖି ସମସ୍ତେ ଘରୋଇ ସ୍କୁଲ ମୁହାଁ ହେବାକୁ ଲାଗିଛନ୍ତି। ବହୁ ସ୍ଥାନରେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇ ଘରୋଇ ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଏଠାରୁ ପ୍ରାୟ ୧ କିମି ଦୂରରେ ଦୁଇଟି ବିଦ୍ୟାଳୟ ଆପ୍ତିରା ଓ ରଇଁତରା ରହିଥିବାରୁ

### ଶିଶୁ ବାଟିକାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲା ସଂଖ୍ୟା ଶୂନ୍

ଏଠାରୁ ପିଲା ଯାଇ ସେଠାରେ ଶିକ୍ଷାଲାଭ କରୁଥିବାରୁ ଏହାର ପିଲାସଂଖ୍ୟା ହ୍ରାସ ପାଉଥିବା ଜଣାପଡ଼ିଛି। ଏଥିସହ ଆଗରପଡ଼ାଠାରେ ଶିଶୁମନ୍ଦିର ସହ ଇଂରାଜୀ ମିଡିୟମ ସ୍କୁଲ ଥିବାରୁ ପିଲାସଂଖ୍ୟା ହ୍ରାସ ପାଉଛି। ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି, ପିଲାମାନେ ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ଆକୃଷ୍ଟ ହେବା ଯୋଗୁଁ ଦିନକୁ ଦିନ ସରକାରୀ ବିଦ୍ୟାଳୟରେ ପିଲା ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ତତ୍‌ସହିତ ସରକାରୀ ବିଦ୍ୟାଳୟରେ ପାଠପଢା ସହ ଅନ୍ୟାନ୍ୟ ଦାୟିତ୍ୱ ଶିକ୍ଷକଙ୍କୁ ବହନ କରିବାକୁ ପଡୁଥିବାରୁ ଏହି ସମସ୍ୟା ଉପୁଜୁଥିବାର ମଧ ଜଣାପଡ଼ିଛି। ବିଦ୍ୟାଳୟର ୫ଟି ଶ୍ରେଣୀ ପାଇଁ ୩ଟି କୋଠରୀରେ ରହିବା ସହ ଏକ ଅଫିସ ଗୃହ ଓ ରୋଷେଇ




ଗୃହ ମଧ ଉପଲବ୍ଧ ଅଛି। କିନ୍ତୁ ବର୍ତ୍ତମାନ ସମୁଦାୟ ୯ ଜଣ ପିଲା ଥିବାରୁ ଦୁଇଜଣ ଶିକ୍ଷକ କିପରି ଅଧ୍ୟାପନା କାର୍ଯ୍ୟ ସଂପାଦନ କରୁଥିବେ, ତାହା ସହଜରେ ଅନୁମେୟ।

ଉକ୍ତ ବିଦ୍ୟାଳୟରେ ନୂତନ ଶିକ୍ଷାବର୍ଷରେ ପୁରୁଣା ପାଚିକାଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ ପାଚିକା ଚୟନ କରାଯାଇ ନିୟମାନୁସାରେ ନୂଆ ପାଚିକା ନିଯୁକ୍ତି କରାଗଲା। କିନ୍ତୁ କିଛି ଅଭିଭାବକ ପାଚିକା ନିଯୁକ୍ତିରେ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କ ପିଲାଙ୍କୁ ଅନ୍ୟତ୍ର ନାମ ଲେଖାଇଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଜଣାପଡ଼ିଛି। ପାଠପଢା ଚାଲିବା ସହ ଶିକ୍ଷକଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଜାତିଗତ ପ୍ରମାଣ ପତ୍ର ଯୋଗାଡ଼ କରିବା, ମଧ୍ୟାହ୍ନଭୋଜନ ଦାୟିତ୍ୱ ସମ୍ପାଦନ କରିବା, ବିଦ୍ୟାଳୟ ମରାମତି ଓ ନିର୍ମାଣ କରିବା, ଛାତ୍ରଛାତ୍ରୀଙ୍କ ଆଧାରକାଡର୍ ପ୍ରସ୍ତୁତିରେ ସହଯୋଗ କରିବା ପ୍ରଭୃତି ଦାୟିତ୍ୱ ଅର୍ପଣ କରାଯାଉଛି। ତେଣୁ ଜଣେ ଶିକ୍ଷକଙ୍କୁ ପାଠପଢା ସହିତ ଏତେ ଗୁଡ଼ାଏ ଦାୟିତ୍ୱ ଦିଆଗଲେ ପାଠପଢା କିପରି ହୋଇପାରିବ ତାହା ସହଜରେ ଅନୁମେୟ। ଏହି ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଛି। ଏଠାରେ ଅବସ୍ଥାପିତ ୨ଜଣ ଶିକ୍ଷକ ମଧ ଦରମା ପ୍ରତିମାସ ପାଉଛନ୍ତି। ମାଗଣା ଖାଦ୍ୟ ପ୍ରଦାନ ପାଇଁ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ଏଥି ନିମନ୍ତେ ଉପୁଜୁଥିବା ସମସ୍ୟାର ସମାଧାନ ବିଭାଗ ଦ୍ୱାରା କରାଯାଉ ନ ଥିବାରୁ ବହୁ ବିଦ୍ୟାଳୟରେ ଆବଶ୍ୟକ ପିଲା ପାଠ ପଢିବା ପାଇଁ ନାହାଁନ୍ତି। ଶିକ୍ଷାର ଉନ୍ନତି ପାଇଁ ସରକାର ଡିଣ୍ଡିମ ପିଟୁଥିବାବେଳେ ଆବଶ୍ୟକ ପିଲା ନ ଥାଇ ବିଦ୍ୟାଳୟ ଖୋଲା ହେବାର ମାନେ କିଛି ନାହିଁ। କେବଳ ଅର୍ଥଶ୍ରାଦ୍ଧ ହେବା ସାର ହେଉଛି। ଭବିଷ୍ୟତରେ ଏହି ବିଦ୍ୟାଳୟରେ ପିଲା ସଂଖ୍ୟା ବୃଦ୍ଧି ପାଇବ କି ହ୍ରାସ ହେବ, ତାହା ଅନ୍ଧାର ଘେରରେ ରହିଛି। ଅନେକ ସ୍ଥାନରେ ବିଦ୍ୟାଳୟ ନ ଥିବାରୁ ଛୋଟ ପିଲା ଚାଲି ଚାଲି ଦୂର ବିଦ୍ୟାଳୟକୁ ପଢିବା ପାଇଁ ଯାଉଛନ୍ତି। ସେପରି ସ୍ଥଳେ ପ୍ରାୟ ୧ କିମି ମଧ୍ୟରେ ୨ଟି ବିଦ୍ୟାଳୟ ଖୋଲାଯାଇଛି। ତେଣୁ ଚଳନ୍ତି ଶିକ୍ଷା ବ୍ୟବସ୍ଥାକୁ ପ୍ରହସନରେ ପରିଣତ ନ କରି ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।

■ ବୈତରଣୀ ନଦୀବନ୍ଧରେ ନିମ୍ନମାନର ପଥର ପ୍ୟାକିଂ

## ଗ୍ରାମବାସୀଙ୍କ କାମ ବନ୍ଦ; ଭିଜିଲାନ୍ସ ତଦନ୍ତ ଦାବି

ଅସୁରାଳି,୨୯ ।୧୨(ସମିସ):ଧାମନଗର ବ୍ଲକ୍‌ର ପାଳସାହି ପଞ୍ଚାୟତର ତୋଟାସାହି ଗ୍ରାମ ନିକଟରେ ବୈତରଣୀ ନଦୀବନ୍ଧରେ ଚାଲୁଥିବା ପଥରପ୍ୟାକିଂ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ ତୀବ୍ର ରୂପ ନେଇଛି। ନିମ୍ନମାନର ପଥର ବ୍ୟବହାର ଓ ଅର୍ଥ ହଡ଼ପ ଅଭିଯୋଗରେ ସ୍ଥାନୀୟ ଲୋକେ ଗୁରୁବାରଠାରୁ କାମ ବନ୍ଦ କରିଛନ୍ତି। ପୂର୍ବବର୍ଷ କରାଯାଇଥିବା ପଥରପ୍ୟାକିଂରେ କୌଣସି ଫଳକ ଲଗାଯାଇ ନ ଥିଲା,



ଯେଉଁଥିରେ ଅଟ୍ଟକଳ ମୂଲ୍ୟ, କାର୍ଯ୍ୟାରମ୍ଭ ଓ ଶେଷ ତାରିଖ ସୂଚିତ ହେବା ଦରକାର ଥିଲା। ଠିକାଦାର କୋଟିଏରୁ ଅଧିକ ଅର୍ଥରାଶି ଉଠାଇଥିବା ଅଭିଯୋଗ ହୋଇଛି। ଅଗଷ୍ଟ ମାସ ବନ୍ୟାରେ ପ୍ୟାକିଂରେ ବ୍ୟବହୃତ ୩୦% ପଥର ନଦୀଗର୍ଭକୁ ବହିଯାଇଥିଲା। ଯାହା ବନ୍ଧ ଧସିବାର ସମ୍ଭାବନା ରହିଛି। ଚଳିତ ଡିସେମ୍ବରରେ ଛୋଟ ପଥର (ଗାଁ ରାସ୍ତାରେ ପଡୁଥିବା ମେଟାଲ ପରି) ବ୍ୟବହାର କରି ପୁଣି ୨ କୋଟିରୁ ଅଧିକ ଅର୍ଥ ହଡ଼ପ କରିବା ପ୍ରୟାସ ହେଉଛି। ପୁରୁଣା ପଥରକୁ ଜେସିବି ସାହାଯ୍ୟରେ ଉଠାଇ ଅନ୍ୟତ୍ର ନେବାରୁ ଗ୍ରାମବାସୀଙ୍କ କ୍ଷୋଭ ପ୍ରକାଶ କରିଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କୁ ବଡ଼ ପଥର ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ପଥର ନ ଆସିବାରୁ ଗ୍ରାମବାସୀଙ୍କ କ୍ଷୋଭ ତୀବ୍ର ହୋଇଛି। ସାମାଜିକ କର୍ମୀ ନିରାକାର ଦାଶ କହିଛନ୍ତି, ଯଦି ତୁରନ୍ତ ଫଳକ ଲଗାଇ କାମ ଆରମ୍ଭ ନ ହେଲେ, ଆଗାମୀ ୧୫ ଦିନ ମଧ୍ୟରେ ଗ୍ରାମବାସୀ ଆନ୍ଦୋଳନ କରିବେ। ଜଳସମ୍ପଦ ବିଭାଗର ଜେଇ ବିମଳ ବେହେରା କହିଛନ୍ତି, ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅର୍ଥ ହଡ଼ପ ଅଭିଯୋଗ, ନଦୀବନ୍ଧ ଧସିବାର ଆଶଙ୍କା ଓ ପ୍ରଶାସନୀୟ ଅବହେଳାକୁ ନେଇ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବେ ବୋଲି ମତ ପ୍ରକାଶ କରିଛନ୍ତି।

## ଭଦ୍ରକ-ଆରଡ଼ି ରାସ୍ତା ଶୋଚନୀୟ



ଅସୁରାଳି,୨୯ ।୧୨(ସମିସ):ଆରଡି ରାସ୍ତାର ସୁନ୍ଦରପୁର ଦୋହରାଠାରେ ରାସ୍ତା ଅବସ୍ଥା ଦିନକୁ ଦିନ ଶୋଚନୀୟ ହେଉଛି। କାଦୁଅ ଓ ଖାଲରେ ଭରିଥିବା ଏହି ରାସ୍ତାରେ ଲୋକଙ୍କ ଯାତାୟାତ ଅସମ୍ଭବ ହୋଇପଡ଼ିଛି। ପ୍ରତିଦିନ ଶିକ୍ଷାର୍ଥୀ, କାର୍ଯ୍ୟରତ ଲୋକ ଓ ବ୍ୟବସାୟୀ ଏହି ରାସ୍ତାରେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାରେ ଏହି ସମସ୍ୟା ଆହୁରି ଗୁରୁତର ହୋଇଥାଏ। ଆସନ୍ତା ନୂଆବର୍ଷରେ ପ୍ରସିଦ୍ଧ ଆରଡି ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିବା ନିଶ୍ଚିତ। କିନ୍ତୁ ରାସ୍ତାର ଏହି ଦୁରବସ୍ଥା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରୁଛି। ସ୍ଥାନୀୟ ଲୋକ ଓ ସମାଜସେବୀ ପ୍ରଶାସନଙ୍କୁ ଶୀଘ୍ର ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

## ମତୋ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ

ଭଦ୍ରକ,୨୯ ।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ମତୋ ଉଚ୍ଚବିଦ୍ୟାଳୟ ୧୯୯୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ ସମାରୋହ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ୟାଚର ୬୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। ପୂର୍ବାହ୍ନରୁ ସନ୍ଧ୍ୟାଯାଏ ବହୁବିଧ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ପଲାଇ, ଅବସରପ୍ରାପ୍ତ ଶିକ୍ଷକ ବୁଦ୍ଧିରାମ ରାଉତ, ବିଷ୍ଣୁମୋହନ ମହାପାତ୍ର, ଅର୍ଜୁନ ଚରଣ ସାହୁ, ବିମୋହିତ ଦାସ, ବସନ୍ତ ପଲାଇ, ରୋଜମଣ୍ଡ ମହାନ୍ତି, ରୋହିତ ସାହୁ ପ୍ରମୁଖଙ୍କ ସମେତ ଶିକ୍ଷା-କର୍ମଚାରୀ ମାଧବାନନ୍ଦ ଦାଶଙ୍କୁ ପୁଷ୍ପଗୁଚ୍ଛ, ଶାଲ୍ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ରବୀନ୍ଦ୍ର ଦାସଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଗୁରୁପୂଜନ ଉତ୍ସବ ଆୟୋଜିତ ହୋଇଥିଲା। ସମସ୍ତ ଛାତ୍ରଛାତ୍ରୀ ମଞ୍ଚରେ ଗୁରୁଜୀ-ଗୁରୁମା'ଙ୍କ ପାଦରେ ପୁଷ୍ପ ଅର୍ପଣ କରି ଆଶିଷ ଭିକ୍ଷା କରିଥିଲେ। ପୁରାତନ ଛାତ୍ରୀ ରଞ୍ଜୁଲତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ର ଶ୍ରୀକାନ୍ତ ବାରିକ ମଞ୍ଚ ପରିଚାଳନା କରିଥିଲେ। ସ୍ମୃତିରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମନୋଜ କୁମାର ରଥ ଗୁରୁବନ୍ଦନା ଶ୍ଲୋକ ପାଠ କରିଥିବାବେଳେ ବସନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ମମତା ନାୟକ, ପଦ୍ମିନୀ ବେହେରା, ତିଲୋତ୍ତମା ସାହୁ, ସୁଷମା ସାହୁ, ସୁକାନ୍ତ ସାମଲ, ବୀରନାରାୟଣ



ଦାସ, ଦେବକାନ୍ତ ସେଠୀ, ପ୍ରଭଞ୍ଜନ ମିଶ୍ର, ଦେବାଶିଷ ସାହୁ, କାର୍ତ୍ତିକ ସାହୁ, ନିତ୍ୟରଞ୍ଜନ ଦାଶ, ମନୋଜ ନାୟକ, ରଞ୍ଜିତ ପତି, ବିଜୟ ମହାରଣା, ଶରତ ବେହେରା, ଅମୂଲ୍ୟ ନାୟକ, ତପନ ସାହୁ, ଗୋକୁଳ ନାୟକ, ମହେଶ୍ୱର ବିଶ୍ୱାଳ, ମନୋରଞ୍ଜନ ସ୍ୱାଇଁ, ସନ୍ତୋଷ ମହାନ୍ତି, ବସନ୍ତ ସାହୁ, ଆଲୋକ ଜେନା ପ୍ରମୁଖଙ୍କ ସମେତ ୬୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଅରୁଣ ପାତ୍ର ପାଇଲେ କୃଷି ସାହିତ୍ୟ ରତ୍ନ ସମ୍ମାନ

ଭଦ୍ରକ,୨୯ ।୧୨(ସମିସ):ଭଦ୍ରକ ଯାଜପୁର ଜିଲ୍ଲା ମଙ୍ଗଳପୁରଠାରେ ପ୍ରତିଷ୍ଠିତ ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଭଦ୍ରକ ନିବାସୀ କୃଷିବିତ୍ ତଥା ଅବସରପ୍ରାପ୍ତ ଉପକୃଷି ନିର୍ଦ୍ଦେଶକ ଅରୁଣ ପାତ୍ରଙ୍କୁ କୃଷି ସାହିତ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ପାତ୍ର ଦୀର୍ଘ ୪ ଦଶନ୍ଧି ଧରି କୃଷି ପ୍ରଯୁକ୍ତିକୁ ପଦ୍ୟଧର୍ମୀ କରି କୃଷି ଭାଗବତ, କୃଷି ବଚନ, କୃଷି ବୋଲି ଓ କୃଷି ଗୀତିନାଟ୍ୟ ଆଦି ରଚନା କରି ଓଡ଼ିଆ କୃଷି ସାହିତ୍ୟକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି। ପୂର୍ବରୁ ଶ୍ରୀ ପାତ୍ର ତାଙ୍କର କୃଷି ବିଜ୍ଞାନଭିତ୍ତିକ ସାହିତ୍ୟ ସୃଷ୍ଟି ପାଇଁ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ପୁରସ୍କାର ଓ ଚଳିତ ବର୍ଷର ଏଫଏମ୍ ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ବ୍ୟାସ ଗୌରବ ସମ୍ମାନ -୨୦୨୫ ପ୍ରାପ୍ତ ହୋଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ହୃଷିକେଶ ମଲ୍ଲିକ ଶ୍ରୀ ପାତ୍ରଙ୍କୁ ମାନପତ୍ର, ବୃକ୍ଷଚାରା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ସେ ଏହି ସମ୍ମାନକୁ ଓଡ଼ିଶାର କୃଷକ ସମାଜ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ପଞ୍ଚମ ସନ୍ଧ୍ୟା

# 'ମେଳା ଭଦ୍ରକର ଅର୍ଥନୈତିକ ବିକାଶ ଆଣିବାରେ ସହାୟକ ହୋଇଛି'

ଭଦ୍ରକ,୨୯ ।୧୨(ସମିସ):

ଓଡ଼ିଶାର ଐତିହ୍ୟ ଥିଲା। ଅତୀତରେ ଓଡ଼ିଆ ପୁଅ ଜାଭା, ସୁମାତ୍ରାକୁ ବାଣିଜ୍ୟ କରିବାକୁ ଯାଇ ତେର ନଇ ସାତ ସମୁଦ୍ର ପାର ହୋଇ କାର୍ତ୍ତିକ ମାସରେ ଦେଶକୁ ଫେରୁଥିଲେ। ସ୍ୱାଧୀନତାର ୭୮ ବର୍ଷ ପରେ ବିଶ୍ୱ ଦରବାରରେ ବ୍ୟବସାୟ ପ୍ରତିଷ୍ଠାନକୁ କର୍ପୋରେଟ କମ୍ପାନୀ ଅକ୍ତିଆର କରିବାରୁ ସାଧାରଣ ଜନତା, ମଧ୍ୟମ, କ୍ଷୁଦ୍ର ବ୍ୟବସାୟୀ ପ୍ରତିଯୋଗିତା କରି ବାଣିଜ୍ୟ କ୍ଷେତ୍ରରେ ଅଗ୍ରଗତି କରିବାକୁ ଆସୁ ପଦକ୍ଷେପ ଗ୍ରହଣ କରିଛନ୍ତି। ବାସ୍ତବ ଅବସ୍ଥାକୁ ବିଚାରକୁ ନେବା ବେଳକୁ ବର୍ତ୍ତମାନ ପରିସ୍ଥିତିରେ ଗରାଖମାନେ ମୋବାଇଲରେ ସାମଗ୍ରୀ ବୁକ୍ କରୁଛନ୍ତି ଓ ସାମଗ୍ରୀ ତାଙ୍କ ଦୁଆରେ ପହଞ୍ଚି ଯାଉଛି। ବ୍ୟବସାୟ ବର୍ତ୍ତମାନ ଏକଚାଟିଆ ପୁଞ୍ଜିପତିଙ୍କ ବଳୟ ମଧ୍ୟରେ ରହୁଛି। କ୍ଷୁଦ୍ର ବ୍ୟବସାୟ ଆଜି କ୍ଷତିର ସମ୍ମୁଖୀନ ହେଉଛି। ଜଗତିକରଣର ପ୍ରଭାବ ଯୋଗୁଁ ବ୍ୟବସାୟୀକରଣ ଫଳରେ ସମଗ୍ର ବିଶ୍ୱ ଏକ ଗ୍ରାମରେ ପରିଣତ ହୋଇପାରିଛି। ଏବେ କ୍ରେତା ବିକ୍ରେତାଙ୍କ ପାଖକୁ ଯିବାର ଆବଶ୍ୟକତା ନାହିଁ।



ଏବେ ଦ୍ରବ୍ୟ ବିକୁଥିବା ବିକ୍ରେତା ଖାଉଟିଙ୍କ ପାଖକୁ ଆସିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଣୁ ଭଦ୍ରକ ବାଣିଜ୍ୟ ମେଳା ଭଦ୍ରକର ଅର୍ଥନୈତିକ ବିକାଶ ଆଣିବା ସଙ୍ଗେ ସଙ୍ଗେ ସାମଗ୍ରିକ ସମୃଦ୍ଧିରେ ସହାୟକ ହେବ ବୋଲି ଭଦ୍ରକର ସମରାଇପୁର ନାୟାର ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ପଞ୍ଚମ ସନ୍ଧ୍ୟାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଡିଏଫ଼ଓ ସଂସ୍ଥା ଓସ୍‌ମେ ଓ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓସମେର ଉପସଭାପତି ରାଜେଶ ମିଶ୍ର ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ରଖିଥିଲେ। ଏହାପରେ ଓସ୍‌ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବା ପରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ପରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଉତ୍କଳମଣି ଫାଉଣ୍ଡେସନର ଅଧ୍ୟକ୍ଷ ତଥା ନ୍ୟୁଜ ଓଡ଼ିଶାର ନିର୍ଦ୍ଦେଶକ ପ୍ରମୋଦ ରାୟ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଭଦ୍ରକ ବାର୍ ଆସୋସିଏସନର ପ୍ରାକ୍ତନ ସମ୍ପାଦକ ଅଧିବକ୍ତା ଦିବ୍ୟସିଂ ନାୟକ, ଭଦ୍ରକ-ବାଲେଶ୍ୱର ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଲିମିଟେଡର ସଭାପତି ଗଣେଶ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳା କଟକ ବାଲିଯାତ୍ରାଠାରୁ କୌଣସି ଗୁଣରେ କାମ ନୁହେଁ ବୋଲି କହିଥିଲେ। ଆୟୋଜକଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହାପରେ ବିବିଏମର ପୃଷ୍ଠପୋଷକ ଶଶୀଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବିବିଏମର ପୃଷ୍ଠପୋଷକ ବସନ୍ତ କୁମାର ରାଉତ ଧନ୍ୟବାଦ ଦେବା ପରେ ଜିଲ୍ଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଜାତୀୟ ସ୍ତରୀୟ ବାଣିଜ୍ୟ ମେଳା ଆସନ୍ତାକାଲି ଉଦ୍‌ଯାପିତ ହେବ।

## ଅନ୍ନପାଳ ସେବା ସମବାୟ ସମିତିରେ ବିବାଦ

ଅସୁରାଳି,୨୯ ।୧୨(ସମିସ): ଅନ୍ନପାଳ ସେବା ସମବାୟ ସମିତିରେ କ୍ଲର୍କ ଭାବେ କାର୍ଯ୍ୟରତ ଆଶିଷ ରାଉତଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି। ୫ ବର୍ଷ ଧରି ସମିତିରେ କାର୍ଯ୍ୟ କରୁଥିବା ଆଶିଷଙ୍କୁ ସଭାପତି ଓ ସଭ୍ୟ ଅର୍ଥରାଶି ପାଇଁ ଦାବି କରିଥିବା ଅଭିଯୋଗ ଉଠିଛି। ଏ ପରିସ୍ଥିତିରେ ଆଶିଷ ଓଡିଶା ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଡବ୍ଲୁପି (ସି)ନଂ-୧୬୯୧୭/୨୪ ମାମଲାରେ ୨୨।୭।୨୪ରେ ମାନ୍ୟବର ନ୍ୟାୟାଳୟ ସଭାପତି ଓ ସମ୍ପାଦକଙ୍କୁ ପୂର୍ବାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୧୫।୧୨।୨୫ରେ ସଭାପତି ଏକ ଲିଖିତ ପତ୍ର ଦ୍ୱାରା ଆଶିଷଙ୍କୁ ସମିତିରୁ ବହିଷ୍କୃତ କରିଥିଲେ। ଏହି ପତ୍ରରେ କୌଣସି ଲେଟର ନମ୍ବର, ସମିତିର ଗୋଲ୍ ଷ୍ଟାମ୍ପ ବ୍ୟବହାର ହୋଇ ନ ଥିଲା। ପୂର୍ବରୁ କୌଣସି ନୋଟିସ ମଧ ଦିଆଯାଇ ନ ଥିଲା। ଏହାପରେ ଆଶିଷ ଡିଆରସିଏସ୍ ଓ ଏଆରସିଏସ୍‌ଙ୍କୁ ଲିଖିତ ଭାବେ ଜଣାଇଥିଲେ। ଡିଆରସିଏସ୍ ଓ ଏଆସିଏସ୍ ସଭାପତିଙ୍କୁ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ ପାଳନ କରିବା ସହିତ ବହିଷ୍କୃତ ପତ୍ରକୁ ପ୍ରତ୍ୟାଖ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ସଭାପତି ଆଶିଷଙ୍କୁ ସ୍ପଷ୍ଟ କରିଥିଲେ ଯେ, ଆମକୁ ଅର୍ଥରାଶି ଦେଲେ ତୁମର ଚାକିରି ସ୍ଥାୟୀ କରିଦେବୁ,



ନଚେତ୍ କୌଣସି ନ୍ୟାୟାଳୟ, ଡିଆରସିଏସ୍ ଓ ଏଆରସିଏସ୍‌ଙ୍କ ଅର୍ଡରକୁ ମାନିବୁ ନାହିଁ କହିଥିବା ଅଭିଯୋଗ ହୋଇଛି। ଏ ଘଟଣାରେ ସମବାୟ ସମିତିରେ ଦୁର୍ନୀତି, ଧମକ ଓ ନ୍ୟାୟାଳୟ ନିର୍ଦ୍ଦେଶ ଅବମାନନା ଅଭିଯୋଗ ସ୍ପଷ୍ଟ ହୋଇଛି। ଏହାକୁ ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଚାଲିଛି। ଆଗାମୀ ଦିନରେ ନ୍ୟାୟାଳୟ ଓ ପ୍ରଶାସନ କିପରି ପଦକ୍ଷେପ ନେବେ, ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ରହିଛି।





# ଆଗକୁ ନୂଆବର୍ଷ; ଯେଣେ ଚାହିଁଲେ ତେଣେ ଫୁଲ

ଭୁବନେଶ୍ୱର, ୨୯।୧୨(ସମିସ):ଆଉ ମାତ୍ର ୨ଦିନ ପରେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରାଯିବ। ଏଥିପାଇଁ ସମସ୍ତଙ୍କ ଭିତରେ ନୂଆ ଆଶା, ଉଦ୍ଦୀପନା ଭରି ରହିଛି। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଏହି ଦିନରେ ଅଧିକାଂଶ ଲୋକେ ଫୁଲ ଦେଇ ନୂଆବର୍ଷର ଶୁଭେଚ୍ଛା ଜଣାଇଥାନ୍ତି। କିଏ ଗୋଲାପଟିଏ ଦେଇ ଶୁଭେଚ୍ଛା ଜଣାଇଥାଏ ତ ଆଉ କେହି ଫୁଲ ତୋଡ଼ା ଦେଇଥାଏ। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ରାଜଧାନୀର ଫୁଲ ବଜାର ହୋଇ ଉଠିଛି ଚଳଚଞ୍ଚଳ। ରାସ୍ତା କଡ଼ରେ ଦେଖିବାକୁ ମିଳୁଛି ରଙ୍ଗବେରଙ୍ଗ ଫୁଲର ସମ୍ଭାର। ସହରର ବିଭିନ୍ନ ଫୁଲ ଦୋକାନରେ ଭଳି କି ଭଳି ଫୁଲ ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ସାଧାରଣତଃ ପ୍ରତିଦିନ ବିଭିନ୍ନ ଫୁଲ ରାଜ୍ୟ ବାହାରୁ ଆମଦାନୀ ହେଉଥିବା ବେଳେ ନୂଆବର୍ଷରେ ବିଦେଶୀ ଫୁଲର ଅଧିକ ଚାହିଦା ରହିଛି।

ଚଳିତ ବର୍ଷ ନୂଆବର୍ଷ ଉପଲକ୍ଷେ କୋଲକାତା, ବେଙ୍ଗାଲୁରୁ, ପୁନେ ଏବଂ ଥାଇଲାଣ୍ଡରୁ ରଙ୍ଗବେରଙ୍ଗର ଆକର୍ଷଣୀୟ ଫୁଲ ଆଣିଛନ୍ତି ବ୍ୟବସାୟୀ। ତେବେ ବିଶେଷ ଚାହିଦାରେ ଏବେ ବିଦେଶୀ ଫୁଲ। ଅର୍କିଡ୍, ଆନ୍‌ଥୋରିୟମ୍, କାନେଶାନ୍, କିସାନ୍ତିବାର, ନାଲି,



କମଳା, ହଳଦିଆ, ଗୋଲାପି ରଙ୍ଗର ଗୋଲାପ, ଆଷ୍ଟ୍ରାଣ୍ଟିଆ, ଅଲିୟମ୍, ଆଷ୍ଟ୍ରର, କୋନ୍ ଫ୍ଲାଉଆର୍ ଆଦି ଫୁଲ ବିଦେଶୀ ଫୁଲ ପ୍ରତି ଗ୍ରାହକ ଅଧିକ ଆକର୍ଷିତ ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ତେବେ ଅର୍କିଡ୍ ଫୁଲ ଥାଇଲାଣ୍ଡରୁ ଆସୁଥିବା ବେଳେ ଭଳିକି ଭଳି ପତ୍ର ଯଥା; ଏରିକା, ସୋନାବିଣ୍ଡା, ପାରକ୍ ଆଦି ଅମାଦାନୀ କରାଯାଉଛି। ଏହି ପତ୍ରଗୁଡ଼ିକ ଫୁଲ ତୋଡ଼ା ତିଆରିରେ ବ୍ୟବହାର ହୋଇଥାଏ। ନୂଆବର୍ଷରେ କିଏ ନିଜ ଘର ସଜାଇବାକୁ ଫୁଲ କିଣିଥାନ୍ତି ତ ବିଭିନ୍ନ କର୍ପୋରେଟ୍ କାର୍ଯ୍ୟାଳୟ ଗୁଡ଼ିକ ସଜାଇବାରେ ଏହି ଫୁଲ ବ୍ୟବହାର ହୋଇଥାଏ। ବିଭିନ୍ନ ପ୍ରକାର ଫୁଲ ମଧ୍ୟରୁ ଗୋଲାପ ତୋଡ଼ା ଉପହାର ସ୍ୱରୂପ ଦେବାକୁ ଅଧିକ ଗ୍ରାହକ ପସନ୍ଦ କରୁଥିବାରୁ ଏଥର ବଜାରରେ ନାଲି, ହଳଦିଆ, ଗୋଲାପି, ଫିକା, ଗାଢ଼ ଗୋଲାପି, ଧଳା ଆଦି ରଙ୍ଗର ଗୋଲାପ ରହିଛି। ଏହାସହିତ ଲିଲିୟମ୍, ଅରକିଡ୍, କ୍ୟାକସନ୍, ଡେଜି, ଜରଗରା, ଗ୍ଲାଡି ଆଦି ଫୁଲ ମଧ୍ୟ ନୂଆବର୍ଷରେ ଭଲ ବିକ୍ରି ହେବ ବୋଲି ଏଜି ଛକସ୍ଥିତ ପୁଷ୍ପଭଣ୍ଡାର ଦୋକାନୀ ରଶ୍ମିରଞ୍ଜନ ସାମଲ କହିଛନ୍ତି। ତେବେ ବେଙ୍ଗାଲୁର ଗୋଲାପର ଦାମ୍ ଗୋଟାକ ୧୫ରୁ୨୦ ଟଙ୍କା ରହିଥିବା ବେଳେ ଲିଲିୟମ୍ ୧୦୦ଟଙ୍କା, ଅର୍କିଡ୍ ୩୦ଟଙ୍କା, କ୍ୟାକସନ୍ ୩୦ଟଙ୍କା, ଡେଜି ୨୫ଟଙ୍କା, ଗ୍ଲାଡ଼ି ୧୦ଟଙ୍କା ରହିଛି। ସେହିପରି ଫୁଲ ତୋଡ଼ାର ଦାମ୍ ୧୦୦ଟଙ୍କାରୁ ଆରମ୍ଭ ହୋଇ ଯେତେ ପରିମାଣର ଫୁଲ ବ୍ୟବହାର ହେବ ସେହି ଅନୁସାର ଦର ରହିଥିବା ବ୍ୟବସାୟୀ କହିଛନ୍ତି। ଏହି ତୋଡ଼ା ଗୁଡ଼ିକ ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ସତେଜ ରହୁଥିବାରୁ ଏବେଠାରୁ ଗ୍ରାହକମାନେ କିଣି ନେଉଥିବା ଦେଖିବାକୁ ମିଳିଛି।

● ରାଜ୍ୟ ସଂଗ୍ରହାଳୟ ପ୍ରତିଷ୍ଠା ଦିବସ

## ଭକ୍ତକବିଙ୍କ ବ୍ୟବହୃତ ସାମଗ୍ରୀର ସ୍ୱତନ୍ତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୧୨(ସମିସ): ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପରେ ଭକ୍ତକବି ମଧୁସୂଦନ ରାଓଙ୍କ ବ୍ୟବହୃତ ସାମଗ୍ରୀକୁ ନେଇ ଆୟୋଜିତ ସ୍ୱତନ୍ତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀ କକ୍ଷରେ ଭକ୍ତିକବିଙ୍କ ହାତଲେଖା ଦସ୍ତାବିଜ, ଭକ୍ତକବି ରାୟବାହାଦୂର ପ୍ରମାଣପତ୍ର, ଭକ୍ତକବିଙ୍କ ବ୍ୟବହୃତ ଆସନ, କାଠମାଣ, ବାଉଁଶିଆ, ପିତ୍ତଳ ବାକ୍ସ, ଦୁଆତ, ପରିବାରବର୍ଗଙ୍କ ଫଟୋଚିତ୍ର, ସୁଖବୋଧ ଅଭିଧାନ ଚୁକ୍ତି ସ୍ମାରକୀ, ବିଦ୍ୟାଳୟ ପରିଚାଳନା ବାବଦରେ ମଧୁବାବୁଙ୍କ ହାତଲେଖା ଆଦିକୁ ସ୍ଥାନିତ କରାଯାଇଥିଲା। ଏହି ଅବସରରେ 'ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ' ଏବଂ 'ଓଡ଼ିଆ ଅଭିଲେଖ ସଂକଳନ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆୟକର ବିଭାଗର ପ୍ରାକ୍ତନ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଜାତୀୟ ସ୍ମାରକୀ ସଂସ୍ଥାର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ସଂଗ୍ରହାଳୟର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ଦର୍ଶକମାନଙ୍କ ପ୍ରବେଶ ଟିକେଟ ଫି ଛାଡ଼ କରାଯାଇଥିଲା।

## ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର



ଭୁବନେଶ୍ୱର, ୨୯।୧୨(ସମିସ): ଭାରତୀୟ ବିଦ୍ୟାଭବନର ସଭାଗୃହରେ ଡା. ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ 'ବନ୍ଦେ ମାତରମ୍ : କିଛି ଜଣା କିଛି ଅଜଣା' ଶୀର୍ଷକ ଆଲୋଚନାଚକ୍ର ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୀତିଦିନ ସମ୍ପାଦକ ମନୋଜ କୁମାର ମହାପାତ୍ର, ମୁଖ୍ୟବକ୍ତା ଅସିତ ମହାନ୍ତି, ନାଇଜରର ପ୍ରାକ୍ତନ କୁଳସଚିବ ଡ. ଅଭୟ କୁମାର ନାୟକ, କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରାକ୍ତନ ପ୍ରୋଗ୍ରାମ ଅଫିସର ଡ. ମିହିର କୁମାର ସାହୁ, ଅନୁବାଦକ ମିହିର କୁମାର ପଟ୍ଟନାୟକ ଓ ବାବାଜୀ ଚରଣ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ମତବ୍ୟକ୍ତ କରିଥିଲେ। ମୁକ୍ତ ଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଦୁଃଶାସନ ସାହୁଙ୍କୁ ମିଳିଲା ଆର୍ଥିକ ସହାୟତା



ଭୁବନେଶ୍ୱର, ୨୯।୧୨(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଗୁଆଡିଆ ଗ୍ରାମର ଦୁଃଶାସନ ସାହୁଙ୍କୁ ବଦାନ୍ୟ ବ୍ୟକ୍ତିମାନେ ଆର୍ଥିକ ସହଯୋଗର ହାତ ବଢ଼ାଇଛନ୍ତି। ଦୁଃଶାସନ ଦୀର୍ଘ ଦିନ ହେବ ଯକୃତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏବେବି ତାଙ୍କର ସପ୍ତାହରେ ୩ ଥର ଡାଇଲିଶିସ୍ କରାଯାଉଛି। ଏଥିପାଇଁ ପ୍ରଚୁର ପରିମାଣର ଅର୍ଥର ଆଶ୍ୟକତା ରହିଛି। ଏନେଇ ଗତ କିଛି ଦିନ ତଳେ ଖବର କାଗଜରେ ପ୍ରକାଶିକ ସମ୍ବାଦ ପଢ଼ି ଆଜି ରୋଟାରିଆନ୍ ରବୀନ୍ଦ୍ର ନାଥ ସାହୁ, ବିଏମସି କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ, ସୁଧୀର ରଞ୍ଜନ ସାମନ୍ତରାୟ, ଶଶଧର ବେହେରା, ରୋଟାରୀଆନ୍ ଅଭିଳାଷ ପତି ପ୍ରମୁଖ ଦୁଃଶାସନଙ୍କୁ ୨୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଏହାସହ ତାଙ୍କ ପରିବାବର୍ଗକୁ ଦୁଇମାସ ପାଇଁ ତେଜରାତି ସାମଗ୍ରୀ ଯୋଗଦେଇଛନ୍ତି। ଏଭଳି ମହତ କାର୍ଯ୍ୟପାଇଁ ସେଠାକାର ଗ୍ରାମବାସି ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଫେସର୍ ରଘୁନାଥ ପଣ୍ଡାଙ୍କୁ 'ବେଦ-ବିଦ୍ୟା-ଭାସ୍କର'

ଭୁବନେଶ୍ୱର, ୨୯।୧୨(ସମିସ): ସୃଜନୀ ପରିବାର ଆନୁକୂଲ୍ୟରେ ସ୍ଥାନୀୟ କେନ୍ଦ୍ରୀୟ ଅଭିଲେଖଗାର ସମ୍ମିଳନୀ ଗୃହରେ ପ୍ରବାସୀ ଓଡ଼ିଆଙ୍କ ସୃଜନୀ ସୁହୃଦ୍ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆବାହିକା ଡ. ବାସନ୍ତୀ ମହାନ୍ତି, ସୃଜନୀର ମୁଖ୍ୟ ଉପଦେଷ୍ଟା ଆଶୁତୋଷ ସାମନ୍ତ ସିଂହାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତଥା ଭାରତର ଅନ୍ୟ ଦେଶରେ ବାସ କରୁଥିବା ପ୍ରବାସୀ ସାହିତ୍ୟିକମାନେ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ପ୍ରବାସୀ ସାହିତ୍ୟ ସଙ୍ଗମ ସହ 'ଓଡ଼ିଆ ଜାତିର ପ୍ରଗତି କ୍ଷେତ୍ରରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ ସାହିତ୍ୟ ର ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର୍ ଡ. ରଘୁନାଥ ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସଂସ୍କୃତି ଗବେଷକ ଡ. ଧରଣୀଧର ନାଥ, ଦର୍ଶନଶାସ୍ତ୍ର ବିଶାରଦ ପ୍ରଫେସର୍ ଗୋଦାବରୀଶ ମିଶ୍ର, ଜାତୀୟ ଅଭିଲେଖାଗାରର ସହ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡ. ରଘୁନାଥ ପଣ୍ଡାଙ୍କୁ 'ବେଦ-ବିଦ୍ୟା-ଭାସ୍କର' ଉପାଧିରେ ବିଭୂଷିତ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଡ. କମଳାକୃଷ୍ଣ ତ୍ରିପାଠୀଙ୍କ କବିତା ସଂକଳନ 'ଅଧା ଆକାଶ ଅଧା ପୃଥିବୀ', ସ୍ୱର୍ଗତ ଡ. ରମେଶ ମହାନ୍ତିଙ୍କ କବିତା ସଂକଳନ 'ବିଳମ୍ବିତ ଅନ୍ତର୍ଦାହ' ଉନ୍ମୋଚନ କରାଯାଇଥିଲା। ଅଧ୍ୟାପିକା ଶର୍ମିଷ୍ଠା ମହାପାତ୍ର ସଂଯୋଜନା କରିଥିବା ବେଳେ ସୃଜନୀର ସମ୍ପାଦକ ଅଶୋକ ସାମନ୍ତ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ବିଘ୍ନେଶ୍ୱର ସାହୁ ପରିଚାଳନା କରିଥିଲେ।



## ଶ୍ରୀଜଗନ୍ନାଥ କଥାଲହରୀ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୯।୧୨(ସମିସ): ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ କଥାଲହରୀର ୩୩ ତମ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ମଧୁମିତା ବିଶ୍ୱାଳ, ଓ ଅରବିନ୍ଦ ଦାସଙ୍କର ଭଜନ ପରିବେଷଣ ସହିତ କୀର୍ତ୍ତନ, ପ୍ରଦୀପ ପ୍ରଜ୍ଜ୍ୱଳନ ତଥା ସମୂହ ଶ୍ରୀଜଗନ୍ନାଥ ସ୍ତୁତି ପାଠ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡା. ରବିନାରାୟଣ ସାମନ୍ତ ସ୍ୱାଗତ ଭାଷଣ ଓ ପ୍ରବାଚକ ଚାରଣ ପଣ୍ଡିତ ପାର୍ଥ ସାରଥୀ ମହାନ୍ତି ପୌଶ ମାସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକୀ ସଂସ୍କରଣ ଆଧ୍ୟାତ୍ମିକ ପତ୍ରିକା ଶ୍ରୀଜଗନ୍ନାଥ ଲୀଳାମାଧୁରୀର ଦେବାର୍ପଣ ସହିତ ପଣ୍ଡିତ ଦେବେନ୍ଦ୍ର ଦାଶ ମହାପ୍ରଭୁଙ୍କର ଶୟନ ଆରତୀ କରାଇଥିଲେ। ନୂତନ ସଭ୍ୟ ଭାବରେ ଶର୍ମିଳା ସିଂ, ଉପେନ୍ଦ୍ର ନାଥ ପଣ୍ଡା, ଓ ଉର୍ମିଳା ରଥଙ୍କୁ ସ୍ୱାଗତ କରାଯାଇଥିଲା।

## ମାଟିଭାଷାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ



ଭୁବନେଶ୍ୱର, ୨୯।୧୨(ସମିସ): ପାକ୍ଷିତ ସମ୍ବାଦପତ୍ର ମାଟିଭାଷା ପକ୍ଷରୁ ଭୁବନେଶ୍ୱରର ଗୀତଗୋବିନ୍ଦ ସଦନରେ ଏହାର ଦଶମ ସ୍ୱନକ୍ଷତ୍ର ଉତ୍ସବ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଯାମିନୀକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲଚନ୍ଦ୍ର ଘଡ଼ାଇ ଯୋଗ ଦେଇ ଗଣମାଧ୍ୟମ ବିଭିନ୍ନ ସମୟରେ ସଂକଟଜନକ ପରିସ୍ଥିତି ଦେଇ ଗତି କରିଥିବା କହିଥିଲେ। ଅପରପକ୍ଷେ ବିଜେଡି ସରକାର ସମୟରେ ରାଜ୍ୟକୁ କିଭଳି ଆର୍ଥିକ ସ୍ୱାବଲମ୍ବୀ ରାଜ୍ୟ କରାଯାଇଥିଲା ସେ ନେଇ ନିଜର ମତ ଉପସ୍ଥାପନ କରିଥିଲେ। ବିପ୍ଳବୀ ଗଣକବି ମନମୋହନ ମିଶ୍ରଙ୍କ ନାମରେ ଉତ୍ସର୍ଗୀକୃତ ମଞ୍ଚରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଡ. ପ୍ରତିଭା ମହାରଥି ଯୋଗ ଦେଇ ଭଲ କାମ କଲେ କିଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଏବଂ ଶେଷରେ ଭଲ କାମର ହିଁ ଜୟ ଘଟିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜ ସଂସ୍କାରକ ଡ. ଅପରାଜିତା ସେନାପତି ମିଶ୍ର, ଶିକ୍ଷାବିତ୍ ମଧୁବ୍ରତା ମହାନ୍ତି, ଆମେରିକାର ବୋଷ୍ଟନ୍‌ରୁ ଆସିଥିବା ଓଡ଼ିଆ କବି ବିଜୟା ପରିଡ଼ା, କବି ମନୋରଞ୍ଜନ ସାହୁ ଓ ମାଟିଭାଷାର ସମ୍ପାଦକ ଜେନାମଣି ଦିଲୀପ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମେ ଏକ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। କବିମାନେ ସ୍ୱରଚିତ କବିତା ପାଠ କରିଥିବା ବେଳେ ମାଟିଭାଷା ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ସେହିଭଳି ରାଜ୍ୟର ବରିଷ୍ଠ ସମାଜସେବୀ, ସାହିତ୍ୟିକ ଏବଂ ଶିକ୍ଷାବିତ୍‌ଙ୍କ ମାଟିଭାଷା ସମ୍ମାନରେ ସମ୍ମାନୀତ କରାଯାଇଥିଲା।

## ପୂର୍ବତନ ବାଚସ୍ପତି ସତ୍ୟପ୍ରିୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ



ବାଲିଅନ୍ତା, ୨୯ ।୧୨(ସମିସ): ଓଡ଼ିଶା ବିଧାନ ସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ତାଙ୍କର ଜନ୍ମମାଟି ବାଲକାଟିରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ, ଆଇନଜୀବୀ ଉପେନ୍ଦ୍ର କୁମାର ସାମନ୍ତରାୟ, ରବୀନ୍ଦ୍ର ବାରିକ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅବସରପ୍ରାପ୍ତ ସଚିବ ଲକ୍ଷ୍ମୀଧର ବେହେରା, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ସାମ୍ବାଦିକ ଅଜିତ ଶତପଥୀ, ବସନ୍ତ ସାହୁ, କପିଳ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ସତ୍ୟପ୍ରିୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏନେଇ ସ୍ୱସ୍ଥିକ କନଭେନସନ ସଭାକକ୍ଷରେ ଆୟୋଜିତ ସଭାରେ ସତ୍ୟପ୍ରିୟଙ୍କ ନାତି ସମାଜସେବୀ ସୁବ୍ରତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଗିରିଧାରୀ ସାହୁ, ବିଜୟ ସାହୁ, ନାରାୟଣ ସାହୁ, ରବି ନାରାୟଣ ପାତ୍ର, କାହ୍ନୁ ଦାସ, ସୋମନାଥ ବେହେରା, ସୁଜିତ ବେହେରା ଇଞ୍ଜିନିୟର ପ୍ରବାସ ବାରିକ ଓ ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଅକ୍ଷୟଙ୍କୁ ହ୍ୱିଲ ଚେୟାର ପ୍ରଦାନ

ହଂସପାଳ, ୨୯।୧୨(ସମିସ): ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତ ପରିସରରେ ଅଭିଯୋଗ ଶୁଣାଣି ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଅଭିଯୋଗ ଶୁଣାଣିରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ



ମଧ୍ୟରେ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ତହସିଲଦାର ଲିଳନ ପ୍ରସାଦ ସାହୁ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ୧୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ ଭୋଇଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୮୯ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୩୭ଟି, ଭତ୍ତା ସମ୍ବନ୍ଧୀୟ ୨୨ଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୪ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୩୫ଟି ଅଭିଯୋଗ ହସ୍ତଗତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ଦ୍ୱାରା ଅନନ୍ତପୁର ଗ୍ରାମର ୫୩ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ଅକ୍ଷୟ ସାମଲଙ୍କୁ ହ୍ୱିଲ ଚେୟାର ପ୍ରଦାନ କରଯାଇଥିଲା।

## କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ନାଟକ ଆଲୋଚନାଚକ୍ର



ଭୁବନଶ୍ୱେର, ୨୯ ।୧୨(ସମିସ): ଆମେ ବଞ୍ଚିଛୁ ନାଟ୍ୟସଂସ୍ଥା ଦ୍ୱାରା କେଦାରନାଥ ଗବେଷଣା ପ୍ରତିଷ୍ଠାନ ଠାରେ ବର୍ଷଶେଷ ନାଟକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ପଚାଶ ଜଣ ନାଟ୍ୟକାର ନିର୍ଦ୍ଦେଶକ ସଂଗଠକ ନାଟ୍ୟପ୍ରେମୀ ଯୋଗଦେଇ ନାଟକର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଏଥିସହ ଦର୍ଶକର ରୁଚି ଉପରେ ଲେଖା ଯାଉଥିବା ନାଟକ ଦର୍ଶକକୁ ନେଇପାରିବ ବୋଲି ଆଲୋଚନା ହୋଇଥିଲା। ଏହାକୁ ରଘୁନାଥ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ମୁକୁନ୍ଦ ଶତପଥୀ କର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏଥିରେ ଲାଲା ବିରେନ ରାୟ, ଧୀର ମାଲିକ, ପ୍ରଦୀପ ବିଶ୍ୱାଳ, ନାଟ୍ୟକାର ସରୋଜ ମିଶ୍ର, ଫକୀର ସିଂହ, ଲଲଟେନ୍ଦୁ ରଥ, ସତ୍ୟଜେନା, ନରେନ୍ଦ୍ର ମିଶ୍ର, ଗବେଷକ ରମେଶ ପାଣି ପ୍ରମୁଖ ଭାଗ ନେଇଥିଲେ। କେଦାର ନାଥ ଗବେଷଣା ପ୍ରତିଷ୍ଠାନର ଅଲେଖ ନନ୍ଦୀ, ବିନୋଦିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଭଜକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସୈନିକ ସ୍କୁଲ୍ ପୁରାତନ ଛାତ୍ର ସଂଘର ବୈଠକ



ଭୁବନେଶ୍ୱର, ୨୯।୧୨(ସମିସ): ସୈନିକ ସ୍କୁଲ ଭୁବନେଶ୍ୱରର ପୁରାତନ ଛାତ୍ର ସଂସଦର ୫୪ ତମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୁରାତନ ଛାତ୍ର ଲେ. ଜେନେରାଲ ଜୟନ୍ତ କୁମାର ମହାନ୍ତି ସମସ୍ତ କର୍ମଚାରୀ, କ୍ୟାଡେଟ୍ ଓ ଛାତ୍ର ସଂସଦର ଉପସ୍ଥିତିରେ ସହିଦ ପାର୍କଠାରେ ପୁଷ୍ପମାଲ୍ୟ ପ୍ରଦାନ କରି ସ୍କୁଲର ୧୭ଜଣ ସହିଦଙ୍କୁ ସମ୍ମାନ ଜଣାଇଥିଲେ। ଏହାପରେ ବିଜୁପାର୍କଠାରେ ୧୯୭୫ ବ୍ୟାଚ୍‌ର ଛାତ୍ର ସ୍ୱର୍ଣ୍ଣଜୟନ୍ତୀ ଓ ୨୦୦୦ ମସିହା ବ୍ୟାଚ୍ ରୌପ୍ୟ ଜୟନ୍ତୀ ପାଳନ କରିବା ସହ ସ୍କୁଲରେ ତାଙ୍କୁ ଶିକ୍ଷାଦାନ କରିଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିଲେ। ଏହାସହ ପୁରାତନ ଛାତ୍ରଙ୍କ ଉଦ୍ୟମରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରିକ୍ଷଣ ଓ ରକ୍ତଦାନ ଶିବିର, ବ୍ୟବସାୟିକ ଓ ସ୍ୱାସ୍ଥ୍ୟ ଜନିତ ଷ୍ଟଲ, ବର୍ତ୍ତମାନର କ୍ୟାଡେଟ୍ ଓ ପୁରରାତନ ଛାତ୍ରଙ୍କ ମଧ୍ୟରେ ବାସ୍କେଟ୍ ବଲ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୁରାତନ ଛାତ୍ର ସଂସଦର ସଭାପତି ତଥା ଆଇଏଏସ୍ ମଧୁ ସୂଦନ ପାଢ଼ୀ, କମାଣ୍ଡର ଦିନେଶ ସ୍ୱାଇଁ, କୋଷାଧ୍ୟକ୍ଷ କର୍ଣ୍ଣଲ ସୌରେନ୍ଦ୍ର କୁମାର ମହାପାତ୍ର, ଉପସମ୍ପାଦକ ଅମୃତ କୁମାର ପୃଷ୍ଟି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହ ସହ ସ୍କୁଲର ପ୍ରିନ୍ସିପାଲ୍ କର୍ଣ୍ଣଲ ପଙ୍କଜ କୁମାର, ଭାଇସ୍ ପ୍ରିନ୍ସିପାଲ କମାଣ୍ଡର ମନୋରମା ପୋଖରିଆ, ପ୍ରଶାସନିକ ଅଧିକାରୀ ଲେ. କର୍ଣ୍ଣଲ ପ୍ରୀତମ ଗଜାନନ କାମ୍ବଲେ ଉପସ୍ଥିତ ଥିଲେ।

ଆମ ରାଜଧାନୀ ଆମ ଐତିହ୍ୟ

## ତ୍ରୟୋଦଶ ଶତାବ୍ଦୀର 'ଡାକରା ବିଭୀଷଣେଶ୍ୱର ମନ୍ଦିର'

ଭୁବନେଶ୍ୱର, ୨୯।୧୨(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ ଭୁବନେଶ୍ୱର। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଯାହା ବର୍ତ୍ତମାନ ପିଢ଼ି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ। ସେହି ଐତିହ୍ୟ କୀର୍ତ୍ତିରାଜି ମଧ୍ୟରୁ ଅନ୍ୟତମ ହେଉଛି ଡାକରା ବିଭୀଷଣେଶ୍ୱର ମନ୍ଦିର।

ଲିଙ୍ଗରାଜ ମନ୍ଦିରର ପୂର୍ବଦ୍ୱାରଠାରୁ ଅଳ୍ପ ଦୂରରେ ରହିଛି ଡାକରା ବିଭୀଷଣେଶ୍ୱର ମନ୍ଦିର। ତ୍ରୟୋଦଶ ଶତାବ୍ଦୀରେ ଏହା ନିର୍ମିତ ହୋଇଥିବା ବିଶ୍ୱାସ କରାଯାଏ। ଲୋକ ବିଶ୍ୱାସ ଅନୁଯାୟୀ ଏହା ଅସୁର ରାଜା ରାବଣଙ୍କ ଭାଇ ବିଭୀଷଣଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା।



ଡାକରା ଶବ୍ଦର ଅର୍ଥ ଡାକିବା। ଏହି ମନ୍ଦିରର ଦେବତା ପ୍ରଭୁ ଲିଙ୍ଗରାଜଙ୍କ ଦୂତ ବୋଲି ବିଶ୍ୱାସ କରାଯାଏ। ଏହି ମନ୍ଦିରଟି ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ୧୯୭୦ ମସିହାରେ ଐତିହାସିକ କେଦାରନାଥ ମହାପାତ୍ରଙ୍କ ପର୍ଯ୍ୟବେକ୍ଷଣରେ ପୁନଃରୁଦ୍ଧାର କରାଯାଇଥିଲା। ଏଠାରେ ପ୍ରଭୁ ଶିବଙ୍କୁ ପୂଜା କରାଯାଇଥାଏ। କୁହାଯାଏ ଏଠାରେ ପୂଜା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ବିଶେଷକରି ମହିଳାମାନେ ଏଠାରେ ନିଜ ସନ୍ତାନଙ୍କ ଶୁଭ ମନାସିଥାନ୍ତି। ଏହି ମନ୍ଦିର ପଞ୍ଚରଥ ଶୈଳୀରେ ନିର୍ମିତ। ଏହାର ପାର୍ଶ୍ୱ ଦେବାଦେବୀ ଭାବେ ଗଣେଶ, ପାର୍ବତୀ ଏବଂ କାର୍ତ୍ତିକ ପୂଜା ପାନ୍ତି। କୁହାଯାଏ ବିମାନରେ କିଛି କାମୁକ ମୂର୍ତ୍ତି ରହିଛି। ପ୍ରତି ମନ୍ଦିରର ଭିନ୍ନ ଇତିହାସ ଓ ମାହାତ୍ମ୍ୟ ରହିଥାଏ। ସେହିଭଳି ଡାକରା ବିଭୀଷଣେଶ୍ୱର ମନ୍ଦିରକୁ ନେଇ ମଧ୍ୟ ଭିନ୍ନ କାହାଣୀ ଓ ବିଶ୍ୱାସ ରହିଛି। ଏନେଇ ମନ୍ଦିର ସାମ୍ନାରେ ଫୁଲ ଓ ଦୀପ ବିକ୍ରି କରୁଥିବା ବିଜୟ କୁମାର ବେହେରା କୁହନ୍ତି ସେ ଦୀର୍ଘ ୪୮ ବର୍ଷ ହେବ ମନ୍ଦିର ସହ ପରିଚିତ। ଯେତେବେଳେ ବଣ, ଜଙ୍ଗଲ ହୋଇରହିଥିଲା, ସେ ସମୟରୁ ଦେଖି ଆସୁଛନ୍ତି। ଜଙ୍ଗଲ ଭିତରେ ବଡ ବଡ ଉଇ ହୁଙ୍କା ଡରରେ ମନ୍ଦିର ନିକଟକୁ ବି ଯିବାକୁ ଲୋକ ଡରୁଥିଲେ। ପରବର୍ତ୍ତୀ ସମୟରେ ମନ୍ଦିରର ପୁନଃରୁଦ୍ଧାର କରାଗଲା। ନିଜ ଅନୁଭୂତି ସମ୍ପର୍କରେ ସେ କହିଥିଲେ କି ଅନେକ ବର୍ଷ ପରେ ଏଠାରେ ପୂଜା କରି ସନ୍ତାନଟିଏ ପାଇଥିଲେ ଏବଂ ବିପଦ ବେଳେ ବିଭୀଷଣେଶ୍ୱର ସବୁବେଳେ ସମସ୍ତଙ୍କୁ ସାହା ହୁଅନ୍ତି।

### ଏବେ କେମିତି ରହିଛି

ମନ୍ଦିରର ପୁନଃରୁଦ୍ଧାର ପରେ ମରମତି ହୋଇଥିଲେ ହେଁ ସମୟଅନ୍ତରାଳେ ଏହା ପୁନଃମରାମତି ଆବଶ୍ୟକ କରୁଛି। ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିରର ବାହାର ପାର୍ଶ୍ୱରେ ଗଛଲତା ମାଡିଲେଣି। ସେହିପରି ପରିସର ମଧ୍ୟରେ ଅଳିଆ ଆବର୍ଜନା ପଡ଼ିଥିବାବେଳେ ସେଥିପ୍ରତି କାହାରି ନଜର ଯାଉନାହିଁ। ଅନ୍ୟପଟେ ମନ୍ଦିରର ପ୍ରବେଶ ପୂର୍ବରୁ ଶ୍ରଦ୍ଧାଳୁଙ୍କ ହାତ ଓ ପାଦ ଧୋଇବା ପାଇଁ ଥିବା ପାଣି ଟ୍ୟାପ ଅନେକ ସମୟରେ ଅଚଳ ହୋଇ ପଡୁଛି।

ଝୁରୁଛି ଗାଁ, ଜଳୁଛି ଜୁଇ

# ପୁଅ ବୋହୂଙ୍କୁ ହରାଇ ଭାଙ୍ଗି ପଡ଼ିଛି ପରିବାର

**ଦେବଗଡ଼, ୨୯।୧୨ (ସମିସ):** କୁଣ୍ଢେଇଗୋଲା ଥାନାଞ୍ଚଳରେ ପାରିବାରିକ କଳହରୁ କୀଟନାଶକ ଖାଇ ସ୍ୱାମୀ ସ୍ତ୍ରୀଙ୍କ ଆତ୍ମହତ୍ୟା ସହ ୪ ବର୍ଷୀୟ ଶିଶୁପୁତ୍ରକୁ ହତ୍ୟା ଉଦ୍ୟମ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଛି। ସୋମବାର ଗାଁ ମଶାଣିରେ ସ୍ୱାମୀ ସ୍ତ୍ରୀଙ୍କ ଜୁଇ ଏକାଠି ଜଳିବା ପରେ ଗାଁ ଦାଣ୍ଡ କାନ୍ଦ ବୋବାଳିରେ



ଫାଟି ପଡ଼ିଥିଲା। ଅନ୍ୟ ପକ୍ଷରେ ବିଷ ପ୍ରତିକ୍ରିୟାରେ ଗୁରୁତର ଥିବା ୫ ବର୍ଷର ଶିଶୁପୁତ୍ର ଏବେ ମଧ୍ୟ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛି। ସ୍ୱାମୀ ଓ ସ୍ତ୍ରୀଙ୍କ କଳହର ଏଭଳି କରୁଣ ପରିଣତି ସମସ୍ତଙ୍କୁ ମୂକ କରିଛି। ପୁଅ, ବୋହୂକୁ ହରାଇ ଦୁଷ୍ମନ୍ତଙ୍କ ପରିବାର ଭାଙ୍ଗି ପଡ଼ିଛି।

କୁଣ୍ଢେଇଗୋଲା ଥାନା ଜିଅନ୍ତା ପାଲୀର ସୌଭାଗ୍ୟ ମାଝୀଙ୍କ ପୁଅ ଦୁଷ୍ମନ୍ତ ମାଝୀ ତାଙ୍କ ସ୍ତ୍ରୀ ରିଙ୍କୀ ମାଝୀ ଏବଂ ୪ ବର୍ଷର ପୁଅ ରିଷି ମାଝୀ ସହିତ କିଛି ଦିନ ପୂର୍ବେ ଝରାବେର୍ଣ୍ଣି ଗାଁ ସ୍ଥିତ ନିଜ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ପାରିବାରିକ ଭୋଜି କରିବା ସହିତ ଶନିବାର ସନ୍ଧ୍ୟାରେ ଦୁଷ୍ମନ୍ତ ନିଜ ସ୍ତ୍ରୀ ଓ ପୁଅକୁ ଧରି ନିଜ ବାଇକ ଯୋଗେ ଘରକୁ ଫେରୁଥିଲେ। ମାତ୍ର କୌଣସି କାରଣରୁ ସ୍ୱାମୀ ସ୍ତ୍ରୀ ଘରକୁ ନ ଫେରି ବାଟରେ ଦଲକ୍ ନିକଟରେ ରାସ୍ତା କଡ଼ରୁ କିଛି ଦୂରରେ ଏକ ନିଛାଟିଆ ଜଙ୍ଗଲକୁ ଯାଇ କୀଟନାଶକ ଔଷଧ ଖାଇବା ସହ ପାଖରେ ଥିବା ଶିଶୁପୁତ୍ରକୁ ମଧ୍ୟ ଖୁଆଇଥିଲେ। ଘଟଣାସ୍ଥଳରେ ଦୁଷ୍ମନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ରିଙ୍କି ଚେତାଶୂନ୍ୟ ହୋଇ ତଳେ ପଡ଼ିଥିଲେ। ସାଙ୍ଗରେ ଥିବା ଶିଶୁପୁତ୍ରଟି ରାତି ସାରା ବାପା ମା'ଙ୍କ ପାଖରେ ଅସହାୟ ଭାବେ ପଡ଼ି ରହିଥିଲା। ସକାଳ ହେବା ପରେ ଜଙ୍ଗଲ ଭିତରୁ ରାସ୍ତାକୁ ଆସି କାନ୍ଦୁଥିବା ଥିବା ସମୟରେ ଜଣେ ଟ୍ରକ୍ ଚାଳକ ଗାଡି ଅଟକାଇ ପଚରାଉଚୁରା କରିବାରୁ ସବୁ ଘଟଣା ସାମ୍ନାକୁ ଆସିଥିଲା। ସୂଚନା ପାଇ କୁଣ୍ଢେଇଗୋଲା ଥାନା ପୁଲିସ ଘଟଣାସ୍ଥଳରୁ ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ଦୁଷ୍ମନ୍ତକୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ମା' ଓ ପୁଅକୁ ଅଧିକ ଚିକିତ୍ସା ପାଇଁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରିଙ୍କିଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଶିଶୁପୁତ୍ରକୁ ଅଧିକ ଚିକିତ୍ସା ପାଇଁ କଟକ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଶିଶୁପୁତ୍ରକୁ ଆଜି ଶିଶୁଭବନ ଅଣାଯାଇଛି। ଶିଶୁ ଶରୀରରେ ବିଷକ୍ରିୟା ହୋଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଯୋଗୁଁ ତାକୁ ଏଚ୍‌ଡିୟୁରେ ରଖାଯାଇଛି। ତା'ର ଚିକିତ୍ସା ନିମନ୍ତେ ଶିଶୁଭବନ କର୍ତ୍ତୃପକ୍ଷ ଚାରିଜଣିଆ ଏକ ଡାକ୍ତରୀଦଳ ଗଠନ କରିଛନ୍ତି। ସମ୍ପୃକ୍ତ ଶିଶୁପୁତ୍ରର ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ରିପୋର୍ଟ ଆସିବା ପରେ ତଦନୁଯାୟୀ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଶିଶୁଭବନ ପକ୍ଷରୁ ସୂଚନା ଦିଆଯାଇଛି।

ଦ୍ୱିତୀୟ ଦିନରେ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା

# ଦୈବବାଣୀ ଶୁଣି କଂସ ବିଚଳିତ; ଧରାବତରଣ କଲେ କୃଷ୍ଣ

**ଇବଥର୍ମାଲ, ୨୯।୧୨(ସମିସ)**

ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ଜମିବାରେ ଲାଗିଛି। ହଜାର ହଜାର ଦର୍ଶକ ବିରାଟ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷିତ ଧନୁଯାତ୍ରାକୁ ଉପଭୋଗ କରୁଛନ୍ତି। ସୋମବାର ମହୋତ୍ସବର ଦ୍ୱିତୀୟ ଦିନରେ ମହାରାଜା କଂସ ପାତ୍ରମନ୍ତ୍ରୀଙ୍କ ସହ ଦିଗବିଜୟ କରି ଫେରିଛନ୍ତି। ଏହାପରେ କାରାଗାରରେ ଥିବା ଦେବକୀ ବସୁଦେବଙ୍କ ଖବର ବୁଝିଛନ୍ତି। ମୂଳୁ ମାଇଲେ ଯିବ ସରି ଦିଅଁଙ୍କ ସଙ୍ଗେ କିଆଁ କଳି ନୀତିରେ ଦେବକୀ ଗର୍ଭରୁ ଜନ୍ମ ହୋଇଥିବା ଗୋଟି ଗୋଟି କରି ସନ୍ତାନ ମାନଙ୍କୁ କଂସ ହତ୍ୟା କରିଛି। କାରାଗାର ଭିତରେ ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ନେବାର ଦୃଶ୍ୟ ଦର୍ଶକଙ୍କୁ ବିଭୋର କରିଛି। ପ୍ରଭୁଙ୍କ ଆଗମନରେ ଆନନ୍ଦ ଯେତିକି ଦେବକୀ ବସୁଦେବଙ୍କୁ ତାଙ୍କୁ କଂସ କବଳରୁ ବଞ୍ଚେଇ ରଖିବା ଚିନ୍ତା ବି ଘାରିଛି। ଅନ୍ୟ



ପଟେ ଗୋପପୁରରେ ନନ୍ଦ-ଯୋଶୋଦା ଘରେ ଯଶୋଦା ଗର୍ଭରୁ ଏକ କନ୍ୟା ସନ୍ତାନର ଜନ୍ମ ହୋଇଛି। ବସୁଦେବ ଯମୁନା ପାରି ହୋଇ କୃଷ୍ଣଙ୍କୁ ଲୁଚେଇ ରାତିରେ ଗୋପପୁର ଯାତ୍ରା କରିଛନ୍ତି। ନଗର ସୀମାନ୍ତରେ ବସୁଦେବ-ଉଗ୍ରସେନ ଭେଟ ହୋଇଛି। ବସୁଦେବ ଗୋପରେ କୃଷ୍ଣଙ୍କୁ ଛାଡି ଯଶୋଦା କୋଳରେ ଜନ୍ମିତ ବିଜୁଳି କନ୍ୟାକୁ ନେଇ ମଥୁରାକୁ ଫେରିଛନ୍ତି। ଫେରିବାର ପରେ ଅଷ୍ଟମ ଗର୍ଭରେ କନ୍ୟା ଜନ୍ମ ହୋଇଥିଲେ ବି କଂସ କନ୍ୟା ସନ୍ତାନକୁ ଦର୍ପଣ ଶିଳାରେ କଚାଡି ମାରିବାର ପ୍ରୟାସ କରିଛି। ହେଲେ ବିଜୁଳି କନ୍ୟା କଂସ ହାତରୁ ଖସି ଶୂନ୍ୟବାଣୀରେ ଜଣେଇଛନ୍ତି, "ତତେ ମାରିବ ଯିଏ ଗୋପରେ ବଢୁଛି ସିଏ"। ଏଭଳି ଶୂନ୍ୟବାଣୀ ଶୁଣି କଂସ ବ୍ୟସ୍ତ ବିବ୍ରତ ହୋଇଛି। ପରେ ଦୁର୍ମିଳା ରାକ୍ଷସ ସହ ମହାରାଜା କଂସର ଯୁଦ୍ଧ ଓ ଦୁର୍ମିଳା ରାକ୍ଷସ ବଧ ଆଦି ଦୃଶ୍ୟ ଅଭିନୀତ ହୋଇଛି। ଦର୍ଶକ ତଥା ରାଜ ଅତିଥି ମାନଙ୍କ ମନୋରଞ୍ଜନ ସକାଶେ ମୟୂରୀ କଳା ସାଂସ୍କୃତିକ କଳାପରିଷଦ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଯାଇଛି। ଆଜି ଦ୍ୱିତୀୟ ସଂଧ୍ୟାରେ ରାଜ ଅତିଥି ଭାବେ ଲଖନପୁର ତହସିଲଦାର ପ୍ରସନ୍ନ ପଟେଲ, ଅତିରିକ୍ତ ତହସିଲଦାର କୁଳମଣି ଦଳେଇ ରାଜଦରବାରରେ ଉପସ୍ଥିତ ଥିଲେ। ଜମିଦାର ବଂଶଜ ପ୍ରସନ୍ନ ସିଂହ ସଭାରେ ସଭାପତିତ୍ୱ କରିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିବା ବେଳେ କମିଟି ସଦସ୍ୟ ବିରଞ୍ଚି ନାରାୟଣ ପ୍ରଧାନ, ହୃଷିକେଶ ସାହୁ, ରାଜୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ ଅଫିସ୍ ଘେରିଲା ଜିଲ୍ଲା କଂଗ୍ରେସ




**ଦେବଗଡ଼, ୨୯।୧୨ (ସମିସ):** ଦେବଗଡ଼ ବିଦ୍ୟୁତ୍ କାର୍ଯ୍ୟାଳୟ ଟିପିଡବ୍ଲ୍ୟୁଓଡିଏଲ ସମ୍ମୁଖରେ ଜିଲ୍ଲା କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି। ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ନୋଟିସ୍ ପ୍ରତ୍ୟାହାର ଏବଂ ସ୍ମାର୍ଟ ମିଟର ପ୍ରତ୍ୟାହାର ଆଦି ୫ ଦଫା ଦାବିରେ ବିକ୍ଷୋଭ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ପରି ଏକ କୃଷି ବହୁଳ ଜିଲ୍ଲାରେ ଲୋକଙ୍କ ଆର୍ଥିକ ସ୍ଥିତି ଭଲ ନଥିବା ବେଳେ ଟାଟା ପାୱାର ଅତିରିକ୍ତ ସ୍ଥାୟୀ ଜମା ରାଶି ପାଇଁ ନୋଟିସ ଦେବାକୁ କଂଗ୍ରେସ ବିରୋଧ କରିଛି। ସେହିପରି ସ୍ମାର୍ଟ ମିଟର ପ୍ରତ୍ୟାହାର ୱେସ୍କୋ ସମୟର ବକେୟା ଅର୍ଥ ଛାଡ଼, ଅଯଥାରେ ଏନ୍‌ଫୋର୍ସମେଣ୍ଟ ନାଁରେ ଜୁଲୁମ ଇତ୍ୟାଦି ପ୍ରତ୍ୟାହାର ଦାବି କରି ଜିଲ୍ଲା କଂଗ୍ରେସ ପକ୍ଷରୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାହୋଇଥିଲା। କମ୍ପାନୀ ଏଥିରୁ ନିବୃତ୍ତ ନ ରହିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ଦେବଗଡ଼, ୨୯।୧୨ (ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ ଠାରେ ସୋମବାର ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାରେ ଦୁର୍ଘଟଣା ଏଡ଼ାଇବା ପାଇଁ ବିଭିନ୍ନ ସ୍ଥାନ ମାନଙ୍କରେ ସଚେତନତା ମୂଳକ ହୋର୍ଡିଂ, ସଡକ ସୁରକ୍ଷା ସଚେତନା ସୃଷ୍ଟି ପାଇଁ ଜିଲ୍ଲାରେ ସଚେତନତା ରଥ, ବିଭିନ୍ନ ସ୍ଥାନରେ ଭିଡିଓ ପ୍ରଦର୍ଶନ, ସହରର ପାର୍କିଂ ସ୍ଥାନ ଓ ବଜାରରେ ସଡକ ସୁରକ୍ଷା ବ୍ୟାନର୍, ପୋଷ୍ଟର, ଓ ବିଭିନ୍ନସ୍ଥାନ ମାନଙ୍କରେ କର୍ମଶାଳା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜଣା ଅଜଣା ଓ ପୋଷ୍ଟର ପ୍ରତିଯୋଗିତା, ନାଗରିକ ମାନଙ୍କ ମଧ୍ୟରେ ପଦଯାତ୍ରା, ଗାଡିଚାଳକ ମାନଙ୍କର ଚକ୍ଷୁ ପରୀକ୍ଷା, ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଢାବା ମାନଙ୍କରେ ମାଦକ ଦ୍ରବ୍ୟ ଯାଞ୍ଚ କରିବା, ରାସ୍ତାରେ ସାଇନେଜ୍ ଓ ବସ୍‌ଷ୍ଟାଣ୍ଡ ପାଖରେ ସୋଲାର ଲାଇଟ୍‌ର ବ୍ୟବସ୍ଥା ସହ ହେଲମେଟ ଓ ସିଟବେଲ୍ଟ ପିନ୍ଧିବା ଉପରେ ବିଶେଷ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପରଦାର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ, ଘରୋଇ ବସ୍ ମାଲିକ ସଙ୍ଘ ସମ୍ପାଦକ ପୂର୍ଣ୍ଣାନନ୍ଦ ପାଣି, ତହସିଲଦାର କର୍ଣ୍ଣ ମଲ୍ଲିକ, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ବିଭାଜନ ଅଭିଷେକ ଓଝା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଅବକାରୀ ଅଧୀକ୍ଷକ ବାସନ୍ତୀ ପ୍ରଭା ନାୟକ, ଟିପିଡବ୍ଲ୍ୟୁ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଡେପୁଟି କଲେକ୍ଟର ହେମନ୍ତ ସିଂ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂସ୍କାର ପକ୍ଷରୁ କୁମୁଦ ବନ୍ଧୁ ଶତପଥୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସଙ୍ଗୀତ ଶିକ୍ଷକ ରାହାସ ବିହାରୀ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା





**ଝାରସୁଗୁଡ଼ା, ୨୯।୧୨ (ସମିସ):** ଝାରସୁଗୁଡ଼ା ଡିଏଭିର ତାନସେନ ବୋଲାଯାଉଥିବା ସଙ୍ଗୀତ ଶିକ୍ଷକ ରାହାସ ବିହାରୀ ଦାଶଙ୍କ କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ବିଦ୍ୟାଳୟ ତରଫରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାହାସ ବିହାରୀ ଦାଶଙ୍କ ସହିତ ତାଙ୍କ ସହଧର୍ମିଣୀ ସନ୍ଧ୍ୟାରାଣୀ ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ସଭାରେ ଅଧ୍ୟକ୍ଷଙ୍କ ସମେତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସମିତି ସଭ୍ୟ ନରେନ୍ଦ୍ର ପଣ୍ଡା, ଶୁଭେଚ୍ଛୁ ସମାଜସେବୀ ତଥା ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରର ସଂସ୍ଥାପକ ସୁବ୍ରତ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ସୁବାସ ମିଶ୍ର, ପ୍ରାକ୍ତନ ଶିକ୍ଷକ ଏମଭିଏଲ ଏନ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ନୀଳିମା ପଟେଲ ସମ୍ବର୍ଦ୍ଧନା ସଭା ସଞ୍ଚାଳନ କରିବା ସହିତ ଶ୍ରୀ ଦାଶଙ୍କ ସମ୍ମାନାର୍ଥେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶ୍ରୀ ଦାଶଙ୍କ ଡିଏଭିରେ ଦୁଇ ଦଶନ୍ଧି ଧରି କାର୍ଯ୍ୟ ମଧ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଲାଗି ବସ ସେବା, ପୁସ୍ତକ ଯୋଗାଣ ଓ ବିତରଣ ବ୍ୟବସ୍ଥା ଏବଂ ସର୍ବୋପରି ସଙ୍ଗୀତ କ୍ଷେତ୍ରରେ ବିଦ୍ୟାଳୟକୁ ଶୀର୍ଷରେ ପହଞ୍ଚାଇବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଡିଏଭି ପରିବାର ତରଫରୁ ତାଙ୍କୁ ପୁଷ୍ପମାଲ୍ୟ, ଉପହାର ଓ ସ୍ମାରକୀ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଆଞ୍ଚଳିକ ଅଫିସର ଡ.ସୁଜାତା ସାହୁ ଏବଂ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା ମଧ୍ୟ ଆଭାସୀ ମାଧ୍ୟମରେ ଶ୍ରୀ ଦାଶଙ୍କ ସୁଖଶାନ୍ତିମୟ ଅବସର ଜୀବନ ଲାଗି ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ତାଙ୍କ ନିକଟତର ସାଥୀ ଲକ୍ଷ୍ମୀଧର ପ୍ରଧାନ ଓ ଚନ୍ଦ୍ରକାନ୍ତ ଶର୍ମା ମଧ୍ୟ ସାମିଲ ହୋଇଥିଲେ। ଶେଷରେ ଶ୍ରୀ ଦାଶଙ୍କୁ ବିଦ୍ୟାଳୟଠାରୁ ଆରମ୍ଭ କରି ତାଙ୍କ ବାସଗୃହ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା।

# ଜାମଗାଁ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲୀଳା ଉଦ୍‌ଯାପିତ

**ଝାରସୁଗୁଡ଼ା, ୨୯।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ଜାମଗାଁ ମହିମା ଆଶ୍ରମରେ ବ୍ରହ୍ମାବଧୂତ ପୂଜ୍ୟପାଦ ବୀରେନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ଦଶମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲୀଳା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଜାମଗାଁ ମହିମା ଆଶ୍ରମରେ

## ନିଶାମୁକ୍ତ ଓ ଆଦର୍ଶ ଗାଁ ଗଠନ ପାଇଁ ଆହ୍ୱାନ

ପୌଷ ଶୁକ୍ଲପକ୍ଷ ସପ୍ତମୀ ଶନିବାର ଅପରାହ୍ଣ ୪ଟାରେ କଳସ ଯାତ୍ରା ସହ ଯଜ୍ଞ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଅଖଣ୍ଡ ବତୀ ପ୍ରଜ୍ୱଳନ, ବ୍ରହ୍ମଧୂନୀ ସ୍ଥାପନ, ଆଠ ଭଜନ ଓ ବ୍ରହ୍ମଯଜ୍ଞ ହୋଇ ସୋମବାର ପୂର୍ଣ୍ଣାହୁତି ପରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବୀରେନ୍ଦ୍ର ବାବା ଶ୍ରଦ୍ଧାଳୁ ମାନଙ୍କୁ ହିଂସା, କ୍ରୋଧ, ଦ୍ୱେଷ, କୁକର୍ମ ଓ ନିଶାଦ୍ରବ୍ୟ ତ୍ୟାଗ କରି ସତମାର୍ଗ ଅନୁସରଣ କରି ଆଦର୍ଶ ଓ ନିଶାମୁକ୍ତ ଗାଁ ଗଠନ ପାଇଁ ଉପଦେଶ ଦେଇଥିଲେ। ପ୍ରତିଦିନ ଖଞ୍ଜଣି ଭଜନ, ସତସଙ୍ଗ, ପ୍ରବଚନ, କୃଷ୍ଣଗୁରୁ ଭଜନ, ଭାଗବତ ପାରାୟଣ ଓ



ବରଗଡ଼ ଅଞ୍ଚଳର ଅମୃତଧାରା ସଙ୍କୀର୍ତ୍ତନ ମଣ୍ଡଳୀର ପରିବେଷଣ ଶ୍ରଦ୍ଧାଳୁ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପଡ଼ୋଶୀ ଛତିଶଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସମସ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଯଜ୍ଞ କାର୍ଯ୍ୟରେ ବିକ୍ରମ ଦାସ, ନିରଞ୍ଜନ ଦାସ, ଚିତ୍ରସେନ ଦାସ, ହରି ଦାସ, ଦାରୁକ ଦାସ, ମହେନ୍ଦ୍ର ଦାସ, ଫକୀର ଦାସ, ସଚ୍ଚିଦାନନ୍ଦ ତ୍ୟାଗୀ, ସୁନ୍ଦର ତ୍ୟାଗୀ ଓ କ୍ଷିରୋଦ୍ର ତ୍ୟାଗୀ ପ୍ରମୁଖ ସାଧୁ ସନ୍ଥମାନେ ଯୋଗ ଦେଇଥିଲେ। ବାବାଙ୍କ ନିର୍ଦ୍ଦେଶ ଅନୁସାରେ ମହେନ୍ଦ୍ର ସାଏ ଓ ପତ୍ନୀ ଜାମିନୀ ସାଏ, ଗୋପୀନାଥ ସାଏ ଓ ପତ୍ନୀ ପ୍ରବୀଣା ସାଏ, ବିପ୍ଲବ ସାଏ ଓ ପତ୍ନୀ ଦୀପାଞ୍ଜଳୀ ସାଏ କର୍ତ୍ତା ଦାୟିତ୍ୱ ପାଳନ କରିଥିଲେ। ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନତ ସିଂହ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ବାବା ମହୋଦୟଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସୂଚାରୁ ରୂପେ ସୁରକ୍ଷା ବ୍ୟବସ୍ଥା ରହିଥିଲା। ଆଶ୍ରମ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ସାଏ, ସରପଞ୍ଚ ଗୋପୀନାଥ ସାଏ, ସନତ ବାରିକ, ତପେଶ୍ୱର ପଧାନ, ଡୋଳାମଣି ପଧାନ, ଧନଞ୍ଜୟ ପଧାନ, ଆଶାରାମ ବେହେରା, ଯଦୁମଣି ଭୋଇ, ଉସତରାମ ବାରିକ, ଖତୁ ସା, ଜୟରାମ ବାରିକ, ପଞ୍ଚାନନ ବାରିକ, ଅକ୍ଷୟ ପଧାନ, ଜୟକୃଷ୍ଣ ପଧାନ, ଅକ୍ଷୟ ସା, ସୋମନାଥ କାଲୋ, ଜିତ କାଶିପଲିଆ, ବଲ୍ଲଭ ପଧାନ ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମଜନଶୁଣାଣି ଶିବିର



**ଝାରସୁଗୁଡ଼ା, ୨୯।୧୨(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ବେଲପାହାଡ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟାର ସମାଧାନ ନିମନ୍ତେ ଏକ ବ୍ଲକସ୍ତରୀୟ ସର୍ବସାଧାରଣ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୩୧ଟି ଅଭିଯୋଗ ଶୁଣାଣି ହୋଇଥିଲା। ସେଥିରୁ ୧୧ଟି ସାମୂହିକ ଏବଂ ୨୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶିବିରରେ ମୁଖ୍ୟତଃ ବେଲପାହାଡ ଶ୍ମଶାନର ବିଭିନ୍ନ ସମସ୍ୟା, ଡ୍ରାଇଭରମାନଙ୍କ ଦରମା ସମ୍ବନ୍ଧୀୟ ବିବାଦ ଏବଂ ଅଞ୍ଚଳରେ ବେଆଇନ ଟ୍ରକ୍ ପାର୍କିଂ ଯୋଗୁଁ ଘଟୁଥିବା ଦୁର୍ଘଟଣା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ଜୋରାବଗା ହାଇସ୍କୁଲ ନିକଟରୁ ମଦଭାଟି ହଟାଇବା, ନୂଆପଡ଼ା ବେଲପାହାଡଠାରେ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ପାଣ୍ଠିର ସଠିକ ବିନିଯୋଗ ଏବଂ ବିଭିନ୍ନ ସ୍ଥାନରେ ଡ୍ରେନ ନିର୍ମାଣ ସମ୍ପର୍କରେ ଜନସାଧାରଣ ନିଜର ଦାବି ଉପସ୍ଥାପନ କରିଥିଲେ। ପରିବେଶ ଓ ନିଯୁକ୍ତି ସମ୍ବନ୍ଧୀୟ ସମସ୍ୟାକୁ ନେଇ ଶିବିରରେ ବିଶେଷ ଚର୍ଚ୍ଚା ହୋଇଥିଲା। ବିଶେଷକରି ଗ୍ରାମୀଣ ମୁଖ୍ୟ ରାସ୍ତାରେ ଥିବା ଆଲସ୍ମ କୋଲ୍ ୱାଶେରୀ ଯୋଗୁଁ ସୃଷ୍ଟି ହେଉଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏହାକୁ ସ୍ଥାୟୀ ଭାବେ ବନ୍ଦ କରିବାକୁ ଅନୁରୋଧ କରାଯାଇଥିଲା। ଛୁଆଲିବେର୍ଣା ଅଞ୍ଚଳରେ ଏମସିଏଲ ଓ ୱାଶେରୀ ଜନିତ ପ୍ରଦୂଷଣ ଏବଂ ବହୁଳ ପରିମାଣରେ ବ୍ଲାଷ୍ଟିଂ ଯୋଗୁଁ ଘର ଗୁଡିକରେ ହେଉଥିବା କ୍ଷୟକ୍ଷତି ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏହାବ୍ୟତୀତ ଗୁମାଡେରା ଅଞ୍ଚଳରେ ପେମେଣ୍ଟ ପ୍ରଦାନରେ ବିଳମ୍ବ ଏବଂ କାଣ୍ଡସର ଅଞ୍ଚଳରେ ନିଯୁକ୍ତି ସହ ଜମି ଆବଣ୍ଟନ ଦାବି ସମ୍ପର୍କରେ ଜିଲ୍ଲାପାଳ ଶୁଣାଣି କରିଥିଲେ। ଜିଲ୍ଲାପାଳ ଏହି ସମସ୍ତ ଅଭିଯୋଗର ତର୍ଜମା କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ଦେବଗଡ଼:** ରିଆମାଳ ବ୍ଲକ କୁଣ୍ଢେଇଗୋଲା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୩୭ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ମଧ୍ୟରେ ୨୧ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଧାନ ବିକ୍ରି, ଘରଡିହ ଜମିର ପଟ୍ଟା, ବାର୍ଦ୍ଧକ୍ୟ ଭତ୍ତା, ହାତୀ ଉପଦ୍ରବ ନିୟନ୍ତ୍ରଣ, କଂକ୍ରିଟ ରାସ୍ତା ନିର୍ମାଣ, ଲକ୍ଷ୍ମୀ ବସ ଚଳାଚଳ ଆଦି ପ୍ରମୁଖ ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକୁ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜି, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।




# ରୁଙ୍ଗଟା କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ

## ପରିବାରକୁ ସହାୟତା ପାଇଁ କମ୍ପାନୀ ଗେଟ୍ ସମ୍ମୁଖରେ ଲୋକଙ୍କ ଧାରଣା

**ଝାରସୁଗୁଡ଼ା, ୨୯।୧୨(ସମିସ)**

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ମରାକୁଟା ସ୍ଥିତ ରୁଙ୍ଗଟା ପ୍ରାଇଭେଟ ଲିମିଟେଡର କାର୍ଯ୍ୟରତ କର୍ମଚାରୀ କପିଳ ସିଂଙ୍କ ସୋମବାର ସକାଳେ କମ୍ପାନୀ ପରିସରରେ ମୃତ୍ୟୁ ଘଟିଛି। ଝାରସୁଗୁଡ଼ା ସଦର ବ୍ଲକ ମରାକୁଟା ନିକଟରେ ଥିବା ରୁଙ୍ଗଟା କମ୍ପାନୀ ଠାରେ ପଣ୍ଡ୍ରିପଥର ଗାଁର କପିଳ ସିଂ କମ୍ପାନୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। କମ୍ପାନୀର ମାନବ ସମ୍ବଳ ବିକାଶ ବିଭାଗର ମୁଖ୍ୟ ଆଶିଷ ମହାନ୍ତିଙ୍କ ସୂଚନା ଅନୁଯାୟୀ ସୋମବାର କପିଳ କମ୍ପାନୀ ଭିତରକୁ ଯିବା ସମୟରେ ସେ କମ୍ପାନୀ ପରିସରରେ ପଡ଼ି ଯାଇଥିଲେ। ଫଳରେ କମ୍ପାନୀ ତରଫରୁ କପିଳଙ୍କୁ ପ୍ରଥମେ ପାଖରେ ଥିବା ଡିସ୍ପେନସାରୀ ଓ ପରେ ଏକ ଘରୋଇ




ହସ୍ପିଟାଲକୁ ନିଆଯାଇଥିଲା। ହେଲେ କପିଳଙ୍କୁ ଉଭୟ ସ୍ଥାନରେ ମୃତ ଘୋଷଣା କରାଯାଇଥିଲା। ଏହାପରେ କମ୍ପାନୀ ପକ୍ଷରୁ କପିଳଙ୍କ ପରିବାରକୁ ସୂଚନା ଦିଆ ହୋଇଥିଲା। ଏହାସହ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୋଷ୍ଟମର୍ଟମ ପାଇଁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତର ଖାନାକୁ ପଠାଯାଇଥିଲା। ମାତ୍ର ଏହି ସମୟ ମଧ୍ୟରେ ପଣ୍ଡ୍ରି ପଥର ତଥା ଅଞ୍ଚଳବାସୀ ମୃତ କପିଳର ପରିବାରକୁ ସହାୟତା ପାଇଁ କମ୍ପାନୀ ଗେଟ ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣା ସ୍ଥାନରେ ସ୍ଥାନୀୟ ଅଞ୍ଚଳ ବାସୀ, ମୃତକଙ୍କ ପରିବାର, ଏସଡିପିଓ ଉମାଶଙ୍କର ସିଂ, ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କ ସହିତ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଉପସ୍ଥିତ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ପ୍ରକାର ସମାଧାନ ବାହାରି ପାରି ନ ଥିବାରୁ ଜନସାଧାରଣ ଧାରଣାରେ ବସି ରହିଥିଲେ। ମୃତକଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ସହାୟତା ପାଇଁ ଦାବି କରିଥିଲେ।

ବୀର ସୁରେନ୍ଦ୍ର ସାଏ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

# ଜଗନ୍ନାଥ ଶ୍ରେଷ୍ଠ ଅଭିନେତା, ସୁଶିଳା ଶ୍ରେଷ୍ଠ ଅଭିନେତ୍ରୀ

**ସମ୍ବଲପୁର, ୨୯।୧୨ (ସମିସ)**

ଗତ ୨୪ ତାରିଖରୁ ଝାଡୁଆପଡ଼ାସ୍ଥିତ ଆରଣ୍ୟକ ମଞ୍ଚରେ ଆରମ୍ଭ ହୋଇଥିବା ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ସମଲେଶ୍ୱରୀ ସଂଘ, ତଳିପଡ଼ା, ବରଗଡ଼ଙ୍କ ଦ୍ୱାରା ମୁନଲାଇଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କେଶେଇପାଲି, ଭଟଲି ସହଯୋଗରେ ପରିବେଷଣ କରାଯାଇଥିଲା ପ୍ରଦର୍ଶନୀ ନାଟକ 'ଜୀବନ୍ ତାକର, ସ୍ୱାଧୀନତା ଆମର'। ଏହାପରେ ଆୟୋଜକ ଅନୁଷ୍ଠାନ 'ଯୁବ ଉଦୟନ' ସଭାପତି ସଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ତଥା ଉଦ୍‌ଯାପନୀ ସଭାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱନାମଧନ୍ୟ ମଞ୍ଚ ଅଭିନେତ୍ରୀ କନକ ତନସନାଙ୍କୁ ଚଳିତବର୍ଷର 'ଉଦୟନ ନାଟ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ପାଦକ ଡଃ ସିଦ୍ଧାର୍ଥ ପଣ୍ଡା।। ପ୍ରତିଯୋଗିତା ଆୟୋଜନର ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଜୟନାରାୟଣ ମିଶ୍ର କହିଲେ ଯେ ସମ୍ବଲପୁରୀ ନାଟକମାନଙ୍କୁ ଆହୁରି ଉନ୍ନତ ଧରଣର କରିବାର ସମୟ ଆସିଯାଇଛି ଏବଂ ଏଥିପ୍ରତି ନାଟ୍ୟକର୍ମୀମାନେ ଚେଷ୍ଟିତ ହେବା ଉଚିତ। ସଭାକାର୍ଯ୍ୟ ସମାପନ ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଚଳିତବର୍ଷ ସମ୍ବଲପୁରୀ ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ଅଙ୍ଗମଞ୍ଚ, ମହୁଲପାଲି, ପଦମପୁରର 'ଅନ୍ଧାରନୁ ଉକିଆ ତକ' ଯୋଗ୍ୟ ବିବେଚିତ ହୋଇଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଦୃଶ୍ୟ ନାଟ୍ୟ ଆଶ୍ରମ, ସମ୍ବଲପୁରର 'ଫେର ସେ ଶ୍ରବଣ' ଓ ସମର୍ପଣ ସାଂସ୍କୃତିକ ଅନୁଷ୍ଠାନ, ବରଗଡ଼ର 'ଆଏବା ସକାଳ' ରହିଛି। ଆତ୍ମପ୍ରକାଶ, ବରଡୋଲ, ବରଗଡ଼ର 'ଏଆଇ... ଦେଲୁ କାଏଁ ଭେକ୍‌ଲେଇ'କୁ ବିଶେଷ ବିଜ୍ଞାନଭିତିକ ପ୍ରସ୍ତୁତି ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର 'ଅନ୍ଧାରନୁ ଉକିଆ ତକ' ପାଇଁ କେଶରଞ୍ଜନ ପ୍ରଧାନ ହାସଲ କରିଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ 'ଫେର ସେ ଶ୍ରବଣ' ସକାଶେ ଡଃ ଅତୀଶ ଶତପଥୀ ଓ 'ଆଏବା ସକାଳ' ସକାଶେ ସଞ୍ଜୟ କୁମାର ବେହେରା ପାଇଛନ୍ତି। ଶ୍ରେଷ୍ଠ ପାଣ୍ଡୁଲିପି ଭାବରେ 'ଫେର ସେ ଶ୍ରବଣ' ପାଇଁ ଡଃ ଅତୀଶ କୁମାର ଶତପଥୀଙ୍କୁ ପୁରସ୍କୃତ କରାଯାଇଛି। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ 'ଭାଜ୍ୟ ଭାଜକ ଭାଗଫଳ' ପାଇଁ ବିରୁପାକ୍ଷ ପ୍ରଧାନ ଓ 'ଆଏବା ସକାଳ' ପାଇଁ ରାମାଶିଷ ତ୍ରିପାଠୀ ରହିଛନ୍ତି।

**ମଞ୍ଚ ଅଭିନେତ୍ରୀ କନକ ତନସନାଙ୍କୁ 'ଉଦୟନ ନାଟ୍ୟ ସମ୍ମାନ'**
**ଶ୍ରେଷ୍ଠ ନାଟକ 'ଅନ୍ଧାରନୁ ଉକିଆ ତକ'**
**ଶ୍ରେଷ୍ଠ ନିର୍ଦ୍ଦେଶକ କେଶରଞ୍ଜନ ପ୍ରଧାନ**

ଲୁ, ପଦମପୁରର 'ବଳିଦାନ' ନାଟକର ହରି / ଗିରିଧାରୀ / ଗୋବନ୍ଦ ଚରିତ୍ରରେ ଅଭିନୟ କରିଥିବା ଜଗନ୍ନାଥ ସେଠ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ 'ଫେର ସେ ଶ୍ରବଣ'ର ପିତାମ୍ବର ଚରିତ୍ରରେ ନରେନ୍ଦ୍ର ବେହେରା ଓ 'ଆଏବା ସକାଳ'ର ବୃନ୍ଦାବନ ଚରିତ୍ରରେ ସଞ୍ଜୟ କୁମାର ପାଢ଼ୀ ରହିଛନ୍ତି। ସେହିପରି ସମର୍ପଣ ସାଂସ୍କୃତିକ ଅନୁଷ୍ଠାନ, ବରଗଡ଼ର 'ଆଏବା ସକାଳ'ରେ ବାସନ୍ତୀ (ବୁଢ଼ୀ) ଚରିତ୍ରରେ ଅଭିନୟ କରିଥିବା ସୁଶିଳା ନାୟାର ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଜିତିଥିବାବେଳେ ପ୍ରତିବାଦ, ଗ୍ୟାନ, ପଦମପୁରର 'ଶକୁନ୍ତଳା' ନାଟକରେ ଶକୁନ୍ତଳା ଚରିତ୍ରରେ ସ୍ୱପ୍ନା ପଟ୍ଟନାୟକ ଓ 'ଏଆଇ... ଦେଲୁ କାଏଁ ଭେକ୍‌ଲେଇ' ନାଟକର ମାମା ଚରିତ୍ରରେ ପାର୍ବତୀ ସାହୁ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି।

ଶ୍ରେଷ୍ଠ ସହ-ଅଭିନେତା ଭାବରେ 'ଫେର ସେ ଶ୍ରବଣ'ର ଡଃ ଅତୀଶ ଶତପଥୀ ଓ 'ବଳିଦାନ'ର ରୁକ୍ମଣ ସେଠ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ଖଳ ଅଭିନେତା ଭାବରେ 'ଭାଜ୍ୟ ଭାଜକ ଭାଗଫଳ' ନାଟକର ସମୀର ଭୂମିକାରେ ଥିବା ଭବତୋଷ ବିଶି ଯୋଗ୍ୟ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ରହିଛନ୍ତି 'ଆଏବା ସକାଳ'ର ମଳୟ ଭୂମିକାରେ ସୁରେଶ କୁମାର ଦାଶ। ସେହିପରି ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବରେ 'ବଳିଦାନ'ର ଟିକେଶ୍ୱରୀ ସୁନା ଓ ଦ୍ୱିତୀୟ ସ୍ଥାନରେ 'ଅନ୍ଧାର ନୁ ଉକିଆ ତକ'ର ସୁଦୀର ସୁନା ରହିଛନ୍ତି। ଶ୍ରେଷ୍ଠ ଶିଶୁ କଳାକାର ଭାବରେ 'ଆଏବା ସକାଳ'ର ରିମଝିମ ଚରିତ୍ରରେ ଅଭିନୟ କରିଥିବା ବୈଷ୍ଣବୀ ସାହୁ ଥିବାବେଳେ ଦ୍ୱିତୀୟ ସ୍ଥାନରେ 'ଭାଜ୍ୟ ଭାଜକ ଭାଗଫଳ'ର ବେଦିକା ଭୋଇ ଓ ତୃତୀୟ ସ୍ଥାନରେ 'ବଳିଦାନ'ର ଦେବେଶ କୁମାର ସେଠ ରହିଛନ୍ତି। ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ 'ଫେର ସେ ଶ୍ରବଣ'ର ଗିରିଜା ଶଙ୍କର ମିଶ୍ର ଓ 'ଶକୁନ୍ତଳା'ର ରାହୁଲ ମେହେର / ନରସିଂହ ମେହେର ରହିଛନ୍ତି। ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ/ଗାୟିକା ଭାବରେ 'ଫେର ସେ ଶ୍ରବଣ' ସକାଶେ ଗିରିଜା ଶଙ୍କର ମିଶ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ ମଞ୍ଚସଜ୍ଜା ରାହୁଲ ଗୁପ୍ତା ('ଫେର ସେ ଶ୍ରବଣ') ଓ ଦ୍ୱିତୀୟ ସ୍ଥାନରେ ନିଶିତ ରଞ୍ଜନ ମହାନ୍ତି (ଅନ୍ଧାର ନୁ ଉକିଆ ତକ) ପାଇଥିବାବେଳେ ଶ୍ରେଷ୍ଠ ଆଲୋକ ସମ୍ପାତ ପ୍ଲାବନ ମିଶ୍ର ('ଫେର ସେ ଶ୍ରବଣ') ଓ ଦ୍ୱିତୀୟ ସ୍ଥାନରେ ପ୍ରୀତିଶ ରଥ ('ବଳିଦାନ') ଏବଂ ଦଳଗତ ପୋଷା ପରିପାଟୀରେ ପ୍ରତିବାଦ, ଗ୍ୟାନ, ପଦମପୁରର 'ଶକୁନ୍ତଳା' କଳକାରମାନେ ପୁରସ୍କୃତ ହୋଇଛନ୍ତି।

ଏହା ବ୍ୟତୀତ ବିଚାରକଙ୍କ ସ୍ୱତନ୍ତ୍ର ପୁରସ୍କାର ଓ ଉତ୍କର୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଚାରକ ସ୍ୱତନ୍ତ୍ର ପୁରସ୍କାରରେ ପ୍ରଯୋଜନା 'ଶକୁନ୍ତଳା', ନିର୍ଦ୍ଦେଶନା ବିରୁପାକ୍ଷ ପ୍ରଧାନ ('ଭାଜ୍ୟ ଭାଜକ ଭାଗଫଳ'), ଅଭିନେତ୍ରୀ ଡଲି ସାଗର ('ବଳିଦାନ'), ଅଭିନେତା ସେବକ ମେହେର ('ଶକୁନ୍ତଳା') ଏବଂ ସହ ଅଭିନେତ୍ରୀ ଅନନ୍ୟା ପ୍ରଧାନ ('ଭାଜ୍ୟ ଭାଜକ ଭାଗଫଳ') ହାସଲ କରିଛନ୍ତି। ସେହିପରି ଉତ୍କର୍ଷତା ପ୍ରମାଣପତ୍ର ଦିଆଯାଇଛି - ଶିଶୁ କଳାକାର ସୁଦୀକ୍ଷା ପାଣି ('ଡର୍'), ଅଭିନେତ୍ରୀ ଟିକି ପଧାନ ('ଏଆଇ... ଦେଲୁ କାଏଁ ଭେକ୍‌ଲେଇ'), ସହ ଅଭିନେତ୍ରୀ ଶାନ୍ତିପ୍ରିୟା ସ୍ୱାଇଁ ('ଶକୁନ୍ତଳା'), ହାସ୍ୟ ଅଭିନେତା ଗଜାନନ ନାଗ ('ବଳିଦାନ') ଏବଂ ଆଲୋକ ସମ୍ପାତ ('ଭାଜ୍ୟ ଭାଜକ ଭାଗଫଳ)। ପୁରସ୍କାର ବିତରଣ ସହ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ମହାକୁମ୍ଭ ଆଜି ଉଦ୍‌ଯାପିତ ହୋଇଯାଇଛି।

## ବାମରାରେ ଶ୍ରମିକଙ୍କୁ ନିସ୍ତୁକ ମାଡ଼, ୩ ଅଭିଯୁକ୍ତ ଫେରାର

**କୁଚିଣ୍ଡା, ୨୯ ।୧୨(ସମିସ):** ସମ୍ବଲପୁରରେ ଜଣେ ପ୍ରବାସୀ ବଙ୍ଗାଳୀ ଶ୍ରମିକଙ୍କ ହତ୍ୟାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି। ଜିଲ୍ଲା ଅନ୍ତର୍ଗତ ବାମରାରେ ମଧ୍ୟ ଜଣେ ବଙ୍ଗାଳୀ ଶ୍ରମିକଙ୍କୁ ନିସ୍ତୁକ ମାରପିଟ କରାଯାଇଥିବା ଅଭିଯୋଗ ରହିଛି। ଅଭିଯୋଗକୁ ଭିତ୍ତିକରି ଗୋବିନ୍ଦପୁର ପୁଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ଅନ୍ୟପଟେ ଘଟଣା ପର ଠାରୁ ଅଭିଯୁକ୍ତମାନେ ଫେରାର ରହିଥିବା ସୂଚନା ରହିଛି। ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ସଦର ମହକୁମାସ୍ଥିତ ଗଣେଷ ନଗରରେ ପଶ୍ଚିମବଙ୍ଗ ରାଜ୍ୟ ମୂର୍ଷିଦାବାଦ ଅଞ୍ଚଳର ମିଟୁଲ ସେଖ ଗତ ପ୍ରାୟ ୨୦ ବର୍ଷ ହେବ ଶ୍ରମିକ ଭାବେ କାମ କରି ଆସୁଛନ୍ତି। ଗତ ୨୫ ତାରିଖ ସନ୍ଧ୍ୟାରେ ମିଟୁଲ ନିଜ ଘରୁ ପେଟ୍ରୋଲ ପମ୍ପକୁ ବାହାରି ଥିବା ବେଳେ ବସଷ୍ଟାଣ୍ଡ ରେଳ ଫାଟକ ନିକଟରେ ୩ ଜଣ ଯୁବକ ମାତାଲ୍ ଅବସ୍ଥାରେ ତାଙ୍କୁ ଅଟକାଇ ତାଙ୍କୁ ଆଧାରକାର୍ଡ ମାଗିଥିଲେ। ମିଟୁଲ ଆଧାରକାର୍ଡ ଦେଖାଇ ଥିବା ବେଳେ ସେମାନେ ତାଙ୍କ ଆଧାରକାର୍ଡ ନେଇ ତାଙ୍କୁ ବାଂଲାଦେଶୀ କହି ନିସ୍ତୁକ ମାଡ ମାରିଥିଲେ। ପ୍ରାଣ ବିକଳରେ ମିଟୁଲ ଦୌଡ଼ି ନିଜ ଘ କୁ ପସି ଯାଇ ଥିବା ବେଳେ ସମ୍ପୃକ୍ତ ଦୁର୍ବୃତ୍ତ ତାଙ୍କୁ ଦୌଡାଇ ତାଙ୍କ ଘର କବାଟ ଭାଙ୍ଗି ପୁଣି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।ସୂଚନା ପାଇ ଗୋବିନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମିଟୁଲକୁ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତ ସେଠାରୁ ଫେରାର ମାରିଥିଲେ। ମିଟୁଲଙ୍କ ଅଭିଯୋଗକୁ ଆଧାର କରି ଗୋବିନ୍ଦପୁର ପୁଲିସ ମାମଲା ରୁଜୁ କରିଥିବା ସହ ଘଟଣାର ଯାଞ୍ଚ ଜାରି ରଖିଥିବା ସୂଚନା ରହିଛି। ଗୋବିନ୍ଦପୁରର ସୋନୁ ମିଶ୍ର, ପଣ୍ଡରିପଥରର ଦୀପକ ଭଇଁସା ଓ ଗଣେଷନଗରର ରାଜ୍ ସିହ୍ନା ଘଟଣା ଘଟାଇଛନ୍ତି। ପୂର୍ବରୁ ମଧ୍ୟ ତାଙ୍କ ନାମରେ ଗୋବିନ୍ଦପୁର ଥାନାରେ ଅନ୍ୟ ଅପରାଧିକ ମାମଲା ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଘଟଣା ପରଠାରୁ ଅଭିଯୁକ୍ତମାନେ ଫେରାର ଥିବା ବେଳେ ତାଙ୍କୁ ଧରିବା ପାଇଁ ପୁଲିସ ଚଢଉ ଜାରି ରହିଛି ବୋଲି ଥାନା ଅଧିକାରୀ ରାଜେନ୍ଦ୍ର ବେହେରା କହିଛନ୍ତି।

## ସଜାଗ ରେଳବାଇ କର୍ମଚାରୀ ପୁରସ୍କୃତ



**ସମ୍ବଲପୁର, ୨୯।୧୨ (ସମିସ) :** ନିରାପତ୍ତା ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଏବଂ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ୭ ଜଣ ସଜାଗ ରେଳବାଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ - ଯୁଧିଷ୍ଠିର ବଡ୍ଡାଇ, ସିନିୟର ସେକ୍ସନ ଇଞ୍ଜିନିୟର/ପି/ସମ୍ବଲପୁର; ଗୋପାଳଜୀ ଝା, ଗୁଡ୍ସ ଟ୍ରେନ ମ୍ୟାନେଜର, ଟିଟଲାଗଡ଼; ମୁନ୍ନା କୁମାର, ସିନିୟର ଗୁଡ୍ସ ଟ୍ରେନ ମ୍ୟାନେଜର, ସମ୍ବଲପୁର ସିଟି; ରଶ୍ମିକାନ୍ତ ମାହାତୋ, ସିନିୟର ଗୁଡ୍ସ ଟ୍ରେନ ମ୍ୟାନେଜର, ସମ୍ବଲପୁର ସିଟି; ଡି.କେ ସିଂହ, ଷ୍ଟେସନ ସୁପରିଟେଣ୍ଡେଣ୍ଟ, ମହାସମୁନ୍ଦ; ଜିତେନ୍ଦ୍ର କୁମାର, ସିନିୟର ଟେକ୍ନିସିଆନ୍/ସିଗନାଲ, ସମ୍ବଲପୁର ସିଟି ଏବଂ ସୁଜିତ କୁମାର, ସିନିୟର ସେକ୍ସନ ଇଞ୍ଜିନିୟର/ଟେଲି/ସମ୍ବଲପୁର ସିଟି। ସେମାନଙ୍କ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାସ ଚନ୍ଦ୍ର ଚୌଧରୀ ସେମାନଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ସିନିୟର ଡିଭିଜନାଲ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର ପ୍ରଭାତ କୁମାର, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ତଥା ଅଧିକାରୀମାନେ ଉପସ୍ଥିତ ଥିଲେ।

## ନବନିଯୁକ୍ତ ବିଜେଡି ରାଜ୍ୟ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ

**ସମ୍ବଲପୁର, ୨୯।୧୨ (ସମିସ) :** ବିଜୁ ଯୁବ ଓ ବିଜୁ ଛାତ୍ର ଜନତା ଦଳର ନବନିଯୁକ୍ତ ରାଜ୍ୟ କର୍ମକର୍ତ୍ତାମାନଙ୍କୁ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ସଞ୍ଜିତ ମହାନ୍ତି ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ଏହି ନିଯୁକ୍ତିଗୁଡ଼ିକ କର୍ମକର୍ତ୍ତାମାନଙ୍କ ନିଷ୍ଠା, ସମର୍ପଣ ଓ ସଂଗଠନାତ୍ମକ କ୍ଷମତାର ସ୍ୱୀକୃତି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ନୂତନ ଦାୟିତ୍ୱରେ ସଫଳତା କାମନା କରିବା ସହିତ ସଂଗଠନର ସୁଦୃଢ଼ତା ଓ ସାଧାରଣ ଜନତାଙ୍କ କଲ୍ୟାଣ ପାଇଁ ସମସ୍ତେ ନିଷ୍ଠା ଓ ସମର୍ପଣ ସହ କାର୍ଯ୍ୟ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସମ୍ବଲପୁର ଜିଲ୍ଲାରୁ ବିଜୁ ଯୁବ ଜନତା ଦଳର ନୂତନ ରାଜ୍ୟ କର୍ମକର୍ତ୍ତା ଭାବେ ରାଜ୍ୟ ଉପସଭାପତି ମିଳନ ହୋତା, ଦେବାଶିଷ ପରିଡ଼ା ଓ ହୀରାଲାଲ ବେହେରା; ରାଜ୍ୟ ସାଧାରଣ ସମ୍ପାଦକ ଭାବେ ସୁମିତ ପଟେଲ, ମନୋଜ ମହାପାତ୍ର, ଧର୍ମରାଜ ମରେଇ ଓ ପ୍ରତାପ ତପନ ବେହେରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି ଭାବେ ପ୍ରକାଶ ଡାଙ୍ଗ, ସାଧାରଣ ସମ୍ପାଦକ ଭାବେ ଚୁମନ ପ୍ରଧାନ ଓ ଅନମୋଲ ଦାସଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ମହାନ୍ତି ଓଡ଼ିଶାର ଯୁବ ଓ ଛାତ୍ରମାନଙ୍କୁ ଦଳ ସହ ଜଡିତ ହୋଇ ନବୀନ ପଟ୍ଟନାୟକଙ୍କ ଆଦର୍ଶ ପଥରେ ରାଜ୍ୟର ସ୍ୱାର୍ଥ ଓ ବିକାଶ ପାଇଁ ହେଉଥିବା ସଂଘର୍ଷରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ ଜଣାଇଛନ୍ତି।

## ନାଟକ ପ୍ରତିଯୋଗିତା ଉପଲକ୍ଷେ କଳାକାର ସମାବେଶ

**ସମ୍ବଲପୁର, ୨୯।୧୨ (ସମିସ) :** ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଅନ୍ତିମ ଦିବସରେ ଆଜି ପୂର୍ବାହ୍ଣରେ ବ୍ରହ୍ମପୁରା ମନ୍ଦିର ପ୍ରାଙ୍ଗଣରେ କଳାକାର ସମାବେଶ ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତା ଆୟୋଜିତ ସମିତି ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଚାରକ ଦାୟିତ୍ୱ ତୁଲାଇଥିବା ନାଟ୍ୟବିତ ଡଃ ଶ୍ୟାମସୁନ୍ଦର ଧର, ନାଟ୍ୟବିତ ପଦ୍ମଲୋଚନ ଦାଶ ଏବଂ ନାଟ୍ୟଶ୍ରୀ ପୁଷ୍ପାଞ୍ଜଳି ବେହେରା ଯୋଗଦେଇ ଚଳିତବର୍ଷ ପ୍ରତିଯୋଗିତାରେ ମଞ୍ଚସ୍ଥ ହୋଇଥିବା ନାଟକ ଗୁଡିକୁ ଭିତ୍ତିକରି ଆଲୋଚନା କରିଥିଲେ। ବିଭିନ୍ନ ଦିଗରୁ ସମ୍ବଲପୁରୀ ନାଟକ ଉନ୍ନତି କରିଛି ଏବଂ ଆଗକୁ ଆହୁରି ଉନ୍ନତି କରିବାର ଯଥେଷ୍ଟ ସୁଯୋଗ ରହିଥିବାବେଳେ ସମ୍ବଲପୁରରେ ଆଜିପର୍ଯ୍ୟନ୍ତ କେବଳ ନାଟକ ନିମନ୍ତେ ଉପଯୁକ୍ତ ମଞ୍ଚଟିଏ ନରହିବା ସମ୍ବଲପୁରୀ ନାଟକର ବିକାଶ ଦିଗରେ ଅନ୍ତରାୟ ସୃଷ୍ଟି କରୁଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ମନୋରଞ୍ଜନର ଅନ୍ୟ ବହୁ ମାଧ୍ୟମ ରହିଥିବା ସତ୍ତ୍ୱେ ମଞ୍ଚନାଟକର ଚାହିଦା ଚିରକାଳ ରହିଛି ଓ ରହିବ। ଦର୍ଶକୀୟ ଆଦର ଥିବା ପର୍ଯ୍ୟନ୍ତ ସମ୍ବଲପୁରୀ ନାଟକର ବିକାଶ ଅବ୍ୟାହତ ରହିବ ବୋଲି ସଭାରେ ଆଲୋଚନା ହୋଇଥିଲା।



କରୁଣାକର ଶତପଥୀ, ଆଶିଷ ସୋନାର, ସ୍ୱାଧୀନ ପଣ୍ଡା, ରାଧାଗୋବିନ୍ଦ ମହାନ୍ତି, ରାମକୃଷ୍ଣ ରଥ, ସତ୍ୟରଞ୍ଜନ ବେହେରା, ପ୍ରଶାନ୍ତ ମହାରଣା, ଡ. ଅତୀଶ ଶତପଥୀ, ଶଙ୍କର ବେହେରା, ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନାଟକ ପ୍ରତିଯୋଗିତା ଆୟୋଜନ ସମିତି ସମ୍ପାଦକ ଡଃ ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସଂଯୋଜକ ଜଗଦୀଶ ମିଶ୍ରଙ୍କ ସମେତ କୋଷାଧ୍ୟକ୍ଷ ସୀତାକାନ୍ତ ପାଣିଗ୍ରାହୀ, ସହସମ୍ପାଦକ ଅଭିଷେକ ମିଶ୍ର, ମୁନା ପଣ୍ଡା, ଧିନା ପ୍ରଧାନ, ଅରୁଣ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## 'ରେଢ଼ାଖୋଲର ଲୋକ କାହାଣୀ' ପୁସ୍ତକ ଉନ୍ମୋଚିତ

**ରେଢ଼ାଖୋଲ, ୨୯ ।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ମହାବିଦ୍ୟାଳୟରେ ସୋମବାର ଦିନ ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ପରିଷଦ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଲୋକ ମହୋତ୍ସବ-୨୦୨୬, ରେଢ଼ାଖୋଲ ଉପଖଣ୍ଡସ୍ତରୀୟ ଆଲୋଚନାଚକ୍ର ଭାବରେ 'ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଯାତ୍ରା ଓ ପର୍ବ ପର୍ବାଣୀ' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ମୋହନ ସାହୁ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁର ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଶ୍ରୀଯୁକ୍ତ ଅଖିଳ ବିଶ୍ୱାଳ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇ ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ପର୍ବ ପର୍ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଅନ୍ୟତମ ସହ ଆଲୋଚକ ଭାବରେ ଭୀମଭୋଇ ମହାବିଦ୍ୟାଳୟର



ଓଡ଼ିଆ ବିଭାଗର ଅଧ୍ୟାପକ ମାନଭଞ୍ଜନ କହଁର ଯୋଗଦେଇ ପଶ୍ଚିମ ଓଡ଼ିଶାର ଏକ କୃଷି ଭିତ୍ତିକ ଯାତ୍ରା ଭାବରେ ଶିବପାର୍ବତୀଙ୍କ ଲୀଳା ସମ୍ପର୍କିତ ଦଣ୍ଡନାଟ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ।ଆଲୋଚନାଚକ୍ରରେ ଅନ୍ୟ ଅତିଥି ଭାବରେ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ପ୍ରଦୀପ କୁମାର ପଣ୍ଡା, ସୌମିକ ବାବୁ, ଅମଳଲ୍ୟ କୃଷ୍ଣ ପାଢ଼ୀ ଯୋଗ ଦେଇ ପଶ୍ଚିମ ଓଡ଼ିଶାର ସଂସ୍କୃତି ପରମ୍ପରା ସମ୍ପର୍କରେ ସଂକ୍ଷେପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଅନ୍ୟ କର୍ମଚାରୀଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ବାହାରୁ ଅନେକ ସଂସ୍କୃତି ଓ ସାହିତ୍ୟ ପ୍ରେମୀ, ବୁଦ୍ଧିଜୀବୀ ଆଲୋଚନାଚକ୍ର ଉପସମିତିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ଆଲୋଚନା ଶେଷରେ ଭୀମଭୋଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ମାନଭଞ୍ଜନ କହଁରଙ୍କ 'ରେଢ଼ାଖୋଲର ଲୋକ କାହାଣୀ'ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଦାବି ଦୋହରାଇଲେ ରୋହିତ

**ସମ୍ବଲପୁର, ୨୯।୧୨ (ସମିସ) :** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଏକ ପ୍ରେସ ବିବୃତିରେ ସମ୍ବଲପୁରଠାରେ ଆୟୋଜିତ ଦ୍ୱିଦିବସୀୟ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ୫୪ତମ ବାର୍ଷିକ ସମ୍ମିଳନୀକୁ ସ୍ୱାଗତ କରିବା ସହ ସମ୍ବଲପୁର ଠାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ ଦିଗରେ ବିଜେପି ଶାସିତ ଡବଲ ଇଞ୍ଜିନ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ତାଙ୍କ ପୂର୍ବୋକ୍ତ ଦାବିକୁ ଦୋହରାଇଛନ୍ତି। ସେ ସମ୍ବଲପୁରର ଏହି ପବିତ୍ର ମାଟିକୁ ଓଡ଼ିଶାର କୋଣଅନୁକୋଣରୁ ଆସିଥିବା ଓକିଲ ବନ୍ଧୁ ଏବଂ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ସମ୍ବଲପୁର ମାଟି ପାଇଁ ଏହା ଗର୍ବର ବିଷୟ ବୋଲି କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଗତ ବିଜେଡି ସରକାର ସମୟରେ ଉପରୋକ୍ତ ପ୍ରସଙ୍ଗ ଉପରେ ସମ୍ବଲପୁର ଓକିଲ ସଂଘ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ଜନସାଧାରଣ ସାମିଲ ହୋଇ ଏହି ପ୍ରସଙ୍ଗକୁ ଆନ୍ଦୋଳନ ଜରିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଏଥିନିମନ୍ତେ ବିଚାର କରିବା ପାଇଁ ପତ୍ର ମାଧ୍ୟମରେ ଅବଗତ କରାଇବା ସହ ହାଇକୋର୍ଟ ବେଞ୍ଚ ପାଇଁ ଆବଶ୍ୟକ ଜମି ଏବଂ ଏହାର ପରିଚାଳନା ପାଇଁ କର୍ମଚାରୀ ମାନଙ୍କ ଦରମା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆର୍ଥିକ ବ୍ୟବସ୍ଥା ଯୋଗାଇଦେବାକୁ ଘୋଷଣା ମଧ୍ୟ କରିଥିଲେ। ବର୍ତ୍ତମାନର ଶାସିତ ବିଜେପି ଦଳର କିଛି ନେତା କହିଥିଲେ ଯେ ଯଦି ରାଜ୍ୟ ସରକାର ଦୁଇ ଧାଡ଼ି ଚିଠି କେନ୍ଦ୍ର ଶାସିତ ବିଜେପି ସରକାରଙ୍କୁ ଲେଖି ଦିଅନ୍ତି ତେବେ ସମ୍ବଲପୁର ଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଯିବ ବୋଲି କହିଥିଲେ। ବିଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ନିଜର ନିର୍ବାଚନୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ଯେ ତାଙ୍କ ସରକାର ଆସିଲେ ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଯିବ। କିନ୍ତୁ ବର୍ତ୍ତମାନ ନୂଆ ସରକାରକୁ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ହେବା ସତ୍ତ୍ୱେ ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନା ପ୍ରସଙ୍ଗରେ ସରକାର ଏବଂ ବିଜେପି ଦଳ ମୌନ ଅବତାର ଧାରଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କିଛିଦିନ ପୂର୍ବରୁ ମହାରାଷ୍ଟ୍ରର କୋଲ୍‌ହାପୁର ଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ କେନ୍ଦ୍ର ସରକାର ଘୋଷଣା କରିସାରିଥିବା ବେଳେ ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ସମ୍ବଲପୁର ଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ସରକାରଙ୍କ ଏହି ଅବିଚାର କାହିଁକି ବୋଲି ସେ କହିଛନ୍ତି। ସମ୍ବଲପୁର ଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କେବଳ ଗୋଟିଏ ପ୍ରସଙ୍ଗ ନୁହଁ ଏହା ଅଞ୍ଚଳର ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ଏବଂ ଏହା ଅଞ୍ଚଳବାସୀଙ୍କ ଭାବାବେଗ ସହିତ ଜଡିତ। ଯଦି ସରକାର ଯଥାଶୀଘ୍ର ଏଥିପ୍ରତି ବିଶେଷ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ସମ୍ବଲପୁର ଜନସାଧାରଣଙ୍କ ସହ ମିଶି ବିଜୁ ଜନତା ଦଳ ନୂଆବର୍ଷରୁ ବ୍ୟାପକ ଆନ୍ଦୋଳନ କରିବ ବୋଲି ଇଂ ପୂଜାରୀ ଚେତାବନୀ ଦେଇଛନ୍ତି।

## ଗୌରଚନ୍ଦ୍ର ହାଇସ୍କୁଲ ୧୯ ୯୬ ବ୍ୟାଚ୍‌ର ବନ୍ଧୁମିଳନ

**ରେଢ଼ାଖୋଲ, ୨୯ ।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ରଞ୍ଜନା ଠାରେ ଗୌର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯ ୯୬ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୂର ଦୁରାନ୍ତରୁ ପୂର୍ବତନ ଛାତ୍ରଛାତ୍ରୀ ବନ୍ଧୁମାନେ ଆସି ସାମିଲ ହୋଇଥିଲେ। ସମସ୍ତେ ନିଜର ଅନୁଭୂତି ପରି ପ୍ରକାଶ କରିବା ସହିତ ବନ୍ଧୁତ୍ୱ ଅତୁଟ ରହିଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ସୁଦିନ ଚକ୍ରବର୍ତ୍ତୀ ରାୟ, ରାଜୀବ ଲୋଚନ ପ୍ରଧାନ, ସରୋଜ କୁମାର ପଣ୍ଡା, ସବିତ୍ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ରଥ, ଭଗବାନମଲ୍ଲିକ, ମାନସ ରଞ୍ଜନ ସାହୁ, ରମାକାନ୍ତ ଗଡ଼ନାୟକ, ତୃପ୍ତି ରାଣୀ ମିଶ୍ର, ମମତା ବେହେରା, ରଶ୍ମିତା ବିଶ୍ୱାଳ, ସ୍ୱପ୍ନା ସଂଯପ୍ରଭା, ନିହାରିକା ଦେହୁରୀ ପ୍ରମୁଖ ସମେତ ବହୁ ସଂଖ୍ୟାରେ ସାମିଲ ଥିଲେ।ବ୍ୟାଚ୍ ବନ୍ଧୁମାନେ ସମାଜ ପ୍ରତି ସେବା ମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିବାକୁ ଶପଥ ନେଇଥିଲେ।

## ମାହେଶ୍ୱରୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ;ଉପରମୁଣ୍ଡା ଚାମ୍ପିଅନ

**ନାକଟିଦେଉଳ, ୨୯ ।୧୨(ସମିସ):** ନାକଟିଦେଉଳ ବ୍ଲକ ଉପରମୁଣ୍ଡା ଖେଳପଡ଼ିଆରେ ଚାଲିଥିବା ମାହେଶ୍ୱରୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚ୍ ଜୁରାପାଲି ଓ ଉପରମୁଣ୍ଡା ମଧ୍ୟରେ ହୋଇଥିଲା।୧୫ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ଉପରମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୧୬୧ରନ କରିଥିଲା। ଜବାବରେ ଜୁରାପାଲି ଦଳ ୧୪ଓଭରରେ ୧୩୦ରନ କରି ଅଲଆଉଟ ହୋଇଯାଇଥିଲା। ଉପରମୁଣ୍ଡା ଦଳର ସଚିନ ପ୍ରଧାନ ମେନ ଅଫ୍ ଦି ସିରିଜ ଓ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଶିକ୍ଷକ ବ୍ରଜଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ମହାପାତ୍ର, ରେଢ଼ାଖୋଲ ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ, ରେଢ଼ାଖୋଲ ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପା ରାଣୀ ସାହୁ, ଘୋଷରାମାଲ ସରପଞ୍ଚ ପ୍ରେମଶିଳା ପ୍ରଧାନ, ବଳମ ସରପଞ୍ଚ ଅନୁପମା ଗଡ଼ନାଏକ, ଯାମୁଯୋରୀ ସରପଞ୍ଚ ରୀନା ବିଶି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତିଆ, ମଣ୍ଡଳ ସଭାପତି ସୁଶାନ୍ତ ଭୁତିଆ, ଦିଲ୍ଲୀପ ସାହୁ, ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ତୁହିନକାନ୍ତ ପ୍ରଧାନ ଓ ବିଜୟ ସାହୁ ଖେଳ ପରିଚାଳନା କରିଥିବା ବେଳେ ମାହେଶ୍ୱରୀ ସ୍ପୋର୍ଟିଂ କ୍ଲବର ପିଙ୍କନ, ଲିଙ୍କନ, ୱାରୀଶ, ଦେବାଶିଷ, ପ୍ରିୟ, ବିଶ୍ୱଜିତ, ସିପୁନ, ରିଙ୍କୁ ସହଯୋଗ କରିଥିଲେ।



# ଛବିଳ ସାଏ ଓ ସହିଦଙ୍କ ସ୍ମୃତି ପଦଯାତ୍ରାରେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ୨୯।୧୨ (ସମିସ)**

୧୮୫୭ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପବିତ୍ର ସ୍ଥଳୀ ସମ୍ବଲପୁରର କୁଦୋପାଲି ଠାରେ ଆୟୋଜିତ 'ବୀର ଛବିଳ ସାଏ ସ୍ମୃତି ପଦଯାତ୍ରା'ରେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏ ଏବଂ ୫୭ ଜଣ ସହିଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କୁଦୋପାଲିକୁ ଏକ ମହାନ ସାଂସ୍କୃତିକ ତୀର୍ଥସ୍ଥଳୀ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛନ୍ତି।

ଆଜି କୁଦୋପାଲି ଠାରେ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ୧୮୫୭ ମସିହା ଡିସେମ୍ବର ମାସ ୩୦ ତାରିଖ ଦିନ କୁଦୋପାଲିର ରଣଭୂମିରେ ୫୩ ଜଣ ସଂଗ୍ରାମୀ ସହିଦ ହୋଇଥିଲେ। ପରେ ଆଉ ୪ ଜଣ ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା। ଏହିପରି ୫୭ ଜଣ ସଂଗ୍ରାମୀ ସହିଦ ହୋଇଥିଲେ। ସହିଦମାନଙ୍କ ମଧ୍ୟରେ ମହାନ ପରାକ୍ରମୀ ବୀର ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏଙ୍କ ଭାଇ ବୀର ଛବିଳ ସାଏ ମଧ୍ୟ ଥିଲେ। କୁଦୋପାଲିର ଇତିହାସ କେବଳ ଆନ୍ଦୋଳନ ନୁହେଁ, ଏହା ହଜାର ହଜାର ବୀରଙ୍କ ରକ୍ତ ଓ ଆତ୍ମ ବଳିଦାନର ଗାଥା। ଏହି ଗୌରବକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ। କୁଦୋପାଲିର ମହତ୍ତ୍ୱ ଜାଲିଆନାୱାଲାବାଗ ଠାରୁ କୌଣସି ଗୁଣରେ କମ୍ ନୁହେଁ। ଏହି ଗୌରବମୟ ଇତିହାସକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ କେନ୍ଦ୍ର ଶିକ୍ଷା ବିଭାଗ ଅନ୍ତର୍ଗତ ନ୍ୟାସନାଲ ବୁକ ଟ୍ରଷ୍ଟ (ଏନବିଟି) ପକ୍ଷରୁ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ପୁସ୍ତକ ଲେଖାଯାଇଛି ଏବଂ ଆଗାମୀ ଦିନରେ ଅନ୍ୟ ମାତୃଭାଷାରେ ପୁସ୍ତକ ପ୍ରକାଶନ ହେବ। ଜିଲ୍ଲା ପ୍ରଶାସନ ସହଯୋଗରେ ଏହି ସ୍ଥାନକୁ ଏକ ପ୍ରମୁଖ ସାଂସ୍କୃତିକ ପୀଠ ଭାବେ ବିକଶିତ କରାଯିବ। ୨୦୪୭ରେ ଯେତେବେଳେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ, ସେତେବେଳକୁ କୁଦୋପାଲି ଏକ ବୃହତ ସଂଗ୍ରାମୀ ତୀର୍ଥସ୍ଥଳୀରେ ପରିଣତ ହେବାର ଲକ୍ଷ୍ୟ ରଖାଯାଇଛି।



ମନ୍ତ୍ରୀ ଶ୍ରୀ ପ୍ରଧାନ କୁଦୋପାଲିଠାରେ 'ସହିଦ ସଂଗ୍ରହାଳୟ' ବୁଲିବା ସହ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ସେ 'ବୀର ସୁରେନ୍ଦ୍ର ସାଏ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର' ପରିଦର୍ଶନ କରି ପିଲାମାନଙ୍କୁ ଫଳ ବିତରଣ କରିଥିଲେ।

■ ଯୁବ ରେଡ୍‌କ୍ରସ୍‌ର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଉଦ୍‌ଯାପିତ

# ପ୍ରଶିକ୍ଷଣ ମଣିଷ ପାଇଁ ମଣିଷ ଟିଏ ହୋଇ ଠିଆ ହେବା ଶିଖାଇଥାଏ

ଭବାନୀପାଟଣା, ୨୯ ।୧୨(ସମିସ)




ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟଠାରେ ଯୁବ ରେଡକ୍ରସ୍ ଓଡ଼ିଶା ରାଜ୍ୟ ଶାଖା ତରଫରୁ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଅଣ ତାଲିମପ୍ରାପ୍ତ ଯୁବ ରେଡକ୍ରସ୍ ପରାମର୍ଶଦାତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୫୦ଜଣ ଯୁବ ରେଡକ୍ରସ୍ ପରାମର୍ଶଦାତାଙ୍କ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ଆବାହକ ସମ୍ପାଦକ ଦିଲ୍ଲୀପ କୁମାର ହୋତା, ସଂଯୋଜକ ଅଖିଳ କୁମାର ଭଟ୍ଟ, ନୂଆପଡ଼ା ଜିଲ୍ଲାର ସଂଯୋଜକ ଅଶ୍ୱିନୀ ଓତା ଯୋଗଦେଇ ପ୍ରଶିକ୍ଷଣ:ମଣିଷ ପାଇଁ ମଣିଷଟିଏ ହୋଇ ଠିଆ ହେବା ଶିଖାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରାମର୍ଶଦାତା ମୋହନ ଚରଣ ବିଷି ସ୍ୱାଗତ ଅଭିଭାଷଣ, ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ପ୍ରଶିକ୍ଷଣ ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ଉପସ୍ଥାପନ କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ସୁଧିର କୁମାର ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଜିଲ୍ଲା ଆବାହକ ସମ୍ପାଦକ ସଞ୍ଜିବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଡକ୍ରସର ଇତିହାସ ଓ ବିକାଶ ତଥା ରେକର୍ଡ ପ୍ରସ୍ତୁତି ବିଷୟରେ ଗୋପାଳ କୃଷ୍ଣ ମିଶ୍ର, ରକ୍ତଦାନର ମହତ୍ତ୍ୱ ଡ. ଦୀନବନ୍ଧୁ ସାହୁ, ସାଇବର ସୁରକ୍ଷାବିଦ୍ୟେନାଥ ନାୟକ, ସଡ଼କ ସୁରକ୍ଷା-ମେଜର ଡ. ଜୟଦେବ ସାହୁ, ପ୍ରାଥମିକ ସହାୟତା- ରଞ୍ଜନ କୁମାର ସ୍ୱାଇଁ, ବ୍ୟକ୍ତିତ୍ୱର ବିକାଶ, ଡ. ହଳଧର ସାହୁ, ଏଚ ଆଇ ଭି ଏଡସ୍ ଅଶ୍ୱିନୀ ଓତା, ପୋସ ଆକ୍ଟ -ସଞ୍ଜିବ କୁମାର ସାହୁ ଓ ରାଜ୍ୟ ଯୁବ ରେଡକ୍ରସ ପୁରସ୍କାର ପାଇଁ ପ୍ରସ୍ତୁତି ବିଷୟରେ ଶାନ୍ତନୁ କୁମାର ପରିଡ଼ା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରାମର୍ଶଦାତାଙ୍କ ମଧ୍ୟରେ ଆୟୋଜିତ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ସାଂଖ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ମୁଣ୍ଡଙ୍କ ସହିତ ଉମାଶଙ୍କର କର ଓ ଦେବହୂତି କର ଯୋଗଦେଇଥିଲେ। ପ୍ରଶିକ୍ଷଣର ଦ୍ୱିତୀୟ ଦିନ ସାଂସ୍କୃତିକ ସଂଧ୍ୟାରେ ବିଶ୍ୱ ବିଦ୍ୟାଳୟର କୁଳସଚିବ ଡ. ଗୁଣନିଧି ନାୟକ ଓ ବିଶିଷ୍ଟ ବାଗ୍ମୀ ଡ. ଉମେଶ ଚନ୍ଦ୍ର ଶତପଥୀ ଅତିଥି ଭାବେ ଯୋଗ ଦେଇ ପ୍ରଶିକ୍ଷାର୍ଥୀଙ୍କୁ ମାନବୀୟ ମୂଲ୍ୟବୋଧ ଉପରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରାମର୍ଶଦାତା ଡ. ନୃସିଂହାନନ୍ଦ ସାସମଲ ତଥା ବିଶ୍ୱ ବିଦ୍ୟାଳୟର ଉମେଶ ଚନ୍ଦ୍ର ନାଗ, ବ୍ରାଇଟ ପ୍ରଶାନ୍ତ କୁମାର ବାଗ, ବିଶୋକ ଚୌହାନ, ଦୀପକ ମାଝୀ, ପାୟଲ ଅଗ୍ରୱାଲ, ସଂକେତ କର୍ମୀ, ନିଶିଲଗ୍ନା ଜେନା, ନିରୁପମା ଦନ୍ତା, କରଣ ଦାସ, ରୋଜାଲିନ ବେହେରା, ବିଶ୍ୱାସ୍ମୃତି ସ୍ୱାଇଁ, ବୈଷ୍ଣବୀ ଦାସ, ରାଜୁ ନାଏକ, ଶୁଭମ କୁମାର, ସୀତାରାଣୀ ସେଠ ତଥା ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ




ଭବାନୀପାଟଣା, ୨୯ ।୧୨ (ସମିସ): ଘରୋଇ ଉପଭୋକ୍ତାଙ୍କୁ ୩୦୦ୟୁନିଟ୍ ମାଗଣା ବିଜୁଳି ଓ କୃଷି ପାଇଁ ସମ୍ପୂର୍ଣ୍ଣ ମାଗଣା ବିଜୁଳି ପ୍ରଦାନ ସହ ଅତିରିକ୍ତ ସିକ୍ୟୁରିଟୀ ଡିପୋଜିଟ୍‌କୁ ତୁରନ୍ତ ପ୍ରତ୍ୟାହାର ଓ ସ୍ମାର୍ଟ ମିଟରର ବିଶ୍ୱସନୀୟତା ପ୍ରମାଣିତ ହେବା ଯାଏଁ ବିଭାଗୀୟ କାର୍ଯ୍ୟ ବନ୍ଦ କରିବା ଦାବିରେ ସୋମବାର ଭବାନୀପାଟଣାରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଉଛି। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଭବାନୀପାଟଣା (ଟିପିଡବ୍ଲୁଓଡିଏଲ) ବିଦ୍ୟୁତ ବିଭାଗ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ।ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ସମେତ ଧାରଣା ସଭାରେ ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଜିଲ୍ଲା ଉପସଭାପତି ଉଛବ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ରାଜୀବ ଗାନ୍ଧୀ ପଞ୍ଚାୟତରାଜର ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ, ଜିଲ୍ଲା ସାଧାରଣ ସମ୍ପାଦକ ନିମାଞ୍ଚଳ ନାଏକ, ବ୍ଲକ ସଭାପତି ସୁବାଷ ପ୍ରଧାନ, ବାବା ଅଲ୍ଲୀ ଖାଁ, ସିର୍ଦ୍ଧାର୍ଥ ନାଏକ, ଇନ୍ଦ୍ରିଜିତ ମହାକୁଡ଼, ସୁକାନ୍ତ ବିଶି, ବେଣୁପାଣି ଦୁର୍ଗା, ନାରିନେତ୍ରୀ ସୁକାନ୍ତି ସରାଫ, ମର୍ଜିନା ପ୍ରଧାନ, ମନ୍ଦାକିନୀ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ବଘିଆପଡ଼ା ମଣ୍ଡିରୁ ଧାନକ୍ରୟ

ବୌଦ୍ଧ, ୨୯ ।୧୨(ସମିସ): ବୌଦ୍ଧ ବ୍ଲକ ବଘିଆପଡ଼ା ପାକ୍ସ ପକ୍ଷରୁ ଖରିଫ ଧାନ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଛି। ପାକ୍ସ ସଭାପତି ରୋହିତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ନେତ୍ରାନନ୍ଦ ପୁରୋହିତ, ସମିତିର ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟବାନ୍ ବେଜି, କିରନ୍ କୁମାର ପ୍ରଧାନ, ସୁକାନ୍ତ କୁମାର ପ୍ରଧାନ, ସମାଜସେବୀ ରଶ୍ମିକାନ୍ତ ପ୍ରଧାନ, ନୀଳମଣି ଦନ୍ତା, ଗିରିଶଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଶ୍ରୀକାନ୍ତ ସାହୁ, ସନ୍ଦୀପ କୁମାର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଆଜି ଚାଷୀ ଯୋଗିନ୍ଦ୍ର କୁମାର ପ୍ରଧାନ, ଗୋକୁଳ କୁମାର ପ୍ରଧାନଙ୍କ ଠାରୁ ୧୭୦ କୁଇଣ୍ଟାଲ ଧାନ କିଣାଯାଇଥିଲା।




# ଏକଲବ୍ୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନୂଆପଡ଼ା, ୨୯ ।୧୨(ସମିସ): ସ୍ଥାନୀୟ ଏକଲବ୍ୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ନୂଆପଡ଼ା ଜିଲ୍ଲାର ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ମୁଖ୍ୟଅତିଥି ଓ ନୂଆପଡ଼ା ଜିଲ୍ଲାର ଜଣେ ସ୍ୱନାମଧନ୍ୟ କ୍ରୀଡାବିତ, ଜିଲ୍ଲା କ୍ରିକେଟ ଆସୋସିଏସନ ସାଧାରଣ ସମ୍ପାଦକ ବିଶିଷ୍ଟ କ୍ରୀଡା ସଂଗଠକ ଓ ଓଡ଼ିଶା କ୍ରିକେଟ ଆସୋସିଏସନର ବରିଷ୍ଠ ସଦସ୍ୟ ସରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ସାହୁ ନିଜ ଅଭିଭାଷଣରେ ଆଜି ନୂଆପଡ଼ା ଜିଲ୍ଲାର କୋଣ ଅନୁକୋଣରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ଶ୍ରେଷ୍ଠ କ୍ରୀଡାବିତ ରାଜ୍ୟସ୍ତରକୁ ଉନ୍ନୀତ ହୋଇ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଜିଲ୍ଲାର ସ୍ୱନାମକୁ ବଜାୟ ରଖୁଛନ୍ତି। କ୍ରୀଡାରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ କେବଳ କ୍ରୀଡାବିତ ତଥା କ୍ରିଡା ଆୟୋଜନ କରିପାରିଥାଏ ଓ ବିଗତ ଦିନରେ ଆମେ ଏହାର ବ୍ୟତିକ୍ରମ ଦେଖିବାକୁ ପାଇଥିଲୁ। ଆଜି କ୍ରିକେଟରେ, କବାଡିରେ, ଭଲିବଲରେ, ଖୋ ଖୋରେ ଆମ କ୍ରୀଡାବିତମାନେ ରାଜ୍ୟସ୍ତର ଖେଳରେ ଉତ୍କର୍ଷତା ପ୍ରଦର୍ଶନ କରି ସଫଳ କ୍ରୀଡାବିତ ଭାବରେ ନିଜକୁ ପ୍ରତିପାଦନ କରିପାରିଛନ୍ତି। ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଆମେ ଯଦି ଖେଳ ମାଧ୍ୟମରେ ଶରୀରକୁ ସୁସ୍ଥ ରଖିବା ପ୍ରତ୍ୟେକ ଦିନ ଭଲ କ୍ରୀଡାବିତ ହେବା ସଙ୍ଗେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଭଲ ପ୍ରଦର୍ଶନ କରି ନିଜକୁ ପ୍ରତିଦିନ ଖେଳ, ବ୍ୟାୟମ, ଯୋଗ ଅଭ୍ୟାସ ଜାରି ରଖିବା ଆଉ ସୁସ୍ଥ ସବଳ ଶରୀର ଗଢି ପାରିବା ବୋଲି କହିଥିଲେ। ଭଲ ପଢ଼ିବା ପାଇଁ ଭଲ ମନ ଏବଂ ସୁସ୍ଥ ଶରୀର ଜରୁରୀ ବୋଲି କହିଥିଲେ।କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଭାଗ ନେଇଥିଲେ।




## ନୂଆଁପାଲି ଧନୁଯାତ୍ରା ଉଦ୍‌ଘାଟିତ

# ଦେବକୀ-ବସୁଦେବ ବିବାହ, ଉଗ୍ରସେନଙ୍କ ଗାଦିଚ୍ୟୁତ

ଦେଓଗାଁ, ୨୯।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅଧୀନ ନୂଆଁପାଲି ଧନୁଯାତ୍ରା ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହି ରଜନୀରେ ଦେବକୀ ବସୁଦେବ ବିବାହ ଓ ଉଗ୍ରସେନ ରାଜାଙ୍କ ଗାଦିଚ୍ୟୁତ ନାଟ୍ୟାଭିନୟ ଅନୁଷ୍ଠିତ ହୋଇଥିଲା। କୌସ୍ତୁଭମଣି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଯଶୋବନ୍ତୀ ନାଏକ, ନାଏବ ସରପଞ୍ଚ ସୌମିତ୍ରି ପଧାନ, ୱାର୍ଡସଭ୍ୟ ଧନମତ କୁମ୍ଭାର, ବୈବ କୁଅଁର ପ୍ରମୁଖ ଯୋଗଦେଇ ଧନୁଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ପ୍ରଫୁଲ୍ଲ ମେହେର ଓ ସାଥୀଙ୍କ ଦ୍ୱାରା କଂସ ଦରବାର ଚାଲିଥିବା ବେଳେ ଏ ଅବସରରେ ତରଣୀସେନ ତ୍ରିପାଠୀଙ୍କ ଦ୍ୱାରା ଗୋପଲୀଳା ପାରାୟଣ ଅନୁଷ୍ଠିତ ହେଉଛି। ଏହାସହ ୨୯ ଓ ୩୦ ଦୁଇଦିନ ଧରି ଇସ୍କନ ସଂସ୍ଥା ଦ୍ୱାରା ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁଥିବାବେଳେ ୩୧ ରୁ ୧ ତାରିଖ ପର୍ଯ୍ୟନ୍ତ ସଞ୍ଚାର ନୃତ୍ୟ କାର୍ଯ୍ୟକ୍ରମ ଓ ୩ ତାରିଖ ଦିନ ଅପରାହ୍ନ ୨ଟାରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରାମଲୀଳା ସୀତାଚୋରୀ ନାଟକ ମଞ୍ଚସ୍ଥ ହେବ ବୋଲି ଆୟୋଜନ ସୂତ୍ରରୁ ପ୍ରକାଶ।

# ବାଲ୍ୟ ବିବାହ ଓ ଦଣ୍ଡ ବିଧାନ ଉପରେ ସଚେତନତା




ବୌଦ୍ଧ, ୨୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତରେ ବିଶ୍ୱ ଯୁବ କେନ୍ଦ୍ର, ବଣିନାଳି ଦ୍ୱାରା ପରିଚାଳିତ ଆକ୍ସେସଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ଏକ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ୱେତା ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବାଲ୍ୟବିବାହର କୁପରିଣାମ ଓ ଏହାକୁ କିପରି ରୋକାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା।

# ସଟ୍‌ସର୍କିଟ୍‌ରେ ଜଳିଗଲା ଜଳଖିଆ ଦୋକାନ

ଦେଓଗାଁ, ୨୯।୧୨ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ କଲେଜ ଛକ ନିକଟରେ ବରଗଛ ତଳେ ରହିଥିବା ଏକ ଜଳଖିଆ ଦୋକାନ ବିଦ୍ୟୁତ ସଟସର୍କିଟ ଯୋଗୁଁ ସମ୍ପୂର୍ଣ୍ଣଭାବେ ପୋଡ଼ିଯାଇଛି। ଦେଓଗାଁର ଶତ୍ରୁଘ୍ନ ସା କଲେଜଛକ ଠାରେ ଚାଳଛପର କରି ଏକ ଜଳଖିଆ ଦୋକାନ ଦେଇ ପରିବାର ପ୍ରତିପୋଷଣ କରୁଥିଲେ। ଦୋକାନ ପାଖରେ ଥିବା ବରଗଛକୁ ଲାଗି ବିଦ୍ୟୁତ ଖୁଣ୍ଟ ବିପଦପୂର୍ଣ୍ଣ ଭାବେ ରହିଥିବା ବେଳେ ରବିବାର ବିଳମ୍ବିତ ରାତିରେ ସଟସର୍କିଟ ହୋଇ ଦୋକାନଘରେ ନିଆଁଲାଗି ଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ଦୋକାନଘରେ ରହିଥିବା ପ୍ରାୟ ୩୦ହଜାର ଟଙ୍କାର ଖାଦ୍ୟ ସାମଗ୍ରୀ ଓ ଉପକରଣ ଗୁଡ଼ିକ ପୋଡିନଷ୍ଟ ହୋଇଯାଇଥିବା ଦୋକାନ ମାଲିକ ଶତ୍ରୁଘ୍ନ ସା ଅଭିଯୋଗ କରିବା ସହ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରଶିକ୍ଷଣ

ବୌଦ୍ଧ, ୨୯ ।୧୨(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ଆବାହକତ୍ୱରେ ବୌଦ୍ଧ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଓ ଉପସ୍ଥାପନା ନିମନ୍ତେ ଉଦ୍‌ଘୋଷକ, ଉଦଘୋଷିକାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ସାହୁ, ନବ କିଶୋର ଦୀପ, ସୁଧୀର ଦୀପ, ବର୍ଷାରାଣୀ ମେହେର, ଶୁଭଲକ୍ଷ୍ମୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ତୀରନ୍ଦାଜି ପ୍ରତିଯୋଗିତା



ବୌଦ୍ଧ, ୨୯ ।୧୨(ସମିସ): କଟକ ଜିଲ୍ଲାସ୍ଥିତ କୁରଙ୍ଗ ଶାସନରେ ହୋଇଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ ତୀରନ୍ଦାଜି ପ୍ରତିଯୋଗିତାରେ ବୌଦ୍ଧ ଜିଲ୍ଲାରୁ ୩ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାପ୍ତିପ୍ରଭା ମେହେର କମ୍ପାଉଣ୍ଡ ରାଉଣ୍ଡରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଓ.ଏ.ଭି.ତେଲେଙ୍ଗାର ନବମ ଶ୍ରେଣୀର ଛାତ୍ରୀ ଅଟନ୍ତି। ଶୈଳଶ୍ରୀ ସାହୁ ଇଣ୍ଡିଆନ ରାଉଣ୍ଡରେ ଚତୁର୍ଥ ସ୍ଥାନରେ ଅଛନ୍ତି। ଆଗାମୀ ଦିନରେ ଉପରୋକ୍ତ କୃତୀ ପ୍ରତିଯୋଗୀ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି।

# ଲର୍କାରେ ମୁସଲିମ୍ ସମ୍ପ୍ରଦାୟର ବୈଠକ



ନୂଆପଡ଼ା, ୨୯ ।୧୨(ସମିସ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଲର୍କା ଠାରେ ମୁସଲିମ୍ ସମ୍ପ୍ରଦାୟର ବୈଠକ ଉର୍ଷେ ହୁଜୁର ଅନୁଷ୍ଠିତ ହୋଇଯାଇଛି। କଡା ସୁରକ୍ଷା ବଳୟ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଶାନ୍ତି ଶୃଙ୍ଖଳାରେ ସଭା ସମାପନ ହୋଇଛି। ଏଥିରେ ମୁସଲିମ ଭାଇ ଭଉଣୀ ସମେତ ସ୍ଥାନୀୟ ଅନ୍ୟ ସାମ୍ପ୍ରଦାୟର ଲୋକ ମଧ୍ୟ ଯୋଗ ଦେଇ ହିନ୍ଦୁ ମୁସଲିମ ଭାଇ ଭାଇର ବାର୍ତ୍ତା ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ବର୍ତ୍ତମାନ ବାଂଲାଦେଶରେ ହିନ୍ଦୁମାନଙ୍କୁ ବର୍ବର ଭାବେ ହତ୍ୟା କରାଯାଉଥିବା ବେଳେ ଲର୍କାରେ ରାଜ୍ୟ ତଥା ଦେଶ ବାହାରୁ ମୁସଲିମ ସମ୍ପ୍ରଦାୟର ଲୋକ ରୁଣ୍ଡ ହେଉଛନ୍ତି ବୋଲି ବିଭିନ୍ନ ହିନ୍ଦୁ ସଂଗଠନ ତରଫରୁ ବିରୋଧ କରାଯାଇଥିଲା। ଏହା ପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ବୈଠକକୁ ଶାନ୍ତି ଶୃଙ୍ଖଳାର ସହ କରିବାସହ ଏହାକୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ସୀମିତ ରଖିବାକୁ କୁହାଯାଇଥିଲା। ବୈଠକରେ ହିନ୍ଦୁ ସମାଜ ତରଫରୁ ଶିବ ହୋତା, ରାମ କୃଷ୍ଣ ବେହେରା, ଉମା ଖମାରୀ ସହ ଅନେକ ନାଗରିକ ଯୋଗଦେଇ ଭାଇଚାରାରେ ଦୀର୍ଘ ୨୫ ବର୍ଷ ହେବ ସଭା ଅନୁଷ୍ଠିତ ହୋଇଅଛି ବୋଲି ପ୍ରକାଶ କରିଥିଲେ।

# ରାମ୍ଭିକଟାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ; ଆଡେନିଗଡ଼ ଚାମ୍ପିଅନ

ବୌଦ୍ଧ, ୨୯ ।୧୨(ସମିସ): ଜିଲ୍ଲା ହରଭଙ୍ଗା ବ୍ଲକ ରାମ୍ଭିକଟାଠାରେ ଚାଲିଥିବା ମା' ପିତାବଳି କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନଲ ମ୍ୟାଚ୍ ଆଡ଼େନିଗଡ଼ ସହ ମଥୁରା ମଧ୍ୟରେ ଖେଳାଯାଇଥିଲା। ଏଥିରେ ମଥୁରା ଦଳ ୧୫ ଓଭର ୮ ଉଇକେଟ ହରାଇ ମୋଟ ୧୫୮ ରନ୍ କରିଥିବାବେଳେ ଆଡ଼େନିଗଡ଼ ୧୩ ଓଭର ୧ ବଲରେ ୬ ଉଇକେଟ ହରାଇ ୧୬୨ ରନକରି ବିଜେତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରିପୋଟର୍ସ ଆସୋସିଏସନ ଜିଲ୍ଲା ସଭାପତି ତଥା ବରିଷ୍ଠ ସାମ୍ବାଦିକ ଭାଗବତ ମେହେର, ଅନ୍ୟତମ ଅତିଥି ଭାବେ ଯୁବ ସାମ୍ବାଦିକ ତଥା ସମାଜସେବୀ ଅକ୍ଷୟ କୁମାର ମହାକୁଡ଼, ଗ୍ରାମ୍ୟ ସଭାପତି ଦୁର୍ଯ୍ୟଧନ ମଲ୍ଲିକ ଯୋଗଦେଇ ଥିଲେ। ରାଜୀବ ପ୍ରଧାନ, ଟୁଲୁ ପ୍ରଧାନ ପରିଚାଳନା କରିଥିବାବେଳେ କମିଟିର ଜିତୁ ଡାଲୁଆ, ସମୀର ଘିବିଲା, ଚନ୍ଦନ ମହାପାତ୍ର, ଅର୍ଜୁନ ବେହେରା, ରମାକାନ୍ତ ପାତ୍ର, ଗଙ୍ଗା ବଗର୍ତି, ସାଜିତ ଖାଁ ପ୍ରମୁଖ ସହଯୋଗ କରିଥିଲେ।



# ମା' ପାଟଖଣ୍ଡା କ୍ରିକେଟ, ସେମିରେ ଦେଓଗାଁ



ଦେଓଗାଁ, ୨୯।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ମିନିଷ୍ଟାଡିୟମରେ ଚାଲିଥିବା ମା' ପାଟଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟସୋମବାର ତୃତୀୟ ଦିବସରେ ଦେଓଗାଁ ଓ ସାଲେପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦେଓଗାଁ ଟସଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୩୬ ରନ ସଂଗ୍ରହ କରିଥିଲେ। ଜବାବରେ ସାଲେପାଲି ଦଳ ନିର୍ଦ୍ଧାରିତ ୮ ଓଭରରେ୧୦୬ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଦେଓଗାଁ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ମିଳନ ପଧାନ ଓ ଦେବାଶିଷ ପଧାନ ଖେଳ ପରିଚାଳନା କରିଥିଲେ। ବୁଦ୍ଧଦେବ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହିଦିନ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖାମାରୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହୀତ କରିଥିଲେ।

## ଅଶୁର୍ଲା କ୍ରିକେଟ ପ୍ରିମିୟର ଲିଗ୍

# ଗେମ୍ ଚେଞ୍ଜର ଚାମ୍ପିଅନ

ବଙ୍ଗୋମୁଣ୍ଡା, ୨୯ ।୧୨(ସମିସ)

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ପଞ୍ଚାୟତ ଅଧୀନ ଅଶୁର୍ଲା ଗ୍ରାମରେ ଚାଲିଥିବା ଦ୍ୱିତୀୟଅଶୁର୍ଲା କ୍ରିକେଟ ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗେମ୍ ଚେଞ୍ଜର, ପାୱାର ହିଟର, ସୁପର କିଙ୍ଗ, ରାଇଜିଙ୍ଗ ଷ୍ଟାର ମୋଟ ୪ଟି ଦଳ ଭାଗ ନେଇଥିବା ବେଳେ ଗେମ୍ ଚେଞ୍ଜର, ପାୱାର ହିଟର ଦଳ ଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମେ ବ୍ୟାଟିଂ ଗେମ୍ ଚେଞ୍ଜର ୧୦ ଓଭର ରେ ୪ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ଜବାବରେ ପାୱାର ହିଟର ଦଳ ୧୦ ଓଭର ୯ ଉଇକେଟ ହରାଇ ୮୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅଶୋକ ବାଗ ଓ ମୁନା ସାହୁ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କପିଲାଭଟା ମାଁ ସାହାଜି ଯୁବକ ସଂଘ ର ସଂଯୋଜକ ପୃଥ୍ୱିରାଜ ବାଗ, ସମ୍ମାନିତ ଅତିଥି ଭାବେ ହୁଲେଶ୍ୱର ହଂସ, ଆଇନଜୀବୀ ସୁଧାଂଶୁ ଦାସ, ଆଇନଜୀବୀ ପ୍ରକାଶ ନାଗ, ଶଶିକପୁର ମହାନନ୍ଦ, ଉତ୍ତର ତାଣ୍ଡି, ପଣ୍ଡିତ ସାହୁ, ପରମାନନ୍ଦ ଛତ୍ରିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଆୟୋଜକ କମିଟିର କୁନା ସାହୁ, ଦୁଷ୍ମନ୍ତ ଦାସ, ରିଙ୍କୁ ସାହୁ, ଧର୍ମେନ୍ଦ୍ର ଦାସ, ଚୈତନ୍ୟ ମହାନନ୍ଦ, ଧର୍ମେଶ ସଗରିଆ ପ୍ରମୁଖଙ୍କ ସହ ଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



# ଟାଟା ପାୱାରର ଶୋଷଣ ନୀତି ବିରୋଧରେ କଂଗ୍ରେସର ବିକ୍ଷୋଭ

ଢେଙ୍କାନାଳ,୨୯ ।୧୨(ସମିସ)



ଟାଟା ପାୱାରର ଗ୍ରାହକ ଶୋଷଣ ନୀତି ବିରୋଧରେ ଜିଲ୍ଲା କଂଗ୍ରେସ ତରଫରୁ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ସ୍ଥାନୀୟ ଟିପିସିଓଡିଏଲର କାଠଗଡ଼ାସ୍ଥିତ ଅଫିସ ଘେରାଉ କରାଯାଇ ଫାଟକରେ ତାଲା ପକାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟାଟା ପାୱାର ଉପଭୋକ୍ତାଙ୍କ ଘରେ ଲାଗିଥିବା ମିଟର ବାହାର କରି ଜୋରଜବରଦସ୍ତ ସ୍ମାର୍ଟ ମିଟର ବସାଇବା, ଅତିରିକ୍ତ ସିକ୍ୟୁରିଟି ଜମା ବାକିକରି ଜୁଲମ କରି ଗ୍ରାହକଙ୍କୁ ଶୋଷଣ କରୁଥିବା ପ୍ରତିବାଦରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ କଂଗ୍ରେସ ଟାଟା ପାୱାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ବରିଷ୍ଠ କଂଗ୍ରେସ ନେତା ଡା. ଦୁଷାରକାନ୍ତି ନାୟକ, ପ୍ରେମଶଙ୍କର ମିଶ୍ର, ବିପ୍ରବର ସାହୁ, ସରୋଜ ଶତପଥୀ, ପ୍ରିୟବ୍ରତ ଗଡ଼ନାୟକ ପ୍ରମୁଖ ଟାଟା ପାୱାରର ଶୋଷଣ ବିରୋଧରେ ଭାଷଣ ଦେଇ ତୀବ୍ର ସମାଲୋଚନା କରିଥିଲେ। ଏହା ପଛରେ ଟାଟା କମ୍ପାନୀ ଏବଂ ଅନ୍ୟ ପୁଞ୍ଜିପତିମାନଙ୍କ ଚକ୍ରାନ୍ତ ରହିଛି। କେନ୍ଦ୍ର ମୋଦି ସରକାର ଏବଂ ରାଜ୍ୟ ମୋହନ ମାଝୀ ସରକାରଙ୍କ ଭିତିରି ବୁଝାମଣା ରହିଛି ବୋଲି ନେତାମାନେ ଦର୍ଶାଇଥିଲେ। ଟାଟା, ଆଦାନି, ଅମ୍ବାନୀ ଆଦି ପୁଞ୍ଜିପତିମାନେ ସରକାରୀ ବ୍ୟାଙ୍କରୁ ନେଇଥିବା ଲକ୍ଷାଧିକ କୋଟି ଟଙ୍କା ଋଣକୁ ମୋଦି ସରକାର ଛାଡ଼ କରିଦେଇ ଇଲେକ୍ଟୋରାଲ ବଣ୍ଡ ଏବଂ ପରେ ଅନ୍ୟ ଉପାୟରେ ହଜାର ହଜାର କୋଟି ଟଙ୍କା ଚାନ୍ଦା ଦେଇ ନିର୍ବାଚନ ଲଢୁଥିବା ଏବଂ ଗରିବ ଭୋଟରଙ୍କୁ ଟଙ୍କା ଦେଇ ପ୍ରଲୋଭିତ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ତୁରନ୍ତ ସ୍ମାର୍ଟ ମିଟର ବସାଇବା ବନ୍ଦ କରାଯାଉ ଏବଂ ରାଜ୍ୟରେ ଏବେ ସୁଦ୍ଧା ଲଗାଯାଇଥିବା ୭ ଲକ୍ଷ ସ୍ମାର୍ଟ ମିଟରକୁ ହଟାଯିବା ସହ ଗ୍ରାହକଙ୍କଠାରୁ ଆଦାୟ ହୋଇଥିବା ଅଧିକ ୭ ହଜାର କୋଟି ଟଙ୍କା ଫେରସ୍ତ ଦେବାକୁ କଂଗ୍ରେସ ଦାବି କରିଛି। ବିଜେପି ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଯେଉଁଥିରେ ପ୍ରତ୍ୟେକ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ଓ କୃଷକଙ୍କୁ କୃଷି କାର୍ଯ୍ୟ ପାଇଁ ମାଗଣା ବିଜୁଳି ଯୋଗାଇଦେବା ମାଝି ସରକାର ପୂରଣ କରିବା ନିମନ୍ତେ କଂଗ୍ରେସ ଦାବି କରିଛି। ବିଜୁଳି ସମସ୍ୟା ସମାଧାନ ନ ହେଲେ କଂଗ୍ରେସ ତରଫରୁ ଗାଁ ଗଣ୍ଡାରେ ଲୋକଙ୍କୁ ନେଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛି। ବିକ୍ଷୋଭ ସମାବେଶରେ ପିସିସି ସମ୍ପାଦିକା ଶିଶ୍ରିଶ୍ରୀ ହରିଚନ୍ଦନ, ବରିଷ୍ଠ ନେତା ରୁଦ୍ରପ୍ରକାଶ ଶରଣ, ନୁରୁଲ ଇସଲାମ, ପିଣାକ ସାହୁ, ଭିକି ସ୍ୱାଇଁ, ପ୍ରଜ୍ଞା ପରମିତା ବାରିକଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

## ମାଗଣା ଦନ୍ତ ଚିକିତ୍ସା ଶିବିର



ପଟ୍ଟାମୁଣ୍ଡାଇ,୨୯ ।୧୨(ସମିସ): ଡେରାବିଶ ବ୍ଲକ ବେରପୁର ପଞ୍ଚାୟତ ବଡ଼ାଗ ଗ୍ରାମରେ ଥିବା ଦାମୋଦରଜୀଉ ବିଦ୍ୟାପୀଠରେ ଆମ ଗୋବରା ସେବା ସଂଗଠନ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ସଂଗଠନର ସଭାପତି ସ୍ୱର୍ଣ୍ଣଲତା ପଲେଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଡା. ପ୍ରତାପ ଚନ୍ଦ୍ର ପରିଡ଼ା, ଅଶ୍ୱିନୀ କୁମାର ପରିଡ଼ା ଓ ସ୍ମିତା ଜେନା ଯୋଗଦେଇ ପ୍ରାୟ ୧୦୦ ଜଣଙ୍କ ଦନ୍ତ ଚିକିତ୍ସା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ମନିଷା ପଣ୍ଡା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନବକିଶୋର ମଲ୍ଲିକ ଯୋଗଦେଇଥିଲେ। ଉପସଭାପତି ଅକ୍ଷିତ ପାତ୍ର, ଉପଦେଷ୍ଟା ପାର୍ବତୀ ମଲ୍ଲିକ, ସମ୍ପାଦକ କନ୍ଧତରୁ ମହାରଣା, ପ୍ରତିଷ୍ଠାତା ପ୍ରହ୍ଲାଦ ପଲେଇ, କୋଷାଧ୍ୟକ୍ଷ ରବୀନ୍ଦ୍ର ଜେନା, ସେଚ୍ଛାସେବୀ ଗୀତାଞ୍ଜଳି ଦାସ, କୃଷ୍ଣଚନ୍ଦ୍ର ଦାସ, ଭାରତୀ, ସ୍ୱର୍ଣ୍ଣଲତା, ମଳୟ, ମମତା, ଧରଣୀଧର, ଶରତ, ସୌଦାମିନୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ର ଓ ବିଭୂତି ଭୂଷଣ ଘଡ଼ାଇ ପ୍ରମୁଖ ସହଯୋଗ କରିଥିଲେ।

## ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

● ଦାଦନ ଖଟିବାକୁ ଯାଇଥିଲେ ବାଜି ରାଉତ ମାଟିର ପୁଅ

ଭୁବନ,୨୯ ।୧୨(ସମିସ): ବାଜି ରାଉତଙ୍କ ପାଇଁ ଗର୍ବିତ ଭୁବନ ପଞ୍ଚାୟତର ଜଣେ ଦାଦନ ଶ୍ରମିକଙ୍କର ବେଙ୍ଗାଲୁରୁରେ ମୃତ୍ୟୁ ହୋଇଛି। ମୃତକ ହେଲେ ଭୁବନ ଥାନା ମହୁଲପାଳ ସାମିଲ କଣପାଳ ପଞ୍ଚାୟତ ମହୁଲପାଳ ଗ୍ରାମ ମଙ୍ଗଳାସାହିର ମକୁନ୍ଦ ଦାସଙ୍କ ସାନ ପୁଅ ଶେଷଦେବ ଦାସ (୩୯)। ତାଙ୍କର ୨ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସମସ୍ତେ ନାବାଳକ। ପୁଅ ମଧ୍ୟ ପୋଲିଓ ରୋଗୀ, ଦିବ୍ୟାଙ୍ଗ ଅଟନ୍ତି। ସେହି ଗ୍ରାମର ଜଣେ ଶ୍ରମିକ ସର୍ଦ୍ଦାର ସହଯୋଗରେ ରାଜମିସ୍ତ୍ରି କାମ କରିବାକୁ ଶେଷଦେବ ୭ ମାସ ପୂର୍ବରୁ ବେଙ୍ଗାଲୁରୁ ଯାଇଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ରବିବାର ସକାଳେ ପରିବାର ଲୋକ ମୃତ୍ୟୁ ସମ୍ପର୍କରେ ଖବର ପାଇ ଭୁବନ ଥାନାର ସହାୟତା ଲୋଡ଼ିଥିଲେ। ଶେଷଦେବଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଶବ ଆଣିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସାହାଯ୍ୟ କରାଯିବା ସହ ଶ୍ରମିକ ଚାଲାଣରେ ସକ୍ରିୟ ବ୍ୟକ୍ତିଙ୍କୁ ଖୋଜି ବାହାର କରିବାକୁ ଦାବି ହୋଇଛି।

## ବିଶ୍ୱହିନ୍ଦୁ ପରିଷଦର ପ୍ରଖଣ୍ଡସ୍ତରୀୟ ବୈଠକ

ମହାକାଳପଡ଼ା,୨୯ ।୧୨(ସମିସ): ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ପ୍ରଖଣ୍ଡସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସ୍ଥାନୀୟ ମା' ଦରିଆ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ଖୁଣ୍ଟିଆ, ଜିଲ୍ଲା ବିଶେଷ ସମ୍ପର୍କ ପ୍ରମୁଖ କାହ୍ନୁଚରଣ ପରିଡ଼ା, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଶୁଭାଂଶୁ ଶେଖର ରାଉତ ଯୋଗଦେଇ ସଙ୍ଗଠନ କିପରି ସୁଦୃଢ଼ ହେବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ମାର୍ଶାଘାଇ ପ୍ରଖଣ୍ଡ ସମରସତ୍ତା ପ୍ରମୁଖ ବବିନ ମଲ୍ଲିକ, ମାର୍ଶାଘାଇ ପ୍ରଖଣ୍ଡ ସହସଂଯୋଜକ ଉତ୍ତମ କୁମାର ସ୍ୱାଇଁ, ମହାକାଳପଡ଼ା ପ୍ରଖଣ୍ଡ ସଂଯୋଜକ ଅଜୟ ବାରିକଙ୍କ ସହ ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାକାଳପଡ଼ା ପ୍ରଖଣ୍ଡ ନୂତନ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ଜେନା, ସହ ସମ୍ପାଦକ ଭାବେ ଅଭିନନ୍ଦନ ରାଉତରାୟ ଏବଂ ବଜରଙ୍ଗ ଦଳ ସହ ସଂଯୋଜକ ଭାବେ ନିର୍ମଳ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଡେରାବିଶ,୨୯ ।୧୨(ସମିସ): ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଛକନା ଗ୍ରାମର ସଚ୍ଚିଦାନନ୍ଦ ମହାନ୍ତି (୭୫)ଙ୍କର ରବିବାର ପୂର୍ବାହ୍ନରେ ପରଲୋକ ହୋଇଛି। ସ୍ୱର୍ଗତ ମହାନ୍ତି ଢେଙ୍କାନାଳର ଏକ ସୂତାକଳରେ ସୁପରଭାଇଜର ଭାବେ କାର୍ଯ୍ୟକରି ଅବସର ନେଇଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ସକାଳେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ପରିବାର ଲୋକେ କଟକ ନେବା ସମୟରେ



ବାଟରେ ତାଙ୍କ ମୃତ୍ୟୁ ହୋଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତିଥିଲେ। ତାଙ୍କ ଦେହାନ୍ତ ଖବର ପାଇ ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା, ପୂର୍ବତନ ସରପଞ୍ଚ ରଶ୍ମିତା ଜେନା, ଅଶ୍ୱିନୀ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସମାଜସେବୀ ଅଜୟ କୁମାର ରାଉତ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୁଶୀଲ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା



ମହାକାଳପଡ଼ା,୨୯ ।୧୨(ସମିସ): ମହାକାଳପଡ଼ା ବ୍ଲକ୍ ରାଜଗଡ଼ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୯୮୮ ମସିହା ସପ୍ତମ ଶ୍ରେଣୀ ବ୍ୟାଚ ଛାତ୍ରଛାତ୍ରୀଙ୍କ ୧୧ତମ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ତତ୍କାଳୀନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଞ୍ଜୟ ସ୍ୱାଇଁ, ଦୀପ୍ତିରାଣୀ ସ୍ୱାଇଁ, ସୁବାସ ସ୍ୱାଇଁ, ରେଣୁକା ବିଶ୍ୱାଳ, ଦିଲୀପ ପରିଡ଼ା, ନିର୍ମଳ ପଣ୍ଡା, ସୁଦର୍ଶନ ମିଶ୍ର, ଅକ୍ଷୟ ଦାସ, ପତିତପାବନ ଦାସ, ସତ୍ୟରଞ୍ଜନ ପାଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ପ୍ରଶାନ୍ତ କେନ୍ଦ୍ରାପଡ଼ା ବିଜେପିର ସମ୍ପାଦକ



ମହାକାଳପଡ଼ା,୨୯ ।୧୨(ସମିସ): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ୧୯ ନମ୍ବର ଜୋନ୍‌ର ପୂର୍ବତନ ମଣ୍ଡଳ ସଭାପତି ଭାବେ କାର୍ଯ୍ୟ କରିଥିବା ପ୍ରଶାନ୍ତ ସେଠୀଙ୍କୁ ରାଜ୍ୟ ବିଜେପି ସଭାପତିଙ୍କ ଅନୁମୋଦନ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ସେଠୀ ଜଣେ ସଂଗଠକ ଭାବେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଆସୁଛନ୍ତି। ଜିଲ୍ଲାର ନୂତନ ସମ୍ପାଦକ ରୂପେ ନିଯୁକ୍ତ କରାଯାଇଥିବାରୁ ପ୍ରଶାନ୍ତ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ରାସୋଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀ ଚିକିତ୍ସା ପାଲଟିଛି ପ୍ରହସନ

## ଗୁରୁତର ଆହତଙ୍କୁ ତୁରନ୍ତ ଚିକିତ୍ସା ମିଳିଲାନି



ହିନ୍ଦୋଳ,୨୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଚିକିତ୍ସା ସେବା ପାଲଟିଛି ପ୍ରହସନ। ହିନ୍ଦୋଳ ଉପଖଣ୍ଡର ପୁରୁଣା କଟକ-ସମ୍ବଲପୁର ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ବେଳେ ଦୈନିକ ହଜାର ହଜାର ସଂଖ୍ୟାରେ ଗାଡ଼ିମୋଟର ଚାଲୁଥିବାରୁ ବହୁ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି। ମାତ୍ର ଏହି ରାସ୍ତାରେ ଥିବା ରସୋଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବହେଳା ପାଇଁ ଗୁରୁତର ଆହତମାନେ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ରବିବାର ଅପରାହ୍ନରେ ହିନ୍ଦୋଳ ଥାନା ବାହାଲୁଣ୍ଡା ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ମହିଧରପୁର ଥାନା ସେରେଣାବେଡ଼ା ଗ୍ରାମର ବୁଦ୍ଧିଆ ସାହୁଙ୍କ ପୁଅ ଜଗବନ୍ଧୁ ସାହୁ ଏବଂ ରାସୋଳ ଥାନା ବେଡ଼ାପଡ଼ା ଗ୍ରାମର ସନ୍ଦିପ ବେହେରା। ଦୁର୍ଘଟଣାରେ ଉଭୟ ସଂଜ୍ଞାହୀନ ହୋଇ ଦୀର୍ଘ ସମୟ ରାସ୍ତାରେ ପଡ଼ି ରହିଥିଲେ। ଏକ ଅଟୋ ସହାୟତାରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ରାସୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ସେଠାରେ କୌଣସି ଡାକ୍ତର, କର୍ମଚାରୀ ନ ଥିବା ତଥା ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି କର୍ମଚାରୀ ନ ପହଞ୍ଚିବାରୁ ସନ୍ଦିପଙ୍କୁ ତାଙ୍କ ପରିବାର ଲୋକେ ଏକ କାର ଯୋଗେ କଟକ ନେଇଯାଇଥିଲେ। ସ୍ୱାସ୍ଥ୍ୟସେବାରେ ଅବହେଳା ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ମେଡିକାଲ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ସମାଜସେବୀ ପ୍ରଶାନ୍ତ ଦାସ ଦୀର୍ଘ ସମୟ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବ୍ୟସ୍ତବହୁଳ ରାସ୍ତା ପାଶ୍ୱର୍ରେ ଥିବା ରସୋଳ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ନିର୍ବାଚିତ ଜନପ୍ରତିନିଧି, ସ୍ଥାନୀୟ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଏପରି ଚରମ ଅବହେଳାକୁ ହିନ୍ଦୋଳ ଜନସାଧାରଣ ଦୃଢ଼ ନିନ୍ଦା କରିଛନ୍ତି। ଏହି ମେଡିକାଲରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି କରିଛନ୍ତି।

### ଡାକ୍ତରଖାନାରେ ତାଲା ପକାଇଲେ ଉତ୍ତ୍ୟକ୍ତ ଲୋକେ

## ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ

ଡେରାବିଶ,୨୯ ।୧୨(ସମିସ): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇସ୍ଥ ପଞ୍ଚେଶ୍ୱର ବରିଷ୍ଠ ନାଗରିକ ସଂଘ ତରଫରୁ ଏକ ବନ୍ଧୁମିଳନ ଉତ୍ସବ ସବଳଙ୍ଗ କଣିପଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ସମାଜସେବୀ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସବଳଙ୍ଗ ଗ୍ରାମର ବୟୋଜ୍ୟେଷ୍ଠ ତଥା ଅବସରପ୍ରାପ୍ତ କର୍ମଚାରୀ ଦାମୋଦର ସାମଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଅକ୍ଷୟ ସାହୁ ଯୋଗ ଦେଇଥିବାବେଳେ ପଞ୍ଚେଶ୍ୱର ବରିଷ୍ଠ ନାଗରିକ ସଂଘର ସଭାପତି ମହେନ୍ଦ୍ର ଖଟୁଆ, ସମ୍ପାଦକ ପ୍ରସନ୍ନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ଶତାଧିକ ବରିଷ୍ଠ ନାଗରିକଙ୍କୁ ଅତିଥିମାନେ ବରିଷ୍ଠ



ନାଗରିକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସଂଘ ମାଧ୍ୟମରେ ଏହାର ସୁଯୋଗ ନେବାକୁ କହିଥିଲେ। ସବଳଙ୍ଗ ଗ୍ରାମରେ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ଚିତ୍ତବିନୋଦନ ଗୃହ ନିର୍ମାଣ ନିମନ୍ତେ ସରପଞ୍ଚଙ୍କ ମାଧ୍ୟମରେ ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ପଞ୍ଚେଶ୍ୱର ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଶ୍ରୀ ସାମଲ ଆସନ୍ତା ଜାନୁଆରୀ ମାସ ଦ୍ୱିତୀୟାର୍ଦ୍ଧରେ ସଂଘ ତରଫରୁ ଏକ ତୀର୍ଥଯାତ୍ରାର ଆୟୋଜନ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ। ଆଗ୍ରହୀ ବରିଷ୍ଠ ନାଗରିକ ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ପରାମର୍ଶ ଦେଇଥିଲେ। କୋଷାଧ୍ୟକ୍ଷ ଭରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟହିନ୍ଦ ହାଇସ୍କୁଲରେ ଗୁରୁପୂଜନ



ପଟାମୁଣ୍ଡାଇ,୨୯ ।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲର ୧୯୮୯ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍କୁଲର ପୁରାତନ ଛାତ୍ର ତଥା ପ୍ରାକ୍ତନ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲଙ୍କ ପୌରୋହିତ୍ୟ ଓ ନୀହାର ରଞ୍ଜନ ସୂତାରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ରଞ୍ଜିତ ମଲ୍ଲିକ, କେଦାର ପ୍ରଧାନ, ସୁରେଶ ନାୟକ, ଭଗବାନ ରାଉତ, ଦୁଃଶାସନ ଜେନା, ପ୍ରଧାନଶିକ୍ଷକ ଭାସ୍କର ବେହେରା ଅତିଥି ଭାବେ ଯୋଗଦେଇ ଧୋୟାଞ୍ଚଳର ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ଗୁରୁମାନଙ୍କ ପୂଜାର୍ଚ୍ଚନା କରିବା ସହ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନଛାତ୍ର ରଶ୍ମିରଞ୍ଜନ ସ୍ୱାଇଁ, ମାନସ ରଞ୍ଜନ ସାମଲ, ବିଶ୍ୱଜିତ ଦାଶ, ଗୁଣମଣି ବିଶ୍ୱାଳ, ତ୍ରିନାଥ ମଲ୍ଲିକ, ତୀର୍ଥଙ୍କର ମଲ୍ଲିକ, ଜୟଶ୍ରୀ ବିଶ୍ୱାଳ, ମମତା ସାହୁ, କେଦାର ସେଠୀ, ରମେଶ ସାହୁ, ଅନିରୁଦ୍ଧ ମଲ୍ଲିକ, ବିଜୟ ବେହେରା, ମଧୁଛନ୍ଦା ବିଶ୍ୱାଳ, ବବିତା ବିଶ୍ୱାଳ, ବିଷ୍ଣୁପ୍ରିୟା ବିଶ୍ୱାଳ, ସ୍ନେହାଂଶୁ ଶେଖର ଦାସ, ନବଘନ ବାରିକ, କୃଷ୍ଣଚନ୍ଦ୍ର ସାହୁ, ଦେବେନ୍ଦ୍ର ସୂତାର ପ୍ରମୁଖ ଯୋଗଦେଇ ନିଜ ବିଦ୍ୟାଳୟର ବିକାଶ ପାଇଁ ହାତ ବଢ଼ାଇବାକ ଶପଥ ନେଇଥିଲେ। ପୁରାତନ ଛାତ୍ର ରଶ୍ମିରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଓ କମଳାକାନ୍ତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଆରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଗ୍ରାମଦେବୀଙ୍କ ପୂଜାର୍ଚ୍ଚନା ସହ ୧୯୮୯ ବ୍ୟାଚ ଛାତ୍ରଛାତ୍ରୀଙ୍କ ପ୍ରଦତ୍ତ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ମୂର୍ତ୍ତି ହାଇସ୍କୁଲ ପରିସରରେ ପ୍ରତିଷ୍ଠା କରାଯାଇଥିଲା। କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବାଦିପାଲା ମହୋତ୍ସବର ତୃତୀୟ ସନ୍ଧ୍ୟା

ଡେରାବିଶ,୨୯ ।୧୨(ସମିସ): ଡେରାବିଶ ବ୍ଲକ ଏଣ୍ତର ପଞ୍ଚାୟତ ଡେରାଡିହ ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା' ବୁଢ଼ୀ ଜାଗୁଳେଈଙ୍କ ପୀଠରେ ୧୪୦ତମ ବାଦିପାଲା ମହୋତ୍ସବର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଦୀର୍ଘ ୯ ଦିନ ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶାର ୬ ଜଣ ବିଶିଷ୍ଟ ଗାୟକ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଗାୟକ ଅଧ୍ୟାପକ ଅଭିରାମ ଶତପଥୀ ଓ ଶତ୍ରୁଘ୍ନ ରଣାଙ୍କ ମଧ୍ୟରେ ବାଦିପାଲା ଅନୁଷ୍ଠିତ ହେଉଛି। ଅଷ୍ଟାଦଶ ପୁରାଣ ଓ ବିଭିନ୍ନ ଧାର୍ମିକ ଗ୍ରନ୍ଥ ଓ ଓଡ଼ିଶାର ପ୍ରାଚୀନ କବିମାନଙ୍କ ଲେଖନୀର କିୟଦଂଶ ଉପରେ ଗାୟକ ଦ୍ୱୟଙ୍କ ଆଲୋଚନା ଓ ପାଳିଆମାନଙ୍କ ଢଗଢମାଳୀ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରୁଛି। ବହୁ ପ୍ରାଚୀନ ଅନୁଷ୍ଠାନ ହୋଇଥିବାରୁ ବିଭିନ୍ନ ଅଞ୍ଚଳର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମକୁ ପାଲା କମିଟି ଓ ଉଭୟ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ମାଳିପୁର-ବଳଭଦ୍ରପୁର ରାସ୍ତା କାମରେ ମହାଦୁର୍ନୀତି | ତଥ୍ୟ ବଦଳାଉଛନ୍ତି ଗ୍ରାମ୍ୟ ଉନ୍ନୟନ ଅଧିକାରୀ

ପଟ୍ଟାମୁଣ୍ଡାଇ,୨୯ ।୧୨(ସମିସ)

● ନିର୍ମାଣ ପୂର୍ବରୁ ରାସ୍ତାର କୌଣସି ମ୍ୟାପ ତିଆରି କରାଯାଏ ନାହିଁ: ଅଧୀକ୍ଷଣ ଯନ୍ତ୍ରୀ

● ଭିଜିଲାନ୍ସ ତଦନ୍ତ ତ୍ୱରାନ୍ୱିତ କରିବାକୁ ଦାବି ରଖିଲେ ଗ୍ରାମବାସୀ

ସାରା ରାଜ୍ୟରେ ଚର୍ଚ୍ଚାରେ ଥିବା ମାଳିପୁର-ବଳଭଦ୍ରପୁର ମୁଖ୍ୟମନ୍ତ୍ରୀ ସଡ଼କରେ ହୋଇଥିବା ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଭିଜିଲାନ୍ସ ପଞ୍ଝାରୁ ବଞ୍ଚିବା ପାଇଁ ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ଅଧିକାର ଆଇନ ଦ୍ୱାରା ଦିଆ ଯାଇଥିବା ତଥ୍ୟକୁ ପୁନର୍ବାର ବଦଳାଇ ନୂଆ ତଥ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ଟ୍ରାଇ ସ୍କିମରେ ମାଳିପୁର-ବଳଭଦ୍ରପୁର ଭାୟା ଦାମରପୁର, ବାଲିପାଟଣା, ଖର୍ଦ୍ଦାପାଟଣା, ଛତ୍ରଧାରୀପାଟଣା ଦେଇ ବଳଭଦ୍ରପୁର ପର୍ଯ୍ୟନ୍ତ ୬ କିମି ୧୦୦ ମିଟର ରାସ୍ତା ନିର୍ମାଣ ପାଇଁ ୬ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ୫ କୋଟି ୪୧ ଲକ୍ଷ ୬୧ ହଜାର ଟଙ୍କାରେ କାର୍ଯ୍ୟ ସାରିବାକୁ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷର କରି ଠିକାଦାର ବିଜୟ ମହାନ୍ତି ୨୦୨୪ ମାର୍ଚ୍ଚ ୧୫ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଠିକାଦାର ଏଷ୍ଟିମେଟ ମୁତାବକ ମାତ୍ର ୫ ଶହରୁ ୭ ଶହ ମିଟର କାମ କରି କାର୍ଯ୍ୟ ସରିଗଲା ବୋଲି କହିଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ସୂଚନା ଅଧିକାର କର୍ମୀ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ-୨କୁ ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସହ ରାସ୍ତା ନିର୍ମାଣ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ରାସ୍ତାର ମ୍ୟାପ ଏବଂ ରାସ୍ତା କାମ ସରିବା ପରେ ରାସ୍ତାର ମ୍ୟାପ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ ବେଳେ ଏଷ୍ଟିମେଟ ସହ ରାସ୍ତାର ମ୍ୟାପ ପ୍ରଦାନ କରାଯାଇଛି ବୋଲି ଲିଖିତ ଭାବେ କୁହାଯାଇଥିଲା। ବାସ୍ତବରେ ରାସ୍ତାର ମ୍ୟାପ ଦିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ଅପରପକ୍ଷରେ ରାସ୍ତା ନିର୍ମାଣ ସରିବା ପରର ଯେଉଁ ମ୍ୟାପ ପ୍ରଦାନ କରାଯାଇଥିଲା ସେଥିରେ ସମ୍ପୂର୍ଣ୍ଣ ଭୁଲ ତଥ୍ୟ ଦେଇ ଜଳସମ୍ପଦ ବିଭାଗ ଦ୍ୱାରା ପୂର୍ବରୁ ନିର୍ମିତ ହୋଇଥିବା ଡାମରପୁର ରିଂ ବନ୍ଧ ସହ ଅନ୍ୟ କେତେକ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଛି ବୋଲି ବିଭାଗ ଦର୍ଶାଇଥିଲା। କିନ୍ତୁ ସୂଚନା ଅଧିକାର କର୍ମୀ ରାସ୍ତାର କୌଣସି ମ୍ୟାପ ଏଷ୍ଟିମେଟ ଭିତରେ ନ ପାଇବାରୁ ପୁନର୍ବାର ରାସ୍ତା ଆରମ୍ଭ ପୂର୍ବରୁ ପ୍ରସ୍ତୁତ ମ୍ୟାପ ପାଇଁ ଅପିଲ କରିଥିଲେ। ଅପିଲର ଉତ୍ତର ରଖିବା ପାଇଁ ସୂଚନା ଅଧିକାର କର୍ମୀଙ୍କୁ ବିଭାଗ ତରଫରୁ ବିଭାଗୀୟ କାର୍ଯ୍ୟାଳୟକୁ ଡକାଯାଇଥିଲା। ଅଧିକ୍ଷଣ ଯନ୍ତ୍ରୀ ସୂରଜ ସେଠୀ ଏବଂ ସହ ନିର୍ବାହୀ ଯନ୍ତ୍ରୀ ଗ୍ରାମବାସୀଙ୍କ ଉପସ୍ଥିତିରେ ସୂଚନା ଅଧିକାର କର୍ମୀଙ୍କୁ ରାସ୍ତା ବିଷୟରେ ବୁଝାଇଥିଲେ। ରାସ୍ତାର ତିଆରି ପୂର୍ବରୁ ରାସ୍ତାର କୌଣସି ମ୍ୟାପ ତିଆରି କରାଯାଏ ନାହିଁ ବୋଲି କହିଥିଲେ।

ସର୍ଭେ ଏବଂ ଏଷ୍ଟିମେଟ ହିସାବରେ ରାସ୍ତା କାମ କାହିଁକି କରିନାହାନ୍ତି ବୋଲି ଗ୍ରାମବାସୀଙ୍କ ପ୍ରଶ୍ନର ଉତ୍ତରରେ ସର୍ଭେ ଆଉ ଏଷ୍ଟିମେଟର କୌଣସି ମୂଲ୍ୟ ନାହିଁ, ଡିପାର୍ଟମେଣ୍ଟ ଯେଉଁଠି ଚାହିଁବ ସେଠି କାମ କରିବ ବୋଲି ଅଧିକ୍ଷଣ ଯନ୍ତ୍ରୀ କହିଥିଲେ। ରିଂ ବନ୍ଧ କାମ ଜଳସମ୍ପଦ ବିଭାଗ ଦୁଇବର୍ଷ ତଳେ କରିଥିଲା ଏବଂ ତାହାର ଉପଯୁକ୍ତ ପ୍ରମାଣ ଗ୍ରାମବାସୀଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଖାଇବା ପରେ ବିଭାଗ ପକ୍ଷରୁ ନାଲି ଓ ନୀଳ କଲମରେ ପୂର୍ବରୁ ବିଭାଗ ପକ୍ଷରୁ ଦିଆଯାଇଥିବା ରାସ୍ତା ମ୍ୟାପର ରଙ୍ଗ ସଙ୍ଗେ ସଙ୍ଗେ ବଦଳାଇ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଦିଆଯାଇଥିଲା। ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ଦର୍ଶାଉଥିବା ମ୍ୟାପର ରଙ୍ଗ ବଦଳାଇବା ପରେ ଅଧୀକ୍ଷଣ ଯନ୍ତ୍ରୀ ସୂରଜ ସେଠୀ ଏବଂ ସହ ନିର୍ବାହୀ ଯନ୍ତ୍ରୀ ମ୍ୟାପ ଅନୁଯାୟୀ ରାସ୍ତାର ଲମ୍ବ ବିଷୟରେ ସବିଶେଷ ବିବରଣୀ ବୁଝାଇପାରି ନ ଥିଲେ। ପରିବର୍ତ୍ତିତ ମ୍ୟାପରେ ଯେତିକି ରାସ୍ତା ସମ୍ପୂର୍ଣ୍ଣ ହୋଇଛି ବୋଲି ଦର୍ଶାଯାଇଛି ତାହାର ଲମ୍ବ ମାତ୍ର ଦେଢ଼ କିମି ମଧ୍ୟରେ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମ୍ୟାପରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାର ପ୍ରତି କୋଣରୁ କୋଣ ମଧ୍ୟରେ ଦୂରତା ଲିଖିତ ଭାବରେ ଦେବାକୁ ଗ୍ରାମବାସୀ ଦାବି କରିବାରୁ ସେପରି ଦେଇହେବ ନାହିଁ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସକୁ ଏହି ପ୍ରକଳ୍ପର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଇତିମଧ୍ୟରେ ଅନେକ ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟା ଶିଥିଳ ହେତୁ ବିଭାଗୀୟ ଅଧିକାରୀ ଏହାର ସୁଯୋଗ ନେଇ ଭିଜିଲାନ୍ସ ତଦନ୍ତକୁ ବିଗହରା କରିବା ଏବଂ ଠିକାଦାରଙ୍କୁ ସୁହାଇଲା ଭଳି ସୁରକ୍ଷା ଦେବାକୁ ବାରମ୍ବାର ତଥ୍ୟ ବଦଳାଇବା ସହ ଭୁଲ ରିପୋର୍ଟ ପ୍ରଦାନ କରୁଛନ୍ତି ବୋଲି ଗ୍ରମବାସୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ପ୍ରକଳ୍ପରେ ହୋଇଥିବା ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ତ୍ୱରାନ୍ୱିତ କରିବା ପାଇଁ ପୁନର୍ବାର ଭିଜିଲାନ୍ସକୁ ନିର୍ଦ୍ଦେଶ ଦେବାକୁ ସଞ୍ଜୟ ନାୟକ, ଦିବାକର ବେହେରା, ସର୍ବେଶ୍ୱର ସେଠୀ, ଦାମୋଦର ବେହେରା, ସତ୍ୟବାନ ମଳିକ, ଅର୍ଜୁନ ସାହୁ, ବିମଳ ବାରିକ, ରମାକାନ୍ତ ଦାଶ, ବୁଟୁନା ପଣ୍ଡା, ପ୍ରତାପ ମହାନ୍ତି, ଦିଲୀପ ମଳିକ ପ୍ରମୁଖ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**ମାର୍ଶାଘାଇ,୨୯ ।୧୨(ସମିସ):** ସ୍ଥାନୀୟ ରୟାଲ ଗାର୍ଡେନରେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୯ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୁରାତନ ଛାତ୍ର ଇଂ ସୌମ୍ୟରଞ୍ଜନ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅରୁଣ କୁମାର ବେଉରା, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ମନୋରଞ୍ଜନ ବସନ୍ତିଆ, ଜ୍ୟୋତିପ୍ରକାଶ ଦାସ, ସଂଗ୍ରାମ କେଶରୀ ସାମଲ, ଅବ୍ୟର୍ଥ ନାୟକ, ତପନ କୁମାର ସାହୁ, ସତ୍ୟନାରାୟଣ ନାୟକ, ବଡ଼କୁଳ ସରପଞ୍ଚ ପ୍ରଜ୍ଞା ପରମିତା କର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସ୍ନେହଲତା ବେହେରା, ବ୍ୟଙ୍ଗକବି ବିଷ୍ଣୁପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପୁରାତନ ଛାତ୍ର କବିବାନ ମଣ୍ଡଳ, ସୁଜିତ କୁମାର ମାଇତି, ଆଇନଜୀବୀ ଶଙ୍କର୍ଷଣ ରାଉତ, ଅଧୀର ସାହୁ, ରତ୍ନାକର ସାହୁ, ଅରବିନ୍ଦ ପ୍ରଧାନ, ସ୍ମୃତିରଞ୍ଜନ ପାତ୍ର, ଅଧୀର ପ୍ରଧାନ, ପ୍ରଦୀପ୍ତ ନାୟକ, ପ୍ରଦୀପ ବେହେରା, ସୁଧାଂଶୁ ବେହେରା, ବିଭାସ ରଞ୍ଜନ ବେହେରା, ଅର୍ଜୁନ ରଥ, ପ୍ରକାଶ ବେହେରା, ନାରାୟଣ ସାହୁ, ଅନୁପମ ଚୌଧୁରୀ, ଦିଲୀପ ଜେନା ପ୍ରମୁଖ ଯୋଗଦେଇଥିଲେ ।

# ଗୁଲନଗରରେ ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ସଭା



**କେନ୍ଦ୍ରାପଡ଼ା,୨୯ ।୧୨(ସମିସ):** ଗୁଲନଗରସ୍ଥିତ ପ୍ରଭୁ ତ୍ରିନାଥ ମନ୍ଦିର ପରିସରରେ ପଣ୍ଡିତ ରାଜୀବ ଲୋଚନ ଦାଶଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ସଭା ଅନୁଷ୍ଠିତ ହୋଇଛି । କେନ୍ଦ୍ରାପଡ଼ା ବ୍ଲକ ସଂଯୋଜକ ପଣ୍ଡିତ ହରେକୃଷ୍ଣ ପତି ବୈଦପାଠ କରିଥିଲେ । ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବ୍ରାହ୍ମଣ ମହାସଭା ସମ୍ପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ବ୍ରାହ୍ମଣ ସଭାର ଗଠନ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ କେନ୍ଦ୍ରପଡ଼ା ନଗର ବ୍ରାହ୍ମଣ ସଭା ସମ୍ପାଦକ ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ ଯୋଗଦେଇ ସମାଜର ହିତ ପାଇଁ ବ୍ରାହ୍ମଣଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସଂଯୋଜକ ଲକ୍ଷ୍ମୀଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ପୀତାମ୍ବର କର, ପ୍ରଶାନ୍ତ କର, ଅଭୟ ଦାଶ, ତପନ ଦାଶ, ଗୋବିନ୍ଦ ରଥ, ଭୁବନ ମୋହନ କର, ନୀଳମାଧବ ମିଶ୍ର, ଜିତେନ୍ଦ୍ର ଦାଶ, ଉପେନ୍ଦ୍ର ପତି, ମନ୍ମଥ ଚକ୍ରବର୍ତ୍ତୀ, ରବୀନ୍ଦ୍ର ଦାଶ, ଲକ୍ଷ୍ମୀକାନ୍ତ ଦାଶ, ରାଜବ କର ପ୍ରମୁଖ ଯୋଗଦେଇଥିଲେ । ଆସନ୍ତା ଜାନୁଆରୀ ୫ ଅପରାହ୍ନ ୩ଟାରେ ଗୋପାଳଜୀୟୁ ମନ୍ଦିର ପରିସରରେ କେନ୍ଦ୍ରାପଡ଼ା ବ୍ଲକ ଓ କେନ୍ଦ୍ରାପଡ଼ା ନଗରର ମିଳିତ ବୈଠକ ହେବା ପାଇଁ ସ୍ଥିର କରାଯାଇଛି ।

● ଶ୍ରମ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି

# ଖବର ପ୍ରକାଶ ପରେ ବି ଚୁପ୍ ବସିଛି ପ୍ରଶାସନ

**କେନ୍ଦ୍ରାପଡ଼ା,୨୯ ।୧୨(ସମିସ):** ଜିଲ୍ଲାର ଶ୍ରମ କାର୍ଯ୍ୟାଳୟରେ ଚାଲିଥିବା ଖୁଲାମଖୁଲା ଟଙ୍କା ଆଦାୟ ଉପରେ ଲଗାତର ଖବର ପ୍ରକାଶ ପରେ ମଧ୍ୟ ଏପରି ଅବୈଧ କାରବାରକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ଅସମର୍ଥ ପ୍ରମାଣିତ ହୋଇଛି । ମାତ୍ର ୭ ହଜାର ଟଙ୍କା ଦରମା ପାଉଥିବା କାର୍ଯ୍ୟାଳୟର ଜଣେ କର୍ମଚାରୀ ୭ କୋଟି ଟଙ୍କାର ସମ୍ପତ୍ତିର ମାଲିକ ହୋଇପାରିଛନ୍ତି । ଏଜେନ୍ସିଗୁଡ଼ିକ ଜରିଆରେ ଟଙ୍କା ଆଦାୟ କରାଯାଇଥିବାର ପ୍ରମାଣ ବିଭାଗୀୟ କର୍ମଚାରୀଙ୍କ ଫୋନ ପେ' ସ୍କ୍ରିନସଟ ରହିଛି । ସେହି ସ୍କ୍ରିନ ସଟରେ ଟଙ୍କା ନେଇଥିବା କର୍ମଚାରୀଙ୍କ ନାମ ମଧ୍ୟ ରହିଛି । ଏହାବାଦ ପ୍ରଶାସନ ଚୁପ ରହିବା ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି ।

ଜନସେବା ଓ ମୋ ସେବା କେନ୍ଦ୍ର ଟଙ୍କା ଆଦାୟର କାର୍ପେଟଦାର ସାଜିଛନ୍ତି । ଜିଲ୍ଲାରେ ଜନସେବା କେନ୍ଦ୍ର, ମୋ ସେବା କେନ୍ଦ୍ର ଏବଂ ଅନ୍ୟ ଏଜେନ୍ସି ମାଧ୍ୟମରେ ପ୍ରତି ଶ୍ରମିକ କାର୍ଡ ପିଛା ୩ ହଜାରରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି । ସରକାରଙ୍କ "ନିଃଶୁଳ୍କ' ଯୋଜନାକୁ ହରିଲୁଟ୍ କରାଯାଉଛି । ଗରିବ ଶ୍ରମିକଙ୍କ ଅଧିକାରକୁ ଛଡ଼େଇ ନିଆଯାଉଛି । ଯେଉଁ କାର୍ଡ ଅସହାୟ, ଦିନମଜୁରିଆ, ଗରିବ ଶ୍ରେଣୀର ଶ୍ରମିକଙ୍କୁ ପ୍ରତିଶ୍ରୁତି ଦେଉଛି, ସେହି ଶ୍ରମ କାର୍ଡ ଏବେ ଧନୀ ବର୍ଗଙ୍କ ହାତରେ ରହିଛି । ସରକାରୀ ସୁବିଧା ଧନୀ ଶ୍ରେଣୀ ପାଉଛନ୍ତି । ଅସଲି ଶ୍ରମିକ ଓ ଗରିବ ଏହି ଯୋଜନାରୁ ଲାଭ ନେବାରୁ ବଞ୍ଚିତ । ଯାହାଙ୍କ ଲାଗି କାର୍ଡ, ସେମାନେ ସୁବିଧାରୁ ବଞ୍ଚିତ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ାରେ ଏହି ବିଚଳିତ କରୁଥିବା ପରିସ୍ଥିତି ଶ୍ରମ ଯୋଜନା ସଫଳ ହେବା ସ୍ୱପ୍ନ ପାଲଟିଛି । ବାରମ୍ବାର ଖବର, ଆପତ୍ତି, ଅଭିଯୋଗ ପରେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଫଳରେ ଦୁର୍ନୀତିରେ ଜଡ଼ିତ କର୍ମଚାରୀମାନେ କାହାରିକୁ ଖାତିର କରୁନାହାନ୍ତି । ଦୁର୍ନୀତିରେ ଜଡ଼ିତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ହେଲେ ଗରିବଙ୍କ ଅଧିକାର ସୁରକ୍ଷିତ ହେବ ବୋଲି ମତ ପ୍ରକାଶ ପାଇଛି ।

ନାଗାନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# 'ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଶିକ୍ଷାର ତ୍ରିଭୁଜ'

ରାଜନଗର,୨୯ ।୧୨(ସମିସ)



ରାଜନଗର ବ୍ଲକ୍ ଡାଙ୍ଗମାଳସ୍ଥ ପିଏମଶ୍ରୀ ନାଗାନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଜାତୀୟ ଶିକ୍ଷାନୀତି ଆଧାରରେ ଗୁଣାତ୍ମକ ଶିକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ ୮ ଶହ ବିଦ୍ୟାଳୟକୁ ପିଏମଶ୍ରୀ ଯୋଜନାରେ ସାମିଲ କରାଯାଇଛି । ଏହି ଅନୁଷ୍ଠାନକୁ ମଧ୍ୟ ପିଏମଶ୍ରୀ ଯୋଜନାରେ ସାମିଲ କରାଯାଇଛି । ଏହାର ଭିତ୍ତିଭୂମି, ସ୍ମାର୍ଟ କ୍ଲାସରୁମ ନିଶ୍ଚିନ୍ତ ଭାବେ କରାଯିବ । ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଶିକ୍ଷାର ତ୍ରିଭୁଜ ଭଳି । ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ମାଟିର ପିଣ୍ଡୁଳାରୁ କୁମ୍ଭାର ବିଭିନ୍ନ ଜିନିଷ ଗଢ଼ିବା ଭଳି ଛାତ୍ରଛାତ୍ରୀଙ୍କୁ ଗଢିଥା'ନ୍ତି । ଏକବିଂଶ ଶତାବ୍ଦୀ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମୟ । ଜାତୀୟ ଶିକ୍ଷାନୀତି ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ମତବ୍ୟକ୍ତ କରିଥିଲେ ।

ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଡଃ କୁମରବର ଦାସ ଯୋଗଦେଇ ପାଠପଢାର ଉଦ୍ଦେଶ୍ୟ ଚାକିରି ନୁହେଁ । ଜୀବନରେ ବିଦ୍ୟାଳୟର ପାଠପଢା ହିଁ ବାସ୍ତବ ଶିକ୍ଷା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ମହାକାଳପଡା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ୫୦ ବର୍ଷ ତଳେ ଯେଉଁ ମହାନ ବ୍ୟକ୍ତିମାନେ ଏହି ଶିକ୍ଷାନୁଷ୍ଠାନର ପରିକଳ୍ପନା କରିଥିଲେ, ସେମାନଙ୍କର ପ୍ରଶଂସା କରିଥିଲେ । ପୁରାତନ ଛାତ୍ର ସଂସଦ ସଭାପତି ସନାତନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଲଳିତ କୁମାର ବେହେରା ସମ୍ପାଦକୀୟ ବିବରଣୀରେ ଏହି ଶିକ୍ଷାନୁଷ୍ଠାନ ୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଏହାର ଭିତ୍ତିଭୂମିର ଘୋର ଅଭାବ ରହିଛି । ଆଜିବି ଛାତ୍ରଛାତ୍ରୀ ବାତ୍ୟା ଆଶ୍ରୟସ୍ଥଳୀ ଓ ଗଛମୂଳେ ପାଠ ପଢୁଛନ୍ତି । ବୈଷୟିକ ଜ୍ଞାନକୌଶଳ ସହ ଭିତ୍ତିଭୂମି ବିକାଶ କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଧ୍ୟାପକ ପ୍ରତାପ ଚନ୍ଦ୍ର ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ମାନସରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ଛାତ୍ରୀ ସଙ୍ଗୀତଗୁରୁ ରାମଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ସ୍ୱାଗତ ସଙ୍ଗୀତ ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ପୁରାତନ ଛାତ୍ର ସଂସଦ ପକ୍ଷରୁ ନାଟକ ମାଆ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୪୨ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

**ରାଜନଗର,୨୯ ।୧୨(ସମିସ):** ରାଜନଗର ବ୍ଲକ୍ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବର୍ଷର ଶେଷ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ



ଜନଶୁଣାଣି ଆରମ୍ଭ ହୋଇଥିଲା । ଏହି ଶିବିରରେ ୧୯ଟି ସାମୂହିକ ଓ ୧୨୩ଟି ବ୍ୟକ୍ତିଗତକୁ ମିଶାଇ ମୋଟ ୧୪୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସାମୂହିକ ଅଭିଯୋଗରେ ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ, ଜାତୀୟ ଉଦ୍ୟାନ ଅଞ୍ଚଳରେ ବେଆଇନ ଭାବେ ଗଢି ଉଠିଥିବା ଚିଙ୍ଗୁଡିଘେରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନମାନର କାର୍ଯ୍ୟ, ବନ୍ଧପାଟଣା-ଓସ୍ତିଆକୁ ସଂଯୋଗ କରୁଥିବା ସେତୁର ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯିବା ପ୍ରଭୃତି ଅଭିଯୋଗ ଆସିଥିଲା । ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନକାର୍ଡ ଓ ନାମ ସଂଯୋଗୀକରଣ, ବସୁନ୍ଧରା ଯୋଜନାରେ ଘରଡିହ ପାଇବା, ବିଧବା, ବାର୍ଦ୍ଧକ୍ୟ ଓ ଅକର୍ମଣ୍ୟ ଭତ୍ତା, ୮୦ ବୟସ୍କ ବୃଦ୍ଧବୃଦ୍ଧାଙ୍କୁ ୩୫ ଶହ ଟଙ୍କା ଭତ୍ତା ନ ମିଳିବା, ବେଆଇନ ଭାବେ ବସୁନ୍ଧରା ଯୋଜନାରେ ଘରଡିହ ପ୍ରଦାନ କରିବା, କେରଡାଗଡ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିର୍ମାଣ କରିଥିବା ବ୍ୟକ୍ତିଙ୍କ ଟଙ୍କାକୁ କନିଷ୍ଠ ଯନ୍ତ୍ରୀ ହଡପ କରିଥିବା ଭଳି ଅଭିଯୋଗ ହୋଇଥିଲା ।

ସବୁଠୁ ସମ୍ବେଦଶୀଳ ଘଟଣା ହେଉଛି, ଶିକ୍ଷାବିତ୍ ସୁକାନ୍ତ



ତ୍ରିପାଠୀ ରାଜନଗର ଷ୍ଟେଟ ବ୍ୟାଙ୍କରେ ବନ୍ଧକ ରଖିଥିବା ସୁନା ଅଳଙ୍କାରରୁ ସୁନା କମିବା ନେଇ ସଙ୍ଗୀନ ଅଭିଯୋଗ ମଧ୍ୟ ହୋଇଥିଲା । ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ, ବିଡିଓ ତିଲୋତ୍ତମା ପୃଷ୍ଟି, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଅତିରିକ୍ତ ବନ ସଂରକ୍ଷକ ଗଗନବିହାରୀ ମଲ୍ଲିକ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ନରେଶ ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଏ ଅବସରରେ ଜିଲ୍ଲାପାଳ ଶ୍ରୀ ଆୟାର ହାତିନା ପଞ୍ଚାୟତ ଜୁଣପଙ୍ଗା ଗ୍ରାମର ଭିନ୍ନକ୍ଷମ ସୁରେନ୍ଦ୍ର କୁମାର ଦାସଙ୍କୁ ହୁଇଲଚେୟାର ସହିତ ଆଶାବାଡି ପ୍ରଦାନ କରିଥିଲେ ।

# ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେଲେ ହେମନ୍ତ



**ମହାକାଳପଡ଼ା,୨୯ ।୧୨(ସମିସ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସଙ୍ଗଠକ ତଥା ବିଜେଡି କର୍ମୀ ହେମନ୍ତ ସାହୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ଏ ନେଇ ଶଙ୍ଖ ଭବନ ତରଫରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନିଯୁକ୍ତି ପାଇଁ ହେମନ୍ତ ପୂର୍ବତନ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ହେମନ୍ତଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଛି ।

# ବୈବ୍ରତ ହେଲେ ରାଜ୍ୟ ଛାତ୍ର ବିଜେଡି ଉପସଭାପତି



**ରାଜନଗର,୨୯ ।୧୨(ସମିସ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ନୂତନ ଟିମ ଘୋଷଣା କରାଯାଇଛି । ରାଜନଗର ନିର୍ବାଚନ ମଣ୍ଡଳୀରୁ ଛାତ୍ର ନେତା ବୈବ୍ରତ ନାରାୟଣ ବିଶ୍ୱାଳଙ୍କୁ ରାଜ୍ୟ ଛାତ୍ର ବିଜେଡି ଉପସଭାପତି ଭାବେ ନିଯୁକ୍ତି ମିଳିଛି । ପୂର୍ବରୁ ବିଶ୍ୱାଳ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି । କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ହୋଇ ରାଜନୀତି ଆରମ୍ଭ କରିଥିବା ବିଶ୍ୱାଳ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏବଂ ବିଧାୟକ ଧ୍ରୁବ ସାହୁଙ୍କୁ କୃତଜ୍ଞତା ଜଣାଇ ଅଛନ୍ତି । ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ବରିଷ୍ଠ ନେତା ବିଜୟ ନାୟକ, କୈଳାସ ପରିଡ଼ା, ଅଶୋକ ମହାନ୍ତି, ରବୀନ୍ଦ୍ର ସେଠୀ, ସୁଦର୍ଶନ ଦାସ, ପ୍ରମୋଦ ପ୍ରଧାନ, ଆମ୍ବ ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ବ୍ଲକ ଯୁବ ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଯୁବନେତା ସରୋଜ ରାଉତ, ସଞ୍ଜୟ ସ୍ୱାଇଁ, ରାକେଶ ନାୟକ, ରବୀନ୍ଦ୍ର ସିଂ, ବ୍ଲକ ଛାତ୍ର ସଭାପତି ମନୋଜ ମଲ୍ଲିକ, ସୁଶାନ୍ତ ବେହେରା, ଅଂଶୁମାନ ପରିଡ଼ା, ପବିତ୍ର କରଣ, ପରମେଶ୍ୱର ଦାସ, ସାଗର ବଳ, ଶୁଭେନ୍ଦୁ ଓଝା, ସର୍ବେଶ୍ୱର ବଳ ପ୍ରମୁଖ ବୈବ୍ରତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମହାକାଳପଡ଼ା ଥାନାରେ ନୂଆ ଆଇଆଇସି

**ମହାକାଳପଡ଼ା,୨୯ ।୧୨(ସମିସ):** ମହାକାଳପଡ଼ା ଥାନାର ନୂତନ ଆଇଆଇସି ଭାବେ ଯୋଗଦେଇଛନ୍ତି ମାନସ କୁମାର ମଲ୍ଲିକ । ଏହା ପୂର୍ବରୁ ସେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ ।



ଗତ ୨୬ ତାରିଖ ଏସ୍‌ପିଙ୍କ ବଦଳି ନିର୍ଦ୍ଦେଶ ପରେ ମଲ୍ଲିକ ମହାକାଳପଡ଼ା ଥାନାରେ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିଛନ୍ତି । ମହାକାଳପଡ଼ା ହେଉଛି ଜିଲ୍ଲାର ଏକ ସମ୍ବେଦନଶୀଳ ଥାନା । ହାଜତ ମୃତ୍ୟୁଠାରୁ ଆରମ୍ଭ କରି ଜମିଜମା ସମ୍ପର୍କିତ ଘଟଣାକୁ ନେଇ ଚର୍ଚ୍ଚାରେ ରହି ଆସିଛି ଏହି ଥାନା । ଆଗକୁ ଆସୁଛି ଇଂରାଜୀ ନବବର୍ଷ । ନବବର୍ଷ ପୂର୍ବରୁ ମହାକାଳପଡ଼ାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ଆଇନଶୃଙ୍ଖଳା ପରିଚାଳନା ଓ ନ୍ୟାୟିକ ସେବା ପ୍ରଦାନର ସମ୍ଭାବନାକୁ କେତେ କ୍ରିୟାଶୀଳ କରାଇବା ତାହା ଉପରେ ସମସ୍ତଙ୍କ ନଜର ରହିଛି । ଏ ସମ୍ପର୍କରେ ଇନ୍ସପେକ୍ଟର ମଲ୍ଲିକଙ୍କୁ ପଚାରିବାରୁ ମହାକାଳପଡ଼ାରେ ଶୃଙ୍ଖଳା ରକ୍ଷା, ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଓ ଲୋକଙ୍କୁ ନ୍ୟାୟିକ ସେବା ପ୍ରଦାନ ପାଇଁ ଯାହା ଆଇନ ଅନୁଯାୟୀ କରାଯିବା ଦରକାର ସେ ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି ।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଚଢ଼ଉ

# ଭାଙ୍ଗାଗଲା ୫ଟି ବେଆଇନ ଇଟାଭାଟି

**ଡେରାବିଶ,୨୯ ।୧୨(ସମିସ):** ପାରାଦୀପ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବେଆଇନ ଇଟାଭାଟି ନିର୍ମାଣ ଉପରେ ରୋକ ଲଗାଇବା ପାଇଁ ଜାରି ହୋଇଥିବା ମାର୍ଗଦର୍ଶିକାକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସମସ୍ତ ତହସିଲଦାରଙ୍କୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କରେ ଡେରାବିଶ ତହସିଲଦାର ସରୋଜ କାନ୍ତ ନାୟକ, ତହସିଲ ଅଧୀନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକ ଓ ଲୋକପ୍ରତିନିଧିଙ୍କ ମାଧ୍ୟମରେ ସର୍ବସାଧାରଣଙ୍କୁ ବେଆଇନ ମାଟି ଇଟା ଭାଟି ନିର୍ମାଣ ଓ ପୋଡ଼ିବାରୁ ନିବୃତ୍ତ ରହିବାକୁ ଆଦେଶନାମା ଜାରି କରିଥିଲେ । ଚାଟରାଚକଡ଼ା ପଞ୍ଚାୟତର ଓଲଡ଼ି, କାଉପଡ଼ା ପଞ୍ଚାୟତର ଥକେଇନେଉଳିଠାରେ ବେଆଇନ ଇଟାଭାଟି ନିର୍ମାଣ ଓ ପୋଡ଼ା ଯାଉଥିବା ଖବର ଆଜି କୌଣସି ସୂତ୍ରରୁ ତହସିଲଦାର ଶ୍ରୀ ନାୟକ ପାଇବା ପରେ ଡେରାବିଶ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଜେସିବି ମେସିନ୍



ଦ୍ୱାରା ୫ଟି ବେଆଇନ ଇଟାଭାଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି ।

ଏ ବିଷୟରେ ତହସିଲଦାର ଶ୍ରୀ ନାୟକଙ୍କୁ ପଚାରିବାରୁ ପ୍ରଦୂଷଣଜନିତ ସମସ୍ୟାକୁ ଦୂର କରିବା ପାଇଁ ତହସିଲ ଅଧୀନରେ ବିଭିନ୍ନ ଅଞ୍ଚଳରେ ମାଟି ଇଟା ନିର୍ମାଣ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କେତେକ ବ୍ୟକ୍ତି ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବାରୁ ତାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଭବିଷ୍ୟତରେ ବେଆଇନ ଇଟାଭାଟି ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ପେଣ୍ଠ ବେଳାଭୂମିରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼



**ରାଜନଗର,୨୯ ।୧୨(ସମିସ):** ରାଜନଗର ବ୍ଲକ୍ ପେଣ୍ଠ ବେଳାଭୂମିରେ ବର୍ଷ ଶେଷରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼ । ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି । ଐତିହାସିକ ବିସ୍ତୀର୍ଣ୍ଣ ପେଣ୍ଠ ବେଳାଭୂମିରେ ସାଙ୍ଗସାଥିଙ୍କ ମେଳରେ ସମୁଦ୍ରରେ ସ୍ନାନ କରିବା ସହିତ ଝାଉଁବଣରେ ବଣଭୋଜି କରି ପ୍ରକୃତିକୁ ଉପଭୋଗ କରିବା ସହିତ ପୁରୁଣା ବର୍ଷକୁ ବିଦାୟ ଦେଉଛନ୍ତି । ପେଣ୍ଠ ବେଳାଭୂମିକୁ ସଂଯୋଗ କରୁଥିବା ଝାଉଁବଣ, ବରୁଣେଇ ମୁହାଁଣ, ହରିଣ, ରଙ୍ଗବେରଙ୍ଗର ପକ୍ଷୀ ସହିତ ସାମୁଦ୍ରିକ ଛଞ୍ଚାଣ ଦିଗନ୍ତ ବିସ୍ତାରି ଉଡାଣର ଦୃଶ୍ୟ ଆଗନ୍ତୁକ ପର୍ଯ୍ୟଟକଙ୍କୁ ବିମୋହିତ କରୁଛି । ପେଣ୍ଠ ବେଳାଭୂମିର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟ ଚନ୍ଦ୍ରଭାଗାର ଭ୍ରମ ସୃଷ୍ଟି କରୁଛି । ବେଳାଭୂମିର ତଟଦେଶରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ହୁଲିଡଙ୍ଗାର ଦୃଶ୍ୟ ବେଶ ଉପଭୋଗୀୟ । ଆଗନ୍ତୁକ ପର୍ଯ୍ୟଟକ ଭାରତର ଦ୍ୱିତୀୟ ବୃହତମ ନିର୍ମାଣ ହୋଇଥିବା ଜିଓଟ୍ୟୁବ (ସିନ୍ଥେଟିକ ୱାଲ) ବିଶେଷ ଆକର୍ଷଣ କରୁଛି । ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବେଳାଭୂମିର ଇକୋରିଟ୍ରିଟରେ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇଥିବା କୁଟୀର ଓ ପାୱାର ବୋଟରେ ପର୍ଯ୍ୟଟକଙ୍କ ନୌବିହାର ଦୃଶ୍ୟ ବେଶ ମନୋରମ । ପେଣ୍ଠ ବେଳାଭୂମି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଲକ୍ ଛକ ନିକଟ ରାସ୍ତା ମଝିରେ ଗର୍ତ୍ତ

ମାର୍ଶାଘାଇ,୨୯ ।୧୨(ସମିସ)

ମାର୍ଶାଘାଇ-ଜମ୍ବୁ ରାସ୍ତାର ମାର୍ଶାଘାଇ ଲକ୍ ଛକ ଗଜଲକ୍ଷ୍ମୀ ମଣ୍ଡପ ନିକଟରେ ରାସ୍ତା ମଝିରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି । ରାସ୍ତାର ଉପର ଭାଗର ପିଚୁ ପ୍ରାୟ ଏକ ଫୁଟ ଚଉଡାର ଗର୍ତ୍ତ ହୋଇଥିବା ବେଳେ ଭିତରକୁ ଏକ ବଙ୍କର ସଦୃଶ ଫାଙ୍କା ଭଳି ଦିଶୁଛି । ପୂର୍ବରୁ ଏହି ସ୍ଥାନରେ ଏକ ଗର୍ତ୍ତ ସୃଷ୍ଟି ହୋଇମାଙ୍କି ଦାବିଯାଉଥିବାରୁ ସେହି ସ୍ଥାନରେ ବାଲି ଭର୍ତ୍ତି କରି ଉପରେ ସିମେଣ୍ଟ ଢ଼ଳେଇ କରାଯାଇଥିଲା । ସେହି ଢ଼ଳେଇ ପାଖରେ ଏବେ ଆଉ ଏକ ଗର୍ତ୍ତ ସୃଷ୍ଟି ହୋଇଛି । ପୂର୍ବରୁ ଏହି ସ୍ଥାନରେ ଏକ ସ୍ଲୁଇସ ଗେଟ ଥିଲା ଏବଂ ତାହାର ଉପର ଭାଗରେ ଚେକ ଡ୍ୟାମ ଭଳି ବନ୍ଧ ଦିଆଯାଇ ଓଭରଲୋଡ଼ ପାଣିକୁ ତଳ କେନାଲକୁ ଛଡ଼ା



ଯାଉଥିଲା । କେନାଲର ଉପର ମୁଣ୍ଡରୁ ସେହି ଡ୍ୟାମ(ବନ୍ଧ) ଦେଇ ତୁ ତୁ ଶବ୍ଦ କରି ପାଣି ପଡୁଥିବାରୁ ସେହି ସ୍ଥାନ ତୁ ତୁ ପୋଲ ନାମରେ ପରିଚିତ ଥିଲା । ସେହି ତୁ ତୁ ପୋଲ ?। କଲଭର୍ଟ ପାଖରେ ୱାଲ କରାଯାଇ ଭିତରେ ବାଲିମାଙ୍କି ଭର୍ତ୍ତି କରାଯାଇ ରାସ୍ତାକୁ ପ୍ରଶସ୍ତ କରାଯାଇଥିଲା । ବନ୍ଧର ନିମ୍ନ ଭାଗରେ ଥିବା ପାଣି ଚଳାଚଳ ଗେଟ କୁ ସଠିକ ଭାବେ ବନ୍ଦ କରାଯାଇ ନ ଥିବାରୁମାଙ୍କି ଆଉ ବାଲି ପାଣିର ସ୍ରୋତରେ ବୋହି ଯାଉଛି ଫଳରେ ରାସ୍ତା ଦବି ଯାଇ ଗର୍ତ୍ତ ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଅଧିବାସୀ ଚିତ୍ତରଞ୍ଜନ ନାୟକ, ତନ୍ମୟ ଦାସ ପ୍ରମୁଖ କହିଛନ୍ତି । ଏହି ରାସ୍ତା ଦେଇ ଜମ୍ବୁ, ରାମନଗର, ମହାକାଳପଡ଼ା, ଛପାଲି, ଖରିନାସୀ, ପାଟକୁରା, ପାରାଦ୍ୱୀପ ଆଦି ଅଞ୍ଚଳକୁ ଗାଡ଼ି ଚଳାଚଳ କରୁଛି । ଗର୍ତ୍ତ ଉପରେ ଭାରୀଯାନ ଚଳାଚଳ ଅସୁରକ୍ଷିତ ଅନୁଭବ କରି ସ୍ଥାନୀୟ ଯୁବକ ସେହି ଗର୍ତ୍ତରେ ଗଛର ଡାଳ ଏବଂ ଏକ ଖୁଣ୍ଟପୋତି ପୋତି ସତର୍କ ସୂଚନା ଲଗାଇଛନ୍ତି । ଏହି ରାସ୍ତା ପ୍ରଶସ୍ତିକରଣ ଏବଂ ପୂର୍ବରୁ ହୋଇଥିବା ଗର୍ତ୍ତକୁ ପୂର୍ତ୍ତ ବିଭାଗ ମରାମତି କରିଥିବାରୁ ଉକ୍ତ ବିଭାଗର ଅଧିକାରୀ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି କରିବାକୁ ଯୁବ ବ୍ୟବସାୟୀ ନିସ୍ୱାର୍ଥ ସେବକ ନାୟକ, ମଙ୍ଗୁଳି ପ୍ରଧାନ, ବିକନ ପ୍ରଧାନ, ସୁକାନ୍ତ ବେହେରା, ତପନ ମଲିକ, ସନ୍ତୋଷ ବେହେରା ପ୍ରମୁଖ ଦାବୀ କରିଛନ୍ତି । ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଟୁଙ୍କୁ ପଚାରିବାରୁ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଥାଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି ।

# ଯୁବକଙ୍କ ଆତ୍ମହତ୍ୟା

ଦିଗପହଣ୍ଡି,୨୯ ।୧୨(ସମିସ): ଦିଗପହଣ୍ଡି ଥାନା ନୂଆମୌଳାଭଞ୍ଜା ଗ୍ରାମର ଟିଟୁ ଦୋରା(୩୪)ଙ୍କ ମୃତଦେହ ସୋମବାର ଦିଗପହଣ୍ଡି ପୁଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜବତ କରିଛନ୍ତି। ରବିବାର ରାତି ପ୍ରାୟ ସାଢ଼େ ୭ଟାରେ ସେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତର ଏନେଇ ପୁଲିସକୁ ସୂଚନା ଦେଇଥିଲେ। ଟିଟୁଙ୍କ ଭାଇ ମିଟୁ ଦୋରା ସୋମବାର ସକାଳେ ଏନେଇ ଦିଗପହଣ୍ଡି ଥାନାରେ ଲିଖିତ ଭାବେ ଜଣାଇବା ପରେ ଥାନା ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ଅପମୃତ୍ୟୁ ମାମଲା ନଂ.୫୧/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରିବା ପରେ ତଦନ୍ତକାରୀ ଅଧିକାରୀ ଏଏସଆଇ ଦିଲ୍ଲୀପ କୁମାର ଗୋରଡ଼ା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଶେଷକୃତ୍ୟ କରାଯାଇଛି।

## ଉଦ୍‌ଘାଟନରେ ସୀମିତ ମଣ୍ଡି

# ଶାଗ ମାଛ ଦରରେ ଧାନ ନେଉଛନ୍ତି ଆନ୍ଧ୍ର ବେପାରୀ



ଆସିକା,୨୯ ।୧୨(ସମିସ): ଆସିକା ବ୍ଲକରେ ଉଦ୍‌ଘାଟନରେ ସୀମିତ ରହିଗଲା ଧାନ ମଣ୍ଡି। ଅମଳ ଧାନକୁ ବିକ୍ରି କରିନପାରି ଚାଷୀ ଚାହିଁ ରହିଥିବାବେଳେ ଆନ୍ଧ୍ର ବେପାରୀ ଶାଗମାଛ ଦରରେ ଧାନ ନେଇଯାଉଥିବା ଜଣାପଡ଼ିଛି। ଚାଷୀଙ୍କୁ ଏବେ ପର୍ଯ୍ୟନ୍ତ ଟୋକେନ ଆସି ନାହିଁ କି ମୋବାଇଲରେ ମେସେଜ ଆସି ନାହିଁ। ବସ୍ତା ବସ୍ତା ଧାନ ଏବେ ଚାଷୀ ଶାଗମାଛ ଦରରେ ଆନ୍ଧ୍ର ବେପାରୀ ହେଉ କି ଦଲାଲ ହେଉ ବସ୍ତା ବସ୍ତା ଧାନ ଦେଇ ଦେଉଛି। ସୂଚନା ଥାଉକି ଗତବର୍ଷ ଚାଷୀ ଧାନ ମଣ୍ଡିକୁ ଧାନ ଦେଇଥିଲା। କିନ୍ତୁ ଏବେ ପର୍ଯ୍ୟନ୍ତ ପଇସା ପାଇ ନାହିଁ। ଆଉ ସରକାରଙ୍କ ମିଛ ପ୍ରତିଶ୍ରୁତି ଚାଷୀ ଜାଣି ସାରିଲେଣି। ମଣ୍ଡି ଖୋଲିବାର ସପ୍ତାହେ ହୋଇଥିଲେ ସୁଦ୍ଧା ଧାନ କିଣିଲେ ରଖିବା ପାଇଁ ପର୍ଯ୍ୟାପ୍ତ ଗୋଦାମ ଘର ପ୍ରାଥମିକ ସେବା ସମିତିର ନଥିବାରୁ ଧାନ ରଖୁ ନାହାନ୍ତି। ଏପଟେ ଯୋଗାଣ ଅଧିକାରୀ କହୁଛନ୍ତି ମିଲର ମାନଙ୍କ ବ୍ୟାଙ୍କ ଗ୍ୟାରେଣ୍ଟି, ମିଲର ମାନଙ୍କ ଟାର୍ଗେଟ ଆସିନଥିବା ହେତୁ ଚାଉଳକୁ ମିଲର ମାନେ ସିଧାସଳଖ ଧାନ ରଖିପରିବା କ୍ଷମତା ନାହିଁ। ଆସିକା ବ୍ଲକରେ ୨୭ଟି ପଞ୍ଚାୟତ ନିମନ୍ତେ ୧୮ଟି ସେବାସମିତି, ୧୪ ଗୋଟି ମହିଳା ସଙ୍ଘ, ଚୟନ ହୋଇଥିବା ବେଳେ, ଧରାକୋଟ ବ୍ଲକ ପାଇଁ ୧୫ ଗୋଟି ପ୍ରାଥମିକ ସେବା ସମିତି ଓ ୦୫ ମହିଳା ଗୋଷ୍ଠି ମଣ୍ଡି ଖୋଲି ଚାଷୀ ଠାରୁ ଧାନ କିଣିବା ପାଇଁ ସରକାର ସ୍ଥିର କରିଛନ୍ତି। ତେବେ ପ୍ରଶାସନିକ ଅଧିକାରୀ ମାନେ ଧାନ ମଣ୍ଡି ଖୋଲିବା ପୂର୍ବରୁ କୌଣସି ଚାଷୀଙ୍କ ସହ ଆଲୋଚନା ନ କରି କି ବୈଠକ ନ ଡାକି ଅତି ତରବରିଆ ଭାବେ ଧାନ ମଣ୍ଡି ଖୋଲି ଦେଇ ସରକାର ବାଃ ବାଃ ନେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି।

# କାର୍ ଉପରେ ଓଲଟିଲା ଟ୍ରକ୍; ୪ ଆହତ



ସାନଖେମୁଣ୍ଡି,୨୯ ।୧୨(ସମିସ): ଗଞ୍ଜାମ-ଗଜପତି ମୁଖ୍ୟ ରାସ୍ତା ପାଟପୁର ଥାନା ଖେମୁଣ୍ଡିଖୋଲ ଗ୍ରାମ ନିକଟରେ ଗୋଟିଏ କାଜୁ ବୋଝେଇ ଟ୍ରକ ଭାରସାମ୍ୟ ହରାଇ କାର ଉପରେ ଓଲଟି ପଡିଛି। ଫଳରେ କାରରେ ଥିବା ୪ ଜଣ ଆହତ ହୋଇଥିଲେ। ଆହତମାନେ ହେଲେ ଜୟପୁରର ଆଶୁତୋଷ ସାହୁ, ଅଂଶୁମାନ ପଟ୍ଟନାୟକ, ଶୁଭ୍ରାଂଶୁ ସାହୁ ଓ ରାୟଗଡ଼ାର ସଂଗ୍ରାମ ନାୟକ। ଟ୍ରକଟି ଗଜପତିରୁ ଛତ୍ରପୁର ଅଭିମୁଖେ ଯାଉଥିବା ବେଳେ ଖେମୁଣ୍ଡିଖୋଲ ନିକଟରେ ଭାରସାମ୍ୟ ହରାଇ ଦିଗପହଣ୍ଡିରୁ ଜୟପୁର ଯାଉଥିବା କାର ଉପରେ ଓଲଟି ପଡିଲା। ଫଳରେ କାର ରେ ବସିଥିବା କୋକ ମାନେ ଆହତ ହୋଇଥିଲେ ଓ କାର ଡ୍ରାଇଭର ଚାପି ହୋଇ ରହିଯାଇଥିଲେ। ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଓ ପାଟପୁର ପୁଲିସ ପହଞ୍ଚି କାର୍ ଡ୍ରାଇଭର ଅଂଶୁମାନ ପଟ୍ଟନାୟକଙ୍କ ସହ ଅନ୍ୟ ମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିବା ଜଣାପଡ଼ିଛି।

# ୩ ବାଲି ବୋଝେଇ ଟ୍ରାକ୍ଟର ଜବତ କଲେ ଖଣି ମନ୍ତ୍ରୀ

ଦିଗପହଣ୍ଡି,୨୯ ।୧୨(ସମିସ): ରାଜ୍ୟ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ଗ୍ରାମ ନିକଟରେ ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଧରି ଦିଗପହଣ୍ଡି ପୁଲିସର ଜିମା ଦେଇଥିବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମନ୍ତ୍ରୀ ଏକ ସରକାରୀ କାର୍ଯ୍ୟକ୍ରମରେ ରବିବାର ଅପରାହ୍ନରେ ବ୍ରହ୍ମପୁର ଭାୟା ଦିଗପହଣ୍ଡି ଦେଇ ରାୟଗଡ଼ା ଯାଉଥିବା ବେଳେ ମୌଳାଭଞ୍ଜା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ କରାଯାଉଥିବା ୩ଟି ବାଲି ବୋଝେଇ ଟ୍ରାକ୍ଟର ଧରି ତଦନ୍ତ ପାଇଁ ପୁଲିସର ଜିମା ଦେଇଥିଲେ। ପୁଲିସ ଟିମ୍ ବାଲି ବୋଝେଇ ୩ ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇଥିଲେ। ଏନେଇ ଥାନା ମାମଲା ନଂ.୫୧୦/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ଜଣାଇଛନ୍ତି। ଦିଗପହଣ୍ଡି, ସାନଖେମୁଣ୍ଡି ଓ ଚିକିଟି ଅଞ୍ଚଳ ଅଧିନ ବାହୁଦା, ଘୋଡ଼ାହାଡ଼ ଓ ରାମନଦୀ ଅବବାହିକାରୁ କିଛି ବାଲି ମାଫିଆ ବେଆଇନ ଭାବେ ନଦୀପଠାରୁ ଜେସିବି ମେସିନରେ ବାଲି ଉତ୍ତୋଳନ କରି ଟ୍ରକ୍, ଟ୍ରାକ୍ଟର ଯୋଗେ ପଡୋଶୀ ଆନ୍ଧ୍ର ସମେତ ବିଭିନ୍ନ ଗ୍ରାମକୁ ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି।

# ବାରମ୍ବାର ଚୋରି; ୪ ଅଟକ

ଜଗନ୍ନାଥପ୍ରସାଦ,୨୯ ।୧୨(ସମିସ): ଜଗନ୍ନାଥ ପ୍ରସାଦ ଥାନା ଇଲାକା ତଥା କାଦୁଆ ପଞ୍ଚାୟତର ଶାସନ, ମହୁଲିଆ ଗଡ଼, ଚଢ଼େଇଯାପଲ୍ଲୀ ଗ୍ରାମ, ଯାତ୍ରା କୁମୁଟି, ଜିରାବାଡି ଇତ୍ୟାଦି ଗ୍ରାମଗୁଡିକରେ ଲଗାତାର ଚୋରି ହେଉଥିଲା। ତେଣୁ ଏହି ଗ୍ରାମଗୁଡ଼ିକରେ ପାଳି କରି ଲୋକେ ରାତିରେ ପହରା ଦେଉଥିଲେ। ରବିବାର ବିଳମ୍ବିତ ରାତ୍ରିରେ ଅଳସୁ ପଞ୍ଚାୟତର ନିମସାହି ଗ୍ରାମରେ ଚୋର ଧରିବା ପାଇଁ ଗ୍ରାମବାସୀ ଗାଁ ମୁଣ୍ଡରେ ନିଆଁ ଜାଳି ସାରା ରାତି ଉଜାଗର ରହିଥିବାବେଳେ ଦୁଇଟି ବାଇକରେ ୪ଜଣ ଅଚିହ୍ନା ଯୁବକ ଗାଁ ଭିତରକୁ ପ୍ରବେଶ କରିଥିଲେ। ଗ୍ରାମବାସୀ ଅଟକାଇ ସେମାନଙ୍କ ପରିଚୟ ପଚାରିଥିଲେ। ଏହାର ଅଳ୍ପ ସମୟ ମଧ୍ୟରେ ଓଆର୍ ୦୨ଏସି ୧୦୦୮ ନମ୍ବର ବିଶିଷ୍ଟ ଏକ ସ୍କୋର୍ପିଓ ଦ୍ରୁତ ଗତିରେ ଗ୍ରାମ ଭିତରକୁ ପଶିଥିଲା। ଗ୍ରାମବାସୀ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଳିଗୁଲଜ କରି ଗ୍ରାମ ଭିତର ଦେଇ ନୟାଗଡ଼ ଜିଲ୍ଲା ବାହାଡ଼ାଝୋଳା ଅଭିମୁଖେ ଚାଲିଯାଇଥିଲା। ତେଣୁ ଗ୍ରାମବାସୀ ଅଟକ ରଖିଥିବା ୪ଜଣ ଯୁବକକୁ ପୁଲିସର ଜିମା ଦେଇଥିଲେ। ଖବର ଶେଷସୁଦ୍ଧା ଦୁଇଟି ବାଇକ୍ ସହ ଚାରି ସନ୍ଦିଗ୍ଧଙ୍କୁ ଅଟକ ରଖି ପୁଲିସ ତଦନ୍ତ କରୁଛି।

# ଗୋଟିଏ ନମ୍ବରରେ ଦୁଇ ଗାଡ଼ି; ଜଣେ ଭୁଲ୍ କଲେ ଅନ୍ୟକୁ ଜରିମାନା

ଛତ୍ରପୁର,୨୯ ।୧୨(ସମିସ): ଜଣେ ଗାଡ଼ି ଚାଳକ ପ୍ରଦୂଷଣ ପ୍ରମାଣପତ୍ର କରିବାକୁ କେନ୍ଦ୍ରକୁ ଆସିଥିବା ବେଳେ ତାଙ୍କ ଗାଡିରେ ଚାଲାଣ କଟିଥିବାରୁ ହୋଇପାରିବ ନାହିଁ। ଏହା ଶୁଣିବା ପରେ ଗାଡି ମାଲିକ ଚକିତ ହୋଇଯାଇଥିଲେ। ତୁରନ୍ତ ଗାଡିର କେତେ ଟଙ୍କା ଫାଇନ କଟାଯାଇଛି ଯାଞ୍ଚ କରିଲେ ଏବଂ ଯାଞ୍ଚ ପରେ ତାଙ୍କ ଗାଡିର ୨୩ ସେପ୍ଟମ୍ବର ୨୦୨୫ରେ ଦୁଇ ଥର ମୋଟ ତିନି ହଜାର ୫ଶହ ଟଙ୍କା ଫାଇନ ପଡିଛି। କିନ୍ତୁ ଯେଉଁ ଫୋଟ ଅପଲୋଡ ହୋଇଥିଲା ତାହାକୁ ଦେଖି ସେ ଚକିତ ହୋଇଯାଇଥିଲେ। ତାଙ୍କର ଯେଉଁ ଗାଡି ନମ୍ବର ରହିଛି ଫୋଟ ମଧ୍ୟ ସେହି ନମ୍ବର ରହିଛି କିନ୍ତୁ ଗାଡି ଅଲଗା। ୨୩ ସେପ୍ଟମ୍ବର ୨୦୨୫ରେ କୋଟିନଡା ପୁଲିସ ଓଡି୦୭ଏଡି ୬୦୮୫ ଯାହାକି ଛତ୍ରପୁର ବ୍ଲକ ତେଲୁଗୁ ନୂଆଗାଁ ସତ୍ୟନାରାୟଣ ବେହେରାଙ୍କ ବୋଲି ଗାଡି ପଞ୍ଜିକରଣରେ ଉଲେଖ ରହିଛି। ଗାଡ଼ିକୁ ଦୁଇଟି ଚାଲାଣ କାଟିଛି ଯାହାକି ୩୫ଶହ ଟଙ୍କା। ସତ୍ୟନାରାୟଣ ବେହେରା କେବେ କୋଟିନଡା ଅଞ୍ଚଳକୁ ଯାଇନଥିବା କହିଥିଲେ, ଏପରିକି ତାଙ୍କର ଆକାଶ କଲର ଟିଭିଏସ ଭିକ୍ଟର, କିନ୍ତୁ ଜରିମାନା ସମୟରେ ଯେଉଁ ଫୋଟ ଅପଲୋଡ ହୋଇଛି ତାହା ଅନ୍ୟ ଏକ କଲର ଏବଂ ଅନ୍ୟ ଏକ କମ୍ପାନୀ ଏପରିକି ଉକ୍ତ ଗାଡିରେ ଦୁଇଟି ସାଇଲେନ୍ସ ଲାଗିଛି ବୋଲି କହିବା ସହ କିଏ ମୋ ଗାଡି ନମ୍ବର ଯାହା ରହିଛି ଉକ୍ତ ଗାଡି ଚାଳକ ଜଣକ ନକଲି ନମ୍ବର ଲଗାଇଥାଇପାରେ ବୋଲି କହିବା ସହ ପ୍ରଦୂଷଣ କେନ୍ଦ୍ରରୁ ନିରାଶରେ ଫେରିଥିଲେ। ତେବେ ଯେଉଁ ବ୍ୟକ୍ତି ଜଣକ ଏହିପରି ନକଲି ନମ୍ବର ଲଗାଇ ଗାଡି ଚଲାଉଛି ତାହାକୁ ପୁଲିସ ତୁରନ୍ତ ଧରିବା ପାଇଁ ଦାବି କରିଥିଲେ

# ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ

କୋଦଳା,୨୯ ।୧୨(ସମିସ): ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟର ମହିଳା ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧନା କର୍ମୀ ଭାବରେ ପୋଲସରା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ଶେଖ୍ ଫରିଦ୍ ଯୋଗଦେଇ ଉପସ୍ଥିତ ସ୍ୱେଚ୍ଛାସେବୀ ମାନଙ୍କୁ ଜରୁରୀକାଳୀନ, ପ୍ରତିକ୍ରିୟା ଏବଂ ଯତ୍ନ ଉପରେ ବୁଝାଇଥିଲେ। ଏଥି ସହିତ ପୋଷ୍ୟ ଗ୍ରାମରେ ସାକ୍ଷରତା ସର୍ବେକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସାଗରିକା ଦାଶଙ୍କ ତତ୍ତ୍ୱାବଧାନରେ ୫୦ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଜପେୟୀଙ୍କ ଜନ୍ମ ବାର୍ଷିକୀରେ ସ୍ମୃତି ସମ୍ମିଳନୀ



ଛତ୍ରପୁର,୨୯ ।୧୨(ସମିସ): ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତ ବାର୍ଷିକୀ ଅବସରରେ ଛତ୍ରପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ସ୍ଥାନୀୟ ରିକପଲ୍ଲୀରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେପିର ରାଜ୍ୟ ପରିଷଦ ସଭ୍ୟ ପଦ୍ମ ଚରଣ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଗୁଣଗାନ କରିଥିଲେ। ମୁଖ୍ୟବକ୍ତା ଭାବେ ଛତ୍ରପୁର ଏନଏସିର ପୂର୍ବତନ ଉପାଧ୍ୟକ୍ଷ ବସନ୍ତ କୁମାର ବେହେରା ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କିର୍ତ୍ତନ ଦାସ ଓ ଶ୍ରମିକ ନେତା ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଯୋଗଦେଇ ସ୍ୱର୍ଗତ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ମଣ୍ଡଳ ସଭାପତିମାନେ ସହଯୋଗ କରିଥିଲେ।

# ଧାନ ଗଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ



ସାନଖେମୁଣ୍ଡି,୨୯ ।୧୨(ସମିସ): ଶତ୍ରୁତା କରି ଧାନ ଗଦାରେ ଲଗାଇଲେ ଦୁର୍ବୃତ୍ତ। ନିଆଁରେ ବର୍ଷ ତମାମର କଷ୍ଟ ଅର୍ଜିତ ଧାନ ଫସଲ ଜଳି ପୋଡି ପାଉଁଶ । ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅନ୍ତର୍ଗତ ଗୁଣସାଗର ଗ୍ରାମର କଂସ ସ୍ୱାଇଁଙ୍କ ବିଲରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ବିଲରେ ଧାନ ଗଦା ହୋଇଥିବା ବେଳେ ଶତ୍ରୁତାରୁ ଆକ୍ରୋଶମୂଳକ ଭାବେ କେହି ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ନିଆଁ ଲଗେଇ ଦେଇଥିଲା। କଂସ ସ୍ୱାଇଁ ଧାନ ଗଦା ପାଖକୁ ଗଲାବେଳେ ଧାନ ଗଦା ଜଳିପୋଡି ପାଉଁଶ ହୋଇଯାଇଥିଲା। ତେବେ ଏଭଳି କିଏ କାହିଁକି ଘଟାଇଛି ତାକୁ ନେଇ ଗାଁରେ ତୀବ୍ର ନିନ୍ଦା କରାଯାଇଛି।

# ପ୍ରଭାକର ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ: ଗୁମ୍ମା ବିଜୟୀ



ଦିଗପହଣ୍ଡି,୨୯ ।୧୨(ସମିସ): ଦିଗପହଣ୍ଡି ମିନି ଷ୍ଟାଡିୟମରେ ସ୍ୱର୍ଗତ ବି.ପ୍ରଭାକର ରେଡ୍ଡୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ସୋମବାର କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ଗଜପତି ଜିଲ୍ଲା ଗୁମ୍ମା ଗ୍ରାମର ଭଲିବଲ ଟିମ୍ ପ୍ରତିପକ୍ଷ ପାଣିଗଣ୍ଡା ଗ୍ରାମର ଭଲିବଲ ଟିମ୍‌କୁ ଲଗାତାର ୨ ସେଟ୍‌ରେ ପରାଜିତ କରି ପରବର୍ତ୍ତୀ ମ୍ୟାଚ୍‌କୁ ଉନ୍ନୀତ ହୋଇଛି। ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍‌କୁ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କ୍ରୀଡା ଶିକ୍ଷକ ଅମ୍ବିକା ପ୍ରସାଦ ସେଠୀ, କାଉନସିଲର ଦୀପକ କୁମାର ମିଶ୍ର, ସୁନୀଲ କୁମାର ପଣ୍ଡା, କାଉନସିଲର ପ୍ରତିନିଧି ରଞ୍ଜିତ ବେହେରା, ଇ.ଶଙ୍କର, ସାମାଜିକ କର୍ମୀ ରବୀନ୍ଦ୍ର ମାର୍ଥା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ ଅର୍ଦ୍ଧୁ . ଗୋବିନ୍ଦଙ୍କ ସଂଯୋଜନାରେ ଆୟୋଜିତ ମ୍ୟାଚ୍ ଉଦଘାଟନୀ କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ସଭାପତି ଶିବଶଙ୍କର ମହାକୁଡ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏ . ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ନାୟକ ରେଫେରି ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ପାଣିଗଣ୍ଡା ଭଲିବଲ ଟିମ୍‌ର ଜିମି ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା। ଖେମୁଣ୍ଡି ସ୍ପୋର୍ଟିଙ୍ଗ କ୍ଲବ ସଦସ୍ୟ ସନାତନ ରେଡ୍ଡୀ, ବୈକୁଣ୍ଠ ନାଥ ସ୍ୱାଇଁଙ୍କ ସମେତ ସଭ୍ୟ ବୃନ୍ଦ ସହଯୋଗ କରିଥିଲେ।

# ଜାତୀୟସ୍ତରରେ ଓଡ଼ିଶୀ ପ୍ରଦର୍ଶନ କରିବେ ଛତ୍ରପୁର ଛାତ୍ରୀ



ଛତ୍ରପୁର,୨୯ ।୧୨(ସମିସ): ଭାରତ ସରକାର ଅଧୀନସ୍ଥ ସାଂସ୍କୃତିକ ବିକାଶ ପ୍ରତିଷ୍ଠାନ ଏବଂ ସ୍ମୃତି ସାଂସ୍କୃତିକ ସଂଘ ପକ୍ଷରୁ ପୁରୀରେ ଆୟୋଜିତ ଅନ୍ତର୍ଜାତୀୟ ମେଗା ନୃତ୍ୟ ଏବଂ ସଙ୍ଗୀତ ମୋହତ୍ସବରେ ନିଜ କଳା ପଦର୍ଶନ କରି କୃତିତ୍ୱ ଅର୍ଜନ କରିଛନ୍ତି ଛତ୍ରପୁର ଜୟଗଣେଶ କଳା ବିକାଶ କେନ୍ଦ୍ରର ଛାତ୍ରୀ। ଏହି କାର୍ଯ୍ୟକ୍ରମରେ ବିଜେତା ହେବା ସହ ଆସନ୍ତା ୩୦ ଜାନୁଆରୀ ୨୦୨୬ ତାରିଖରେ କୋଲକାତାର ସତ୍ୟଜିତ୍ ରାୟ ଅଡିଟୋରିୟମରେ ହେବାକୁଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନୃତ୍ୟ ପ୍ରଦର୍ଶନ କରିବାର ସୁଯୋଗ ଲାଭ କରିଛନ୍ତି। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ୧୩୦ଟିମ ଅଂଶ ଗ୍ରହଣ କରିଥିବା ବେଳେ ଶ୍ରୀ ଗଣେଶଙ୍କ ପୁନଃଜନ୍ମ ଓଡ଼ିଶୀ ନୃତ୍ୟ ପଦର୍ଶନ କରି ଚମ୍ପିୟାନ ହୋଇଥିଲା ଛତ୍ରପୁର ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଶିଳ୍ପୀ ଗୁରୁ ଅଳକା ସାହୁଙ୍କ ୧୫ଜଣ ଛାତ୍ରୀ। ଏହାସହ କଲିକତା ଠାରେ ଆୟୋଜିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡିଶାରୁ ୯ଟି ଟିମ ନୃତ୍ୟ ପଦର୍ଶନ କରିବାକୁ ଥିବାବେଳେ ଛତ୍ରପୁରର ନୃତ୍ୟଶିଳ୍ପୀ ମାନେ ମଧ୍ୟ ନିଜ କଳା ପଦର୍ଶନ କରିବେ। ଏହି ଅବସରରେ ନୃତ୍ୟଶିଳ୍ପୀ ଅଳକା ସାହୁଙ୍କୁ ଗୁରୁ ମହାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ମାରଦା ମନ୍ଦିରର ପ୍ରତିଷ୍ଠା ଉତ୍ସବ



ପୋଲସରା,୨୯ ।୧୨(ସମିସ): ପୋଲସରା ବ୍ଲକ ମଥୁରା ପଞ୍ଚାୟତ ଅନ୍ତର୍ଗତ ଶରଣ ଶ୍ରୀକ୍ଷେତ୍ର ମାରଦା ପୀଠରେ ମାରଦା ମନ୍ଦିରର ୨୯୩ ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଗାୟତ୍ରୀ ପରିବାର, ନିରଞ୍ଜନ ପ୍ରଧାନ ମେମୋରିୟଲ ଚାରିଟେବୁଲ ଟ୍ରଷ୍ଟ ଓ ମାରଦା ମହିମା ପ୍ରଚାର ସମିତିର ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ୧୦୦୮ ଦିପଦାନ ସହ ବେଢା ପରିକ୍ରମା, ନାମସଂକୀର୍ତନ, ଏକ କୁଣ୍ଡିୟ ଯଜ୍ଞ ଓ ଅର୍ଣ୍ଣ ଯଜ୍ଞର ଆୟୋଜନ କରାଯାଇଥିଲା। ମାରଦା ପୀଠର କିଭଳି ଉନ୍ନତି ସହ ବିକାଶ ହେବ ସେନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମାଳତେନ୍ତୁଳିଆ ସରପଞ୍ଚ ଅସ୍ୱତ ରାଉତ, ସମିତିସଭ୍ୟା ସଂଯୁକ୍ତା ପ୍ରଧାନ, ଦୀପକ ପ୍ରଧାନ, ଯଦୁନାଥ ମିଶ୍ର, ପବିତ୍ର ମୋହନ ନାୟକ, କୁଳମଣି ସାହୁ, ମନୋଜ କୁମାର ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପୁରୀ ଇଲେଭେନ୍ ବିଜୟୀ



ରମ୍ଭା,୨୯ ।୧୨(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମରେ ପରିସରରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୭ମ ଦିନରେ ଏନଏନସି ଏ ଛତିଶଗଡ ସହ ପୁରୀ ଇଲେଭେନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ନାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ଥିଲେ। ପୁରୀ ଦଳ ବିଜୟ ହାସଲ ସାଧନ କରି ସେମି ଫାଇନାଲରେ ପ୍ରବେଶ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ସଂଗଠକ ସଭାପତି ଟି. ବାପୁଜୀ ସୁବୁଦ୍ଧି ପ୍ରଦାନ କରିଥିଲେ। ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ମହେଶ ମୁଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ କ୍ଷ ସ୍କୋରର ଜଗନ୍ନାଥ ଚୌଧୁରୀ(ବ୍ରହ୍ମପୁର), ଦେଇଥିବା ବେଳେ ଏମ୍ପାୟାର ପୂର୍ଣ୍ଣଚନ୍ଦ୍ର ନାୟକ (ଗଞ୍ଜାମ) ସୁଶାନ୍ତ କୁମାର ପଣ୍ଡା (ଓ.ସି.ଏ ପ୍ୟାନେଲ) ରହିଥିଲେ। ରମ୍ଭା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ମହେଶ୍ୱର ନାୟକ, ଗୁପ୍ତ, ଭବାନୀ, ସିଲୁ, ସୌମ୍ୟ, ଚିକୁ, କୃଷ୍ଣ, ବିକି, ଦୁଷ୍ମନ୍ତ, ଉମା, ସଚିନ, ଓ ସଦସ୍ୟା ଜୁଲି, ମଲି, ଇତି, ଝରଣା ପ୍ରମୁଖ ସହଯୋଗ କରିଥିଲେ।

# ଦୀପଦଣ୍ଡି ମହୋତ୍ସବରେ ଲୋକକଳା ଝଲକ

ରମ୍ଭା,୨୯ ।୧୨(ସମିସ)



ରମ୍ଭା ବ୍ଲକ ଗୌରାଙ୍ଗପାଟଣା ଗ୍ରାମର ଚିଲିକା କୂଳ ଦୀପଦଣ୍ଡି ପାହାଡ଼ ପାଦଦେଶରେ ପ୍ରଥମ ରାଜ୍ୟସ୍ତରୀୟ ଦୀପଦଣ୍ଡି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ମୁଖ୍ୟବକ୍ତା ଭାବେ ସୁରଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଦୁର୍ଗାମାଧବ ପାଣିଗ୍ରାହୀ, ଅଶୋକ ତ୍ରିପାଠୀ, ସୁଜିତ କୁମାର ବେହେରା, ନୀଳାଞ୍ଚଳ ସେନାପତି, ବନବାସୀ ସେଠି ଉପସ୍ଥିତ ଥିଲେ। ବାଇବିନ ବାବା ସ୍ମୃତି ସାଂସ୍କୃତିକ ପରିଷଦ ଗୌରାଙ୍ଗପାଟଣାର ପ୍ରତିଷ୍ଠାତ୍ରୀ ସ୍ୱର୍ଗତ ବାଇବିନ ବାବାଙ୍କ ଧର୍ମପତ୍ନୀ ସୁକୁମାରୀ ବେହେରାଙ୍କୁ ମଞ୍ଚାସୀନ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ ଜାତୀୟ ସ୍ତରର ମୃଦଙ୍ଗ ବାଦକ ଝଟକ ବେହେରାଙ୍କ ବାଦ୍ୟ ବିଚିତ୍ରା ଓ ଓଡ଼ିଶୀ ଶିଶୁ ନୃତ୍ୟାଙ୍ଗନା ଅନ୍ନପୂର୍ଣ୍ଣା ବେହେରାଙ୍କ ମୁଦ୍ରାନୃତ୍ୟରେ ଦର୍ଶକମାନେ ଝୁମିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପଦେଷ୍ଟା କହ୍ନେଇ ବେହେରା, ପ୍ରହ୍ଲାଦ ବେହେରା, ସଂପାଦକ ଶେଷଦେବ ବେହେରା ଓ ସଭାପତି ଅଭିରାମ ବେହେରା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସହଯୋଗୀ ଶ୍ୟାମ ସୁନ୍ଦର, ଶ୍ୱେତ, ସଞ୍ଜୟ, ତୁଷାରକାନ୍ତ, ପ୍ରଜାପତି ସନ୍ଧ୍ୟାରାଣୀ, ଦୁଷ୍ମନ୍ତ ଆଲୋକ, ଝଟକ, ରଞ୍ଜନ, ଅର୍ଜୁନ, ଶଶିକାନ୍ତ, ସୁକାନ୍ତ, ପୂର୍ଣ୍ଣଚନ୍ଦ୍ର ବେହେରା ସହଯୋଗ କରିଥିଲେ।

# ୩୦ ବର୍ଷ ପରେ ଘରକୁ ଫେରିଲେ ନିମାଁଇ



କୁଆଖିଆ,୨୯।୧୨(ସମିସ): ବାପାର ଗାଳିକୁ ସହି ନ ପାରି ୩୦ବର୍ଷ ତଳେ ଘର ଛାଡ଼ି ଦେଇଥିବା ନିମାଇଁ ମଲିକ(୪୫) ଶେଷରେ ଘରକୁ ଫେରିଛନ୍ତି। ଉତ୍ତରାଖଣ୍ଡର ଏକ ଆଶ୍ରମରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ନିମାଇଁଙ୍କୁ ଅଚାନକ ପରିବାର ଓ ସାହିପଡ଼ିଶା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି।

ଖବର ଅନୁସାରେ, ରସୁଲପୁର ବ୍ଲକ ଅନ୍ତର୍ଗତ ଯାବରା ପଞ୍ଚାୟତ ବରକୋଲିପାଟଣା ଗାଁର ଗୋପୀ ମଲିକ ଓ ତିଳଙ୍କ ପୁଅ ନିମାଇଁ ଗାଁ ବିଦ୍ୟାଳୟ ଜାବରା ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳେ କୌଣସି କାରଣରୁ ବାପାଙ୍କ ଠାରୁ ଗାଳି ଶୁଣିବାକୁ ପଡୁଥିଲା। ବାପାଙ୍କ ଗାଳିକୁ ସହି ନ ପାରି ସେ ଘର ଛାଡ଼ି ଦେଇ ସ୍ଥାନୀୟ ଶିଆଳିଆ ଅଞ୍ଚଳର ଜନୈକ ଯୁବକ ସହ ସେ କଟକ ଚାଲି ଯାଇଥିଲେ। ସେଠାରେ ରହି କାମକରି ରୋଜଗାର କରିବେ ବୋଲି ଚିନ୍ତା କରିଥିଲେ। ମାତ୍ର ସେଠାରେ ଅସାମାଜିକ ଯୁବକଙ୍କ କାର୍ଯ୍ୟକଳାପ ଦେଖି ସେ କଟକ ରେଲୱେ ଷ୍ଟେସନରୁ ରାଜଧାନୀ ଏକ୍ସପ୍ରେସ୍‌ରେ ବସି ଦିଲ୍ଲୀ ଚାଲି ଯାଇଥିଲେ। ସେଠାରେ ଏକ ଢାବାରେ ରହି କାମ କରିଥିଲେ। ଢାବା ମାଲିକଙ୍କ ନିର୍ଯାତନା ତାଙ୍କୁ ଅସହ୍ୟ ହୋଇପଡିବାରୁ ସେଠାରୁ ଚାଲି ଆସି ସେ ରାସ୍ତାରେ ବସି କାନ୍ଦୁଥିବା ବେଳେ ଜଣେ ପଞ୍ଜାବୀ ସଂପ୍ରଦାୟର ବ୍ୟକ୍ତି ନିମାଇଁଙ୍କୁ ତାଙ୍କ ଘରକୁ ନେଇ ଯାଇଥିଲେ। ଘରେ ରଖି କାମ କରାଇଥିଲେ। କୌଣସି ପାରିଶ୍ରମିକ ନଦେଇ ତାଙ୍କ ପ୍ରତି ବିଶ୍ୱାସଘାତ କରିବାରୁ ସେ ସେଠାରୁ ଚାଲି ଆସିଥିଲେ ଉତ୍ତରାଖଣ୍ଡର ହରିଦ୍ୱାର ଜିଲ୍ଲାକୁ। ସେଠାରେ ଜଣେ ଡାକ୍ତର ପରିବାର ସହ ନିମାଇଁଙ୍କ ସହ ଭେଟ ହୋଇଥିଲା। ଡାକ୍ତର ଜଣକ ତାଙ୍କୁ ସରପ୍ରିଓବିହାର ଥାନା ଅନ୍ତର୍ଗତ ଶକ୍ତିକୁଣ୍ଡ କନଖାଲ ଅଞ୍ଚଳରେ ଥିବା ବେନାମୀ ସନ୍ଥ ଆଶ୍ରମରେ ଛାଡ଼ି ଦେଇଥିଲେ। ସେବେଠାରୁ ନିମାଇଁ ସେଠାରେ ରହିଆସୁଛନ୍ତି। ଉକ୍ତ ଆଶ୍ରମରେ ଏକ ରୋଷେୟା ଭାବରେ କାର୍ଯ୍ୟ କରୁଛନ୍ତି। ଡାକ୍ତର ଦମ୍ପତି ଓଡିଆ ଯୁବକ ନିମାଇଁଙ୍କୁ ଏକ ବିହାରୀ ଝିଅ ସହ ବିବାହ କରାଇ ଦେଇଥିଲେ। ଏବେ ତାଙ୍କର ଏକ କନ୍ୟା ସନ୍ତାନ ରହିଛି। ନିମାଇଁ ଆଶ୍ରମ ଅଞ୍ଚଳରେ ଆଶିଷ ପାଶ୍ୱାନ ଭାବରେ ପରିଚିତ। ଏଭଳି ଦୀର୍ଘବର୍ଷର ସଂଘର୍ଷମୟ ଜୀବନଯାତ୍ରାରେ ସଫଳ ହୋଇ ରୋଜଗାରକ୍ଷମ ହେବା ପରେ ସେ ଜନ୍ମମାଟିର କଥା ମନେ ପକାଇ ଘରକୁ ଫେରିଛନ୍ତି। ଘରେ ପହଞ୍ଚି ବାପା ମରିଯାଇଥିବା ଖବର ଜାଣି ଦୁଃଖରେ ଭାଙ୍ଗି ପଡିବା ସହ ବୃଦ୍ଧା ମା'କୁ ଜାବୁଡି ଧରି କାନ୍ଦି ପକାଇଥିଲେ। ସାହିପଡ଼ିଶା, ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ, ସାଙ୍ଗସାଥୀ ସମସ୍ତେ ନିମାଇଁ ଘର ବାହୁଡା ଖବର ଜାଣି ବରକୋଳିପଟଣା ଗାଁକୁ ଧାଇଁଛନ୍ତି। ନିମାଇଁଙ୍କ ଗାଁ ଘର ଏବେ ଲୋକାରଣ୍ୟ ହୋଇଉଠିଛି।

## ଗୋଲେଇପୁର ମହୋତ୍ସବରେ ଦର୍ଶକ ବିଭୋର



ପାଣିକୋଇଲି,୨୯।୧୨(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୨୦୧୭ ମସିହାରୁ ଅବଧି କ୍ରମାଗତ ଭାବେ ପଞ୍ଚାୟତବାସୀଙ୍କ ମନୋରଞ୍ଜନର ଖୋରାକ ଯୋଗାଇ ଆସିଛି ଏହି ମହୋତ୍ସବ। ଉତ୍ସବରେ ୪ର୍ଥ ସନ୍ଧ୍ୟାରେ ବରିଷ୍ଠ ସମ୍ବାଦିକ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଇଂ. ସୌମ୍ୟରଞ୍ଜନ ଧଳ, ସ୍ୱତନ୍ତ୍ର ଅତିଥି ଭାବେ ଚଳଚ୍ଚିତ୍ର ଓ ଯାତ୍ରାଜଗତର ଅଭିନେତ୍ରୀ ତଥା ସମାଜସେବୀ ରାଣୀ ପଣ୍ଡା ଓ ହାସ୍ୟ ଅଭିନେତା ଗୁଡୁଙ୍କ ଯୋଗଦାନ ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମରେ ଦେବବ୍ରତ ମହାନ୍ତି (ମଣ୍ଟୁ) ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମାଜସେବୀ ଦେବବ୍ରତ ମହାପାତ୍ର (ମୁନ୍ନା) ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ଚନ୍ଦ୍ରକାନ୍ତ ଖଣ୍ଡାଇ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଚିନ ଦାସ, ସମାଧାନ ଦାସା ମାଗୁଣୀ ମଲ୍ଲିକ, ଗୁଡୁ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ହରିଙ୍କ ନେତୃତ୍ୱରେ ନୃତ୍ୟ ଓ ସଂଗୀତ ଓ ମେଲୋଡି ପରିବେଷଣ କରାଯାଇଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କର ସମ୍ମିଳନୀ

ଧର୍ମଶାଳା,୨୯।୧୨(ସମିସ): କଟକସ୍ଥିତ ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟ ୧୯୮୨-୮୪ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ସମ୍ମିଳନୀ ଚଣ୍ଡିଖୋଲ ନିକଟ ମହାବିନାୟକ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ତତ୍କାଳୀନ ଛାତ୍ରଛାତ୍ରୀ ଏବର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ସମ୍ପାଦକ ରଜନୀକାନ୍ତ କର ଏବଂ କୋଷାଧକ୍ଷ ନିଗମାନନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ସଭାପତି ତରଣୀସେନ ବେହୁରିଆ ସଭାପତିତ୍ୱ କରିଥିଲେ। ପ୍ରଥମେ ଦିବଂଗତ ସଦସ୍ୟ ଶରତ କୁମାର ରାଉତ ଓ ଗୟାଧର ଜେନାଙ୍କ ବିୟୋଗରେ ସମସ୍ତ ସଦସ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମ୍ପାଦକ ରଜନୀକାନ୍ତ କର ସମସ୍ତ ବନ୍ଧୁମାନଙ୍କୁ ସ୍ୱାଗତ କରିବା ସହିତ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ଅନ୍ୟୁନ ୪୦ ଜଣ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଯକ୍ଷ୍ମାମୁକ୍ତ ପଞ୍ଚାୟତ ପ୍ରଶିକ୍ଷଣ ଶିବିର

ବିଞ୍ଝାରପୁର,୨୯।୧୨(ସମିସ): ବିଞ୍ଝାରପୁର ବ୍ଲକ ପରିସରରେ ପଞ୍ଚାୟତ ସମୂହର ସରପଞ୍ଚମାନଙ୍କୁ ନେଇ ଯକ୍ଷ୍ମାମୁକ୍ତ ପଞ୍ଚାୟତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଚେୟାରମ୍ୟାନ ରଞ୍ଜିତା କୁମାରୀ ଦାସ ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥଲେ। ମୁଖ୍ୟଅତିଥି ଭାବରେ ବିଧାୟିକା ପ୍ରମିଳା ମଲିକ ଯୋଗ ଦେଇ ଏହି ଅର୍ଦ୍ଧ ଦିବସୀୟ ଯକ୍ଷ୍ମାମୁକ୍ତ ପଞ୍ଚାୟତ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.କ୍ଷିତିଶ କୁମାର ନାୟକ ପ୍ରଶିକ୍ଷକ ଭାବରେ ଯୋଗ ଦେଇ ଯକ୍ଷ୍ମା ରୋଗର ପ୍ରତିକାର ଓ ନିରାକରଣ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏସ୍‌ଟିଏସ୍ ଶୀତିକଣ୍ଠ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ସେକ୍ ଏରସାଦ୍ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।୨୦୨୩-୨୪ବର୍ଷରେଯକ୍ଷ୍ମାନିରାକରଣରମାନଦଣ୍ଡପରିପୂରଣକରିଥିବା ୭ଟି ପଞ୍ଚାୟତର ସରପଞ୍ଚ ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଇଥିଲା। ସେକ୍ ତାଜଉଦ୍ଦିନ, ଆର୍‌ଏନ୍ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ପ୍ରସ୍ତୁତି ବୈଠକ

## ୧୧ରୁ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ମହୋତ୍ସବ



ଯାଜପୁର,୨୯।୧୨(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ବୌଦ୍ଧ ବିହାର ଠାରେ ଆସନ୍ତା ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ମହୋତ୍ସବ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପର୍ଯ୍ୟଟନ ଅଭ୍ୟର୍ଥନା କେନ୍ଦ୍ର, ଉଦୟଗିରି ଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ଯୋଗ ଦେଇଥିଲେ। ଏହି ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ବିଭିନ୍ନ ଦେଶରୁ ୨୦୦୦ରୁ ଉର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ ଯୋଗ ଦେବେ। ସେମାନଙ୍କ ରହଣି, ଖାଦ୍ୟପେୟ ଓ ଅନ୍ୟାନ୍ୟ ସୁବିଧା ନିମନ୍ତେ ବନ୍ଦୋବସ୍ତ କରିବା ପାଇଁ ବଡ଼ଚଣା ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସିଡିଏମ୍‌ଓଙ୍କ ସହ ଆଲୋଚନା କରିବା ସହ ସମ୍ମିଳନୀ ସ୍ଥଳ ଓ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜନସମାଗମ ଓ ଛକ ସ୍ଥାନ ମାନଙ୍କରେ ବ୍ୟାପକ ଭାବେ ସିସିଟିଭି କ୍ୟାମେରା ସ୍ଥାପନ କରିବା ପାଇଁ ସଂସ୍କୃତି ବିଭାଗରୁ ଆସିଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ଜିଲ୍ଲାପାଳ ଶ୍ରୀ କର ଆସନ୍ତା ପ୍ରଥମ ସପ୍ତାହ ସୁଦ୍ଧା ସବୁ ପ୍ରସ୍ତୁତି କାର୍ଯ୍ୟ ଶେଷ କରି ଅବଗତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗର ପ୍ରସ୍ତୁତିକୁ ନେଇ ଜାନୁଆରୀ ପ୍ରଥମ ସପ୍ତାହରେ ମକ୍ ଡ୍ରିଲ ଅନୁଷ୍ଠିତ ହେବ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ରାସ୍ତା ଓ କୋଠାବାଡ଼ି ଅଧିକ୍ଷଣ ଯନ୍ତ୍ରୀ,ଚାରିବାଟିଆ, ବଡ଼ଚଣା, ବରୀ ଓ ଧର୍ମଶାଳାର ବିଡ଼ିଓ ଏବଂ ତହସିଲଦାର, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅଧିକାରୀ, ବାଲିଚନ୍ଦ୍ରପୁର ଥାନା ଆଇଆଇସି, ଗୋପାଳପୁର ପଞ୍ଚାୟତର ସରପଞ୍ଚ, ସ୍ଥାନୀୟ ବୌଦ୍ଧ ମହୋତ୍ସବ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଦୁଇ ଶିକ୍ଷକଙ୍କ ବଦଳିର ପ୍ରତିବାଦ

## ସ୍କୁଲ ଗେଟ୍‌ରେ ତାଲା ଝୁଲିଲା



ଦାନଗଦି, ୨୯।୧୨(ସମିସ): ଶିକ୍ଷକଙ୍କ ବଦଳିକୁ ନେଇ ବିଦ୍ୟାଳୟରେ ତାଲା ପକାଇଲେ ପରିଚାଳନା କମିଟି ଓ ଗ୍ରାମବାସୀ। ସୂଚନା ମୁତାବକ ଦାନଗଦି ବ୍ଲକ୍ ଶାଳିଜଙ୍ଗା ଇଜିଏମଇ ସ୍କୁଲର ଶିକ୍ଷକ ମୁକୁନ୍ଦ ଦେହୁରୀ ଓ ରଞ୍ଜନ କୁମାର ସାହୁ ନାମକ ୨ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ଦିଲ୍ଲୀପ କୁମାର ଜେନା ଓ ସୁଦର୍ଶନ ସାହୁଙ୍କୁ ନୂତନ ଶିକ୍ଷକ ଭାବେ ଯୋଗଦେବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଘଟଣାକୁ ନେଇ ଅବିଭାବକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଫଳରେ ପରିଚାଳନା କମିଟ, ଅଭିଭାବକ ଓ ଗ୍ରାମବାସୀ ନୂତନ ଶିକ୍ଷକଙ୍କ ଯୋଗଦାନକୁ ବିରୋଧ କରି ସ୍କୁଲ ଫାଟକରେ ତାଲା ପକାଇଛନ୍ତି। ତେବେ ଯଥାଶୀଘ୍ର ଶିକ୍ଷକଙ୍କ ବଦଳିକୁ ବାତିଲ କରାଯାଇ ପୂର୍ବରୁ ଥିବା ୨ ଶିକ୍ଷକଙ୍କୁ ଉକ୍ତ ସ୍କୁଲରେ ପୁନଃ ନିଯୁକ୍ତ କରିବାକୁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ଶାଳିଜଙ୍ଗା ଗ୍ରାମବାସୀ। ଏହାକୁ ନେଇ ଦାନଗଦି ବ୍ଲକ ଶିକ୍ଷା ଅଧିକାରୀ ଯୋଗ ଯୋଗ ହେଇପାରିନାହିଁ। ଏପଟେ ଯଦି ଦୁଇ ଶିକ୍ଷକ ବଦଳିକୁ ବାତିଲ କରା ନ ଗଲେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ବିଦ୍ୟାଳୟରେ ତାଲା ପକାଯିବ ବୋଲି ପରିଚାଳନା କମିଟ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉକ୍ତ ବିରୋଧ ସମୟରେ ବିଦ୍ୟାଳୟର ସଭାପତି ବାସୁଦେବ ଦାଶ, ସଦାଶିବ ନନ୍ଦ, ସୁଜାତା ମିଶ୍ର, ଲକ୍ଷ୍ମୀ ନାୟକ, ମଲ୍ଲି ମହାନ୍ତ, ଶମ୍ଭୁନାଥ ମହାନ୍ତ ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଧାନ ମଣ୍ଡି ସଚେତନତା ପ୍ରଚାର ରଥ

ଯାଜପୁର,୨୯।୧୨(ସମିସ): ଜିଲ୍ଲା ପ୍ରଶାସନ ଯାଜପୁର ଓ ନିୟନ୍ତ୍ରିତ ବଜାର କମିଟି ଯାଜପୁର ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦୁଇଗୋଟି ଚାଷୀ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ଶିବାନନ୍ଦ ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲିପ ପାଣିଗ୍ରାହୀ, ଉପନିବନ୍ଧକ ସମବାୟ ସମିତି ସମୂହ ଅମୂଲ୍ୟ କୁମାର ସେଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ସମବାୟ ସମିତି ସମୂହର ସହ-ଉପନିବନ୍ଧକ କିଶୋର ଚନ୍ଦ୍ର ଦଳେଇ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲ୍ଲାର ୧୦ ଗୋଟି ବ୍ଲକ୍ ପରିକ୍ରମା କରି ଧାନର



ଏଫ୍‌ଏକ୍ୟୁ ମାନ ଏବଂ ଧାନରେ ମିଶ୍ରିତ ବାହ୍ୟ ନିକୃଷ୍ଟ ପଦାର୍ଥ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇବ। ଚଳିତ ଖରିଫ ବର୍ଷ ୨୦୨୫-୨୬ ନିମନ୍ତେ ପଞ୍ଜିକୃତ ଚାଷୀଭାଇ ଓ ଭଉଣୀ ମାନଙ୍କଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କ୍ରୟ କରାଯିବ। ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ରହିବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ) ପ୍ରେରଣ କରାଯିବ, ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରୀମ ଟୋକନ ପାଇବା ପରେ ପ୍ରାଥମିକ କୃଷି ସମବାୟ ସମିତି କିମ୍ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବେ। ଚଳିତ ବର୍ଷ ଟୋକନରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କଠାରୁ କ୍ରମାନ୍ୱୟରେ ଧାନ କ୍ରୟ କରାଯିବ। ଚାଷୀ ଭାଇ ଭଉଣୀମାନେ ନାମ ପଞ୍ଜୀକରଣ ସମୟରେ ଦେଇଥିବା ଆଧାର ପରିଚୟ ପତ୍ର ଓ ପ୍ରାପ୍ତ ହୋଇଥିବା ଟୋକନ ଆଣିବେ। ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ପଞ୍ଜିକୃତ ମୋବାଇଲ ନମ୍ବରରୁ ଟୋଲ ଫ୍ରି ନମ୍ବର ୧୯୬୭ ଡାଏଲ କରି ସେମାନଙ୍କ ଯାଞ୍ଚକୃତ ଜମିର ପରିମାଣ, ଟୋକନର ବିବରଣୀ ଏବଂ ଦେୟର ବିବରଣୀ ଜାଣିପାରିବେ। ଏତଦ୍ ବ୍ୟତୀତ ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ଜିଲ୍ଲାର ପ୍ରମୁଖ ସ୍ଥାନମାନଙ୍କରେ ହୋର୍ଡିଂ ଲଗାଯାଇଛି। ରଥ ପରିକ୍ରମଣ ସମୟରେ ଚାଷୀମାନଙ୍କୁ ଲିଫ୍‌ଲେଟ ବଣ୍ଟନ କରାଯାଉଛି। ଏହାସହ ଜିଲ୍ଲାରେ ଧାନ ସଂଗ୍ରହ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜାନୁଆରୀ ୭ ତାରିଖ ଠାରୁ ଜିଲ୍ଲାର ୧୩୯ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୪୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରାଯିବ।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ତାଲା ବନ୍ଦ ଆନ୍ଦୋଳନ

ବାଲିଚନ୍ଦ୍ରପୁର,୨୯।୧୨(ସମିସ): ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତମାନଙ୍କ ଉପରେ ଟାଟାପାୱାର କମ୍ପାନୀ ବିଦ୍ୟୁତ୍ ବିତରକ ସଂସ୍ଥାର ଶୋଷଣ, ଜୁଲମ, ଅତ୍ୟଧିକ ଅମାନତ ଜମାର ପ୍ରତିବାଦ ତଥା ସ୍ମାର୍ଟମିଟର ବିଶ୍ୱାସନିୟତା ନିମନ୍ତେ ଅଧିକା ପରୀକ୍ଷା ନିରୀକ୍ଷା ତଥା ଶାସକ ଦଳର ନିର୍ବାଚନ



ପ୍ରତିଶ୍ରୁତି ଅନୁଯାୟୀ ଅନ୍ୟ ରାଜ୍ୟ ପରି ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦାବିରେ ବଡ଼ଚଣା କଂଗ୍ରେସ ଦଳ ତରଫରୁ ବାଲିଚନ୍ଦ୍ରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ତାଲା ବନ୍ଦ ଆନ୍ଦୋଳନ ଓ ପ୍ରତିବାଦ କରାଯାଇଛି। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ ସଭାପତିତ୍ୱରେ କରିଥିଲେ। ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ, ଜିଲ୍ଲା ଯୁବ କଂଗ୍ରେସ ପୂର୍ବତନ ସଭାପତି ବିଶ୍ୱପ୍ରକାଶ ସାମଲ, ଚର୍ଚ୍ଚିତ ମାହାଲା, ସଂଜୟ କୁମାର କର, ଅଶୋକ ବେହେରା, ସନ୍ତୋଷ କୁମାର ପରିଡ଼ା, ସରୋଜ କୁମାର ଜେନା, ପୂର୍ବତନ ସରପଞ୍ଚ କାର୍ତ୍ତିକ ନାୟକ, କୃଷକ ନେତା ଅଶୋକ କୁମାର ଶାନ୍ତି, ପଞ୍ଚାୟତ ସଭାପତି ତ୍ରୈଲୋକ୍ୟ ବିଶ୍ୱାଳ, ସୁଧିର କୁମାର ଦାସ, ଅରକ୍ଷିତ ସିଂ, ଶରତ କୁମାର ପରିଡ଼ା, ମହନି ମହାନ୍ତି, ସେକ୍ ଇକ୍‌ବାଲ ହୁସେନ୍, କାହ୍ନୁଚରଣ ଦାସ, ପ୍ରମୋଦ କୁମାର ଦାସ, ଦୁର୍ଯ୍ୟୋଧନ ସାହୁ, ବିଶ୍ୱ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ଅଶୋକ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## 'ଆମ ବଡ଼ଚଣା ମହୋତ୍ସବ' ପାଇଁ ଶୁଭସ୍ତମ୍ଭ ସ୍ଥାପନ



ବଡ଼ଚଣା,୨୯।୧୨(ସମିସ): କଳା ସଂସ୍କୃତିର ପରିଭାଷା ଐତିହ୍ୟ ସ୍ୱାଭିମାନର ଗଣପର୍ବ 'ଆମ ବଡ଼ଚଣା ମହୋତ୍ସବ' ପାଇଁ ଆଜି ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ମହୋତ୍ସବ ପଡ଼ିଆରେ ପ୍ରଭୁ ଲକ୍ଷ୍ମୀନାରାୟଣ, ବାସ୍ତୁ ଦେବତା, ମା' ନାହାକାଣୀଙ୍କୁ ଯଥାବିଧି ପୂଜାର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। 'ଆମ ବଡ଼ଚଣା ମହୋତ୍ସବ କମିଟି'ର ସଂପାଦକ ଦିଲ୍ଲୀପ କୁମାର ଚୌଧୁରୀ କର୍ତ୍ତା ଭାବେ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ କରିଥିଲେ। ଆଗାମୀ ଜାନୁଆରୀ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ଗାୟକ, କଳାକାର, ସାଂସ୍କୃତିକ ଅନୁଷ୍ଠାନ, ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏହି ମହୋତ୍ସବରେ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ମହୋତ୍ସବକୁ ସରସ ସୁନ୍ଦର ଓ ଜାକଜମକରେ ପାଳନ କରିବା ସହିତ ସମସ୍ତଙ୍କର ସାହାଯ୍ୟ ସହଯୋଗ ପାଇଁ ମହୋତ୍ସବ କମିଟିର ସଂପାଦକ ଦିଲ୍ଲୀପ କୁମାର ଚୌଧୁରୀ ନିବେଦନ କରିଛନ୍ତି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ବଡ଼ଚଣା,୨୯।୧୨(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୯୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୫୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଆରକ୍ଷୀ ଅଧିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଚଣା ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର, ଦର୍ପଣ ମାନସ କୁମାର ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଝାଡ଼ଖଣ୍ଡକୁ ହରାଇ ଜିସିସି ଇନ୍ଦୁପୁର ବିଜୟୀ

ଯାଜପୁର,୨୯।୧୨(ସମିସ)



ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍ ଯାଜପୁରର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ପୌରପାଳିକାର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ବରିଷ୍ଠ ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର, ବରିଷ୍ଠ ବିଜେଡି ନେତା ବଳଭଦ୍ର ଦାସ, ଜିଲ୍ଲା କ୍ରିକେଟ୍ ଆସୋସିଏସନର ଯୁଗ୍ମ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଅଭୟ ବଲ୍ଲଭ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଯୁବ ନେତା ମନୋଜ ସାହୁ, ତୁଷାର ରଞ୍ଜନ ବେହେରା, ଅୟସ କାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ଶୁଭ୍ରାଂଶୁ ପତି, ବୁଲୁ ସିଂ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଝାଡ଼ଖଣ୍ଡ କ୍ରିକେଟ୍ କ୍ଲବ ସହିତ ଜିସିସି ଇନ୍ଦୁପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାଡଖଣ୍ଡ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ପ୍ରଥମେ ଜିସିସି ଇନ୍ଦୁପୁର ନିର୍ଦ୍ଧାରିତ ୨୫ଓଭର ଖେଳି ୯ ୱିକେଟ୍ ହରାଇ ୨୧୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିଶିକାନ୍ତ ରାଉତ ୫୬ରନ୍ ସଂଗ୍ରହ କରିଥିଲା ବେଳେ ମୃଦୁଳ ପାଣ୍ଡେ ୩୪ରନ୍ ସଂଗ୍ରହ କରିଥିଲେ। ଝାଡ଼ଖଣ୍ଡ କ୍ରିକେଟ କ୍ଲବ୍‌ର ଅରୁଣ କୁମାର ୪ ଓଭର ବୋଲିଂ କରି ୩୬ ରନ୍ ଦେଇ ୩ୱିକେଟ୍ ଅକ୍ତିୟାର କରିଥିଲେ। ଏହାର ଜବାବରେ ଝାଡ଼ଖଣ୍ଡ କ୍ରିକେଟ୍ କ୍ଲବ୍ ୧୮.୩ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୩୫ରନ୍ ସଂଗ୍ରହ କରି ଇନ୍ଦୁପୁର ଠାରୁ ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ମନୁ କୁମାର ସର୍ବାଧିକ ୫୮ ରନ୍ ସଂଗ୍ରହ କରିଥିଲେ। ଜିସିସି ଇନ୍ଦୁପୁରର ବୋଲର ରିତେଶ ପାଣ୍ଡେ ୫ ଓଭର ବୋଲିଂ କରି ୨୩ ରନ୍ ଦେଇ ୪ ୱିକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ଏହି ମ୍ୟାଚ୍ ଜିସିସି ଇନ୍ଦୁପୁର ୭୩ ରନ୍‌ରେ ବିଜୟୀ ହାସଲ କରିଥିଲା। ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ ଓ ସତ୍ୟବ୍ରତ ଯେନା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି ପରିଚାଳନ କରିଥିଲେ।